ଅପ୍ରେଲ ମଇ ଜୁନ୍ ୨୦୨୦ • ୫୦ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in




New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

website :
**www.rebatee.in**

# ରେବତୀ
## ଆମ ମାଟିର ସ୍ୱର

ଦ୍ୱିତୀୟ ବର୍ଷ : ୬-୭-୮ମ ସଂଖ୍ୟା, ଅପ୍ରେଲ-ମଇ-ଜୁନ, ୨୦୨୦ ■ Vol-2, Issue : 6-7-8, April May June , 2020



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ମ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ


**ସମ୍ପାଦକୀୟ କାର୍ଯ୍ୟାଳୟ**
ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

**Editorial Office**
Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*


Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

## ସୂ ଚୀ ପ ତ୍ର

୨ୟ ବର୍ଷ ୬-୭-୮ମ ସଂଖ୍ୟା । ଅପ୍ରେଲ ମଇ ଜୁନ ୨୦୨୦ ।

ଆମ ମାଟିର ସ୍ୱର





୬ ସମ୍ପାଦକୀୟ : ନାରୀ : ସଂଯମତା...: ସୁବାସିନୀ ଜେନା






୯ ଘଟଣା ଚରିତ୍ର : ମହଲର ମଣିଷ : ଅଜୟ ସ୍ୱାଇଁ

୧୪ ଜୟ ଜଗନ୍ନାଥ : ଶାବର ଶୀକ୍ଷେତ୍ର : ଉମ୍ବରୁଧର ପଟ୍ଟନାୟକ

୨୧ ଜୟ ଜଗନ୍ନାଥ: ନୂଆଦିଲ୍ଲୀରେ ଜଗନ୍ନାଥ: ତପସ୍ୱିନୀ ମହାଳିକ

୨୧ ଜୟ ଜଗନ୍ନାଥ : ମୁମ୍ବାଇରେ ଜଗନ୍ନାଥ : ପାରମିତା ଷଡ଼ଙ୍ଗୀ

୨୭ ଜୟ ଜଗନ୍ନାଥ : ଯାଜପୁରର... : ନାରାୟଣ ରାଉତରାୟ

୨୯ ପରମ୍ପରା : ସଧବା ସାବିତ୍ରୀ : ବିଜୟ କୁମାର ମହାନ୍ତି






୩୨ ଜୀବନ-ଜୀବିକା-୧ : ଦ୍ୱିତୀଚନ୍ଦ୍ର ସାହୁ

୩୮ ପର୍ଯ୍ୟଟନ : ଲକ୍ଷ୍ମୀପ୍ରିୟା ଓଝା

୪୬ ଆଇନକାନୁନ୍ : ସ୍ନିଗ୍ଧା ତ୍ରିପାଠୀ

୪୮ ଜୀବନ ଜୀବିକା-୨ : ନିରଞ୍ଜନ ନାୟକ

୫୩ ବାସ୍ତୁବିଧି : ବାସ୍ତୁବିତ୍ ପ୍ରମୋଦ ଶତପଥୀ

୫୪ ଦ୍ୱି-ପ୍ରଚ୍ଛଦ : ସ୍ନିଗ୍ଧା ତ୍ରିପାଠୀ

୫୬ ସମକାଳ କବିତା : ଧନଞ୍ଜୟ ସ୍ୱାଇଁ

: ବଂଶୀଧର ଷଡ଼ଙ୍ଗୀ

୫୭ : ରବି ଶତପଥୀ

୫୮ : କୁମାର ହସନ

୫୯ : ଅଶୋକ କୁମାର ମହାନ୍ତି

୬୦ : ଦିବ୍ୟସିଂହ ଦାସ ଅଧିକାରୀ

୬୧ ପଛ-ଝର୍କା : ନେତାଜୀ ଅଭିନନ୍ଦନ

୬୫ ଧାରାବାହିକ ଉପନ୍ୟାସ : ପବିତ୍ର ମୋହନ ଦାଶ














୭୨ କଥା-କାହାଣୀ-୧ : ଆଲୋକ କୁମାର ବାରିକ

୭୬ କଥା-କାହାଣୀ-୨ : ମୀନା ସ୍ୱାଇଁ

୮୦ କଥା-କାହାଣୀ-୩ : ଡକ୍ଟର କବିତା ବାରିକ

୮୫ ପ୍ରେରଣା : ଶ୍ରୀଗୋବିନ୍ଦ

୮୭ ସ୍ୱାସ୍ଥ୍ୟ-ଚର୍ଚ୍ଚା : ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

୯୦ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ

୯୪ ରୂପ-ରାଗ : ସସ୍ମିତା ମେହେର

୧୦୨ ଛାୟାଚିତ୍ର : ଶ୍ରୀଗୋବିନ୍ଦ





## ନିୟମିତ ବିଭାଗ


୯୬ ଫ୍ୟାଶନ୍ :

ସ୍ନିଗ୍ଧା ତ୍ରିପାଠୀ

୯୮ ରୋଷେଇଶାଳ :


ଅବିନାଶ ସାହୁ

ଦେବଦତ୍ତ ଜେନା

ସ୍ୱୀକୃତ ସାହୁ









୧୦୬ ଶେଷପୃଷ୍ଠା : ଲେଖକର ଲକ୍ଷ୍ମଣରେଖା : କୃଷ୍ଣ କୁମାର ମହାନ୍ତି









ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି

ପ୍ରଚ୍ଛଦ ଫଟୋଗ୍ରାଫି : ସଂଜୟ କୁମାର ମହାନ୍ତି, ଫ୍ରମ୍ କ୍ୟାମେରା, ଭୁବନେଶ୍ୱର

ପ୍ରଚ୍ଛଦ ଡିଜାଇନ୍ : ଶିବ୍‌ରାଜ୍ କର୍ମ, ଟ୍ରେଣ୍ଡି ଗ୍ରାଫିକ୍ସ, ସୋନପୁର

ପ୍ରଚ୍ଛଦ ମଡେଲ୍ : ରିୟା ନନ୍ଦ, ଭୁବନେଶ୍ୱର

ଉଚ୍ଚତା : ୫ ଫୁଟ୍ ୯ ଇଞ୍ଚ୍

ଶିକ୍ଷା : ପର୍ସନାଲ୍ ମ୍ୟାନେଜ୍‌ମେଣ୍ଟ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ୍ ରିଲେଶନ୍

ବୃତ୍ତି : ଅଭିନୟ ଓ ଟିଭି ଆଙ୍କର୍

ମେକ୍‌ଅପ୍ : ରାକେଶ୍

କଷ୍ଟ୍ୟୁମ୍ : ଡିଜାଇନର୍ ଜିତ୍

ସ୍ଥାନ : ଫ୍ରମ୍ କ୍ୟାମେରା, ଭୁବନେଶ୍ୱର


**ମଲାଟ କଥା :** ଓଡ଼ିଆ ବର୍ଣ୍ଣମାଳାର ବୈଚିତ୍ର୍ୟ ଭିତରେ ଭରିରହିଛି ଆମ ଶିକ୍ଷାର ସୋପାନ । ଅକ୍ଷର ସହ ଅକ୍ଷର ଯୋଡ଼ି ଆମେ ତିଆରି କରୁ ଶବ୍ଦ । ଆମେ କଥା କହୁ । ଆମେ ଭାବ ବିନିମୟ କରୁ ଅକ୍ଷରର ଆଧିପତ୍ୟରେ । ଅକ୍ଷର ବିନା ସମ୍ଭବ ହୁଅନ୍ତା ନାହିଁ କିଛି ବି । ଭାଷା, ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ଅଭିବୃଦ୍ଧି ଭିତରେ ଭରିରହିଛି ଏଇ ଅକ୍ଷରର ଅବଦାନ । ଏ ଅବଦାନକୁ ଆମକୁ ସ୍ୱୀକାର କରିବାକୁ ପଡ଼ିବ । ଯେମିତି ନାରୀଟିଏର ଅବଦାନ ଅନସ୍ୱୀକାର୍ଯ୍ୟ, ସେମିତି ଅକ୍ଷରର ଅବଦାନ ବି ଅନସ୍ୱୀକାର୍ଯ୍ୟ । ବିକ୍ଷିପ୍ତ ଅକ୍ଷରମାଳାକୁ ସଜାଡ଼ି ଦେବାରେ ଆମ ନାରୀର ହାତ ବେଶ୍ ପାରଙ୍ଗମ । ଯେମିତି ମାଆଟିଏ ହିଁ ପ୍ରଥମେ ଶିଖାଏ ଶିଶୁଟିକୁ 'ଅଭିବ୍ୟକ୍ତି' ବା କହିବାର ଭାଷା, ସେମିତି ଅକ୍ଷରକୁ ସାଉଁଟି ନେଇ ବି ସେ ରଚିପାରେ ଅକ୍ଷର-ବଗିଚା । ସେଇ ଅକ୍ଷରମାନଙ୍କୁ ନେଇ ଏଥରର ପ୍ରଚ୍ଛଦ ଭାବନା ଆମର ।

ମତ-ଅମତ




## ‘ରେବତୀ’ ଅଳ୍ପଦିନରେ ବୃହତ୍ ପାଠକ ଗୋଷ୍ଠୀ ପାଇଛି

● ଫେବୃଆରୀ ‘ରେବତୀ’ ଆଣିବାରେ ମୁଁ ବିଳମ୍ବ କଲି । କାରଣ ଯାହା ହେଉନା କାହିଁକି ଫଳାଫଳ ଏୟା ହେଲା ଯେ ମାଧବ ବୁକ୍ ଷ୍ଟୋର୍‌ରେ ‘ରେବତୀ’ ଶେଷ । ପତ୍ରିକାଟି ନମିଳିବା ନେଇ ଦୁଃଖ ତ ହେଲା, କିନ୍ତୁ ଖୁସି ଅଧିକ ଲାଗିଲା ଏଥିପାଇଁ ଯେ, ମାତ୍ର ବର୍ଷକର ଯାତ୍ରା ଭିତରେ ‘ରେବତୀ’ ଗୋଟିଏ ଭଲ ପାଠକ ଗୋଷ୍ଠୀ ସୃଷ୍ଟି କରିପାରିଛି । (ଯା’ହେଉ, କଲେଜ୍ ଛକରୁ ମିଳିଗଲା ମୋତେ)

ସମ୍ପାଦକୀୟରେ ‘ଉପବାସର ମହତ୍ୱ’ ଭଲ ଲାଗିଲା । ଉପବାସର ମାନସିକ ଓ ଆଧ୍ୟାତ୍ମିକ ପ୍ରଭାବ ସହ ଅନେକ ବୈଜ୍ଞାନିକ ମହତ୍ୱ ମଧ୍ୟ ରହିଛି । ‘ଶେଷପୃଷ୍ଠା’ର ‘ଲେଖକର ବଡ଼ସାନ ଭେଦ’ ପ୍ରତ୍ୟେକ ଲେଖକ ପାଇଁ ଶିକ୍ଷଣୀୟ । ସମକାଳ କବିତା ପୃଷ୍ଠାର ସମସ୍ତ କବିତା ସୁନ୍ଦର । ଅମିୟ ବାବୁଙ୍କର ‘ଗୋଟେ ଘରର ଚିତ୍ର’, ଜଳଧର ସ୍ୱାଇଁଙ୍କର ‘ନିଜ ଗୀତ’ ଓ ଗାୟତ୍ରୀ ଦାସଙ୍କର ‘ଦେବୀ’ ଖୁବ୍ ଛୁଇଁଲା ।

‘ଦାସେ ଆପଣେ’ ପ୍ରତ୍ୟେକ ଆଗାମୀ ସଂଖ୍ୟା ପାଇଁ ଉତ୍କଣ୍ଠା ବଢ଼େଇ ଚାଲିବ । ଆସାମର ବିହୁ ପର୍ବକୁ ନେଇ ଲକ୍ଷ୍ମୀପ୍ରିୟା ଓଝାଙ୍କର ଆଲେଖ୍ୟ ଭଲ ଲାଗିଲା । ଡକ୍ଟର ଜୟନ୍ତ ଦାସଙ୍କର ‘ଅମାବାସ୍ୟାର ଚନ୍ଦ୍ର’ ଉପରେ ଆଲେଖ୍ୟ ଖୁବ୍ ସୁନ୍ଦର । କାଉଲ୍ ଚରିତ୍ର ସହ ଲେଖକଙ୍କର ଅତ୍ୟଧିକ ଭାବପ୍ରବଣତା ବିଷୟରେ ଲେଖକଙ୍କ ସହ ମୁଁ ଏକମତ । କବି ହୃଷୀକେଶ ମଲ୍ଲିକଙ୍କ ଉପରେ ଡକ୍ଟର ଭରତ ବେହେରାଙ୍କର ଆଲେଖ୍ୟର ଶେଷ ଭାଗ ଏକ ଗଭୀର ଅନୁଶୀଳନ । ଗପ ଦୁଇଟି ଭଲ ଲାଗିଲା । ସବୁ ସଂଖ୍ୟା ଭଳି ପ୍ରଚ୍ଛଦ ଅନନ୍ୟ । ତେବେ, ପ୍ରଚ୍ଛଦ ନାୟିକାମାନଙ୍କର ପୋଷାକରେ ଉତ୍କଳୀୟ ହସ୍ତତନ୍ତ ବସ୍ତ୍ରର ଛାପ ଦିଶିଲେ, ଆଉଟିକେ ଭଲ ଲାଗନ୍ତା ।

**ପ୍ରତ୍ୟୁଷ ପଣ୍ଡା,** ୪ଡି/୧୪୬୯, ସେକ୍ଟର- ୯, ସିଡ଼ିଏ, କଟକ-୭୫୩୦୧୪

## ଲେଖକର ସ୍କେଲ୍ ସମୟୋପଯୋଗୀ

● ‘ରେବତୀ’ର ମାର୍ଚ୍ଚ ସଂଖ୍ୟାର ପ୍ରକାଶିତ ‘ଶେଷପୃଷ୍ଠା’ର ସମ୍ପାଦକୀୟ ‘ଲେଖକର ସ୍କେଲ୍’ ପଢ଼ିବା ପରେ ଲେଖକର ଶ୍ରେଷ୍ଠତା ସମ୍ପର୍କରେ ଅନୁଧ୍ୟାନ କଲି । ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ ବିଚାରଧାରା ସହ ମୁଁ ସହମତ ବୋଲି ଅନୁଭବ କଲି । ଆଧୁନିକ ଯୁଗରେ ଲେଖକୀୟ ଶ୍ରେଷ୍ଠତାର ମାପ ଦୀକ୍ଷିତ ପାଠକ ଓ ସହ-ଲେଖକ ମାନଙ୍କ ଅଭିମତ ଉପରେ ନିର୍ଭର କରିବା କଥା ଯୁକ୍ତିଯୁକ୍ତ ମନେହୁଏ । ସମ୍ପାଦକୀୟଟି ଲେଖକ, ପାଠକ ଓ ସମ୍ପାଦକଙ୍କୁ ନେଇ ତ୍ରିଭୂଜୀୟ ସମ୍ପର୍କର ଗୁଣାତ୍ମକ ବିକାଶ ଦିଗରେ ଅଭିପ୍ରେତ । ଏ ଲେଖାଟି ସମୟୋପଯୋଗୀ ଓ ଯୁଗରୁଚିର ଗୁରୁତ୍ୱକୁ ପ୍ରତିଫଳିତ କରୁଛି । ସମ୍ପାଦକ କୃଷ୍ଣ ବାବୁଙ୍କୁ ଏମିତି ଯୁଗଧର୍ମୀ ଲେଖା ପାଇଁ ଅଶେଷ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ‘ରେବତୀ’ ପତ୍ରିକାର ସାରସ୍ୱତ ସମୃଦ୍ଧି ଓ ସଫଳତା କାମନା କରୁଛି ।

**ସୌଭାଗ୍ୟବନ୍ତ ମହାରଣା,** ସମ୍ବଲପୁର

## ‘ଶେଷପୃଷ୍ଠା’ର ଚିନ୍ତନ ସୁନ୍ଦର

● ମୁଁ ଏଯାଏଁ ମାର୍ଚ୍ଚ ସଂଖ୍ୟା ‘ରେବତୀ’ ଦେଖି ପାରିନି । ପତ୍ରିକା ପ୍ରକାଶ ପାଇବାର ସପ୍ତାହେ ପରେ ପରେ ଲକ୍ ଡାଉନ୍ ହେଲା । ତେଣୁ କିଣି ପାରିଲିନି । ତେବେ ସୋସିଆଲ୍ ମିଡ଼ିଆରେ ପଢ଼ିଛି କୃଷ୍ଣ ମହାନ୍ତିଙ୍କ ‘ଶେଷପୃଷ୍ଠା’ ସମ୍ପାଦକୀୟ । ବିଷୟବସ୍ତୁ ପ୍ରାସଙ୍ଗିକ ଓ ଯଥାର୍ଥ । ଲେଖାର ଷ୍ଟାଣ୍ଡାର୍ଡ ହିଁ ନିୟମାକ ହେବା ଉଚିତ ପ୍ରକାଶନର । ନହେଲେ ଏକ ବୃହତ୍ତର ପାଠକ ଶ୍ରେଣୀରେ ପତ୍ରିକା, ସମ୍ପାଦକ ଓ ଲେଖକ ସମସ୍ତେ ଅପଦସ୍ତ ହେବେ । ସୁନ୍ଦର ସମ୍ପାଦକୀୟ ଚିନ୍ତନ ।

**ଦୁର୍ଗା ପ୍ରସାଦ ପଣ୍ଡା,** ସମ୍ବଲପୁର

## ସୁବାସିନୀ ଜେନାଙ୍କ ସଂପାଦକୀୟ ଭଲ

● ‘ରେବତୀ’ ମାର୍ଚ୍ଚ-୨୦୨୦ ସଂଖ୍ୟାରେ ଆପଣଙ୍କ ସମ୍ପାଦକୀୟ ‘ନାରୀର ସମାନତା ଓ ସ୍ୱାଧୀନତା’ ଖୁବ୍ ମନୋଜ୍ଞ ଓ ମର୍ମସ୍ପର୍ଶୀ । ବେଳେବେଳେ ଯୌତୁକ ପାଇଁ ନାରୀର ଜୀବନ ଚାଲି ଯାଉଛି ଓ ଜୀବନ ଗ୍ଳାନିମୟ ହୋଇପଡୁଛି । ‘ଶେଷପୃଷ୍ଠା’ରେ ‘ଲେଖକର ସ୍କେଲ୍’ ବିଷୟଟି ଖୁବ୍ ଉଚ୍ଚକୋଟୀର । ଯେଉଁ ଲେଖକର ବ୍ୟକ୍ତି ଚେତନା ମଧ୍ୟରେ ଆତ୍ମପ୍ରଶଂସାର ଉଦ୍ଦେଶ୍ୟ ନିହିତ, ସେଭଳି ଲେଖକ ନିଜର ଅପରିପକ୍ୱ ଅନୁଭୂତିର ପରିଚୟ ଦେଇଥାନ୍ତି । କବିତା ଓ ଅନ୍ୟାନ୍ୟ ଲେଖା ପଢ଼ି ଖୁସି ହେଲି । ପତ୍ରିକାଟି ସୁଖପାଠ୍ୟ ।

**ନିରଂଜନ ସାହୁ,** ଭୁବନେଶ୍ୱର

## ଆସାମର ବିହୁ ଲେଖାଟି ଭଲ ଲାଗିଲା

● ପାରିବାରିକ ଓଡ଼ିଆ ପତ୍ରିକା ‘ରେବତୀ’ର ଲେଖା ସବୁ ସୁନିର୍ବାଚିତ । ଗଳ୍ପ ଓ କବିତାଗୁଡ଼ିକ ଖୁବ୍ ଉଚ୍ଚକୋଟୀର ଏବଂ ମର୍ମସ୍ପର୍ଶୀ । ଆସାମର ପର୍ବ ବିହୁ ଉପରେ ରଚିତ ଲେଖାଟି ଖୁବ୍ ଶିକ୍ଷଣୀୟ । ବିଶେଷକରି କର୍ମଜୀବୀ ମହିଳାଙ୍କ ରୂପଚର୍ଚ୍ଚା ଓ କିଛି ଉପାଦେୟ ତଥ୍ୟ ଲେଖାଟି ଖୁବ୍ ଉପଯୋଗୀ । କହିବାକୁ ଗଲେ ପତ୍ରିକାଟିରେ ସବୁ କିଛି ସୁନ୍ଦର ଭାବରେ ଉପସ୍ଥାପିତ ହୋଇଛି । ଆଇନ-କାନୁନ, ପ୍ରେରଣା, ପର୍ବପର୍ବାଣି, ସଂସ୍କୃତି ଓ ପରମ୍ପରା, ସ୍ୱାସ୍ଥ୍ୟ ଚର୍ଚ୍ଚା ଠୁ ଆରମ୍ଭ କରି ରୋଷେଇ, ରୂପଚର୍ଚ୍ଚା, ହସଖୁସିର ପରିବାର ଇତ୍ୟାଦି ଖୁବ୍ ମନଛୁଆଁ । ପତ୍ରିକାଟିର ପ୍ରଚ୍ଛଦପଟ ଅତି ଆକର୍ଷଣୀୟ ଓ ମନଲୋଭା । ସମ୍ପାଦିକା ସୁବାସିନୀ ଜେନା ଓ ସହଯୋଗୀ ସଂପାଦକ କୃଷ୍ଣ କୁମାର ମହାନ୍ତି ସାରଙ୍କୁ ମୋର ଭକ୍ତିପୁତ ପ୍ରଣାମ ଓ ଆନ୍ତରିକ ଧନ୍ୟବାଦ ।

**ତପସ୍ୱିନୀ ପଣ୍ଡା,** ପୋଲିସ୍ ଇନ୍ସପେକ୍ଟର, ସିଆଇଡ଼ି କ୍ରାଇମବ୍ରାଞ୍ଚ, ଭୁବନେଶ୍ୱର-୧

## ‘ରେବତୀ’ର କବିତା ସବୁ ମନଛୁଆଁ

● ଯେଉଁ କବିତା ମୋତେ ବହୁତ ଭଲ ଲାଗିଛି ସେସବୁ ହେଲା ଫନୀ ମହାନ୍ତଙ୍କ ‘ପ୍ରିୟତମା’, ମୁକୁଳ ମିଶ୍ରଙ୍କ ‘ବିନ୍ଦୁ’, ପ୍ରଦୀପ କୁମାର ପଣ୍ଡାଙ୍କ ‘ଚୋର’, ସୁଜାତା ସାହାଣୀଙ୍କ ‘ସବାଶେଷ ସ୍ୱାଲୋକ’, ପ୍ରତୀକ୍ଷା ଜେନାଙ୍କର ‘ଗୋଟିଏ ପ୍ରେମ କବିତା’ । ଏହା ବ୍ୟତୀତ ସମସ୍ତ ଲେଖା ଅତି ସୁନ୍ଦର ଓ ମନଛୁଆଁ ହୋଇଛି । ହୃଦୟ ଭରା ଧନ୍ୟବାଦ ସହ ଢେର୍ ସାରା ଶୁଭେଚ୍ଛା ଜଣାଇଲି ସମସ୍ତଙ୍କୁ ।

**ଅନୀତା ରାୟ,** ଭୁବନେଶ୍ୱର

## ସ୍ନିଗ୍ଧା ତ୍ରିପାଠୀଙ୍କ ଆଇନ ସ୍ତମ୍ଭ ଉପାଦେୟ

● ‘ରେବତୀ’ର ‘ଆଇନକାନୁନ’ ପୃଷ୍ଠାଟି ଭଲ ଲାଗିଲା ଏଥର । ବୋହୂଟିଏର ଅଧିକାର ସମ୍ପର୍କରେ ଜାଣି ହେଲା ଆଇନରେ କଣ ବ୍ୟବସ୍ଥା ଅଛି । ସେଥିପାଇଁ ଧନ୍ୟବାଦ ସ୍ନିଗ୍ଧା ମାଡ଼ାମ୍‌ଙ୍କୁ । ପରବର୍ତ୍ତୀ ସମୟରେ ବୋହୂଟି ଯଦି ସ୍ୱାମୀ, ଶାଶୁ, ଶ୍ୱଶୁର, ନଣନ୍ଦଙ୍କ ଉପରେ ମିଛ ଯୌତୁକ ଓ ଘରୋଇ ହିଂସାର ମୋକଦ୍ଦମା କରେ, ସେ ପରିପ୍ରେକ୍ଷୀରେ ଶାଶୁଘର ଲୋକେ ନିଜକୁ କିପରି ବଞ୍ଚେଇବେ ତଥା ବୋହୂଟିକୁ କେଉଁ ପ୍ରକାର ଦଣ୍ଡ ମିଳିବ, ସେକଥା ଜଣାଇଲେ ପାଠକ ଉପକୃତ ହେବେ ।

**ଲକ୍ଷ୍ମୀପ୍ରିୟା ଓଝା,** ବରୋଦା, ଗୁଜୁରାଟ

**ଆମ ଉତ୍ତର :** ଆପଣଙ୍କୁ ଅଶେଷ ଧନ୍ୟବାଦ ଯେ ଆପଣ ଆମର ଆଇନକାନୁନ୍ ସ୍ତମ୍ଭଟିକୁ ପଢି ତର୍ଜମା କରିଛନ୍ତି । ତେବେ ଆପଣ ଯେଉଁ କଥା ଜାଣିବାକୁ ଚାହିଁଛନ୍ତି, ଆମେ ସ୍ନିଗ୍ଧା ତ୍ରିପାଠୀଙ୍କୁ ଅନୁରୋଧ କରିବୁ ସେ ଏହା ଉପରେ ଆଲୋକପାତ କରିବେ ଭବିଷ୍ୟତରେ ।

## ସମ୍ପାଦକୀୟ ପୃଷ୍ଠା ଉଚ୍ଚକୋଟୀର

● ନାରୀର ସମାନତା ଓ ସ୍ୱାଧୀନତାକୁ ଭିତ୍ତିକରି ପ୍ରକାଶିତ ସଂପାଦକୀୟ ପୃଷ୍ଠା ବେଶ୍ ଆକର୍ଷଣୀୟ ହୋଇଛି । ବାସ୍ତବରେ ମ୍ୟାଡ଼ାମ୍ ଲେଖିଥିବା ପ୍ରତିଟି ଧାଡ଼ିରେ ଲୁଚି ରହିଛି ସତ୍ୟତା । ଯୁଗ ବଦଳିଛି, ପୁରୁଷ ସହ ସମକକ୍ଷ ହୋଇପାରିଛି ନାରୀ । ସଫଳ ଗୃହିଣୀ ଠାରୁ ଆରମ୍ଭ କରି ପ୍ରଶାସିକା ନାରୀ ଧରୁଛନ୍ତି ମଙ୍ଗ । ଏହାସତ୍ତ୍ୱେ ବଦଳି ପାରୁନଥିବା ସମାଜ ଓ ମନୁଷ୍ୟର ମାନସିକତାକୁ ନେଇ ମୁଁ ଅନେକ ସମୟରେ ରୁହେ ଚିନ୍ତିତ ଓ ମର୍ମାହତ । ସମ୍ପାଦକୀୟ ପୃଷ୍ଠା ଖୁବ୍ ଉଚ୍ଚକୋଟୀର ।

**ଶୁଭଶ୍ରୀ ମହାପାତ୍ର,** ଜି-ଟିଭି, ଭୁବନେଶ୍ୱର

ସମ୍ପାଦକୀୟ

# ନାରୀ : ସଂଯମତା ଓ ସଂଗ୍ରାମ

ପ୍ରତ୍ୟେକଟି ମଣିଷର ଜୀବନ ଧୈର୍ଯ୍ୟ ଓ ସଂଯମତା ଉପରେ ନିର୍ଭର କରେ । ମଣିଷ ଧୈର୍ଯ୍ୟଶୀଳ ଓ ସଂଯମଶୀଳ ହେଲେ ହିଁ ଅନ୍ୟକୁ ତା'ର ଆଚରଣ ଓ ସ୍ୱଭାବରେ ଜୟ କରିପାରେ । ତେବେ ସଂଯମତା ରକ୍ଷା କରିବା କଥାଟି ଉଠିଲେ 'ନାରୀ'ର କଥାଟି ଆଗ ଆସିଥାଏ ମନକୁ । ନାରୀ ସବୁବେଳେ ନିଜକୁ ସୁରକ୍ଷିତ ରଖିବା ସହ ତା'ର ପରିବାର ପାଇଁ ମଧ୍ୟ ସୁରକ୍ଷା କବଚ ପାଲଟିଥାଏ । ଏହି ସୁରକ୍ଷା କଥାଟି ଯେତେବେଳେ ଆସେ, ସେତେବେଳେ ଆଲୋଚନା ହୁଏ ଯେ, ନାରୀ ନିଜେ ସୁରକ୍ଷିତ ନୁହେଁ ଯେଉଁଠି, ସେତେବେଳେ ସେ ଅନ୍ୟକୁ ସୁରକ୍ଷା ଦେବ କେମିତି ? ଆମେ ଭୁଲିଯିବା ଉଚିତ ନୁହଁ ଯେ, ନାରୀ ହିଁ ସୃଷ୍ଟିର ମୂଳମନ୍ତ୍ର । ନାରୀ ହିଁ ଶକ୍ତିର ଆଧାର । ନାରୀ ସୃଷ୍ଟି କରିପାରେ ଯେମିତି, ସଂହାର ବି କରିପାରେ ସେମିତି । ତେଣୁ ନାରୀକୁ କେବେହେଲେ ଦୁର୍ବଳ ଭାବିବା ଉଚିତ ନୁହେଁ । ପ୍ରକୃତି ଯେମିତି ପଲକ ମାତ୍ରେ ହିଁ ପ୍ରଳୟ କରିପାରେ, ଠିକ୍ ସେମିତି ପ୍ରକୃତିର ଅନ୍ୟ ରୂପ ନାରୀ । ଆମେ ପ୍ରକୃତିର ଶାନ୍ତ, କୋମଳ ରୂପ ଦେଖୁ । ଆମେ ବି ପ୍ରକୃତିର କରାଳ ରୂପ ଦେଖୁ । ସୁତରାଂ ପ୍ରତ୍ୟେକଟି କୋମଳତା ଭିତରେ ଲୁଚି ରହିଥାଏ ଏକ ଶକ୍ତିଶାଳୀ ଲାଭା । ତାହା ହିଁ ତାର ସୁରକ୍ଷା କବଚ । ଆବଶ୍ୟକ ପଡ଼ିଲେ ସେ ଏ ଶକ୍ତିର ଉପଯୋଗ କରେ- ସମାଜକୁ, ପ୍ରକୃତିକୁ ସଜାଡ଼ିବା ପାଇଁ । ବିଶୃଙ୍ଖଳିତ ଏବଂ ଅସଂଯମତାକୁ ସାବାଡ଼ କରିବା ପାଇଁ ଏହି ଶକ୍ତିର ଉପଯୋଗ ଅନେକ ସମୟରେ ଆମର ଆଖି ଖୋଲି ଦେଇଛି । ତେଣୁ ନାରୀ ହିଁ ପ୍ରକୃତି । ନାରୀ ହିଁ ଶକ୍ତି । ନାରୀ ମଧ୍ୟ ସୃଷ୍ଟିକାରିଣୀ । ଆମେ ଏ କଥା ଭଲଭାବରେ ଜାଣୁ ଯେ, ଜଣେ ନାରୀ ଚାହିଁଲେ ଗୋଟେ ପୁରୁଷର ଜୀବନକୁ ଭଲ ଭାବେ ଗଢ଼ି ଦେଇପାରେ । ପୁଣି ସମୟ ଆସିଲେ, ସେଇ ନାରୀ ମଧ୍ୟ ଗୋଟେ ପୁରୁଷର ଜୀବନକୁ ନର୍କ କରି ଦେଇପାରେ । କିନ୍ତୁ ନାରୀ କ'ଣ ଚାହେଁ କେବେ ବିନାଶ ? ଚାହେଁ କି ସେ ସଂହାର ? ନା । ସେ ଚାହେଁନି କାହାକୁ ନାରଖାର କରିଦେବାକୁ । ସେଇଥିପାଇଁ ତ ଧୈର୍ଯ୍ୟ ଓ ସଂଯମତାର ଏକ ଚାବିକାଠି ତା' ପାଖରେ ମହଜୁଦ୍ ଅଛି । ଯେଉଁଥିପାଇଁ ବିବେକାନୁମୋଦିତ କାମଟିଏ ହିଁ କରିବାକୁ ସେ ଆଗଭର ହୁଏ ସିନା, କେବେ ବି 'ଅମାନବିକ' ହୁଏନା ସେ । ବିନାଶ, ଧ୍ୱଂସ, ସଂହାର ପରି ଇଚ୍ଛାଗୁଡ଼ିକ ସବୁବେଳେ ନକାରାତ୍ମକ ଶକ୍ତି ଦ୍ୱାରା ହିଁ ପରିଚାଳିତ ହୋଇଥାନ୍ତି । ତେଣୁ ନାରୀଟିଏ ସବୁବେଳେ ବିବେକାନୁମୋଦିତ ଅଭିଳାଷଟିକୁ ପାଥେୟ କରିବା ଦରକାର । କାରଣ ଏ ଭାଙ୍ଗିବା ବା ଗଢ଼ିବା କଥାଟି ସଂପୂର୍ଣ୍ଣ ଭାବରେ ନିର୍ଭର କରେ ଜଣେ ନାରୀର ସହନଶୀଳତା, ଆଉ ସଂଯମତା ଭଳି ଗୁଣ ଉପରେ ।

ନାରୀ-ପୁରୁଷ ହେଉ କି ସ୍ୱାମୀ-ସ୍ତ୍ରୀ ହେଉ, ଏମାନଙ୍କ ମଧ୍ୟରେ ଯେଉଁ ସମ୍ପର୍କ ସ୍ଥାପିତ ହୁଏ, ତାହା ହି ସାମାଜିକ ସାଂସ୍କୃତିକତା ଓ ଆଦର୍ଶ ପରିବାରବାଦ ଭାବରେ ଗଣ୍ୟ । ନାରୀର ପ୍ରଗତିଶୀଳ କାର୍ଯ୍ୟରେ ପୁରୁଷ ଅନ୍ତରାୟ ହୋଇ ଛିଡ଼ା ହେବା ବା ପୁରୁଷର କାର୍ଯ୍ୟରେ ନାରୀ ଅନ୍ତରାୟ ହୋଇ ଛିଡ଼ା ହେବା ଫଳରେ ସୁସ୍ଥ ସାମାଜିକ ବ୍ୟବସ୍ଥା କଦାଚିତ ଚାଲି ପାରିବ, ଏ କଥା ଭାବିବା ଭୁଲ୍ ।

ନାରୀର ସାମାଜିକ ସଚେତନତା ଓ ସାମାଜିକ ଦାୟିତ୍ୱବୋଧକୁ ସମଗ୍ର ମାନବ ସମାଜ ଅସ୍ୱୀକାର କରୁ ନଥିଲେ ହେଁ ନାରୀ ତା'ର ଦାୟିତ୍ୱଶୀଳତା ପ୍ରତି ସଜାଗ ରହିଥିବା କଥା ଆମେ ଜାଣୁ । ନହେଲେ ସାମାଜିକ ପରିସ୍ଥିତି ଅନୁକୂଳ ରହି ପାରନ୍ତା ନାହିଁ । ସୁତରାଂ ନାରୀ ଓ ପୁରୁଷର ସହଭାଗିତାରେ ସୁସ୍ଥ ସାମାଜିକ ବ୍ୟବସ୍ଥା ନିର୍ମାଣ କେବଳ ମାତ୍ର ସମ୍ଭବ ନୁହେଁ, ଏହା ହିଁ ଏକମାତ୍ର ମାର୍ଗ ।

ସଂଯମଶୀଳତା ହିଁ ଏକ ଉତ୍କୃଷ୍ଟ ସମାଜ ଆଡ଼କୁ ଘେନିଯାଏ । ମଣିଷ ସମାଜର ଅଗ୍ରଗତିରେ ଏହି ସଂଯମତା ଓ ଶୃଙ୍ଖଳାର ଏକ ବଡ଼ ଭୂମିକା ରହିଛି । ସେଥିରେ ପୁଣି ନାରୀର ଭୂମିକା ସର୍ବାଗ୍ରେ । ନାରୀଟିଏ ହିଁ ସମାଜକୁ ଧ୍ୱଂସ କରିପାରେ,ପୁଣି ସୁନ୍ଦର କରି ଗଢ଼ି ତୋଳିପାରେ । ଯେପରି ଆମ ପରିବାରରେ ନାରୀର ଭୂମିକାକୁ ଆମେ ଅସ୍ୱୀକାର କରି ପାରିବା ନାହିଁ, ଠିକ୍ ସେହିପରି ସମାଜରେ ମଧ୍ୟ ନାରୀର ଭୂମିକା ଅନସ୍ୱୀକାର୍ଯ୍ୟ । ସୁତରାଂ ସଂଯମତା ସହ ଶୃଙ୍ଖଳାବୋଧ ରକ୍ଷା କରି ଚାଲିବାର ମାର୍ଗ ନାରୀଟିଏ ପାଇଁ ଯେତେ ଜଟିଳ ହେଉ ପଛେ ସମାଜର ମଙ୍ଗଳ ପାଇଁ ଏହା ହିଁ ଅନିବାର୍ଯ୍ୟ । ଅନ୍ୟଥା, ଏ ବିଶ୍ୱବ୍ରହ୍ମାଣ୍ଡ, ଏ ସମାଜ, ଏ ପରିବାରର ପରିକଳ୍ପନାର ମାନେ କିଛି ହୁଏନା । ତେଣୁ ନାରୀକୁ ଏ ଦିଗରେ ଆଗେଇ ନେବାକୁ ହେଲେ, ଆମ ସମସ୍ତଙ୍କୁ ତା ହାତ ଧରି ଶୃଙ୍ଖଳାର ମାର୍ଗରେ ଚାଲିବାକୁ ହେବ ।

## କରୋନାର କୁହାଟ

ହଠାତ ଏକ ଭୟର ଭସାବାଦଲ ପରି 'କରୋନା'ର କୁହାଟ ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେବା ବେଳେ ସମୁଦାୟ ମଣିଷସମାଜ ଭିତରେ ଛାଇଗଲା କେବେ ବି ଭୋଗିନଥିବା ନବୀନତମ ଆତଂକ । ଯାହାର ଫଳସ୍ୱରୂପ, ଆମେ କିଛି ଭାବିବା ପୂର୍ବରୁ ହେଇଗଲୁ ନିଜ ନିଜ ଘରେ ଗୃହବନ୍ଦୀ । ଘର ବାହାରର ପୃଥିବୀ, ଆମ ପାଇଁ ପାଲଟିଲା ଅପହଂଚ ଆକାଶ । ଆପଣାର ମଣିଷ, ଆତ୍ମୀୟସ୍ୱଜନ ନିମିଷକରେ ହେଇଗଲେ ଅସ୍ପୃଶ୍ୟ । କାହାକୁ ଛୁଇଁବା ତ ଦୂରର କଥା, ଦୂରତା ରକ୍ଷା କରିବା ହିଁ ସହସା ପାଲଟିଗଲା ସାମାଜିକ ବିଧି । ମୁହଁରେ ଶୋଭା ପାଇଲା ମୁହଁକୁ ଲୁଚେଇ ରଖିବାର ଏକ ମୁଖା । ଅଭୂତପୂର୍ବ ବୈଚିତ୍ର୍ୟରେ ଭରିଗଲା ପୃଥିବୀ । ଅସହାୟ ହେଲା ମଣିଷ । ଲାଗିଲା ସରକାରୀ ନିୟମ । ପାଖାପାଖି ଦୁଇମାସରୁ ଅଧିକ କାଳ 'ଲକ୍‌ଡ଼ାଉନ', 'ଶଟ୍‌ଡ଼ାଉନ୍' ହୋଇ ଜୀବନ ସତରେ ବେହାଲ୍ ହୋଇଯାଇଛି କହିଲେ ଭୁଲ୍ ହେବ ନାହିଁ ।

ତେବେ ପ୍ରକୃତି ଓ ପରମେଶ୍ୱରଙ୍କ ଇଚ୍ଛା ପାଖରେ ଆମେ ତୁଚ୍ଛାତିତୁଚ୍ଛ ଜୀବଟିଏ ମାତ୍ର । ତାଙ୍କର କୃପା ବଳରେ ସବୁକିଛି ପୁଣି ସ୍ୱାଭାବିକ ହେବ, ଏପରି ଏକ ଆଶା ରଖୁଛୁ ଆମେ । କରୋନା କାରଣରୁ 'ରେବତୀ'କୁ ଆମେ ସମୟାନୁସାରେ ପ୍ରକାଶ କରିବା ସମ୍ଭବପର ନଥିଲା । ମଣିଷର ଜୀବନମରଣ ସମସ୍ୟା ଆଗରେ ପତ୍ରିକା ପ୍ରକାଶନ ଜନିତ ସ୍ୱାର୍ଥ ଆମ ପାଇଁ ନଗଣ୍ୟ ହୋଇ ପଡ଼ିଥିଲା । ତଥାପି ଆପଣମାନେ ଆମ ସହିତ ଅଛନ୍ତି, ଆଗକୁ ମଧ୍ୟ ରହିବେ, ଏ ଆଶା ରଖି ଆପଣମାନଙ୍କ ହାତକୁ ଏଇ ସଂଖ୍ୟାଟି ବଢେଇ ଦେଉଛି ।

ସମ୍ପାଦିକା



# ରେବତୀ ର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ । କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଂଡ଼ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।

ସମ୍ପର୍କ: ସମ୍ପାଦିକା, 'ରେବତୀ',
ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.,
ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com

ଘଟଣା ଚିତ୍ର

# 'ମହଲ'ର ମଣିଷ



# ଶବ୍ଦ ମହଲରେ ଖୋର୍ଦ୍ଧା ଲୁଙ୍ଗି ପିନ୍ଧା ସମ୍ରାଟ୍






**ଅଜୟ ସ୍ୱାଇଁ**

ଜୟପୁର, ଇଟିପୁର, ଭୁବନେଶ୍ୱର-୨
ଫୋନ : ୮୨୪୯୩୧୮୦୮୮


ଫଟୋ ସୌଜନ୍ୟ : ଲେଖକ ଓ ଅଶୋକ ମହାନ୍ତି

**'ମହଲ'ର ମହକରେ ଏକଦା ବାସ୍ନାୟିତ ଥିଲା ସାହିତ୍ୟ-ପୃଥିବୀ । ଖୋର୍ଦ୍ଧା ଟାଉନ୍‌ରୁ ପ୍ରକାଶିତ ହେଉଥିଲା । ସଂପାଦନା କରୁଥିଲେ ବଂଶୀଧର ରାଉତ । ସେତେବେଳ ନୂଆ ନୂଆ କଲେଜ୍‌ରେ ପାଠ ପଢୁଥିବା ଆଜିର ଅନେକ ଲେଖକ 'ମହଲ'ର ପ୍ରେମରେ ଥିଲେ ମସ୍‌ଗୁଲ୍ । ୧/୮ କ୍ରାଉନ୍ ସାଇଜ୍‌ର ପତ୍ରିକାଟିରେ ଥିଲା ସାହିତ୍ୟର ଭୁରୁଭୁରୁ ବାସ୍ନା । ହଁ ସେଇ 'ମହଲ'ର ସମ୍ପାଦକ ବଂଶୀଧର ରାଉତ । ଠିକଣା : ଗୀତା ପ୍ରକାଶନୀ, ଖୋର୍ଧା । ଆଜି ପୁଣିଥରେ 'ମହଲ' ପାଇଁ ଦେଖନ୍ତି ସ୍ୱପ୍ନ । ଅଜୟ ସ୍ୱାଇଁଙ୍କ ଉପସ୍ଥାପନା 'ରେବତୀ'ର ପାଠକଙ୍କ ପାଇଁ ।**

ଶବ୍ଦର 'ମାହୋଲ୍' ଥାଏ, 'ମହଲ' ବି ଥାଏ । ଥାଏ ? ଲେଖୁଥିବା ଲୋକମାନଙ୍କ କଦର୍ ବି ଥାଏ । ଆଦର ବି ଥାଏ । ଆମେ ଯେଉଁମାନେ ସାହିତ୍ୟ ପାଠ ପଢୁ, ସାହିତ୍ୟ ପଢ଼ାଉ, ଆମମାନଙ୍କ ପାଇଁ ଲେଖକମାନେ କୌଣସି ସିନେମା ଷ୍ଟାର୍‌ଙ୍କ ଠୁ କମ୍ ନଥିଲେ । ସାହିତ୍ୟ ପତ୍ରିକା ଥିଲା ଆମମାନଙ୍କ ପାଇଁ ଦର୍ଶନୀୟ ଚିଜ । ସାହା ଦୁନିଆଁର ମଣିଷମାନଙ୍କୁ ଆମେ ଏହି ବହି, ପତ୍ରିକାରେ ଭେଟୁଥିଲୁ ।

ସେଇବେଳେ 'ମହଲ' ପତ୍ରିକା ଖୋର୍ଦ୍ଧା ଟାଉନ୍‌ରୁ ପ୍ରକାଶିତ ହେଉଥିଲା । ଆମେ ନୂଆ ନୂଆ କଲେଜ୍‌ରେ । ନୂଆକରି ଫୁଲ୍‌ପ୍ୟାଣ୍ଟ୍ ପିନ୍ଧା, ନୂଆକରି ସାଂପୋଲଗା, ନୂଆକରି ସାଇକେଲ୍ ଚଢ଼ା, ନୂଆ ନୂଆ ମୋଟା ବହିକୁ କାଖରେ ଜାକି କଲେଜ୍ ଯିବା ବେଳକୁ 'ମହଲ' ସହ ଭେଟ । ୧/୮ କ୍ରାଉନ୍ ସାଇଜ୍ କି କ'ଣ ସାଇଜ୍‌ର ଏବେ ସଠିକ ମନେ ପଡୁନି । ତେବେ, 'ମହଲ', ସମ୍ପାଦକ ବଂଶୀଧର ରାଉତ । ଗୀତା ପ୍ରକାଶନୀ, ଖୋର୍ଧା... ପୂରା ମନେ ଅଛି ।

ଗୀତା ପ୍ରକାଶନୀ ଯେ ଗୀତା ଭାଉଜଙ୍କ ନାଁରେ ହେଇଛି(ଗୀତା ଭାଉଜ, ବଂଶୀଭାଇଙ୍କ ଧର୍ମପତ୍ନୀ) ପରେ ଜାଣିଲୁ । ଏଥିରେ ପ୍ରକାଶିତ ହେଉଥିଲେ, ବିଭୂତି ପଟ୍ଟନାୟକ, ଦେବ୍ରାଜ୍ ଲେଙ୍କା, ସତ୍ୟବାଦୀ ରାଉତ, ସତ୍ୟବାଦୀ ବଳୀୟାର ସିଂ, ପଦ୍ମଜ ପାଲଙ୍କ ଭଳି ଲେଖକମାନେ । ଏଇ ପତ୍ରିକା ପ୍ରତି ଆମ ମନରେ ସମୀହ ଥିଲା । ହେଲେ କିଏ ଏହି ସଂପାଦକ ବଂଶୀଧର ରାଉତ ? ଓଡ଼ିଆ ସାହିତ୍ୟ ପାଇଁ ନିଜ ଖର୍ଚ୍ଚରେ ତିଆରି କରିଛନ୍ତି ଏହି 'ମହଲ' ?

ରେଭେନ୍‌ସାରେ ପଢ଼ିବା ବେଳେ କିଛି ମିନି କବିତା ଲେଖି ପଠେଇ ଦିଏ 'ମହଲ' ଠିକଣାରେ । ଦଶଦିନ ପରେ 'ମହଲ'ରୁ ଫେରନ୍ତା ଚିଠି ଆସେ: ଅଜୟ ବାବୁ ! ନମସ୍କାର । ଆପଣଙ୍କ କବିତା ପାଇଛି । ଭଲ ହୋଇଛି । ଆଗାମୀ ସଂଖ୍ୟାରେ ସେସବୁ ଛପା ହେବ । ଏମିତି କବିତା ପଠେଇ ସହଯୋଗ କରିବେ । କେବେ ଖୋର୍ଦ୍ଧା ଆସିଲେ, ଘର ଆଡ଼େ ଆସିବେ । ଆପଣଙ୍କର ବଂଶୀଧର ରାଉତ ।

ଏ ଚିଠିଟି ମୁଁ ମୋର ପଚାଶ୍ ସାଙ୍ଗକୁ ଦେଖେଇଥିବି । 'ମହଲ'ରେ ସେଇ ମିନି କବିତା ପ୍ରକାଶ ପାଇବା ପରେ ମୁଁ ନିହାତି ଦଶଟି 'ମହଲ' କିଣି ବାଣ୍ଟିଥିବି । ମୋ ମାମୁଘର ଗାଁ ଚଣ୍ଡିଆକଲ୍ଲା (ବେଗୁନିଆ ପାଖ) ହୋଇଥିଲେ ବି, ଅନେକଥର ଖୋର୍ଧା ବାଟ ଦେଇ ମାମୁଘର ଗାଁକୁ ଯାଇଥିଲେ ବି, କେବେ ଖୋର୍ଧାରେ ଓହ୍ଲେଇ ବଂଶୀଧର ରାଉତଙ୍କୁ ଭେଟିନି ।

ଯଦିଓ ଚିଠିପତ୍ରରେ ଆମ ସଂପର୍କ ଆଉ ଟିକେ ନିବିଡ଼ ହୋଇ ସାରିଥାଏ, କିନ୍ତୁ ଦେଖାଚାହାଁ ହେଇନଥାଏ । ସେବେ 'ମହଲ'ରେ ସୁନୀଲ ପୃଷ୍ଟି, ଛନ୍ଦାଚରଣ ଆଚାର୍ଯ୍ୟ, କୌଶିକ ନାୟକ ଇତ୍ୟାଦିଙ୍କ କବିତା ପ୍ରକାଶିତ ହେଉଥାଏ । ଦେବ୍ରାଜ ଲେଙ୍କାଙ୍କ ସହ ମୁଁ ମିଶିବା ପରେ ସେ ମତେ ପଚାରିଲେ:

– ତତେ 'ମହଲ' ପତ୍ରିକା କେମିତି ଲାଗୁଛି ? ବଂଶୀଧର ରାଉତଙ୍କୁ ଚିହ୍ନିଚୁ ?

ମୁଁ ମନା କଲି ।

ଦେବ୍ରାଜ୍ ଲେଙ୍କା ହସିଲେ । କହିଲେ: ଥରେ ଯଦି ତାକୁ ଭେଟିଚୁ, ତା' ମାୟାରେ ପଡ଼ିବା ଥୟ । ସେଯାଏଁ ମାୟାରେ ମୁଁ ପଡ଼ିନଥାଏ ବଂଶୀଧର ରାଉତଙ୍କର । ଦିନେ ଦେବ୍ରାଜ୍ ଲେଙ୍କାଙ୍କ

'ନବପ୍ରଭାତ'ରେ ଦେଖା । ଶ୍ୟାମଳ ରଂଗର, ମଧ୍ୟମ ସ୍ୱାସ୍ଥ୍ୟର ମଣିଷ । ପାଟିରେ ଅନବରତ ଜର୍ଦ୍ଦାପାନ । ଛାତି ପକେଟ୍‌ରେ ଗୋଲ୍‌ଡ୍‌ଫ୍ଲେକ୍ ସିଗାରେଟ୍ ଓ ଦୁଇଟା କଲମ । ଆଖିରେ ସ୍ୱପ୍ନ । ବୁଝିଲି, ସିନେମା ଡାଏଲଗ୍ ଲେଖା, ନାଟକରେ ବି ଆଗ୍ରହ ଅଛି । ବେଳେବେଳେ ସାଧୁ ମେହେର୍ ଆସିଲେ ତାଙ୍କ ଘରେ ରୁହନ୍ତି । ତାଙ୍କ ସାନଝିଅ ଟିକିଲାକୁ ସେ ଝିଅ କରିଛନ୍ତି । ମୋର ଆଗ୍ରହ ବଢ଼ିଲା । ଆରେ, ଇଏତ ମହାନ୍ ଲୋକ !

ଲେଖକଟିଏକୁ ଦେଖିଲେ ଏତେ ଖୁସି ହେବା ଲୋକ ବଂଶୀଧର ରାଉତଙ୍କ ଠୁ ଆଉ କିଏ ଅଛି ବୋଲି ମୁଁ



ଏଯାଏଁ ଜାଣିନି । ଯେତେଲୋକ ଗଲେ ବି ପୁରୀ, ଆଳୁଦମ୍, ଚା' ସବୁବେଳେ ତିଆର୍ । ଏସବୁ ଆତିଥ୍ୟ ଦେବା ପାଇଁ ଗୀତା ଭାଉଜ ବି ସର୍ବଦା ତିଆର୍ । ଘର ଆଲମିରାରେ ସବୁବେଳେ କୋଡ଼ିଏ ପ୍ୟାକେଟ୍ ସିଗାରେଟ୍ । ପାନଡବା ଭର୍ତ୍ତି । ପାନପିକ ପକେଇବାକୁ ପିକଦାନୀ ଖଟ ପାଖରେ ।

ଲେଖାଲେଖି ଭିତରେ ଆମର ବି ଚର୍ଚ୍ଚା ହୁଏ ନାଟକ ଓ ସିନେମା ଉପରେ । ଖୋର୍ଧାର ଗୋଟେ ସୌଖୀନ ନାଟ୍ୟସଂସ୍ଥା ତାଙ୍କ ନାଟକ କରେ । ସେ ବି ତାଙ୍କ ଲେଖା ନାଟକର ନିର୍ଦ୍ଦେଶନା ଦିଅନ୍ତି ।

ପ୍ରକୃତରେ ବଂଶୀଧର ରାଉତ ଜଣେ ନାଟୁଆ ଲୋକ । ସେତେବେଳେ ତାଙ୍କ ନାଟକ ଓ ଗପ 'ଝଙ୍କାର', 'ସମାବେଶ' ପରି ସାହିତ୍ୟ ପତ୍ରିକାମାନଙ୍କରେ ପ୍ରକାଶ ପାଏ ।

– କ'ଣ ଲେଖିବାରେ ଆପଣ ସ୍ୱଚ୍ଛନ୍ଦ ?

ଏ ପ୍ରଶ୍ନର ଉତ୍ତର ସେ ଦେବେ, "ସବୁ, ଯେତେବେଳେ ବିଷୟଟି ଯାହା ହୋଇ କଲମ ମୂନକୁ ଓହ୍ଲେଇଲା, ସେସବୁରେ ମୁଁ ସ୍ୱଚ୍ଛନ୍ଦ ।" ସେତେବେଳେ ଘଣ୍ଟାଏ, ଦି'ଘଣ୍ଟା ଭିତରେ ଗପଟିଏ ଲେଖିଦେବା ମୁଁ ଜାଣିଛି । ତାଙ୍କ ଗପରେ, ଉପନ୍ୟାସରେ ମଧ୍ୟବିତ୍ତ ପରିବାରର ଚରିତ୍ରମାନେ ଥାଆନ୍ତି । ବେଶ୍ ସଂଯତ ଓ ନାଟକୀୟ ଭାବେ । ଡାଏଲଗ୍‌ବାଜି ବି ଥାଏ ।

ସେ କଥା ପରେ ।


କାରଣ, ସେଥିପାଇଁ ମୁଁ ବଂଶୀଧର ବାବୁଙ୍କୁ ଏତେ ବେଶି ଭଲ ପାଇନି । ମୁଁ ତାଙ୍କୁ ବେଶି ଭଲ ପାଇଲି, ତାଙ୍କ ସାହିତ୍ୟ ମନସ୍କତା ପାଇଁ । ତାଙ୍କ ନାଟୁଆ ଗୁଣ ପାଇଁ । ମୁଁ ତାଙ୍କର ଗୋଟେ ନାଟକ ବୋଧେ ଦେଖିଚି ରବୀନ୍ଦ୍ର ମଣ୍ଡପରେ 'ଆମେ ସବୁ ଶୃଗାଳମାନଙ୍କ ବିରୋଧରେ' । ବୋଧେ ୧୯୯୯ ମସିହାରେ । ଯେତେବେଳେ ଆମେ କିଛି ନୂଆନୂଆ ଲେଖୁଥିବା ଲୋକ ସାହିତ୍ୟ ଲେଖି ପୃଥିବୀ ଓଲଟେଇ ଦେବୁ ବୋଲି ଭାବୁଥିଲୁ, ସେତେବେଳେ ଏ ନାଟକ ମତେ ଏତେବେଶି ଭଲ ଲାଗିଲାନି । ମାତ୍ର ଏହାର ନାଟକୀୟତା ମତେ ଆମୋଦିତ କରିଥିଲା । ମୁଁ ବଂଶୀବାବୁଙ୍କୁ ଏକଥା କହିଥିଲି । ସେ ଗମ୍ଭୀର ହୋଇ କହିଥିଲେ: ଆପଣଙ୍କ ମନଲାଖି ନାଟକ ମୁଁ କରିବି, ଦେଖିବେ । ଏହାପରେ ଅନ୍ୟୂନ କୋଡ଼ିଏଟି ନାଟକ ସେ ଲେଖିଛନ୍ତି । ବିଭିନ୍ନ ମଂଚରେ, ରେଡ଼ିଓରେ, ଦୂରଦର୍ଶନରେ ତାହା ପ୍ରସାରିତ ହୋଇଛି । ସେ ଅନେକ ପୁରସ୍କାର ବି ପାଇଛନ୍ତି । ତାଙ୍କର 'ମିଛ ମଣିଷ' ନାଟକ ମୋତେ ଖୁବ୍ ଭଲ ଲାଗିଥିଲା । ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ 'ଅନ୍ଧଯୁଗ' ନାଟକ ଦୁଇଥର ଶୁଣିଛି ।

ତାଙ୍କର ୨୫ଟି ଉପନ୍ୟାସ ପ୍ରକାଶିତ । ତା' ଭିତରୁ ମୁଁ ଦୁଇ ତିନୋଟି ପଢ଼ିଛି । 'ଜୀବନ ସଂଗୀତ' ଓ 'ଲକ୍ଷ୍ମଣ ରେଖା' । ବଂଶୀଧର ବାବୁ ମତେ କେବେ ତାଙ୍କ ଲେଖା ପଢୁଛି କି ନାହିଁ ପଚାରିଲେ, ମୁଁ କହେ: ମୁଁ ତ ଆପଣଙ୍କୁ ପଢୁଛି । ସେ ଆଗ ସରୁ ।

ବଂଶୀବାବୁଙ୍କ ପାନଖିଆ ପାଟିର ହସ ଦେଖିବ ସେତେବେଳେ ।

ତାଙ୍କ ମନ କେତେବେଳେ ଦୁଃଖ ଥାଏ । ମୁଁ ଜାଣିପାରେନି ତାଙ୍କୁ ଭଲ ପାଇବାର ଅନ୍ୟ ଏକ କାରଣ ହେଲା, ମୋ ପରି ବୋଧେ ସେ ଦୁଃଖ ଲୁଚେଇ ପାରନ୍ତି । ବଦ୍‌ଖର୍ଚ୍ଚୀ ଯୋଗୁ ସବୁବେଳେ ତାଙ୍କୁ ଅଭାବ ଘାରୁଥାଏ । ସେ ଖୋର୍ଦ୍ଧା ଏନ୍‌ଏସିରେ ଯେତେବେଳେ କିରାଣୀ ଥିଲେ ମାସକର ଦରମା ପାଞ୍ଚଦିନରେ ଖତମ୍ । ଖାଇବା ପିଇବା, ଅତିଥି ଖର୍ଚ୍ଚ ଓ ଅଏସ୍‌ରେ ସବୁ ଉଡ଼ିଯାଏ । ତାଙ୍କ ଟଙ୍କାରେ ପର ଲାଗିଯାଏ, ମୋ ପରି । କିନ୍ତୁ ବାକି ପଚିଶ ଦିନ ବି ସେମିତି ଚାଲେ । ସେଥିପାଇଁ ତାଙ୍କୁ ଧାରଉଧାର୍ ବି କରିବାକୁ ପଡ଼େ । ଅବଶ୍ୟ, ଏକଥା ସେ ମତେ କେବେ କହି ନାହାନ୍ତି । ଗୀତା ଭାଉଜଙ୍କ ସହ ତାଙ୍କର ମନାନ୍ତର ବା ମତାନ୍ତର ହେବା, ଅନ୍ତତଃ ମୁଁ କେବେ ଦେଖିନି ।

ପାନ, ସିଗାରେଟ୍ ଛଡ଼ା ଆଉ କିଛି ମାଦକ ଦ୍ରବ୍ୟରେ ତାଙ୍କର ଆଗ୍ରହ ନଥିଲା । ସେ କେବେ ବି ମଦ ଛୁଉଁ ନଥିଲେ । ହେଲେ ଅନ୍ୟମାନେ କୋଉ




ବଂଶୀଧରଙ୍କ ବହି



ଥାଉ । ଦିନେ ଆପଣ କହିଥିଲେ: ତାହା ହାତରେ କଲମ ଅଛି, ସେ ତାକୁ ସାହସର ସହିତ ଅଥଚ ଅତ୍ୟନ୍ତ ବିନୟୀ ହୋଇ ଚଳେଇବା ଉଚିତ୍ ।

ବହୁ ଆଦର୍ଶ, ଆଦେଶ, ଉପଦେଶ ମୁଁ ପଢ଼ିଛି ବହିରେ । ଆପଣ ବି ଆପଣଙ୍କ ଲେଖାଲେଖିରେ ସେଇସବୁ ଆଦର୍ଶକୁ ନାଟକୀୟ ଭାବେ ଗୁରୁତ୍ୱ ଦିଅନ୍ତି । ଏଥିପାଇଁ ମୁଁ ଅନେକ ବେଳେ ଆପଣଙ୍କ ସହ ଏକମତ ହୋଇପାରେ ନାହିଁ, ହେଲେ ଆପଣ କେବେ ଆଦର୍ଶକୁ ନେଇ ସାହିତ୍ୟ ଲେଖାକୁ ନେଇ ଯୁକ୍ତିତର୍କ କରନ୍ତି ନାହିଁ । ସବୁବେଳେ କଂପ୍ରୋମାଇଜ୍ କରିବାକୁ ଭଲ ପାଆନ୍ତି । କୋଉ କଥାରେ ଟେନ୍‌ସନ୍ ଦେବା ତାଙ୍କର ଜାତକରେ ନାହିଁ ।

କିନ୍ତୁ କେହିନାକେହି ତାଙ୍କ ବିରୋଧରେ ଅନେକ କଥା କହୁଥିବାର ଶୁଣିଛି । ତାଙ୍କ ନିଜଲୋକମାନେ ବି ମତେ କହିଛନ୍ତି । ତାଙ୍କ ସିନେମା, ସିରିଏଲ୍ କରିବା ଠୁ ତାଙ୍କ ଝିଅ ବାହାଘର ଯାଏଁ ଅନେକ କୁତ୍ସାର ଶିକାର ସେ ହୋଇଛନ୍ତି । ରିଟାୟାର୍ଡ଼ ପରେ ସେ ବୋଧହୁଏ ବାଣପୁର ଏନ୍.ଏ.ସି.ରେ ସାନ୍ତ୍ୱନାମୂଳକ ଚାକିରି କିଛିବର୍ଷ କଲେ । ତାଙ୍କର ହିସାବହୀନ ଖର୍ଚ୍ଚ ଓ ଭବିଷ୍ୟତକୁ ଖାମ୍‌ଖିଆଲି ଭାବେ ବିଚାର କରିବା ଯୋଗୁଁ ତାଙ୍କର କିଛି ନା କିଛି ରୋଜଗାର ତ ନିହାତି ଜରୁରୀ ଥିଲା ।

କିଛିଦିନ ତଳେ ନୂଆବର୍ଷରେ ଦେଖା ହୋଇଥିଲା ତାଙ୍କ ସହ । ମୁଁ ତାଙ୍କୁ ଭେଟିବାକୁ ଖୋର୍ଦ୍ଧା ଯାଇଥିଲି । ତାଙ୍କର ସେଇ ପ୍ରିୟ, ପ୍ରଚାରିତ 'ଗୀତା ଭବନ'ରେ ସେ ରହୁନଥିଲେ (ସେଇଟା ବି ତାଙ୍କର ଭଡ଼ାଘର ଥିଲା) । ନୂଆ ଭଡ଼ାଘରେ ରହୁଥିଲେ । ନୂଆ ବସ୍‌ଷ୍ଟାଣ୍ଡ ପାଖରେ । ସେ ମତେ ପାଖ ଛକରେ ଅପେକ୍ଷା କରିଥିଲେ । ତାଙ୍କ ସହ ଘରେ ପହଂଚିବା ବେଳକୁ ହସହସ ମୁହଁରେ ଗୀତା ଭାଉଜ କହିଲେ, ଅନେକ ବର୍ଷ ପରେ ଆସିଲ । କେତେବର୍ଷ ! ମନେ ପକେଇଲି । ଦଶବର୍ଷ କି ତା ଠୁ ବେଶି ।

'କଳାନିଧି ବାଂଛାନିଧି'ଙ୍କୁ ଚିହ୍ନିଛନ୍ତି ?

ଓଡ଼ିଶାର ଏକମାତ୍ର କଳାକାର, ଯିଏ ମଂଚରେ 'ଏକକ ଅଭିନୟ' କରି ଚଳୁଥିଲେ । ଆମ ହେତୁ ପାଇବା ଯାଏଁ ସବୁ ସ୍କୁଲ୍‌ରେ ସେ ତାଙ୍କର ଅସ୍ଥାୟୀ କଳାକୁଞ୍ଜ ନେଇ ଏକକ ଅଭିନୟ

ପାର୍ଟି, ପିକ୍‌ନିକ୍, ଆସରରେ ପିଆପିଇ କଲେ, ତାଙ୍କର ବାରଣ ନଥିଲା । ଏ କଥାଟି ବଂଶୀବାବୁ ଏଯାଏଁ ବି ଜାଣିନଥିବେ, ଏବେ ମୁଁ ସେ କଥାଟି ଲେଖି ଦେଉଛି । କାରଣ, ସେ ଏବେ ସେ କଥା ଜାଣିଲେ ବି ମତେ ଆଉ ଖରାପ ଭାବିବେ ନାହିଁ ।

ଚିଲିକା କୂଳର ବରକୂଳ ଡାକବଙ୍ଗଳାରେ ଆମେ ଗୋଟେ ସିରିଏଲ୍‌ର ସ୍କ୍ରିପ୍ଟ୍ କରୁଥିଲୁ । ବଂଶୀବାବୁ ଲେଖିବାରେ ମୋଟେ ସ୍ପିଡ୍ ନେଉ ନଥିଲେ ।

ମୁଁ କ'ଣ କଲି ନା, ଥମ୍ସ୍‌ଅପ୍‌ରେ ଟିକେ 'ରମ୍' ମିଶେଇକି ତାଙ୍କୁ ପିଇବାକୁ ଦେଲି । ପନ୍ଦର ମିନିଟ୍‌ରେ କାମ ଦେଖେଇଲା ରମ୍ । ରାତି ଦଶଟା ସୁଦ୍ଧା ପାଂଚ ଏପିସୋଡ଼୍‌ର ଡାଏଲଗ୍ ଶେଷ୍ ।

ବଂଶୀବାବୁ କାଳିସୀ ଲାଗିଲା ପରି ଲେଖି ଚାଲିଲେ । ତା' ପରଦିନ ସାକଳ ୮ଟାରେ ଉଠିଲେ । ମତେ ପଚାରିଲେ: କେମିତି ଲେଖିଲି ଏତେ ? କୋଉଠୁ ଆସିଲା ଏତେ ଫ୍ଲୋ... ?

ମୁଁ ଖାଲି ହସିଲି । କହିଲି, ଆପଣଙ୍କ ଭିତରେ ବହୁତ ଫ୍ଲୋ... । ଆପଣ ବାଟ ଖୋଲୁ ନାହାନ୍ତି, ଏଣୁ ସେସବୁ ଅଟକି ଯାଉଛି ।

ସେ କହିଲେ: ସାଧୁ ମେହେରଙ୍କ ସ୍କ୍ରିପ୍ଟ କଲାବେଳେ ବି ଏମିତି ହୋଇନଥିଲା ।

(ବଂଶୀବାବୁ ! ମତେ କ୍ଷମା କରିବେ । ଏକଥା ମୁଁ ଏତେ ଦିନପରେ, ମାନେ ତେଇଶି ବର୍ଷ ପରେ କହିବାକୁ ସାହସ କଲି । କାରଣ, ଏବେ ଆଉ ମୋ ଉପରେ ରାଗିବେ ନାହିଁ (ଆପଣ ତ ରାଗନ୍ତି ନାହିଁ) କି ଅଭିମାନ କରିବେ ନାହିଁ ।

ଅନେକଗୁଡ଼ାଏ ଅକୁହା କଥା ଆମ ଭିତରେ ଅଛି । ଥାଉ ସେଗୁଡ଼ା । କିଛି ସିରିୟସ୍ କଥା ବି ଅଛି । ସେ ଆମ ଭିରେ



କରୁଥିଲେ । ତା'ର ନାଁ ବୋଧେ ଥିଲା 'ବାଂଛାନିଧି କଳାକୁଞ୍ଜ' । ତାଙ୍କ ଉପରେ ଗୋଟେ documentary କରିବା ପାଇଁ ଦୂରଦର୍ଶନରୁ ଅନୁମତି ମିଳିଥିଲା । ତା'ର ସ୍କ୍ରିପ୍ଟ ଲେଖୁଥିଲେ ବଂଶୀବାବୁ । ଆମେ ତାର ସୁଟିଂ ପାଇଁ ବାଂଛାନିଧିଙ୍କ ଗାଁ 'ଭାବେରା'କୁ ଯାଇଥିଲୁ । କେବଳ ସେଇ ଗୋଟେ ନୁହେଁ କିଛି documantary ଓ ଟେଲିଫିଲ୍ମ କାମ ସେ ମୋ ସହ କରିଥିଲେ ନିଷ୍ଠାର ସହ । କାମବେଳେ ସେ ଭୋକଶୋଷ ଭୁଲି ଯାଉଥିଲେ । ଖାଲି ସିଗାରେଟ୍ ଓ ଚା' ହେଲେ ଚାଲିଲା କାମ । କାମ ପରେପରେ ଫେରି ଆସୁଥିଲେ ଘରକୁ । ଗୀତା ଭାଉଜଙ୍କ ବିନା ଯେମିତି ସବୁଥାଇ ବି ସେ ଶୂନ୍ୟ ହୋଇ ଯାଉଥିଲେ । ପିଲାମାନଙ୍କୁ ଦେଇଥିଲେ ପ୍ରଚୁର ସ୍ୱାଧିନତା । ତାଙ୍କ ପରି ତାଙ୍କ ବଡ଼ପୁଅ ଥିଲା ସିନେମା ପାଗଳ । ଏମିତିକି ଓଡ଼ିଆ ସିନେମା, ସିରିଏଲ୍ ଏସବୁର ଟିକିନିଖି ଖବର ଥିଲା ତା' ତୁଣ୍ଡେତୁଣ୍ଡେ ।

ନୂଆବର୍ଷ ଦିନ ବଂଶୀବାବୁଙ୍କ ଘରେ ପହଂଚି ଦେଖିଲି, ତାଙ୍କ ବଡ଼ପୁଅ ବାହା ହେଇଯାଇଛି ଓ ଗୋଟେ କୁନିପୁଅର ବାପା ହୋଇଯାଇଛି । ହେଲେ ଓଡ଼ିଆ ସିନେମାର ସବୁ ଖବର ଅଛି ତା' ପାଖେ ।

ବଂଶୀବାବୁ ଅର୍ଡ଼ର ଦେଲେ: ଗୀତା ! ଅଜୟ ବାବୁଙ୍କ ପାଇଁ ଏକ୍‌ଦମ୍ ସ୍ପେଶାଲ୍ ଚା' । ଭଲ ପାଉଥିବା ଲୋକର ହାତ ତିଆରି ଚାଲୁ ଚା'ବି ଡବଲ୍ ସ୍ପେଶାଲ୍ ଚା'ଠୁ ବି ବେଶି ଭଲଲାଗେ । ଏକଥା ମୁଁ ଜାଣେ । ବଂଶୀବାବୁ ବି ଜାଣନ୍ତି ।

ମୁଁ ତାଙ୍କୁ 'ମହଲ' କଥା ପଚାରିଲି । ତାଙ୍କର ପୁରୁଣା 'ମହଲ' ସବୁ ଆଲ୍‌ମାରୀରୁ କାଢି ଦେଖାଇଲେ । ଟେଡଲ୍ ମେସିନ୍ ଓ ସୀସା ଅକ୍ଷରରେ ଛପା ସେ ଅକ୍ଷର ସବୁ ମତେ ଦିଶିଲେ ଗୋଟିଏ ଗୋଟିଏ ଚିତ୍ର ପରି ।

ପ୍ରେସ୍‌ରେ ଚାକିରି କରିଥିବା ଜଣେ ଅକ୍ଷର କଂପୋଜିଟର୍ କେମିତି ସୀସାଫଣ୍ଟ୍‌ମାନଙ୍କୁ ମାଟିରେ ପୋତି ଗଛଟିଏ ଉଠିବା ଓ ସେଥିରେ ଅକ୍ଷର ଫଳିବାର ସ୍ୱପ୍ନ ଦେଖିଥିଲେ, ସେଇ ଗପଟି ମନେ ପଡ଼ିଲା । ମତେ କାନ୍ଦ ବି ଲାଗିଲା । କାହିଁକି ଲାଗିଲା ମୁଁ ଜାଣିନି । ମୁଁ ଦେଖିଲି, ବଂଶୀବାବୁଙ୍କ ଆଖିରେ ବି ଲୁହ ବୁନ୍ଦାଟେ ଟଳମଳ ହେଉଛି ।

ମତେ ଲାଗିଲା, ଖୋର୍ଧା ଲୁଙ୍ଗିପିନ୍ଧା ସମ୍ରାଟଟିଏ ବସିଛି ଗୋଟେ ଭଙ୍ଗା ସିଂହାସନରେ । ପଛରେ ଭଙ୍ଗା, ଚୁନ ଓ ରଂଗଛଡ଼ା ଅଧାଭଂଗା ମହଲ ସିଲ୍‌ହଟ୍ । ପଛରେ କୁହୁଡ଼ିର ଇନ୍ଦ୍ରଧନୁ । (କୁହୁଡ଼ି ଭିତରେ ବି ଇନ୍ଦ୍ରଧନୁ ଥାଏ ?)

ମୁଁ ପଚାରିଲି: କ'ଣ ଏବେ କରିବାକୁ ଇଚ୍ଛା କରୁଛନ୍ତି ? ବଂଶୀବାବୁ ଆଖିର ଟୁଳୁମୁଳୁ ଲୁହକୁ ଆଖିରେ ଚାପି ଦେଇ କହିଲେ, ପୁଣି 'ମହଲ' ଗଢ଼ିବାକୁ ଇଚ୍ଛା । ଚକ୍‌ଚକ୍ ନହେଉ ପଛେ, ବ୍ଲାକ୍ ଏଣ୍ଡ ହ୍ୱାଇଟ୍‌ର କଭର୍ ହେଉ ପଛେ । ଓଡ଼ିଆ ସାହିତ୍ୟକୁ ଫୁଟ୍‌ପାଥ୍ ଉପରୁ ପୁଣି ଉଠେଇ ମହଲରେ ଥାପିବାର ଇଚ୍ଛା ।

ମୁଁ ହସିଲି । ଜାଣେ, ଏସବୁ ଏଇ ଠକ, ବିଜ୍ଞାପନ, ଧରାଧରି ଯୁଗରେ ସେ ଖୋର୍ଧାର ନିଦା ପଥରରେ ଆଉ ମହଲ ତିଆରି କରିପାରିବେନି ।

ନୂଆବର୍ଷର ନିଦ ବଢୁଥିଲା । ତାଙ୍କର ଦେହ ବି ବହୁତ ଖରାପ ଥିଲା । ବଡ଼ଝିଅ ତାଙ୍କୁ ଭୁବନେଶ୍ୱର ଏମ୍‌ସ୍ ହସ୍‌ପିଟାଲ୍‌ରେ ମାସେ ଚିକିତ୍ସା କରେଇଥିଲା । ଯଦିଓ ଆଗ ଅପେକ୍ଷା ଟିକେ ସେ ମନ୍ଥର ଥିଲେ, କିନ୍ତୁ ଆଗ ପରି ଥିଲେ ସେମିତି ପ୍ରଗଳ୍‌ଭ । ବରଂ ଆଗ ଅପେକ୍ଷା ବେଶି ସ୍ୱପ୍ନ ଥିଲା ତାଙ୍କ ଆଖିରେ ।

ସ୍ୱପ୍ନକୁ ନେଇ ସେ କେବେ ବ୍ୟବସାୟ କରିବାକୁ ଚାହିଁ ନଥିଲେ । ସାହିତ୍ୟକୁ ନେଇ କେବେ ସେ ରୋଜଗାର କରିବାକୁ ଚାହିଁ ନଥିଲେ । ସେତେବେଳେ ତାଙ୍କ 'ମହଲ'ରେ ବିଜ୍ଞାପନ ବି ନଥିଲା । ନିଜ ଦରମାରୁ, ଯତ୍‌କିଞ୍ଚିତ୍ ରୋଜଗାରରୁ, ଧାର୍‌କରଜ କରି ସେ ନିୟମିତ 'ମହଲ' ପ୍ରକାଶ କରୁଥିଲେ । ଅନେକ ଲେଖକ ତାଙ୍କର ଅତିଥି ହେଉଥିଲେ । କେବଳ ସାହିତ୍ୟିକ ନୁହଁନ୍ତି । ଅନେକ ସିନେମାବାଲା, ନାଟୁଆ ବି ତାଙ୍କ ଘରେ ଅତିଥି ହେଉଥିଲେ । ମାତ୍ର ବଂଶୀବାବୁ କେବେ କାହାର ଅତିଥି ହେବା ମୁଁ ଜାଣିନି । ଖୋର୍ଧା, ଗୀତା ଓ ତାଙ୍କ ପରିବାର ଛଡ଼ା, ବୋଧହୁଏ ତାଙ୍କୁ ଆଉ କୋଉଠି ଭଲ ଲାଗୁନଥିଲା ।

ମୁଁ ତାଙ୍କୁ ଆଶ୍ୱାସନା ଦେଲି: ଆପଣ ପାରିବେ ।

- ପାରିବି ? ବଂଶୀବାବୁଙ୍କ ମୁହଁରେ ହସ ।

- ଯାହାହେଉ, ଏ ନୂଆବର୍ଷରେ ଆପଣଙ୍କ ସହ ଭେଟ, ପୁଣି ମୁଁ 'ମହଲ'ର ସ୍ୱପ୍ନ ପୂରଣ କରି ପାରିବାର ଆଶା ଆପଣ ଦେଲେ । ମୁଁ ଖୁସି । ମୁଁ ଭାବୁଛି, ଗୋଟେ ବଡ଼ ଉପନ୍ୟାସ ଲେଖିବି ଏବଂ ସେଇଟା ହେବ ମୋର ଶେଷ ଉପନ୍ୟାସ । ଆଉ ସେଇଟାକୁ ଛାପିବ, ଗୀତା ପ୍ରକାଶନୀ, ଖୋର୍ଧା ।

ମୁଁ ଫେରିଲି ।

ନୂଆବର୍ଷ ଜାନୁଆରୀ ଏକ୍ ପରି ଛିଡ଼ା ହୋଇଥିଲେ ଶ୍ରୀ ବଂଶୀଧର ରାଉତ । ଦମ୍ଭ ହୋଇ, ଯେମିତି ଛିଡ଼ା ହେଉଥିଲେ କୋଡ଼ିଏ ବର୍ଷ ତଳେ ।

WELLWISHER

# ଶବର ଦେବତାଙ୍କ ତୀର୍ଥ ଶାବର



# ଶ୍ରୀକ୍ଷେତ୍ର



ନୀଳଗିରିର ନୀଳକନ୍ଦରରେ ମହାପ୍ରଭୁ ନୀଳମାଧବ ରୂପେ ଶବର ବିଶ୍ୱାବସୁଙ୍କ ଦ୍ୱାରା ପୂଜିତ ହୋଇ ଆସୁଥିଲେ । କାଳକ୍ରମେ ନୀଳମାଧବ ଦାରୁରୂପ ପରିଗ୍ରହ କରି ଚତୁର୍ଦ୍ଧା ମୂରତି ହୋଇ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀମନ୍ଦିରରେ ବିଜେକଲେ । ପବିତ୍ର ଇନ୍ଦ୍ରଦ୍ୟୁମ୍ନ-ଗୁଣ୍ଡିଚାଙ୍କ ପ୍ରସଙ୍ଗ ଓଡିଶାରେ ଜଗନ୍ନାଥ ଉପାସନାର ମୁଖ୍ୟ ଉପଜୀବ୍ୟ ହୋଇ ରହିଛି । କିନ୍ତୁ ଦାରୁବ୍ରହ୍ମ ଯେ ମୂଳତଃ ଶବର ଦେବତା ଏକଥାରେ କୌଣସି ଦ୍ୱିମତ ନାହିଁ । ଓଡିଶାର ଆଦିବାସୀ ବହୁଳ ଅଂଚଳ ଭାବରେ ଅବିଭକ୍ତ କୋରାପୁଟ ଜିଲ୍ଲା ଖୁବ୍ ପରିଚିତ । ଅଧୁନା ଏହା ଚାରିଭାଗରେ ବିଭକ୍ତ ହୋଇ ମାଲକାନଗିରି, ନବରଙ୍ଗପୁର, କୋରାପୁଟ ଓ ରାୟଗଡ ଜିଲ୍ଲାରେ ପରିଣତ ହୋଇଛି । ଏସବୁ ଜିଲ୍ଲାରେ ସଉରାମାନଙ୍କ ଜଗନ୍ତା ଓ କିତୁଙ୍ଗ, କୋୟାମାନଙ୍କର ଜଗାରାଜୁ, କନ୍ଧମାନଙ୍କର ଜଗାୟା, ଗାଦବାଙ୍କର ଜଗତା ଭାବରେ ଜଗନ୍ନାଥ ପରିଚିତ । ମୁଖ୍ୟତଃ ସଉରାଙ୍କ ଜଗନ୍ତା-ଜଗନ୍ନାଥ, କୋରାରାଜୁ-ବଳଭଦ୍ର, ମୁତ୍ୟାଲୁଆମା-ସୁଭଦ୍ରା ଓ ମାରାଡି-ମହାଲକ୍ଷ୍ମୀ ଭାବରେ ଠାକୁରମାନେ ପୂଜିତ ହୁଅନ୍ତି ।

"କୋରାପୁଟ ଠାରେ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠା ଯେତିକି ଆକସ୍ମିକ ସେତିକି ଅଲୌକିକ । ପୁରାଣ ଇତିହାସର ଇଏ ଅଦେଖା ପୁରୁଣା


**ଡମ୍ବରୁଧର ପଟ୍ଟନାୟକ**

ସାହିତ୍ୟାୟନ, କୋ-ଅପରେଟିଭ୍ କଲୋନୀ, ୨ୟ ଗଳି,
ରାୟଗଡ-୭୬୫୦୦୧
ଫୋନ: ୮୧୪୪୮୯୫୭୯୯


ଫଟୋ ସୌଜନ୍ୟ : ଲେଖକ



ଲେଖକ ଡମ୍ବରୁଧର ପଟ୍ଟନାୟକ

କଥା ନୁହେଁ । ଏହା ଏହି ସମୟର କଥା, ଅନେକ ଦର୍ଶକଙ୍କ ସମ୍ମୁଖରେ ଘଟିଥିବା କଥା । ୧ ୯ ୭ ୨ ମସିହା ମେ ମାସ ୬ ତାରିଖରୁ ୯ ତାରିଖ ଚାରିଦିନ ଧରି କୋରାପୁଟ ଦୟାନନ୍ଦ ଆଙ୍ଗ୍ଲୋ-ବେଦିକ ମହାବିଦ୍ୟାଳୟରେ ଜଗନ୍ନାଥ ଧର୍ମ ଓ ସଂସ୍କୃତି ଉପରେ ଏକ ସର୍ବଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେଉଥାଏ । ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ପଣ୍ଡିତ ଗବେଷକ ଏହି ସମ୍ମିଳନୀରେ ଯୋଗ ଦେଇଥାନ୍ତି । ଶ୍ରୀଜଗନ୍ନାଥଙ୍କ ଲୀଳା ଉପରେ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ । ଏହି ପରିବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏକ ଅଦ୍ଭୁତ ଲୀଳା ପ୍ରଦର୍ଶନ କଲେ । ମହାପ୍ରଭୁ କାଳେକାଳେ ତାଙ୍କରି ଇଚ୍ଛାକୁ ରୂପାୟିତ କରିବା ପାଇଁ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଆଧାର କରିଥାନ୍ତି । ଉପରୋକ୍ତ ପ୍ରଦର୍ଶନୀ ମଣ୍ଡପର ଗୋଟିଏ କୋଠରୀରେ ଶ୍ରୀଜଗନ୍ନାଥଙ୍କର ମୂର୍ତ୍ତିଟିଏ ସ୍ଥାନ ପାଇଥାଏ । ସଂଧ୍ୟାକାଳ । ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅସଂଖ୍ୟ ଜନସମାଗମ । ଏତିକିବେଳେ ଏକ ଅପୂର୍ବ ଘଟଣା ସଂଘଟିତ ହେଲା । ଦେଖାଗଲା ଜନଗହଳି ଭେଦକରି ଦୂର ଶବର ପଲ୍ଲୀରୁ ଆସିଥିବା ଆଦିବାସୀ ରମଣୀଟିଏ ପୂର୍ବୋକ୍ତ ପ୍ରଦର୍ଶନୀ ପ୍ରକୋଷ୍ଠରେ ପ୍ରବେଶ କରି ନିଜ ପଣତକାନିରେ ବାନ୍ଧି ଆଣିଥିବା ବନ୍ୟଜାତ ଫଳ କିଛି ବାହାର କରି ଠାକୁରଙ୍କ ରଙ୍ଗ ଅଧରରେ ଘଷୁଛି । ରମଣୀଟି ଭାବବିହ୍ୱଳ ହୋଇପଡୁଛି । ଠାକୁରଙ୍କ ଶ୍ରୀମୁଖରେ ସେ ବାରମ୍ବାର ଚୁମ୍ବନ ଦେଉଛି। ଆଖିରୁ ତାର ଝରିପଡୁଛି ଅଜସ୍ର ଆନନ୍ଦାଶ୍ରୁ । ଏହି ଅଲୌକିକ ଲୀଳା ଦେଖିବା ପାଇଁ ସଭାମଣ୍ଡପରୁ ଉଠିଆସିଲେ ସମ୍ମିଳନୀର ନିର୍ଦ୍ଦେଶକ ପଣ୍ଡିତ ସଦାଶିବ ରଥଶର୍ମା ମହୋଦୟ । ତାଙ୍କ ସଂଗରେ ଥିଲେ ଅନ୍ୟାନ୍ୟ ଗବେଷକ ଓ ପ୍ରତିନିଧି। ଅଗଣିତ ବିଦ୍ୱାନଙ୍କ ସମ୍ମୁଖରେ ଏ ଦୃଶ୍ୟ ଉପଭୋଗ କରୁକରୁ ତାଙ୍କ କଣ୍ଠରୁ ସ୍ୱତଃ ନିର୍ଗତ ହୋଇପଡିଲା- 'ଇଏ ଶାବର ଶ୍ରୀକ୍ଷେତ୍ର । ଏ କ୍ଷେତ୍ରରେ ଶବରୀର ଅନନ୍ୟ ଭକ୍ତି ସ୍ୱୀକାର କରୁଛନ୍ତି ଠାକୁରେ ।' କୋରାପୁଟର ସଂସ୍କୃତିପ୍ରେମୀ ଜନମାନସରେ ଏହିଠାରୁ ଶାବର ଶ୍ରୀକ୍ଷେତ୍ର ପ୍ରତିଷ୍ଠାର ମୂଳଦୁଆ ପଡିଥିଲା ।"
**(ଶାବର ଶ୍ରୀକ୍ଷେତ୍ର ଇତିହାସ/ଶ୍ରୀ ନୀଳାଦ୍ରି ପଟ୍ଟନାୟକ, ପୃଷ୍ଠା ୧୫-୧୬)**

କୋରାପୁଟ ସହରର ମଝିରେ ଥିବା ଏକ ପାହାଡ ଉପରେ ମନ୍ଦିର ତିଆରି କରିବାର ଯୋଜନା ହେଇଗଲା । ଜୁନ୍ ୧୬, ୧ ୯ ୭ ୨ ଦିନ ତତ୍କାଳୀନ କୋରାପୁଟ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏବଂ ସେଇ ବୈଠକରୁ ଜନ୍ମ ନେଇଥିଲା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସଂସ୍ଥା । ସଂସ୍ଥା ତରଫରୁ ନିଷ୍ପତ୍ତି ନିଆଗଲା ଯେ ପାହାଡ ଉପରେ ମନ୍ଦିର ନିର୍ମାଣ କରାଯିବ । ପ୍ରଥମେ



**ଶାବର ଶ୍ରୀକ୍ଷେତ୍ରର ନାମକରଣ ତଥା ଏଠାରେ ଶ୍ରୀଜଗନ୍ନାଥଙ୍କ ଆକସ୍ମିକ ବିଜେ ହେବା ଆମର ସାମାଜିକ ତଥା ସାଂସ୍କୃତିକ ଇତିହାସରେ ଗତ ଶତାବ୍ଦୀର ସପ୍ତମ ଦଶକରେ ଏକ କ୍ରାନ୍ତିକାରୀ ଅଧ୍ୟାୟ । ଶବର ଅଧ୍ୟୁଷିତ ଭୂମିରେ ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ଓ ପ୍ରସାର ପାଇଁ ବହୁ ସଫଳ ପ୍ରୟାସ ଅନେକଙ୍କୁ ଉଦ୍‌ବୋଧିତ କରିଛି । ସ୍ୱଳ୍ପକାଳ ଭିତରେ ଏ କ୍ଷେତ୍ରର ଶ୍ରୀବୃଦ୍ଧି ଓ ପ୍ରତିଷ୍ଠା ଅନେକଙ୍କୁ ଅଭିଭୂତ କରେ, ଶ୍ରୀ ମହାପ୍ରଭୁଙ୍କ ଉପରେ ଭରସା ଆସିଯାଏ । ଯୁଗପତ୍ ଆନନ୍ଦ ଓ ଭକ୍ତି ଭରିଯାଏ ଭକ୍ତ ପ୍ରାଣରେ । ସମଗ୍ର ବ୍ରହ୍ମାଣ୍ଡକୁ ଚାହିଁ ରହିଥିବା ତାଙ୍କର ବର୍ତ୍ତୁଳାକାର ନୟନ ସମସ୍ତଙ୍କ ହୃଦୟକୁ ଉଦ୍‌ଭାସିତ କରୁ । ଜୟ ଜଗନ୍ନାଥ ।**

**ଉମାକାନ୍ତ ଦାଶ**
ସଂପାଦକ-ଶାବର ଶ୍ରୀକ୍ଷେତ୍ର ସମାଚାର ପତ୍ରିକା



**୧୯୭୨ ମସିହାରେ ପ୍ରତିଷ୍ଠିତ ଶାବର ଶ୍ରୀକ୍ଷେତ୍ର ଦୀର୍ଘ ୪୮ବର୍ଷ ଧରି କୋରାପୁଟ ଭୂଖଣ୍ଡରେ ଶ୍ରୀଜଗନ୍ନାଥଙ୍କର ମହାନ ସଂସ୍କୃତିକୁ ପ୍ରଚାର ଓ ପ୍ରସାର କରିବାରେ ଲାଗିଛି । ଜଗତର ନାଥ ଜଗନ୍ନାଥ । ତାଙ୍କଠାରେ ସବୁ ଧର୍ମ ଓ ସବୁ ମତବାଦର ସମନ୍ୱୟ ଘଟିଥାଏ । ସେଥିପାଇଁ ତ ଶାବର ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ଦ୍ୱାର ସମସ୍ତଙ୍କ ପାଇଁ ଖୋଲା । ଏ ମନ୍ଦିରରେ ଆଦିବାସୀମାନଙ୍କୁ ପୂଜା, ଆରାଧନା ଓ ପରିଚାଳନାରେ ସାମିଲ କରାଯାଇଛି । ରଥଯାତ୍ରା କାଳରେ ଆଦିବାସୀ ଗ୍ରାମର ଜଣେ ମୁଖିଆଙ୍କୁ ଛେରାପହଁରା କରିବାର ଅଧିକାର ଦିଆଯାଇଥାଏ । କିଛି ଆଦିବାସୀ ଉପାସିତ ଦେବାଦେବୀଙ୍କୁ ଶାବର ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠା କରାଯାଇ ପୂଜାବିଧି ପାଳନ କରାଯାଉଛି । ଏଣୁ ଶାବର ଶ୍ରୀକ୍ଷେତ୍ରର ଖ୍ୟାତି ବଢିଚାଲିଛି । ପ୍ରତିଦିନ ଶହଶହ ସଂଖ୍ୟାରେ ଭକ୍ତ ଓ ପର୍ଯ୍ୟଟକ ଏ ପୀଠ ଦର୍ଶନରେ ଆସି ପରମ ଶାନ୍ତି ଲାଭ କରୁଛନ୍ତି ।**

**ଜଗବନ୍ଧୁ ସାମଲ**
ଯୁଗ୍ମ-ସଂପାଦକ, ଶା.ଶ୍ରୀ.ପ.ସଂ



**ଶ୍ରୀଜଗନ୍ନାଥଙ୍କୁ ନିଜର ବୋଲି ଭାବୁଥିବା ପ୍ରତ୍ୟେକ ଲୋକର ଇଚ୍ଛା ଥାଏ ଯେ ଏ ସଂସାର ଛାଡିବା ପୂର୍ବରୁ ସେ ଥରେ 'ଚାରିଧାମ' ଦର୍ଶନ କରନ୍ତା । କିନ୍ତୁ ନାନାବିଧ କାରଣରୁ ସମସ୍ତଙ୍କର ଏ ଇଚ୍ଛା ପୂରଣ ହୋଇନଥାଏ । ସେହି ମୁକ୍ତିକାମୀ ମଣିଷମାନଙ୍କ ପାଇଁ ଶାବର ଶ୍ରୀକ୍ଷେତ୍ରର ଦ୍ୱାର ସର୍ବଦା ଉନ୍ମୁକ୍ତ, ଯେଉଁଠି ସେମାନେ ଚାରିଧାମ ଭ୍ରମଣର ଆନନ୍ଦ ଉପଲବ୍‌ଧି କରିବା ସଂଗେସଂଗେ ସମଗ୍ର ଉତ୍କଳ ଓ ଭାରତଖଣ୍ଡର ପ୍ରସିଦ୍ଧ ଦେବଦେବୀମାନଙ୍କର ଦର୍ଶନ ଲାଭ କରିପାରିବେ । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଭକ୍ତମାନଙ୍କୁ ଆକୃଷ୍ଟ କରୁଥିବା ପାବନ କ୍ଷେତ୍ର ହେଉଛି ଶାବର ଶ୍ରୀକ୍ଷେତ୍ର । କୋରାପୁଟକୁ ଆସୁଥିବା ଦେଶୀ-ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରସ୍ଥଳୀ ହେଉଛି ଶାବର ଶ୍ରୀକ୍ଷେତ୍ର ।**

**ବିଜୟ କୁମାର ପ୍ରଧାନ**
ସହ-ସଂପାଦକ-ଶାବର ଶ୍ରୀକ୍ଷେତ୍ର ସମାଚାର ପତ୍ରିକା



ଦାରୁବିଗ୍ରହ ନିର୍ମାଣ କରିବା ପାଇଁ ପଣ୍ଡିତ ସଦାଶିବ ରଥଶର୍ମା ୧୯୬୯ ମସିହାରେ ହୋଇଥିବା ନବକଳେବର ପାଇଁ ଆସିଥିବା ଦାରୁରୁ ବଳି ଯାଇଥିବା ଦାରୁଗଣ୍ଡିମାନ ଶ୍ରୀମନ୍ଦିର ତରଫରୁ କୋରାପୁଟ ଜଗନ୍ନାଥ ମନ୍ଦିର ପାଇଁ ଯୋଗାଇ ଦେଲେ । ଶ୍ରୀକ୍ଷେତ୍ରର ସୁଦକ୍ଷ ବିନ୍ଧାଣିମାନେ ଶ୍ରୀବିଗ୍ରହ ତିଆରି କଲେ ଓ କୋରାପୁଟରେ ତିନିଠାକୁର ବିଜେକଲେ ପାହାଡ ଉପରେ ତିଆରି ହୋଇଥିବା ପ୍ରାଥମିକ କାଠଖୁଣ୍ଟ ଓ ପିଚୁଟିଣମରା ଅସ୍ଥାୟୀ ମନ୍ଦିରରେ । ୧୯୭୨ ମସିହା ଜୁନ୍ ମାସ ୯ ଓ ୧୦ତାରିଖ ଦୁଇଦିନ ଧରି ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମାହିତ ହୋଇଥିଲା । ୧୧ ତାରିଖରେ ନବଯୌବନ ଦର୍ଶନ ଓ ୧୨ ତାରିଖରେ ଅନୁଷ୍ଠିତ ହୋଇଥିଲା ଶାବର ଶ୍ରୀକ୍ଷେତ୍ରର ପ୍ରଥମ ରଥଯାତ୍ରା । ଏତେ କମ୍ ସମୟ ମଧ୍ୟରେ ଅସ୍ଥାୟୀ ମନ୍ଦିର, ଦାରୁ ବିଗ୍ରହ ପ୍ରତିଷ୍ଠା ଓ ରଥଯାତ୍ରା ଅନୁଷ୍ଠିତ ହେବା କିଛି କମ୍ ବିସ୍ମୟର କଥା ନୁହେଁ । ଠାକୁରେ ନଚାହିଁଲେ ଏହା ସମ୍ଭବ ହୁଅନ୍ତା ନାହିଁ ନିଶ୍ଚୟ । ପ୍ରଥମ ରଥଯାତ୍ରାରୁ ହିଁ ଜଣେ ଶବର ରଥରେ ଛେରାପହଁରା କରିବାର ପରଂପରା ଆରମ୍ଭ କରାଗଲା ଯାହା ଅଦ୍ୟାବଧି ବଳବତ୍ତର ରହିଛି । ଅଣସର ଦିନମାନଙ୍କରେ ସେହି ଶବରମାନେ ହିଁ ଏଠାରେ ଗୁପ୍ତ ପୂଜା କରନ୍ତି ।

୧୯୭୩ ମସିହା ଜୁଲାଇ ୧୧ ତାରିଖ ଏକାଦଶୀ ତିଥିରେ ମୁଖ୍ୟ ମନ୍ଦିରର ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହେବା ଠାରୁ ବହୁ ଘାତପ୍ରତିଘାତ ମଧ୍ୟରେ ୧୯୭୮ ମସିହା ବେଳକୁ ମୁଖ୍ୟମନ୍ଦିରର ନିର୍ମାଣ ସରି ସେହିବର୍ଷ ଜୁନ୍ ୭,୮,୯ ତିନିଦିନ ଧରି ମୁଖ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଷ୍ଠା ଉତ୍ସବରେ ସ୍ୱୟଂ ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ପୌରୋହିତ୍ୟ କରି ଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିଲେ। ୧୯୮୨ ମସିହା ଏପ୍ରିଲ ୨୪,୨୫,୨୬



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ପାବନ ଅଧିଷ୍ଠାନକୁ ନେଇ ଶାବର ଶ୍ରୀକ୍ଷେତ୍ର ଆଜି ସୁପରିଚିତ । ଆଦିବାସୀ ଅଧ୍ୟୁଷିତ ଏହି ଭୂମିରେ ଶ୍ରୀଜଗନ୍ନାଥ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ଦେବତା । ଭକ୍ତମାନଙ୍କର ଶ୍ରଦ୍ଧାକୁ ନେଇ ଏଠାରେ ସବୁ ସଂଚାଳିତ ହୁଏ । ସେଇ ଶବର ଉପାସିତ ପ୍ରଭୁଙ୍କୁ ନେଇ ଏ କ୍ଷେତ୍ର ଆଗେଇ ଚାଲିଛି । ୨୦୧୯ ମସିହାରେ ଏଠାରେ ପ୍ରଥମ କରି ତିନି ଠାକୁରଙ୍କୁ ତିନି ରଥରେ ବସାଇ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ମୋର ଅହୋଭାଗ୍ୟ ଯେ ମୁଁ ତାଙ୍କର ସେବା କରିବାର ସୁଯୋଗ ପାଇଛି । ପ୍ରଭୁ ତୁମର ଜୟ ହେଉ ।

**ଗଦାଧର ପରିଡା**
ସଂପାଦକ, ଶା.ଶ୍ରୀ.ପ.ସଂ.



'ଶାବର ଶ୍ରୀକ୍ଷେତ୍ର' ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ୟତମ ପ୍ରଖ୍ୟାତ ପୁଣ୍ୟପୀଠ । ଶ୍ରୀକ୍ଷେତ୍ର ପୁରୀ ଓ ଶାବର ଶ୍ରୀକ୍ଷେତ୍ର କୋରାପୁଟ ମଧ୍ୟରେ ଅନେକ ସାମସ୍ୟ ରହିଛି । ଦଇତାପତିମାନେ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ପୂଜକ ଓ ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ଓଡିଶାର ଅନ୍ୟତମ ପ୍ରାଚୀନ ଅଧିବାସୀ ଓ ଭକ୍ତ ଶବର ବା ସଉରାମାନଙ୍କ ଦ୍ୱାରା ପୂଜିତ । ସଉରାମାନଙ୍କ ଦାରୁଦେବତା 'ଜଗ' ଶାବର ଶ୍ରୀକ୍ଷେତ୍ର କୋରାପୁଟର ଶ୍ରୀଜଗନ୍ନାଥଙ୍କ ଆଉ ଏକ ସ୍ୱରୂପ । ଓଡିଶାର ସକଳ ତୀର୍ଥ ଓ ସର୍ବଭାରତୀୟ ପ୍ରମୁଖ ଦେବଦେବୀଙ୍କୁ ଏଠାରେ ପୁନଃସ୍ଥାପନ କରାଯାଇଥିବାରୁ ବିନ୍ଦୁ ଭିତରେ ସିନ୍ଧୁର ଅନୁଭବକୁ ପ୍ରାପ୍ତ କରି ଯେ କୌଣସି ଦର୍ଶକ ବିଭୋର ତଥା ଚକିତ ହୋଇଥାଏ ।

**ଡକ୍ଟର କମଳାକୃଷ୍ଣ ତ୍ରିପାଠୀ**
ବିଶିଷ୍ଟ କବି ଓ ଗବେଷକ



ଶାବର ଶ୍ରୀକ୍ଷେତ୍ର ଶାବର ଭୂମି ଭାବେ ପରିଚିତ ଅବିଭକ୍ତ କୋରାପୁଟ ଜିଲ୍ଲାକୁ ଜାତୀୟ/ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି । ଏହା ଶାବର ଭୂମିର ଧର୍ମ, ଦର୍ଶନ ଓ ସାଂସ୍କୃତିକ ପ୍ରଚାର ପ୍ରସାର ତଥା ପରିପ୍ରକାଶର ମାର୍ଗକୁ ସୁଗମ କରିପାରିଛି । ଏହି ଶାବର ଶ୍ରୀକ୍ଷେତ୍ର ହିଁ ଏ ଅଂଚଳର ଆଦିବାସୀ ଗୋଷ୍ଠୀକୁ ସେମାନଙ୍କ ମୂଳ ଧର୍ମଧାରଣା, ସାଂସ୍କୃତିକ ପରଂପରା, ବିଶ୍ୱାସ ଓ ବିଶ୍ୱତୋମୁଖୀ ବିଚାରବୋଧକୁ ବଂଚେଇ ରଖିବା କ୍ଷେତ୍ରରେ ସେମାନଙ୍କୁ ଯେମିତି ସଚେତନ କରିପାରିଛି ସେମିତି ପ୍ରକୃତି ଓ ପରିବେଶ ସୁରକ୍ଷାରେ ସେମାନଙ୍କ ଦାୟିତ୍ୱବୋଧ ସଂପର୍କରେ ଗୁରୁତ୍ୱ ଦେଇ ଅନେକ ଚିନ୍ତାଚେତନା ସହିତ ସେମାନଙ୍କୁ ପରିଚିତ କରାଇପାରିଛି । ମୋ ଦୃଷ୍ଟିରେ ଶାବର ଶ୍ରୀକ୍ଷେତ୍ର ହିଁ ଏହି ଶାବର ଭୂମିର ବାସ୍ତବ ଆତ୍ମ ପରିଚୟ ଭିନ୍ନ ଅନ୍ୟ କିଛି ହୋଇ ନପାରେ ।

**ଜଳଧର ସ୍ୱାଇଁ**
କୋରାପୁଟର ବରିଷ୍ଠ କବି ଓ ଶିକ୍ଷକ



ତାରିଖ ତିନିଦିନ ଧରି ବାଇଶିପାହାଚକୁ ଲାଗି ବାମପାର୍ଶ୍ୱରେ ତିଆରି ହୋଇଥିବା ଶବରେଶ୍ୱର ମନ୍ଦିର ପ୍ରତିଷ୍ଠା ହେଲା ଯେଉଁଠି ଶୈବପୀଠ ବାରାଣସୀରୁ ବାଣଲିଙ୍ଗ ଆଣି ସ୍ଥାପନା କରାଯାଇଛି ।

ଶାବର ଶ୍ରୀକ୍ଷେତ୍ରର ବିଶେଷତ୍ୱ ହେଉଛି ଯେ ଏହା ଠିକ୍ ପୁରୀ ଶ୍ରୀମନ୍ଦିର ଢାଂଚାରେ ତିଆରି କରାଯାଇଛି । ତେଣୁ ଏହାର ବେଢ଼ା ମଧ୍ୟରେ ଯଥାସ୍ଥାନରେ ଶ୍ରୀହନୁମାନ, ଶ୍ରୀଗଣେଶ, ସୂର୍ଯ୍ୟ, ନୃସିଂହ, ବିମଳା, ସରସ୍ୱତୀ, ଲଳିତାମ୍ବିକା(ପର୍ଣ୍ଣ ଶବରୀ), ଶ୍ରୀମହାଲକ୍ଷ୍ମୀ ଓ ନବଗ୍ରହ ମନ୍ଦିର ନିର୍ମାଣ କରାଯାଇଛି । ଏହିସବୁ ପାର୍ଶ୍ୱମନ୍ଦିରଗୁଡ଼ିକ ୧୯୮୮ ମସିହା ଫେବୃୟାରୀ ୨୫ ରୁ ୨୯ ତାରିଖ ମଧ୍ୟରେ ପ୍ରତିଷ୍ଠା କରା ଯାଇଥିଲା । ପାଚେରୀ ମଧ୍ୟ ମେଘନାଦ ପାଚେରୀ ଢାଂଚାରେ ତିଆରି ହୋଇଥିବାରୁ ଏହାକୁ ଦର୍ଶନ କଲେ ପୁରୀ ଶ୍ରୀମନ୍ଦିରର ଦର୍ଶନର ସ୍ମୃତି ମନରେ ଉଜାଗର ହୁଏ ।

ପୂର୍ବ ଦିଗପଟୁ ପାହାଚ ଚଢ଼ି ଆସିଲେ ଠିକ୍ ବାଇଶିପାହାଚ ପୂର୍ବରୁ ବାମପାର୍ଶରେ ପଡେ ବଟଗଣେଶ ଓ ଭାଗବତ ଘର । ଏହି ଭାଗବତ ଘର ମଧ୍ୟରେ ସ୍ଥାପିତ ହୋଇଛନ୍ତି ପଂଚସଖାଙ୍କ ସମେତ ଶ୍ରୀଚୈତନ୍ୟ ଓ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ବିଗ୍ରହ । ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ଓ ପରମଶାସ୍ତ୍ର ଭାଗବତର ପ୍ରଚାର ପ୍ରସାର ଦିଗରେ ଶାବର ଶ୍ରୀକ୍ଷେତ୍ର ପରିଚାଳନା ସଂସ୍ଥାଙ୍କ ଏହି ଉଦ୍ୟମ ଅଭିନବ ଓ ପ୍ରଶଂସନୀୟ ମଧ୍ୟ । ଏହାକୁ ଲାଗି ଉତ୍କଳଖଣ୍ଡ ବେଢ଼ାର ପରିକଳ୍ପନା କରାଯାଇଛି ଯେଉଁଠି ସମଗ୍ର ଉତ୍କଳର ପ୍ରମୁଖ ପ୍ରସିଦ୍ଧ ଦେବାଦେବୀଙ୍କ ମୂର୍ତ୍ତି ସ୍ଥାପନା କରାଯାଇଛି । ନିକଟରେ ରୋପିତ ହୋଇଛନ୍ତି କଳ୍ପବଟ ।



ଉତ୍କଳ ଖଣ୍ଡ ଦର୍ଶନ ସାରି ବାଇଶିପାହାଚ ଆଡକୁ ଗଲେ ଠିକ୍ ସିଂହଦ୍ୱାର ପାଖରେ ପଡେ ସୂଚନା କେନ୍ଦ୍ର ଓ ଶୁଖୁଲି ଭୋଗ ପ୍ରସାଦ କେନ୍ଦ୍ର । ଏହାର ବାମପାର୍ଶ୍ୱରେ ଗଲେ ଭାରତ ଦର୍ଶନ ବେଢ଼ା ବୁଲି ଭକ୍ତମାନେ ଭାରତର ବିବିଧ ପ୍ରସିଦ୍ଧ ଦେବାଦେବୀଙ୍କୁ ଦେଖିପାରିବେ । ଏଠାରେ ରହିଛି ତ୍ରିଧାମ ମଣ୍ଡପ ଓ ଯଜ୍ଞବେଦୀ । ଏହାର ଉଭୟ ପାର୍ଶ୍ୱରେ ଭକ୍ତଙ୍କ ପ୍ରସାଦ ସେବନ ପାଇଁ ତିଆରି ହେଇଛି ସୁବ୍ୟବସ୍ଥିତ ଆନନ୍ଦବଜାର । ସିଂହଦ୍ୱାରର ଡାହାଣ ପାର୍ଶ୍ୱରେ ରହିଛି ଶ୍ରୀମନ୍ଦିର କାର୍ଯ୍ୟାଳୟ ।

ଶାବର ଶ୍ରୀକ୍ଷେତ୍ର ମନ୍ଦିର ଯିବାକୁ ଯେଉଁ ପାହାଚ ଅଛି ସେଥିର ଦୁଇପାର୍ଶ୍ୱରେ ଅତିଥି ଭବନ ଓ ଅତିଥି ନିବାସ ନିର୍ମାଣ କରାଯାଇଛି । ବାହାରୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସୁଲଭ ମୂଲ୍ୟରେ ରହିବାର ବ୍ୟବସ୍ଥା ମଧ୍ୟ କରାଯାଇଛି ।

ଡି.ଏନ୍.କେ. ରୋଡ୍‌ରୁ ଶ୍ରୀମନ୍ଦିରକୁ ଗାଡ଼ିମଟର ଯାତାୟାତ ରାସ୍ତାରେ ଗଲେ ବାମପାର୍ଶ୍ୱରେ ପଡିବ ଜ୍ଞାନମନ୍ଦିର, ଯେଉଁଠି ଅଛି ଶାବର ଶ୍ରୀକ୍ଷେତ୍ର ଗବେଷଣା କେନ୍ଦ୍ର ଓ 'ଶାବର ଶ୍ରୀକ୍ଷେତ୍ର ସମାଚାର' (ମାସିକ ପତ୍ରିକା) କାର୍ଯ୍ୟାଳୟ । ଏଥିସହିତ ଡି.ଏନ.କେ. ମୁଖ୍ୟରାସ୍ତାର ବାମପଟରେ ରହିଛି ଯାତ୍ରୀ ବିଶ୍ରାମାଗାର, ଯାତ୍ରୀ ନିବାସ, ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା କେନ୍ଦ୍ର, ଆଦିବାସୀ ସଂଗ୍ରହାଳୟ ତଥା ଡାହାଣ ପାର୍ଶ୍ୱରେ ରହିଛି ଆଦିବାସୀଙ୍କ ଆରାଧ୍ୟ ନିଶାଣିମୁଣ୍ଡା ।

ମନ୍ଦିରକୁ ଲାଗି ଭାଗବତ ଘର ଓ ଭାଗବତ ଘରକୁ ଲାଗି ନିର୍ମିତ ହୋଇଥିଲା ଶାବର ସଂସ୍କୃତି ଗବେଷଣା କେନ୍ଦ୍ର ଓ ପାଠାଗାର । ବହୁ ବିରଳ ଗ୍ରନ୍ଥ, ପୁସ୍ତକ, ପ୍ରାୟ ଶହେ ବର୍ଷର ପାଂଜି ସମେତ ଅନେକ ମୂଲ୍ୟବାନ ଗବେଷଣାତ୍ମକ ଗ୍ରନ୍ଥରାଜିରେ ଭରପୂର ଏହି ପାଠାଗାର । ଏହାକୁ ତା.୨୨-୦୫-୧୯୮୪ରିଖରେ ଉଦ୍‌ଘାଟନ କରିଥିଲେ ତତ୍କାଳୀନ ଓଡିଶାର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱମ୍ଭରନାଥ ପାଣ୍ଡେ । ଶାବର ସଂସ୍କୃତି ଗବେଷଣା କେନ୍ଦ୍ର ଓ ପାଠାଗାର ସହିତ ଏ ଲେଖକର ଏକ ଅଭୁଲା ସ୍ମୃତି ରହିଛି । ମୁଁ ଯେତେବେଳେ ସ୍ନାତକ ପାଶ୍ କରି ଘରେ ବସିଥାଏ ସେତିକିବେଳେ ମୋର ପୂଜ୍ୟ ଗୁରୁ ଶିବରାମ ପାତ୍ର ଏକ ପ୍ରସ୍ତାବ ଦେଲେ ଯେ ମୁଁ ଶାବର ଶ୍ରୀକ୍ଷେତ୍ର, କୋରାପୁଟ ଠାରେ ଚାକିରି କରିବି । ଚାକିରି ତ ନୁହେଁ ଏକ ପ୍ରସାର ସେବା । ମୋ କାମ କଣ ପଚାରିବାରୁ ସେ କହିଲେ ତୁମେ ସେଠି ପାଠାଗାର କାମ ଦେଖାରଖା କରିବ । ମୁଁ ତାଙ୍କ କଥାରେ ସମ୍ମତ ହୋଇ ଶାବର ଶ୍ରୀକ୍ଷେତ୍ର ଯାଇ ଏହାର ସଂପାଦକ ଶ୍ରୀ

କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କୁ ଦେଖାକଲି । ସେ ମୋତେ ସ୍ୱାଗତ କଲେ ଓ ତୁମେ ଯାଇ ମନ୍ଦିରର ମୁଖ୍ୟ ସ୍ଥପତି ଶ୍ରୀ ସତ୍ୟବାଦୀ ମହାରଣାଙ୍କ ରୁମ୍‌ରେ ରୁହ ଏବଂ ପାଠାଗାର କାମରେ ଲାଗିଯାଅ ବୋଲି କହିଲେ । ଏହାବ୍ୟତୀତ ଗୁମାସ୍ତା ଶ୍ରୀ ଗଦାଧର ମହାରଣା ଯାହା କହିବେ ତାହା କରିବ କହିଲେ । ମୁଁ ମନ୍ଦିର ଆସି ଗଦାଧର ମହାରଣାଙ୍କୁ ଦେଖାକଲି, ସେ ମୁଖ୍ୟ ସ୍ଥପତିଙ୍କ ରୁମ୍ ଦେଖାଇଦେଲେ । ମନ୍ଦିରରେ ରହିବା, ମନ୍ଦିର ପ୍ରସାଦ ଖାଇବା ଓ ମନ୍ଦିରର କାର୍ଯ୍ୟ କରିବା ମୋତେ ଖୁବ୍ ଭଲ ଲାଗିଥିଲା । ଭାଗ୍ୟରେ ଥିଲେ ଏପରି ସେବା କରିବାର ସୁଯୋଗ ମିଳେ । ମୁଁ ସେହି ସମୟରେ ପାଠାଗାର ସଂଚାଳକ ଭାବରେ ମୁଖ୍ୟ କାମ କରିବା ସହ ମଧ୍ୟାହ୍ନ ଓ ରାତିରେ ଆନନ୍ଦ ବଜାରରେ ଭକ୍ତମାନଙ୍କୁ ପ୍ରସାଦ ପରିବେଷଣ କରିବାରେ ସାହାଯ୍ୟ କରୁଥିଲି । ସଂଧ୍ୟାରେ ପ୍ରତ୍ୟହ ଶାବର ଶ୍ରୀକ୍ଷେତ୍ର ଦିନଚର୍ଯ୍ୟା ଲେଖୁଥିବା ସ୍ୱେଚ୍ଛାସେବୀ ଶ୍ରୀ ନୀଳାଦ୍ରି ପଟ୍ଟନାୟକଙ୍କ ସହ ମନ୍ଦିର ବେଢ଼ାର ସମସ୍ତ ହୁଣ୍ଡିରୁ ଦାନଟଙ୍କା କାଢିବା ଓ ଗଣିସାରି କାର୍ଯ୍ୟାଳୟରେ ଜମାଦେବା କାର୍ଯ୍ୟ କରୁଥିଲି । ଦିନସାରା ପାଠାଗାରର ବହିଗୁଡିକର କ୍ୟାଟଲଗ୍ ପ୍ରସ୍ତୁତି କରିବା ବେଳେ ବହୁ ଦୁର୍ଲ୍ଲଭ ଗ୍ରନ୍ଥ ପଢିବାର ସୁଯୋଗ ମୋ ଲେଖକ ଜୀବନ ପାଇଁ ବରଦାନ ପାଲଟିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଶାବର ଶ୍ରୀକ୍ଷେତ୍ରରେ ରହିବା ଓ ଖାଇବାର ମାଗଣା ବ୍ୟବସ୍ଥା ସହ ମୋତେ ସେତେବେଳେ ମାସିକ ଦୁଇଶହ ଟଙ୍କା ଦରମା/ଦକ୍ଷିଣା ମଧ୍ୟ ମିଳୁଥିଲା । ମୁଁ ମାତ୍ର ଛ'ମାସ ସେଠାରେ କାମ କରିଥିଲି । ପରେ ମାଁଙ୍କ ମୃତ୍ୟୁ କାରଣରୁ ଗାଁକୁ ଆସି ପୁନଶ୍ଚ ସେଠାକୁ ଯାଇ ପାରିଲିନି । କାରଣ ପରେପରେ ମୋତେ ଶିକ୍ଷକ ତାଲିମ୍ ପାଇଁ ଜୟପୁରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ନାମ ଲେଖାଇବାକୁ ପଡିଲା । ୧୯୯୦ ମସିହାର ସେହି ଛ'ମାସ ମୋ ଜୀବନର ଅବିସ୍ମରଣୀୟ ସ୍ୱର୍ଣ୍ଣିମ ଅଧ୍ୟାୟ ହୋଇ ରହିଗଲା ।

## ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା ସଂସ୍ଥାର କେତେକ ସହ-ଅନୁଷ୍ଠାନ

୧. ଆଦିବାସୀ ସଂଗ୍ରହାଳୟ (Tribal Musium): ଏହା ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା କେନ୍ଦ୍ର(କୋଟ୍‌ସ୍) ପରିସରରେ ରହିଛି । ଏଠାରେ ଆଦିବାସୀଙ୍କର ବେଶପୋଷାକ, ଅଳଙ୍କାର, ଅସ୍ତ୍ରଶସ୍ତ୍ର, ଘରକରଣା ଜିନିଷ, କୃଷି ସାମଗ୍ରୀ, ପୂଜା ସାମଗ୍ରୀ, ବାଦ୍ୟଯନ୍ତ୍ର ତଥା ପାରଂପରିକ ପୋଷାକରେ ଥିବା ଆଦିବାସୀଙ୍କ ଫଟୋଚିତ୍ର ମଧ୍ୟ ରହିଛି । ତା.୨୬-୦୧-୧୯୯୨ଦିନ ମାନନୀୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିଜୟ କୁମାର ମହାପାତ୍ରଙ୍କ ଦ୍ୱାରା ଏହାର ଆନୁଷ୍ଠାନିକ ପ୍ରତିଷ୍ଠା କରାଯାଇଥିଲା । ଏହାର ପ୍ରତିଷ୍ଠା ପାଇଁ ଯେଉଁମାନେ ଅକୁଣ୍ଠ ଉଦ୍ୟମ କରିଥିଲେ ସେମାନଙ୍କ ମଧ୍ୟରେ ଅଛନ୍ତି ପ୍ୟାରୀମୋହନ ମହାପାତ୍ର, ତତ୍କାଳୀନ ଜିଲ୍ଲାପାଳ ଅଜିତ୍ କୁମାର ତ୍ରିପାଠୀ, ପ୍ରଫୁଲ୍ଲଚନ୍ଦ୍ର ମହାପାତ୍ର, ସଂପାଦକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଯୁଗ୍ମ-ସଂପାଦକ ଜଗବନ୍ଧୁ ସାମଲ ପ୍ରମୁଖ ।

**୨. କୋଟ୍‌ସ୍** (Council of Analytical Tribal Study): ପୂର୍ବତନ ପରିତ୍ୟକ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଗୃହଗୁଡିକୁ ମନ୍ଦିର ତରଫରୁ ମରାମତି ଓ ପୁନଃବିନ୍ୟାସ କରାଯାଇ ସେଠାରେ ଏହି ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଛି । ଏହାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ତା.୦୯-୦୧-୧୯୯୩ ରିଖରେ ଉଦ୍‌ଘାଟନ କରିଥିଲେ । ଆଦିବାସୀ ଜନଜୀବନ ଓ ସଂସ୍କୃତି ଉପରେ ଉଚ୍ଚତର ଗବେଷଣା ପାଇଁ ଏହି ଅନୁଷ୍ଠାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତଥା ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହୋଇଛି । ଫଳରେ ବହୁ ଗରିବ ଆଦିବାସୀ ବିଦ୍ୟାର୍ଥୀ ଏହି ଅନୁଷ୍ଠାନ ମାଧ୍ୟମରେ ସ୍ନାତକୋତ୍ତର ଠାରୁ ଆରମ୍ଭ କରି ଏମ୍.ଫିଲ୍. ଓ ପି.ଏଚ୍.ଡି. ଡିଗ୍ରୀ କରିବାର ସୁବିଧା ପାଇପାରୁଛନ୍ତି । ଏହିସବୁ ଡିଗ୍ରୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମାଧ୍ୟମରେ ପ୍ରଦାନ କରାଯାଉଛି ।

**୩. ଜ୍ଞାନ ମନ୍ଦିର:** ଏହା ଶାବର ଶ୍ରୀକ୍ଷେତ୍ର, କୋରାପୁଟଙ୍କ ଦ୍ୱାରା ପରିଚାଳିତ ପାଠାଗାର ଓ ଗ୍ରନ୍ଥାଗାର । ଛାତ୍ର, ଗବେଷକ ଓ ସାଧାରଣ ପାଠକଙ୍କ ପାଇଁ ଉନ୍ମୁକ୍ତ ଏହି ଅନୁଷ୍ଠାନରେ ବହୁ ବିରଳ ପୁସ୍ତକ ଓ ପତ୍ରପତ୍ରିକା, ପୋଥି ଓ ଗ୍ରନ୍ଥାବଳୀ ସଂରକ୍ଷିତ ହୋଇ ରହିଛି । ଏଥିସହିତ ଆଧୁନିକ ସାଧନ ସ୍ୱରୂପ କଂପ୍ୟୁଟର, ସ୍କାନର୍, ପ୍ରିଣ୍ଟର୍ ଓ ଇଣ୍ଟର୍‌ନେଟ୍ ସୁବିଧା ମଧ୍ୟ ଏଠାରେ ଉପଲବ୍ଧ ।

**୪. ଭାଗବତ ଘର :** ଉତ୍କଳର ପ୍ରାଣସ୍ପନ୍ଦନ 'ଭାଗବତ' ଟୁଙ୍ଗୀର ସ୍ମୃତି ହଜି ଆସୁଥିବା ବେଳେ ଶାବର ଶ୍ରୀକ୍ଷେତ୍ର ପରିଚାଳନା ସଂସ୍ଥା ତରଫରୁ ମନ୍ଦିର ପରିସରରେ ଏକ ବିରାଟ ହଲ୍‌ରେ ସ୍ଥପତି ସତ୍ୟବାଦୀ ମହାରଣାଙ୍କ ଦ୍ୱାରା ଅତିବଡୀ ଜଗନ୍ନାଥ ଦାସଙ୍କ କାଷ୍ଠ ପ୍ରତିମା ନିର୍ମାଣ କରାଯାଇ ତା.୨୮-୦୮-୧୯୯୦ରିଖରେ ଭାଗବତ ଘର ପ୍ରତିଷ୍ଠା କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ



**୧୯୭୨ ମସିହା ଜୁନ୍ ମାସ ୧୬ ତାରିଖର ଏକ ବୈଠକରୁ ଶାବର ଶ୍ରୀକ୍ଷେତ୍ର ପ୍ରକଳ୍ପର ବୀଜ ବପନ ହୋଇଥିଲା । ଠିକ୍ ଏହି ଦିନଠାରୁ ଆମରଣ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଶ୍ରୀଜଗନ୍ନାଥଙ୍କ ଉତ୍ସର୍ଗୀକୃତ ସେବକ ଭାବରେ ଶାବର ଶ୍ରୀକ୍ଷେତ୍ର ପ୍ରକଳ୍ପର ବହୁବିଧ କାର୍ଯ୍ୟ କରିଯାଇଛନ୍ତି । ତା.୦୭-୦୭-୧୯୭୨ରିଖର ଏକ ବୈଠକରେ ଶ୍ରୀ ପାଣିଗ୍ରାହୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସଂସ୍ଥାର ସଂପାଦକ ରୂପେ ନିର୍ବାଚିତ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ପ୍ରତି ତିନିବର୍ଷରେ ହେଉଥିବା କର୍ମକର୍ତ୍ତା ନିର୍ବାଚନରେ ତାଙ୍କୁ ହିଁ ସଂପାଦକ ପଦବୀ ପ୍ରାପ୍ତ ହେଉଥିଲା । ତାଙ୍କର ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ଆଗ୍ରହ ଓ ଉତ୍ସର୍ଗୀକୃତ ମନୋଭାବ ପାଇଁ ସେ ସମସ୍ତଙ୍କର ପ୍ରିୟ ଓ ସମ୍ମାନନୀୟ ଥିଲେ । ଶାବର ଶ୍ରୀକ୍ଷେତ୍ରର ସର୍ବାଙ୍ଗୀନ ଉନ୍ନତି ଓ ନୂଆ ନୂଆ ଯୋଜନା ଗୁଡିକର ସଫଳ ରୂପାୟନ ଦିଗରେ ତାଙ୍କର ଅଦମ୍ୟ ପ୍ରୟାସ ଆମରଣ ଜାରି ରହିଥିଲା । ଶାବର ଶ୍ରୀକ୍ଷେତ୍ର ପାଇଁ ସେ ତାଙ୍କ ନିଜ ବ୍ୟବସାୟ ପୁଅ ଓ ଭାଇମାନଙ୍କ ହାତରେ ସମର୍ପି ଦେଇ ପୂର୍ଣ୍ଣକାଳୀନ ସେବକ ଭାବରେ ନିଜକୁ ନିୟୋଜିତ କରିଦେଇଥିଲେ । ୧୯୬୭ରୁ ୧୯୮୧ ପର୍ଯ୍ୟନ୍ତ ସେ କୋରାପୁଟର ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ରୂପେ କାମ କରି ସମଗ୍ର କୋରାପୁଟ ଉପରେ ସମ୍ୟକ୍ ଧାରଣା ହାସଲ କରିଥିଲେ । ତେଣୁ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା ତାଙ୍କ ପାଇଁ ସହଜ ଓ ସୁଗମ ହୋଇଥିଲା । ଏତଦ୍ ବ୍ୟତୀତ ସେ ଜଣେ ବହୁପାଠୀ ବ୍ୟକ୍ତିତ୍ୱ ଭାବରେ ନିତ୍ୟ ଅଧ୍ୟୟନରତ ହୋଇ କୋରାପୁଟ ଜିଲ୍ଲାର ଇତିହାସ, ଭୂଗୋଳ, ସାମାଜିକ ଚଳଣି, ସଂସ୍କୃତି, ଭାଷା ଓ ଆଦିବାସୀଙ୍କ ଆର୍ଥିକ ମାନଦଣ୍ଡ ସଂପର୍କରେ ସମ୍ୟକ୍ ଜ୍ଞାନ ଆହରଣ କରିଥିଲେ । ଶ୍ରୀ ପାଣିଗ୍ରାହୀ ଦୀର୍ଘ ୪୩ ବର୍ଷ (୧୯୭୨ ରୁ ୨୦୧୫) ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା ଦାୟିତ୍ୱରେ ରହି ଏହାର ସର୍ବବିଧ ଶ୍ରୀବୃଦ୍ଧି ପାଇଁ ଆପ୍ରାଣ ଉଦ୍ୟମ କରିଛନ୍ତି ଓ ସଫଳ ମଧ୍ୟ ହୋଇଛନ୍ତି । ଜଣେ ବିନୟୀ, ନିରଂହକାର, କର୍ମଠ ବ୍ୟକ୍ତି ଭାବରେ ସେ ବେଶ୍ ଜଣାଶୁଣା । ଓଡିଶା ତଥା ଓଡିଶା ବାହାରର ବିଭିନ୍ନ ପ୍ରାନ୍ତରୁ ଲୋକେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ଓ ପରିଚାଳନା ସଂପର୍କରେ ତାଙ୍କଠାରୁ ଜ୍ଞାନ ଓ ପରାମର୍ଶ ନେଉଥିଲେ । ତା.୧୩-୦୬-୧୯୪୩ରିଖରେ ଜନ୍ମିତ ଶ୍ରୀ ପାଣିଗ୍ରାହୀ ତା.୦୬-୦୪-୨୦୧୫ରିଖରେ ଇହଲୀଳା ସାଙ୍ଗ କରିଥିଲେ । ଅନ୍ୟମାନଙ୍କ ସମେତ ଶ୍ରୀଜଗନ୍ନାଥଙ୍କ ଏହି ପରମ ଭକ୍ତ ଓ ସେବକଙ୍କ କୀର୍ତ୍ତି ଶାବର ଶ୍ରୀକ୍ଷେତ୍ର ଇତିହାସରେ ଅମ୍ଲାନ ହୋଇ ରହିଥିବ ।**

**କୃଷ୍ଣଚନ୍ଦ୍ର ପାଣିଗ୍ରାହୀ**




ଏଠାରେ ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ, ଯଶୋବନ୍ତ ଦାସ, ଶ୍ରୀ ଚୈତନ୍ୟ ଓ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ପ୍ରତିମୂର୍ତ୍ତି ମଧ୍ୟ ପ୍ରତିଷ୍ଠା କରାଯାଇଛି । ଗ୍ରାମାଂଚଳରେ ଭାଗବତ ଘରଗୁଡ଼ିକର ପୁନରୁଦ୍ଧାର, ନୂତନ ଭାଗବତ ଘର ପ୍ରତିଷ୍ଠା ତଥା ଭାଗବତର ପ୍ରଚାର ପ୍ରସାର ପାଇଁ ଏଠାରେ ଏକ ବିରାଟ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ତା.୦୯-୧୧-୧୯୯୦ ରୁ ୧୧-୧୧-୧୯୯୦ରିଖ ତିନିଦିନ ବ୍ୟାପୀ ଏହି ସମ୍ମିଳନୀରେ ପ୍ୟାରୀମୋହନ ମହାପାତ୍ର, ରଜତ କର, ଦାଶିଆ ଅଜା(ଦାଶରଥୀ ପଟ୍ଟନାୟକ), ଜଗନ୍ନାଥ ଦାସଙ୍କ ବଂଶଜ ଭଗବାନ ଦାସଙ୍କ ସମେତ ବହୁ ଭକ୍ତ, ସାଧୁସନ୍ଥ ଓ ଗବେଷକ ଯୋଗ ଦେଇଥିଲେ ।

**୫. ଯାତ୍ରୀ ନିବାସ ଓ ଅତିଥି ଭବନ :** ଶାବର ଶ୍ରୀକ୍ଷେତ୍ରକୁ ଆସୁଥିବା ଯାତ୍ରୀ ଓ ଅତିଥିମାନଙ୍କ ରହିବା ସକାଶେ ଏହି ବ୍ୟବସ୍ଥା ରହିଛି । ପ୍ରାୟ ସୁଲଭ ମୂଲ୍ୟରେ ଯାତ୍ରୀମାନଙ୍କର ରହଣି ସୁବିଧା ଯୋଗାଇ ଦିଆଯାଉଛି ।

**୬. ସଦ୍‌ଗ୍ରନ୍ଥ ଭଣ୍ଡାର :** ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିସରରେ ଥିବା ଏହି ପୁସ୍ତକ ଦୋକାନରେ ବିଭିନ୍ନ ଆଧ୍ୟାତ୍ମିକ ପୁସ୍ତକ, ଧର୍ମଗ୍ରନ୍ଥ ତଥା ଶାବର ଶ୍ରୀକ୍ଷେତ୍ର ସମାଚାର ପତ୍ରିକା, ମନ୍ଦିର ତରଫରୁ ପ୍ରକାଶିତ ପୁସ୍ତକମାନ ଉପଲବ୍ଧ ହେଉଛି ।

**୭. ଶାବର ଶ୍ରୀକ୍ଷେତ୍ର(ସମାଚାର) ପତ୍ରିକା :** ଶାବର ସଂସ୍କୃତି ଗବେଷଣା କେନ୍ଦ୍ର, ଶାବର ଶ୍ରୀକ୍ଷେତ୍ର, କୋରାପୁଟ ତରଫରୁ ଏହି ପତ୍ରିକା ପ୍ରଥମେ 'ଶାବର ଶ୍ରୀକ୍ଷେତ୍ର' ନାମରେ ପାକ୍ଷିକ ଭାବେ ୧୯୯୪ରୁ ପ୍ରକାଶ ପାଇଲା । ପରେ ଏହା 'ଶାବର ଶ୍ରୀକ୍ଷେତ୍ର ସମାଚାର' ନାମରେ ୨୦୦୩ ରୁ ୨୦୧୩ ପର୍ଯ୍ୟନ୍ତ ପାକ୍ଷିକ ଏବଂ ୨୦୧୪ରୁ ମାସିକ ଭାବେ ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇ ଆସୁଛି । ଏହାର ଆର.ଏନ.ଆଇ. ପଂଜୀକୃତ ନଂ ହେଉଛି-୬୭୮୪୩/୯୫ । କ୍ରାଉନ୍ ଆକାର ତଥା ୩୨ ପୃଷ୍ଠାର ଏହି ପତ୍ରିକାରେ ଜଗନ୍ନାଥ ସଂସ୍କୃତି, ଆଧ୍ୟାତ୍ମିକ ତତ୍ତ୍ୱବିମର୍ଷ, ଇତିହାସ ଓ ପ୍ରତ୍ନତତ୍ତ୍ୱ, ଉତ୍କଳୀୟ ସଂସ୍କୃତି ଓ ପରଂପରା ତଥା ଆଦିବାସୀ ସଂସ୍କୃତି ସଂପର୍କୀୟ ଲେଖା (କେବଳ ପ୍ରବନ୍ଧ) ସହ ଶାବର ଶ୍ରୀକ୍ଷେତ୍ର ସଂପର୍କିତ ବିବିଧ ସମାଚାର ପ୍ରକାଶ ପାଇଥାଏ । ପ୍ରଥମେ ପ୍ୟାରୀମୋହନ ମହାପାତ୍ର ଏହାର ଉପଦେଷ୍ଟା ଓ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସଂପାଦକ ରହିଥିଲେ । ଏ ଦୁହିଁଙ୍କ ଦେହାନ୍ତ ପରେ ଏବେ ଏହାର ସଂପାଦନା ଦାୟିତ୍ୱରେ ଅଛନ୍ତି ଉମାକାନ୍ତ ଦାଶ ଓ ସହ ସଂପାଦକ ଅଛନ୍ତି ବିଜୟ କୁମାର ପ୍ରଧାନ । ପରିଚାଳନା ଦାୟିତ୍ୱରେ ଅଛନ୍ତି ନୀଳାଦ୍ରି ପଟ୍ଟନାୟକ ।



ଆରମ୍ଭରୁ ଅଦ୍ୟାବଧି ଏହାର ବାର୍ଷିକ ଦେୟ ଏକଶତ ଟଙ୍କା ଓ ଆଜୀବନ ଦେୟ ଏକ ହଜାର ଟଙ୍କା ରହିଛି ।

**୮. ଶ୍ରୀଗୁଣ୍ଡିଚା ମନ୍ଦିର :** କୋରାପୁଟ-ରାଣୀଗଡ-ରାୟଗଡ ରାସ୍ତାର ତ୍ରିଛକ ଠାରେ ପଶ୍ଚିମ ପଟରେ ଥିବା ଜାଗାରେ ୨୦୧୮ ମସିହାରେ ଶ୍ରୀଗୁଣ୍ଡିଚା ମନ୍ଦିର ନିର୍ମିତ ହୋଇଛି । ଏଥିପୂର୍ବରୁ ଏକ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ଠାକୁର ମାନେ ନଅଦିନ ରହଣି କରୁଥିଲେ । ନୟାଗଡ ଜିଲ୍ଲା ବାଙ୍କତରା ଗ୍ରାମର ଶ୍ରୀ ମାଧବ ପ୍ରଧାନ ଶ୍ରୀଗୁଣ୍ଡିଚା ମନ୍ଦିରର ସ୍ଥପତି ଅଟନ୍ତି । ୩୯ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରକୁ ମାତ୍ର ଚାରିମାସ ମଧ୍ୟରେ ନିର୍ମାଣ କରି ଶ୍ରୀ ପ୍ରଧାନ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ଭକ୍ତମାନଙ୍କ ସୁବିଧା ପାଇଁ ଏହି ମନ୍ଦିର ପରିସରରେ ଆନନ୍ଦବଜାର ଓ ଶୌଚାଳୟ ନିର୍ମିତ ହୋଇଛି ।

**୯. ଶବରଇଷ୍ଟ ମତାରବନ୍ନମ୍ ମନ୍ଦିର:** ଶାବର ଶ୍ରୀକ୍ଷେତ୍ର ବେଢ଼ା ବାହାରେ ଚମ୍ପାବଣ ମଧ୍ୟରେ ଏହି ମନ୍ଦିର ନିର୍ମାଣ କରାଯାଇଛି । ଏହି ମନ୍ଦିରର ସ୍ଥପତି ହେଉଛନ୍ତି ଶିଳ୍ପୀ ବିଶ୍ୱନାଥ ମହାରଣା । ଏହି ମନ୍ଦିର ମଧ୍ୟରେ ସୌରା ଲିପି -ଦେବତା ମତାରବନ୍ନମ୍ ପୂଜା ପାଉଛନ୍ତି । ପ୍ରତିବର୍ଷ ଅକ୍ଷୟ ତୃତୀୟା ଦିନ ଏହି ମନ୍ଦିରର ସ୍ୱନକ୍ଷତ୍ର ଉତ୍ସବ ପାଳିତ ହେଉଛି ଓ ଶାବରୀ ରୀତିରେ ପ୍ରାତ୍ୟହିକ ପୂଜା ମଧ୍ୟ ସଂପନ୍ନ ହେଉଛି ।

**୧୦. ନିଶାଣିମୁଣ୍ଡା :** ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା କେନ୍ଦ୍ର (କୋଟ୍‌ସ୍) ସମ୍ମୁଖରେ ନିର୍ମିତ ହୋଇଛି ଶବରମାନଙ୍କ ଗ୍ରାମଦେବତୀ ମନ୍ଦିର । ଏଠାରେ ଲଳିତାମ୍ବିକା ବା ପତର ଶଉରୁଣୀ ପୂଜା ପାଆନ୍ତି । ୧୯୯୧ ମସିହାରୁ ଏହି ମନ୍ଦିର ନିର୍ମିତ ହେବା ସହ ପ୍ରତି ବିଜୟା ଦଶମୀରେ ଦଶହରା ପର୍ବ ଖୁବ୍ ଧୁମ୍‌ଧାମ୍‌ରେ ପାଳିତ ହୋଇ ଆସୁଛି । ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା ସଂସ୍ଥା ସହଯୋଗରେ ଏହି ମନ୍ଦିରରେ ଶବର ପୂଜାରୀ (ଦିଶାରୀ)ମାନେ ନିତ୍ୟ ପୂଜା କରି ଆସୁଛନ୍ତି ।

## ଶାବର ଶ୍ରୀକ୍ଷେତ୍ର ସହ ଜଡ଼ିତ ସ୍ମରଣୀୟ ବ୍ୟକ୍ତି ବିଶେଷ

କୋରାପୁଟ ଜଗନ୍ନାଥ ମନ୍ଦିରର ପରିକଳ୍ପନା ପ୍ରଥମେ କରିଥିଲେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ୟାରୀମୋହନ ମହାପାତ୍ର ପ୍ରମୁଖ । ପରେ ତାଙ୍କ ସହ ଯୋଡି ହୋଇଥିଲେ ଅଜିତ୍ କୁମାର ତ୍ରିପାଠୀ, ଜଗବନ୍ଧୁ ସାମଲ, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଜଗନ୍ନାଥ ସରାଫ, ଉମାକାନ୍ତ ଦାଶ, ନୀଳାଦ୍ରି ପଟ୍ଟନାୟକ, ବଡପଣ୍ଡା ଗୋଦାବରୀଶ ଆଚାର୍ଯ୍ୟ(୧୯୭୨-୨୦୧୨), ମୁଖ୍ୟ ସ୍ଥପତି ସତ୍ୟବାଦୀ ମହାରଣା ଓ ଗୁମାସ୍ତା ଗଦାଧର ମହାରଣା ପ୍ରମୁଖ ।

ଶାବର ଶ୍ରକ୍ଷେତ୍ର କେବଳ କୋରାପୁଟ ବା ଦକ୍ଷିଣ ଓଡିଶାର ଏକ ପ୍ରମୁଖ ତୀର୍ଥସ୍ଥଳ ନୁହେଁ, ଏହା ସମଗ୍ର ଓଡିଶା ଓ ଭାରତର ପର୍ଯ୍ୟଟନ ମାନଚିତ୍ରରେ ଏକ ଅବଶ୍ୟ ଦର୍ଶନୀୟ ପୀଠର ମାନ୍ୟତା ଲାଭ କରିଛି । ପ୍ରକୃତିପ୍ରେମୀ ହୁଅନ୍ତୁ ବା ଶାନ୍ତିକାମୀ, ଭକ୍ତ ହୁଅନ୍ତୁ ବା ଦର୍ଶନାର୍ଥୀ, ଜ୍ଞାନପିପାସୁ ହୁଅନ୍ତୁ ବା ଗବେଷକ ସମସ୍ତଙ୍କ ପାଇଁ ଶାବର ଶ୍ରୀକ୍ଷେତ୍ର ହେଉଛି ଏକ ସ୍ମରଣୀୟ ଗନ୍ତବ୍ୟସ୍ଥଳୀ । ଯେଉଁମାନେ ଶାବର ଶ୍ରୀକ୍ଷେତ୍ର ବୁଲି ଦେଖିଛନ୍ତି ସେମାନେ ଏ ଅନୁଭବର ଅଙ୍ଗୀକାର ନିଶ୍ଚୟ କରିବେ, ଏଥିରେ ସନ୍ଦେହ ନାହିଁ ।

# ନୂଆଦିଲ୍ଲୀରେ ଜଗନ୍ନାଥ




**ତପସ୍ୱିନୀ ମହାଳିକ**

ନୂଆଦିଲ୍ଲୀ

ଫୋନ : ୮୪୪୭୯୫୦୪୩୮

ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍




◀ ଲେଖିକା ତପସ୍ୱିନୀ ମହାଳିକ

ଓଡ଼ିଆଙ୍କ ଦିଅଁ, ହେଲେ ସାରା ଜଗତର ମନ ଜିଣିଛନ୍ତି । ମନ ଓ ଭାବନା ସହ ଜଡ଼ିତ ଜଗତର ନାଥ ଜଗନ୍ନାଥ, ସେଥିପାଇଁ ତ ସେ ପ୍ରବାସରେ ମଧ୍ୟ ଅବସ୍ଥିତ । ପୁରୀରେ ବଡ଼ ଦେଉଳ, ବଡ଼ଦାଣ୍ଡ । କିନ୍ତୁ ଓଡ଼ିଶା ଠୁ ଦୂରରେ ତାଙ୍କ ଆତ୍ମା ପରିବ୍ୟାପ୍ତ । ଓଡ଼ିଶାବାସୀଙ୍କ ପାଇଁ ବଡ଼ ଠାକୁର । କିନ୍ତୁ ସେ କେବଳ ଓଡ଼ିଆଙ୍କର କି ଓଡ଼ିଶାର ନୁହଁନ୍ତି, ସେ ହେଉଛନ୍ତି ସାରା ଜଗତର ନାଥ ଶ୍ରୀଜଗନ୍ନାଥ । ଦେଶ ହେଉ ଅବା ବିଦେଶ, ସବୁଠି ସେ ଅଛନ୍ତି । ଏଇ ଯେମିତି ରାଜଧାନୀ ଦିଲ୍ଲୀ । ଦିଲ୍ଲୀର ହୌଜ୍‌ଖାସ୍ ଠାରେ ରହିଛି ଶ୍ରୀଜଗନ୍ନାଥଙ୍କ ମନ୍ଦିର ଯାହା ଶ୍ରୀ ନୀଳାଚଳ ଧାମରେ ପରିଚିତ । ମହାପ୍ରଭୁ ଓଡ଼ିଶାର ପୁରୀରେ ଅବସ୍ଥାନ କରନ୍ତି ସତ, କିନ୍ତୁ ସେ ପ୍ରବାସରେ ମଧ୍ୟ ପୂଜା ପାଆନ୍ତି ।



ଦିଲ୍ଲୀ ହେଉଛି ଭାରତର ରାଜଧାନୀ, ଲୋକସଂଖ୍ୟା ମଧ୍ୟ ଅଧିକ । ସାଧାରଣତଃ ଦିଲ୍ଲୀ କଥା ଉଠିଲେ ଲୋକଙ୍କ ମନକୁ ପ୍ରଥମେ ଆସେ ଟ୍ରାଫିକ୍, ଲୋକ ଗହଳି ଏବଂ କର୍ମଜୀବୀ ଲୋକଙ୍କ ପାଇଁ ବ୍ୟସ୍ତ ବହୁଳ ଜାଗା । ଏସବୁ ଭିତରେ ବି ମଣିଷ ଚାହେଁ ଟିକେ ମାନସିକ ଶାନ୍ତି । ଖାସ୍ କରି ଅନେକ ପ୍ରବାସୀ ଓଡ଼ିଆ ମଧ୍ୟ ଦିଲ୍ଲୀରେ ବସବାସ କରନ୍ତି । ସେମାନେ ମଧ୍ୟ ନିଜ ଦୈନନ୍ଦିନ ଜୀବନରୁ ବିରାମ ନେଇ ଟିକେ ଶାନ୍ତି ପାଇଁ ଧାଇଁ ଯାଆନ୍ତି ସେହି ସ୍ଥାନକୁ । ଯେଉଁଠି ରାଜଧାନୀ ଦିଲ୍ଲୀରେ ଓଡ଼ିଶାର କଳାସଂସ୍କୃତି ଓ ପରମ୍ପରାର ବାସ୍ନା ବି ବାରିହୁଏ । ନୂଆଦିଲ୍ଲୀ ସ୍ଥିତ ହୌଜଖାସ୍ ଠାରେ ରହିଛି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ମନ୍ଦିର । ୧୯୬୮ ମସିହା ଜାନୁଆରୀ ୧୫ ତାରିଖରେ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ମନ୍ଦିର ନିର୍ମାଣ କାମ ଆରମ୍ଭ ହୋଇଥିଲା ଫେବୃଆରୀ ୫,୧୯୬୮ରେ । ରାଜଧାନୀ ଦିଲ୍ଲୀରେ ଜଗନ୍ନାଥ ମନ୍ଦିର ନିର୍ମାଣ ପଛର କାହାଣୀ ମଧ୍ୟ ଅତି ରୋମାଞ୍ଚକ ଅଟେ । ଆମ ଆଗରେ ମନ୍ଦିର ନିର୍ମାଣର ରୋମାଞ୍ଚକର ପେଡ଼ି ଖୋଲିଥିଲେ ବର୍ତ୍ତମାନର ମନ୍ଦିର ପରିଚାଳକ **ରବି ପ୍ରଧାନ** । ଓଡ଼ିଶାର ମାଣପୁରରୁ ଚାରିପାଞ୍ଚ ଜଣ ଲୋକ କୌଣସି ଏକ କାମ ପାଇଁ ଦିଲ୍ଲୀ ଯାଇଥିଲେ । ଆଉ ସେମାନଙ୍କ ସହିତ ଘଟିଥିଲା କିଛି ଅଘଟଣ । ସେମାନଙ୍କର ସମସ୍ତ ଜିନିସପତ୍ର ଚୋରି କରିନେଇଥିଲେ କିଛି ଦୁର୍ବୃତ୍ତ । କିନ୍ତୁ ଚୋରିକରି ପାରି ନଥିଲେ ସେମାନଙ୍କ ପାଖରେ ଥିବା ତ୍ରିମୂର୍ତ୍ତିକୁ । ସେମାନଙ୍କ ମଧ୍ୟରେ ଭାଳେଣି ପଡ଼ି ଯାଇଥିଲା । ଭାବିଲେ, ସବୁ ତ ଚୋରି ହୋଇଗଲା । ଏବେ ସେମାନେ କଣ ଖାଇବେ, କେଉଁଠି ରହିବେ ଆଉ ଖାସ୍ କଥା ହେଉଛି, ସେମାନେ ଓଡ଼ିଶା କିଭଳି ଫେରିବେ । କାରଣ ସେମାନଙ୍କ ପାଖରେ କାଣି କଉଡ଼ିଟିଏ ବି ନଥିଲା । କେବଳ ସେମାନଙ୍କ ପାଖରେ ରହିଯାଇଥିଲା ସେମାନେ ପିନ୍ଧିଥିବା ବସ୍ତ୍ର ଏବଂ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି । କିନ୍ତୁ ଜଗାକାଳିଆର ଲୀଳା ଥିଲା କିଛି ଭିନ୍ନ । ବୋଧହୁଏ ପ୍ରବାସରେ ରହିବା ପାଇଁ ଏହା ଥିଲା ତାଙ୍କ ଏକ ଲୀଳା । ସେହି ସମୟରେ ସେମାନଙ୍କ ସହିତ ଭେଟ ହୁଅନ୍ତି ଜଣେ ହୃଦୟବାନ ଏବଂ ସମ୍ଭ୍ରାନ୍ତ ଶ୍ରେଣୀର ଲୋକ, ଯାହାଙ୍କର ନାମ ହେଉଛି ଦୁର୍ଯ୍ୟୋଧନ ପ୍ରଧାନ । ତାଙ୍କୁ ମୂର୍ତ୍ତି ବିକ୍ରି କରି କିଛି ପଇସା ନେଇ ଘରକୁ ଫେରିବାକୁ ଚାହିଁଥିଲେ ମାଣପୁରବାସୀ । କିନ୍ତୁ ଦୁର୍ଯ୍ୟୋଧନ ପ୍ରଧାନ ସେମାନଙ୍କୁ କହିଥିଲେ, ମୁଁ ଆପଣମାନଙ୍କୁ ପଇସା ଦେବି ସତ, କିନ୍ତୁ ମୂର୍ତ୍ତି କିଣି ପାରିବିନି । ମୁଁ ସ୍ୱଇଚ୍ଛାରେ ଆପଣମାନଙ୍କୁ ଓଡ଼ିଶା ଫେରିଯିବା ପାଇଁ କିଛି ପଇସା ଦେବା ସହ, ସମସ୍ତ ବ୍ୟବସ୍ଥା କରିଦେବି । ଆଉ ମୂର୍ତ୍ତି ଆପଣମାନେ ସାଥିରେ ନେଇଯାଆନ୍ତୁ । କିନ୍ତୁ ବୋଧହୁଏ ଜଗାର ଲୀଳା ଆଉ ଇଚ୍ଛା ଥିଲା କିଛି ଭିନ୍ନ । ବୋଧହୁଏ ଜଗନ୍ନାଥ ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ପ୍ରବାସରେ ରହିବା ସହିତ ତାଙ୍କର ଆତ୍ମା ପରିବ୍ୟାପ୍ତ କରିବା ପାଇଁ ଚାହୁଁଥିଲେ । କିନ୍ତୁ ମାଣପୁରରୁ ଯାଇଥିବା ଲୋକେ ସେହି ହୃଦୟବାନ ବ୍ୟକ୍ତିଙ୍କୁ ଦାନ କରିଦେଇ ଆସିଥିଲେ ତ୍ରିମୂର୍ତ୍ତିଙ୍କୁ । ଆଉ ତା'ପରେ ଦୁର୍ଯ୍ୟୋଧନ ପ୍ରଧାନ ଲାଗି ପଡ଼ିଥିଲେ କିଭଳି ଜଗାକାଳିଆଙ୍କ ପାଇଁ ଏଇ ମନ୍ଦିର ନିର୍ମାଣ ହେବ । କଳାହାଣ୍ଡିର ମହାରାଜା ଭ୍ରମରବର ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ପ୍ରବାସୀ ଓଡ଼ିଆ ସଂଘର ମିଳିତ ଉଦ୍ୟମରେ ନିର୍ମାଣ ହେଲା ଦିଲ୍ଲୀ ହୌଜଖାସ୍ ସ୍ଥିତ ଜଗନ୍ନାଥ ମନ୍ଦିର । ଏଥିପାଇଁ ତତ୍କାଳୀନ କେନ୍ଦ୍ର ସରକାର ମଧ୍ୟ ଅନୁମତି ଦେଇଥିଲେ । ଦିଲ୍ଲୀ ସ୍ଥିତ ଜଗନ୍ନାଥ ମନ୍ଦିର 'ଶ୍ରୀନୀଳାଚଳ





ଧାମ' ନାମରେ ପରିଚିତ । ପ୍ରବାସରେ ମଧ୍ୟ ପୂଜା ପାଉଛନ୍ତି ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା । ଏହାଛଡ଼ା ମନ୍ଦିର ଚତୁଃପାର୍ଶ୍ୱରେ ପାର୍ଶ୍ୱ ଦେବାଦେବୀ ମଧ୍ୟ ପୂଜା ପାଉଛନ୍ତି । ମନ୍ଦିରକୁ ପ୍ରବେଶ କରୁ କରୁ ଅରୁଣ ସ୍ତମ୍ଭର ଦୁଇ ପାର୍ଶ୍ୱରେ ଗୋଟିଏ ପଟେ ପ୍ରଭୁ ଶିବ ଶଙ୍କର ଓ ଅନ୍ୟପଟେ ପ୍ରଭୁ ଗଜାନନ ରହିଛନ୍ତି । ଚତୁର୍ପାର୍ଶ୍ୱରେ ମା' ଲକ୍ଷ୍ମୀ, ମା ବିମଳା, ମା ତାରିଣୀ ମଧ୍ୟ ପୂଜା ପାଉଛନ୍ତି । ମନ୍ଦିରର କାନ୍ଥରେ ଓଡ଼ିଶାର କଳା ସଂସ୍କୃତିର କାରୁକାର୍ଯ୍ୟ ଦେଖିବାକୁ ମିଳିଥାଏ । ପୁରୀ ଶ୍ରୀମନ୍ଦିରର ନୀତିକାନ୍ତି ଅନୁଯାୟୀ ଏଠାରେ ପୂଜାର୍ଚ୍ଚନା କରାଯାଇଥାଏ । ଏଠାରେ ମଧ୍ୟ ଜଗନ୍ନାଥଙ୍କୁ ତୁଳସୀ ମାଳ ଏବଂ ମା ଲକ୍ଷ୍ମୀଙ୍କୁ ପଦ୍ମଫୁଲ ଅର୍ପଣ କରିଥାନ୍ତି ଭକ୍ତ । ଶୀତ ସମୟରେ ସକାଳ ୬ଟାରୁ ମଧ୍ୟାହ୍ନ ୧ଟା ଏବଂ ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିଥାଏ । ସେହିଭଳି ଅନ୍ୟ ଦିନମାନଙ୍କରେ ସକାଳ ୫ଟାରୁ ଦ୍ୱାର ଫିଟା ଯାଇ ନୀତିକାନ୍ତି ଏବଂ ପୂଜାର୍ଚ୍ଚନା ପରେ ମଧ୍ୟାହ୍ନ ୧୨.୩୦ ପର୍ଯ୍ୟନ୍ତ ଖୋଲା ରହିଥାଏ ମନ୍ଦିର । ପୁଣି ଅପରାହ୍ନ ଚାରିଟାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ଥାଏ । ରୀତି ନୀତି ଅନୁଯାୟୀ ଜଗାକାଳିଆ ଓ ତାଙ୍କ ଭାଇଭଉଣୀଙ୍କର ବିଭିନ୍ନ ବେଶ ମଧ୍ୟ ଅନୁଷ୍ଠିତ ହୋଇଥାଏ । ଏଠାରେ ମଧ୍ୟ ଦିନରେ ଦୁଇଥର ମହାପ୍ରସାଦ ଭୋଗ ଲାଗି କରାଯାଏ ।  ପ୍ରାୟତଃ ମାସକୁ ପାଖାପାଖି ୨୬ ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥାଏ । ଯେଉଁମାନେ ଜଗନ୍ନାଥ ପ୍ରେମୀ ସେମାନେ ଏଠାରେ ଜଗନ୍ନାଥ ଦର୍ଶନ କରି ସମାନ ଅନୁଭବ ବା ଆତ୍ମତୃପ୍ତି ପାଇଥାନ୍ତି, ଯାହା ଶ୍ରୀମନ୍ଦିରରେ ଅନୁଭବ ହୋଇଥାଏ ।

ଦିଲ୍ଲୀ ହୌଜ୍‌ଖାସ୍ ସ୍ଥିତ ଶ୍ରୀନୀଳାଚଳ ଧାମରେ ଜଗନ୍ନାଥ ପଞ୍ଜିକା ଅନୁଯାଇ ପୂଜାର୍ଚ୍ଚନା କରାଯାଇଥାଏ । ପ୍ରତ୍ୟେକ ଦିନ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ ସମସ୍ତେ ପ୍ରଭୁଙ୍କ ଦର୍ଶନ ପାଇଁ ଆସିଥାନ୍ତି । ନବବର୍ଷ, ସରସ୍ୱତୀ ପୂଜା, ପଣା ସଂକ୍ରାନ୍ତି, ସାବିତ୍ରୀ ବ୍ରତ, କୃଷ୍ଣ ଜନ୍ମାଷ୍ଟମୀ, କାର୍ତ୍ତିକ ପୂର୍ଣ୍ଣିମା ଭଳି ଦିନମାନଙ୍କରେ ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ । ଗତ ଦୁଇବର୍ଷ ହେଲା ଭାଦ୍ରବ ମାସରେ ଖୁଦରୁଙ୍କୁଣି ପୂଜା ମଧ୍ୟ ଅନୁଷ୍ଠିତ ହେଉଛି । ଏହା ସହିତ ଓଡ଼ିଶାର ପର୍ବପର୍ବାଣି ଅନୁଯାୟୀ ପୂଜାପାଠ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ । ଯେଉଁଥିରେ ସଂପୂର୍ଣ୍ଣ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥାଏ । ପ୍ରତ୍ୟେକ ବର୍ଷ ପୁରୀ ଭଳି ସମାନ ଢଙ୍ଗରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ । ଯେହେତୁ ସେ ଜଗତର ନାଥ ଜଗନ୍ନାଥ ତେଣୁ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ ସମସ୍ତେ ଜଗନ୍ନାଥଙ୍କ ପ୍ରେମରେ ମଜ୍ଜି ଯାଇଥାନ୍ତି ।

ମନ୍ଦିର ପାଖରେ ରହିଛି ଏକ ଭୋଗ ଦୋକାନ । ପୂଜା ସାମଗ୍ରୀ ସହିତ, ସେଠାରେ ଓଡ଼ିଶାର ଛେନାପୋଡ଼ ଓ ରସଗୋଲା ମଧ୍ୟ ମିଳିଥାଏ । ପ୍ରବାସୀ ଓଡ଼ିଆ ଓ ସ୍ଥାନୀୟ ଲୋକ ମନ୍ଦିରକୁ ପୂଜାର୍ଚ୍ଚନା ବା ଜଗନ୍ନାଥଙ୍କୁ ଦର୍ଶନ ପାଇଁ ଆସିଥାନ୍ତି । ତାଛଡ଼ା ଦୂରଦୂରାନ୍ତରୁ ଦିଲ୍ଲୀ ବୁଲି ଆସୁଥିବା ଓଡ଼ିଶାର ପର୍ଯ୍ୟଟକ ଟିକେ ସମୟ ବାହାର କରି ଆସିଥାନ୍ତି ଶ୍ରୀନୀଳାଚଳ ଧାମ । ଆଉ ଦର୍ଶନ କରନ୍ତି ଜଗାକାଳିଆକୁ । ସେ ପରା ଭାବର ଠାକୁର । ତେଣୁ ଯିଏ ତାଙ୍କ ଭାବରେ ବନ୍ଧା ସେ ଆପେ ଆପେ ଟାଣି ହୋଇଆସେ ଏଠାକୁ ।





# ମୁମ୍ବାଇରେ ଜଗନ୍ନାଥ

# ମୁମ୍ବାଇର ନୀଳାଚଳ ଧାମ



**ପାରମିତା ଷଡ଼ଙ୍ଗୀ**
ମାର୍ଫତ : ସ୍ୱପ୍ନେନ୍ଦୁ ମିଶ୍ର, କାନ୍ଦିବଲି ପୂର୍ବ, ମୁମ୍ବାଇ-୪୦୦୧୦୧
ଫୋନ : ୮୮୫୦୧୯୯୩୪୯, ୯୮୬୭୧୧୩୧୧୩

ଫଟୋ ସୌଜନ୍ୟ : ଲେଖିକା

କାହାଣୀ ହେଇପାରେ । ସତ୍ୟତାର ପ୍ରମାଣ ନାହିଁ । କିନ୍ତୁ ଓଡ଼ିଆମାନଙ୍କୁ ଶୁଣାଇଲେ ସେମାନେ ବିଶ୍ୱାସ କରିନେବେ । ପ୍ରମାଣ ଖୋଜିବେନି । କେତେ ସତ ମାପିବେନି । ଖାଲି ଶୁଣିବେ । ଶୁଣିଲା ବେଳେ ଆଖିରୁ ଦୁଇ ଧାର ଲୁହ ବି ବୋହୁଥିବ, ଆଉ ବିସ୍ତାର କରୁଥିବ ଶ୍ରଦ୍ଧା ଓ ବିଶ୍ୱାସର ଗୋଟେ ଆବରଣ ମନ, ହୃଦୟ ଓ ମସ୍ତିଷ୍କର ସବୁ କୋଠରୀ ଭିତରେ ।

ଶ୍ରୀନାରାୟଣଙ୍କର କଳିଯୁଗରେ ଜଗନ୍ନାଥଙ୍କ ରୂପରେ ପ୍ରତିଷ୍ଠିତ ହେବା ମୂଳରେ କେତେଗୁଡ଼ିଏ ଲୋକକଥା ଶୁଣାଯାଏ । ତାର ଐତିହାସିକ ପ୍ରମାଣ କିଛି ନାହିଁ । ଜରାଶବର ଦ୍ୱାରା ଭଗବାନ ଶ୍ରୀକୃଷ୍ଣଙ୍କର ଆହୂତ ହୋଇ ଦେହ ତ୍ୟାଗ, ଭୀମଙ୍କର ସେ ନାଭିକୁ ସମୁଦ୍ରରେ ପକାଇ ଦେବା, ଦାରୁ ରୂପରେ ସମୁଦ୍ରରେ ଭାସି ଭାସି ଆସିବା ଏବଂ ରାଣୀ ଗୁଣ୍ଡିଚାଙ୍କ ଉତ୍କଣ୍ଠାରେ ଅଧାଗଢ଼ା ଦାରୁ ରୂପରେ ପୁରୀ ମନ୍ଦିରରେ ଆବିର୍ଭାବ ହେବା, ଏସବୁ ତାଙ୍କ ଲୀଳା ନୁହେଁ ତ ଆଉ କ'ଣ ?

କିନ୍ତୁ ପ୍ରଶ୍ନ ଉଠେ ଏପରି ଅଧାଗଢ଼ା ରୂପ କାହିଁକି ? ଯିଏ ଅନନ୍ତ, ଅରୂପ ପୁଣି ସର୍ବ ସୁନ୍ଦର, ତାଙ୍କର ଏ କିପରି ରୂପ ଏ କଳିଯୁଗରେ ? ଯା ପଛରେ ମଧ୍ୟ ଈଶ୍ୱରଙ୍କର ଏକ ଅଦ୍ଭୁତ ଲୀଳାଖେଳାର କାହାଣୀ ଅଛି । ପୁଣି କହିବି, ଯାହାର ପ୍ରମାଣ ନାହିଁ କିନ୍ତୁ ଅବିଶ୍ୱାସ କରିବାକୁ ଇଚ୍ଛା ବି ହୁଏନି ।

ଏକଦା ଶ୍ରୀକୃଷ୍ଣଙ୍କ ରାଣୀମାନେ ମାତା ରୋହିଣୀଙ୍କୁ ପ୍ରଭୁଙ୍କ ବାଲ୍ୟଲୀଳା ଶୁଣିବା ପାଇଁ ଆଗ୍ରହ କଲେ । ମାତା ରୋହିଣୀ ସୁଭଦ୍ରାଙ୍କୁ ଦ୍ୱାର ଜଗିବା ପାଇଁ ଆଦେଶ ଦେଇ କାହାଣୀ ଆରମ୍ଭ କଲେ । ସେ ଚାହୁଁ ନଥିଲେ ଯେ ସ୍ୱୟଂ ଶ୍ରୀକୃଷ୍ଣ କି ବଳରାମ ଏସବୁ ଶୁଣନ୍ତୁ ବୋଲି । ରୋହିଣୀ ବର୍ଣ୍ଣନା କରି ଚାଲିଥିଲେ, କିପରି ବାଳକୃଷ୍ଣଙ୍କ ଦୁଷ୍ଟାମିରେ ମାତା ଯଶୋଦାଙ୍କ ପ୍ରେମ ଦ୍ୱିଗୁଣିତ ହେଉଥିଲା । ଗୋପୀଙ୍କୁ ଖୁବ୍ ହଇରାଣ କଲେ ମଧ୍ୟ ସେମାନେ ଶ୍ରୀକୃଷ୍ଣଙ୍କ ଦର୍ଶନ ପାଇଁ ବ୍ୟାକୁଳିତ ହେଉଥିଲେ । ସୁଭଦ୍ରା ଏହି ବାଲ୍ୟଲୀଳାର କାହାଣୀ ଶୁଣୁ ଶୁଣୁ ଏତେ ମଗ୍ନ ହୋଇ ଯାଇଥିଲେ ଯେ ସେ ଭୁଲି ଯାଇଥିଲେ ପହରା ଦେବା । ଏହା ମଧ୍ୟରେ ଶ୍ରୀକୃଷ୍ଣ ଓ ବଳରାମ ମଧ୍ୟ ଦ୍ୱାର ମୁଖରେ ଠିଆ ହୋଇ ଶୁଣିବାକୁ ଲାଗିଲେ । ବାଲ୍ୟ ଅବସ୍ଥାର ଲୀଳାଖେଳା, ମାତା ଯଶୋଦାଙ୍କ ପୁତ୍ର ପ୍ରେମ, ଗୋପୀଙ୍କର ଶ୍ରଦ୍ଧା, ଭକ୍ତି ଓ ରାଧାଙ୍କର ନିର୍ମଳ ପ୍ରେମକୁ ମାତା ରୋହିଣୀଙ୍କର ମୁଖରୁ ଶୁଣି ଆଶ୍ଚର୍ଯ୍ୟରେ ଶ୍ରୀକୃଷ୍ଣ, ବଳରାମ ଓ ଶୁଭଦ୍ରାଙ୍କ ଆଖି ବଡ଼ବଡ଼ ହୋଇଗଲା । ଅଧର ଅଧା ଖୋଲାଥିଲା ଏବଂ ପ୍ରେମଭାବରେ ମନ୍ତ୍ରମୁଗ୍ଧ ହୋଇ ତିନିଜଣ ତରଳିବାକୁ ଲାଗିଲେ । ପ୍ରଭୁଙ୍କ ଶରୀର ତରଳି ପୃଥୁଳକାୟ ହେଲା, ହାତଗୋଡ଼ ଅଧା ତରଳି ବୋହିବାକୁ ଲାଗିଲା । ପ୍ରଭୁଙ୍କ ଏପରି ରୂପ ଦର୍ଶନ କରିବା ପାଇଁ ନାରଦ ମୁନି ହଠାତ୍ ସେହି ସ୍ଥାନରେ ଆବିର୍ଭାବ ହେଲେ । ତାଙ୍କ ପାଦଶବ୍ଦରେ ମାତା ରୋହିଣୀ ଚୁପ୍ ହୋଇଗଲେ । ମାତାଙ୍କର ଚୁପ୍ ହେବା ମାତ୍ରେ ଶ୍ରୀକୃଷ୍ଣ, ବଳରାମ ଓ ସୁଭଦ୍ରା ତାଙ୍କ ପୂର୍ବ ରୂପକୁ ଫେରି ଆସିଥିଲେ । ପ୍ରଭୁଙ୍କ ଏପରି ଏକ ଅଦ୍ଭୁତ ରୂପ ଦେଖି ନାରଦ ମୁନି ସେହି ରୂପକୁ ପୃଥିବୀ ବାସୀ ଦର୍ଶନ କରନ୍ତୁ ବୋଲି ଅନୁରୋଧ କରିଥିଲେ । ସେ ତ ଭକ୍ତ ବତ୍ସଳ, ନା କିପରି କୁହନ୍ତେ ପରମ ଭକ୍ତ ନାରଦଙ୍କୁ, 'ତଥାସ୍ତୁ' କହି ପ୍ରଭୁ କଳିଯୁଗରେ ଅବତରିଲେ ସେହି ପରମ ସୁନ୍ଦର ଜଗନ୍ନାଥ ରୂପରେ ।

ଏପରି କାହାଣୀ ଶୁଣିଲା ପରେ, ସତ୍ୟାସତ୍ୟ ଖୋଜିବାକୁ ଇଚ୍ଛା ହୁଏନା-ଅନୁଭବ ହୁଏ ଯେମିତି ଏ ଘଟଣାର ପ୍ରତ୍ୟକ୍ଷଦ୍ରଷ୍ଟା ଆମେମାନେ ।

ଓଡ଼ିଆ ଓ ଓଡ଼ିଆ ସଂସ୍କୃତିର ପ୍ରଥମ ପରିଚୟ ଜଗନ୍ନାଥ ଧାମ ଓ ଜଗନ୍ନାଥ ସଂସ୍କୃତି କହିଲେ ଭୁଲ୍ ହେବ ନାହିଁ । ଯେଉଁଠି ଓଡ଼ିଆମାନେ ବାସ କରନ୍ତି ସେଇଠି ଜଗନ୍ନାଥ ସଂସ୍କୃତି ସୃଷ୍ଟି ହୋଇଯାଏ କିମ୍ବା ଯେଉଁଠି ଜଗନ୍ନାଥ ସଂସ୍କୃତି ସେଇଠି ଓଡ଼ିଆର ବାସ୍ନା ବାରିହୁଏ । ଏ ତ ପ୍ରଭୁଙ୍କ ମହିମା । ନା ସେ କେବେ ଓଡ଼ିଆମାନଙ୍କ ଉପରୁ ତାଙ୍କର କୃପାଦୃଷ୍ଟି ହଟାଇଛନ୍ତି, ନା ଗୋଟେ ଓଡ଼ିଆ ପ୍ରଭୁଙ୍କ ନାମ ଓଠରେ ନ ଧରି ତାର ପରିଚୟ ଦେଇଛି ।





ପ୍ରଭୁ ଜଗନ୍ନାଥ ଯେଉଁଠି ଇଚ୍ଛା କରନ୍ତି ସେଇଠି ଆବିର୍ଭାବ ହୁଅନ୍ତି । ଜଣେ ବ୍ୟକ୍ତି କିମ୍ବା ଗୋଷ୍ଠୀ କେବଳ ନିମିତ୍ତ ମାତ୍ର । ଏମିତି ତ ମୁମ୍ବାଇରେ କେତୋଟି ଜଗନ୍ନାଥ ମନ୍ଦିର ଅଛି, କିନ୍ତୁ ନବି ମୁମ୍ବାଇର ଖାରଘର ସେକ୍ଟର ପାଞ୍ଚ ମନ୍ଦିରଟି ଅତି ଆକର୍ଷଣୀୟ । ମୋର ସୌଭାଗ୍ୟ ଓ ପ୍ରଭୁଙ୍କ ଆଶୀର୍ବାଦରୁ ଆଜି ଏଇ ମନ୍ଦିର ବିଷୟରେ ମୁଁ କିଛି 'ରେବତୀ'ର ପାଠକଙ୍କ ସମ୍ମୁଖରେ ଉପସ୍ଥାପନ କରୁଛି ।

ମୁମ୍ବାଇର ଛତ୍ରପତି ଶିବାଜୀ ଏୟାରପୋର୍ଟରୁ ପ୍ରାୟ ପଇଁତିରିଶ କିଲୋମିଟର ଓ ଛତ୍ରପତି ଶିବାଜୀ ରେଳଷ୍ଟେସନରୁ ପ୍ରାୟ ଅଠତିରିଶ କିଲୋମିଟର ଦୂର ନବି ମୁମ୍ବାଇର ରାଇଗଡ଼ ଜିଲ୍ଲାର ଖାରଘର ସେକ୍ଟର ପାଞ୍ଚରେ ପ୍ରତିଷ୍ଠିତ ଏହି ମନ୍ଦିରଟି । ଖାରବେଳ ରେଳ ଷ୍ଟେସନରୁ ସେକ୍ଟର ପାଞ୍ଚର ମନ୍ଦିରର ଦୂରତ୍ୱ କେବଳ ଚାରି କିଲୋମିଟର । ଖାରଘରଟି ମୁମ୍ବାଇ 'ସେଣ୍ଟ୍ରାଲ୍ ରେଲୱେ' ଦ୍ୱାରା ପରିଚାଳିତ 'ମୁମ୍ବାଇ ସବରବନ୍ ରେଲୱେ ନେଟୱର୍କ'ର ଅଂଶ 'ହାର୍ବର୍ ଲାଇନ୍'ରେ ସ୍ଥିତ । ଏଠାକୁ ମୁମ୍ବାଇର ବିଭିନ୍ନ ସ୍ଥାନରୁ ଲୋକାଲ୍ ଟ୍ରେନ୍, ରିକ୍ସା ଓ ବସ୍ ମାଧ୍ୟମରେ ଯାଇ ହୁଏ । ମୋଟାମୋଟି କହିଲେ ମନ୍ଦିର ଓ ପ୍ରଭୁଙ୍କ ଦର୍ଶନ ପାଇଁ ଆତୁର ଭକ୍ତଗଣଙ୍କ ପାଇଁ ଯୋଗାଯୋଗ ଆଦୌ ଅସୁବିଧା ଜନକ ନୁହେଁ ।

ମହାରାଷ୍ଟ୍ର ଓଡ଼ିଆ ୱେଲ୍‌ଫେୟାର୍ ଆସୋସିଏସନ୍ (ମେୱା)ର ପ୍ରତିଷ୍ଠାତା ତଥା ସଭାପତି ଶ୍ରୀ ଭଗବାନ ପଣ୍ଡାଙ୍କ ଓ ତାଙ୍କ ସହଯୋଗୀଙ୍କ ପ୍ରଚେଷ୍ଟାରେ ୨୦୧୬ ମଇ ୧୬ ତାରିଖ




ଅକ୍ଷୟ ତୃତୀୟାର ଶୁଭ ଅବସରରେ ମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜନ ହୋଇଥିଲା ଏବଂ ୨୦୧୧ ମସିହା ଜାନୁଆରୀ ୨୧ ତାରିଖରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହକୁ ପ୍ରତିଷ୍ଠା କରାଯାଇଥିଲା । ଏହା ପର ଠୁ ଏହି କ୍ଷେତ୍ର 'ନୀଳାଚଳ ଧାମ' ନାମରେ ପ୍ରସିଦ୍ଧି ଲାଭ କରିଛି ।

ଏହି ମନ୍ଦିରର କାରୁକାର୍ଯ୍ୟ ଓଡ଼ିଶାର କୁଶଳୀ କାରିଗରଙ୍କ ଦ୍ୱାରା ଗଢ଼ା ଯାଇଥିଲା । ସେଥିପାଇଁ ମନ୍ଦିରର ପ୍ରତ୍ୟେକ ଭାଗରେ ଓଡ଼ିଆ ହାତର ମହକ ବାରିହୁଏ । ବାଇଶ ପାହାଚ, ଗରୁଡ଼ ସ୍ତମ୍ଭ ଓ ପାର୍ଶ୍ୱ ଦେବତାଙ୍କୁ ନେଇ ପ୍ରଭୁ ଶ୍ରୀଜଗନ୍ନାଥ ଏହି ମନ୍ଦିରର ଭାଇ ଓ ଭଉଣୀଙ୍କ ସହ ପୂଜା ପାଉଛନ୍ତି । ମନ୍ଦିରର ପୂଜା ଅର୍ଚ୍ଚନା, ବିଧି, ଠାକୁରଙ୍କ ସେବା, ମହାପ୍ରସାଦ ସେବନ, ଠିକ ବଡ଼ ମନ୍ଦିର ପରି ଶୃଙ୍ଖଳିତ । ରଥଯାତ୍ରା ପର୍ବଟି ମଧ୍ୟ ବଡ଼ ଧୁମ୍‌ଧାମ୍‌ରେ ପାଳିତ ହୁଏ । ମୁମ୍ବାଇର ବିଭିନ୍ନ ସ୍ଥାନରୁ ଓଡ଼ିଆ ଓ ଅଣ ଓଡ଼ିଆମାନେ ଏହି ଉତ୍ସବରେ ଯୋଗ ଦେଇ ପ୍ରଭୁଙ୍କୁ ଦର୍ଶନ କରିଥାନ୍ତି ।


ଖାଲି ଏତିକି ନୁହେଁ ମନ୍ଦିରର ପରିସରରେ ବାହାଘର, ବ୍ରତଘର ସହ ଅନ୍ୟାନ୍ୟ ପର୍ବପର୍ବାଣି ପାଳନ ମଧ୍ୟ କରାଯାଇଥାଏ ।

କେବଳ ଧର୍ମ ସ୍ଥାପନା ଓ ସାଧୁ ଜୀବନଶୈଳୀ ନୁହେଁ, ନୃତ୍ୟ, ସଂଗୀତ, କଳା, ସ୍ଥାପତ୍ୟ ଓ ସାହିତ୍ୟ ଆଦି ମଧ୍ୟ ଜଗନ୍ନାଥ ସଂସ୍କୃତିର ଅନ୍ୟ ଏକ ଅଭିନ୍ନ ଅଂଗ । ଜଗନ୍ନାଥ ସଂସ୍କୃତିକୁ ନେଇ ରଚିତ ସାହିତ୍ୟ ଓଡ଼ିଆ ସାହିତ୍ୟକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ସେହି ଭଗବାନକୁ ଧାରଣ କରି ଏହି ଖାରଘର ସ୍ଥିତ ମନ୍ଦିର ମଧ୍ୟ ତାର ପରିସର ଦ୍ୱାରକୁ ଖୋଲି ଦେଇଛି 'ସାହିତ୍ୟ ଓ ସଙ୍ଗୀତ' ପାଇଁ ।

ଏପରି ଏକ ସାହିତ୍ୟ ଉତ୍ସବରେ ଯୋଗ ଦେବାକୁ ଯାଇ ମୋର ଶ୍ରୀ ଭଗବାନ ପଣ୍ଡାଙ୍କ ସହ ଦେଖା ହୋଇଥିଲା । ସେ ମୋତେ ମନ୍ଦିରକୁ ନେଇ କେତୋଟି ଅଲୌକିକ ଘଟଣା ବିଷୟରେ କହିଥିଲେ । ମୋତେ ତାଙ୍କ ବିଶ୍ୱାସ ଉପରେ ବିଶ୍ୱାସ କରିବାକୁ ଖୁବ ଇଚ୍ଛା ହେଲା । ପ୍ରଭୁଙ୍କ ଲୀଳା ବି ସେମିତି । ଗୋଟେ ଘଟଣାର ସେ ପ୍ରମାଣ ବି ଦେଲେ । ଘଟଣାଟି ଏପରି ଥିଲା, ସଂଧ୍ୟା ଆଳତୀରେ ଗୋଟେ କଳା ନାଗ ପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ମଥାରେ ଫଣା ଉଠାଇ ଠିଆ ହୋଇଥାଏ ଓ ଆଳତୀ ପରେ ସେ ଚାଲିଯାଏ । କେତେଜଣ ଭକ୍ତ ଏହାର ଫଟୋ ବି ଉଠାଇଛନ୍ତି । ମୋତେ ସେ ସାପଟି ଯିବାର ଫଟୋଟି ମଧ୍ୟ ଦେଖାଇଥିଲେ । ତାଙ୍କ ଭାବବିହ୍ୱଳ ମୁଖରେ ପ୍ରଭୁଙ୍କ ପ୍ରତି ଭକ୍ତି ମୁଁ ସ୍ପଷ୍ଟ ଦେଖି ପାରିଥିଲି । ଯଦିଓ ଫଟୋଟି ସାପଟିର ଯିବା ସମୟରେ ଉଠା ଯାଇଛି ତଥାପି ପ୍ରଭୁଙ୍କ ଲୀଳାକୁ ଅବିଶ୍ୱାସ କରିବାର ପ୍ରଶ୍ନ ହିଁ ନାହିଁ ।

ଯେଉଁ ସ୍ଥାନରେ ଭାବନା ପବିତ୍ର ହୋଇଯାଏ, ଯେଉଁ କ୍ଷେତ୍ରରେ ମଣିଷ ପାପରୁ ତରିଯାଏ, ସେ ସ୍ଥାନ ତୀର୍ଥ ସ୍ଥାନରେ ପରିଣତ ହୁଏ । ଯାହାଙ୍କ ପାଖରେ ସବୁ ପାପ, ପୁଣ୍ୟ, ଧର୍ମ, ଶ୍ରଦ୍ଧା, ବିଶ୍ୱାସ ଲୀନ ହୋଇଯାଏ ସେହି ଯୁଗପୁରୁଷ, ଷୋଳକଳାରେ ପରିପୂର୍ଣ୍ଣ ଶ୍ରୀଜଗନ୍ନାଥଙ୍କର ଏହି ମନ୍ଦିର ମୁମ୍ବାଇ ସ୍ଥିତ ଓଡ଼ିଆ ଓ ଅଣ ଓଡ଼ିଆମାନଙ୍କ ପାଇଁ ଏକ ପବିତ୍ର ତୀର୍ଥ ସ୍ଥାନ ଅଟେ ।

ତାଙ୍କ ରହସ୍ୟ ପ୍ରାଣୀଙ୍କୁ ଅଗୋଚର । ବୁଝିଲେ ସହଜ, ବିଶ୍ୱାସ କଲେ ହୃଦୟରେ ଜ୍ୟୋତି ସ୍ୱରୂପ ବିରାଜମାନ । ଭୂଖଣ୍ଡରେ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ଏକ ରହସ୍ୟ ହେଉ କି ପ୍ରହେଳିକା, କିନ୍ତୁ ଜଗନ୍ନାଥ ସଂସ୍କୃତି ଓଡ଼ିଆମାନଙ୍କର ଜୀବନ ଶୈଳୀର ଆଧାର, ଓଡ଼ିଶାର ଚେତନା ଓ ମାନବ ସମାଜର ଏକମାତ୍ର ସତ୍ୟ ।




# ଯାଜପୁରର ଜଗନ୍ନାଥ ମନ୍ଦିର



**ନାରାୟଣ ରାଉତରାୟ**
ଉପୁଳାଇ, ନଗୁଆଁ, ଯାଜପୁର ରୋଡ୍
ଫୋନ : ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଲେଖକ

୧୪୪ ବର୍ଷ ପରେ ରାଜା ଯଯାତି କେଶରୀ ସେଠାରୁ ଜୀର୍ଣ୍ଣ ମୂର୍ତ୍ତି ବା ବ୍ରହ୍ମ ଉଦ୍ଧାର କରି ନୂତନ ବିଗ୍ରହ ନିର୍ମାଣ ପୂର୍ବକ ପୁରୁଷୋତ୍ତମ କ୍ଷେତ୍ରରେ ଏକ ମନ୍ଦିରରେ ବିଜେ କରାଇଥିଲେ । କାରଣ ଜଗନ୍ନାଥଙ୍କ ମୂର୍ତ୍ତି ଉଦ୍ଧାର ପୂର୍ବରୁ ନୂତନ ମନ୍ଦିର ନିର୍ମାଣର ପରିକଳ୍ପନା ହୋଇନଥିବ । ଯଯାତିକେଶରୀ ସର୍ବପ୍ରଥମେ ତାଙ୍କର ରାଜଧାନୀରେ ଆଣି ରଖିଥିବେ ଓ ସେହିଠାରେ ଶାସ୍ତ୍ରୀୟ ରୀତିରେ ନୂତନ ବିଗ୍ରହ ନିର୍ମାଣ କରିଥିବାର ବ୍ୟବସ୍ଥା କରିଥିବେ । ତା' ପରେ ପୁରୀ ଠାରେ ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଯଯାତି ଯାଜପୁରରୁ ସେ ବିଗ୍ରହକୁ ନେଇ ସେଠାରେ ସ୍ଥାପନ କରିଥିବା ଯୁକ୍ତିଯୁକ୍ତ ହୋଇଥାଇ ପାରେ ।




'ରେବତୀ'ର ପରିବାର ପକ୍ଷରୁ ଅନୁରୋଧ ପାଇ କୌଣସି ଏକ ଶନିବାରର ଶୀତୁଆ ସକାଳରେ ଯାଜପୁର ରୋଡ଼ରୁ ବାହାରି ପଡ଼ିଲି ମୁଁ । ଉଦ୍ଦେଶ୍ୟ : ଯାଜପୁରର ଜଗନ୍ନାଥ ପୀଠ ସମ୍ପର୍କରେ ତଥ୍ୟସଂଗ୍ରହ । ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ଥିବା ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଲା ବେଳକୁ ରାଜ୍ୟ ଓ ରାଜ୍ୟ ବାହାରର ବହୁ ଦର୍ଶନାର୍ଥୀଙ୍କର ଲାଗିଥାଏ ଗହଳଚହଳ । ବୈତରଣୀରେ ଗୋଦାନ, ସ୍ୱର୍ଣ୍ଣଦାନ ସହ ପୂର୍ବପୁରୁଷଙ୍କ ପିଣ୍ଡଦାନ କରିବାକୁ ବହୁ ତୀର୍ଥ ଯାତ୍ରୀ ପହଞ୍ଚିଥିଲେ । କଥାବାର୍ତ୍ତା ପରେ ଜାଣିଲି ସେମାନେ ବୈତରଣୀରେ ବିଭିନ୍ନ ଦାନଧର୍ମ କରିସାରିବା ପରେ ତଟ ଦେଶରେ ଥିବା ବରାହ ସପ୍ତମାତୃକା ଓ ଜଗନ୍ନାଥଙ୍କୁ ଦର୍ଶନ କରିବେ । ଏହା ଫଳରେ ପୁଣ୍ୟ ଲାଭ ହୋଇଥାଏ । ଅଗତ୍ୟା ଜଗନ୍ନାଥ ମନ୍ଦିର ସମ୍ପର୍କରେ ଜାଣିବାର ଆଗ୍ରହ ପ୍ରକାଶ କରିବାରୁ ସେଠାକାର ପୁରୋହିତ ଅନେକ କଥା ଜଣାଇଲେ ।

ଜଗନ୍ନାଥଙ୍କର ନୀତିରୀତି ଏଠାରେ ସବୁ ପାଳନ କରାଯାଉଛି । ଯାଜପୁରର ବିଦ୍ୟମାନ ଜଗନ୍ନାଥ ମନ୍ଦିର ବୈତରଣୀର ଦକ୍ଷିଣ ତଟ ଐତିହାସିକ ଦଶ୍ୱାଶ ମେଧ ଘାଟ ଉପରେ ଅବସ୍ଥିତ । ମନ୍ଦିର ଚତୁଃପାର୍ଶ୍ୱ ବେଢ଼ା ପ୍ରାଚୀର ଦ୍ୱାରା ଆବଦ୍ଧ । ଏହାର ଦୈର୍ଘ୍ୟ ଉତ୍ତର ପାର୍ଶ୍ୱ ୨୧୫ ଫୁଟ୍, ଦକ୍ଷିଣ ପାର୍ଶ୍ୱ ୨୩୧ ଫୁଟ୍, ପ୍ରସ୍ଥ ପୂର୍ବ ଓ ପଶ୍ଚିମ ଯଥାକ୍ରମେ ୧୫୨ ଓ ୧୫୫ ଫୁଟ୍ । ୭୮ ଡେସିମିଲ୍ ପରିମିତ ଜମି ଉପରେ ଜଗନ୍ନାଥଙ୍କ ବେଢ଼ା ଓ ପୀଠସ୍ଥଳି ବିଦ୍ୟମାନ । ସିଂହଦ୍ୱାର ପୂର୍ବ ଦିଗକୁ ସିଂହଦ୍ୱାର ସମ୍ମୁଖରେ ସର୍ବପ୍ରଥମେ ଦେଖିବାକୁ ମିଳେ ଅରୁଣ ସ୍ତମ୍ଭ । ଉଚ୍ଚତା ଆନୁମାନିକ ୧୫ ଫୁଟ୍ ଶୀର୍ଷ ଦେଶରେ ସ୍ଥାପିତ ଆସ୍ଥାନ ଉପରେ ମନ୍ଦିର ଆଡ଼କୁ ମୁହଁ କରି ଅରୁଣ ମୂର୍ତ୍ତି ବିଦ୍ୟମାନ । ୨୭ ଫୁଟ୍ ଉଚ୍ଚ ପିଢ଼ା ଶୈଳୀରେ ନିର୍ମିତ ସିଂହଦ୍ୱାର ୪ ଫୁଟ୍ ୧୦ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ । ମଣ୍ଡପ ଉପରେ ତିନି ଗୋଟି ମନ୍ଦିର ଏକାଠି ସନ୍ନିବେଶିତ । ଜଗମୋହନ ଓ ଗର୍ଭ ମନ୍ଦିରରେ ଥିବା ମନ୍ଦିରକୁ ଭୋଗ ମଣ୍ଡପ କୁହା ଯାଉଛି । ଜଗମୋହନ ଓ ଭୋଗମଣ୍ଡପର ଉଚ୍ଚତା ଯଥା କ୍ରମେ ୩୫ ଫୁଟ୍ ଓ ୨୫ ଫୁଟ୍ । ମୁଖ୍ୟ ମନ୍ଦିରଟି ସପ୍ତରଥ ଶୈଳୀରେ ନିର୍ମିତ ହୋଇଥିବା ଦେଖିବାକୁ ମିଳେ । ଉଚ୍ଚତା ଆନୁମାନିକ ୬୨ ଫୁଟ୍ । ବିମାନର ଦକ୍ଷିଣ ପଶ୍ଚିମ ଉତ୍ତର ପାର୍ଶ୍ୱରେ ତିନି ଗୋଟି କ୍ଷୁଦ୍ର ମନ୍ଦିର ରହିଛି । ସେଥିରେ ବରାହ, ନୃସିଂହ, ବାମନ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଛନ୍ତି । ମନ୍ଦିରର କଳାସ୍ଥାପତ୍ୟକୁ ଅନୁଧ୍ୟାନ କରି ଏହା ଅଷ୍ଟଦଶ ଶତାବ୍ଦୀରେ ନିର୍ମିତ ବୋଲି ଡ଼କ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମତବ୍ୟକ୍ତ କରନ୍ତି । ମୁଖଶାଳା ମଧ୍ୟରେ ଶ୍ରୀଜିଉଙ୍କ ସମ୍ମୁଖରେ ଗରୁଡ଼ ସ୍ତମ୍ଭ ବିଦ୍ୟମାନ । ସ୍ତମ୍ଭ ଉପରେ ପଶ୍ଚିମ ମୁଖୀ ବରୁଣ ଆଣ୍ଠୁ ମାଡ଼ି ପ୍ରଣାମ ଭଙ୍ଗୀରେ ଅବସ୍ଥାପିତ । ବରୁଣ ସ୍ତମ୍ଭର କଳା କାରୁକାର୍ଯ୍ୟ ଏହାର ପ୍ରାଚୀନତାକୁ ସ୍ପଷ୍ଟ କରିଥାଏ । ଗର୍ଭ ମନ୍ଦିରରେ ରତ୍ନ ମଣ୍ଡପ ଉପରେ ଶ୍ରୀଜଗନ୍ନାଥ ବଳଭଦ୍ର ଦେବୀ ଶୁଭଦ୍ରା ସୁଦର୍ଶନଙ୍କ ବିଗ୍ରହ ସହ ଲକ୍ଷ୍ମୀ ମଦନମୋହନ ଓ ଶାଳଗ୍ରାମ ପୂଜା ପାଉଛନ୍ତି । ଜଗନ୍ନାଥ ମନ୍ଦିର ବେଢ଼ାର ଉତ୍ତର- ପଶ୍ଚିମ କୋଣରେ ମୁକ୍ତେଶ୍ୱରଙ୍କ ଆଧୁନିକ ମନ୍ଦିର ବିଦ୍ୟମାନ । ପୂର୍ବକୁ ମୁଖ ଥିବା ମନ୍ଦିରର ଉଚ୍ଚତା ୨୫ ଫୁଟ୍ । ମୁକ୍ତେଶ୍ୱର ବିରଜା କ୍ଷେତ୍ରର ଏକ ପ୍ରାଚୀନ ଶିବଲିଙ୍ଗ କପିଳ ସଂହିତା ଓ ବିରଜା ମାହାତ୍ମ୍ୟରେ ଏହି ଶିବଲିଙ୍ଗର ବର୍ଣ୍ଣନା ରହିଛି ।

ଗଜପତି କପିଳେନ୍ଦ୍ର ଦେବ ଓଡ଼ିଶାକୁ ଏକ ଶକ୍ତିଶାଳୀ ରାଷ୍ଟ୍ର ରୂପେ ଗଢ଼ିବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ରୂପେ ଅଭିହିତ କରିଥିଲେ । କପିଳେନ୍ଦ୍ର ଦେବ ଯାଜପୁରରେ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା କରିବାର କିମ୍ବଦନ୍ତୀ ରହିଛି । ସେହି କିମ୍ବଦନ୍ତୀକୁ ଆଧାର କରି ବିଂଶ ଶତାବ୍ଦୀର ଆଦ୍ୟଭାଗର କବି ସ୍ୱର୍ଗତ କେଶବ ଚନ୍ଦ୍ର ମିଶ୍ର ତାଙ୍କ 'ବୈତରଣୀ' କାବ୍ୟରେ ଯାଜପୁରର ଶିଦ୍ଧ ଗଣେଶ ମନ୍ଦିର ଦକ୍ଷିଣ ଭାଗରେ ବିଦ୍ୟମାନ ବର୍ତ୍ତମାନର ଜଗନ୍ନାଥ ମନ୍ଦିର ବିଷୟରେ ଲେଖିଛନ୍ତି । "ତାହାର ଦକ୍ଷିଣେ ପ୍ରକାଣ୍ଡ ମନ୍ଦିର /ଜଗନ୍ନାଥ ରୂପ ଅତି ମନୋହର / କପିଳେନ୍ଦ୍ର ଦେବ ଶୋଳମ ପୁରରୁ / ଆଣି ଥାପିଥିଲେ ।" ତାଙ୍କ ଆଦେଶରୁ ଶ୍ରୀ ଜଗନ୍ନାଥ ଚେତନାକୁ ଏକ ସମ୍ପୂର୍ଣ୍ଣ ରୂପ ଦେବା ଉଦ୍ଦେଶ୍ୟରେ ଯାଜପୁରର ପ୍ରାଚୀନ ଜଗନ୍ନାଥ ମନ୍ଦିରରେ ଶିଳା ବିଗ୍ରହ ପରିବର୍ତ୍ତେ ଚତୁର୍ଦ୍ଧା ଦାରୁ ବିଗ୍ରହ ପ୍ରତିଷ୍ଠା ପାଇଁ ମହାପ୍ରଭୁଙ୍କ ଇଚ୍ଛା ବୋଲି ପ୍ରଚାର କରି ଯାଜପୁର ନିକଟବର୍ତ୍ତୀ ଶୋଳମ ପୁର ଗ୍ରାମରୁ ଦାରୁ ସଂଗ୍ରହ କରି ବିଗ୍ରହ ନିର୍ମାଣ ଓ ପ୍ରତିଷ୍ଠା କରିଥିବାର ଅନୁମାନ କରାଯାଏ । କପିଳେନ୍ଦ୍ର ଦେବଙ୍କ ସମୟରୁ ଯାଜପୁରର ପୁରୁଷୋତ୍ତମ ମନ୍ଦିର ଜଗନ୍ନାଥ ମନ୍ଦିର ଭାବେ ପରିଚିତ ହୋଇଥିବା ବିରଜା ମାହାତ୍ମ୍ୟ ରେ ବର୍ଣ୍ଣିତ ଅଛି ।

# ସଧବା ସାବିତ୍ରୀ





# ସ୍ୱାମୀଙ୍କ ପାଇଁ ଦିନଟିଏ





**ବିଜୟ କୁମାର ମହାନ୍ତି**

ଘଣନଂ-୪, ଗୋକୁଳଧାମ, ରାମଚନ୍ଦ୍ରପୁର,
ଭିଙ୍ଗାରପୁର, ଖୋର୍ଦ୍ଧା
ଫୋନ : ୭୦୭୭୭୦୫୩୬୦

ଫଟୋ ସୌଜନ୍ୟ : ଗୁଗୁଲ୍

ମହାନ ଭାରତୀୟ ପରମ୍ପରାରେ ପତି ଓ ପତ୍ନୀ ଏକ ଆତ୍ମା, ଭିନ୍ନ ଅଙ୍ଗ ମାତ୍ର । ସ୍ୱାମୀ ହିଁ ସ୍ତ୍ରୀ ଜୀବନ ସଦୃଶ । ସ୍ୱାମୀର ସେବା କରିବା ନାରୀର ସବୁଠୁ ବଡ଼ ଧର୍ମ । ଦୁହେଁ ଏକ ମନ, ଏକ ପ୍ରାଣ ହୋଇ ଚଳିଲେ, ସାରା ଘରେ ଶାନ୍ତି ବିରାଜେ । ଖୁସି ଭରି ଉଠେ । ସେ ଘରେ ଲକ୍ଷ୍ମୀ ରହନ୍ତି । ସେଥିପାଇଁ ଲକ୍ଷ୍ମୀ ପୁରାଣ କହେ-

"ପତିସେବା ବିନା ନାହିଁ ନାରୀଙ୍କର ଗତି/ପତିପ୍ରାଣା ନାରୀ କରେ ଦେବଲୋକେ ଗତି ।"

ଆମ ଶାସ୍ତ୍ର, ପୁରାଣ, ସଂସ୍କୃତି ଓ ପରମ୍ପରାରେ ପତିପତ୍ନୀଙ୍କ ସଂପର୍କକୁ ନେଇ ବିବିଧ କାହାଣୀ ରହିଛି । ତାହା ମଧ୍ୟରେ ଅଛି ସାବିତ୍ରୀ ଉପାଖ୍ୟାନ । ଭାରତୀୟ ପୁରାଣ ଓ ପରମ୍ପରାରେ ଜଣେ ମହାନ ନାରୀ ହେଲେ ସାବିତ୍ରୀ । ଏ ଧରାରେ ସେ ଜନ୍ମ ନେଇଛନ୍ତି ରାଜକନ୍ୟା ହୋଇ । ସାବିତ୍ରୀ ଥିଲେ ଜଣେ ତେଜସ୍ୱୀ କନ୍ୟା । ତାଙ୍କ ତେଜ ଓ ବ୍ୟକ୍ତିତ୍ୱ ଆଗରେ କେହି ବି ପୁରୁଷ ଛିଡ଼ା ହେଇ ପାରୁନଥିଲେ । ପୁରାଣ କହେ- ମଦ୍ର ଦେଶର ରାଜା ଅଶ୍ୱପତି ଏକଦା ସାବିତ୍ରୀଙ୍କୁ ନିଜ କୋଳରେ ଝିଅ ଭାବେ ପାଇବାକୁ ଇଚ୍ଛା ପ୍ରକାଶ କଲେ । ତେଣୁ ଏକ ଯଜ୍ଞର ଆୟୋଜନ କଲେ । ଏଥିରେ ଦେବୀ ସନ୍ତୁଷ୍ଟ ହୋଇ ଆଶୀର୍ବାଦ ଦେଲେ । ଉପଯୁକ୍ତ ସମୟରେ ଦେବୀଙ୍କ କୃପାରୁ ଅଶ୍ୱପତିଙ୍କ ପତ୍ନୀଙ୍କ କୋଳରେ କନ୍ୟାଟିଏ ଜାତ ହେଲା । ସାବିତ୍ରୀଙ୍କୁ ଉପାସନା କରି ସେ କନ୍ୟାଟିଏ ପାଇଥିବାରୁ ତାହାର ନାମ ରଖିଥିଲେ ସାବିତ୍ରୀ । ସାବିତ୍ରୀ କ୍ରମେ ଯୌବନରେ ପାଦ ଦେଲେ । ବିବାହ ସମୟ ହେବାରୁ ପିତାଙ୍କ ଆଦେଶ ଦେଇ ନିଜ ଇଚ୍ଛାରେ ବର ଖୋଜିବାକୁ ବାହାରିଲେ । ସହଚରୀଙ୍କ ସହ ପତି ଖୋଜିବା ଲାଗି ବିଭିନ୍ନ ସ୍ଥାନ ଭ୍ରମଣ କରିବାକୁ ବାହାରିଲେ ।

ତେଣେ ଶାଲ୍ୱଦେଶର ରାଜା ଦ୍ୟୁମତସେନଙ୍କ ଔରଷରେ ଶୈବ୍ୟାଙ୍କ ଗର୍ଭରୁ ଜନ୍ମ ନେଇଥିଲେ - ସତ୍ୟବାନ । ସତ୍ୟବାନଙ୍କ ଶୈଶବାସ୍ଥାରେ ଦ୍ୟୁମତସେନ ଅନ୍ଧ ହୋଇଗଲେ । ପରେ ନିଜ ରାଜ୍ୟ ହରାଇ ବନବାସୀ ହୋଇ ଯାଇଥିଲେ । ସତ୍ୟବାନ ବଣରେ ଫଳମୂଳ ସଂଗ୍ରହ କରି ଚଳୁଥିଲେ । ପୁଣି ଭକ୍ତି ସହକାରେ ନିଜ ପିତାମାତାଙ୍କ ସେବା କରୁଥିଲେ । ଦିନେ ସାବିତ୍ରୀ ବନରେ ଭ୍ରମଣ କରୁ କରୁ ସତ୍ୟବାନଙ୍କ ଏପରି ଅସୀମ ପିତୃଭକ୍ତି ଦେଖିଲେ । ତାଙ୍କର ଧର୍ମପରାୟଣତାରେ ଖୁସି ହୋଇ ସାବିତ୍ରୀ ତାଙ୍କ ପ୍ରତି ଆକୃଷ୍ଟ ହେଲେ । ତାଙ୍କୁ ବିବାହ ଲାଗି ଇଚ୍ଛା କରି ଘରକୁ ଆସି ପିତାଙ୍କୁ ଏକଥା ଜଣାଇଥିଲେ । ଏହି ସମୟରେ ସେଠାରେ ନାରଦ ଉପସ୍ଥିତ ହୋଇ ସତ୍ୟବାନଙ୍କ ପରମାୟୁ ଆଉ ମାତ୍ର ଗୋଟିଏ ବର୍ଷ ଥିବାର ଜଣାଇଥିଲେ । ନିଜ ମତ ବଦଳାଇବାକୁ ସାବିତ୍ରୀଙ୍କୁ ଅନୁରୋଧ କଲେ । ମାତ୍ର ସାବିତ୍ରୀ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ । ନିଜ ନିଷ୍ପତ୍ତିରେ ଅଟଳ ରହିଲେ । ପରେ ଉଭୟ ପକ୍ଷଙ୍କ ସମ୍ମତିରେ ସାବିତ୍ରୀଙ୍କର ସତ୍ୟବାନଙ୍କ ସହ ବିବାହ ସମ୍ପନ୍ନ ହେଲା । ସାବିତ୍ରୀ ପିତୃଗୃହର ସବୁ ସୁଖ, ସମ୍ପଦ, ବିଳାସ-ବ୍ୟସନ ତ୍ୟାଗ କରି ସ୍ୱାମୀଙ୍କ ସହ ତପୋବନ କୁଟୀରରେ ରହିଲେ । ନିଜ ଶାଶୁ ଓ ଶ୍ୱଶୁରଙ୍କ ସେବାରେ ଲାଗିଲେ ।

ବିବାହର ଏକ ବର୍ଷ ପୂରିବାକୁ ତିନିଦିନ ବାକିଥାଏ । ସାବିତ୍ରୀଙ୍କ ମନରେ ନାନା ଆଶଙ୍କା ଆସିଲା । ନିଜ ପତିଙ୍କୁ ନେଇ ସେ ବିବ୍ରତ ହୋଇ ପଡ଼ିଲେ । ତ୍ରିରାତ୍ର-ବ୍ରତ ଅବଲମ୍ବନ କଲେ । ଏକ ବର୍ଷ ପୂର୍ଣ୍ଣ ହେବ ଓ ସତ୍ୟବାନଙ୍କର ପରମାୟୁ ଶେଷ ହେବ । ଠିକ୍ ସେହି ଦିନ ସତ୍ୟବାନ ଫଳମୂଳ ଓ ସମିଧ ସଂଗ୍ରହ କରିବାକୁ ବଣକୁ ଯାଇଥିଲେ । ସାବିତ୍ରୀ ବି ତାଙ୍କ ସଙ୍ଗରେ ଗଲେ । ବଣରେ ସତ୍ୟବାନ ଅସୁସ୍ଥ ମନେ କରିବାରୁ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖି ଶୋଇଗଲେ । ତାହା ହିଁ ଥିଲା ତାଙ୍କର ମହାନିଦ୍ରା । କିନ୍ତୁ ସାବିତ୍ରୀ





ନିଜ ମୃତ ସ୍ୱାମୀଙ୍କ ମସ୍ତକକୁ ନିଜ କୋଳରେ ରଖି ସେହିଠାରେ ବସି ରହିଲେ । ଯମଦୂତମାନେ ସତ୍ୟବାନଙ୍କ ଜୀବ ନେବା ପାଇଁ ଆସି ସାଧ୍ୱୀ ସାବିତ୍ରୀଙ୍କ ନିକଟରୁ ଛଡ଼ାଇ ନେଇ ନପାରି ଫେରିଗଲେ । ବିଫଳ ଯମଦୂତଙ୍କ ଠାରୁ ଖବର ପାଇ ନିଜେ ଯମ ଆସି ସେଠାରେ ପହଞ୍ଚି ସତ୍ୟବାନଙ୍କ ଜୀବ ଧରି ବାହାରିଲେ । ସାବିତ୍ରୀ ମଧ୍ୟ ଯମଙ୍କୁ ଅନୁଗମନ କଲେ । ଯମରାଜା ସାବିତ୍ରୀଙ୍କ ପତିଭକ୍ତିରେ ସନ୍ତୁଷ୍ଟ ହେଲେ । ତିନୋଟି ବର ଦେବାକୁ ସତ୍ୟ କଲେ । ସର୍ତ୍ତ ରଖିଲେ ଯେ ସତ୍ୟବାନଙ୍କ ଜୀବନ ବଦଳରେ ଆଉ ଯାହା କିଛି ମାଗି ପାରନ୍ତି । ସେ ପ୍ରଥମ ବରରେ ମାଗିଲେ- ଶ୍ୱଶୁର ଦୃଷ୍ଟି ଶକ୍ତି ଫେରି ପାଇବେ । ହରାଇଥିବା ରାଜ୍ୟ ପୁଣି ଫେରି ପାଇବେ । ଦ୍ୱିତୀୟ ବରରେ ନିଜ ପିତାଙ୍କ ପାଇଁ ଏକ ପୁତ୍ର ସନ୍ତାନ ଓ ତୃତୀୟ ବରରେ ନିଜ ଗର୍ଭରୁ ଶତପୁତ୍ର କାମନା କଲେ । ଯମ ତଥାସ୍ତୁ କହି, ଫେରିଯିବାକୁ କହିଲେ । ସାବିତ୍ରୀ ସ୍ୱାମୀଙ୍କ ବିନା କିପରି ଶତପୁତ୍ର ପାଇବେ ପଚାରିଲେ । ଯମରାଜ ନିରୁପାୟ ହୋଇ ସତ୍ୟବାନଙ୍କୁ ପୁଣି ଜୀବିତ କରାଇ ଆୟୁଦାନ କଲେ । ଏହି ଉପାଖ୍ୟାନକୁ ଆଧାର କରି ସାରା ଦେଶରେ ପାଳିତ ହୁଏ ସାବିତ୍ରୀ ବ୍ରତ ।

ସଧବା ନାରୀ କେହି କେବେ । ଏ ଓଷା ଆରମ୍ଭିବେ ଯେବେ
ସାବିତ୍ରୀ ପରି ଭାଗ୍ୟବତୀ । ହୋଇ ସେ ଲଭିବେ ସୁଖ୍ୟାତି ।
କୃଷ୍ଣଙ୍କ ମୁଖୁ ଏହା ଶୁଣି । ଯୁଧିଷ୍ଠିର ଯେ ଯୋଡ଼ି ପାଣି ।
ଭକ୍ତିରେ କଲେ ପ୍ରଣିପାତ । ସଂସାରେ ଖ୍ୟାତ ହେଲା ବ୍ରତ ।

ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ସଧବା ମହିଳାମାନେ ପାଳିଥା'ନ୍ତି ସାବତ୍ରୀ ବ୍ରତ । ନିଜ ସ୍ୱାମୀଙ୍କ ଦୀର୍ଘ ଆୟୁଷ ଲାଗି ମଙ୍ଗଳ ମନାସନ୍ତି । ସାବିତ୍ରୀଙ୍କ ପରି ଆଜୀବନ ସଧବା ହେବାର ଇଚ୍ଛା ରଖନ୍ତି । ସାରା ଦିନ ଉପବାସ ରହନ୍ତି । ଅନ୍ନ ଗ୍ରହଣ କରନ୍ତି ନାହିଁ । ଏହିଦନ ମହିଳାମାନେ ଗୋଟିଏ ଶିଳପୁଆକୁ ପଞ୍ଚାମୃତ କରି ସ୍ନାନ କରାନ୍ତି । ଏହାକୁ ନୂଆ ବସ୍ତ୍ର ପିନ୍ଧାଇ ସାବିତ୍ରୀ ଦେବୀ ଭାବେ ସଜାନ୍ତି । ଧୂପ, ଦୀପ, ଗନ୍ଧ, ପୁଷ୍ପ ଅର୍ପଣ କରନ୍ତି । ପଞ୍ଚ ବର୍ଣ୍ଣ ମୁରୁଜରେ ମଣ୍ଡଳ କଟାଯାଏ । ସେଥିରେ ଘଟ ସ୍ଥାପନ ହୁଏ । ଆମ୍ବ, କଦଳି, ସପୁରୀ,ପଣସ, ତାଳସଜ, ଧୂଆଁମୁଗ ଓ ନଡ଼ିଆ ପ୍ରଭୃତି ସେମାନେ ଭୋଗ ଲଗାନ୍ତି । ପାଞ୍ଚଥର ପୁଷ୍ପାଞ୍ଜଳି ଦିଅନ୍ତି । ଶେଷରେ ସାବିତ୍ରୀଙ୍କୁ ସ୍ତୁତି କରି ପ୍ରଣାମ କରନ୍ତି । ଅନେକ ସ୍ଥାନରେ ବଟବୃକ୍ଷ ମୂଳରେ ମଧ୍ୟ ଏହି ପୂଜା କରାଯାଏ । ଏହି ପୂଜାରେ ଦେବୀ ସାବିତ୍ରୀଙ୍କ ସମେତ, ଯମରାଜ ଓ ସତ୍ୟବାନଙ୍କୁ ମଧ୍ୟ ପୂଜା କରାଯାଏ । ଅପରାହ୍ନରେ ପୂଜା ଶେଷ ହେଲେ ସଧବା ନାରୀମାନେ ଫଳାହାର କରନ୍ତି । ଏଥିପାଇଁ ଚଉଁରା ମୂଳେ ବା ଠାକୁର ଘରେ ବ୍ରତୋତ୍ସବ ପାଳନ ହୁଏ । ସାବିତ୍ରୀ ପୁରାଣ ପାଠ କରାଯାଏ । ପ୍ରକୃତରେ ସାବିତ୍ରୀ ହେଉଛନ୍ତି ସାଧ୍ୱୀ ନାରୀଙ୍କର ଆଦର୍ଶ । ତାଙ୍କୁ ଆରାଧନା କରି ଭାରତୀୟ ନାରୀ ପତିବ୍ରତା ହୋଇଥାଏ । ସ୍ୱାମୀର ଆୟୁଷ କାମନା କରି ନିଜକୁ ମହନୀୟା କରିଥାଏ ।

Your Ever
Well-Wisher



# ଲୋଭନୀୟ ଲାଉତୁମ୍ବା

## ବିରଳ କାରିଗରୀ

# ଲାଉତୁମ୍ବାର କଳା

**ଦ୍ୱିତୀଚନ୍ଦ୍ର ସାହୁ**
ଇନ୍ଦିରା ନଗର, ଚତୁର୍ଥ ଗଳି
ରାୟଗଡା-୭୬୫୦୦୧
ଫୋନ : ୯୫୫୬୨୮୭୭୭୫

ଫଟୋ ସୌଜନ୍ୟ : ଲେଖକ



**ଲାଉ ଏକ ସବୁଜ ପରିବା । ଆଦିବାସୀଙ୍କ ପାଇଁ ଲାଉ କିନ୍ତୁ ଜୀବନର ଅବଲମ୍ବନ । ଆଦିବାସୀଙ୍କ ନିତିଦିନିଆ ଜୀବନଚର୍ଯ୍ୟାରେ ଲାଉ ପାଲଟିଛି ପ୍ରମୁଖ ସାମଗ୍ରୀ । କେତେବେଳେ ଖାଦ୍ୟ ସାମଗ୍ରୀ ହୋଇଛି ତ ଆଉ କେତେବେଳେ ପାଲଟିଛି ବାଦ୍ୟଯନ୍ତ୍ର । ପୁଣି ଘରୋଇ ଉପକରଣ ଅଥବା ବିହନ ସଂରକ୍ଷଣର ନିରାପଦ ବସ୍ତୁଟିଏ । ଏବେ କିନ୍ତୁ ଲାଉ ପାଲଟିଛି ଘରସଜା ସାମଗ୍ରୀର ବିରଳ ହସ୍ତକଳା । ସେଇ ଲାଉତୁମ୍ବାର କଳାକୁ ନେଇ ଆମର ସ୍ୱତନ୍ତ୍ର ପ୍ରତିବେଦନ ।**



▲ ଲେଖକ ଦ୍ୱିତୀ ସାହୁ

ଗୋଟିଏ ହାତରେ ସରୁ ଯନ୍ତ୍ରପାତି, ଆର ହାତରେ ଥାଳି ଭଳି କିଛି ଜିନିଷ । ଘଷୁଥିଲେ ଶିଳ୍ପୀ ହିମାଂଶୁ ଶେଖର ପାଣ୍ଡିଆ ନିଜ ୱାର୍କଶପ୍‌ରେ । ମଝିରେ ମଝିରେ ହୀରା ବେପାରୀ ଭଳି ପରଖୁଥିଲେ ତାକୁ । ତନ୍ମୟ ହୋଇ ଦେଖୁଥିଲେ ଗଭୀର ଅନ୍ତର୍ଦୃଷ୍ଟିରେ ଠିକ୍ ବୈଜ୍ଞାନିକ ପରି । ଅବଶ୍ୟ କାରୀଗରମାନେ କୋଉ ବୈଜ୍ଞାନିକ ଠାରୁ କମ୍ ନୁହନ୍ତି ନିଜର ଅଦ୍ଭୁତ ସୃଷ୍ଟି ସମ୍ଭାର ଲାଗି । ସମୟେ ସମୟେ ମୁଣ୍ଡଟିକୁ ଏପଟ ସେପଟ କରୁଥିଲେ ସେ । ଟେବୁଲ୍ ଉପରେ ତାକୁ ଥୋଇ ଏଥର ଗାଲରେ ହାତ ଦେଇ କୌଣସି ଏକ ଚିନ୍ତାରେ ବୁଡିଗଲେ ସେ । ତଥାପି ମୋର ଉପସ୍ଥିତିକୁ ଅନୁଭବ କରିପାରୁ ନଥିଲେ । କଳ୍ପିତ ସୃଜନକୁ ସାକାର କରିବା ଲାଗି ମୁହୂର୍ତ୍ତମାନେ ବେଶ୍ ସହାୟକ ହୋଇଥାନ୍ତି । ସାମାନ୍ୟ ବ୍ୟତିକ୍ରମ ହେଲେ ସର୍ଜନା ବିଗିଡିଯାଏ । ଏଇ ଅନୁଭବରେ ନିଜର ଉପସ୍ଥିତିକୁ ଜଣାଇ ଲୟ ବିଗାଡିବାକୁ ଇଚ୍ଛା ନଥିଲା ମୋର । ବରଂ ସର୍ଜନାକୁ ଦେଖି ଅନୁଭବିବାର ଆଗ୍ରହ ବଢି ଯାଇଥିଲା । କିନ୍ତୁ ପରକ୍ଷଣରେ ଆଉ କିଛି ଆବଶ୍ୟକତାକୁ ପୂରଣ କରିବା ଲାଗି ନିଜ ସ୍ଥାନରୁ ଉଠିବା କ୍ରମରେ ତାଙ୍କ ଧର୍ମପତ୍ନୀ ଅର୍ଚ୍ଚନା ଓ ମୋର ଉପସ୍ଥିତିକୁ ଦେଖି ସେ ସମ୍ଭାଷଣ କଲେ । ସେଇଠି ରହିଗଲା ନିଜର କୃତି ନିର୍ମାଣ । ଆରମ୍ଭ ହେଲା ଆଲୋଚନା ।

ଏକ ଜରୁରୀ କାମରେ ହିମାଂଶୁବାବୁଙ୍କ ଘରକୁ ଗଲାବେଳେ ଅଚାନକ ଭାବେ ଗୁଡାଏ କଳାକୃତି ସଜ୍ଜିତ ହୋଇ ରହିଥିଲେ ଅଭ୍ୟର୍ଥନା କୋଠରୀର କାନ୍ଥରେ ଓ କାଚ ଲଗା ଥାକରେ । ସେସବୁର ସୌନ୍ଦର୍ଯ୍ୟ ଟାଣି ନେଇଥିଲା କଳାକୃତି ନିକଟକୁ । ନିରେଖି ଦେଖିବାକୁ ବାଧ୍ୟ କରିଥିଲା । ଅପରୂପ ସୌନ୍ଦର୍ଯ୍ୟରେ ଭରା କଳାକୃତି ଉପରେ ଚକ୍‌ମକ୍ ଆଲୁଅ ଆହୁରି ସେଥିରେ ଭରି ଦେଉଥିଲା ଅଲୌକିକତା । ହିମାଂଶୁବାବୁଙ୍କ ଧର୍ମପତ୍ନୀ ଅର୍ଚ୍ଚନାଙ୍କ ସେତେବେଳେ ପ୍ରଶ୍ନ ଥିଲା:  "ଆପଣ କୁହନ୍ତୁ ଦେଖି ଏସବୁ କୋଉଥିରେ

ତିଆରି ?" ପ୍ରଶ୍ନର ଉତ୍ତର ପାଇବାକୁ ଆହୁରି ନିକଟତର ହୋଇ ଏକ ଅନୁସନ୍ଧାନକାରୀ ଦୃଷ୍ଟିରେ ଗୋଟି ଗୋଟି କରି ଦେଖିବାକୁ ଲାଗିଲି । ହଠାତ ଉତ୍ତର ଦେଇ ମୂଢତାର ପରିଚୟ ଦେବା ଅପେକ୍ଷା ଚୁପ୍ ରହି ଆତ୍ମସମୀକ୍ଷା ଭିତରେ ବୁଡି ରହିଲି । ଅପେକ୍ଷା ନକରି ସେ ଉତ୍ତର ଦେଲେ । ବୋଧହୁଏ ସେ ଜାଣି ସାରିଥିଲେ ଏହାର ଉତ୍ତର ଦେବା ମୋ ପକ୍ଷେ ସମ୍ଭବ ନୁହେଁ । ଉତ୍ତର ପାଇବା ପରେ ବାସ୍ତବରେ ବିସ୍ମିତ ହୋଇପଡିଲି । ଆଖି ଦୁଇଟି ଅଧିକ ବିସ୍ଫାରିତ ହେଲା । ନିଜ ଭିତରେ ଗୁଡେଇ ତୁଡେଇ ହୋଇ ସେଇ ଏକା ପ୍ରଶ୍ନ ପଚାରି ଚାଲିଲି: ସତରେ ଲାଉତୁମ୍ବାରେ ପୁଣି ଏମିତି ତିଆରି କରାଯାଇପାରେ ? ଅବଶ୍ୟ ଆପଣମାନେ ବି ଏଥିରେ ସ୍ଥାନିତ ଫଟୋ ଚିତ୍ରକୁ ଦେଖି ଅନୁରୂପ ଭାବୁଥିବେ ନିଶ୍ଚିତ ! କିନ୍ତୁ ହିମାଂଶୁବାବୁଙ୍କ ଓ୍ୱାର୍କଶପ୍ ଏବଂ ଗଚ୍ଛିତ ହୋଇଥିବା ଭିନ୍ନ ଭିନ୍ନ ଆକୃତିର ଲାଉତୁମ୍ବାକୁ ଦେଖିଲା ପରେ ଏମିତି ବିରଳ କଳାକୃତିକୁ ଦେଖି ଚକିତ ହେଲି । ବାଧ୍ୟହେଲି **'ରେବତୀ'** ଲାଗି ଲାଉତୁମ୍ବାର କଳାକୁ ନେଇ ଗୋଟେ ଫିଚର୍ ପ୍ରସ୍ତୁତ କରିବା ପାଇଁ । ଉଦ୍ଦେଶ୍ୟ, ବିରଳ କଳା ସଂପର୍କରେ ଅବଶିଷ୍ଟ ଓଡ଼ିଶାର ପାଠକଙ୍କୁ ଅବଗତ କରାଇବା ।

ଏଯାଏଁ ଆମେ ସମସ୍ତେ ଜାଣୁ ଲାଉ ଏକ ସବୁଜ ପରିବା । କିନ୍ତୁ ଆଦିବାସୀଙ୍କ ପାଇଁ ଲାଉ ହେଉଛି ଜୀବନର ଅବଲମ୍ବନ । ଆଦିବାସୀଙ୍କ ନିତିଦିନିଆ ଜୀବନଚର୍ଯ୍ୟାରେ ଲାଉ ଏକ ପ୍ରଧାନ ଉପକରଣ ପାଲଟିଛି । କେତେବେଳେ ଖାଦ୍ୟ ସାମଗ୍ରୀ ହୋଇଛି ତ ଆଉ କେତେବେଳେ ପାଲଟିଛି ବାଦ୍ୟଯନ୍ତ୍ର, ଘରୋଇ ଉପକରଣ ଅଥବା ବିହନ ସଂରକ୍ଷଣର ନିରାପଦ ବସ୍ତୁଟିଏ । ଏବେ କିନ୍ତୁ ଲାଉ ପାଲଟିଛି ଘରସଜା ସାମଗ୍ରୀର ବିରଳ କାରିଗରୀସଂପନ୍ନ ହସ୍ତକଳା ।

ସକାଳୁ କୁକୁଡାର ଡାକ ସହ ଆଦିବାସୀ ଛାଡେ ଘର ଓ ଗାଁ । ମୁହାଁଇ ଚାଲେ ଡଂଗର କୁପୁଲି କି ଜଂଗଲ ଅଭିମୁଖେ । ଧାଂଗିଡିର ରୁମ୍‌ଝୁମ୍ ପାଦର ଶବ୍ଦରେ ଅଳସ ଭାଂଗେ ତରୁଲତା । ପାଦର ନିନାଦରେ ବାଟ ଉଣ୍ଡି ଅନ୍ଧାରକୁ ଚିରି ଆଗେ ଆଗେ ଧାଂଗିଡି ଓ ପଛେ ପଛେ ଚାଲେ ପୁରୁଷ ଆଦିବାସୀ । କାନ୍ଧରେ ଝୁଲୁଥାଏ ପେଜ ତୋରାଣୀ କି ମାଣ୍ଡିଆ ଜାଉରେ ମୁହଁ ଭର୍ତ୍ତି ଲାଉତୁମ୍ବା । ଲାଉତୁମ୍ବାଟି ସାଥୀରେ ଥିଲେ ଦିନ ତମାମ୍‌ର ଟାଣ ଖରାରେ ହାଡ ଭଂଗା ପରିଶ୍ରମ ବାଧେ ନାହିଁ । ଭୋକଶୋଷରେ ଲାଉତୁମ୍ବାରେ ଥିବା ଆହାର ବେଶ୍ କାମ ଚଳାଇ ଦିଏ । ବେଳ ରତ ରତ ହୋଇ ଆସିଲେ ଅଂଟା ସଳଖି ଆଦିବାସୀ ସିଧା ଚାଲେ ଗଛରେ ଓହଳା ହୋଇଥିବା ଲାଉତୁମ୍ବା ପାଖକୁ । ଲାଉତୁମ୍ବାରେ ଭର୍ତ୍ତି ହୋଇଥିବା ମାଣ୍ଡିଆ ଜାଉ ସହ ଲୁଣ, ଲଙ୍କା କି ପିଆଜ ଥିଲେ ଢେର କାମ ଚଳିଯାଏ । ତେଣିକି ବେଳ ଗଡିଲେ ବି କିଛି ଯାଏ ଆସେ ନାହିଁ । ଆଦିବାସୀ ଗାଁ ଭିତରକୁ ଗଲେ ବାଡିରେ ଲାଉ ଲଟା ଆଉ କାନ୍ଥ କି ନଡା ଛପର ଉପରେ ସବୁଜ ଲାଉ ଥିବାର ନିଶ୍ଚୟ ଦେଖିବାକୁ ମିଳିବ । ପହିଲି ବର୍ଷା ପରେ ଆଦିବାସୀ ନିଜ ବାଡି ବଗିଚାକୁ କୋଡା ଖୋସା କରି ଲଗାଇ ଦିଏ ଲାଉ ମଂଜି । ପ୍ରତିଟି ଆଦିବାସୀ ଯେମିତି ହେଉ ଲାଉ ମଂଜି ପୋତିବାକୁ ଆଦୌ ଭୁଲନ୍ତିନି କେବେ । ଶୀତ ଆରମ୍ଭ ବେଳକୁ ମଥାନ ଉପରକୁ ମାଡିଯାଇଥିବା ଲାଉ ଡଙ୍କରେ ଦିଶେ ସବୁଜ ଲାଉ । ଖାଇବା ପାଇଁ ଏହା ବେଶ୍ ସୁସ୍ୱାଦୁ ଓ ହିତକର । ସବୁଜ ଓ କଅଁଳିଆ ଲାଉର ଚାହିଦା ଗାଁ ଗହଳିରେ ଯେମିତି ସହରୀ ସଭ୍ୟତାରେ ବି ତା ଠାରୁ ଢେର୍ ଅଧିକ । ଡାକ୍ତରୀ ଭାଷାରେ ଲାଉ ଏକ ସ୍ୱାସ୍ଥ୍ୟକର ପରିବା । ଏଥିରେ ପ୍ରଚୁର ପରିମାଣରେ ଜଳ, ସୋଡିଅମ୍, ପୋଟାସିଅମ୍, ମିନେରାଲ୍ ରହିଛି । ଏଇ କାରଣରୁ ନିୟମିତ ଲାଉ ସେବନ ଦ୍ୱାରା ଓଜନ ହ୍ରାସ ପାଏ । କୋଷ୍ଠକାଠିନ୍ୟ ଦୂର କରେ । ମୂତ୍ରାଶୟ ସମସ୍ୟା ଦୂର ସହ ରକ୍ତ ଚାପ ନିୟନ୍ତ୍ରଣ କରେ । କିଡ୍‌ନି ସୁସ୍ଥ ରଖେ । ଆସ୍ଥମା ଓ ଡାଇବେଟିଜ୍ ରୋଗ ସମସ୍ୟା ଦୂର କରେ । ଜଣ୍ଡିସ୍ ରୋଗୀ ପାଇଁ ଏହା ଲାଭଦାୟକ । ଏଥିରେ କୋଲାଇନ୍ ନାମକ ନ୍ୟୁଟୋଟ୍ରାନ୍ସମିଟର୍ ଥିବାରୁ ମସ୍ତିଷ୍କକୁ ସୁସ୍ଥ ରଖେ । ସର୍ବୋପରି ନିଦ୍ରା ସମସ୍ୟାକୁ ଦୂର କରେ । ଗୋଟିଏ ପରିବାରେ ଏତେ ଲାଭ ଥିବାରୁ ଡାକ୍ତରମାନେ ଏହାକୁ ନିୟମିତ ଖାଇବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥାନ୍ତି । କେବଳ ଭାରତରେ ନୁହେଁ ଆମେରିକା, ଚୀନ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଓ ବ୍ରାଜିଲରେ ପ୍ରଚୁର ପରିମାଣରେ ଲାଉ ଚାଷ ସହ ଏହାକୁ ଲୋକେ ଖାଦ୍ୟ ରୂପେ ବ୍ୟବହାର କରନ୍ତି । ସହରୀ ସଭ୍ୟତାରେ ଲାଉକୁ କେବଳ ପରିବା ରୂପେ ଜାଣନ୍ତି । କିନ୍ତୁ ଏଭଳି ବହୁଳ ଚାହିଦା ଥିବା ଲାଉ ଭଳି ପରିବାକୁ କିନ୍ତୁ ଆଦିବାସୀମାନେ ଖାଇବା ସହ ବିଭିନ୍ନ ଭାବେ ଉପଯୋଗ କରିଥାନ୍ତି ।

ଆଦିବାସୀମାନେ ଲାଉକୁ କଂଚାରେ ଖାଇବା ସହ ବିକ୍ରି ବି କରିଥାନ୍ତି । କିନ୍ତୁ କିଛି ନିର୍ଦ୍ଦିଷ୍ଟ ପ୍ରଜାତିର ଆଦିବାସୀ ଲାଉକୁ କେବଳ ଅନ୍ୟାନ୍ୟ ବ୍ୟବହାର ଲାଗି ତାକୁ ବାଡିବଗିଚାରେ ଲଗାଇଥାନ୍ତି । ଏଇ କିସମର ଲାଉକୁ ପାକଳ ହେବା ଯାଏଁ ସେମିତି ଛାଡି ଦିଅନ୍ତି । ପାକଳ ହୋଇ ହଳଦିଆ ରଂଗ ହୁଏ । ଏଇ ସମୟ

## ଲାଉତୁମ୍ବାର କଳାକୃତିକୁ ଚିରଦିନ ପାଇଁ ବଞ୍ଚାଇ ରଖିବା ମୋର ଉଦ୍ଦେଶ୍ୟ : ହିମାଂଶୁ ଶେଖର ପାଣ୍ଡିଆ


ହିମାଂଶୁ ଶେଖର ପାଣ୍ଡିଆ, ଶିଳ୍ପୀ
ପ୍ରେରଣା ଏଣ୍ଡ କ୍ରାଫ୍ଟ, ରାୟଗଡ଼ା

**ତେନ୍ତୁଳି ଗଛରେ ଓହଳିଥିଲା ବାଦାମୀ ରଂଗର କିଛି ଫଳ । ହଠାତ୍ ଗାଡି ରଖିବାକୁ ସେ ନିର୍ଦ୍ଦେଶ ଦେଲେ ଡ୍ରାଇଭର୍‌କୁ । ତଳକୁ ଓହ୍ଲାଇ ଅନିସନ୍ଧିତ୍ସୁ ଭାବେ ପଚାରି ଚାଲିଲେ ଗୁଡାଏ ପ୍ରଶ୍ନ । ନିକଟରେ ଥିବା ଆଦିବାସୀ ଲୋକଙ୍କୁ ଡାକି ସେଇ ଫଳ ସଂପର୍କରେ ଅଧିକା ଜାଣିବାକୁ ଚାହିଁଲେ । ସଂଗ୍ରହ କଲେ ତଥ୍ୟ । ଆଦିବାସୀମାନେ ତାର ନାମ କହିଲେ ବୁଢା ଲାଉ ବା ଲାଉ ତୁମ୍ବା । ଖାଉଥିବା ଲାଉର ପରିବର୍ତ୍ତିତ ରୂପକୁ ଦେଖି ଚକିତ ହେଲେ ଅଣ ଓଡିଆ ପୋଲିସ୍ ଆଇପିଏସ୍ ଅଧିକାରୀ ଜଣକ । ଲୋକ ଲଗାଇ ତୋଳିଲେ ସେଥିରୁ କିଛି । ଗାଡିର ପଛଭାଗରେ ରଖିଲେ । ଆଉ ତାପରେ ସେଇ ଗାଡିରେ ବସିଥିବା ଏଇ ଶିଳ୍ପୀକୁ ସେ ଦେଲେ ଏକ ଚ୍ୟାଲେଂଜ୍ । ସେ ଯଦିଓ ନିଜ ସ୍ୱଭାବ ସୁଲଭ ଭଂଗୀରେ କହିଦେଲେ- "ତୁମେ ତ ଆର୍ଟିଷ୍ଟିକ୍ ଲୋକ । ଏଥିରେ କିଛି ଗୋଟେ କର !" ମୋ ପାଇଁ ତାହା ଥିଲା କିନ୍ତୁ ଚ୍ୟାଲେଂଜ୍ । ଘରକୁ ଆସିବା ପରେ ଏଇ ଲାଉତୁମ୍ବାକୁ ଧରି ଘଂଟା ଘଂଟା ବସିଲି । ପରିବା ଭାବେ ଖାଉଥିବା ଲାଉରେ ପୁଣି କଣ କଳା ତିଆରି କରି ହେବ ! ମୁଣ୍ଡରେ କିଛି ପଶୁ ନଥାଏ । ସପ୍ତାହ ଧରି ନିରନ୍ତର ପ୍ରଚେଷ୍ଟା କରି ଦୁଇଟି କଳାକୃତି ପ୍ରସ୍ତୁତ କରି ସାର୍‌ଙ୍କୁ ନେଇ ଦେଲି । ପ୍ରସ୍ତୁତ କଳାକୃତିକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ଧନ୍ୟବାଦ ଦେବା ଅପେକ୍ଷା ତୁରନ୍ତ ନିଜ କଂପ୍ୟୁଟର୍‌ରେ ବସି ଏ ସଂପର୍କରେ ଅଧିକା**



ବେଳକୁ ଲାଉ ଗଛ ଏକ ପ୍ରକାର ମରିଯାଏ । ପ୍ରଚଣ୍ଡ ଖରାରେ ମଥାନ ଉପରେ ତଥାପି ସେମିତି ତାକୁ ଛାଡି ଦିଆଯାଏ । ଲାଉ ଭିତରେ ଥିବା ଜଳୀୟ ଅଂଶ ହ୍ରାସ ଘଟି ପୁରା ଶୁଷ୍କ ହୋଇ ସାରିଥାଏ । ଅପରପକ୍ଷେ କେତେକ ଆଦିବାସୀ ନିଜ ରୋଷେଇ ଘର ଚୁଲି ଉପରେ ଓହଳାଇ ବା ମଂଚା କରି ରଖନ୍ତି । ଚୁଲିର ନିଆଁ ଓ ଧୂଆଁରେ ଯେତିକି ଜଳୀୟ ଅଂଶ ଥାଏ କ୍ରମଶଃ ତାହା ଶୁଖିଯାଏ । ଏଥିସହ ଲାଉତୁମ୍ବା ତମ୍ବାଳିଆ ରଂଗ ଧାରଣ କରିଥାଏ । ଏହା ଦୀର୍ଘଦିନ ଧରି ବ୍ୟବହାର ଉପଯୋଗୀ ହୋଇଥାଏ । ଲାଉ ପୁରାପୁରି ଶୁଖିଗଲେ ତାହା ଲାଉତୁମ୍ବାରେ ପରିଣତ ହୋଇଯାଏ । ତେବେ ଲାଉର ଆକାର ଠିକ ଫୁଲିଥିବା ବେଲୁନ୍ ଭଳି ଦିଶୁଥିବାରୁ ବେଲୁନ୍‌କୁ ଜନଜାତିଙ୍କ ଭାଷା ଆଧାରରେ ତୁମ୍ବା ବୋଲି କୁହାଯାଏ । ଏଇକ୍ରମରେ ତାର ନାଆ ଲାଉତୁମ୍ବା ହୋଇଥିବା ଜଣାଯାଏ । ଲାଉତୁମ୍ବାର ଭିତରେ ଥିବା ତନ୍ତୁ ଓ ମଂଜିକୁ ବାହାର କରିଦେଲେ ଆଦିବାସୀଙ୍କ ଲାଗି ମୁଣିଟିଏ ହୋଇଯାଏ । ମୁଣି ଭଳି ବ୍ୟବହାର ଲାଗି ଆଦିବାସୀ ଧାରୁଆ ଅସ୍ତ୍ରରେ ଡେମ୍ଫ ନିକଟରେ ଥିବା ଲାଉର ସରୁ ଅଂଶକୁ କାଟିଦିଏ । ତାହା ବୋତଲର ମୁହଁ ଭଳି କାମ କରେ । ଏଥିରେ ବାଡିବଗିଚା ଲାଗି ବିହନ ସବୁ ସାଇତି ରଖେ । ତାରି ଭିତରେ ବିହନ ରଖି ମୁହଁକୁ ବନ୍ଦ କରିଦେଲେ ଦୀର୍ଘଦିନ ପର୍ଯ୍ୟନ୍ତ ବିହନଗୁଡିକ ନଷ୍ଟ ନହୋଇ ସୁରକ୍ଷିତ ରହେ । ସେହିପରି ଲାଉର ନିମ୍ନ ଭାଗରେ ଥିବା ପ୍ରଶସ୍ତ ଅଂଶର ଉପରି ଭାଗକୁ ସାମାନ୍ୟ ତେରେଛା କରି କାଟି ଦେଲେ ତାହା ଡଙ୍କି ଭଳି କାମ କରେ । ଆଦିବାସୀମାନେ ଏହାକୁ ବେଲା ବା କରଚୂଲୀ ଭାବେ ବ୍ୟବହାର କରିଥାନ୍ତି । ପାଣି ହାଣ୍ଡିରୁ ପାଣି ବାହାର କରିବା, ଖାଦ୍ୟ ପରଷିବା ଲାଗି ବ୍ୟବହାର କରନ୍ତି । ଏଭଳି ଡଙ୍କିର ସରୁ ଭାଗ ଧରିବା ଲାଗି ହ୍ୟାଣ୍ଡେଲ୍ ଭାବେ କାମ କରେ । ଏପରିକି ଅନେକ ଲାଉତୁମ୍ବାର ସରୁ ଅଂଶକୁ କାଟି ତାକୁ ଉଭୟ ଡଙ୍କି ଓ ପିଇବା ଲାଗି ବ୍ୟବହାର କରନ୍ତି । ହାଣ୍ଡିରୁ ପାଣି ବାହାର କରି ନଳୀ ସଦୃଶ୍ୟ ପଛ ଭାଗର ଖୋଲା ମୁହଁ ଦେଇ ସିଧା ପାଟିକୁ ପାଣି ପକାଇ ପିଇଥାନ୍ତି । ଆଦିବାସୀ ଏଇ ଲାଉତୁମ୍ବାରେ ପେଜ ତୋରାଣୀ, ଜାଉ, ପାଣି ଆଦି ଭରି କର୍ମସ୍ଥଳୀକୁ ନେବା ଯେତିକି ସହଜ ଲାଗେ ସରୁ ଲାଉରେ ପ୍ରସ୍ତୁତ ଡଙ୍କିରୁ ପାଣି ପିଇବା ସେତିକି ସୁବିଧା ବୋଲି ଅନୁଭବ କରେ । ଏଇ କାରଣରୁ ଅବିଭକ୍ତ କୋରାପୁଟ, କନ୍ଧମାଳ, କଳାହାଣ୍ଡିରେ ବସବାସ କରୁଥିବା ବିଭିନ୍ନ ସଂପ୍ରଦାୟର ଆଦିବାସୀ ଘରେ ଲାଉତୁମ୍ବାର ସାମଗ୍ରୀ ପ୍ରଚଳନ ବେଶ୍ ଅଧିକ । ଆଦିବାସୀମାନେ ଏହାକୁ ବହୁଳ ଭାବେ ବ୍ୟବହାର କରିବାର ଅନେକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି । ଲାଉତୁମ୍ବାକୁ କେବେ ପୋକ ଧରେନି । କୌଣସି ପ୍ରକାର କୀଟ ଏହା ଉପରେ ଆକ୍ରମଣ କରିପାରେନା । ଏଥିପାଇଁ ଦୀର୍ଘଦିନ ପର୍ଯ୍ୟନ୍ତ ଅକ୍ଷତ ଅବସ୍ଥାରେ ରହେ । ଏପରିକି ଏହା ଦେହରୁ ବାହାରୁଥିବା ଏକ ଗନ୍ଧ ହେତୁ ସାଧାରଣତଃ ପୋକ ସେ ଅଂଚଳ ମାଡନ୍ତିନି କାଳେ । ଘରେ ଲାଉତୁମ୍ବା ଓହଳିଥିବା କାରଣରୁ ଘରର ବାଉଁଶ, କାଠ, ନଡାଛପରର ବି କୀଟ ଦଂଶନରୁ ରକ୍ଷା ପାଏ । ଏପରିକି ମୂଷା ମଧ୍ୟ ଏହାକୁ କାଟେ ନାହିଁ । ଆଉ ଏକ ଦିଗ ହେଲା ଲାଉତୁମ୍ବାରେ ତରଳ ଖାଦ୍ୟ କିମ୍ବା ରନ୍ଧା ଖାଦ୍ୟ ରହିଲେ ନଷ୍ଟ ହେବାର ସମ୍ଭାବନା ନଥାଏ । ଏପରିକି ଟାଣ ଖରା ସତ୍ତ୍ୱେ ଏହା ଭିତରେ ଥିବା ଖାଦ୍ୟ ଥଣ୍ଡା ରହୁଥିବାରୁ ଆଦିବାସୀ ଧାତୁପାତ୍ରରେ ଖାଦ୍ୟ ନେବା ଅପେକ୍ଷା ଲାଉ ତୁମ୍ବାକୁ ଅଧିକ ପସନ୍ଦ କରନ୍ତି । ଗରମ ଖାଦ୍ୟକୁ ଭରି

**ଖୋଜିବା ଆରମ୍ଭ କଲେ । କିନ୍ତୁ ଲାଉତୁମ୍ବାର କଳାକୁ ନେଇ କିଛି ପାଇଲେନି ସେ । ସେ କହିଲେ- "ଏଇ କଳାକୁ ନେଇ ତୁମକୁ କିଛି ମେଟେରିଆଲ୍ ଦେବାକୁ ଚାହୁଁଥିଲି । କିନ୍ତୁ କିଛି ପାଇଲିନି । ତେଣୁ ମୋର ଆଡ୍‌ଭାଇସ୍ ରହିବ ଆପଣ ଏଥିରେ ଆଗକୁ ବଢନ୍ତୁ । ଫ୍ୟୁଚର୍ ଅଛି । ନିଜର କଳାକୁ ଅନନ୍ୟ ଭାବେ ପ୍ରତିଷ୍ଠିତ କରାନ୍ତୁ ।" ୨୦୦୧ରେ ରାୟଗଡା ଜିଲ୍ଲାର ଚନ୍ଦ୍ରପୁର ବ୍ଲକ୍‌ରେ ଘଟିଥିବା ସେଦିନର ଏକ ଛୋଟିଆ ଘଟଣା ଏବଂ ମୋ ପ୍ରତି ଆସିଥିବା ଚ୍ୟାଲେଂଜ୍ ଆଜି ଏଇ କଳାକୁ ଏତେଦୂର ଆଣି ପାରିଛି । ତା ପରଠାରୁ ଲାଉତୁମ୍ବାରେ ଅନେକ କଳାକୃତି ତିଆରି କରିଛି । ଅନେକ ସାମଗ୍ରୀ ବହୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ନିଜ ଘରେ ସଜେଇ ରଖିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବି ଉପହାର ସ୍ୱରୂପ ମୋର ଦୁଇଟି କଳାକୃତିକୁ ଦେଇଛନ୍ତି ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ । ୨୦୦୬-୦୭ ବେଳକୁ ଦେଶର ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ ଭଳି ବଡ ବଡ ମହାନଗରୀରେ ଆୟୋଜିତ ପ୍ରଦର୍ଶନୀରେ ଲାଉତୁମ୍ବାର କଳାକୃତିକୁ ପ୍ରଦର୍ଶନ କରି ବହୁ ପ୍ରଶଂସାକୁ ସାଉଁଟିଛି । ବହୁତ ଭଲ ଲାଭ ବି ପାଇଛି । କିନ୍ତୁ ଇତିମଧ୍ୟରେ ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ହେତୁ ଏଇ କାମରୁ ଦୂରେଇ ଯାଇଥିଲି । ବହୁ ଆଡୁ ଅନୁରୋଧ ପରେ ପୁଣି ଥରେ ଲାଉତୁମ୍ବା ସାମଗ୍ରୀ ପ୍ରସ୍ତୁତିରେ ନିଜକୁ ନିୟୋଜିତ କରିଛି । ଏବେ ବହୁତ ସାମଗ୍ରୀ ପ୍ରସ୍ତୁତ କରିଛି । ଆଗକୁ ବି ନିଆରା କିଛି ସାମଗ୍ରୀ ପ୍ରସ୍ତୁତ କରିବି । ଏସବୁକୁ ନେଇ ରାଜଧାନୀରେ ଗୋଟିଏ ପ୍ରଦର୍ଶନୀ କରିବି । ବିଭିନ୍ନ ପ୍ରଦର୍ଶନୀକୁ ଯାଇ ବିକ୍ରି କରିବା ଅପେକ୍ଷା ଅନ୍‌ଲାଇନ୍‌ରେ ବିକ୍ରି ଲାଗି ମନସ୍ଥ କରିଛି । ମୋର ପ୍ରେରଣା ଆର୍ଟ ଏଣ୍ଡ୍ କ୍ରାଫ୍ଟର ଫେସବୁକ୍ ପେଜ୍ ଅଛି । hspandia@gmail.com ମେଲ୍ ଅଛି । 'ରେବତୀ' ଜରିଆରେ ମୋର ଯୋଗାଯୋଗ ନମ୍ବର ବି ଦେଉଛି । ମୋର ମୋବାଇଲ୍ ନମ୍ବର ହେଲା ୭୯୭୮୦୨୨୩୭୯ । ଯେଉଁମାନଙ୍କୁ ଏଇ କଳାକୃତି ଆବଶ୍ୟକ, ଯୋଗାଯୋଗ କରି ମୋ ଠାରୁ ଖରିଦ୍ କରିପାରିବେ । ତେବେ ଏକା ପ୍ରକାର ଲାଉ ମିଳୁ ନଥିବାରୁ ସମାନ ପ୍ରତିକୃତି ସଂଖ୍ୟାଧିକ ଭାବେ ତିଆରି ସମ୍ଭବ ନୁହେଁ । ଆଦିବାସୀ ଜନଜୀବନରେ ବିଲୁପ୍ତ ହେବାକୁ ଯାଉଥିବା ଲାଉତୁମ୍ବାକୁ ନେଇ କଳାକୃତି ତିଆରି କରି ଚିରଦିନ ଲାଗି ଏହାକୁ ବଂଚେଇ ରଖିବା ଉଦ୍ଦେଶ୍ୟରେ ମୋର ଏଇ ଅଭିଯାନ । ଏଥିସହ ସେମାନଙ୍କ ଅର୍ଥନୈତିକ ଓ ସାମାଜିକ ପ୍ରଗତିରେ ସହାୟକ ହେବ ମୋ ଉଦ୍ୟମ । ଯେଉଁ ଲାଉକୁ ସେମାନେ ଅଦରକାରୀ ଭାବେ କେବଳ ନିର୍ଦ୍ଦିଷ୍ଟ କିଛି ପାରଂପରିକ କାମରେ ବ୍ୟବହାର କରୁଥିଲେ ତାକୁ ବିକିଲେ ପଇସା ମିଳୁଛି ବୋଲି ଏବେ ଜାଣିବା ପରେ ଆଦିବାସୀମାନେ ଏଇ ପ୍ରଜାତିର ଲାଉକୁ ସଂରକ୍ଷଣ କରିବା ଆରମ୍ଭ କରିଛନ୍ତି । କଂଚାରେ ଲାଉକୁ ୧୦ ରୁ ୨୦ ଟଙ୍କା ମଧ୍ୟରେ ବିକ୍ରି କରୁଥିବା ବେଳେ ଏବେ ପାକଳ ଲାଉକୁ ୨୫ ରୁ ୫୦ ଟଙ୍କାରେ ବିକି ଲାଭବାନ ହେଉଛନ୍ତି । ଏହାଦ୍ୱାରା ଲୋପ ପାଇ ଯାଉଥିବା ଲାଉକୁ ପୁଣି ଥରେ ଉଜ୍ଜୀବିତ କରି ରଖିବା ସମ୍ଭବପର ହୋଇପାରିବ । ଆଗାମୀ ଦିନରେ ମୋର ନିଜସ୍ୱ ୱେବ୍ ପେଜ୍ ଖୋଲି ଘରେ ବସି ବିକ୍ରି କରିବା ଲାଗି ବ୍ୟବସ୍ଥା କରବି ।**

ରଖିଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗରମ ହୋଇ ରହେ । ବର୍ଷା ହେଲେ ବି ଲାଉତୁମ୍ବାର ଉପର ଅଂଶକୁ ଭେଦ କରି ବର୍ଷା ଜଳ ବି ପଶି ପାରେନା । ମୋଟାମୋଟି ଭାବେ ପ୍ରାକୃତିକ ଥର୍ମୋଫ୍ଲାସ୍କ ଭଳି କାମ କରୁଥିବା ଏବଂ ନେବା ଆଣିବା ବହୁତ ସହଜ ଓ ହାଲ୍‌କା ହୋଇଥିବାରୁ ଆଦିବାସୀମାନେ ଏହାକୁ ବହୁଳ ବ୍ୟବହାର କରିଥାନ୍ତି । ଲାଉତୁମ୍ବାର ମୁହଁରେ ଦଉଡିଟିଏ ବାନ୍ଧି ଦେଇ ବାଡିରେ ଓହଳାଇ ଦେଲେ ସୁବିଧାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ତରଳ ପଦାର୍ଥ ନିଆ ଯାଇପାରେ ।  ଏସବୁ ବାଦେ ଆଦିବାସୀ ଲାଉତୁମ୍ବାକୁ ସୁନ୍ଦର ବାଦ୍ୟଯନ୍ତ୍ର ଭାବେ ବ୍ୟବହାର କରେ । ଓସାରିଆ ଲାଉତୁମ୍ବାର ଫମ୍ପା ଅଂଶ, ଗୋଧି ଚମଡା ଏବଂ ସରୁ ଲୁହା ତାରକୁ ନେଇ ଆଦିବାସୀମାନେ ପାରଂପରିକ କେନ୍ଦେରା, ସାରଙ୍ଗି, ଡୁଣ୍ଡୁଙ୍ଗ୍, ଏକତାରା ଭଳି ବାଦ୍ୟଯନ୍ତ୍ର ପ୍ରସ୍ତୁତ କରନ୍ତି । ସରୁ ବାଉଁଶକୁ ଧନୁ ଆକାରରେ ମୋଡି ସେଥିରେ ଆଉ ଏକ ସରୁ ତାର ଲଗାଇ ଦେଲେ ପ୍ରସ୍ତୁତ ହୋଇଗଲା ବାଦ୍ୟଯନ୍ତ୍ର । ବାଆଁ ହାତରେ କାନ୍ଧକୁ ଜାକି କେନ୍ଦେରା ଧରି ଡାହାଣ ହାତରେ ଧନୁ ଭଳି ପ୍ରସ୍ତୁତ ସାମଗ୍ରୀର ତାରକୁ ଯନ୍ତ୍ରାଂଶର ତାରକୁ ଘଷି ଅଦ୍ଭୁତ ରାଗ ସୃଷ୍ଟି କରନ୍ତି । କେନ୍ଦେରା ବା ସାରଂଗୀର ଶବ୍ଦ ସହ ଆଦାବିସୀଙ୍କ ଲୋକଗୀତର ଅପୂର୍ବ ମିଶ୍ରଣରେ ସୃଷ୍ଟ ରାଗ କେବଳ ଆଦିବାସୀଙ୍କୁ କାହିଁକି ଯେକୌଣସି ବର୍ଗର ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିପକାଏ । ଅବସର କିମ୍ବା ସଂଜ ନଁଇଲେ ଆଦିବାସୀ ନିଜର ମନର ଭାବକୁ ପ୍ରକାଶ ପୂର୍ବକ ବିଳମ୍ବିତ ରାତ୍ରୀ ଯାଏଁ କରୁଣ, ଆନନ୍ଦ, ବିରହ, ବିଚ୍ଛେଦ ସର୍ବୋପରି ମଧୁର ମୂର୍ଚ୍ଛନାର ବିଭିନ୍ନ ଗୀତ ଗାଏ । ଅନ୍ୟମାନଙ୍କୁ ତଲ୍ଲୀନ ହେବାକୁ ବାଧ୍ୟ କରାଏ । ଏସବୁ ବ୍ୟତୀତ କନ୍ଧ ଜନଜାତିରେ କାହାର ମୃତ୍ୟୁ ହେଲେ ଶବର ମୁଣ୍ଡ ନିକଟରେ ଗୋଟିଏ ଲାଉ ଡଙ୍କି ରଖି ଶ୍ମଶାନକୁ ନେବାର ପରଂପରା ରହିଛି । ଅପରପକ୍ଷେ ଲାଉତୁମ୍ବା ଜନଜାତିଙ୍କ ବିବାହ ନିଷ୍ପତ୍ତିର କାରକ ହୋଇଥାଏ । ପୁରୁଷ ପକ୍ଷରୁ ଝିଅ ମାଗିବାକୁ କନ୍ୟା ପକ୍ଷ ଘରକୁ ଗଲାବେଳେ ମଦ ଭର୍ତ୍ତି ଲାଉତୁମ୍ବା ନେଇ ଯାଇଥାନ୍ତି । ସେମାନେ କନ୍ୟାଘରକୁ ଯାଇ ମଦରେ ଭରା ଲାଉତୁମ୍ବାକୁ କୁଟୁଣୀ ଗାତରେ ରଖନ୍ତି । ଏମିତି କଲେ କନ୍ୟାପକ୍ଷ  ଆଗନ୍ତୁକଙ୍କ ଆସିବାର ଅଭିପ୍ରାୟ ଜାଣିଯାଏ । ସେ ନେଇ ନିଜକୁ ପ୍ରସ୍ତୁତ କରିଥାଏ । ବରକୁ ଝିଅ ଦେବାକୁ ଅମଂଗ ହେଲେ କନ୍ୟାପକ୍ଷ ମଦଭରା ଲାଉତୁମ୍ବାକୁ କୁଟୁଣୀରୁ ବାହାର କରି ଅନ୍ୟ ସ୍ଥାନରେ ରଖି ଦିଅନ୍ତି । ଏଭଳି କଲେ ପ୍ରସ୍ତାବରେ କନ୍ୟାପକ୍ଷର ଅସମ୍ମତି ରହିଛି ବୋଲି ବରପକ୍ଷ ଧରିନିଏ । ସେ ପୁଣିଥରେ ଅନୁରୂପ ଉଦ୍ୟମ କରି କୁଟୁଣୀରେ ତାକୁ ରଖେ । ତଥାପି କନ୍ୟାପକ୍ଷ ବାହାର କରିଦେଲେ ବରପକ୍ଷ ବୁଝିଯାଏ ଏବଂ ନିଜର ପୁଅ ପାଇଁ ଅନ୍ୟତ୍ର କନ୍ୟା ଦେଖିବା ଲାଗି ବାଧ୍ୟ ହୁଏ । ଯଦି କୁଟୁଣୀରେ ଥିବା ମଦଭରା ଲାଉ ତୁମ୍ବାକୁ କନ୍ୟାପକ୍ଷ ଗ୍ରହଣ କରେ, ତେବେ ବରପକ୍ଷ ଜାଣିଯାଏ କନ୍ୟାଦେବାକୁ ଘରଲୋକ ପ୍ରସ୍ତୁତ । ତାପରେ କନ୍ୟାପକ୍ଷକୁ ଝୋଲା ଟଙ୍କା ଦେବା ଲାଗି ବରପକ୍ଷ ମୂଲଚାଲ ଆରମ୍ଭ କରେ । କଥା ତୁଟିଗଲେ ଲାଉତୁମ୍ବାର ମଦକୁ ଉଭୟ ପକ୍ଷର ଲୋକ ପାନ କରି ବିବାହ ପ୍ରସ୍ତାବରେ ମୋହର ଲଗାନ୍ତି । ଏଇସବୁ କାରଣରୁ ଆଦିବାସୀ ଗ୍ରାମରେ ବର୍ଷ ବର୍ଷ ଧରି ଲାଉତୁମ୍ବାକୁ ଘରେ ସାଇତି ରଖିଥାନ୍ତି । ପୌରାଣିକ କଥାବସ୍ତୁରେ ମୁନିରଷିମାନେ ଭିକ୍ଷାଥାଳି ଭାବେ ଲାଉତୁମ୍ବାକୁ ବ୍ୟବହାର କରିଥିବା ଅନେକସ୍ଥାନରେ ଉଲ୍ଲେଖ ରହିଛି । ଏପରିକି ରାମାନନ୍ଦ ସାଗର ନିଜର ରାମାୟଣ ସିରିଏଲ୍‌ରେ ଲାଉତୁମ୍ବାକୁ ବିଭିନ୍ନ ଋଷି ଓ ଯୋଗୀଙ୍କ ଚରିତ୍ରରେ ବ୍ୟବହାର କରିଛନ୍ତି ।

ତେବେ ସୁଖର କଥା ଏବେ ଆଉ ଲାଉତୁମ୍ବା ଆଦିବାସୀ ଜନଜୀବନ ମଧ୍ୟରେ କେବଳ ସୀମିତ ହୋଇ ରହିନାହିଁ । ମଥାନରେ ଓହଳିଥିବା ଲାଉ ଏବେ ହୋଟେଲ୍ ମେନ୍ୟୁ ବ୍ୟତୀତ ଘରର ସୌନ୍ଦର୍ଯ୍ୟ ବୃଦ୍ଧିରେ ସାଜସଜ୍ଜା ସାମଗ୍ରୀ ଭାବେ ଦେଖିବାକୁ ମିଳୁଛି । ବିଶିଷ୍ଟ ବ୍ୟକ୍ତିଙ୍କ ଘରେ ବିରଳ କଳାସାମଗ୍ରୀ  ଭାବେ ଶୋଭା ପାଉଛି ଲାଉତୁମ୍ବା । ଦୀର୍ଘ ୪୦ ବର୍ଷ ଧରି କଳାକୁ ନେଇ ବଂଚିଥିବା ରାୟଗଡା ଜିଲ୍ଲାର **ହିମାଂଶୁ ଶେଖର ପାଣ୍ଡିଆଙ୍କ** ହାତର ଯାଦୁକରୀ ସ୍ପର୍ଶରେ ଲାଉତୁମ୍ବା ଜୀବନ୍ତ ହୋଇ ଉଠୁଛି । ହିମାଂଶୁଙ୍କ ଅଭୁଦ କାରିଗରୀ କୌଶଳରେ ଲାଉତୁମ୍ବାରେ ସୁନ୍ଦର, ଲୋଭନୀୟ, ଅକଳ୍ପନୀୟ ତଥା ଅବିଶ୍ୱସନୀୟ ସ୍ମାରକୀ ପ୍ରସ୍ତୁତ ହୋଇପାରୁଛି । ଅଙ୍କାବଙ୍କା ଓ ବିଭିନ୍ନ ଆକୃତିର ଲାଉତୁମ୍ବା ହିମାଂଶୁଙ୍କ ଦିବ୍ୟଦୃଷ୍ଟିରେ ନୂତନ ସମ୍ଭାର ଆଣିଦିଏ । ଆଉ ତାକୁ ସାକାର ରୂପ ଦେଇ ସେ ପ୍ରସ୍ତୁତ କରୁଛନ୍ତି ଅଦ୍ଭୁତ କଳାକୃତି । ଅଦ୍ୟାବଧି ବିଭିନ୍ନ ଲାଉତୁମ୍ବାରୁ ସେ ଗଣେଷ, ପେଙ୍ଗୁଇନ୍, ଟେବୁଲ୍ ଲ୍ୟାମ୍ପ, ବିଭିନ୍ନ ପକ୍ଷୀ, ପକ୍ଷୀ ଶାବକ, ତୋପ, ସାପ, ଅଣ୍ଡା ଫୁଟି ବାହାରୁଥିବା ପକ୍ଷୀ ଶାବକ, ସାରଙ୍ଗୀ ଭଳି ଅନେକ ଘରସଜ୍ଜା ସାମଗ୍ରୀ ପ୍ରସ୍ତୁତ କଲେଣି । ବିଭିନ୍ନ କଳାକୃତି କରିବା ଲାଉର ଆକାର ଓ ପ୍ରକୃତି ଉପରେ ନିର୍ଭର କରେ । ଆକୃତିକୁ ଦେଖି କଳାକୃତିର ନକ୍ସା ପ୍ରସ୍ତୁତ ହୁଏ । ପରେ ବିଭିନ୍ନ ସ୍ତର ଦେଇ ସାମଗ୍ରୀ ପ୍ରସ୍ତୁତ ହୁଏ । ଲାଉତୁମ୍ବାର ଆକାର ଭିନ୍ନ ଭିନ୍ନ ହୋଇଥିବା ସହ ସମାନ ଆକୃତିର ଏକାଧିକ ଲାଉତୁମ୍ବା ମିଳୁ ନଥିବାରୁ ଲାଉତୁମ୍ବାରୁ ଏକା ଭଳି କଳାକୃତି ତିଆରି ସମ୍ଭବ ନୁହଁ । ଏକାଭଳି ଦୁଇଟି ସାମଗ୍ରୀ ତିଆରି ସମ୍ଭବ ହେଉ ନଥିବାରୁ ଏଥିରୁ ପ୍ରସ୍ତୁତ ସାମଗ୍ରୀ ମାଷ୍ଟର ପିସ୍ ଭାବେ ବିବେଚନା କରାଯାଏ । ଅବିକଳ ଅନ୍ୟ ସାମଗ୍ରୀ ତିଆରି ସମ୍ଭବ ନଥିବାରୁ ଲାଉତୁମ୍ବାର ପ୍ରସ୍ତୁତ କୃତିକୁ ସ୍ୱତନ୍ତ୍ର ବୋଲି ଧରାଯାଏ । ଏଇ କାରଣରୁ ଗ୍ରାହକ ବି ନିଜ ଘରକୁ ସମାନ କୃତି ଆଉ କେଉଁଠି ବି ମିଳିବାର ସମ୍ଭାବନା ନଥିବା ହେତୁ ଆଗ୍ରହର ସହ କିଣିବାକୁ ପସନ୍ଦ କରିଥାନ୍ତି । ବିଶେଷ ଘରସଜା ସାମଗ୍ରୀ ଭାବେ ଗର୍ବ କରିବାକୁ ହିମାଂଶୁଙ୍କ ଲାଉତୁମ୍ବାର ସାମଗ୍ରୀ ଗ୍ରାହକଙ୍କୁ ଅଫୁରନ୍ତ ସୁଯୋଗ ଦେଇଥାଏ । କିନ୍ତୁ ବଜାର ଚାହିଦା ଦୃଷ୍ଟିରୁ ଏସବୁ ସାମଗ୍ରୀ ତିଆରି କରିବା ବି ସହଜ ନୁହେଁ । ସତର୍କତାର ସହ ଦିନ ଦିନ ଧରି ଏସବୁ ସାମଗ୍ରୀ ପ୍ରସ୍ତୁତ







କରିବାକୁ ହୁଏ ।

ଲାଉତୁମ୍ବାର ସାମଗ୍ରୀ ପାଇଁ କଂଚା ମାଲ୍ ଭାବେ ଲାଉତୁମ୍ବାର ଆବଶ୍ୟକତା ପଡୁଥିବାରୁ ଜିଲ୍ଲାର ବିଭିନ୍ନ ପାରଂପରିକ ଆଦିବାସୀ ଗ୍ରାମକୁ ଯାଇ ସଂଗ୍ରହ କରିବାକୁ ପଡେ । ଲାଉତୁମ୍ବା ଜନଜାତିଙ୍କ ଲାଗି ଆବଶ୍ୟକୀୟ ସାମଗ୍ରୀ ହୋଇଥିବାରୁ ଅନ୍ୟକୁ ବିକ୍ରି କରିବାକୁ ଅଂମଗ ହୁଅନ୍ତି ଆଦିବାସୀ । ସେଥିପାଇଁ ସେମାନଙ୍କୁ ମନାଇ ଆଗୁଆ ବରାଦ କରିବାକୁ ହୁଏ । ଗ୍ରାମରେ ଆଧୁନିକତା ପ୍ରବେଶ କରିବା ପରେ ଜନଜାତିର ଜୀବନଶୈଳୀରେ ବି ଅନେକ ଫରକ ଆସିଛି । ଲାଉତୁମ୍ବାର ସ୍ଥାନ ଥଣ୍ଡା ଖାଲି ବୋତଲ ନେଇଛି । ଅପରପକ୍ଷେ ପାରଂପରିକ ଲାଉ ବିହନ ଧୀରେ ଧୀରେ ଲୋପ ହେବାକୁ ବସିଲାଣି । ଏବେ ହାଇବ୍ରିଡ୍ ଲାଉର ବିହନ ବଜାରରେ କିଣି ଲଗାଉଥିବାରୁ ଲାଉର ଆକାରପ୍ରକାରରେ ବି ଅନେକ ଫରକ ଦେଖା ଗଲାଣି । ଜ୍ୟାମିତିକ ଆକୃତି ପ୍ରଦାନ କରୁଥିବା ଡଙ୍କି ଲାଉର ଉତ୍ପାଦନ ଆଶାତୀତ ଭାବେ ହ୍ରାସ ପାଇବାରେ ଲାଗିଛି । ଏହା ଏଇ କଳା ପ୍ରତି ବିପଦ ସୃଷ୍ଟି କରିଛି । ତେବେ  ପଚିଶି ରୁ ପଚାଶ ଟଙ୍କାରେ ପାକଳ ଲାଉ ତୁମ୍ବାକୁ କିଣି ଘରକୁ ଆଣିବା ପରେ ଆରମ୍ଭ ହୁଏ ସାମଗ୍ରୀ ତିଆରି ପ୍ରକ୍ରିୟା । ପ୍ରଥମେ କିସମ ଅନୁସାରେ ତାକୁ ଅଲଗା କରାଯାଏ । ଗଛ ପାକଳ ତଥା ବୁଢ଼ା ଲାଉକୁ ଚିହ୍ନଟ କରାଯାଏ । ଏହା ସବୁଠାରୁ ଉତ୍କୃଷ୍ଟ ଧରଣର ହୋଇଥାଏ । ଅଣାଯାଇଥିବା ଲାଉ ତୁମ୍ବାକୁ ଘରର ଛାତ ଉପରେ ଦେଢ ମାସ ଶୁଖାଯାଏ । ସେଥିର ସବୁ ଜଳୀୟ ଅଂଶ ମରିଯିବା ପରେ ଲାଉତୁମ୍ବାର ମଇଳା ଅଂଶକୁ  ଛୁରୀ, ବାଲି କାଗଜ କିମ୍ବା ଧାତୁର ବାସନମଜା ଉପକରଣରେ ଘଷି ବାହାର କରାଯାଏ । ପରେ ତାକୁ ପାଣିରେ ୨୪ ଘଂଟା ଧରି ବତୁରାଯାଏ । ଏହାଦ୍ୱାରା ଉପର ଅଂଶ କୋମଳ ହେବା ସହ ସଫା ହୁଏ । କିନ୍ତୁ ଭିତରକୁ ପାଣି ପ୍ରବେଶ କରିପାରେନା । ପରେ ଲାଉତୁମ୍ବାର ଆକାର ଦେଖି ଶିଳ୍ପୀ ନିଜର ସୃଜନ ଦୃଷ୍ଟିରେ ସମ୍ଭାବିତ କଳାକୃତିର ନକ୍ସା ତିଆରି କରେ । ନିଜ ମନ ମୁତାବକ ତାକୁ କାଟି ସୁନ୍ଦର ସାମଗ୍ରୀ ପ୍ରସ୍ତୁତ କରେ । ଏଇକ୍ରମରେ ବିଭିନ୍ନ କଳାକୃତି ଲାଗି ଆବଶ୍ୟକୀୟ ଉପାଦନ ଯଥା ଥଂଟ, ଡେଣା, କାନ, ଚଂଚୁ, କଂକି, ପ୍ରଜାପତି ଇଚ୍ଛ୍ୟାଦି ଲାଗି ଲାଉତୁମ୍ବାର ଅଂଶକୁ ଅତି ଯତ୍ନର ସହ କାଟି ଅଠା ସହ ଯୋଡିବାକୁ ହୁଏ । ରଂଗର ପ୍ରଲେପ ସହ କାରିଗରୀ ସ୍ପର୍ଶରେ ଜୀବନ୍ତ ହୋଇଯାଏ ଲାଉତୁମ୍ବା । ଆଉ ସାମଗ୍ରୀ ମାଧ୍ୟମରେ କଥା କୁହେ । ତାପରେ ତାର ଦର ଅମୂଲମୂଲ ହୋଇଯାଏ । ଲାଉ ତୁମ୍ବା ଶୁଖିବା ପରେ ସାମଗ୍ରୀ ତିଆରି କରିବାକୁ ଅତି କମ୍‌ରେ ସପ୍ତାହରୁ ଦୁଇ ସପ୍ତାହ ସମୟ ଲାଗେ । ଏସବୁ କଳାକୃତିକୁ ନେଇ ତାର ଦର ସ୍ଥିର ହୋଇଥାଏ । ତେବେ ହାରାହାରି ଦୁଇ ହଜାରରୁ ଆରମ୍ଭ ହୋଇ ଦଶରୁ ପନ୍ଦର ହଜାର ପର୍ଯ୍ୟନ୍ତ ସାମଗ୍ରୀ ବିକ୍ରି ହେଉଥିବା ହିଂମାଂଶୁ କହିଛନ୍ତି । ଏବେ ଗୋଟିକିଆ ସାମଗ୍ରୀ ବଦଳରେ ଏକାଧିକ ସଂଯୁକ୍ତ ଥିମ୍‌କୁ ନେଇ କଳାକୃତି ତିଆରି ଆରମ୍ଭ କରିଥିବା ସେ ପ୍ରକାଶ କରିଛନ୍ତି । ବିଭିନ୍ନ ପ୍ରଦର୍ଶନୀରେ ଲାଉତୁମ୍ବା ସାମଗ୍ରୀର ଚାହିଦା ଅନ୍ୟ ହସ୍ତକଳା ସାମଗ୍ରୀ ଅପେକ୍ଷା ଢେର୍ ଗୁଣା ଅଧିକ। । ବିଶେଷ କରି ରାୟଗଡକୁ ଛାଡିଦେଲେ ଭାରତର ଅନ୍ୟ କେଉଁଠି ଏଭଳି ସାମଗ୍ରୀ ପ୍ରସ୍ତୁତ ହେଉ ନଥିବାରୁ ଏଇ କଳା ବିରଳ କାରିଗରୀ ବିଦ୍ୟା ଭାବେ ପରିଚିତି ଲାଭ କରିଛି । ଅତୀତରେ ସେ ଦେଶର ବଡ ବଡ ସହରରେ ଆୟୋଜିତ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରି ବେଶ୍ ଗ୍ରାହକୀୟ ଆଦୃତିକୁ ସାଉଁଟିଛନ୍ତି । ଏମିତିକି ପ୍ରସିଦ୍ଧ ହସ୍ତକଳା କାରିଗରମାନେ ଏଇ କଳାକୃତିକୁ ଦେଖି ବିଶ୍ୱାସ କରି ନଥିବା ସେ ପ୍ରକାଶ କରିଛନ୍ତି । କୃତ୍ରିମ ଗଛର କଳା ପ୍ରସ୍ତୁତ କରି ଅତୀତରେ ସମଗ୍ର ଦେଶରେ ଚର୍ଚ୍ଚିତ ହୋଇଥିବା ହିମାଂଶୁ ବିଭିନ୍ନ ସମୟରେ ନିଜର ଅଭିନବ କଳା ସାମଗ୍ରୀକୁ ନେଇ ଅନ୍ୟମାନଙ୍କୁ ଚକିତ କରାଇ ଆସିଛନ୍ତି । ଏକ ଘଟଣାକ୍ରମରେ ୨୦୦୧ ଜୟପୁର ଠାରେ ଆୟୋଜିତ କୃଷକ ମେଳାରେ ରାୟଗଡା ଡିଆଇସି ପକ୍ଷରୁ ପ୍ରତିନିଧିତ୍ୱ ପୂର୍ବକ ନିଜର କୃତ୍ରିମ ଗଛର କଳାକୁ ଦେଖି ଉଦ୍‌ଘାଟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷ୍ଟଲ୍ ନିକଟରେ କିଛି ସମୟ ଅଟକି ଯାଇଥିଲେ । ପ୍ରାକୃତିକ ଓ କୃତ୍ରିମ ଗଛ ମଧ୍ୟରେ ପରଖ ନଥିବା ଅନୁଭବ କରି ଏଭଳି ନିଖୁଣ କଳାକୁ ଦେଖି ବିସ୍ମିତ ହୋଇଥିଲେ ସେ । ନିଜ ପାଇଁ ସେସବୁ ଗଛ କିଣିବା ସହ ହିମାଂଶୁଙ୍କୁ ଦେଇଥିଲେ ଓଡିଆରେ ଅଟୋଗ୍ରାଫ୍ । ଆଉ କହିଥିଲେ, "ତୁମେ ମୋତେ ବିସ୍ମିତ କଲ । ଆଉ ମୁଁ ତୁମକୁ ବିସ୍ମିତ କରି ଦେଉଛି ଏଇ ନିଅ ମୋର ପ୍ରଥମ ଓଡିଆ ଅଟୋଗ୍ରାଫ୍ ।" ଏସବୁ ପ୍ରକାଶ କରି ଭାବ ବିହ୍ୱଳ ହୋଇ ପଡିଥିଲେ ସେ । କିନ୍ତୁ ସେସବୁ କଳାକୁ ଛାଡି ଏବେ କେବଳ ଲାଉତୁମ୍ବାର ସାମଗ୍ରୀ ପ୍ରସ୍ତୁତରେ ନିଜକୁ ବ୍ରତୀ କରିଛନ୍ତି ହିମାଂଶୁ ।




ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବିନ୍ ପଟ୍ଟନାୟକଙ୍କ ପ୍ରିୟ କ୍ରାଫ୍‌ଟ କୃତ୍ରିମ ଗଛ ପ୍ରତି ଶ୍ରଦ୍ଧା ପୂର୍ବକ ପ୍ରଥମ ଓଡ଼ିଆ ସ୍ୱାକ୍ଷର ।

ORISSA CHIEF MINISTER HON'BLE SRI NAVEEN PATNAIK SIGNED HIS AUTOGRAPH FOR THE FIRST TIME IN ORIYA AS A GESTURE OF HIS LOVE FOR INDEGENOUS CRAFT " ARTIFICIAL BONSAI "

PRERANA ART & CRAFT
RAYAGADA



# ଚେରାପୁଞ୍ଜୀର ଚେର-ପୋ





# ଚେରର ପୋଲରେ ଚିତ୍ରିତ ଚେରାପୁଞ୍ଜି


**ଲକ୍ଷ୍ମୀପ୍ରିୟା ଓଝା**

ବି-୪୦୧, ଦି ଆଟ୍ଲାଣ୍ଟିକ୍, ଏସ୍ଆର୍‌ପି ଗ୍ରାଉଣ୍ଡ-୯ପାଖ, ମକରପୁରା ରୋଡ୍,
ବରୋଦା, ଗୁଜରାଟ-୩୯୦୦୧୦
ଫୋନ : ୭୪୯୦୯୯୬୮୬୫


ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

ଚେନ୍ନାଇରେ ଶିକ୍ଷକତା କରୁଥିବା ସମୟରେ ସ୍କୁଲ୍ ପ୍ରୋଜେକ୍ଟ ଡେ ପାଇଁ ନିଜ ନିଜ କ୍ଲାସ୍‌ର ପ୍ରୋଜେକ୍ଟ ସିଲେକ୍ସନ୍ ସମୟରେ ମୋ ପାଟିରୁ ଅଚାନକ ବାହାରି ପଡ଼ିଲା: ଅଜଣା ଆଶ୍ଚର୍ଯ୍ୟ(unknown Wonders) । ପ୍ରିନ୍ସପାଲ୍‌ଙ୍କ ମୁହଁ ଉଜ୍ଜ୍ୱଳ ହେଲା ବେଳକୁ ସନ୍ତୋଷରେ, କିଛି ସାଥୀ ଶିକ୍ଷକଙ୍କ ମୁହଁ ବିକୃତ ହେଇଗଲା ଈର୍ଷାରେ । ମୁଁ ଏମିତି ରାସ୍ତାରୁ ହଟି ସବୁବେଳେ କିଛି କିଛି ନୂଆ କରେ ବୋଲି ଅପ୍ରିୟ ହୁଏ ଅନେକ ସାଥୀ ଶିକ୍ଷକଙ୍କ ପାଖରେ । କିନ୍ତୁ ପ୍ରିୟଭାଜନ ହୁଏ ମ୍ୟାନେଜମେଣ୍ଟ, ପ୍ରିନ୍ସପାଲ୍, ଅଭିଭାବକ ଆଉ ଛାତ୍ରଙ୍କ ପାଖରେ । ବିନା ଭାବି କହି ତ ଦେଲି ତା'ପରେ ଆରମ୍ଭ ହେଲା ମୋର ଲୋକଲୋଚନ ଆଢୁଆଳରେ ଥିବା ଆଶ୍ଚର୍ଯ୍ୟମାନଙ୍କ ଖୋଜା । ସେତିକିବେଳେ ଗୁଗୁଲ୍ ପହଞ୍ଚାଇଲା ଉତ୍ତରପୂର୍ବ ଭାରତର ସବୁବେଳେ ବର୍ଷାରେ ଓଦା ହେଉଥିବା ମେଘାଳୟର ଡବଲ୍ ଡେକର୍ ରୁଟ୍ ବ୍ରିଜ୍ ପାଖରେ । ଦେଖି ଆଶ୍ଚର୍ଯ୍ୟ ହେଲି । ଘଞ୍ଚ ପର୍ବତମାଳା ଭିତରେ ଲୁଚି ରହିଥିବା ଚେରରେ ତିଆରି ପୋଲକୁ । ଏମିତିରେ ତ ଭାରତ ଦୁନିଆକୁ ଆଶ୍ଚର୍ଯ୍ୟ ଚକିତ କରିଛି ଅଗଣିତ ଥର । ଯେମିତିକି ଶାଢ଼ି ଓ ଧୋତି । ବିନା ସିଲେଇରେ ଅଧା କପଡ଼ା ଖଣ୍ଡକୁ ସୁନ୍ଦର ଭାବରେ ଆମେ ପିନ୍ଧି ପାରୁ । ଏହା ବିଦେଶୀଙ୍କ ପାଇଁ କୌଣସି ଆଶ୍ଚର୍ଯ୍ୟରୁ କମ୍ ନୁହେଁ ।

ନେଟ୍‌ରୁ ଦେଖି ସ୍କୁଲ୍ ପ୍ରୋଜେକ୍ଟ ପାଇଁ ବିଭିନ୍ନ ବଣୁଆ ଲତାଙ୍କୁ ନେଇ ତିଆରି କରିଥିବା ମୋ ରୁଟ୍ ବ୍ରିଜ୍ ଅନେକ ପ୍ରଶଂସା ସାଉଁଟିଥିଲା । ନୂଆକିଛି ଦେଖେଇଥିବା ଯୋଗୁଁ ଆତ୍ମସନ୍ତୋଷରେ ମନ ଭରିଥିଲେ ମଧ୍ୟ ଅବଦମିତ ଇଚ୍ଛାଟିଏ ମନଭିତରେ ଉଙ୍କି ମାରିବା ଆରମ୍ଭ କଲା, ପର୍ବତଘେରା ଜଙ୍ଗଲ



ଖାସି ଜନଜାତିର ପରିଧାନରେ
ଲେଖିକା ଲକ୍ଷ୍ମୀପ୍ରିୟା ଓଝା



ଭିତରେ ଥିବା ଏହି ଲୁକ୍କାୟିତ ଆଶ୍ଚର୍ଯ୍ୟଟିକୁ ଆଖି ପୂରେଇ ଦେଖିବାକୁ । ପୁଅ ଆଇଆଇଟି ପାଇ ଗୌହାଟି ଗଲା ପଢ଼ିବାକୁ । ତା'ର ଲୋକାଲ୍ ଗାଡ଼ିୟନ୍ ହେଲେ ଆମର ଘନିଷ୍ଠ ବନ୍ଧୁ ଆସାମର ମିଷ୍ଟର ଅସୀମ୍ ଦତ୍ତ । ପୁଅକୁ ଦେଖା କରିବାକୁ ଗଲାବେଳେ ତାଙ୍କ ଘରେ ସ୍ୱଳ୍ପ ରହଣି ସମୟରେ ପୁଣିଥରେ ଭେଟ ହେଲା ରୁଟ୍‌ବ୍ରିଜ୍ ସହ ତାଙ୍କ ଆଲ୍‌ବମ୍‌ରେ । ଫଟୋ ଦେଖାଉ ଦେଖାଉ ନିମନ୍ତ୍ରଣ କଲେ ଆଉ ଥରେ ଆସିଲେ ରୁଟ୍‌ବ୍ରିଜ୍ ଯିବା ପାଇଁ । ଅବଦମିତ ଇଚ୍ଛା ପୁଣି ଜାଗ୍ରତ ହେଲା । ଆଉ ଆରମ୍ଭ ହେଲା ରୁଟ୍‌ବ୍ରିଜ୍ ଯିବାର ବ୍ଲୁପ୍ରିଣ୍ଟ୍ ।


ଉତ୍ତରପୂର୍ବ ଭାରତର ଆସାମ, ମେଘାଳୟ, ମଣିପୁର, ମିଜୋରାମ, ନାଗାଲାଣ୍ଡ୍, ଅରୁଣାଞ୍ଚଳ ପ୍ରଦେଶ, ତ୍ରିପୁରା ଆଦି ସାତ ଭଉଣୀଙ୍କ ପାର୍ବତୀୟ ରାଜ୍ୟର ମୁଖ୍ୟଦ୍ୱାର ଗୌହାଟୀ । ତେଣୁ ଫ୍ଲାଇଟ୍‌ରେ ଗୌହାଟୀ ପହଞ୍ଚି ଅସୀମ ଦତ୍ତଙ୍କ ଘରେ ରାତିରେ ରହି ପୂର୍ବ ନିର୍ଦ୍ଧାରିତ ଇନୋଭାରେ ତା' ପରଦିନ ସକାଳୁ ବାହାରିଗଲୁ ଚେରାପୁଞ୍ଜି ଅଭିମୁଖେ । ଗୌହାଟୀରୁ ଚେରାପୁଞ୍ଜି ୧୪୮ କିଲୋମିଟର । ପାର୍ବତୀୟ ରାସ୍ତା ହେଲେ ମଧ୍ୟ ଖୁବ୍ ଭଲ ରାସ୍ତା । ସାଢ଼େ ଚାରିଘଣ୍ଟାରେ ଆରାମ୍‌ରେ ପହଞ୍ଚି ହେବ । ତେଣୁ ଆମେ ରାସ୍ତାରେ ପଡୁଥିବା ମେଘାଳୟର ରାଜଧାନୀ ସିଲଂରେ ଥିବା ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳ ସବୁ ଦେଖିଦେଖି ରାତି ସୁଦ୍ଧା ଚେରାପୁଞ୍ଜିରେ ପହଁଚିବା ପାଇଁ ସ୍ଥିର କଲୁ । ଚେରାପୁଞ୍ଜିରେ ପହଁଚିଲା ବେଳକୁ ସନ୍ଧ୍ୟା ପାଞ୍ଚଟା । କିନ୍ତୁ ଲାଗୁଥାଏ ଯେମିତି ରାତି ଦଶଟା ହେଲାଣି । ପାର୍ବତୀୟ ରାଜ୍ୟରେ ସନ୍ଧ୍ୟା ଶୀଘ୍ର ହେବା ସହ ଅନ୍ଧକାର ବେଶି ସାନ୍ଦ୍ର । ଚେରାପୁଞ୍ଜି ସହର ଠୁ ପନ୍ଦର କିଲୋମିଟର ଦୂରରେ ଥିଲା ଆମ ରିସୋର୍ଟ । ରୁଟ୍‌ବ୍ରିଜ୍‌ରୁ ପାଖ ହେବ ବୋଲି ଓଝା ବାବୁ ଏହି ରିସୋର୍ଟ ଦତ୍ତ ଭାଇନାଙ୍କ ପରାମର୍ଶ କ୍ରମେ ବୁକ୍ କରିଥିଲେ । ଏହି ପନ୍ଦର କିଲୋମିଟର ରାସ୍ତା ଖୁବ୍ ଅଣଓସାରିଆ ସହ ଆବୁଡ଼ା ଖାବୁଡ଼ା । ତା' ସହ ଅନ୍ଧକାର । ଗାଡ଼ି ମଟରର ଯାତାୟତ ଖୁବ୍ କମ୍ । ସାମ୍ନାରୁ ଆସୁଥିବା ଗାଡ଼ିକୁ ଜାଗା ଦେଇ କାଟି ଆସିବା ମଧ୍ୟ ଖୁବ୍ କଷ୍ଟ । ଡ୍ରାଇଭରଟି ଗତ ୧୭ ବର୍ଷ ଧରି ଯାତ୍ରୀଙ୍କୁ ଧରି ଚେରାପୁଞ୍ଜି ଆସୁଥିବାର ଓ ଚେରପୁଞ୍ଜିର ରାସ୍ତା ସହ ଖୁବ୍ ପରିଚିତ ବୋଲି ଅଳ୍ପ କଷ୍ଟରେ ଆମକୁ ପହଞ୍ଚେଇ ଦେଲା ଆମର ପୂର୍ବରୁ ବୁକ୍ ହେଇଥିବା 'ଚେରାପୁଞ୍ଜି ହଲିଡ଼େ ରିସୋର୍ଟ'ରେ । ରିସୋର୍ଟରେ ପହଞ୍ଚୁ ପହଞ୍ଚୁ ଗେଟ୍ ପାଖରେ ଖାସି ଡ୍ରେସ୍‌ରେ ସୁସଜ୍ଜିତ ତରୁଣୀଟିଏ ହସହସ ମୁହଁରେ ଆମକୁ ସ୍ୱାଗତ କଲା ଉଷୁମ ପାଣି ଭର୍ତ୍ତି ଗ୍ଲାସ୍‌ରେ । ପାଣି ପିଇ ସାରିଲା ପରେ ଯାତ୍ରାଜନିତ କ୍ଳାନ୍ତି ନିମିଷକେ ମିଳେଇଗଲା । ଚା' ପାଇଁ ଅର୍ଡ଼ର ଦେଇ ସାମ୍ନା ଡାଇନିଂରେ ବସି ପଡ଼ିଲୁ ସମସ୍ତେ । ରିସୋର୍ଟର ପିଲାଟି ଆମ ଜିନିଷସବୁ ଗାଡ଼ିରୁ ଓହ୍ଲେଇ ଆଣି ରଖିଦେଲା ରୁମ୍‌ମାନଙ୍କରେ । ଚା' ପିଉ ପିଉ ଆମ ସମ୍ମୁଖରେ ସ୍ଥାନୀୟ ଶିଳ୍ପୀମାନେ ଆରମ୍ଭ କରିଦେଲେ ସଙ୍ଗୀତ କାର୍ଯ୍ୟକ୍ରମ । ଖାସି ସଙ୍ଗୀତରେ ସ୍ୱାଗତ କଲେ ଆମକୁ । ତା'ପରେ ପରେ ଗାଇଲେ ଇଂଲିଶ୍, ହିନ୍ଦୀ, ଖାସି ଗୀତସବୁ । ୬୭ ବର୍ଷୀୟା ଦତ୍ତ ଭାଉଜ ନାଚିବା ଆରମ୍ଭ କରିଦେଲେ । ମୋ ଝିଅ ଅନନ୍ୟା ଡ୍ରଇଂ ଖାତା ଧରି ସେମାନଙ୍କ ସ୍କେଚ୍ କରିବା ଆରମ୍ଭ କରିଦେଲା । ପରିବେଶ ଖୁବ୍ ଉପଭୋଗ୍ୟ ଥିଲା । ତା'ପରେ ଜଣେ ଜଣେ ଫ୍ରେସ୍ ହେଇ ଖାଇବାକୁ ଆସିଲା ଯାଏଁ ସେମାନେ ଲଗାତର ଗାଇ ଚାଲିଥିଲେ ଗୋଟେ ପରେ ଗୋଟେ ଗୀତ । ଗୀତ ମଝିରେ ତାଙ୍କୁ ଡାକି ପଚାରିଲି, "ଏତେ ସୁନ୍ଦର ଖାସି ଗୀତ ଗାଉଛ ନ୍ୟାସନାଲ୍ ଟିଭି ରିଆଲିଟି ଶୋରେ ଯାଇଛ ?" ମୁଣ୍ଡ ହଲେଇ 'ନା'ର ସଙ୍କେତ ଦେଲେ ସେମାନେ । ସେମାନଙ୍କୁ ସେଥିରେ ଭାଗ ନେବାକୁ କହିଲି ମୁଁ । ମୋ ନମ୍ବର ଦେଲି । ଆବଶ୍ୟକ ପଡ଼ିଲେ ମୋ ସାଧ୍ୟମତେ ସେମାନଙ୍କୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ମଧ୍ୟ ଦେଲି । ମୁଁ ସେମାନଙ୍କ ସହ କଥା ହେଲାବେଳକୁ ବୁଫେ ଲାଗି ସାରିଥିଲା । କମ୍ପ୍ଲିମେଣ୍ଟାରୀ ବୁଫେ ଡିନର୍ ଖୁବ୍ ସ୍ୱାଦିଷ୍ଟ । ପଞ୍ଜାବୀ ଖାଦ୍ୟ ସହ ସେମାନଙ୍କର ଖାସି ଖାଦ୍ୟରେ ଯେମିତିକି ଆଳୁମଟର ତରକାରୀ, ବାଇଗଣ ଭର୍ତ୍ତାରେ ପୁରା ଓଡ଼ିଆ ତରକାରୀର ସ୍ୱାଦ ଥିଲା । ସେମାନଙ୍କର ମୁଖ୍ୟ ଖାଦ୍ୟ ଭାତ, ପରିବା ଓ ମାଂସ ତରକାରୀ ବୋଲି ଜାଣିଲୁ । ଏଠି ବହୁଳ ମାତ୍ରାରେ ଘୁଷୁରୀ ଓ ଗାଈ ମାଂସ ଖିଆଯାଏ । ତେଣୁ ଶାକାହାରୀ ଭୋଜନ ଆମ ପାଇଁ ଶ୍ରେୟସ୍କର ବୋଲି ଆମେ ଭାବିଲୁ ।

ମେଘାଳୟ ମୁଖ୍ୟତଃ ଖାସି, ଜୟନ୍ତୀଆ ଓ ଗାରୋ, ଭୋଇ ପାର୍ବତୀୟ ଶ୍ରେଣୀର ସମାହାର । ଆମେ ଥିଲୁ ଖାସି ହିଲ୍‌ସ୍‌ରେ । ତେଣୁ ଏଠିକାର ଟ୍ରାଇବ୍ ଖାସି ସମ୍ପ୍ରଦାୟର । ଖୁବ୍ ଭଦ୍ର, ଅମାୟିକ ଓ ଆଧୁନିକ । ପ୍ରାୟ ସମସ୍ତଙ୍କୁ ଇଂରାଜୀ ଜଣା । କେମିତି ଓ କାହିଁକି- ଏ ପ୍ରଶ୍ନର ଉତ୍ତର ବିଭିନ୍ନ ଲୋକଙ୍କ ଠୁ ଭିନ୍ନ ଭିନ୍ନ ମିଳିଲା । ଏମିତିକି ପାଠ ନପଢ଼ିଥିବା ଲୋକ ମଧ୍ୟ ଇଂରାଜୀ କହି ପାରୁଥିବାର ଦେଖିଲୁ । ଗରୀବ ଲୋକ ମଧ୍ୟ ପ୍ରାୟ କୋଟ୍ ସୁଟ୍ ପିନ୍ଧିଥିଲେ । ବୋଧହୁଏ ଥଣ୍ଡା ଯୋଗୁଁ । ରାତ୍ରି ଭୋଜନ ପରେ ଆରମ୍ଭ ହେଲା ବହୁ ପ୍ରତୀକ୍ଷିତ ରୁଟ୍‌ବ୍ରିଜ୍ ଯିବା ପାଇଁ ପ୍ଲାନ୍ । ଖାଇବା ସମୟରେ ହଲ୍‌ରେ ଲଗାତାର ଆଖପାଖ ଟୁରିଷ୍ଟ୍ ସ୍ପଟ୍ ସବୁ ଏଲ୍‌ସିଡ଼ି ସ୍କ୍ରିନ୍‌ରେ ଚାଲିଥିଲା । ରିସେପ୍‌ସନ୍‌ରେ ଥିବା ଝିଅଟିର ସାହାଯ୍ୟ ନେଲୁ । ସେ ଆବଶ୍ୟକୀୟ ସୂଚନା ଦେବା ସହ ପାର୍ବତୀୟ ରାସ୍ତାରେ ସୁଗମ ଅନୁଭୂତି ପାଇଁ ଗାଇଡ଼ ବ୍ୟବସ୍ଥା ମଧ୍ୟ କରିଦେଲେ । ରୁଟ୍‌ବ୍ରିଜ୍ ପର୍ଯ୍ୟନ୍ତ ଯିବା ପାଇଁ ୬୦୦ ଓ ରେନ୍‌ବୋ ଫଲ୍‌ସ୍ ଯାଏଁ ଯିବା ପାଇଁ ୧୦୦୦ଟଙ୍କା ଥିଲା ଗାଇଡ଼୍‌ର ରେଟ୍ । ରାସ୍ତା ପାଇଁ ପ୍ୟାକ୍ ଲଞ୍ଚ୍ ଅର୍ଡ଼ର ଦେଇ, ସକାଳ ଆଠଟାରେ ଯାତ୍ରା ଆରମ୍ଭ କରିବା ସ୍ଥିର କରି ନିଜ ନିଜ ରୁମ୍‌ରେ ଶିଘ୍ର ଶୋଇବା ପାଇଁ ଗଲୁ ।

ସକାଳୁ ଉଠି ନିତ୍ୟକର୍ମ ସାରି ଲବିରେ ପହଁଚି ଜାଣିଲୁ ଗତରାତିରେ ବୁକ୍ କରିଥିବା ଗାଇଡ୍ ଜଣକ କୌଣସି ବ୍ୟକ୍ତିଗତ କାରଣ ଯୋଗୁଁ ଆସି ନପାରି ଅନ୍ୟଜଣକୁ ପଠାଇବା ପାଇଁ ଅନୁମତି ମାଗୁଛି । ଆମ ଜଳଖିଆ ସରୁ ସରୁ ୧୭/୧୮ ବର୍ଷର ପିଲାଟିଏ ଆସି ପହଞ୍ଚିଗଲା । ନାଁ ୱାଲମ୍ । ଖୁବ୍ ଶାନ୍ତଶିଷ୍ଟ ଛୋଟ ପିଲାଟେ । ସିଲଂରେ ହଷ୍ଟେଲ୍‌ରେ ରହି ବି.କମ୍. ପଢ଼େ । ଛୁଟିରେ ଘରକୁ ଆସିଥିଲା । ତା ସାଙ୍ଗ ନ ଆସିବାରୁ ତା ସ୍ଥାନରେ ଗାଇଡ୍ ହେଇ ଆସିଛି । ଯଦିଓ ରାସ୍ତା ଜଣାଅଛି ତେବେ ଗାଇଡ଼୍ କାମ ଏବେ ଏବେ ଶିଖୁଛି । ଆମ ହାତରୁ ଲଞ୍ଚ୍ ପ୍ୟାକ୍ ନେଇ ଗାଡ଼ିରେ ରଖିଲା । ଆମେ ସମସ୍ତେ ଗାଡ଼ିରେ ବସିଲୁ । ପାଞ୍ଚ କିଲୋମିଟର ପାହାଡ଼ିଆ ଅଣଓସାରିଆ, ଆବୁଡ଼ାଖାବୁଡ଼ା ରାସ୍ତାରେ ଗାଡ଼ି ଗଲା ପରେ ଆସି ପହଞ୍ଚିଲୁ ଟୈରାନା ଗାଁରେ । ଏଇଠୁ ଆରମ୍ଭ ହେବ ଆମର ଟ୍ରେକିଙ୍ଗ୍ ରୁଟ୍‌ବ୍ରିଜ୍ ଯାଏଁ । ସେତେବେଳକୁ ଦିନ ଦଶଟା । ସାମ୍ନାରେ କିଛି ଗାଇଡ଼୍ ଠିଆ ହୋଇଥିଲେ ଓ ଦୁଇ ତିନୋଟି ଛୋଟ ଚା' ଦୋକାନ ଛଡ଼ା ଆଉ କିଛି ନଥିଲା । ଗୋଟେ ବୋର୍ଡ଼ରେ ଲେଖାଥିଲା ଏହି

ପଏଣ୍ଟ୍ ପରେ ଗାଇଡ୍ ନେବା ଜରୁରୀ ଏବଂ ଅନ୍ୟାନ୍ୟ ନିୟମାବଳି । ଆମ ସାଙ୍ଗରେ ୱ୍ୱାଲମ୍ ଥିଲା ଆମ ଗାଇଡ୍ । ତେଣୁ ଆମେ ଗାଡ଼ିରୁ ଓହ୍ଲେଇ ସିଧା ଚାଲିଲୁ । ଗାଁ ରାସ୍ତା ପରି ରାସ୍ତା । ଦି'ପଟେ ଘର । ବାରଣ୍ଡା । ଫୁଲଗଛ । ଖୁବ୍ ପରିସ୍କାର ପରିବେଶ । ମେଘାଳୟୀ ଲୋକ ପରିସ୍କାର ପରିଚ୍ଛନ୍ନ ରହିବା ପସନ୍ଦ କରନ୍ତି । ଭାରତର ସବୁଠୁ ପରିଚ୍ଛନ୍ନ ଗାଁ ମଧ୍ୟ ଏହି ମେଘାଳୟରେ । ସାଇନ୍‌ବୋର୍ଡ଼ରେ ମଧ୍ୟ ଏଠିସେଠି ପରିସ୍ରା ନକରିବା, ଗଛ ନ ଛିଡ଼େଇବା, ଅପରିଷ୍କାର ଆଦି ନକରିବାର ନିୟମାବଳୀ ଲେଖା ଯାଇଥିଲା । ଗାଁ ପରେ ଦି' ପଟେ ଗୁଆବଣ ଭିତରେ ସରୁ ପତଳା ରାସ୍ତା । ସେ ରାସ୍ତା ସରିଲା ପରେ ଆରମ୍ଭ ହେଲା ପାହାଡ଼ରୁ ଓହ୍ଲେଇବା ପାଇଁ ପାହାଚ ସବୁ । ସବୁ ସ୍ଥାନରେ ପ୍ରଥମ ଚଢ଼ାଣି ଥାଏ ତାପରେ ଓହ୍ଲାଇବା କଥା । କିନ୍ତୁ ଏଠି ଓଲଟା । ପ୍ରଥମେ ସମ୍ପୂର୍ଣ୍ଣ ପାହାଡ଼କୁ ଓହ୍ଲାଇବାକୁ ପଡ଼େ । ପ୍ରାୟ ୧୬୦୦ ରୁ ଅଧିକ ତୀଖ ସିଢ଼ି ଆହୁରି ୫୦୦ ପାଖାପାଖି ସିଢ଼ି । ତେଣୁ ଧ୍ୟାନର ସହକାରେ ଗୋଡ଼ ପକେଇବାକୁ ପଡ଼େ । ଟିକେ ଏପଟ ସେପଟ ହେଲେ ପଡ଼ିବାର ସମ୍ଭାବନା ଖୁବ୍ ବେଶି । ତେଣୁ ପ୍ରକୃତିକୁ ଉପଭୋଗ ନକରି ବାସ୍ ଧ୍ୟାନର ସହକାରେ ଓହ୍ଲେଇବା କଥା । ମଝିରେ ମଝିରେ ଜଙ୍ଗଲୀ ଗୋଲମରିଚ, ଝାଡ଼ୁ ଗଛ ଆଦି ଚିହ୍ନେଇ ଚିହ୍ନେଇ ଯାଉଥାଏ ୱ୍ୱାଲମ୍ । ତୀଖ ପାହାଡ ଓହ୍ଲେଇଲା ପରେ ପଡ଼ିଲା ପ୍ରଥମ ରୁଟ୍‌ବ୍ରିଜ୍ । ଜଣକା ପିଛା ଦଶଟଙ୍କା ଲେଖା ଟିକେଟ୍ କାଟି ଆମେ ଆଗକୁ ବଢ଼ିଲୁ । ଦୁଇ ତିନୋଟି ଘର ଛାତ ଉପରେ ମହୁଭର୍ତ୍ତି ବୋତଲ ସବୁ ଥିଲା । ୱ୍ୱାଲମ୍ କହିଲା, "ଏଠି ଶୁଦ୍ଧ ମହୁ ମିଳେ । ବହୁତ ଲୋକ ଏଇଠୁ ମହୁ କିଣି ଘରକୁ ନିଅନ୍ତି ।" ରାସ୍ତାରେ ସ୍ଥାନେ ସ୍ଥାନେ ମହୁ ଭାଡ଼ି ସବୁ ଦେଖି ପହଞ୍ଚିଲୁ ପ୍ରଥମ ରୁଟ୍‌ବ୍ରିଜ୍‌ରେ, ପ୍ରାୟ ଦୁଇ ହଜାରରୁ ଅଧିକ ସିଢ଼ି ଓହ୍ଲେଇଲା ପରେ । ରାସ୍ତା ଏତେ କଷ୍ଟକର ଯେ ଅଧିକାଂଶ ଲୋକ ଏଇଠୁ ଫେରିଯାନ୍ତି । ଏହା ସିଙ୍ଗିଲ୍ ଲଙ୍ଗ୍‌ଷ୍ଟେ ଲିଭିଙ୍ଗ୍ ରୁଟ୍‌ବ୍ରିଜ୍ ବୋଲି ଜାଣିଲୁ । ସହଜ ଭାଷାରେ କହିଲେ ଦୁଇ ପାହାଡ଼ ମଝିରେ ବହୁଥିବା ପଥୁରିଆ ନଦୀ ଉପରେ ଗୋଟେ ପଟରୁ ଅନ୍ୟପଟକୁ ଯିବା ପାଇଁ ଝୁଲନ୍ତା ଚେରର ପୋଲ । ପୋଲ ବାଡ଼, ତଳସବୁ ଚେରରେ । ଚାଲିବା ସ୍ଥାନରେ କାଠ ପଥର ଆଦି ପକେଇ ଖାଲି ଜାଗାକୁ ବନ୍ଦ କରାଯାଇଛି ଯାହା । ପ୍ରଥମଥର ପାଇଁ ଦେଖିଲି ଏମିତିକା ପୋଲ । ପାହାଡ଼ି ମଣିଷର ଅଦ୍ଭୁତ ଜ୍ଞାନକୌଶଳର ପରିଚୟ ।

ପୃଥିବୀର ସବୁଠୁ ଆର୍ଦ୍ର ଅଞ୍ଚଳ ଚେରାପୁଞ୍ଜି । ଯଦିଓ ଏବେ ମୈସ୍ୱନରାମ (mawsynram) । ଉଭୟ ଇଷ୍ଟ୍ ଖାସି ହିଲ୍‌ସ୍‌ରେ । ପାଖାପାଖି ଅଞ୍ଚଳ । ବର୍ଷ ସାରା ବର୍ଷା । ଏମିତି ବର୍ଷଣମୁଖୀ ଅଞ୍ଚଳରେ କାଠ, ଷ୍ଟିଲ୍, ଲୁହା କିଛି ବି ତିଷ୍ଠି ରହିବା କଷ୍ଟ । ଘଞ୍ଚ ଜଙ୍ଗଲ, ଦୁର୍ଗମ ପାହାଡ଼ ଭିତରେ ଠାଏ ଠାଏ ୧୦/ ୧୨ଘର ଭିନ୍ନ ଭିନ୍ନ ଜନଜାତିଙ୍କ ବସତି । ଏବେ ମଧ୍ୟ ସେ ସ୍ଥାନରେ ସରକାରୀ, ବେସରକାରୀ, ସ୍ୱୟଂସେବୀ ସଂସ୍ଥାଙ୍କର ସାହାଯ୍ୟ ସହଯୋଗ ପହଞ୍ଚିବା ଦୂରୁହ ବ୍ୟାପାର । ଆଉ ଶହେ ବର୍ଷ ତଳ କଥା ତ ଭାବି ମଧ୍ୟ ହୁଏନି । ହୁଏତ ସେ ସମୟରେ ଗୋଟିଏ ଗୋଟିଏ ଜନଜାତି ନିଜ ନିଜ ପାର୍ବତୀୟ ଅଞ୍ଚଳରେ ସୀମିତ ଥିବେ । ଗୋଟିଏ ପାହାଡ଼ରେ ଆବଦ୍ଧ ମଣିଷ ହୁଏତ ସମୟକ୍ରମେ ଦେଖିଥିବ ଦୂରରୁ ଅନ୍ୟ ପାହାଡ଼ରେ ତା' ପରି ମଣିଷଙ୍କୁ । ତା' ପାଖରେ ପହଞ୍ଚିବାକୁ ମନ ବଳେଇଥିବ । କିମ୍ବା ଇଚ୍ଛା କରିଥିବ ଗୋଟେ ସ୍ଥାନରୁ ଅନ୍ୟସ୍ଥାନକୁ ଯିବା ପାଇଁ ଖାଦ୍ୟ ଅନ୍ୱେଷଣରେ । କିନ୍ତୁ ମଝିରେ ବାଧକ ସାଜିଥିବ ଦୁଇ ପାହାଡ଼ ମଝିରେ ବହୁଥିବା ପାହାଡ଼ି ପ୍ରପାତ, ଝରଣା, ଖାଇ, ପ୍ରଖର ସ୍ରୋତ, ନଦୀର ଅସମତଳ ପଥର ଶଯ୍ୟା । ଦୁଇ ପାହାଡ଼ ମଝିରେ ଥିବା ଖାଇକୁ ପାର୍ କରିବାକୁ ହୁଏତ ସେ ଗଛମାନଙ୍କ ଓହଳର ସାହାଯ୍ୟ ନେଇଥିବ । ଛୋଟ ଖାଇକୁ ସହଜରେ ପାର୍ କରି ପାରିଥିବ । ହେଲେ ବଡ଼ ଖାଇକୁ ? ତେଣୁ ସେ ନିଜର ସମସ୍ତ ବୁଦ୍ଧି, ବଳ, ଇଚ୍ଛାଶକ୍ତି ପ୍ରୟୋଗ କରି ଚେଷ୍ଟା କରିଥିବ ଏ ଗିରି ଲଘିଂବା ପାଇଁ । ଯାହାର ଫଳଶ୍ରୁତି ଲିଭିଙ୍ଗ୍ ରୁଟ୍‌ବ୍ରିଜ୍ ବା ଜୀବନ୍ତ ଚେରର





ପୋଲ । ସମତଳ ଅଞ୍ଚଳରେ ଥିବା ବରଗଛ ପରି ପାର୍ବତୀୟ ଅଞ୍ଚଳରେ ରବର ଗଛର ବହୁଳତା ଦେଖିବାକୁ ମିଳେ । ଏହା ଠିକ୍ ବରଗଛ ପରି ବିଶାଳକାୟ । ବରଓହଳ ମାଟିରେ ପୋତି ହେଇ ନୂଆ ଗଛକୁ ଜନ୍ମଦେବା ସହ ମୂଳ ଗଛକୁ ଶକ୍ତ କଲା ପରି ଏହି ରବର ଗଛର ଚେର (ଓହଳ ପରି) ପଥୁରିଆ ମାଟିରେ ଯେତେ ତଳକୁ ଯାଏ ଗଛ ସେତେ ଉପରକୁ ମେଣ୍ଡ ଟେକି ଶତାବ୍ଦୀ ଶତାବ୍ଦୀ ଧରି ଦଣ୍ଡାୟମାନ ହୁଏ । ଶହ ଶହ ଚେର ଝୁଲୁଥାଏ ତଳକୁ ତା ଶାଖାପ୍ରଶାଖାରେ । ଏହି ଚେର ଖୁବ୍ ଶକ୍ତ, ଖୁବ୍ ଲମ୍ବା । ଦୂର ଦୂର ଯାଏ ଲମ୍ବି ଲମ୍ବି ମାଟିରେ ପୋତିହେଇ ମୂଳ ଗଛକୁ ଶକ୍ତ କରେ । ଅନେକ ସମୟରେ ଛୋଟ ଛୋଟ ନଦୀକୁ ଟପି ଅନ୍ୟପଟକୁ ମଧ୍ୟ ଚାଲିଯାଏ । ଏଇଠୁ ହେଇଥିବ ମଣିଷର ପରୀକ୍ଷାନିରୀକ୍ଷା, ପ୍ରୟୋଗ । ଚେରକୁ ରାସ୍ତା ଦେଖାଇ ନଦୀର ଅନ୍ୟପଟେ ନେଇ ପୋତି ଦେଇଥିବ ସେ । ଟିକେ ଟାଣ ହେଲା ପରେ ତା ସାହାଯ୍ୟରେ ପାର୍ ହେଇଥିବା ସ୍ରୋତସ୍ୱିନୀ ପାହାଡ଼ି ନଦୀକୁ । ସେଇ ସାହାରାକୁ ଆହୁରି ଶକ୍ତ କରିବାକୁ ଯାଇ ଚେରରେ ଚେର ଛନ୍ଦି, ପାହାଡ଼ି ଅଞ୍ଚଳରେ ସହଜଲବ୍ଧ ଗୁଆ, ବାଉଁଶ ଆଦି ଗଛରେ ବାନ୍ଧି ସିଧା ପୋଲ ତିଆରି କରିଥିବ ସେ । ପ୍ରୟୋଗ କରିଥିବ ନୂଆ ନୂଆ ଜ୍ଞାନ କୌଶଳ, ଏମିତି କରିଥିବ ଆବିଷ୍କାର ଉଦ୍ଭାବନ । ଅଭାବରୁ ହୁଏ ଆବିଷ୍କାର, ଆବଶ୍ୟକତାରୁ ଅକସ୍ମାତ ହୁଏ ଉଦ୍ଭାବନ । ଯଦିଓ ଏବେ ଲୁହା ରଡ଼୍‌ରେ ଚେରକୁ ବାନ୍ଧି ତାକୁ ସିଧାସିଧା ବଢ଼ିବା ପାଇଁ ଛାଡ଼ି ଦିଆଯାଉଛି ତେବେ ପୁରୁଣା କାଳରେ ଗୁଆ ଗଛ ଭିତରେ ଚେରକୁ ପୁରାଇ ଦିଆ ଯାଉଥିଲା । ଗୁଆ ଗଛରୁ ଖାଦ୍ୟ ସଂଗ୍ରହ କରି ଗଛ ବଢୁଥିଲା ଓ ଗୁଆଗଛ ସଢ଼ି ନଷ୍ଟ ହେଲାବେଳକୁ ଚେର ସିଧା ବଢ଼ି ମଣିଷକୁ ନିଜ ଇଚ୍ଛା ଅନୁସାରେ ପୋଲ ବନେଇବାକୁ ସାହାଯ୍ୟ କରୁଥିଲା । ଯେତେ ବର୍ଷା ହେବ ସେତେ ଏ ଗଛ ଶକ୍ତ ହୁଏ । କେବେଠୁ ଏହାର ତିଆରି ଆରମ୍ଭ ହେଲା, କୋଉମାନେ ତିଆରି କଲେ ଓ କେଉଁ ଅଞ୍ଚଳରେ ପ୍ରଥମେ ଏହା ତିଆରି ହେଲା, ତାହାର ଉତ୍ତର କାହା ପାଖରେ ନାହିଁ । ତେବେ ବର୍ତ୍ତମାନ ସମୟରେ ସମଗ୍ର ପୃଥିବୀରେ ଏହି ଲିଭିଙ୍ଗ୍ ରୁଟ୍‌ବ୍ରିଜ୍ ବହୁଳତା ଦେଖିବାକୁ ମିଳେ ମେଘାଳୟର ଏହି ଖାସି ଓ ଜୟନ୍ତିଆ ପାର୍ବତୀୟ ଅଞ୍ଚଳରେ । ସ୍ଥାନୀୟ ଅଧିବାସୀଙ୍କ ହିସାବରେ ଏହି ଚେରର ପୋଲ ତିଆରି ହେବାର ୧୦/୧୫ ବର୍ଷ ପରେ ମଣିଷ ଓଜନ ସମ୍ଭାଳିବାକୁ ସକ୍ଷମ ହୁଏ । ଓ ତା'ପରେ ଶହ ଶହ ବର୍ଷ ଯାଏଁ ବ୍ୟବହାର ଉପଯୋଗୀ ହେଇ ରୁହେ ।

ସିଙ୍ଗଲ୍ ରୁଟ୍‌ବ୍ରିଜ୍‌ରେ ଜଗିବାକୁ କେହି ନଥିଲେ ମଧ୍ୟ ଶକ୍ତ ନିୟମବଳିର ଫଳକଟିଏ ଥିଲା ସ୍ଥାନଟିକୁ ଅପରିଷ୍କାର ନକରିବାକୁ । ଏକା ସାଙ୍ଗରେ ଦୁଇଜଣ ଲୋକ କେବଳ ବ୍ରିଜ୍ ଉପରେ ଚଢ଼ି ପାରିବେ ବୋଲି ମଧ୍ୟ ଲେଖାଥିଲା । ପାଖରେ ଆଉ ଗୋଟେ ରାସ୍ତାରେ ନଯିବାକୁ ନିର୍ଦ୍ଦେଶ ଥିଲା । ଗଲେ ୨୦୦୦ ଟଙ୍କା ଫାଇନ୍ ବୋଲି ମଧ୍ୟ ଲେଖା ଯାଇଥିଲା । ତାହା ନଦୀକୁ ଯିବା ପାଇଁ ଗ୍ରାମବାସୀଙ୍କ ବ୍ୟବହୃତ ରାସ୍ତା ଥିଲା । ତେଣୁ ସ୍ୱତଃପ୍ରବୃତ୍ତ ଭାବେ ଆମେ ସମସ୍ତ ନିୟମକୁ ପାଳନ କଲୁ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଅଭିଭୂତ ହେଲୁ । ଆମକୁ ଆହୁରି ଆଗକୁ ଯିବାର ଥିଲା ୧୦୦୦ରୁ ଅଧିକ ସିଢ଼ି ଚଢ଼ି ଓହ୍ଲେଇ ଡବଲ୍ ଡେକର୍ ରୁଟ୍‌ବ୍ରିଜ୍ ପାଖରେ ପହଞ୍ଚିବାର ଥିଲା । ତେଣୁ ଏଠି ବେଶି ସମୟ ନରହି  ଆରମ୍ଭ କଲୁ ଆମର ଯାତ୍ରା ।

କିଛିବାଟ ଗଲା ପରେ ଦୂରରୁ ଅନ୍ୟ ଏକ ପାହାଡ଼କୁ ଦେଖାଇ ୱ୍ୱାଲମ୍ କହିଲା, ଏ ଯେଉଁ ଦୂରରୁ ଗାଁ ଦେଖୁଛ ସେଇଠି ଅଛି ଡବଲ୍ ଡେକର୍ ରୁଟ୍ ବ୍ରିଜ୍ । ଆଉ ମାତ୍ର ଗୋଟାଏ ଘଣ୍ଟାର ରାସ୍ତା । ସେତେବେଳକୁ ଆମେ ଭୀଷଣ କ୍ଲାନ୍ତ ହେଇ ପଡ଼ିଥିଲେ ମଧ୍ୟ ନୂଆ କିଛି ଦେଖିବାର ଉନ୍ମାଦ ଆମକୁ ବସିବାକୁ ଦେଉନଥିଲା । ସ୍ଥାନେସ୍ଥାନେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନାର ଫଳକ । କେତେଦିନରେ କାମ ସରିଛି, କେତେ ଲୋକ ରୋଜଗାର କେତେଦିନ ଯାଏଁ ପାଇଛନ୍ତି, କେତେ ଟଙ୍କା ଖର୍ଚ୍ଚ ହେଇଛି ଆଉ କୋଉ ମସିହାରେ ଆଦି ସମସ୍ତ ବିବରଣୀ ଫଳକରେ ଲେଖା ଥିଲା । ଏଇ ଚାରି ପାଞ୍ଚ ବର୍ଷ ତଳେ ପାହାଚ ସବୁ ହେଇଛି ବୋଲି ଜାଣିଲୁ । ତା ପୂର୍ବରୁ ସ୍ଥାନୀୟ ଲୋକ କେବଳ ପାହାଡ଼ର ଆବୁଡ଼ା ଖାବୁଡ଼ା ରାସ୍ତାରେ ଯାଉଥିଲେ ବୋଲି ଶୁଣିଲୁ । ରାସ୍ତାରେ ପଡ଼ିଲା ଏକ ବିଶାଳ ପାହାଡ଼ି ନଦୀ ସିମ୍‌ତୁଣ୍ଡ୍ । ହରିଦ୍ୱାରର ଲକ୍ଷ୍ମଣ ଝୁଲା ପରି ନଦୀ ପାର୍ କରିବା ପାଇଁ ଏକ ବିରାଟ ଲୁହାର ଝୁଲନ୍ତା ପୋଲ । କିନ୍ତୁ କୌଣସି କାରଣ ବଶତଃ ପୋଲଟି ବନ୍ଦ୍ ଥିଲା । ନଦୀରେ ପାଣି ଅଳ୍ପ ଥିବାରୁ ଆମେ ପଥର ଡେଇଁ ନଦୀ ପାର୍ କଲୁ । ସେଇ ପଥର ଡେଇଁବା ଭିତରେ ମୋ ଝିଅ ପଡ଼ି ତା କପଡ଼ା, ମୋବାଇଲ୍, କ୍ୟାମେରା ସବୁ ପାଣିରେ ଓଦା ହେଇଗଲା । ସତରେ ପାହାଡ଼ି ନଦୀ ପାର୍ କରିବା ଏକ ଦୁରୁହ ବ୍ୟାପାର । ପୋଲ ପାଖରେ ଏକ ଫଳକରେ ଲେଖାଥିଲା, "ପୋଲ ତଳେ ବହୁଥିବା ନଦୀ ପବିତ୍ର ନଦୀ ।" ୱ୍ୱାଲମ୍ କହିଲା, ଆଦିବାସୀ ଲୋକ ମୂର୍ତ୍ତି ପୂଜା କରୁ ନଥିଲେ । ସେମାନେ ପ୍ରକୃତିର ଉପାସକ । ନଦୀ, ପାହାଡ଼, ଆକାଶ, ସୂର୍ଯ୍ୟ, ଅଗ୍ନି, ବାୟୁ ଆଦିକୁ ପୂଜା କରୁଥିଲେ । ସେଥିପାଇଁ ଆମ ଯାତ୍ରା ସମୟରେ ଆମେ କେଉଁଠି ମଧ୍ୟ ମନ୍ଦିର ଦେଖିନଥିଲୁ । ଏମିତିକି ସଂଲଗ୍ନ, ଚେରାପୁଞ୍ଜିରେ ମଧ୍ୟ ରାସ୍ତାରେ ଗଲାବେଳେ ବିଶେଷ ଧାର୍ମିକସ୍ଥଳ ଦେଖିବାକୁ ପାଇ ନଥିଲୁ । ୱ୍ୱାଲମ୍ କହିଲା, "ଅନେକ ବର୍ଷରୁ ମେଘାଳୟର ପ୍ରାୟ ସମସ୍ତ ଅଧିବାସୀ ଖ୍ରୀଷ୍ଟଧର୍ମ

ଗ୍ରହଣ କରି ସାରିଛନ୍ତି । ସେମାନଙ୍କ ନିଜ ଅସୁବିଧା ସମୟରେ ସରକାର ବା କୌଣସି ବେସରକାରୀ ସଂସ୍ଥାର ସାହାଯ୍ୟ ସହଯୋଗ ନପାଇ ପାରିବା ସମୟରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ପାଦ୍ରୀମାନେ ସେମାନଙ୍କୁ ଅଳ୍ପେ ବହୁତେ ସାହାଯ୍ୟ କରିଥିବାରୁ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ଏବେ ପ୍ରାୟ ସମସ୍ତେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ । ସେମାନଙ୍କ ଅଜ୍ଞାତରେ ସେମାନଙ୍କ ସଂସ୍କୃତିର ଅବକ୍ଷୟ ହେଉଥିବା ଜାଣି ଖୁବ୍ ଦୁଃଖ ଲାଗିଲା । ପାହାଡ଼ ଓହ୍ଲେଇ ଓହ୍ଲେଇ ଖୁବ୍ କ୍ଲାନ୍ତ ଲାଗୁଥିଲା । ପାଖରେ ପାଣି ନଥିଲା । ଅଚାନକ ଗୋଟେ ସ୍ଥାନରେ ରାସ୍ତା କଡ଼ରେ ପାହାଡ଼ରୁ ଗଡ଼ି ଆସୁଥିବା ପାଣିକୁ ବାଉଁଶ ବତା ଦ୍ୱାରା କେହିଜଣେ ଛୋଟ ବାଲ୍ଟିରେ ଭରୁଥିଲା । ବାଉଁଶ ବତା ପାଖରେ ମୁହଁ ଲଗେଇ ସ୍ୱଚ୍ଛ ଝରଣା ପାଣିରୁ ପୋଷେ ପୋଷେ ଲେଖା ପିଇଗଲୁ ଆମେ । କି ମିଠା ଥଣ୍ଡା ଥଣ୍ଡା ପାଣି ! ତା ପରେ ପୁଣି ପଡ଼ିଲା ଆଉ ଗୋଟିଏ ବିରାଟ ନଦୀ ପାର୍ ହେବାକୁ ଲୁହାର ଝୁଲନ୍ତ ବ୍ରିଜ୍ । ଅପେକ୍ଷାକୃତ ଏ ବ୍ରିଜ୍‌ଟି ବେଶି ଶକ୍ତ ଓ ଚୌଡ଼ା । କିନ୍ତୁ ତଳେ ଖୁବ୍ ଗଭୀର ନଦୀ । ନଦୀରୁ ୪୫ ଫୁଟ୍ ଉପରେ ବ୍ରିଜ୍ । ଚାରିପଟେ ବିରାଟ ବିରାଟ ସବୁଜ ଘଞ୍ଚ ପାହାଡ଼, ପ୍ରପାତ ଆଦି । ଖୁବ୍ ମନୋରମ ସେ ଦୃଶ୍ୟ । ତାକୁ ପାର୍ ହେବାର କିଛି ସମୟ ପରେ ଡବଲ୍ ଡେକର୍ ପୂର୍ବରୁ ପଡ଼ିଲା ଗୋଟେ ଛୋଟ ରୁଟ୍‌ବ୍ରିଜ୍ । ଓ୍ୱାଲମ୍ କହିଲା, "ଏଇଟି ଡବଲ୍ ଡେକର୍ ଠୁ ବେଶି ପ୍ରାକୃତିକ ଓ ପ୍ରାଚୀନ । ଏହାକୁ ତିଆରି କରିବାକୁ ଲୁହା, ବତା, ବାଉଁଶ ଆଦି ବ୍ୟବହାର କରାଯାଇ ନାହିଁ । ଡବଲ୍ ଡେକର୍ ରୁଟ୍ ବ୍ରିଜ୍ ପାଖରେ ଅଛି ଅନେକ ହୋମ୍ ଷ୍ଟେ ଇନ୍ । ଅନେକ ଟୁରିଷ୍ଟ୍ ତା ଭିତରକୁ ଯିବା ଆସିବା କରୁଥିବା ଦେଖିଲୁ । ଯେଉଁମାନେ ପ୍ରକୃତି



କୋଳରେ କିଛିଦିନ ବିତାଇବାକୁ ଚାହିଁବେ ସେମାନେ ଏଠି ଆସି ରହି ପାରିବେ । ବୟସ୍କମାନଙ୍କ ପାଇଁ  ନିଜ ଜିନିଷ ଧରି ୩୭୦୦ପାହାଚ ଓହ୍ଲେଇ ଆସିବା ସହଜ ବ୍ୟାପାର ନୁହେଁ । ତେଣୁ ଯୁବକମାନେ ଖାଲି ଖୁବ କମ ନିହାତି ଜରୁରୀ ଜିନିଷ ଗୋଟେ ଛୋଟ ବ୍ୟାଗ୍‌ରେ ନେଇ ଏଠିକୁ ଆସି ରହି ପାରିବେ । ବୟସ୍କମାନଙ୍କ ପାଇଁ ନିଜ ଜିନିଷ ଧରି ପାହାଡ଼ ଓହ୍ଲେଇବା ସମ୍ଭବପର ନୁହେଁ । ଅନ୍ୟ ପାହାଡ଼ି ସ୍ଥାନ ପରି ଏଠି ଗାଡ଼ି ରାସ୍ତା ବା ଲୋକଙ୍କୁ ବୋହିବା ପାଇଁ ଡୋଲୀ ଆଦିର ବ୍ୟବସ୍ଥା ନାହିଁ । କେବଳ ଗୋଟିଏ ବିକଳ୍ପ ସିଡ଼ି ଚଢ଼ିବା । ହଁ ଆଉ ଗୋଟିଏ କଥା, ଏଠି ପ୍ରାୟ କିଛି ମିଳେନି । ତେଣୁ ନିଜର ଆବଶ୍ୟକ ଜିନିଷ ଧରି ଆସିବାକୁ ପଡ଼ିବ । ଆମେ ଗୋଟେ ପାଣି ବୋତଲ କିଣିଲୁ ୪୦ଟଙ୍କା ଦେଇ । ଯାହାର ଦାମ୍ ବାହାରେ ୨୦ ଟଙ୍କା ମାତ୍ର ।

ଆମେ ପହଞ୍ଚି ସାରିଥିଲୁ ବହୁ ପ୍ରତୀକ୍ଷିତ ନନ୍‌ଗ୍ରୀଆଟ୍ ଡବଲ୍ ଡେକର୍ ରୁଟ୍‌ବ୍ରିଜ୍ ପାଖରେ । ଟିକେଟ୍ କାଟି ରୁଟ୍ ବ୍ରିଜ୍ ଆଡ଼କୁ ଗଲୁ । ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଲାଭ କରିଥିବା ବ୍ରିଜ୍‌କୁ ଆମେ ସ୍ୱଚକ୍ଷୁରେ ଦେଖୁଥିଲୁ । ଲାଗିଲା ଏତେ ପରିଶ୍ରମ ଆମର ସଫଳ ହେଲା । ଦି'ପଟେ ପାହାଡ଼ । ପାହାଡ଼ରୁ ବୋହି ଆସୁଥିବା ଝରଣାର ଜଳ ପାହାଡ଼ି ନଦୀ ହେଇ ବହି ଯାଉଛି ଚଳଚଞ୍ଚଳ ଗତିରେ ଆଗକୁ ଆଗକୁ । ସେଇ ପାଣିର ପଥର ସନ୍ଧିରେ ଅନେକ ମାଛ । କୂଳରେ ଥିବା ନଜାଣେ କେତେକାଳର ପୁରୁଣା ରବର ଗଛରୁ ତିଆରି ହେଇଚି ଗୋଟିଏ ଉପରେ ଆଉ ଗୋଟିଏ ବ୍ରିଜ୍ ପାହାଡ଼ରୁ ଏପଟୁ ସେପଟକୁ ଯିବା ପାଇଁ । ଆଃ ! କି ଅଦ୍ଭୁତ ମନୋରମ ଦୃଶ୍ୟ । ବ୍ରିଜ୍ ଉପରେ ଏକକାଳୀନ କେବଳ ପାଞ୍ଚଟି ଲୋକ ଯାଇ ପାରିବେ । କେହି ଯେମିତି ବ୍ରିଜ୍‌ର କ୍ଷତି ନକରିବେ ସେଥିପାଇଁ ଜଣେ ଗାର୍ଡ଼ ନିଯୁକ୍ତ ହେଇଛି । ସେ ଦିନସାରା ସେଠି ଡ୍ୟୁଟି କରେ । ସେଥିପାଇଁ ଗ୍ରାମ ସଂଗଠନ ତରଫରୁ ତାକୁ ମାସିକ ଦରମା ମଧ୍ୟ ମିଳେ । ନନ୍‌ଗ୍ରୀଆଟ୍ (Nongriat) ଗାଁର ଲୋକ ଡବଲ୍ ଡେକର୍ ବ୍ରିଜ୍‌ର ରକ୍ଷଣାବେକ୍ଷଣା କରନ୍ତି । ସେଥିପାଇଁ ଜଣକା ପିଛା ୩୦ଟଙ୍କା ଓ କ୍ୟାମେରା ପାଇଁ ୫୦ଟଙ୍କା ଟିକେଟ୍ ଆଦାୟ କରନ୍ତି । ସମସ୍ତ ବ୍ରିଜ୍ ରବିବାର ଦିନ ଓ ପ୍ରତ୍ୟେକ ଦିନ ସନ୍ଧ୍ୟା ପାଞ୍ଚଟା ପରେ ବନ୍ଦ ରୁହେ । ବ୍ରିଜ୍‌ର ଇତିହାସ କେହି କହି ପାରିବେନି । ତେବେ ଗଛ ଆଉ ଚେରର ପରୀକ୍ଷାନିରୀକ୍ଷାରୁ ଯାହା ଜଣା ପଡ଼ିଛି ବ୍ରିଜ୍‌ଟି ପ୍ରାୟ ୫୦୦ବର୍ଷର ପୁରୁଣା । ୫୦୦ ବର୍ଷ ? ମାନେ, ନଜାଣେ କେଉଁ ପ୍ରାଚୀନ କାଳରୁ । ସେ ସମୟର ଲୋକ କେତେ ବୁଦ୍ଧିମାନ ନଥିଲେ ସତେ ! ନିଜ ସୁବିଧା ପାଇଁ ନୂଆ ନୂଆ ଅଦ୍ଭୁତ ଉପାୟ ଅବଲମ୍ବନ କରୁଥିଲେ । ଜାଣି ଯେତିକି ଆଶ୍ଚର୍ଯ୍ୟ ଲାଗିଲା ସେତିକି ଖୁସି ଆଉ ଉଲ୍ଲାସ । ଅନେକ ସମୟ ବିତାଇଲୁ ସେଠି । ଖୁବ୍ ଫଟୋ ଉଠାଇଲୁ । ନିରେଖି ଦେଖିଲୁ ସେଇ ଅଦ୍ଭୁତ ବ୍ରିଜ୍‌କୁ । କିଛି ଲୋକ ଝରଣାରୁ ପଡୁଥିବା ପାଣିରେ ଗାଧୋଉଥିଲେ । ଆମକୁ ଆହୁରି ଅଧ ଘଣ୍ଟାର ରାସ୍ତା ପରେ ଯାଇ ନାଚୁରାଲ ସୁଇମିଙ୍ଗ୍ ପୁଲ୍ ଦେଖିବାର ଥିଲା । ତେଣୁ ସେଠୁ ପୁଣି ଚାଲିଲୁ ଆଗକୁ ।

ରାସ୍ତା ପୂର୍ବାପେକ୍ଷା ଆହୁରି କଷ୍ଟସାଧ୍ୟ ଥିଲା । ପୂର୍ବପରି କିଛି ଛୋଟ ରୁଟ୍‌ବ୍ରିଜ୍, ବିରାଟ ଏକ ଝୁଲନ୍ତା ଲୁହାର ପୋଲ ପାର୍ ହେଲୁ । ହଁ, ଗୋଟେ ସମତଳ ଜାଗାରେ ଗୋଟେ ଫୁଟ୍‌ବଲ୍ ଗ୍ରାଉଣ୍ଡ୍ ଦେଖିଲୁ । ଦତ୍ତ ଭାଇନା କହିଲେ, ମେଘାଳୟର ପ୍ରିୟ ଖେଳ ହେଉଛି ଫୁଟ୍‌ବଲ୍ । ଏଠି ପ୍ରାୟ ସମସ୍ତେ ଫୁଟ୍‌ବଲ୍ ଖେଳନ୍ତି । ୪୫ମିନିଟ୍ ପାହାଡ଼ ଚଢ଼ିବା ପରେ ପହଞ୍ଚିଲୁ ନାଚୁରାଲ୍ ସୁଇମିଙ୍ଗ୍ ପୁଲ୍ ପାଖରେ । ହେଲେ ତା ପାଖକୁ ଯିବା ପାଇଁ ହେଲେ ଗୋଟେ ବିରାଟ



ଚଟାଣ ଉପରେ ବସି ଖସିବାକୁ ପଡ଼ିବ । ଅନ୍ୟଥା ଆଉ କୌଣସି ରାସ୍ତା ନାହିଁ । ୱାଲମ୍ କହିଲା, "ଡରନ୍ତୁ ନାହିଁ । ମୁଁ ଅଛି ନା ।" ଓହ୍ଲେଇବାର ଟେକ୍‌ନିକ୍ ବତେଇ ଦେଲା । ଡରିଡରି ଚଟାଣ ଉପରେ ବସି ଖସିଲୁ ଆମେ । ତା'ପରେ ତ ଯାହା ଦେଖିଲୁ ଭାଷାରେ ଅବର୍ଣ୍ଣନୀୟ । ପ୍ରକୃତିର ଅପରୂପ ସୁଷମାକୁ ଉପଭୋଗ ସିନା କରିହୁଏ । ଆଖି ପୁରେଇ ଦେଖିହୁଏ, କିନ୍ତୁ ଅନେକ ସମୟରେ ଭାଷାରେ ବର୍ଣ୍ଣନା କରିବା ବା କ୍ୟାମେରାରେ ଉତ୍ତୋଳନ କରିବା ଅସମ୍ଭବ । ବିରାଟ ବିରାଟ ଘନ ସବୁଜ ରଙ୍ଗର ପାହାଡ଼ ମଝିରେ ବହି ଆସୁଛି ଝରଣାଟିଏ । ଖୁବ୍ ଜୋରରୁ ଉପରୁ ପଡୁଥିବା ପାଣି ତଳେ ଖୁବ ଶାନ୍ତ ହେଇ ସୁଇମିଙ୍ଗ୍ ପୁଲ୍‌ଟିଏ ସୃଷ୍ଟିକରି ଧୀରେ ଧୀରେ ବହି ଯାଉଛି ଆଗକୁ । ପାଣି ଆକାଶ ପରି ସମ୍ପୂର୍ଣ୍ଣ ନୀଳ ରଙ୍ଗର । କିନ୍ତୁ ଖୁବ୍ ସ୍ୱଚ୍ଛ । କିଛି ପିଲା ଗାଧୋଉଥିଲେ ସେଠି । ୱାଲମ୍ କହିଲା, ସିଲଂ ଓ ଆଖପାଖ ଅଞ୍ଚଳର ପିଲାଙ୍କର ଏହା ପସନ୍ଦିଦା ସ୍ଥାନ । ଜାନୁଆରୀ ମାସର ଶେଷ ସପ୍ତାହ ।ଏବେ ବର୍ଷା ନାହିଁ । ତେଣୁ ଝରଣା ଓ ନଦୀରେ ପାଣି ଖୁବ୍ କମ । ସେଥିପାଇଁ ସମସ୍ତେ ଖୁବ୍ ଉପଭୋଗ କରୁଥିଲେ ସୁଇମିଙ୍ଗ୍ ପୁଲ୍‌ଟିକୁ । ମାର୍ଚ୍ଚ ମାସ ଆଡ଼କୁ ବର୍ଷା ଆରମ୍ଭ ହେଇଗଲେ ନଦୀରେ ଜଳସ୍ତର ବଢ଼ିଲେ ଆଉ ଏଠିକୁ ଆସିବା ଓ ଗାଧୋଇବା ସମ୍ଭବପର ନୁହେଁ । ଆମେ ଠିକ୍ ସମୟରେ ଆସିଛୁ ବୋଲି ମୁଁ କହିଲି । କିନ୍ତୁ ୱାଲମ୍ କହିଲା, ନଭେମ୍ବର ସବୁଠୁ ଭଲ ସମୟ । ସେତେବେଳକୁ ବର୍ଷା ଛାଡ଼ି ଆସିଥାଏ, ଶୀତ କମ୍ ଥାଏ । ପ୍ରପାତ, ଝରଣା ସବୁରେ ଭର୍ତ୍ତି ଥାଏ ପାଣି । ତେଣୁ ସେଇ ସମୟ ସବୁଠୁ ବେଶି ଉପଭୋଗ୍ୟର ସମୟ ।

ଆମେ ସେଠି ଢେର୍ ସମୟ ଯାଏଁ ବସିଲୁ । ହୋଟେଲ୍‌ରୁ ସାଙ୍ଗରେ ଆଣିଥିବା ପ୍ୟାକ୍ ଲଞ୍ଚ୍ ଖୋଲିଲୁ । ଯାହାକୁ ୱାଲମ୍ ଏତେବାଟ ଟେକି ଟେକି ଆଣିଥିଲା । ଅନ୍ୟଥା ଆମ ଦ୍ୱାରା ବ୍ୟାଗ୍‌ଟିକୁ ବୋହିକି ଆଣିବା ସମ୍ଭବ ନଥିଲା । ଏ ଭିତରେ ୱାଲମ୍ ଆମ ପରିବାରର ସଦସ୍ୟ ଭଳି ହେଇଯାଇଥିଲେ । ତା ସହ ମିଶି ଲଞ୍ଚ୍ କଲୁ ଓ ପ୍ଲାଷ୍ଟିକ୍ ଡବା, ଚକ୍‌ଲେଟ୍ ଖୋଳ ଆଦି ପୁଣି ଜରିରେ ପୁରେଇଲୁ ଡଷ୍ଟ୍‌ବିନ୍‌ରେ ଫୋପାଡ଼ିବା ପାଇଁ । କହି ରଖେ ଯେ ଦୀର୍ଘ ତିନିଘଣ୍ଟାର ପାହାଡ଼ି ଯାତ୍ରା ଭିତରେ ଆମେ କୋଉଠି ମଧ୍ୟ ଗୋଟେ ଜରି କି ପାଣି ବୋତଲ, କାଗଜ ଆଦି ଫୋପଡ଼ା ହେଇଥିବା ଦେଖି ନଥିଲୁ । ପୁରା ପାର୍ବତୀୟ ଜଙ୍ଗଲ ପରିଷ୍କାର । ଛୋଟ ଛୋଟ ଦୋକାନ ଯାହା ଅଳ୍ପ ଥିଲା, ସବୁ ଦୋକାନ ସାମ୍ନାରେ ଡଷ୍ଟ୍‌ବିନ୍ ଥିଲା । କୌଣସି ଦୋକାନରେ ଖାଇବାର ବ୍ୟବସ୍ଥା ନଥିଲା । କେବଳ ଚା, କଫି ଓ କପ୍ ନୁଡୁଲ୍‌ସ୍ ଦେଖିଲୁ । ହଁ, ହୋମ୍ ଷ୍ଟେରେ ଖାଇବା ମିଳେ । ୩୭୦୦ ଶିଢ଼ି ଚଢ଼ି ସପ୍ତାହରେ ଥରେ ଚେରାପୁଞ୍ଜି ଆସି ସବୁ ଜିନିଷ ସେମାନେ କିଣି ପୁଣି ଓହ୍ଲାନ୍ତି ସେତିକି ସିଢ଼ି । ସେଥିପାଇଁ ଯାହା ମିଳେ ତା ଦାମ୍ ପ୍ରାୟ ଦି' ଗୁଣାରୁ ଅଧିକ । ପଢ଼ିବା ପାଇଁ ମଧ୍ୟ ପିଲାଙ୍କୁ ପ୍ରତିଦିନ ଚେରାପୁଞ୍ଜି ଏତିକି ରାସ୍ତା ଆସିବାକୁ ପଡ଼େ । ଅଧିକ ପଢ଼ିବାକୁ ହେଲେ ବଡ଼ପିଲା ଶିଲଂରେ ହଷ୍ଟେଲ୍‌ରେ ରହି ପଢ଼ନ୍ତି । ଏତିକି କଥା ଶୁଣିଲା ପରେ ୱାଲମ୍‌କୁ କହିଲି, "ଜୀବନ ସତରେ କେତେ କଷ୍ଟଦାୟକ ତୁମମାନଙ୍କର । କହିଲା, "ନାଇଁ ମାଡାମ୍, ଗାଁରେ ଜୀବନ ବହୁତ ସହଜ । ସହରୀ ଜୀବନ ବହୁତ କଷ୍ଟଦାୟକ । ଆମେ ଗାଁରେ ଖୁବ୍ ଖୁସିରେ ଅଛୁ ।" ଆଶ୍ଚର୍ଯ୍ୟ ହେଲି ମୁଁ ତାର ଏ ଉତ୍ତରରେ ।

ପ୍ରାୟ ଗୋଟେ ଘଣ୍ଟା ବସିଲା ପରେ ଫେରିବା ସମୟ ହେଇଯାଇଥିଲା । ସେଠୁ ରେନ୍‌ବୋ ଫଲ୍‌ସ୍ ଆହୁରି ଘଣ୍ଟାକର ବାଟ ଓ ରାସ୍ତା ଏହାଠାରୁ ମଧ୍ୟ କଷ୍ଟଦାୟକ ଏବଂ ଫେରିବାକୁ ରାତି ହେଇଯିବ । ସମୟ ଓ ସ୍ୱାସ୍ଥ୍ୟ ଆଗକୁ ଯିବାକୁ ପ୍ରତିରୋଧକ ବନିଲା । ଓଝା ବାବୁ ଆଉ ମୋ ପୁଅ ଅର୍ପଣ ଛଡ଼ା ଆଉ କାହାକୁ ଆଗକୁ ଯିବାକୁ ଇଚ୍ଛା ନଥିଲା । ସେଇ ଭିତରେ ଦତ୍ତ ଭାଇନା ଖୁବ୍ ନିକଟରୁ ନାଚୁରାଲ୍ ସୁଇମିଙ୍ଗ୍ ପୁଲ୍‌ର ଫଟୋ ଉଠେଇବା ପାଇଁ ଗୋଟେ ପଥରରୁ ଆଉ ଗୋଟେ ପଥରକୁ ଡେଉଁଥିବା ସମୟରେ ସ୍ଲିପ୍ କରି ମୁଣ୍ଡ ପଟୁଆ ପଡ଼ିଲେ । ଭାଗ୍ୟକୁ ମୋ ପୁଅ ଅର୍ପଣ ସେଇ ପଥର ପାଖରେ ବସିଥିଲା । ସେ ଗୋଡ଼ ବଢ଼େଇଦେଲା । ତେଣୁ ଦତ୍ତ ଭାଇନାଙ୍କ ମୁଣ୍ଡ ଆସି ଅର୍ପଣ ଗୋଡ଼ ପାଖରେ ଅଟକିଗଲା । ନହେଲେ ତ ଇଂଜୁରୀ ହେବା ନିଶ୍ଚିତ ଥିଲା । ବହୁତ ବଡ଼ ବିପଦରୁ ଆମେ ବଞ୍ଚିଗଲୁ ସିନା ସମସ୍ତେ ଖୁବ୍ ଡରି ଯାଇଥିଲୁ । ଏ ଭିତରେ ଅର୍ପଣର ଜୋତା ମଧ୍ୟ ଫାଟି ଦି'ଖଣ୍ଡ ହେଇ ଯାଇଥିଲା ପାହାଡ଼ି ରାସ୍ତାରେ ଚଢ଼ାଣି ଯୋଗୁ । ସେ ଜୋତା ପିନ୍ଧି ପାହାଡ଼ ଚଢ଼ିବା ସମ୍ଭବ ନଥିଲା । ଖାଲି ପାଦରେ ମଧ୍ୟ ପାହାଡ଼ି ରାସ୍ତାରେ ଚାଲିବା ସମ୍ଭବ ନୁହେଁ । ଦୋକାନ ଯାଇ ଚେରାପୁଞ୍ଜିରେ । ବଡ଼ ଚିନ୍ତାରେ ଆମେ । ତେଣୁ ରେନ୍‌ବୋ ଫଲ୍‌ସ୍ ନଯାଇ ସେଇଠୁ ଫେରିବାକୁ ନିଷ୍ପତ୍ତି ନେଲୁ । ଗୋଟେ ଚା' ଦୋକାନ ଡଷ୍ଟ୍‌ବିନ୍‌ରେ ପଡ଼ିଥିବା ଗୋଟେ ପ୍ଲାଷ୍ଟିକ୍ ରଶିରେ ଓଝା ବାବୁ ଅର୍ପଣର ଜୋତା ସହ ଗୋଡ଼କୁ ବାନ୍ଧି ଦେଲେ । ସେମିତି ସେ ପୁରା ପାହାଡ଼ ୪୦୦୦ ଉପରେ ଶିଢ଼ି ଚଢ଼ି ଗାଡ଼ି ପାଖରେ ପହଁଚିଲା । (ପ୍ରକୃତ ପାହାଡ଼ ସଂଖ୍ୟା କାହାକୁ ଜଣାନାହିଁ । ସମସ୍ତଙ୍କ ମତ ଅଲଗା । ତେବେ ଏତିକି ପାହାଡ଼ ଓହ୍ଲେଇବାକୁ ଆମୁକ ତିନି ଘଣ୍ଟା ଲାଗିଲା ।)


ଦତ୍ତ ଭାଇନାଙ୍କ ପଡ଼ିବା ଆମ ଭିତରେ ଖୁବ୍ ଭୟ ସୃଷ୍ଟି କରିଥିଲା । ମୁଁ ୱାଲମ୍‌କୁ ପଚାରିଲି, "ଏଠି କିଛି ଡାକ୍ତରଖାନା ଅଛି କି ?" ସେ ମୁଣ୍ଡ ହଲେଇ ମନା କଲା । ମୁଁ ଶୁଣି ପଚାରିଲି, "ଗାଁ ଲୋକଙ୍କ ଦେହ




ଖରାପ ହେଲେ କଣ କରନ୍ତି ?" ସେ କହିଲା, "ଗାଁରେ ଥିବା ଛୋଟ କାଟିଆ ବୈଦ୍ୟ ଠିକ୍ କରିବାକୁ ଚେଷ୍ଟା କରେ । ବେଶି ଦେହ ଖରାପ ହେଲେ ପିଠିରେ ଲଦି ଚେରାପୁଞ୍ଜି ସରକାରୀ ଡାକ୍ତରଖାନାକୁ ନେବାକୁ ପଡ଼େ ।" ଚେରାପୁଞ୍ଜି ଡାକ୍ତରଖାନା ମାନେ ରୋଗୀକୁ ପିଠିରେ ଲଦି ୪୦୦୦ ଶିଡ଼ି ଚଢ଼ି ତୈରାନାରେ ପହଞ୍ଚି ସେଇଠୁ କୋଡ଼ିଏ କିଲୋମିଟର ଗାଡ଼ି କରି ପାହାଡ଼ି ସରୁ ରାସ୍ତାରେ ଯାଇ ଡାକ୍ତରଖାନାରେ ପହଁଚିଲା ବେଳକୁ ରୋଗୀ ଓ ତାକୁ ସାଙ୍ଗରେ ନେଇକି ଯାଇଥିବା ଲୋକର ଅବସ୍ଥା କଣ ହେଇଥିବ ଭାବି ମୋ ମନ ଭାରାକ୍ରାନ୍ତ ହେଇଗଲା ।

ସାଢ଼େ ଚାରିଟା ବେଳକୁ ପାହାଡ଼ି ଅଞ୍ଚଳରେ ରାତି ହେଇଯାଏ । ସୁଇମିଙ୍ଗ୍ ପୁଲ୍ ପାଖରୁ ଗାଡ଼ି ପାଖରେ ପହଞ୍ଚିବାକୁ ଆମକୁ ପ୍ରାୟ ୩ ଘଣ୍ଟା ଲାଗିବ । ତେଣୁ ଆମେ ଡେରି ନକରି ୨.୩୦ ବେଳକୁ ସେଠୁ ବାହାରିଲୁ । ଫେରିଲା ବେଳେ ଡବଲ୍ ଡେକର୍ ରୁଟ୍‌ବ୍ରିଜ୍ ପାଖରେ ଗୋଟେ ଦୋକାନରେ ଚା' ପିଇବା ପାଇଁ ବସିଲୁ । କିଛି ସମୟ ପରେ ସ୍ତ୍ରୀ ଲୋକଟି ଚା' ବନେଇ ଆଣିଦେଲା । ଚା' ଟିକେ ଭିନ୍ନ ଲାଗିଲା । ପଚାରିଲାରୁ ଜଣାପଡ଼ିଲା ସେ ଚା' ମିଲ୍‌କ୍‌ମେଡ୍‌ରେ ତିଆରି ହେଇଥିଲା । ଗାଁରେ ଗାଈଗୋରୁ ନଥିବା ଯୋଗୁଁ ଏବଂ ଫ୍ରିଜ୍ ନଥିବା ଯୋଗୁଁ ପାଖାପାଖି ସାଢ଼େ ସାତ ହଜାର (୭୫୦୦) ଶିଡ଼ି ଚଢ଼ି ଓହ୍ଲେଇ କ୍ଷୀର ଆଣିବା ସମ୍ଭବପର ନୁହେଁ । ତେଣୁ ଅଳ୍ପ ମିଲ୍‌କ୍‌ମେଡ୍‌ରେ ବିନା ଚିନିରେ ବେଶୀ ଚା' ହେଇପାରିବା ପାଇଁ ଏଭଳି ବ୍ୟବସ୍ଥା ବୋଲି ଚା' ଦେଉଥିବା ସ୍ତ୍ରୀଲୋକଟି କହିଲା । ମିଲ୍କ୍‌ମେଡ୍‌ରେ ମଧ୍ୟ ଚା' ହେଇପାରେ ବୋଲି ପ୍ରଥମଥର ପାଇଁ ଜାଣିଲି ।

ଚା' ପିଇ ସାରି ରାତି ହେବା ପୂର୍ବରୁ ଯେତେ ସମ୍ଭବ ପାହାଚ ଆମେ ଚଢ଼ିବାକୁ ଚେଷ୍ଟା କଲୁ । ରାସ୍ତାରେ ଗୋଟେ ପିଲା ଶୋଇଥିବାର ଦେଖିଲୁ । ପଚାରିଲାରୁ କହିଲା, ରେନ୍‌ବୋ ଫଲ୍‌ସ୍ ଯାଏଁ ଯାଇଥିଲା । ଏବେ ମୁଣ୍ଡ ବୁଲାଉଛି । ତା' ସାଙ୍ଗ କିଛି ଖାଇବା ଆଣିବାକୁ ଯାଇଛି । ପାଖରେ ଥିବା କାର୍ଡ଼ବୋରିସ୍ ତାକୁ ଖାଇବାକୁ ଦେଇ କିଛି ପାଣି ପିଆଇଲୁ । ସେ ପୁଣି ଶୋଇଗଲା ତା ସାଙ୍ଗକୁ ଅପେକ୍ଷା କରି । ଅନ୍ଧାର ମାଡ଼ି ଆସୁଥିଲା । ସେ ଆମ ସହ ଆସିବାକୁ ମନାକଲା । ଆମର ଡେରି ହେଉଥିଲା । ତେଣୁ ତାକୁ ସେଇଠି ଛାଡ଼ି ଆମେ ଆଗକୁ ବଢ଼ିଲୁ । ପାଞ୍ଚଟା ବେଳକୁ ଅଧା ରାସ୍ତା ଆମେ ଅତିକ୍ରମ କରି ସାରିଥିଲୁ । ଅନ୍ଧାର ଖୁବ୍ ଗାଢ଼ ହେଇ ସାରିଥିଲା । ଲିନାର ମୋବାଇଲ୍ ଟର୍ଚ୍ଚ ମାଧ୍ୟମରେ ଆମେ ଧୀରେ ଧୀରେ ଆଗକୁ ବଢ଼ିଲୁ । ବିଜୁଳି ଆଲୁଅର କୌଣସି ବ୍ୟବସ୍ଥା ନାହିଁ । ତେଣୁ ଶୂନ୍‌ଶାନ୍ ଅନ୍ଧାରି ରାସ୍ତା ଯୋଗୁ ଅନ୍ଧାର ପୂର୍ବରୁ ଫେରିବା ନିହାତି ଆବଶ୍ୟକ । ସାଙ୍ଗରେ ମୋବାଇଲ୍ ଓ ଟର୍ଚ୍ଚ ରହିବା ନିହାତି ଆବଶ୍ୟକ । ତା' ସହ ବର୍ଷାଦିନେ ନିଜ ଜିନିଷକୁ ସୁରକ୍ଷିତ ରଖିବା ପାଇଁ ପ୍ଲାଷ୍ଟିକ୍ ବ୍ୟାଗ୍ ଓ ସାଙ୍ଗରେ ଛତା ଥିବା ମଧ୍ୟ ଆବଶ୍ୟକ । ପାହାଡ଼ ଚଢ଼ିଲା ବେଳେ ଶୀତଦିନେ ମଧ୍ୟ ଖୁବ୍ ଗରମ ଲାଗେ । ତେଣୁ ମୋଟା ଜ୍ୟାକେଟ୍ ବା ସ୍ୱେଟର୍ ପିନ୍ଧିଥିଲେ ତାକୁ ଓହ୍ଲେଇ ହାତରେ ଧରିବାକୁ ପଡ଼େ । ତେଣୁ କେବଳ ଖାଲି ଡ୍ରେସ୍‌ରେ ଗଲେ ଭଲ ।




ପ୍ରାୟ ୬ଟା ପାଖାପାଖି ଆମେ ଗାଁ ପାଖରେ ପହଞ୍ଚି ସାରିଥିଲୁ । ପ୍ରାୟ ପାଞ୍ଚ ଛ ବର୍ଷର ଝିଅଟିଏ ଇଂଲିଶ୍‌ରେ ଖୁବ୍ ସୁନ୍ଦର ଭାବରେ କହିଲା 'one slice pineapple please'. ତା କହିବା ଭଙ୍ଗୀରେ ଏତେ ନିରୀହପଣ ଓ ଆତ୍ମୀୟତା ଥିଲା ଯେ ଆମେ ନ କିଣି ରହି ପାରିଲୁନି । ଏଠି ପରିବାର ମାତୃକୈନ୍ଦ୍ରିକ ଓ ପିଲାମାନେ ବହୁତ ସ୍ମାର୍ଟ । ବଡ଼ କଷ୍ଟରେ ଗାଡ଼ି ପର୍ଯ୍ୟନ୍ତ ପହଞ୍ଚି ହୋଟେଲ୍‌ରେ ପହଞ୍ଚିଲୁ । ୱାଲମ୍ ସୁଇମିଙ୍ଗ୍ ପୁଲ୍ ଯାଏଁ ଯାଇଥିବା ଯୋଗୁଁ ଆମ ଠୁ ୮୦୦ଟଙ୍କା ନେଇ ଖୁସି ଖୁସି ବିଦାୟ ନେଲା । ତାକୁ ଆହୁରି ୧୫ ମିନିଟ (ଆମ ପାଇଁ ୪୫ମିନିଟ୍) ଚାଲି



ତା' ଘରେ ପହଞ୍ଚିବାକୁ ପଡ଼ିବ । ଫ୍ରେସ୍ ହେଇ, ଅଳ୍ପ କିଛି ଡିନର୍ କରି ଖୁବ୍ ସାରା ଭଲିନ୍ ସ୍ପ୍ରେ ଗୋଡ଼ରେ ମାରି କିଛି ସମୟ କ୍ୟାମ୍ପ୍ ଫାୟାର୍ କରି ଶୋଇଗଲୁ ।

ସକାଳକୁ ଉଠିଲା ବେଳକୁ ଗୋଡ଼ ପ୍ରବଳ ଦରଜ । ହୋଟେଲ୍ ଲବିରେ ଥିବା ଖାସିମାନଙ୍କର ବିଶେଷ ପୋଷାକ 'ଧାରୀ' ପିନ୍ଧି ଫଟୋ ଉଠାଇଲୁ । ଖାସିମାନେ ରୋଜ୍ ପିନ୍ଧୁଥିବା ଡ୍ରେସ୍‌କୁ ଜୈନସେମ (jainsem) ଓ ଫଙ୍କସନରେ ପିନ୍ଧୁଥିବା ଡ୍ରେସକୁ 'ଧାରୀ' କୁହନ୍ତି । ବାହାଘର ସମୟରେ ବୋହୂ କେବଳ ଧଳାରଙ୍ଗର ସିଲ୍କର 'ଧାରୀ' ପିନ୍ଧନ୍ତି ଓ ବାକି ସମୟରେ କଲର ଧାରୀ ପିନ୍ଧନ୍ତି । ସେମାନଙ୍କ ଡ୍ରେସ୍ ଏତେ ଭଲ ଲାଗିଲା ଯେ ଫେରିଲା ବେଳକୁ ସିଲଙ୍ଗରୁ ମୁଁ ଦୁଇଟି ଧାରୀ ଡ୍ରେସ୍ କିଣି ଆଣିଲି । ଜୈନସେମ୍ ସବୁ ସ୍ଥାନରେ ମିଳୁଥିବା ବେଳେ ଧାରୀ କେବଳ ଶିଲଂ ଏମ୍ପୋରିୟମ୍‌ରେ ହିଁ ମିଳେ । ଚା' ପିଇଲା ବେଳେ ରିସେପ୍‌ସନିଷ୍ଟ୍ କହିଲା, ମାଡ଼ାମ୍ ଟେରାସ୍‌କୁ ଯାଆନ୍ତୁ । ସେଠୁ ବଙ୍ଗଳାଦେଶ ପରିସ୍କାର ଦେଖାଯିବ । ଆଜି ପାଗ ଭଲ ଅଛି । ବଙ୍ଗଳାଦେଶ ବର୍ଡ଼ର୍ ରିସୋର୍ଟ ଛାତରୁ ଦେଖି ଫେରିଲା ବେଳକୁ ଆମେ ରହୁଥିବା ଚେରାପୁଞ୍ଜି ହଲିଡେ ରିସୋର୍ଟର ମାଲିକ ମିଷ୍ଟର୍ ଡେନିସ୍ ପି. ରାୟନଙ୍କୁ ଭେଟିଲୁ ଲବିରେ । ୱାଲେମ୍ ଠୁ ରୁଟ୍‌ବ୍ରିଜ୍ ସମ୍ପର୍କରେ ବିଶେଷ କିଛି ତଥ୍ୟ ମିଳିନଥିଲା । ତାଙ୍କ ସହ କଥା ହେଲା ବେଳେ ସେ ଯାହା ତଥ୍ୟ ଦେଲେ ଜାଣି ଆଶ୍ଚର୍ଯ୍ୟ ହେଲୁ ।



ମିଷ୍ଟର୍ ଡେନିସ୍ ପି.ରାୟନଙ୍କ କହିବା ମୁତାବକ, ତାଙ୍କ ଘର ମଦୁରାଇ, ତାମିଲନାଡୁରେ । ସେ ବ୍ୟାଙ୍କ୍‌ରେ କାମ କରୁଥିବା ସମୟରେ ଏଠି ପୋଷ୍ଟିଙ୍ଗ ସମୟରେ ଜଣେ ଖାସି ତରୁଣୀଙ୍କୁ ବିବାହ କରିଥିଲେ । ତା'ପରେ ଏଠୁ ତାଙ୍କର ଟ୍ରାନ୍ସଫର୍ ପୁରୀ ହେଇଗଲା । ଫାମିଲି ଠୁ ଦୂରରେ ରହି ପୁରୀରେ ଅଫିସ୍ କାମ ପରେ ସମୁଦ୍ରକୂଳର ଯାଇ ବସୁଥିଲେ । ସେଇ ସମୟରେ ତାଙ୍କର ମନରେ ଏ ଅଞ୍ଚଳକୁ ପର୍ଯ୍ୟଟନ ସ୍ଥଳୀ ରୂପେ ବିକଶିତ କରିବାକୁ ମନ ହେଲା ଓ ସେ ଚାକିରି ଛାଡ଼ି ଆସି ଏଠି ହୋଟେଲ୍ ଖୋଲିଲେ ଏବଂ ହୋଟେଲ୍ ଖୋଲିଲା ପରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ପରି ଆଖପାଖ ସ୍ଥାନକୁ ଅନୁଧ୍ୟାନ କଲେ । ଦିନେ ଟ୍ରେକିଙ୍ଗ୍ କରୁକରୁ ସେ ରୁଟ୍‌ବ୍ରିଜ୍‌ଟେ ଦେଖିଲେ ଓ ତାକୁ ତାଙ୍କର ୱେବ୍ ସାଇଟ୍‌ରେ ଅପ୍‌ଲୋଡ଼ କଲେ । ଧୀରେ ଧୀରେ ଆଖପାଖ ଅଞ୍ଚଳରୁ ନୂଆ ନୂଆ  ଟୁରିଷ୍ଟ୍ ସ୍ପଟ୍ ଏକ୍ସପ୍ଲୋର୍ କରୁ କରୁ ଡବଲ୍ ଡେକର୍ ରୁଟ୍‌ବ୍ରିଜ୍, ନାଚୁରାଲ୍ ସୁଇମିଙ୍ଗ୍ ପୁଲ୍, ରେନ୍‌ବୋ ଫଲ୍‌ସ୍ ଆଦି ଦେଖିଲେ ଓ ପାହାଡ଼ କନ୍ଦରରେ ଦୁନିଆର ଅଗୋଚରରେ ଥିବା ଏହି ବିସ୍ମୟକୁ ନାମ ଦେଲେ । ମାନେ ତାଙ୍କ କହିବା ଅନୁସାରେ ଡବଲ୍ ଡେକର୍ ରୁଟ୍‌ବ୍ରିଜ୍, ନାଚୁରାଲ୍ ସୁଇମିଙ୍ଗ୍ ପୁଲ୍ ଆଦି ତାଙ୍କରି ଦ୍ୱାରା ନାମିତ । ଏହା ଜାଣି ଖୁବ୍ ଖୁସି ଲାଗିଲା । ତାଙ୍କ ହୋଟେଲ୍‌ର ସମସ୍ତ କର୍ମଚାରୀ ସ୍ଥାନୀୟ ଅଧିବାସୀ । ଏବେ ଡବଲ୍ ଡେକର୍ ରୁଟ୍‌ବ୍ରିଜ୍ ଜାପାନର ଆଶାୟୀ ଟିଭି, ନାସ୍‌ନାଲ୍ ଜିଓଗ୍ରାଫି, ହ୍ୟୁମାନ୍ ପ୍ଲାନେଟ୍ ଆଦି ଟିଭିରେ ପ୍ରସାରିତ ହେଇ ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିସାରିଲାଣି । ଭାରତର ବିଭିନ୍ନ ପ୍ରଦେଶରୁ ପ୍ରତିଦିନ ଲୋକ ଏହାକୁ ଦେଖିବାକୁ ଆସୁଛନ୍ତି । ଦକ୍ଷିଣ ଭାରତର କିଛି ସିନେମାର ସୁଟିଙ୍ଗ୍ ମଧ୍ୟ ଏଠି ହେଇ ସାରିଲାଣି ଜାଣି ଖୁସି ଲାଗିଲା । ତେବେ ଏଠି ପହଞ୍ଚିବା ବହୁତ କଷ୍ଟକର ବ୍ୟାପାର । କେବଳ ଟ୍ରେକିଙ୍ଗ୍‌କୁ ପସନ୍ଦ କରୁଥିବା ଲୋକ ଏହି ସ୍ଥାନଟିକୁ ଉପଭୋଗ କରିପାରିବେ । ବୟସ୍କ ଓ ପାହାଚ ଚଢ଼ିବାକୁ କଷ୍ଟ ଅନୁଭବ କରୁଥିବା ଲୋକ ନୁହେଁ । ଜଗନ୍ନାଥ ଧାମ ପୁରୀ ବେଳାଭୂମିରୁ ଆନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପାଇ ସାରିଥିବା ଡବଲ୍ ଡେକର୍ ବ୍ରିଜ୍‌ର ସଂଯୋଗ... ଆଃ ଖୁବ୍ ଖୁସି ଲାଗିଲା । ଶେଷରେ ସମସ୍ତ ହୋଟେଲ୍ ଷ୍ଟାଫ୍‌ଙ୍କ ଠୁ ବିଦାୟ ନେଇ ଡାଉକି ଅଭିମୁଖେ ଆମର ଯାତ୍ରା ଆରମ୍ଭ କଲୁ ।



ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।

## ଆଇନ ପରାମର୍ଶ - ୪

# ମହିଳାଙ୍କ ଅଧିକାର




**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫


ମହିଳାଙ୍କର ରହିଛି ଅନେକ ଅଧିକାର । ଏ ସମ୍ପର୍କରେ ଅନେକେ ଅବଗତ ନଥାନ୍ତି । ତେବେ ରହିଥିବା ଅଧିକାର ସମ୍ପର୍କରେ ସମସ୍ତଙ୍କର ଜାଣିବାର ଆବଶ୍ୟକତା ରହିଛି । ବିଶେଷକରି ମହିଳାଙ୍କର ଜାଣିବା ନିହାତି ଆବଶ୍ୟକ । ତେବେ ଆସନ୍ତୁ ଜାଣିବା...

ଆମ ଆଇନ୍ ମହିଳାଙ୍କୁ ଅନେକ ଅଧିକାର ଦେଇଛି । ଯଦି ମହିଳାମାନେ ଏହାର ସତ୍ ଉପଯୋଗ କରିପାରିବେ ତେବେ କୌଣସି ମହିଳା କୌଣସି ପରିସ୍ଥିତିରେ ଅସୁବିଧାରେ ବା ଠକାମିରେ ପଡ଼ିବେ ନାହିଁ ।

### ଘରୋଇ ହିଂସା ଆଇନ୍

ଘରୋଇ ହିଂସା ଅଧିନିୟମ (Domestic Violence Act) ୨୦୦୫ ଅନୁସାରେ ମହିଳା ଯଦି ତାଙ୍କ ସ୍ୱାମୀ କିମ୍ବା ସ୍ୱାମୀଙ୍କ ପରିବାର ଲୋକଙ୍କ ଦ୍ୱାରା ଅତ୍ୟାଚାରିତ ହୁଅନ୍ତି, ତେବେ ସେ ଘରୋଇ ହିଂସା ଆଇନ୍ ଅନୁସାରେ ଅଭିଯୋଗ କରିପାରିବେ । ଅଥବା ମହିଳାଙ୍କ ତରଫରୁ କେହି ବି ଅଭିଯୋଗ କରିପାରିବେ । ଘରୋଇ ହିଂସା କାନୁନ୍ ଦ୍ୱାରା ମଧ୍ୟ ମହିଳା ନିଜର ଭରଣପୋଷଣ ମାଗି ପାରିବେ ।

### କର୍ମସ୍ଥଳରେ ଯୌନ ଉତ୍‌ପୀଡ଼ନ ସ୍ୱୀକାର (Sexual Harassment)

ଅଧିନିୟମ ଅନୁସାରେ ଆପଣଙ୍କୁ କର୍ମସ୍ଥଳରେ ହେଉଥିବା ଯୌନ ଉତ୍ପୀଡ଼ନ ବିରୋଧରେ ମଧ୍ୟ ଅଭିଯୋଗ କରିପାରିବେ । କେନ୍ଦ୍ର ସରକାର ମଧ୍ୟ ମହିଳାଙ୍କ ପାଇଁ ନୂଆ ନିୟମ ଲାଗୁ କରିଛନ୍ତି । କାର୍ଯ୍ୟସ୍ଥଳରେ Sexual Harassment ର ଶିକାର ହୋଇଥିବା ମହିଳା ଯାଞ୍ଚ ସମୟରେ ୯୦ଦିନ ପର୍ଯ୍ୟନ୍ତ ସବେତନ ଛୁଟିରେ ରହିପାରିବେ ।

### କନ୍ୟାଭ୍ରୁଣ ହତ୍ୟା ବିପକ୍ଷରେ ଅଧିକାର

ଭ୍ରୁଣ ହତ୍ୟା ଅର୍ଥ ଜନ୍ମ ପୂର୍ବରୁ ମାଆ ପେଟରେ ଥିବା ସନ୍ତାନର ହତ୍ୟା କରିବା । କେତେକ ସ୍ଥଳରେ ଗର୍ଭରେ ଥିବା ଲିଙ୍ଗ ନିରୂପଣ କରି କନ୍ୟାଭ୍ରୁଣ ଥିଲେ ତାକୁ ନଷ୍ଟ କରି ଦିଆଯାଏ । ଗୋଟେ ମହିଳାକୁ ବଞ୍ଚିବାର ଅଧିକାର ଦେବା ପାଇଁ ଲିଙ୍ଗର ଯାଞ୍ଚ ଏବଂ ଭ୍ରୁଣହତ୍ୟା ବିରୋଧରେ ଆଇନ୍ ତିଆରି ହୋଇଛି । ଗର୍ଭରେ ବଢୁଥିବା ଲିଙ୍ଗର ଯାଞ୍ଚ କରିବା କିମ୍ବା କରାଇବା ଆଇନତଃ ଅପରାଧ । ଗର୍ଭରେ ଥିବାବେଳେ ଏବଂ ସମୟ ପୂର୍ବରୁ ଲିଙ୍ଗକୁ ଜାଣିବା ପାଇଁ କରା ଯାଉଥିବା ଟେଷ୍ଟ ଉପରେ କଟକଣା ଲଗାଯାଉଛି । ଅଧିନିୟମ PC-PNDT କନ୍ୟାଭ୍ରୁଣ ହତ୍ୟା ବିରୋଧରେ ଅଧିକାର ଦେଉଛି ।

### ନାମ ସାର୍ବଜନୀନ ନକରିବା ବା ଲୁଚାଇବା ଅଧିକାର

ଯୌନ ଉତ୍ପୀଡ଼ିତା ମହିଳାଙ୍କୁ ନିଜ ନାମ ଲୁଚାଇ ରଖିବାର ସମ୍ପୂର୍ଣ୍ଣ ଅଧିକାର ଆଇନରେ ଦିଆଯାଇଛି । ଏପରି ସ୍ଥଳରେ କୌଣସି ମହିଳା, ମହିଳା ପୋଲିସ ଅଧିକାରୀ କିମ୍ବା ଜିଲ୍ଲା ଅଧିକାରୀଙ୍କ ସାମ୍ନାରେ ମାମଲା ରୁଜୁ କରାଯାଇ ପାରିବ । ଦେଖାଯାଇଛି କେତେକ ମହିଳା ନିଜ ନାମ ପଦାରେ ପଡ଼ିବ ଭାବି ଅଭିଯୋଗ କରନ୍ତି ନାହିଁ । ଏଥିପାଇଁ ସରକାର କେତେକ ନୂଆ ନିୟମ ଲାଗୁ କହିଛନ୍ତି ।

**କ.** ଦୁଷ୍କର୍ମ ମାମଲାର ଶୁଣାଣି ମହିଳା ଜଜ୍ ହିଁ କରିବେ ।

**ଖ.** ପୀଡ଼ିତାର ବୟାନ୍ ମହିଳା ପୋଲିସ୍ ଅଧିକାରୀ ହିଁ ରେକର୍ଡ଼ କରିବେ ।

**ଗ.** ପୀଡ଼ିତାର ବୟାନ୍ ପରିବାର ଲୋକଙ୍କ ସାମ୍ନାରେ ହିଁ ରେକର୍ଡ଼ ହେବ ।

**ଘ.** ଶୁଣାଣି ୨ ମାସରେ ସମ୍ପୂର୍ଣ୍ଣ କରିବାକୁ ପ୍ରୟାସ ହେବ ।

### ରାତିରେ ଗିରଫଦାର ନହେବାର ଅଧିକାର

CRPC Sec-46 ଅନୁସାରେ ଜଣେ ମହିଳାଙ୍କୁ ସୂର୍ଯ୍ୟୋଦୟ ପୂର୍ବରୁ ଓ ସୂର୍ଯ୍ୟାସ୍ତ ପରେ ଗିରଫ୍ କରାଯାଇ ପାରିବ ନାହିଁ । କିଛି ଖାସ୍ ମାମଲାରେ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ଆଦେଶରେ ହିଁ ଏହା ହୋଇ ପାରିବ । ବିନା ୱାରେଣ୍ଟରେ ଗିରଫ୍ କରାଯାଉଥିବା ମହିଳାଙ୍କୁ ଗିରଫ କରାଯିବାର କାରଣ ମଧ୍ୟ କୁହାଯିବା ସହ ତା'ର ଅଧିକାର ସମ୍ପର୍କରେ ସୂଚାଇ ଦିଆଯିବା ଉଚିତ୍ । ମହିଳାଙ୍କ ପାଖ ସମ୍ପର୍କୀୟଙ୍କୁ ସୂଚନା ଦେବା ପୋଲିସ୍‌ର କର୍ତ୍ତବ୍ୟ ।

### ସମାନ ବେତନ ଅଧିକାର

ସମାନ ବେତନ ଅଧିନିୟମ ୧୯୭୬ ଅନୁସାରେ ସମାନ କାର୍ଯ୍ୟ ପାଇଁ ସମାନ ବେତନର ପ୍ରାବଧାନ କରାଯାଇଛି । ଯଦି କୌଣସି ମହିଳା ପୁରୁଷଙ୍କ ଭଳି ଏକାପ୍ରକାର କାମ କରୁଛି ତେବେ ତାଙ୍କୁ ପୁରୁଷଙ୍କ ଠୁ କମ୍ ବେତନ ଦିଆଯିବ ନାହିଁ । ବେତନରେ ଭେଦଭାବ କରାଯିବ ନାହିଁ ।





# ଖୁରିଗାଁର





# ସବୁଜ ସୁନାର ଆଦର


**ନିରଞ୍ଜନ ନାୟକ**

ଟିକିରି(ଗୌଡ଼ସାହି), କାଶୀପୁର, ରାୟଗଡ଼ା-୭୬୫୦୧୫
ଫୋନ-୯୪୩୭୩୧୭୪୧୭


ଫଟୋ ସୌଜନ୍ୟ : ଲେଖକ



**କାଶିପୁରର କେଉଁ ଏକ ଅଖ୍ୟାତ ପଲ୍ଲୀର 'ମେଦ୍ରୀ' ସମ୍ପ୍ରଦାୟ । ବାଉଁଶରୁ ତିଆରି କରନ୍ତି ନାନା ପ୍ରକାର ଗୃହ ସଜେଇବା ଉପକରଣ । ସେଇ ସାମଗ୍ରୀ ହିଁ ତାଙ୍କ ଜୀବନଜୀବିକାର ମାର୍ଗ । କାଶିପୁରରୁ ଫେରି ବାଉଁଶ କାରିଗରଙ୍କ କଥା ପରଷି ଦେଉଛନ୍ତି ନିରଞ୍ଜନ ନାୟକ ।**

ବାଉଁଶକୁ କୁହାଯାଏ ସବୁଜ ସୁନା । ବର୍ତ୍ତମାନ ବାଉଁଶ ସାମଗ୍ରୀର ସ୍ଥାନ ନେଇଛି ପ୍ଲାଷ୍ଟିକ ସାମଗ୍ରୀ । ତଥାପି ସୌନ୍ଦର୍ଯ୍ୟ ଓ କାରୁକୃତି ପାଇଁ ବାଉଁଶର ଚାହିଦା ଏବେବି ଘରେ ଘରେ ରହିଛି । ମେଳାରେ ବାଉଁଶର କଳାକୃତି କିଣିବା ପାଇଁ ଲୋକଙ୍କ ଭିଡ଼ ଜମେ । ବର୍ତ୍ତମାନ ବାଉଁଶ ଚାଷକୁ ଗୁରୁତ୍ୱ ଦେଇ ଜଙ୍ଗଲ ବିଭାଗ ସରକାରୀ ଏବଂ ବେସରକାରୀ ଜମିରେ ବିଭିନ୍ନ କିସମର ବାଉଁଶ ରୋପଣ କରୁଛନ୍ତି । ଆମ ଦେଶରେ ୧୩.୯୬ ନିୟୁତ ହେକ୍ଟର ଜମିରେ ବାଉଁଶ ରହିଛି । ଏକ ଶହ ଛତିଶ ପ୍ରକାର ବାଉଁଶ କିସମ ଆମ ଦେଶରେ ରହିଛି । ଅଠର ହଜାର ବର୍ଗ କିଲୋମିଟର ମିଶ୍ରିତ ବାଉଁଶ ଜଙ୍ଗଲ ବି ରହିଛି । କେବଳ ବାଉଁଶ ଜଙ୍ଗଲ ଚାରି ଶହ ବର୍ଗ କିଲୋମିଟର ରହିଛି । ଭାରତରେ ଗୋଟିଏ ହେକ୍ଟରରୁ ଦଶ ମେଟ୍ରିକ ଟନ୍ ବାଉଁଶ ଉତ୍ପାଦନ ହେଉଥିବା ବେଳେ ଚୀନ୍‌ରେ ପଚାଶ ମେଟ୍ରିକ ଟନ୍ ବାଉଁଶ ଉତ୍ପାଦନ ହୁଏ । ବର୍ତ୍ତମାନ କାଗଜ କଳ କମ୍ପାନୀ ଗୁଡ଼ିକ ନୀଳଗିରି (ଇଉକାଲିପଟାସ୍) ଗଛ ପ୍ରତି ଗୁରୁତ୍ୱ ଦେବା ଫଳରେ ବାଉଁଶର ଗୁରୁତ୍ୱ କମିଛି । ଅପରପକ୍ଷରେ ପରିବେଶ ନଷ୍ଟ ଏବଂ ମାଟିକୁ ବନ୍ଧ୍ୟା କରିବାରେ ନୀଳଗିରି ଗଛର ପ୍ରଭାବ ରହିଛି । ବର୍ତ୍ତମାନ ବାଉଁଶକୁ ନେଇ ଅନେକ ଗରିବ ପରିବାର ସେମାନଙ୍କ ପରିବାର ଭରଣପୋଷଣ କରି ଆସୁଛନ୍ତି । ବାଉଁଶ ଭଳି ଦୀର୍ଘ ଏକ ଶହ ବର୍ଷର କୌଳିକ ପାରମ୍ପରିକ ବୃତ୍ତି ପ୍ରୋତ୍ସାହନ ଅଭାବରୁ ଅଚିରେ ଓଡ଼ିଶାର ଗାଁ ମାନଙ୍କରୁ ଲୋପ ପାଇଯିବା ଆଶଙ୍କା ରହିଛି । ବାଉଁଶ ଭଳି ବୃତ୍ତିକୁ କିଛି ପୁରୁଖା ବୟଜ୍ୟୋଷ୍ଠ ପୁରୁଷ ଓ ମହିଳା ଆଦରି ନେଇଥିବା ବେଳେ ଯୁବପିଢ଼ି ଏହି ବୃତ୍ତି ପ୍ରତି ମନ ବଳାଉ ନାହାନ୍ତି । ବର୍ତ୍ତମାନ ପ୍ଲାଷ୍ଟିକ ଯୁଗରେ ବାଉଁଶ କଳାକୃତି ଘରୋଇ ଉପକରଣ ପାଇଁ ତା'ର ଆକର୍ଷଣ ବଜାୟ ରଖିଛି । ଚାହିଦା ବି ରହିଛି ।

## ବାଉଁଶ ଜନ୍ମ

ବାଉଁଶର ଜନ୍ମ ମାଳୟ ଦେଶରେ । ଏହାର ଇଂରାଜୀ ନାମ- ବାମ୍ବୋ । ଏହା ଡଚ୍ ଏବଂ ପର୍ତ୍ତୁଗୀଜ୍ ଭାଷାକୁ ଆସିଛି । ବାଉଁଶ ହେଉଛି ଘାସ ଜାତୀୟ ପରିବାରର ।

## ବାଉଁଶକୁ ନେଇ ଲୋକକଥା

ଭାରତୀୟ ପରମ୍ପରାରେ ବାଉଁଶ କାଠ ଜଳାଇବା ମନା । ଏହା କଲେ ପିତୃଦୋଷ ଲାଗିବା ସହ ବଂଶକ୍ଷୟ ହୋଇଥାଏ । ବାଉଁଶ ଗଛ ଥିଲେ ଅତୃପ୍ତ ଆତ୍ମାର ପ୍ରବେଶ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି । ହିନ୍ଦୁ ପରମ୍ପରାରେ ବାଉଁଶ ଏକ ଶୁଭ ବୃକ୍ଷ ।



▼ଲେଖକ ନିରଞ୍ଜନ ନାୟକ



▼ବାଉଁଶରୁ ପ୍ରସ୍ତୁତ ସାମଗ୍ରୀ

## ଜଣେ ବାଉଁଶ କାରିଗରଙ୍କ ସହିତ ବାର୍ତ୍ତାଳାପ



▶ଓଞ୍ଚା ମେହେରୀ

**ବାଉଁଶ କାମ କରି କେମିତି ଚଳୁଛନ୍ତି ?**

**କାରିଗର :** ସେମିତି କିଛି ଅଧିକ ଲାଭ ହୁଏ ନାହିଁ । ପରିଶ୍ରମ ଅଧିକ । ସାପ୍ତାହିକ ହାଟ ଆସିଲେ ଦୁଇ ପଇସା ମିଳେ ।

**ମାଟି ସାମଗ୍ରୀ ତିଆରି ସହଜ ନା ବାଉଁଶରେ ?**

◣ଦେଖନ୍ତୁ କୁମ୍ଭାର ମାଟି ଆଣି ଚକଟି ଆଉ ଦୁଇ ପ୍ରକାର ମାଟି ମିଶାଇ ଚକରେ ଥୋଇ ସାମଗ୍ରୀ ତିଆରି କରି ହାଣ୍ଡିଶାଳରେ ପୋଡ଼ିବା ପରେ ବଜାରକୁ ନିଏ । ଆମେ ବି ପଚିଶ କିଲୋମିଟର ଯାଇ ବାଉଁଶ ଆଣୁ । ବୟସ୍କ ଲୋକ ନଯାଇ ଗାଁର ଜଣକୁ ପଇସା ଦେଇ ବାଉଁଶ ଆଣୁ । ଗୋଟିଏ ବାଉଁଶର ମୂଲ୍ୟ ପଚାଶରୁ ସତୁରି ଟଙ୍କା । ତାକୁ ଚାଞ୍ଛି ସପ୍ତାହେ ବସିଲେ ସାମଗ୍ରୀ ତିଆରି ହୁଏ । ଉଭୟ କାମରେ ପରିଶ୍ରମ ଅଛି । କିନ୍ତୁ ମାଟି କାମ ଅପେକ୍ଷାକୃତ ସହଜ ।

**ସାମଗ୍ରୀ ମୂଲ୍ୟ କେମିତି ରଖ ?**

◣ସବୁଠାରୁ ଅଧିକ ମୂଲ୍ୟ ଡୁଡିର, ଯାହା ଧାନ ସାଇତିବା ପାଇଁ ରଖାଯାଏ । ଲମ୍ବା ଓ ଚଉଡ଼ା ଦେଖି ମୂଲ୍ୟ ବଢ଼େ । ଆଠ ଶହ ଟଙ୍କାରୁ ବାର ଶହ ରୁହେ । କୁଲା ବି ଶହେ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଛୋଟ ବଡ଼ ଦେଖି ମୂଲ୍ୟ ଡାକିଥାଉ ।

**କେଉଁ କିସମର ବାଉଁଶ ଉତ୍ତମ ?**

◣ଆମ ଅଞ୍ଚଳରେ ସୁନ୍ଦରମଣି, ଡଙ୍ଗର ବାଉଁଶ, କଣ୍ଟାବାଉଁଶ, ପାଣିବାଉଁଶ, ବାଡ଼କାପାଣି ବାଉଁଶ ଭିତରୁ ଡଙ୍ଗର ବାଉଁଶ ସାମଗ୍ରୀ ତିଆରି ପାଇଁ ବହୁତ ଭଲ । ଶାଳିଆ ବାଉଁଶ ଏହା ଠୁ ଭଲ, କିନ୍ତୁ ଆମ ଅଞ୍ଚଳରେ ନାହିଁ ।

**କେଉଁ ଅଞ୍ଚଳରୁ ବାଉଁଶ ଆଣ ?**

◣ମୁଖ୍ୟତଃ ପଚିଶ କିଲୋମିଟର ଦୂରରେ ବାଉଁଶ ଡଙ୍ଗର ରହିଛି । ଲେଲିଗୁମ୍ମା, ନିଶିଖାଲ, ଏବଂ ଗୁମ୍ମା ଜଙ୍ଗଲ ଉପରେ ନିର୍ଭର କରିବାକୁ ପଡ଼େ । ଏଥିପାଇଁ ଦୁଇଦିନ ସମୟ ଲାଗିଥାଏ । ବାଉଁଶ ବି ସରି ସାରିଲାଣି । ଆଗକୁ ବାଉଁଶ ଅଭାବ ଦେଖାଦେବ ।

**ସାମଗ୍ରୀ ପାଇଁ ଯନ୍ତ୍ରପାତି ଦରକାର ପଡ଼େ ?**

◣ହଁ । ଏଥିପାଇଁ ବାଉଁଶ ପାତି ଚାଞ୍ଛିବା ପାଇଁ ବାଉଁଶର ଏକ ଘଡ଼ା ତିଆରି ହୁଏ । ଏହାସହ କାତି, ଟାଙ୍ଗିଆ, କୁଲା ବାନ୍ଧିବା ପାଇଁ ଲୁହାର ଛୁଞ୍ଚି (ଉମର), ବଡ଼କାତି, କେଟରାକାତି ସାନକାତିର ଆବଶ୍ୟକତା ପଡ଼େ । ଉମର(ଛୁଞ୍ଚି)ର କାମ- ଦଉଡ଼ି ଫାଳ କରିବା । ବଡ଼କାତି / କେଟରାକାତି ବାଉଁଶ କାଟିବା ପାଇଁ । ସାନକାତି ବାଉଁଶ ଚାଞ୍ଛିବା ପାଇଁ ବ୍ୟବହାର କରାଯାଏ ।

**ସ୍ୱତନ୍ତ୍ର ଦଉଡ଼ିର ବିଶେଷତ୍ୱ କ'ଣ ?**

◣ଏହା ଏକ ପ୍ରକାର ଲତା ଜାତୀୟ ଚେର । ଏହାର ନାମ ବେନ୍ଧାମାଳ । ମୁଖ୍ୟତଃ କୁଲା, ବିଞ୍ଚଣା, ତାଟି ବାନ୍ଧିବା ପାଇଁ ବ୍ୟବହର କରାଯାଏ । ଏହା ଶକ୍ତ । ବହୁତ ଦିନ ପର୍ଯ୍ୟନ୍ତ ଶକ୍ତ ହୋଇ ରୁହେ । କୁଲାର ଦୁଇ ପଟ ଏହି କଳାରଙ୍ଗର ଦଉଡ଼ି ଲାଗେ । ଏହା ଶ୍ମଶାନ, ଝରଣା ଆଦି ସ୍ଥାନରେ ରହିଥାଏ ।

### ପୁରାଣ କଥା

କୁହାଯାଏ ବ୍ରହ୍ମାଙ୍କ ଯଜ୍ଞରୁ ବାଉଁଶ ଉତ୍ପନ୍ନ । ବ୍ରହ୍ମାଙ୍କ ଯଜ୍ଞରୁ ବାହାରି ଥିବା ଏକ ଲମ୍ବା ବାଉଁଶକୁ ଏଗାର ପବ ବା ଗଣ୍ଠି କାଟି ସେଥିରୁ ଏକ ଧନୁ ତିଆରି କଲେ । ସେ ଧନୁର ନାମ ପିନାକ ଧନୁ । ସେଇ ଧନୁକୁ ମହାଦେବ ଧରିଲେ । ନଅ ପବ ବିଶିଷ୍ଟ ସାରଙ୍ଗ ଧନୁ ତିଆରି ହେଲା । ତାହାକୁ ଇନ୍ଦ୍ର ଧରିଲେ । ସାତ ପବ ବିଶିଷ୍ଟ ଅଜବପୁ ଧନୁକୁ ପର୍ଶୁରାମ ଧରିଲେ । ଏମିତି କଦଣ୍ଡ ଧନୁ ପ୍ରଭୁ ପୁରୁଷୋତ୍ତମ ଶ୍ରୀରାମ ଧରିଲେ । ଗାଣ୍ଡିବ ଧନୁ ଅର୍ଜୁନଙ୍କ ପାଇଁ ତିଆରି ହେଲା । ବାଉଁଶରୁ ମୋହିନୀ ବଂଶୀ ତିଆରି ହେଲା । ତାହା ପ୍ରଭୁ ଶ୍ରୀକୃଷ୍ଣ ଧରିଲେ । ନୃସିଂହପୁରାଣ ଅନୁସାରେ ବାଉଁଶର ସାତଟି ରନ୍ଧ୍ର ଥାଏ । ସେଗୁଡ଼ିକ ମଧ୍ୟରେ ସରସ୍ୱତୀ, ରତୀ, ଉମା, କମଳା, ଜଗଧାତ୍ରୀ, ସାବିତ୍ରୀ ଓ ଗନ୍ଧର୍ବ ।

ରାୟଗଡ଼ା ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ କାଶୀପୁର ବ୍ଲକ୍ । ଆଗ୍ରହ ହେଲା ଏକ ଶହ ବର୍ଷର ବାଉଁଶକୁ ନେଇ ପାରମ୍ପରିକ ବୃତ୍ତିକୁ ଆଦରି ନେଇଥିବା





ଖୁରିଗାଁର ମେଦ୍ରୀ ସମ୍ପ୍ରଦାୟଙ୍କ ବାଉଁଶ କଳାକୃତି ସମ୍ପର୍କରେ ଜାଣିବା ପାଇଁ । ଅନ୍ୟମାନେ ମଧ୍ୟ ବାଉଁଶ କଳାକୃତି ତିଆରି ଶିଖିଛନ୍ତି । କିନ୍ତୁ ମେଦ୍ରୀ ସମ୍ପ୍ରଦାୟମାନଙ୍କର ଏହା ହେଉଛି କୌଳିକ ବୃତ୍ତି । ବର୍ଷବର୍ଷର ପାରମ୍ପରିକ କଳାକୁ ସେମାନେ ବଜାୟ ରଖିଛନ୍ତି । ଗାଁର କେତେକ ବୟସ୍କ ପୁରୁଷ ଓ ମହିଳା ବାଉଁଶ କାମରେ ଅଭ୍ୟସ୍ତ । ବୁଧବାର ଓ ଶୁକ୍ରବାର ଦୁଇଦିନ ଏମାନଙ୍କ ବ୍ୟବସାୟର ଦିନ । ଏହି ଦିନମାନଙ୍କରେ କାଶୀପୁର ଓ ଟିକିରି ବଜାରରେ ସାପ୍ତାହିକ ହାଟ ବସେ । ଦଳିତ ମହିଳାମାନେ ଘରକୁ ଆସି ମୁଲଚାଲ କରି ବାଉଁଶର ଘରକରଣା ଓ କଳାକୃତି ସବୁ ନେଇ ସାପ୍ତାହିକ ହାଟରେ ବିକନ୍ତି ।

ଆମେ ଖୁରିଗାଁରେ ପହଞ୍ଚିବା ପରେ ମେଦ୍ରୀ ସାହିରେ ଦେଖିଲୁ ସାହିର ତିରିଶି ଘର ମଧ୍ୟରୁ ପ୍ରାୟ ଘରେ ଭଳିକିଭଳି ବାଉଁଶ ସାମଗ୍ରୀ ଭରପୂର୍ । କୁଲା, ପରଡ଼ି, ଚାଙ୍ଗୁଡ଼ି, ଧାନ ସାଇତି ରଖିବା ପାଲ, (ଡୁଡି), କୁକୁଡ଼ା ଗୁଡ଼ା(ଘର), ଡଲା, ଗୁଲି, ବିଞ୍ଚଣା, ବାଉଁଶର ଛପା (ବାହାଘର ଓ ବ୍ରତଘର ପାଇଁ) ପରଡ଼ା, ପେଟି, ଆଦିବାସୀ ଅଞ୍ଚଳରେ ବାଉଁଶର ତାଟି (କବାଟ), ଗିଡ଼ିଙ୍ଗ (ଡଲାରି), ବାଉଁଶର ଛତା ଯାହା ବାତ ହେବା ପୁଅ ପାଇଁ ଆବଶ୍ୟକ ହୁଏ । ମୁଗୁରା (ମାଛ ଡୁଡୁକା), ଭାତ ରଖିବା ପାଇଁ ଛିଟିକି, ଛାଟନା (ଝୁଡ଼ି), ଠାକୁର ରଖିବା ପେଟି, ଓଡ଼ିଆ କୁଣ୍ଡ ଇତ୍ୟାଦି । ଭଳିକିଭଳି ବାଉଁଶ ସାମଗ୍ରୀ ଦେଖି ଖୁସି ଲାଗିଲା । ବହୁତ ପରିଶ୍ରମ କରି ପ୍ରାୟ ସପ୍ତାହେ କାଳ ବସି ଏସବୁ ସାମଗ୍ରୀ ନିଜ ହାତରେ ତିଆରି କରନ୍ତି । ଜିଲ୍ଲାରେ ଗୁଡ଼ାଏ କଳକାରଖାନା ଥିଲେ ମଧ୍ୟ ବାଉଁଶ କଳାକୃତି ପରିବାରଙ୍କୁ ତାଲିମ କି ପ୍ରୋତ୍ସାହନ ଦେବାର ବ୍ୟବସ୍ଥା ନାହିଁ । ତଥାପି ନିଜ ପରିଶ୍ରମ ଓ ଆଗ୍ରହ ବଳରେ ବାଉଁଶ ଭଳି ଲୋପ ପାଇବାକୁ ବସିଥିବା କାରୁକାର୍ଯ୍ୟକୁ ବଞ୍ଚାଇ ରଖିଛନ୍ତି କାଶୀପୁରର 'ମେଦ୍ରୀ' ସମ୍ପ୍ରଦାୟ । କାଶୀପୁର ଓ ପାଖ ବ୍ଲକ୍‌ରେ ମେଦ୍ରୀ ସମ୍ପ୍ରଦାୟଙ୍କ ଅବସ୍ଥିତି ।

ଟିକିରି ବଜାରରେ ୧୦ ପରିବାର, କାଶୀପୁର ଖୁରିଗାଁରେ ୫୦ଘର, କଲ୍ୟାଣ ସିଂହପୁର ବୁଢ଼ାଗୁଡ଼ା ଠାରେ ୧୦ ଘର, କେସିଂହପୁରରେ ୫୦ ଘର, ଜେକେପୁରରେ ୫୦ ଘର, ବିଷମକଟକରେ ୮୦ ଘର, ମୁନିଗୁଡ଼ା ମୁନୀଖୋଲ ଠାରେ ୬୦ ପରିବାରଙ୍କ ଭରଣପୋଷଣ ବାଉଁଶ କାମ ଉପରେ ହିଁ ନିର୍ଭରଶୀଳ ହୋଇଥାଏ ।



କୁମ୍ଭକାରମାନଙ୍କ ପାଇଁ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ତାଲିମ ସହ ସୁବିଧା ସୁଯୋଗ ଯୋଗାଇ ଦିଆ ଯାଉଛ । ସେହିପରି ବାଉଁଶ କାରିଗରମାନଙ୍କ ତାଲିମ୍ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି । ମେଦ୍ରୀ ସମ୍ପ୍ରଦାୟଙ୍କୁ ପ୍ରୋତ୍ସାହନ ଓ ତାଲିମ ଦେଲେ ବାଉଁଶ ସାମଗ୍ରୀ ବଜାରରେ ଉପଲବ୍ଧ ହୋଇ ପରିବେଶ ସୁରକ୍ଷା ପ୍ରତି ବିଶେଷ ଫଳପ୍ରଦ ହୁଅନ୍ତା ।

ବାରୁଣୀ ଆକାଶରେ ଅସ୍ତଗାମୀ ସୂର୍ଯ୍ୟଙ୍କ ରକ୍ତିମ ରଙ୍ଗ ଧିରେ ଧିରେ ଅପସରି ଯାଉଥାଏ । କଳା ମଚମଚ କାଶୀପୁରିଆ ପିଚୁ ରାସ୍ତାରେ ବସାବାହୁଡ଼ା ପକ୍ଷୀଙ୍କର କାକଳି ଗୋଧୂଳିବେଳାର ସୂଚନା ଦେଉଥାଏ । ସୁନାରଙ୍ଗର ଅଳସୀକ୍ଷେତ ବି ଦିଶୁଥାଏ ବେଶ୍ ମନଲୋଭା । ସତେକି ହଳଦୀ ରଙ୍ଗରେ ଭଙ୍ଗେଇ ହୋଇଥାଏ । ଏବେ ସଞ୍ଜ ବି ନଇଁ ଆସିଲାଣି । ପିଚୁ ରାସ୍ତାରେ ଗାଡ଼ିର ଆଲୁଅ ପଡ଼ିଲା । କାଶୀପୁରକୁ ବିଦାୟ ଜଣାଇ ଫେରିବାକୁ ହେବ ଆମକୁ ।



ବାସ୍ତୁକୁ ନେଇ ବିଶ୍ୱାସ ଲୋକଙ୍କ ଭିତରେ ଠୁଳ ହୋଇ ରହିଛି । ବାସ୍ତୁଶାସ୍ତ୍ର ହେଉଛି ସ୍ଥାପତ୍ୟକଳାର ବିଜ୍ଞାନ । ଗୃହନିର୍ମାଣର ବହୁବିଧ ପାରମ୍ପରିକ ବିଧିକୁ ନେଇ ଏହା ଭାରତରେ ପ୍ରଚଳିତ । ଘରର ଡିଜାଇନ୍, ଲେଆଉଟ୍, ଭୂମି ପ୍ରସ୍ତୁତି, ସ୍ଥାନ ବିଷୟକ ଶୁଭାଶୁଭ ଅବଧାରଣା ହିଁ ବାସ୍ତୁବିଧି । **'ରେବତୀ'** ପରଷି ଦେଉଛି ବାସ୍ତୁର ନାନାକଥା, ଏହି ପୃଷ୍ଠାରେ ।

# ଗୃହର କେଉଁ ଦିଗରେ କରିବେ ଶିଡ଼ି ଘର ?




**ଜ୍ୟୋତିର୍ବିଦ୍ ଡ. ପ୍ରମୋଦ ଶତପଥୀ**

ଯନ୍ତ୍ର ଜ୍ୟୋତିଷ

ଚହଟ ନଗର, ଅଭିନବ ବିଡ଼ାନାଶି

କଟକ-୭୫୩୦୧୪

ଫୋନ୍ : ୯୯୩୭୭୪୫୯୭୫

୯୪୩୭୦୦୬୭୪୬


## ଗୃହର ଏହି ଦିଗରେ ଶିଡ଼ି ଘର ଥିଲେ କୌଣସି ସମସ୍ୟା କେବେ ଦେଖାଦିଏ ନାହିଁ

ଶ୍ରାବଣ ମାସରେ ପ୍ରବଳ ବର୍ଷା ହୋଇଥାଏ ଏବଂ ଏହି ବର୍ଷାର ମଜା ନବାପ ।ଇଁ ଛୁଆ ଠୁ ବୃଦ୍ଧ ପର୍ଯ୍ୟନ୍ତ ନିଜ ଘରର ଛାତ ବା ବାଲ୍‌କୋନି ଆଦିକୁ ଯାଇଥାନ୍ତି । ତେବେ ଏବେ କଥା ଆସିଲା ଶିଡ଼ି ଘର ବା ଶିଡ଼ିରେ ଘରର ଛାତକୁ ଯିବା ପାଇଁ ସବୁ ଘରେ ଶିଡ଼ି ତିଆରି ହୋଇଥାଏ । କିନ୍ତୁ ଆପଣ କଣ ଜାଣିଛନ୍ତି କି ଆପଣଙ୍କ ଘରର ଶିଡ଼ି କେବଳ ଏହି କାମ ପାଇଁ ଉପଯୋଗୀ ନୁହେଁ ବରଂ ବାସ୍ତୁଶାସ୍ତ୍ର ଅନୁସାରେ ଘରର ଶିଡ଼ି ସେହି ଘରେ ରହୁଥିବା ଲୋକମାନଙ୍କର ଉନ୍ନତିର ବାଟ ଖୋଲିଥାଏ ।

## ଆସନ୍ତୁ ଜାଣିବା ସେହି ସମ୍ବନ୍ଧରେ କିଛି କଥା

ବାସ୍ତୁଶାସ୍ତ୍ର ଅନୁସାରେ ଶିଡ଼ିର ନିର୍ମାଣ ଉତ୍ତରରୁ ଦକ୍ଷିଣ କିମ୍ବା ପୂର୍ବରୁ ପଶ୍ଚିମ ଦିଗରେ କରିବା ଆବଶ୍ୟକ । ଯଦି ଆପଣ ଘରେ ପୂର୍ବ ଦିଗ ଆଡ଼କୁ ଶିଡ଼ି କରୁଥାନ୍ତି ତେବେ ଏହି କଥାକୁ ଧ୍ୟାନରେ ରଖିବେ କି ଯେମିତି ଶିଡ଼ି ପୂର୍ବ ଦିଗରେ କାନ୍ଥରେ ଲାଗିବ ନାହିଁ । ପୂର୍ବ କାନ୍ଥ ଠୁ ଅତି କମ୍‌ରେ ୩ ଇଞ୍ଚ୍ ଛାଡ଼ି ଶିଡ଼ି କରିଲେ ସେହି ଘର ବାସ୍ତୁ ଦୋଷରୁ ମୁକ୍ତ ହୋଇଥାଏ । ଶିଡ଼ି କରିବା ପାଇଁ ଦକ୍ଷିଣ ପଶ୍ଚିମ ଦିଗ ଅତି ଉତ୍ତମ ଅଟେ । ଏହି ଦିଗରେ ଶିଡ଼ି ହେଲେ ଗୃହରେ ବାସ କରୁଥିବା ବ୍ୟକ୍ତିମାନଙ୍କର ପ୍ରଗତି ଏବଂ କାର୍ଯ୍ୟରେ ସଫଳତା ମିଳେ । ଐଶାନ୍ୟ କୋଣରେ କେବେ ବି ଶିଡ଼ି ନିର୍ମାଣ କରନ୍ତୁ ନାହିଁ । ଏହାଦ୍ୱାରା ଆର୍ଥିକ ଅନାଟନ, ସ୍ୱାସ୍ଥ୍ୟରେ ଅବନତି, ଚାକିରି ଓ ବ୍ୟବସାୟରେ କ୍ଷତି ଆଦି ସହିବାକୁ ପଡ଼େ । ଏହି ଦିଗରେ ଶିଡ଼ି ରହିଲେ ବ୍ୟକ୍ତିର ସବୁ କ୍ଷେତ୍ରରେ ଅବନତି ହୋଇଥାଏ । ଦକ୍ଷିଣ ପୂର୍ବ ଦିଗରେ ଶିଡ଼ି କରିବା ମଧ୍ୟ ଉଚିତ ନୁହେଁ, ଏହାଦ୍ୱାରା ସନ୍ତାନମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହେ । ତଳ ଘରେ ନିଜେ ରହି ଯଦି ଉପର ଘରଟି ଭଡ଼ାରେ ଲଗାଉଛନ୍ତି, ତେବେ ମୁଖ୍ୟ ଦ୍ୱାର ଆଗରେ ଶିଡ଼ିର ନିର୍ମାଣ କରନ୍ତୁ ନାହିଁ । ବାସ୍ତୁ ବିଜ୍ଞାନ ଅନୁସାରେ ଏହା ଦ୍ୱାରା ଭଡ଼ାରେ ରହୁଥିବା ଲୋକଙ୍କର ଭାଗ୍ୟ ଉନ୍ନତି ହୋଇଥାଏ ଓ ମାଲିକକୁ କ୍ଷତି ସହିବାକୁ ପଡ଼େ ।

## ଉପାୟ

ଶିଡ଼ିର ଆରମ୍ଭ ଓ ଶେଷରେ ଦ୍ୱାର ବନାନ୍ତୁ । ଶିଡ଼ି ତଳେ କେବେ ବି ଜୋତା, ଚପଲ୍ ବା ଘରର ଅଦରକାରୀ ଜିନିଷ ରଖନ୍ତୁ ନାହିଁ । ମାଟି ପାତ୍ରରେ ବର୍ଷା ପାଣି ପୂରାଇ ତାକୁ ସେହି ମାଟି ପାତ୍ରର ଘୋଡ଼ଣିରେ ଘୋଡ଼େଇ ଦିଅନ୍ତୁ, ଏହାକୁ ଶିଡ଼ି ତଳେ ମାଟିରେ ପୋତି ଦିଅନ୍ତୁ । ମାନ୍ୟତା ଅଛି ଯେ ଏହା ଦ୍ୱାରା ହେଉଥିବା ସମସ୍ତ ବାସ୍ତୁ ଦୋଷ ଦୂର ହୋଇଥାଏ ।



### ବାସ୍ତୁ-ବାଇଟ୍

**ଭୂଖଣ୍ଡ ଇଷାଣକୋଣ ଉତ୍ତର ସହିତ ମିଶି ବୃଦ୍ଧି ହୋଇଥିଲେ ଅତ୍ୟଧିକ ଆଧିପତ୍ୟ, ରୋଜଗାର ଏବଂ ଧନସମ୍ପତ୍ତି ବୃଦ୍ଧି ହୁଏ ।**

ବାସ୍ତୁବିତ୍ **ରବୀନ୍ଦ୍ର ଜେନା,** ବାଲେଶ୍ୱର


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ମଡେଲ୍ : ସ୍ନିଗ୍ଧା ତ୍ରିପାଠୀ
ଫଟୋଗ୍ରାଫି : ସୁରଜିତ ଦାସ
ଉଚ୍ଚତା : ୫ ଫୁଟ୍ ୧ ଇଞ୍ଚ୍
ଶିକ୍ଷା : ଏମ୍‌ଜେଏମ୍‌ସି ଏବଂ ଏଲ୍‌ଏଲ୍‌ବି
ବୃତ୍ତି : ଆଇନସେବା
ମେକ୍‌ଅପ୍ : ଇନ୍ଦୁଲତା
ସ୍ଥାନ : ପଟ୍ଟାମୁଣ୍ଡାଇ

# ଜୁନ୍ ୨୦୨୦

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

୦୫/୦୬/୨୦୨୦ : ସ୍ନାନ ପୂର୍ଣ୍ଣିମା
୧୪/୦୬/୨୦୨୦ : ପ୍ରଥମ ରଜ
୧୫/୦୬/୨୦୨୦ : ରଜ ସଂକ୍ରାନ୍ତି
୨୧/୦୬/୨୦୨୦ : ଉତ୍କଳମଣି ଗୋପବନ୍ଧୁ ଦାସ ଜୟନ୍ତୀ
୨୩/୦୬/୨୦୨୦ : ଶ୍ରୀଗୁଣ୍ଡିଚା (ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା)
୨୭/୦୬/୨୦୨୦ : ହେରା ପଞ୍ଚମୀ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

# ବସନ୍ତ : ଏକ ସନେଟ୍

## ଧନଞ୍ଜୟ ସ୍ୱାଇଁ



ଫଟୋ ଧନଞ୍ଜୟ ସ୍ୱାଇଁ

ତୁମ ଆମ୍ରକଷି ପାଉଁଜିରେ ଏ ବସନ୍ତ ଫୁଟାଇଛି କେତେ କାରିଗରୀ
ତୁମ ସରୁ ଚାହାଁଣିରେ ଚୈତ୍ରର ଏ ଦର୍ପିତ ଚାତୁରୀ
ପଳାଶର ପାଟଲୁଗା ପିନ୍ଧାଇଛି ଏ ବସନ୍ତ, ତୁମ ଓଠେ ଆଙ୍କିଛି ବର୍ଣ୍ଣାଳି
କୁହୁର କୁହୁକ ତୁମ କଥାରେ ଓ ଚାଲିରେ ବା ଲୁଚକାଳି ଖେଳେ ଚଇତାଳି ।

ବସନ୍ତରେ ମାର୍ବଲ୍-ମସୃଣ ତୁମ ଦେହ ଦିଶେ ଚନ୍ଦ୍ରପକ୍ଷ ରାତିଟିଏ ଭଳି
ବସନ୍ତରେ ତୁମ ଆଖି-ଅଂଶୁପାରେ ସ୍ୱପ୍ନଭର୍ତ୍ତି ନିଦର ସେ ଯୂଥଯୂଥ ହଂସ, ହଂସରାଳି
ବସନ୍ତରେ ଶୀତର ବିପ୍ଲାତ ପରେ, ଜୀବନ କଅଁଳେ ନୂଆ ଫୁଲକଢ଼ ଧରି
ବସନ୍ତରେ ଜୀବନ ଡଙ୍କେଇ ଯାଏ, ସମ୍ପର୍କର ସୂତାଖିଅ ଯୋଡ଼ି ।

ବସନ୍ତ ଆସିଛି ତୁମ କୁମ୍ଭପକା ଶାଢ଼ି କୁଞ୍ଚ ସଜାଡ଼ି, ସଜାଡ଼ି
ବସନ୍ତ ଆସିଛି ତୁମ ଦେହ ପରଫ୍ୟୁମ୍ ଭଳି, ପବନରେ ବଉଳର ଅତର ଅଜାଡ଼ି
ବସନ୍ତ ଆସିଛି ମୋର ସ୍ନାୟୁରେ ଲଗାଇ ନିଆଁ, ଫୁଟାଇ ମନ୍ଦାର ଫୁଲ ଶିରା, ପ୍ରଶିରାରେ
ବସନ୍ତ ଆସିଛି ମୃଦୁ ମୂର୍ଚ୍ଛନା ତୋଳି ଅବା ତୁମ ଗାଁ ଗୋଧୂଳି ପହରେ ।

ବସନ୍ତରେ ତୁମ ପାପୁଲିର ପ୍ରେମପତ୍ର ମୁଁ ଚାହିଁଥାଏ ପାଇବାକୁ ନକ୍ଷତ୍ରଟି ପରି
ଯେଉଁପରି ଆଖିର କଥାକୁ ଓଠ ଚାହିଁଥାଏ କହିଦେବ ବୋଲି । ♥

ଅତିରିକ୍ତ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଲୋକସେବା ଭବନ, ଭୁବନେଶ୍ୱର-୧
ଫୋନ:୯୪୩୭୦୦୦୬୩୬

# ଜୁହାର

## ବଂଶୀଧର ଷଡ଼ଙ୍ଗୀ

କାକରରେ ଓଦା ହେଇ
ପବନ
ପତର ଉପରେ ବସିପଡ଼ିଲା ବେଳକୁ
ଥରି ଉଠିଲା ତାର ଗୋଟାଯାକ ଦେହ

ଜୀବନ ଥିଲେ ଖରାବର୍ଷା ସବୁ
ସହିବାକୁ ପଡ଼ିବା ଛଡ଼ା
ଆଉ ଉପାୟ ନାହିଁ

ଝର୍କା ଦିଆ ହେଇଥିଲେ ବି
କୋଉ ଫାଙ୍କ ଦେଇ
ଘରକୁ ପଶି ଆସୁଚି ଥଣ୍ଡା ପବନ
ଶୀତେଇ ଉଠୁଛି
ବୁଢ଼ା ହେଇଯାଇଥିବା ଏଇ ଦେହ
ବେଳ ଗଡ଼ିବାରେ ଲାଗିଚି
ଏବେ ମନେ ପଡୁଚି ପିଲାଦିନ
ଦେଉଳ ବେଢ଼ାର ଖୋଲାପଣ
ଚଉରା ପାହାଚରୁ
ପାଣିକି ଓହ୍ଲେଇ ଯିବାର ସ୍ମୃତି
ସବୁ ଗୋଟି ଗୋଟି ହେଇ ମନେପଡୁଚି
ଆମ ଗାଁ ବରଗଛ ଏବଂ
ପୋଖରୀ କୂଳ
ଏବଂ ବଉଳ ମୂଳରେ ଯେତେସବୁ ଖେଳ



ଫଟୋ ବଂଶୀଧର ଷଡ଼ଙ୍ଗୀ

ଗାଆଁ ପାଖ ନଈରେ ଡଙ୍ଗା ଭାସିବାର
ଦୃଶ୍ୟ ସହିତ ବର୍ଷାଦିନେ ଗାଁ ଦାଣ୍ଡରେ
କାଗଜଡଙ୍ଗା ଭସେଇବା କଥା ଭଳି
ଯେତେସବୁ ପୁରୁଣା ଘଟଣା
ଏଇ ବୁଢ଼ାବେଳେ
ଆଖି ଆଗରେ ଗୋଟି ଗୋଟି ଭାସିଯାଉଚି

ନିଜ ସହିତ ତୁଳନା କଲେ
ଭାରି ହିଂସା ହୁଏ ପବନ ପ୍ରତି
ସେ ସ୍ୱାଧୀନ ହେତୁ
ମନଇଚ୍ଛା ଏଣେତେଣେ ଖୁବ୍ ବୁଲେ
ସେ କେବେ ବୁଢ଼ା ହୁଏନି
କି କୋଉ ଅଡୁଆ ଭିତରେ ନଥାଏ
କିନ୍ତୁ ଯେତେବେଳେ ଅଣଚାଶ ବହେ
ବାର୍ଦ୍ଧକ୍ୟର ଊର୍ଦ୍ଧ୍ୱସ୍ତରକୁ ନେଇଯାଏ

ସବାଶେଷରେ ପବନକୁ ବାର୍ଦ୍ଧକ୍ୟକୁ
ଦୂରରୁ ଜୁହାର କରିବା ହିଁ
ବୋଧହୁଏ ଉଚିତ ହବ । ♥

'କବିତାଘର', ଗୁହାଳପଡ଼ା, ନିମାପଡ଼ା
ପୁରୀ-୭୫୨୧୦୬
ଫୋନ : ୮୯୧୭୨୭୦୫୫୬

# ବିସ୍ମରଣ

## ରବି ଶତପଥୀ

କିଛି କହିଦେବ ବୋଲି
ଗଲାକାଲି ବର୍ଷାରେ
ଭିଜିଭିଜି ଆସି
ଯିଏ ଠିଆ ହେଲା
ତୁମ ଅଗଣାରେ,
ତୁମେ ବୁଝି ପାରିଲନି
ତା' ପାଣିଚିଆ ଆଖିର ଭାଷା ।

ଅଥଚ, ନୀରବରେ
ସେ ଫେରିଗଲା ପରେ କହିଲ
ମୋତେ ବେଶି ଭଲ ଲାଗେ
କଳା କଳା ମେଘ
ଅସରା ଅସରା ବର୍ଷା
ଓଦା ଓଦା ମାଟିର ବାସ୍ନା ।

ଯେଉଁ ଫୁଲଗଛଟି
ମରିଗଲାଣି କେତେ ମାସ ହେଲା
ତୁମେ ତାକୁ ଭୁଲିଗଲଣି
ଆଉ ଯେଉଁ ଗଛରେ


ଫଟୋ : ସ୍ୱାଗତିକା ସେଠୀ

ଏବେ କିଛିଦିନ ହେଲା
ଆଉ ଫୁଟୁନାହିଁ ଫୁଲ
ତମର କ'ଣ ମନେ ଅଛି
ତା' କଥା ?

ଅଥଚ, ସେଦିନ ଦରଦୀ କଣ୍ଠରେ
ଗୋଟେ କବିତା ଆସରରେ
ପଢ଼ି ଦେଇ ଆସିଲ
ଫୁଲ ମୋର ପ୍ରେମିକା
ଫୁଲ ମୋର ଜୀବନ
ଫୁଲ ମୋର କବିତା ।

ଯେଉଁ ଆଦିମ ଗୀତଟି
ରାତିରେ ତୁମକୁ
ବାରମ୍ବାର ଶୁଭେ
ତା'ର ପଦେ ବି ତୁମର ଆଉ
ମନେ ପଡୁନାହିଁ,
ଯେଉଁ ସ୍ୱପ୍ନ ସବୁକୁ
ସତ ବୋଲି ସ୍ୱୀକାର କରୁଥିଲ
ସମସ୍ତଙ୍କ ସାମ୍ନାରେ
ତାକୁ ଭୁଲିଗଲଣି କେଉଁ ଦିନୁ ।


ଫଟୋ ଓ ଶତପଥୀ

ଜୀବନ ସାରା କହିଆସିଲ
ରାତି ମୋର ଶତ୍ରୁ
ସବୁ ଅଂଧାର ବଡ଼ ଅବିଶ୍ୱାସୀ
ଅଥଚ, ଆଜି କହୁଛ,
କିଏ ଟିକେ ହାତ ଧରିଦେଲେ
ମନ ଭରି ବୁଲି ଆସନ୍ତି
ଏ ସ୍ୱପ୍ନବୋଳା ଜହ୍ନରାତିର
ଝାପ୍‌ସା ଝାପ୍‌ସା ଅଂଧାରରେ । ♥

ଅଧ୍ୟାପକ: ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ଫୋନ : ୯୪୩୭୭୮୪୮୫୯

# ଏମାନେ ଆକାଶକୁ ବିକିବା କଥା କହୁଛନ୍ତି

**କୁମାର ହସନ**

**♥ଆମେରିକା ରାଷ୍ଟ୍ରପତି ଏକ ବିରାଟ ଅଞ୍ଚଳ କିଣିବାକୁ ଦେଇଥିବା ପ୍ରସ୍ତାବର ଉତ୍ତରରେ ଜଣେ ଲୋହିତ ଭାରତୀୟ ସିଆଟେଲ୍ ମୁଖିଆ ରାଷ୍ଟ୍ରପତିଙ୍କୁ ଦେଇଥିବା ଉତ୍ତର ଉପରେ ଆଧାରିତ♥**

ଏମାନେ ଆକାଶକୁ ବିକିବା କଥା କହୁଛନ୍ତି
ଏମାନେ ଆକାଶକୁ କିଣିବା କଥା କହୁଛନ୍ତି
ମାଟିର ଉଷୁମ୍‌କୁ କେମିତି କିଣାବିକା ଯାଇପାରେ
ପବନର ସହଜପଣ, ପାଣିର ଚିକିମିକି ଉପରେ କିଏ ହାକିମୀ କରିପାରେ ?

ଏ ପୃଥିବୀର ପ୍ରତ୍ୟେକଟି ଅଂଶ ମଣିଷ ଲାଗି ପବିତ୍ର
ପ୍ରତିଟି ଛୁଞ୍ଚିମୂନିଆ ଉଜ୍ଜ୍ୱଳ ପାଇନ୍ ପତ୍ର
ପ୍ରତିଟି ବାଲୁକାମୟ ବେଳାଭୂମି
ଅନ୍ଧାରୁଆ ବନଭୂମିର ଘନ କୁହୁଡ଼ି
ଖୋଲା ପଡ଼ିଆରେ ପ୍ରତିଟି ପତଙ୍ଗର ଗୁଣୁଗୁଣୁ ଝିଁଝିଁକାର
ଅତି ପବିତ୍ର
ଗଛ ଛୁଇଁ ବହି ଯାଉଥିବା ପବନରେ ଭରି ରହିଛି ମଣିଷର ସ୍ମୃତି
ପ୍ରତିଟି ଗଛର ରସ ପ୍ରବାହ ଆମ ଜୀବନ ପ୍ରବାହ ସହ ମିଶିଛି
ଆମେ ପୃଥିବୀର ଅଂଶ ପୃଥିବୀ ଆମର ଅଂଶ
ସୁଗନ୍ଧିଭରା ଫୁଲମାନେ ଆମ ଅଲିଅଳ ଭଉଣୀ
ହରିଣ, ବାଇସନ, ବିରାଟକାୟ ଇଗଲ୍‌ମାନେ ଆମର ଭାଇ
ପଥୁରିଆ ପର୍ବତ ଚୂଡ଼ା, ଚାରଣ ଭୂଇଁର ଅମୃତ ରସ
ମଣିଷ ଦେହର ଉଷ୍ମତା
ଆମେ ସବୁ ତ ଗୋଟିଏ ପରିବାରର ।

ତମ ପରି ମଣିଷମାନେ ସିନା ମଲା ପରେ ଧରତିନୀ ମାଁକୁ ଭୁଲି
ଆକାଶରେ ତାରା ହୋଇଯାନ୍ତି
ହେଲେ ଆମର ମରିବା ଲୋକମାନେ ବି ଭୁଲନ୍ତି ନାହିଁସୁନ୍ଦର ପୃଥିବୀକୁ
ସେମାନେ ଏଇ ମାଟିରେ ମିଶିକି ରହନ୍ତି
ମାଟି ମାଁକୁ ଆମେ ଶ୍ରଦ୍ଧା କରୁ
ଆମ ପାଦ ତଳର ମାଟିରେ ଅଛି ଆମର ପିତୃପୁରୁଷଙ୍କ ଦେହ ଅବଶେଷ ।

ଏଇ ଯେ ଝରଣା ଓ ନଈମାନଙ୍କରେ
ରୌଦ୍ର ଝଲସା ଚକ୍ ଚକ୍ ପାଣି ବୋହିଯାଉଛି
ତାହା ଆମ ଆଜିଦାଦିମାନଙ୍କର ରକତର ଧାର
ଜଳଧାରାର ସମସ୍ତ କଳକଳ ଛଳଛଳ ଧ୍ୱନିର
ନିରବ ଉଚ୍ଚାରଣ ହେଉଛି ଆମ ବାପା ଜେଜେବାପାଙ୍କ କଣ୍ଠସ୍ୱର ।

ତମ ସହର ନଗରରେ ଆମ ବସିବା ପାଇଁ ଟିକିଏ ଥାନ ନଥାଏ
ବସନ୍ତ ଋତୁରେ ପତ୍ର କଅଁଳିବାର ଦୃଶ୍ୟ
କଣି ଆସିବାର ଶୋଭା
ସୁଲୁସୁଲିଆ ମନମତାଣିଆ ମଧୁ ମଳୟ
ସେଠାରେ ନଥାଏ ।

ତମ ଲାଗି ଜମିର ଗୋଟିଏ ଅଂଶ ଅନ୍ୟ ଅଂଶ ସହ ଏକା
ଆମ ଜମି ଆମର ଜୀବନ
ଧରଣୀ ମାଁ ଓ ଆକାଶ ଭାଇକୁ ତୁମେ
ଛେଳି, ମେଣ୍ଢା ବା କାଠମାଳି ପରି କିଣାବିକା ଦରବ ଭାବେ ଦେଖ...

ହେଲେ ଆମ ପାଇଁ ଧରଣୀର ଖୋଲା ମୁକୁଳା ପବନ
ଖୁବ୍ ମୂଲ୍ୟବାନ
ଏ ବାୟୁ, ଏ ପଶୁପକ୍ଷୀ, ଏ ଗଛଲତା, ମଣିଷ ପ୍ରଶ୍ୱାସ
ଏମାନଙ୍କ ଉପରେ ଯୋଉ ବିପଦ ପଡ଼ିବ
କାଲିକି ସେଇ ବିପଦ ମଣିଷ ଉପରେ ଘନେଇ ଆସିବ
ପୃଥିବୀର ସବୁକିଛି, ପ୍ରତ୍ୟେକ ପ୍ରତ୍ୟେକଟି
ରହସ୍ୟମୟ ଯୋଗସୂତ୍ରରେ ଯୋଡ଼ା
ମଣିଷ ଯଦି ଭୂଇଁରେ ଛେପ ପକାଇବ
ସେ ଛେପ ତା' ନିଜ ଉପରେ ପଡ଼ିବ ।
ଏ ପୃଥିବୀ, ଏଇ ମଣିଷ ଓ ସୁନ୍ଦର ସୃଷ୍ଟିର ଅଧିକାରୀ
ରକ୍ତ ଭଳି ଏ ପୃଥିବୀ ତା'ର ପ୍ରତି ସନ୍ତାନକୁ
ସଂଯୋଗ ସୂତ୍ରରେ ବାନ୍ଧି ରଖିଛି ସଂଯୋଗ ସୂତ୍ରରେ । ♥

ମନୀଷା ଇଂଟରନେଶନାଲ୍
ଭୁତାପଡ଼ା, ସମ୍ବଲପୁର-୭୬୮୦୦୧, ଫୋନ: ୯୮୬୧୦୬୮୬୦୪


▶କବି କୁମାର ହସନ


▶ରୂପାୟନ : ମୌସୁମୀ ମାଳି

# ପାଦୁକା

## ଅଶୋକ କୁମାର ମହାନ୍ତି

ପାଦୁକା, ଚିରକାଳ ପାଦରେ ତା ଭାଗ୍ୟ
କେବେ ଭାଗ୍ୟ ଉଜ୍ଜ୍ୱଳ ଥାଏ ତ
ଲାଗିହୁଏ ରାମଚନ୍ଦ୍ରଙ୍କ ପାଦରେ କଠଉଟିଏ ହୋଇ
ଭରତ ଭଳି ଭାଇଟିଏ ଥିବ ତ ଆଣିବ ତାକୁ ମଥା ପରେ ଥୋଇ
ସିଂହାସନ ପରେ ଅଭିଷିକ୍ତ ପାଇଁ ।
ଆଜିକାଲି ସେଭଳି ଭାଇଟିଏ କାହିଁ ଯେ !
ଲକ୍ଷ୍ମଣ ଅବା ଭରତ ପ୍ରାୟେ ଭାଇ ଭାଗ୍ୟେ ଥିଲେ
ପ୍ରାପ୍ତହୁଏ ଜୀବନରେ କେବେ ।
ଏବେ ଭାଇମାନେ ନିଜ ସ୍ୱାର୍ଥ ପାଇଁ ଅନ୍ଧ
ଠିକ୍ ବିଭୀଷଣ ପରି
ଆଗ କଥାକୁ ବାଘ ଖାଇଗଲା ପରି
କ୍ଷୀର ଖାଇବାର ଇଚ୍ଛା ତ ଘରେ ଥିବ ଗାଈ
ଶତ୍ରୁ ସହ ଯୁଝିବା ପାଇଁ ଭାଇ ହୁଏ ଲୋଡ଼ା,
ଭାଙ୍ଗିବାଟା କଷ୍ଟ ଯେଣୁ ବନ୍ଧା ଥିଲେ ବିଡ଼ା
ଅଥଚ ସେ ଭାଇ ଯଦି ଶତ୍ରୁ ପାଲଟେ
ଉଠ୍‌ବସ୍ ହେଉଥାଏ ଶ୍ରୀମତୀ ଆଜ୍ଞାରେ
ତା' ପାଇଁ ତୁଚ୍ଛ ସବୁ ବନ୍ଧୁ ପରିଜନ,
ଭାଇମାନେ ଏବେ ଭାଗବାଣ୍ଟ ପାଇଁ ବ୍ୟସ୍ତ ତ
ତାଙ୍କ ଶ୍ୱଶୁର ଘର ପ୍ରୀତିରେ ବନ୍ଧା
ତା ସାମ୍ନାରେ ପିତାମାତା ବଡ଼ସାନ ଯେତେକ କର୍ତ୍ତବ୍ୟ
ସବୁ ମୂଲ୍ୟହୀନ ।

ପାଦୁକା ଚିରକାଳ ପାଦରେ
ବୋହୁଥାଏ ମଣିଷର ବୋଝ,
ତା ପାଇଁ ସୁରକ୍ଷିତ ପିଲା ଠାରୁ ବୁଢ଼ାଯାଏଁ ସମସ୍ତ ମଣିଷ
ଖଣ୍ଡିଆ ଖାବରା ଅବା କ୍ଲେଶରୁ ବଞ୍ଚିତ ।
ଅଥଚ ଭାର ବୋହି ବୋହି ଦୁର୍ବଳ ହେଲା ପରେ
ସିଏ କ୍ଷତାକ୍ତ ହୁଏ ସିନା ମାତ୍ର ବିଶ୍ୱସ୍ତ ଭୃତ୍ୟ ଭଳି
ମୁନିବକୁ ସୁରକ୍ଷିତ ରଖୁଥାଏ, ଥାଏ ଭିକାରୀଙ୍କ ଭଳି
ଦରଜା ସେପଟେ ସିଂହାସନ ତଳେ
ମଣିଷ ବୁଝେନା ତା ତ୍ୟାଗର ମୂଲ୍ୟ
ଚପଲ ଛିଡ଼ିଗଲେ ଅବା ଜୋତା ପୁରୁଣା ହେଲେ
ଫିଙ୍ଗାହୁଏ ଡଷ୍ଟ୍‌ବିନ୍‌ରେ ଅବା ରାସ୍ତାକଡ଼ ଅଳିଆଗଦାରେ
ଅଲୋଡ଼ା ଅପାଙ୍‌କ୍ତେୟ ଭାବି ।

କେହି କେବେ ମନେ ରଖେନା ତା ତ୍ୟାଗର କାହାଣୀ
ଜୋତାକୁ ନିଜ ସ୍ୱାର୍ଥ ପାଇଁ ପାଲିସ୍ କରାହୁଏ
ଚକ୍ ଚକ୍ କରି ଛିଡ଼ିଗଲେ ଚପଲ୍‌ର ବି
ଟେପ୍ ବଦଳା ହୁଏ ଆଉ କେତେଦିନ ଚଳିଯିବ ଯଦି ।
ଅଥଚ ଅଚଳ ହେଲେ ବୃଦ୍ଧ ପିତାମାତାଙ୍କୁ
ଆଜିର ପିଲାଏ ହତାଦର କରି ଛାଡୁଛନ୍ତି ନେଇ
ଷ୍ଟେସନ୍ ଅବା ବସ୍‌ଷ୍ଟାଣ୍ଡ୍ ବେଶି ହେଲେ
ବୃଦ୍ଧାଶ୍ରମରେ ଅସହାୟ କରି ।
ଅପାଙ୍‌କ୍ତେୟ ପାଦୁକା ପରି ଆମ ଏ ଜୀବନ
ଦିନେନା ଦିନେ ଯିବାକୁ ହେବ
ମଶାଣିପଦାକୁ ସିଏ ସମ୍ରାଟ ହେଉ ଅବା
ଐଶ୍ୱର୍ଯ୍ୟଶାଳୀ ଅହଂକାରୀ ପରାକ୍ରମୀ ମଣିଷଟେ ହେଉ
ମାଟିରେ ମିଶିବ ଦିନେ ଛିଡ଼ା ପାଦୁକାଟେ ପରି । ♥

ପ୍ରଫୁଲ୍ଲ ନଗର, ଜଗନ୍ନାଥପୁର,
ଭଦ୍ରକ-୭୫୬୧୦୦
ଫୋନ : ୮୬୩୭୨୨୬୦୨୨



▲ ରୂପାୟନ : ପ୍ରତୀଚୀ ନନ୍ଦ



▼କବି ଅଶୋକ କୁମାର ମହାନ୍ତି
▼ଫଟୋ : ପ୍ରଦୀପ୍ତ ମହାନ୍ତି

# ଦୁଃଖୀ ମଣିଷର କଥା

## ଦିବ୍ୟସିଂହ ଦାସ ଅଧିକାରୀ



ଫଟୋ ଦିବ୍ୟସିଂହ ଦାସ ଅଧିକାରୀ

ନ'ଟା ନା ଛ'ଟା ଅଛି ମୋର ଯେ
ଥିଲା ଗୋଟେ ରାଡୁଆ ମଣିଷ
ଦିନ କି ରାତ୍ରିର ଫରକ
ମୋତେ ଜଣାପଡୁ ନଥିଲା ?

ସିଏ ତ ଏବେ ଆଉ ନାହିଁ ମୋ ପାଖେ
କାଇଁ କେତେକାଳୁ ଅନ୍ତର ହେଲାଣି
ଦହଗଞ୍ଜରେ ବୁଡେଇ ଦେଇ ମୋତେ
ଏବେ ଖାଲି ଛାଇଛାଇଆ ଦୃଶୁଚି
ତା' ନାକ, କାନ, ମୁହଁ ଓ ତା ଛାତିର ଓଜନ
ଆଉ ତା କଡୁଆ କଡୁଆ ଆଖି ଦି'ଟା ।

ଏଇ ଦେଖୁନ, ଯଉଁଠିକି ଯାଅ
ଗାଁ ଛକ କି ସ୍କୁଲ୍ ପଡ଼ିଆ
ପାଣି ପାଇପ୍ ମୂଳ କି ଟିଓ୍ଵେଲ୍ ପାଖ ଜାଗା
ସବୁଠେଇଁ ଖାଲି ଟୋକା ମାଳ ମାଳ
ଏଇ ପଘାଛିଣ୍ଡା ଦଳଟି ଯେ
କେତେ ହରକତ ନ କରନ୍ତି
ଦେଖିଦେଲେ ଗୋଟେ ଅଧେ ଝିଅ କି
ସୁନ୍ଦୁରିଆ ମାଇପିଟାଏ,
କ'ଣ ଯେ କହିବା ସେ' କଥା ?

ମଣିଷ କି ଝାମେଲାରେ ନ ପଡ଼େ ଯେ ସତେ !



ଫଟୋଗ୍ରାଫ : ଶ୍ରୁତିଶ୍ରୀ ଦାସ

ଆଗେ ତ ବଣବୁଦା ଥିଲା
ଟିକେ ମଉକା ପାଇଲେ
ସାଙ୍ଗସୁଙ୍ଗା ହେଇ ମିତଣି ମାନେ ଦି'ପଦ
ନିରୋଳାରେ ହଉଥିଲେ କଥା
ପୋଖରୀ ପାଣି ବି ଯାଉଥିଲେ
ଆଡ଼ ଉହାଡ଼ ହେଲେ ।

ସେଠି ତ ଏବେ ଚାଲିଚି ବେଶି ବେଶିକା
ଅପନ୍ତରା ଖେଳ
ସେଠି ଆଉ ନାଇଁ ନିରୋଳା କି ଅଭୟ ବେଳା ଯେ
ବେଳ ଅବେଳରେ
ମାଇପିମାନେ ଗେଲ ଥଙ୍ଗା ହେବେ ।

ମୁଁ କେତେ କହିଲିଣି
ଏ ରାଣ୍ଡ ଝୁଅଟା କ'ଣ
ମୋ କଥାକୁ କାନଉଚି ନା ହେଜୁଚି
ଯଉଁଠି ନାଇଁ ସେଠି ଠିଆ ହଉଚି ।

ସାଇଭାଇମାନେ ତ ଟୁପୁରଟାପରରେ
ଭାଙ୍ଗି ଦେଲେଣି କାନ୍ଥ, ବାଡ଼
ସିଏ ମୋ ଦୁଃଖ ବୁଝୁଚି କେଉଁଠୁ ?
ତା'ନାକ ଅଗରେ ତ ଖାଲି ଫଁ ଫଁ ରାଗ
ଭିତରେ ଭିତରେ ତ ପାଣି ଚବ ଚବ ଇଚ୍ଛା
ଏଠି ତ ଟିକେ ଛାତି ଦୋହଲିଗଲେ ଦୋଷ
ସଜାଗ ନହବା କିଆଁ

ସିଏ କ'ଣ ବୁଝୁଚି ଏତକ
ସାଇଭାଇ ଯେ ମସୁଧା କଲେଣି
ଗୁଡେଇ ତୁଡେଇ କରିବେ ଖଣ୍ଡିଆ ଖାବରା
ତଥାପି ତାଙ୍କର ମନସାଦ ମେଣ୍ଟୁନାଇଁ ବୋଲି
ଯେଉଁଠି ନାଇଁ ସେଇଠି ଦେଖଉଚନ୍ତି ରୋଷ
ସଜ ମାଛରେ ପୋକ ପକେଇ

ଢେର୍ ହିନସ୍ତା କଲେଣି
ପାଉଚନ୍ତି କି ଆନନ୍ଦ ଯେ....
ତାହା'ତ ଭଗିଆକୁ ଜଣା ....
କୁଆଡେ ଯିବୁ ଯେ ଏବେ
ପାତର ଅନ୍ତରରେ ଚାଲିଚି ଗାଆଁ ଭୂଇଁ
ମାତିଚନ୍ତି ଲୋକେ ତୁହାକୁ ତୁହା ଦୁଷ୍କାମୀ ଖେଳରେ
ଏବେ ତ ଥିଲାବାଲାଙ୍କ ହାତରେ ସବୁକିଛି ।


ମୁଁ ତ ଏକଲା ମଣିଷ
କେହି ରୋଷ ଆଖିରେ ନିଘା କଲେ
ଇତସ୍ତତ ହେଇଯାଏ ମୋ ଛାତିରେ ପବନ
ଆଗକୁ ବଢେଇଲେ ଛୋଟ
ହେଇଯାଉଚି ହାତ ଦି'ଟା
ସଳଖରେ ଠିଆ ହେବାକୁ ଦି'ଟା ଗୋଡ଼ ନାଁରେ
ଯଉଁ କାଠି ଦି'ଖଣ୍ଡ ତା'ର କଉ ଟାଣପଣ ଅଛି ଯେ
ଆଗକୁ ଆଗକୁ ଦମ୍ଭରେ ଚାଲିବ ?

ଏବେ ମୁଁ ରାତି ହେଇଗଲେ ଶରଣ ପଶୁଛି
ସେଇ କାଳିଆ ପାଖରେ
ଆଖି ବୁଜି ହାତ ଟେକି ଦେଇଚି ତା ଠେଇଁ
ମନେ ମନେ ହଉଚି ନେହୁରା
ମତେ ବଂଚେଇ ରଖ ଠିକଣାରେ
ହେ, ମୋ ଆତ୍ମାର ଅଧିକାରୀ
ତମେ ନେଇଯାଅ ସଳଖରେ ତମ ପାଖକୁ
ନ ହେଲେ ମୁଁ ଖଣ୍ଡ ଖଣ୍ଡ ହେଇଯିବି
ଦୁର୍ଜନଙ୍କ ପେଂଚ ଖେଳରେ ଏଇ ରାଇଜରେ ।

ନୂଆବନ୍ଧ, ତିଆଡ଼ିସାହି, ପୀରହାଟ ବଜାର,
ଭଦ୍ରକ-୭୫୬୧୩୧
ଫୋନ : ୯୪୩୭୨୬୭୩୦୮

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫଉଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



॥ ଭାଗ-୧୨ ॥




ନେତାଜୀ ଅଭିନନ୍ଦନ

ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩
ଫୋନ୍ : ୯୦୪୦୦୦୩୧୨୩


ଫଟୋ ସୌଜନ୍ୟ : ଗୁଗୁଲ୍

# ଷ ଡ଼ ଯ ନ୍ତ୍ର

କାଳିଆ ଆଖିରେ ଯେ ଲୁହ ନଥିଲା, କିଏ କହିବ ?

ଚକା ଚକା ଆଖି ।

ଅପଲକ ଦୃଷ୍ଟି ।

ସବୁ କିଛି ଦେଖିବା ବ୍ୟତୀତ ଆଉ ଉପାୟ ବା କ'ଣ ?

ସତ ସତିକା ସେ ପାଲଟି ଯାଇଥିଲା ଦାରୁଭୂତ ମୁରାରି । ନିରେଖି ଦେଖିଲେ ଜଣା ପଡ଼ିବ, ଲୁହର ସମୁଦ୍ରରେ ଭଳ ଭଳ ଭାସୁଛନ୍ତି ଦୁଇ ଚକା ଆଖି । ବନ୍ଦ କରିବାର ବାଟ ନାହିଁ ।

ସେଇ ଚକା ଆଖିକୁ ଦେଖି ଦେଖି ତ ଦୁଃଖ ମେଣ୍ଟଉଥିଲେ ଉତ୍କଳର ନିଃସହାୟ ଜନତା; ସତେ ଅବା ନିସ୍ତାର ପାଇଯାଉଥିଲେ ।

ମନ୍ଦିର ପରେ ମନ୍ଦିର ଭଙ୍ଗା ଚାଲିଥିଲା ।

କେବଳ ଯେ ମନ୍ଦିର ଭଙ୍ଗା ହେଉଥିଲା ତା ନୁହେଁ, ମନ୍ଦିର ଭଙ୍ଗା ହୋଇ ତା ସ୍ଥାନରେ ତିଆରି ହେଉଥିଲା ବିଶାଳକାୟ ମସଜିଦ୍ ମାନ ।

କେନ୍ଦ୍ରାପଡ଼ାର ବଳଦେବଜିଉ ମନ୍ଦିର, ଝଙ୍କଡ଼ର ସାରଳା ମନ୍ଦିର, ଯାଜପୁରର କେତେ କେତେ ମନ୍ଦିର ।

ରାତି ଦିନ ଚାଲିଲା ଲୁଣ୍ଠନ ।

ଚାରିଆଡ଼େ ହା ହା' କାର ପଡ଼ିଥିଲା ।

ପ୍ରତିବାଦ କରିବାର ଜୁ ନାହିଁ ।

ପାଟି ଫିଟିଲେ ମୁଣ୍ଡ କାଟ ।

ଖୋଦ୍ ଖୋର୍ଦ୍ଧା ଗଜପତି ତ ଥିଲେ ମୋଗଲ ସମ୍ରାଟଙ୍କ ଶରଣାପନ୍ନ; କିଏ ବା କାହାକୁ ରକ୍ଷା କରିବ ?

ଆଉ ମୋଗଲ ସମ୍ରାଟ ଥିଲେ ଆଉରଙ୍ଗଜେବ୍, ଆକବର କି ଶହାଜାହାନ୍ ନୁହେଁ, ଯେଉଁମାନେ ଅନ୍ତତଃ ପକ୍ଷେ ଭାରତର ବହୁ-ଧର୍ମୀୟ ପରମ୍ପରାକୁ ସମ୍ମାନ ଜଣାଉଥିଲେ । ବିଶେଷ କରି ସଂଖ୍ୟା ବହୁଳ ହିନ୍ଦୁମାନଙ୍କ ଧାର୍ମିକ ଭାବନା, ବିଶ୍ୱାସ ଓ ସଂବେଦନା ପ୍ରତି ଆଘାତ ପହଞ୍ଚେଇବା ପାଇଁ ଶାସନକଳର ପ୍ରୟୋଗ ହେଉନଥିଲା । କିନ୍ତୁ ଏଣିକି ଶାସନ ଗାଦିରେ ବସିଥିଲେ ସେଇ ଆଉରଙ୍ଗଜେବ ଯିଏ କି ସିଂହାସନ ପାଇବାପାଇଁ ନିଜ ପିତାଙ୍କୁ ବନ୍ଦୀ କରିବା ଏବଂ ଭାଇମାନଙ୍କୁ ନୃଶଂସ ଭାବେ ହତ୍ୟା କରିବାପାଇଁ ସାମାନ୍ୟତମ ଦ୍ୱିଧା କରିନଥିଲେ । ଯିଏ ହିନ୍ଦୁମାନଙ୍କ ଉପରେ ଜିଜିଆ କର ବସେଇଥିଲେ । ଯାହାଙ୍କ ପାଇଁ ଇସ୍‌ଲାମ୍ ପ୍ରତି ନିଷ୍ଠା ଥିଲା ସର୍ବୋପରି । ଶାସନ ଦଣ୍ଡ ଯାହାଙ୍କ ପାଇଁ ଥିଲା ଏକ ପ୍ରକାରେ ଧର୍ମ-ଦଣ୍ଡ; ହିନ୍ଦୁ ସମେତ ଅନ୍ୟ ସବୁ 'କାଫେର୍' ଧର୍ମକୁ ସମୂଳେ ବିନାଶ କରିବା ପାଇଁ ମୂଳ ଅସ୍ତ୍ର । ସତେ ଅବା ଖୋଦ୍ ଆଲ୍ଲା ତାଙ୍କୁ ପଠେଇଥିଲେ ଅନ୍ୟ ସବୁ ଧର୍ମକୁ ଧ୍ୱଂସ କରି ଭାରତରେ ସର୍ବବୃହତ୍ ଇସ୍‌ଲାମିକ୍ ସାମ୍ରାଜ୍ୟ ପ୍ରତିଷ୍ଠା କରିବା ପାଇଁ । ଆଉ ସେ କେବଳ ଯାହା ଆଲ୍ଲାଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରୁଥିଲେ । ଏମିତି କେହି ନଥିଲେ, ଯିଏ ତାଙ୍କୁ ବୁଝେଇଥାନ୍ତା ଯେ ଗୋଟିଏ ଧର୍ମକୁ ନଷ୍ଟ କରି, ଆଉ ଗୋଟିଏ ଧର୍ମର ପ୍ରତିଷ୍ଠା ହୁଏ ନାହିଁ । ଧର୍ମ ପ୍ରତିଟି ମଣିଷର ଅନ୍ତର୍ଗତ ଚେତନାରେ ନିହିତ ଥାଏ, ଯାହାକୁ ବଳପୂର୍ବକ କାଢ଼ି ନେଇ ହୁଏ ନାହିଁ କି, ସେଠି ଆଉ ଗୋଟିଏ ଧର୍ମକୁ ଥାପିଦେଇ ହୁଏନାହିଁ ।

ନା, ସେମିତି କେହି ନଥିଲେ ଯିଏ କି ଆଉରଙ୍ଗଜେବଙ୍କୁ ସଚେତ କରେଇ ପାରିଥାନ୍ତା, ଭାରତର ହଜାର ହଜାର ବର୍ଷର ପରମ୍ପରା, ଐତିହ୍ୟ ସହ ମହାଁମୁହିଁ କରେଇ ପାରିଥାନ୍ତା, ଭୁଲ୍ ରାସ୍ତାରେ ଚାଲିବାର ପରିଣାମ ସଂପର୍କରେ ସଜାଗ କରେଇ ପାରିଥାନ୍ତା, ଆଉ ଆଗତ ଧ୍ୱଂସର ପଦଧ୍ୱନି ଶୁଣେଇ ପାରିଥାନ୍ତା ।

ସେଇ ଆଉରଙ୍ଗଜେବ୍‌ଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉଥିଲା ଓଡ଼ିଶାରେ । ମନ୍ଦିର ପରେ ମନ୍ଦିର ଭୁସୁଡ଼ିବାରେ ଲାଗିଥିଲା ଏକଛତ୍ରବାଦୀ, ଧର୍ମାନ୍ଧ, ଖିଆଲି ଶାସନକର ନିର୍ଦ୍ଦେଶରେ । ଆଖିରେ ପୁଟୁଳି ପିନ୍ଧି ନିଜର ଓ ନିଜ ସାମ୍ରାଜ୍ୟର ପତନ ଦିଗରେ ଦ୍ରୁତ ଗତିରେ ମାଡ଼ି ଚାଲିଥିଲେ ଆଉରଙ୍ଗଜେବ । ରୋକିବାକୁ କେହି ବି ନଥିଲେ । ଏପରିକି ନୂଆ ନୂଆ ତିଆରି ହୋଇଥିବା ମନ୍ଦିର ବି ବାଦ୍ ପଡ଼ିନଥିଲେ । ମନ୍ଦିର ଧ୍ୱଂସ ପଛରେ କେବଳ ଧର୍ମ ଏକମାତ୍ର କାରଣ ନଥିଲା । ମନ୍ଦିରମାନଙ୍କରେ କାଇଁ କେତେ କାଳରୁ ଗଚ୍ଛିତ ଥିବା ରାଶି ରାଶି ଧନ ସଂପତ୍ତି ଲୁଣ୍ଠନ କରିବା ଥିଲା ଆଉ ଏକ ପ୍ରଧାନ କାରଣ ବା ଦେଖିବାକୁ ଗଲେ ମୁଖ୍ୟ ଉତ୍ପ୍ରେରକ । ଧର୍ମ ସାଜିଥିଲା ଆୟୁଧ, ମୋଗଲ ରାଜକୋଷ ଭରିବା ଥିଲା ମୁଖ୍ୟ ଲକ୍ଷ୍ୟ । କେତେ ଯେ ମନ୍ଦିର ଭଙ୍ଗା ହେଲା, ତା'ର ହିସାବ ନାହିଁ । କିନ୍ତୁ ଧ୍ୱଂସର ଏ ତାଣ୍ଡବଲୀଳା ଭିତରେ ବି ସବୁକିଛି ଶେଷ ହୋଇଯାଇ ନଥିଲା । କାଳିଆ ତଥାପି ଘଣ୍ଟ ଘୋଡ଼େଇ ରଖିଥିଲା ତା ଲୋକଙ୍କୁ, ତା ରାଇଜକୁ, ହଜାର ହଜାର ଶିଳ୍ପୀଙ୍କ ବର୍ଷ ବର୍ଷର ପରିଶ୍ରମରେ ଗଢ଼ା ହୋଇଥିବା ଉତ୍କଳର ଅପୂର୍ବ କୀର୍ତ୍ତିରାଜିକୁ । ଭୁବନେଶ୍ୱର ଓ ପୁରୀରେ ଥିବା ହିନ୍ଦୁ ମନ୍ଦିର ଓ କୀର୍ତ୍ତିରାଜି ଧ୍ୱଂସଲୀଳାରୁ ରକ୍ଷା ପାଇଯାଇଥିଲେ ।

କେମିତି ଏହା ସମ୍ଭବ ହେଲା ?

ଏହି ଦୁଇ ସହରରେ ଥିବା ଅସଂଖ୍ୟ ବିଶାଳ ଓ କଳାନୈପୁଣ୍ୟ ମଣ୍ଡିତ ମନ୍ଦିର ସବୁ କ'ଣ ମୋଗଲମାନଙ୍କ ଦୃଷ୍ଟିରେ ପଡ଼ିନଥିଲା ?

ତା' ହେଲେ ଏମାନେ ଅକ୍ଷତ ରହିଲେ କେମିତି ? କେହି ବି ତ ରୋକି ନଥିଲେ



ମୋଗଲମାନଙ୍କୁ ଏସବୁକୁ ମାଟିରେ ମିଶେଇ ଦବାକୁ । ତଥାପି ସେମାନେ ତତ୍ପର ହୋଇନଥିଲେ ଏ ଦିଗରେ । କେଉଁ 'ଅଦୃଶ୍ୟ' ତାଙ୍କୁ ରୋକିଲା, କେମିତି ବା ରୋକିଲା ??

ଆମ ପାଇଁ ସେ 'ଅଦୃଶ୍ୟ' ସବୁବେଳେ, ସବୁକାଳେ 'ଦୃଶ୍ୟମାନ' । ନିତ୍ୟ ନିୟତ ସେ ଆମ ସାଥେ ସାଥେ ବିଦ୍ୟମାନ । ସେ ଆମ ପାଇଁ ଈଶ୍ୱର ନୁହଁନ୍ତି କି କୌଣସି ମନ୍ଦିରରେ ପୂଜା ପାଉଥିବା ଦେବତା ନୁହଁନ୍ତି । ସେ ତ ଆମ କୁଟୁମ୍ବର ସବା ବଡ଼ ମୁରବି । ସେଇ ତ ଆମ କାଳିଆ । ଆମ 'ସାଥି-ସଖା-ସହୋଦର' ସବୁକିଛି ତାକୁ ନେଇ ଆମେ । ଆମକୁ ନେଇ ସେ ।

ଭାବି ଦେଖନ୍ତୁ ତ, ଯଦି ସତସତିକା ମୋଗଲ ଆକ୍ରମଣରେ ଆମର ସବୁଠାକ ମନ୍ଦିର ଧ୍ୱଂସ ପାଇଥାଆନ୍ତା, ତା'ହେଲେ ଆଉ କ'ଣ ବା ଥାଆନ୍ତା, ଯାହାକୁ ନେଇ ଆମେ ଗର୍ବ କରିଥାଆନ୍ତେ ବା ବିଶ୍ୱ ଦରବାରରେ ମୁଣ୍ଡ ଟେକି ଠିଆ ହୋଇଥାନ୍ତେ ?

ସେଇ ମନ୍ଦିର ଓ କୀର୍ତ୍ତିରାଜିମାନଙ୍କ ସହ ଆମ ଅସ୍ତିତ୍ୱ ବି ସବୁଦିନ ପାଇଁ ମାଟିରେ ମିଶି ଯାଇଥାନ୍ତା । ଓଡ଼ିଶା ନ ଥାନ୍ତା କି ଆମେ ନଥାନ୍ତୁ ।

ଏପରିକି, ପୁରୀ ଶ୍ରୀମନ୍ଦିରକୁ ମାଟିରେ ମିଶେଇଦବାପାଇଁ ଆଉରଙ୍ଗଜେବଙ୍କ କଡ଼ା ନିର୍ଦ୍ଦେଶ ଥିଲା । ସେଥିପାଇଁ ୧୬୯୨ରେ ସବୁ ପ୍ରସ୍ତୁତି ବି ସରିଥିଲା । ହେଲେ ଖୋର୍ଦ୍ଧା ଗଜପତି ମୋଗଲ ସୁବାଦାର ଏକ୍ରାମ୍ ଖାଁଙ୍କୁ ଏତେ ପରିମାଣରେ ଉତ୍କୋଚ ଦେଲେ ଯେ, ସେ ଏଥିରୁ ବିରତ ରହିଲା । ଆଉ ଜଗନ୍ନାଥଙ୍କ ଅବିକଳ ଏକ ନକଲି ମୂର୍ତ୍ତି ଆଉରଙ୍ଗଜେବଙ୍କ ପାଖକୁ ପଠାଇ ଦିଆଗଲା, ତାଙ୍କ ମନରେ ମନ୍ଦିର ଭଙ୍ଗା ନେଇ ବିଶ୍ୱାସ ଜନ୍ମେଇବା ପାଇଁ । ଅର୍ଥ ଆଗରେ କାଳେ କାଳେ ହାର୍ ମାନିଛି ଧର୍ମ ଓ ଆନୁଗତ୍ୟ ।

ଶ୍ରୀମନ୍ଦିରକୁ ରକ୍ଷା କରିବା ଦିଗରେ ଗଜପତିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋଚନା ନ କଲେ, ତାଙ୍କ ପ୍ରତି ଏବଂ ଇତିହାସ ପ୍ରତି ଅନ୍ୟାୟ ହେବ । ଶ୍ରୀମନ୍ଦିର ପ୍ରତି ବିପଦ ଘନେଇ ଆସିବା ବେଳକୁ ମୁକୁନ୍ଦଦେବ ଆଉ ଇହଜଗତରେ ନାହାନ୍ତି । ଅବଶ୍ୟ ତାଙ୍କ ବେଳେ ବି ମୋଗଲ ସେନା ଚାଳନା ହୋଇଥିଲା ପୁରୀ ଅଭିଯାନ ପାଇଁ । ହେଲେ, ପିପିଲି ଠାରେ ସେନାକୁ ଅଟକି ଯିବାକୁ ପଡ଼ିଥିଲା । ଶ୍ରୀମନ୍ଦିର ଆକ୍ରମଣର ଉଦ୍ଦେଶ୍ୟ ନେଇ ସୁବାଦାର ଆବୁ ନାସେର୍ ନେତୃତ୍ୱରେ ମୋଗଲ ସେନା ପିପିଲି ଠେଇଁ ପହଂଚିଲା ବେଳକୁ ଆରମ୍ଭ ହୋଇଯାଇଥିଲା ସାଂଘାତିକ ଝଡ଼ । ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ । ତୁହାକୁ ତୁହା ବର୍ଷା ସାଙ୍ଗକୁ ସୁ ସୁ ପବନ ବୋହିବା ଆରମ୍ଭ ହୋଇଥିଲା । ସତେ ଅବା କାଳିଆ ନିର୍ଦ୍ଦେଶରେ ପ୍ରକୃତି ରଚିଥିଲା ଏ ତାଣ୍ଡବ ଲୀଳା ମୋଗଲ ସେନାକୁ ଅଟକେଇବା ପାଇଁ । ଝଡ଼ ଥମି ଆସିଲା ବେଳକୁ ମୁକୁନ୍ଦଦେବ ମନ ଚାହି ବକ୍‌ସିସ୍ ଗୁଂଜି ଦେଇଥିଲେ ମୋଗଲ ସୁବାଦାର ହାତରେ । ପିପିଲି ଠୁ ମୋଗଲ ସେନା ଫେରିଯାଇଥିଲା କଟକ । ୧୬୮୮ରେ ମୁକୁନ୍ଦ ଦେବ ଆଖି ବୁଜିଲେ ଓ ସିଂହାସନରେ ବସିଲେ ଦିବ୍ୟସିଂହ ଦେବ । ଗାଦିରେ ବସିବାର ମାତ୍ର ଚାରିବର୍ଷ ଭିତରେ ହିଁ ସୁବାଦାର ଏକରାମ୍ ଖାଁ ସମ୍ରାଟ ଆଉରଙ୍ଗଜେବଙ୍କ ନିର୍ଦ୍ଦେଶରେ ମାଡ଼ି ଆସିଥିଲେ ଶ୍ରୀମନ୍ଦିର ଧ୍ୱଂସ କରିବାପାଇଁ । ଏ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଦିବ୍ୟସିଂହ ଦେବଙ୍କ ପାଖରେ ନା ସାମର୍ଥ୍ୟ ଥିଲା ନା ସମ୍ବଳ । ରଣପୁର, ବାଙ୍କି, ମାଲୁଦ, ଅନ୍ଧାରିର ରାଜା ଓ ଜମିଦାରଙ୍କ ସମେତ ଖୋର୍ଦ୍ଧାର ପ୍ରାୟ ସବୁ ସର୍ଦ୍ଦାର ଓ ଗଡ଼ନାୟକ ହାତ ଟେକି ଦେଇଥିଲେ ଓ ମୁଣ୍ଡ ପାତି ବରି ନେଇଥିଲେ ମୋଗଲ ଦାସତ୍ୱକୁ । କାହା ଭରସାରେ ଗଜପତି ଯୁଦ୍ଧ ଭୂଇଁକୁ ଓହ୍ଲାଇଥାନ୍ତେ । କିଏ ତାଙ୍କ ସେନାର ପରିଚାଳନା କରିଥାନ୍ତା ? କିଏ ଯୋଗାଇ ଥାନ୍ତା ହାତୀ, ଘୋଡ଼ା ? କେଉଁଠୁ ଆସିଥାନ୍ତା ରସଦ ? ଅଯଥା ପରାକ୍ରମ ଦେଖେଇ ଯୁଦ୍ଧ କରିଥିଲେ କେବଳ ଯାହା ପ୍ରାଣ ହରେଇବା ସାର ହୋଇଥାନ୍ତା ଓ ଶ୍ରୀମନ୍ଦିର ବି ମାଟିରେ ମିଶିଥାନ୍ତା । ସାମର୍ଥ୍ୟ ନଥିଲେ ଯୁଦ୍ଧ ନକରି ସନ୍ଧି କରିନେବା ହିଁ ସଫଳ କୂଟନୀତିର ମନ୍ତ୍ର । ଦିବ୍ୟସିଂହ ଦେବ ସେଇଆ ହିଁ କଲେ । ସୁବାଦାର ଏକରାମ ଖାଁ ସହ ସନ୍ଧି ହେଲା । ଯେମିତି ଆଉରଙ୍ଗଜେବ ମନରେ ସନ୍ଦେହ ନ ଉପୁଜେ, ଶ୍ରୀମନ୍ଦିର ଦୀର୍ଘ ପନ୍ଦର ବର୍ଷ ଧରି ବନ୍ଦ ରହିଲା । ଛତିଶା ନିଯୋଗ ନୀତି ମଧ୍ୟ ବନ୍ଦ ରହିଲା । ମହାପ୍ରଭୁଙ୍କୁ ରକ୍ଷା କରିବାକୁ ଯାଇ ଆମେ ମହାପ୍ରଭୁଙ୍କ ମୁହଁ ଚାହିଁବା ବନ୍ଦ କରିଦେଲୁ । ନହେଲେ ଶ୍ରୀମନ୍ଦିର ଅଚିରେ ପାଲଟିଥାନ୍ତା ଗୋଟେ ମାଟିକୁଦ । ଶ୍ରୀମନ୍ଦିରକୁ ରକ୍ଷା କରିବା ପାଇଁ ଗଜପତି ଦିବ୍ୟସିଂହ ଦେବଙ୍କ ପାରଦର୍ଶିତା ଓ ସଫଳ ଗୋଟି ଚାଳନାକୁ ତାରିଫ୍ କରିବାକୁ ହେବ । ମହା ପ୍ରତିପତ୍ତିଶାଳୀ ମୋଗଲ ସମ୍ରାଟ ଆଉରଙ୍ଗଜେବଙ୍କୁ ଜଗନ୍ନାଥଙ୍କ ନକଲି ମୂର୍ତ୍ତି ଦେଇ ଭଣ୍ଡାଇବା, ଆଉରଙ୍ଗଜେବଙ୍କ ଜାମାତା ଦୁର୍ଦ୍ଧର୍ଷ ଏକରାମ୍ ଖାଁକୁ ଉତ୍କୋଚ ଦେଇ ମନାଇବା ଏତେ ସହଜ ନଥିଲା । କେବଳ ସେତିକି ନୁହେଁ, ଦିବ୍ୟସିଂହ ଦେବ ଏକରାମ୍ ଖାଁଙ୍କୁ ଭେଟିବାକୁ କଟକ ଯାଇଥିବାବେଳେ ଅତି ଗୋପନରେ ବିଶ୍ୱସ୍ତ ସେବକମାନେ ତିନିଠାକୁରଙ୍କୁ ରତ୍ନ ସିଂହାସନରୁ ଓହ୍ଲେଇ ପ୍ରଥମେ ବିମଳା ମନ୍ଦିର ବେଢ଼ା ପଛପାଖେ ଲୁଚେଇ ରଖିଲେ ଓ ବିଜେ ପ୍ରତିମାମାନଙ୍କୁ ଚାନ୍ଦପୁର ପଠେଇ ସେଠାରୁ ଭାର୍ଗବୀ ନଈରେ ଡଙ୍ଗାରେ ନେଇ ଚିଲିକା କୂଳରେ କୋକଳଗଡ଼କୁ ପଠାଇବାର ବ୍ୟବସ୍ଥା କଲେ । ରାତିର ନିଶୁନ୍ ପହରରେ ଏ କାମ ଅତି ଗୋପନରେ ହେଲା ।

ମୋଗଲମାନଙ୍କୁ ଭୁଆଁ ବୁଲାଇବା ପାଇଁ



କାରିଗରମାନେ ସୁବାସିତ ଚନ୍ଦନ କାଠରେ ତିନି ଠାକୁରଙ୍କ ଅବିକଳ ତିନିଗୋଟି ସୁନ୍ଦର ମୂର୍ତ୍ତି ବନେଇ ଶ୍ରୀମନ୍ଦିରରେ ରଖିଦେଲେ । ୧୬୯୨ ମସିହା ମେ ମାସ ୧୬ ତାରିଖ ସକାଳୁ ସକାଳୁ ମୋଗଲ ସେନାପତି ମୀର୍ ସୟଦ୍ ମହମ୍ମଦ ୫୦ ଜଣ ଅଶ୍ୱାରୋହୀ ସୈନ୍ୟଙ୍କ ସହ ଆସି ଶ୍ରୀମନ୍ଦିର ସିଂହଦ୍ୱାର ସାମ୍ନାରେ ପହଞ୍ଚିଲା । ଗତପତି ଦିବ୍ୟସିଂହ ଦେବ ସିଂହଦ୍ୱାର ଠି ଉପସ୍ଥିତ ଥାଆନ୍ତି । ସମସ୍ତଙ୍କ ଉପସ୍ଥିତିରେ ସିଂହଦ୍ୱାର ଗୁମୁଟର କିଛି ଅଂଶ ଭାଙ୍ଗିଦିଆଗଲା ଏବଂ ସେଇଠି ରଖା ହୋଇଥିବା ରାକ୍ଷସାକୃତି ଏକ ପଥର ମୂର୍ତ୍ତିକୁ ମଧ୍ୟ ଭାଙ୍ଗି



ଦିଆଗଲା । ମୀର୍ ସୟଦକୁ ମନ୍ଦିର ଭିତରେ ପଶେଇ ନ ଦେବାପାଇଁ ସେବକମାନେ ତୁରନ୍ତ ଚନ୍ଦନ କାଠରେ ନିର୍ମିତ ତିନୋଟି ମୂର୍ତ୍ତିକୁ ଆଣି ତା ସାମ୍ନାରେ ଥୋଇଦେଲେ । ମହାପ୍ରଭୂ ଜଗନ୍ନାଥଙ୍କ ମୂର୍ତ୍ତିକୁ ଜୀବନ୍ତ ରୂପ ଦେବାପାଇଁ ଦୁଇ ଆଖିରେ ଦୁଇଟି ମୂଲ୍ୟବାନ ଉଜ୍ଜ୍ୱଳ ମଣି ଖଂଜି ଦିଆଯାଇଥିଲା । ହେଲେ, ଏ ଉପାୟ କାଟୁ କଲାନି । ମୀର୍ ସୟଦ ଜିଦି କଲା, ମନ୍ଦିର ଭିତରେ ପଶିବାକୁ । ବାଧା ଦେବା ସମ୍ଭବ ନଥିଲା । ମନ୍ଦିରରେ ପଶି ମୀର୍ ସୟଦ ରତ୍ନ ସିଂହାସନ ଯାଏଁ ଗଲା । ରତ୍ନ ସିଂହାସନ ଖାଲି ପଡ଼ିଥିବାର ଦେଖି ସେ ତା' ଉପରେ ଚଢ଼ିଗଲା ଆଉ ଉନ୍ମତ୍ତଙ୍କ ଭଳି ନାଚିବାରେ ଲାଗିଲା । ସ୍ୱୟଂ ଗଜପତି, ପାଳିଆ, ସେବକ, ପଣ୍ଡାଏ ହାଁ କରି ଚାହିଁଥାନ୍ତି । ରୋକିବାର ଶକ୍ତି ନଥିଲା । ଆଖି ଲୁହ ବନ୍ଧବାଡ଼ ମାନୁନଥାଏ । ରକ୍ତରେ ନିଆଁ ଚରି ଯାଉଥାଏ । ଛାତି ଫାଟିଗଲା ଭଳି ଲାଗୁଥାଏ । ମୀର୍ ରତ୍ନ ସିଂହାସନ ଉପରେ ନାଚୁ ନଥିଲା । ନାଚୁଥିଲା ଆମ ଓଡ଼ିଆଙ୍କ ଛାତି ଉପରେ । ତା'ର ଉନ୍ମତ୍ତ ନୃତ୍ୟ ସତେ ଯେମିତି ଆଘାତ ହାଣୁଥିଲା ଆମ ଅସ୍ତିତ୍ୱ ଉପରେ, ଉପହାସ କରୁଥିଲା ଶହ ଶହ ବର୍ଷର ଆମ ଐତିହ୍ୟକୁ । ବୋଧହୁଏ, ଏଭଳି ଦୁର୍ଭାଗ୍ୟ ଆଉ କୌଣସି ଗଜପତିଙ୍କୁ ଜୁଟିନଥିଲା । ତାଙ୍କରି ଆଖି ସାମ୍ନାରେ ଗୋଟେ ବିଧର୍ମୀ କୋଟି ପ୍ରାଣର ଦେବତାଙ୍କ ଆସ୍ଥାନ ଉପରେ ନୃତ୍ୟ କରୁଥିଲା, ଆଉ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଚାହିଁ ରହିଥିଲେ । ତାଙ୍କ ତରବାରି କୋଷରୁ ମୁକ୍ତ ହେବାପାଇଁ ଛଟପଟ ହେଉଥିଲା । ଥରକରେ ମୀର୍ ସୟିଦ୍‌ର ମୁଣ୍ଡ ଗଣ୍ଡିରୁ ଅଲଗା ହୋଇ ଲୋଟିଥାନ୍ତା ଚଟାଣରେ । ହେଲେ, ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଚୁପ୍‌ଚାପ୍ ତାଙ୍କୁ ଏ ଅପମାନ ସହିନେବାକୁ ପଡ଼ିଥିଲା ।

ରତ୍ନ ସିଂହାସନରୁ ଓହ୍ଲେଇ ମୀର୍ ମନ୍ଦିରର ଦକ୍ଷିଣ ଦ୍ୱାରକୁ ପଥର ବାଡ଼ ଦେଇ ମୁଦ କରାଇଲା । ମନ୍ଦିରରୁ ବାହାରି ଆସି ସିଂହଦ୍ୱାରକୁ ମଧ ପଥର ବାଡ଼ ଦେଇ ମୁଦ କରାଇଲା । ତା'ପରେ ତିନି ମୂର୍ତ୍ତି ମଧ୍ୟରୁ କେବଳ ଜଗନ୍ନାଥଙ୍କ ମୂର୍ତ୍ତିଟିକୁ ଚମଡ଼ାରେ ବାନ୍ଧି କଟକ ନେଇଗଲା । ଏଣିକି ସଭିଏଁ ଶାନ୍ତିରେ ନିଃଶ୍ୱାସ ମାରିଲେ । ସେହି ଦିନଠାରୁ ମନ୍ଦିରର ସମସ୍ତ ବାହାର ନୀତି ଓ ଯାନି ଯାତ୍ରା ବନ୍ଦ ହୋଇଗଲା । ବାହାର ନିଯୋଗ ବି ବନ୍ଦ ହୋଇଗଲା । ଏପରିକି ବଡ଼ ଏକାଦଶୀରେ ମନ୍ଦିର ଉପରକୁ ଦୀପଟିଏ ବି ଉଠିଲାନି । ଲୁଚାଛପାରେ ସ୍ନାନ ଯାତ୍ରା ଓ ଗୁଣ୍ଡିଚା ଯାତ୍ରା କେବଳ ସାଂକେତିକ ଢଙ୍ଗରେ ମନ୍ଦିର ଭିତରେ ପାଳନ କରାଗଲା । ଦକ୍ଷିଣ ଦ୍ୱାର ଚୋରା କବାଟ ଦେଇ ପ୍ରତିଦିନ ମାତ୍ର ସତର ଜଣ ସେବକ ବିନା ଘଣ୍ଟା କାହାଳୀରେ ପୂଜା କରିଦେଇ ଯାଆନ୍ତି । ବିଧି ରଖିବା ପାଇଁ ସାମାନ୍ୟ ମହାପ୍ରସାଦ ଭୋଗ ଲଗେଇ ସେଇ ସତର ଜଣ ମନ୍ଦିର ଭିତରେ ପାଇ ଦେଇଯାନ୍ତି ।

୧୬୯୨ରୁ ୧୭୦୭ – ଦୀର୍ଘ ପନ୍ଦର ବର୍ଷ ଆଉରଙ୍ଗଜେବ ଭୟରେ ଶ୍ରୀମନ୍ଦିର ବନ୍ଦ ହୋଇ ରହିଲା । ତେଣେ ମହାପ୍ରଭୁ ରହିଲେ ଚିଲିକା କୂଳ ବାଣପୁରରେ ।

ଓଡ଼ିଶା ପାଇଁ ଏ ଥିଲା ସବୁଠୁ କଠିନ ସମୟ । ଅନ୍ଧାରି ଯୁଗ । ଭୟ ଓ ଅସହାୟତାରେ କାଳ କାଟୁଥିଲେ ରାଜା ଓ ପ୍ରଜା । ଅପେକ୍ଷା କରିବା ଛଡ଼ା ଆଉ ବାଟ କିଛି ନଥିଲା, କେବେ ଅତ୍ୟାଚାରୀ, ଧର୍ମାନ୍ଧ ଆଉରଙ୍ଗଜେବର ମୃତ୍ୟୁ ହେବ, ଆଉ ମହାପ୍ରଭୁ ଫେରିବେ ଶ୍ରୀମନ୍ଦିରକୁ । ମୋଗଲ କବଳରୁ ରକ୍ଷା ପାଇବାର ଅନ୍ୟ ଉପାୟ ନଥିଲା । ଧନ, ଜନ, ମାନ-ସମ୍ମାନ ସବୁକିଛି ହରାଇ ଓଡ଼ିଆ ଜାତି ପଙ୍ଗୁ ହୋଇପଡ଼ିଥିଲା ।


ଏ ଅପେକ୍ଷାରେ ଅନ୍ତ ଘଟିଲା ୧୭୦୭ରେ, ଯେବେ ଆଉରଙ୍ଗଜେବଙ୍କ ମୃତ୍ୟୁ ଘଟିଲା । ତେଣିକି ମୋଗଲ ସାମ୍ରାଜ୍ୟର ପତନ ଆରମ୍ଭ ହେଲା ।

ଶ୍ରୀମନ୍ଦିର ଖୋଲିବାର ବାଟ ଫିଟିଲା ।

*With Best Compliments from*

# A Well Wisher

ଧାରାବାହିକ
ଚରିତ୍ର-ଉପନ୍ୟାସ




# ଦାମେ ଆପଣେ

## ୪

# ଦାସେ ଆପଣେ

**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୂଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଦୈତାରିଙ୍କ ସ୍ୱପ୍ନରେ ଡେଣା ଗଜୁରିବା ଆରମ୍ଭ କରିଦେଇଥିଲା । ପିଲାଙ୍କ ଭବିଷ୍ୟତକୁ ନେଇ ସେ ଯୋଜନାବଦ୍ଧ ଭାବେ ଯେତେସବୁ କାମ କରି ଆସିଛନ୍ତି ସେସବୁ ଯେ ନିରର୍ଥକ ହୋଇନାହିଁ ଏକଥା ସେ ଧୀରେଧୀରେ ହୃଦୟଙ୍ଗମ କରୁଥିଲେ । ନିଜର କୃତିତ୍ୱ ମାଧ୍ୟମରେ ଗୋପ ତାଙ୍କୁ ଜଣେ ଗର୍ବିତ ପିତାରେ ପରିଣତ କରି ଚାଲିଥିଲା । ତା'ର ଆଗାମୀ ଜୀବନକୁ ନେଇ ତାଙ୍କ ମନରେ କଳ୍ପନାର ଯେଉଁ କଢି ଧରିଥିଲା, ଏବେ ଆସ୍ତେଆସ୍ତେ ତାହା ପାଖୁଡା ମେଲିବା ଆରମ୍ଭ କଲାଣି । ସଦାଶିବ ଆପଣେଙ୍କ ତତ୍ତ୍ୱାବଧାନରେ ଓ ମାର୍ଗଦର୍ଶନରେ ଗୋପ ପରୀକ୍ଷାରେ ଢେର୍ ଭଲ କରିଥିଲା । ରୂପଦେଇପୁର ମିଡିଲ୍ ଭର୍ଣ୍ଣାକୁଲାର୍ ବିଦ୍ୟାଳୟରୁ ସେ କୃତିତ୍ୱର ସହ ଶିକ୍ଷା ଶେଷ କରିଥିଲା । ଏ ଖବର ସହ ଯୋଡି ହୋଇଥିଲା ଗୋପ ବୃତ୍ତି ପାଇଥିବାର ଚମକପ୍ରଦ କଥା । ତେଣୁ ମୁକ୍ତିଆରଙ୍କ ଗୋଡ ତଳେ ଲାଗୁନଥାଏ । ଗାଁ, ସାକ୍ଷୀଗୋପାଳ ବା ପୁରୀ ଯେଉଁଠିକି ବି ସେ ଯା'ନ୍ତି ପରିଚିତ ଲୋକ, ଜ୍ଞାତିକୁଟୁମ୍ବଙ୍କ ମେଳରେ ଗୋପ କୃତିତ୍ୱର ବୟାନ୍ ଦେବାକୁ ଭୁଲୁ ନଥାନ୍ତି । ଗୋପ ବଡ ହୋଇ କଣ ହେବ, କି ଚାକିରୀ କରିବ, କେତେ ରୋଜଗାର କରିବ ଏ କଥା ତାଙ୍କ ଲାଗି ବିଶେଷ ଗୁରୁତ୍ୱ ବହନ କରୁନଥାଏ । ସେ ଯେ ଉଚ୍ଚଶିକ୍ଷା ପାଇବ,ଦଶ ଜଣରେ ଜଣେ ହୋଇ ଠିଆ ହେବ, ସାଧାରଣରେ ଅଲଗା ହୋଇ ଗଣା ହେବ, ଏତିକି କଥା ତାଙ୍କ ମନରେ ପରମ ଉଲ୍ଲାସ ଭରି ଦେଉଥାଏ । ଏମିତିରେ ସ୍ୱଚ୍ଛଳ ଭାବେ ଚଳିବା ଲାଗି ଈଶ୍ୱର ତାଙ୍କୁ ଢେର୍ ସ୍ଥାବର ଅସ୍ଥାବର ସମ୍ପତ୍ତି ଦେଇଛନ୍ତି । ତେଣୁ ଗୋପ ଯେ ପାଠ ପଢି ଚାକିରୀ କଲେ ଘରକୁ ଚାଉଳ କିଣା ହେବ, ସେକଥା ନୁହେଁ । ବରଂ ଶିକ୍ଷିତଙ୍କ ଦୁନିଆଁରେ ତା'ର ବଢତି ଏକୁଳର ମୁହଁ ଉଜ୍ଜ୍ୱଳ କରିବ । ସେ ଦିନରାତି ଭାବିତ ହୁଅନ୍ତି – ଗୋପ ପୁରସ୍ତମ ଯିବ, ଗାଁ ର ଅପନ୍ତରାରୁ ବାହାରି ନୂଆ ଦୁନିଆଁ ଦେଖିବ, ନୂଆ ପାଠର ଆଲୁଅରେ ଦାଉଦାଉ ଝଟକିବ । ନିଜକୁ ଭଲକରି ଗଢିବ, ମହତ୍‌ମାନଙ୍କ ସହ ମିଶି ନିଜକୁ ଆହୁରି ଫିଟାଇବ, ବାହାରର ପବନରେ ଅନ୍ତରର ନିଆଁ ଝୁଲ ଟିକକୁ ଶିଖାରେ ପରିଣତ କରିବ । ନନା ହିସାବରେ ସେ ଖାଲି ତା'ର ସହାୟତା କରିଯିବେ, ତା' ପାଇଁ କଣ ଲୋଡା ଯୋଗାଡିବାରେ ଲାଗି ପଡିବେ । ଆଉ ପୁଅ ନାରଣ ଭିତରେ ସେ ଜ୍ଞାନର ଶୋଷ ଦେଖି ନାହାନ୍ତି । ସେ ବିଷୟୀ ମଣିଷ ପରି ଲାଗେ । ଗାଁରେ ରହି ସେ ବରଂ ଜମିଦାରୀ ସମ୍ଭାଳିବା ଶିଖୁ । ତାର ହିସାବୀ ବୁଦ୍ଧି । ହେଲେ ଗୋପ କେମିତି ଅଲଗା । ତା' ଭିତରେ କେତେ ପ୍ରକାରର କହି ନହେଲା, ବୁଝାଇ ନପାରିଲା ଭଳି ଭାବ । କୌଣସି କାମ କଲା ବେଳେ ସେ ଏକବାର ସେଥିରେ ତନ୍ମୟ । ସେ ଭାଗବତ ଆବୃତ୍ତି ହେଉ କି ବହି ପଢା କାହାର ଦୁଃଖକଷଣ ଦେଖିଲେ ନିଜେ ଛଳଛଳ । ଆଉ ଗୋଟିଏ କଥା ଦଇତାରି ସ୍ଥିର କରିନିଅନ୍ତି, ଗୋପର ଆଗାମୀ ଦିନର ଶିକ୍ଷା ପୁରୀ ଜିଲ୍ଲା ସ୍କୁଲ୍‌ରେ ହେବ । ସେଠି ଗୁଣୀଜ୍ଞାନୀ ଶିକ୍ଷକମାନେ ତାକୁ ଘଷିମାଜି ଉଜ୍ଜ୍ୱଳ କରିବେ । ଏସବୁ ବାଦ୍ ସେ ପାଞ୍ଚ କରନ୍ତି ଗୋପର କେହି ଜଣେ ଅଭିଭାବକ ପରି ରହନ୍ତା । ତା'ର ଏସବୁ ଗୁଣ ମୂଳରେ ପାଣି ଛିଞ୍ଚି ପାରନ୍ତା । ଚାରାଟି ବଢିବା ବେଳେ ମୂଳରେ ତାର ଖତସାର ଦେଇପାରନ୍ତା । ନ ହେଲେ ବିଦ୍ୟାଳୟରେ ତ କେତେ କିଏ ପଢୁଛନ୍ତି, ବିଦ୍ୟା ଶେଷ ହେଲେ ଗୋଲାମି କରୁଛନ୍ତି, ପିଲା ମାଇପ ପୋଷି, ଲାଞ୍ଚ ଖାଇ ବୁଢା ହଡା ହେଇ ମଶାଣିକୁ ବାଟ କାଟୁଛନ୍ତି ।

ରୂପଦେଇପୁରରେ ସଦାଶିବ ଆପଣେ ଗୋପର ମୁରବୀ ଥିଲେ । ପୁରୀରେ ସେପରି ଜଣେ କିଏ ମିଳନ୍ତା । ଏ ବାବଦରେ ଢେର୍ ଚିନ୍ତା କରି ତାଙ୍କ ମନକୁ ଆସିଥିଲେ ରାମଚନ୍ଦ୍ର ଦାସ । ଥରେ ଗୋପକୁ ମଧ୍ୟ ଏ ସଂପର୍କରେ ସୂଚାଇଥିଲେ ଦଇତାରି । ନୂଆ କଥା ନୂଆ ଚିନ୍ତା ନୂଆ ମଣିଷ ପାଇଁ ସଦା ଉତ୍ସାହୀ ଗୋପ ତାଙ୍କ ସମ୍ବନ୍ଧରେ ନନାଙ୍କୁ ପଚାରିଥିଲା କେତେ ନାଇଁ କେତେ ପ୍ରଶ୍ନ ।

– ନନା ରାମଚନ୍ଦ୍ର ଦାସ କଣ କରନ୍ତି ?

– ସେ ମୋରି ପରି ପୁରସ୍ତମ୍ବରେ ମୁକ୍ତିଆରୀ କରନ୍ତି ।

– ମୋ ପାଠପଢା କଥା ସେ କେମିତି ବୁଝିବେ ? ସେ ତ ଆଉ ସଦାଶିବ ଆପଣେଙ୍କ ପରି ଶିକ୍ଷକ ନୁହଁନ୍ତି

– ନାଇଁରେ ବାପା ସେ ଖାଲି ବୃତ୍ତି ଏ ମୋ ପୋଷେ କୁଟୁମ୍ବ ନ୍ୟାୟରେ କଚେରି ଯା'ନ୍ତି । ହେଲେ ତାଙ୍କ ମନ ଯାଇ ଆଉ କେଉଁଠି ଥାଏ ।

– ଆଉ କେଉଁଠି ? ଆଉ ଅଲଗା କଣ ବା ସେ କରନ୍ତି ?

– ଆଉ କଣ କରନ୍ତି ତୁ ପୁରୀ ଗଲେ ବଳେ ଜାଣିବୁ ନାଇଁ ।

– ତାଙ୍କ ଘର କଣ ପୁରୀ ?

– ନା ତାଙ୍କ ମୂଳ ଘର ଭିଙ୍ଗାରପୁର । ହେଲେ ସେ ଅନେକ ସମୟରେ ପୁରସ୍ତମ୍ବରେ ଥାଆନ୍ତି । ପୁରୀରେ ଦଇତାପଡା ସାହି ତାଙ୍କର ଆବାସ ।

– ସେ ଆଉ କଣ କରନ୍ତି କହିଲ ନାହିଁ ତ ନନା ?

– ସେ ବଡ ଲୋକପ୍ରାଣ । କାହା ଘରେ ଖାଇବାକୁ ନାହିଁ ସେ ପହଞ୍ଚିବ ତାଙ୍କ ପାଖେ, କାହାର ଚିକିତ୍ସା ପାଇଁ ଅର୍ଥ ଲୋଡା, ସେ ଖୋଜିବ ତାଙ୍କୁ, କାହାର ପିନ୍ଧିବାକୁ ନାହିଁ, ସେ ବି ଆଶ୍ରା କରିବ ତାଙ୍କୁ । ସେ ହେଲେ ଦେଶପ୍ରାଣ କର୍ମବୀର । ଦେଶ ପାଇଁ ସ୍ୱପ୍ନ ଦେଖୁଥିବା ଦିବ୍ୟପୁରୁଷ । ସେ ପୁରସ୍ତମ୍ବର ମୁକ୍ତିଆର୍‌ମାନଙ୍କ ଭିତରେ ନାଁ ଡାକ, କାରଣ ସେ ପାସ୍ କରା ମୁକ୍ତିଆର୍ । ବଡ ଉଦାରହୃଦୟ, ପୁଣି ଧୀମାନ୍ ।

ରାମଚନ୍ଦ୍ର କଣ ପଢ଼ିଛନ୍ତି, କଣ ବୁଝନ୍ତି ନ ବୁଝନ୍ତି, ଏକଥା ଗୋପ ମନରେ ଯେତେ ରେଖାପାତ ନକଲା ସେ ଯେ ଜାତି ଚିନ୍ତାରେ ଅଧୀର, ଏକଥା ତା' ମନର କୋମଳ ତନ୍ତ୍ରୀରେ ଶିହରଣ ଖେଳାଇ ଦେଲା । ତା' ମନ ଆନନ୍ଦରେ ଆଲୋଡିତ ହୋଇ ଉଠିଲା ।

– ତାଙ୍କ ଘରେ ଆଉ କିଏ ସବୁ ଅଛନ୍ତି ନନା ?

– ଘରେ ତାଙ୍କର ଦୁଇ ପୁଅ, ଭାରିଯା ଆଉ ଚାକର ଟୋକାଟିଏ । ରୋଷେଇ କରିଦେବା ଲାଗି ପୂଜାରୀ ବି ରଖିନାହାନ୍ତି । ମୋ ଘର ମୋ ସଂସାର ମୋ ପିଲେ ଏ ପଦ ତାଙ୍କ ପାଟିରୁ କେହି କେବେ ଶୁଣିନି । ଘର ତା ବାଟରେ । ସେ ଆଡକୁ ଏତେ ନିଘା ବି ନାହିଁ । ରୋଗବାଧିକାରେ ନିଜ ଦିହ ଖଣ୍ଡକ ପ୍ରତି ଆଦର ଯତ୍ନ ବି ନାହିଁ । ରାତି ଦିନ ପରର ଦୁଃଖ ପରର କାମ ।

ଗୋପ କେମିତି ତଟସ୍ଥ ହୋଇ ଶୁଣୁଥାଏ ଆଉ ଦଇତାରି କାଳିସୀ ଲାଗିବା ପରି ରାମଚନ୍ଦ୍ରଙ୍କ ସମ୍ବନ୍ଧରେ ଗପି ଚାଲିଥାନ୍ତି ଅନର୍ଗଳ ।

ରାମଚନ୍ଦ୍ରଙ୍କର ରାତି ଦିନ ଗୋଟିଏ ଚିନ୍ତା ଗରିବ ପିଲାଏ କେମିତି ପାଠ ପଢିବେ । ନିଜର ନୈତିକ ଗୌରବ ପାଶୋରି ସାରିଥିବା ବ୍ରାହ୍ମଣ ପିଲାଏ କିପରି ସେ ବିଷୟରେ ସଚେତନ ହେବେ, ଓଡିଆ ପିଲାଏ କେମିତି ଉଚ୍ଚ ଶିକ୍ଷା ପାଇବେ, ବିଦ୍ୟା ଅରଜି ସ୍ୱାର୍ଥପର ହେବେ ନାହିଁ ଦେଶ କାମରେ ମନ ଦେବେ । ଯଦି କିଏ ଅଭାବ ଅସୁବିଧାରେ ବାଟରେ ଅଟକି ରହୁଛି ତାର ସମସ୍ୟା କେମିତି ଦୂର ହେବ । କାଳ ଗ୍ରାସରେ ଯେଉଁ ମୂଲ୍ୟବୋଧ ସବୁ ହଜି ଯାଉଛି ସେ ସବୁର କେମିତି ପୁନରୁଦ୍ଧାର ହେବ, ଓଡିଆ ପିଲାଏ କେମିତି ଉଚ୍ଚାକାଂକ୍ଷୀ ହେବେ, ସଂସ୍କୃତି, ସମାଜ ଓ ସାହିତ୍ୟ କ୍ଷେତ୍ରରେ କାମ କରି ଜାତିର ଟେକ ରଖିବେ, ଏଇ ତାଙ୍କର ଧ୍ୟେୟ ।

ନନାଙ୍କ ଠାରୁ ଗୋପ ଗୋଟିଏ କଥା ବରାବର ଶୁଣେ– ଛାତ୍ରାଣାଂ ଅଧ୍ୟୟନ ତପଃ । ସେତିକିରେ ତାଙ୍କ ପ୍ରତି ଅସମ୍ଭବ ଭାବେ ସମ୍ମାନ ବଢିଯାଏ । ହେଲେ ମୁକ୍ତିଆରୀ ରୋଜଗାରରେ ଜିଉଁଥିବା ଲୋକ ଜଣଙ୍କର ଏ ଯେଉଁ ଚରିତ୍ର ଚିତ୍ରଣ କରାଗଲା ତାହା ଗୋପର କୋମଳ ଅନ୍ତରକୁ ଆହୁରି ଆର୍ଦ୍ର କରିଦେଲା । ପୁଣି ଥରେ ମନେ ପଡିଗଲେ ସଦାଶିବ ଆପଣେ । ସ୍ମରଣକୁ ଆସିଲା ତାଙ୍କର ପ୍ରାଚୀନ ସାହିତ୍ୟ ଚର୍ଚ୍ଚା, ଜାତିର ଅତୀତ ଗୌରବର ଆବେଗମୟ ବୟାନ, ଗରିବ ନିଆଶ୍ରୀ ପିଲାଙ୍କୁ ଅଭୟ ପ୍ରଦାନର କଥା । କ୍ଷଣକ ପାଇଁ ଅନ୍ୟମନସ୍କ ଗୋପ ପୁଣି ଚେତି ଉଠିଲା ନନାଙ୍କ କଥାରେ ।

– ରାମଚନ୍ଦ୍ରଙ୍କ ରୋଜଗାରର ସିଂହ ଭାଗ ଯାଏ ଗରିବ ପିଲାଙ୍କୁ ସାହାପକ୍ଷ



ହେବାରେ । ଘର ଛାଡି ସହରକୁ ବିଦ୍ୟା ଅରଜିବାକୁ ଆସି ପିଲାଏ କେମିତି ଚଳୁଛନ୍ତି, କଣ ଖାଉଛନ୍ତି ଏକଥା ସେମାନଙ୍କ ଅଭିଭାବକମାନଙ୍କ ଅପେକ୍ଷା ସେ ବେଶୀ ଭାଳନ୍ତି । ସେମାନେ ଖାଲି ପାଠ ବହି ପଢି ସନ୍ତୁଷ୍ଟ ହୋଇ ଯାଉଛନ୍ତି କି ? ଆଖି ପାଉନଥିବା ଏତେ ବଡ ଦୁନିଆଁର ଖବର ପିଲାଏ ଜାଣିବାକୁ ହୁଏତ ସୁଯୋଗ ପାଉ ନଥିବେ ।

ସେମାନେ ଦେଶର ଦୁରବସ୍ଥା ଜାଣିବା ଉଚିତ । ଏମିତି ଚିନ୍ତା କରୁକରୁ ସେ ବହୁ ବିଦ୍ୟାର୍ଥୀଙ୍କ ଅଭିଭାବକ ହୋଇ ପଡିଛନ୍ତି । ତାଙ୍କ ଘରେ ବସାଇଛନ୍ତି ପାଠାଗାର । କରୁଛନ୍ତି ନିୟମିତ ଆଲୋଚନା । ପିଲାମାନଙ୍କୁ ପାଖରେ ପାଇଲେ ସେ ହଜି ଯାଆନ୍ତି କୋଉ ଭାବଲୋକରେ । କୋଉ ପିଲା ପ୍ରବେଶିକା ପରୀକ୍ଷାରେ ଭଲ କଲା ତା କଥା ବୁଲିବୁଲି ଦୁନିଆଁ ଲୋକଙ୍କୁ କହିବେ, ତା ନାଁ ଖବର କାଗଜରେ ଛପାଇବେ, କିଏ ଯଦି ଚାକିରୀ ପାଲରେ ପଡି ଦେଶ ଚିନ୍ତା ମନରେ ନ ଘେନିଲା ବଡ ଆହତ ହେବେ ଆଉ ସେ ଦୁଃଖ ବି ଚାରିଆଡେ ଗାଇବେ ।

ଗୋପ ପାଇଁ ରାମଚନ୍ଦ୍ର ଧୀରେ ଯେମିତି ଜଣେ ଜ୍ୟୋତିର୍ମୟ ପୁରୁଷ ହୋଇ ଉଠୁଥାନ୍ତି । ତାଙ୍କ ଇଂରାଜୀ ଜ୍ଞାନ ସମ୍ବନ୍ଧରେ ବଡ ମଜା କଥା କହନ୍ତି ଦଇତାରି ।

– ରାମଚନ୍ଦ୍ର କହନ୍ତି ତାଙ୍କର ଇଂରାଜୀ ପଢା ଘୋଡା ଲେସନ ଯାଏଁ । ସେ ଏପରି କାହିଁକି କହନ୍ତି ତାର ମର୍ମ ଅଛି । ତାଙ୍କ ବିଦ୍ୟାର୍ଥୀ ଜୀବନର ପାଠ୍ୟକ୍ରମରେ ପ୍ୟାରୀଚରଣଙ୍କ ଫାଷ୍ଟ ବୁକ୍ ଥାଏ । ସେ ବହି ମାଧ୍ୟମରେ ପିଲାଏ ଇଂରାଜୀ ପଢା ଆରମ୍ଭ କରନ୍ତି । ବହିରେ ପାଞ୍ଚ କି ଛଅ ପାଠ ପରେ ଗୋଟିଏ ଘୋଡା ଚିତ୍ର ରଖା ଯାଇଥାଏ । ତା' ପରେ ଲେଖା ହୋଇଥାଏ ନିର୍ଦ୍ଧାରିତ ଶବ୍ଦଟିର ଇଂରାଜୀ ବନାନ ।

ଏଇ ବିଚିତ୍ର କାରଣରୁ ସେ ଘୋଡା ଲେସନର କଥା କହନ୍ତି ।

ଗୋପ ମନେ କରିଥିଲା ରାମଚନ୍ଦ୍ର ବଡ ଗମ୍ଭୀର ହୋଇଥିବେ, ହେଲେ ନନାଙ୍କ ବର୍ଣ୍ଣନା ତାକୁ ଉତ୍ସାହିତ କଲା ।

ଦଇତାରି ପୁଣି କହିଲେ– ତାଙ୍କୁ ଡରିବାର କିଛି ନାହିଁ । ସେ ବଡ ସରସ ସ୍ୱଭାବର ଲୋକ । ସେ ନିଜେ ସୁବକ୍ତା ହେଲେ ନିଜକୁ କାହା ଉପରେ ଲଦି ଦିଅନ୍ତି ନାହିଁ । ପିଲାଟିଏର ବିଚାରକୁ ବି ଏଡେ ସହଜରେ ଅଗ୍ରାହ୍ୟ କରି ଦିଅନ୍ତି ନାହିଁ । କାହା ଉପରେ ସହଜରେ ବିରକ୍ତ ହୁଅନ୍ତି ନାହିଁ ।

ସେ ଦିନର କଥା ସରେ । ଯଥା ସମୟରେ ବ୍ୟବସ୍ଥା ମୁତାବକ ଗୋପର ନାଁ ପୁରୀ ଜିଲ୍ଲା ସ୍କୁଲରେ ଲେଖା ହୋଇଯାଏ । ପୁରୁଣା ଏ ସହରକୁ ଆସି ଗୋପ ମନରେ କେତେ ବିସ୍ମୟ ଖେଳିଯାଏ । ଇଏତ ସହରଟିଏ ମାତ୍ର ନୁହଁ । କୋଟିକୋଟି ଓଡିଆଙ୍କ ଆସ୍ଥାର ନାଭିକେନ୍ଦ୍ର । ତା' ଜାତିର ଗଣଦେବତା ଶ୍ରୀଜଗନ୍ନାଥଙ୍କ ଲୀଳା ଭୂଇଁ । ତା ପାଇଁ ଏଠିକାର ପ୍ରତିଟି ବାଲି ରେଣୁ ପବିତ୍ର । ଏ ବାଲିରେ କେତେ ଶଂକର, ଚୈତନ୍ୟ, କବୀର, ନାନକ, ରାମାନୁଜଙ୍କ ପାଦ ପଡିଛି । ଯାର ଉଭା କେତେ ପୋତା କେତେ କିଏ ବା କଳି ପାରିବ ? ଏଠି ପୁଣି ଗରଜେ ମହୋଦଧି । ସବୁ ତୁଚ୍ଛତା, କ୍ଷୁଦ୍ରତାକୁ ଭୁଲାଇ ଡାକଦିଏ ବ୍ୟାପକ, ବିସ୍ତୃତ ଓ ଗଭୀର ହୋଇଯିବା ପାଇଁ । ଭିତରେ ଭିତରେ ଗୋପ ଉନ୍ମୁକ୍ତ ଓ ପ୍ରସାରିତ ହୋଇଯାଏ । ମନରେ ଖେଳେ କେତେ ନୂଆ ଚିନ୍ତା, କାନରେ ବାଜେ କେତେ ନୂଆ ଡାକରା । ହେଲେ ବାହାରକୁ ଗୋପ ଥାଏ ସେମିତି ମରହଟ୍ଟୀ । ପିନ୍ଧିବାରେ ସେଇ କଳାପାହାଡୀ ଧୋତି, ମୁଣ୍ଡରେ ବାରି ହୋଇ ପଡିବା ଭଳି ପେଣ୍ଡାଏ ବାଳ, ମୁହଁରେ ଗଜୁରୁଥାଏ ଦାଢୀନିଶ । ସେତେବେଳକୁ କେତେ ପିଲା ନିବ୍ ଲଗା ଝରକଲମ ବ୍ୟବହାର କଲେଣି । ହେଲେ ଗୋପର ସେଇ ପକ୍ଷୀ କଲମରେ ଶରଧା ।

ଜିଲ୍ଲାସ୍କୁଲରୁ ସମୁଦ୍ରକୂଳ ଯାଏଁ ସବୁ ଦେଖାଯାଏ ଖୋଲାମେଲା । ବାରଣ୍ଡାରେ ଠିଆ ହେଲେ ଦେଖିହୁଏ ମହୋଦଧିର ନୀଳ ଢେଉ । ଆଗକୁ ନଥାଏ ସେମିତି ଅଧିକ ଘର । ହେଡ୍ ପୋଷ୍ଟଅଫିସ୍ ସାମ୍ନାରେ ଥାଏ ଗୋଟିଏ ବୋଲି କୋଠା । ପାଠପଢା ନଥିଲେ ଗୋପର ଆଖି ଟାଣି ହୋଇଯାଏ ବଙ୍ଗୋପସାଗରର ଚିତ୍ରପଟ୍ଟ ପ୍ରାୟ ଚଳନ୍ତି ନୀଳିମା ଆଡକୁ ।

ଦେଖାଯାଏ ଦିଗବାରେଣୀ ଖମ୍ବ, ପବନର ବେଗ ମାପିବା ପାଇଁ ଥାପନା କରାଯାଇଥିବା ଯନ୍ତ୍ର । କେବେ କେମିତି ପାଲଟଣା ଜାହାଜ ବି ଦିଶେ । ଝାଉଁବଣ ଫାଙ୍କ ଦେଇ ଆସୁଥିବା ଶୀତଳ ପବନରେ ଦେହ ମନ ଉଲୁସି ଉଠେ । ଚହଲି ଯାଏ ଗୋପ ଭିତରର କିଶୋର କବିର ମନ । କେତେବେଳେ ମନରେ ଖେଳେ ଉଦାତ୍ତ ଭାବ ପୁଣି କେତେବେଳେ ସ୍ମୃତିରେ ଉକୁଟି ଉଠେ ଭାର୍ଗବୀ, ଝଲସି ଉଠେ ମୋତିର ରେଖା ଚିତ୍ର ।

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥାନ୍ତି ଗୋପାଳ ଦାସ ସରକାର । ବଙ୍ଗାଳୀ ଲୋକ, ବଡ ନିଷ୍ଠାପର । ଅନ୍ୟମାନଙ୍କ ଭିତରେ ଜଣାଶୁଣା ଥା'ନ୍ତି ।

ଦିବ୍ୟସିଂହ ମିଶ୍ର ଆଉ ମାଗୁଣି ଦାସ । ଗୋପର ନାଁ ସପ୍ତମ-ବି ଶ୍ରେଣୀରେ ଲେଖା ହୋଇଥାଏ । ଭର୍ଣ୍ଣାକୁଲାର୍ ବିଦ୍ୟାଳୟରେ ଇଂରାଜୀ ପଢିବାର ବ୍ୟବସ୍ଥା ନଥିଲା । ତେଣୁ ଗୋପକୁ ଏଠି ଇଂରାଜୀ ପଢିବାର ଆହ୍ୱାନ ସାମ୍ନା କରିବାକୁ ପଡେ । ଅହ୍ୱାନ ମାତ୍ରେ ଗୋପ ମନରେ ସାମ୍ନା କରିବା ଲାଗିଥାଏ ଅଦମନୀୟ ଦମ୍ଭ । ସବୁମତେ ଚେଷ୍ଟା କରି ସେ ଏ ଭାଷାରେ ପାରଙ୍ଗମ ହେବାକୁ ଲାଗି ପଡିଥାଏ । କଠିନ ପରିଶ୍ରମର ଫଳ ସ୍ୱରୂପ ଛଅ ମାସ ପରେ ସପ୍ତମ-ଏ ଶ୍ରେଣୀକୁ ଉଠେ । ପୁଣି ଡବଲ୍ ପ୍ରମୋଶନ ପାଇ ଉଠେ ସପ୍ତମ(ପଞ୍ଚମ) ଶ୍ରେଣୀକୁ । ଏମିତି ଅଷ୍ଟମ(ଚତୁର୍ଥ) ଶ୍ରେଣୀରେ ପହଂଚିଲା ବେଳକୁ ଗୋପର ବୟସ ଷୋହଳ । ଅଷ୍ଟମ ଶ୍ରେଣୀ ଉପର ଆଡୁ ଗଣିଲେ ଏଣ୍ଟ୍ରାନ୍ସ ଚତୁର୍ଥ ଶ୍ରେଣୀ । ସପ୍ତମ ଶ୍ରେଣୀ ସେଇ ନ୍ୟାୟରେ ପଂଚମ । ସହପାଠୀମାନେ ଥା'ନ୍ତି ଗୋପୀନାଥ ଦାସ, ବୈଦ୍ୟନାଥ ମିଶ୍ର ପ୍ରମୁଖ । ବୈଦ୍ୟନାଥ ଶ୍ରେଣୀରେ ପ୍ରଥମ ହୋଇ ବୀରପ୍ରତାପପୁରର ଟେକ ରଖନ୍ତି । ଦ୍ୱିତୀୟ ଓ ତୃତୀୟ ହୁଅନ୍ତି ଯଥାକ୍ରମେ ଗୋପୀନାଥ ଓ ବାଳକୃଷ୍ଣ । ଶ୍ରେଣୀରେ କେହି ଶିକ୍ଷକ ଯଦି ପଚାରନ୍ତି ପିଲେ ବଡ ହେଲେ କଣ କରିବ? ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପିଲାଏ ଚଟାପଟ ଉତ୍ତର ଦିଅନ୍ତି: ବଡ ଚାକିରି କରିବୁ । ହେଲେ ଗୋପ କେବେ ଏପରି ଉତ୍ତର ଦିଏ ନାହିଁ ।

ଏ ଭିତରେ ଗୋପର ରାମଚନ୍ଦ୍ରଙ୍କ ସହ କେତେ ଥର ଭାବ ବିନିମୟ ଘଟି ସାରିଥିଲା । ପୁରୀ ଆସିଲା ଦିନୁ ଗୋପ ପ୍ରାୟ ପ୍ରତିଦିନ ତାଙ୍କ ଘରକୁ ଯାଏ । ତାଙ୍କୁ ନଦେଖି ଯେତିକି ବଡ ମନେ କରିଥିଲା ଦେଖିବା ପରେ ଜାଣେ ସେ ତା ଠୁ କାହୁଁ କେତେ ମହତ୍ । ଗୋପ ତାଙ୍କ ଭିତରେ ଭାବାଳୁତା ବଦଳରେ ଦେଖେ କର୍ମନିଷ୍ଠା । ଯେଉଁମାନେ ଦେଶ ଗଢିବେ ସେଇମାନଙ୍କୁ ଗଢିବା ଯେମିତି ତାଙ୍କ ବ୍ରତ । ଏଥି ପାଇଁ ତାଙ୍କ ଅନ୍ତରର ଚୁମ୍ବକ ଦ୍ୱାରା ଟାଣି ହୋଇ କେତେ ପିଲା ପହଞ୍ଚନ୍ତି ତାଙ୍କ ଦଇତାପଡା ସାହି ଘରେ । ସେଠି ପିଲାଏ କେତେ ପ୍ରକାରର ପତ୍ରପତ୍ରିକା ପଢନ୍ତି । ସେମାନେ କଣ ପଢିବା ଉଚିତ ତା ମଧ୍ୟ ସେ ବେଳେବେଳେ ସୂଚାଇ ଦିଅନ୍ତି । କଥା କହି ଭଳେଇବାରେ ସେ ଧୂରନ୍ଧର ।

ରାମଚନ୍ଦ୍ରଙ୍କ ପରି ଜଣେ ଅଦର୍ଶପୁରୁଷ ସ୍ୱଦେହରେ ଦେଖିବା ଅବଶ୍ୟ ଗୋପ କଳ୍ପନାରେ ନଥିଲା । ସେ ତା' ପାଇଁ ହେଲେ ଆଦ୍ୟ ଗୁରୁ । ତେବେ ବିଭିନ୍ନ ଉତ୍ସରୁ ଶୁଣି ସେ ଆଦର୍ଶ ମଣିଥିଲା ହରିହର ଦାସଙ୍କୁ । ଗୋପ ଜନ୍ମ ହେବା ଆଗରୁ ୧୮୭୪ ମସିହାରେ ସେ ଦେହ ଛାଡିଥିଲେ । ହେଲେ ତାଙ୍କ ଜୀବନ ତା ପାଇଁ ଥିଲା ଅସରନ୍ତି ପ୍ରେରଣାର ଝର । ଅବକାଶ ଆଳାପ ବେଳେ ତାଙ୍କ ପାଣ୍ଡିତ୍ୟ କଥା ବିଦ୍ୟାଳୟର ଶିକ୍ଷକମାନେ କହନ୍ତି, ସଂସ୍କୃତ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ହିସାବରେ ତାଙ୍କ କଥା ଆଲୋଚିତ ହୁଏ । ଜନଶ୍ରୁତିରୁ ଗୋପ ତାଙ୍କୁ ଏପରି ଜାଣେ-

ଷୋଳ ଶାସନ ଓ ବତିଶ କରବାଡର ରକ୍ଷଣଶୀଳ ବ୍ରାହ୍ମଣମାନଙ୍କ ଭିତରେ ସେ ଥିଲେ ବ୍ୟତିକ୍ରମ । ତ୍ରିକଚ୍ଛ ମାରି ଗାମୁଛା ବା ଲୁଗା ପିନ୍ଧିବା ଯେତେବେଳେ ଶାସନି ସଂସ୍କାର, ସେତେବେଳେ ହରିହର ପ୍ୟାଣ୍ଟ, କୋଟ୍ ଓ ବୁଟ୍ ପିନ୍ଧନ୍ତି, ଘୋଡା ଚଢି ଆତଯାତ ହୁଅନ୍ତି ।

ଯେତେବେଳେ କାଗଜ ବ୍ୟବହାର କଲେ ଜାତି ଯିବାର ଭୟ, ଇଂରେଜୀ ପଢିଲେ କୀରସ୍ତାନି ବୋଲି ଅପବାଦ ପାଇବା ଥୟ, ସେତେବେଳେ ସେ ବିଭିନ୍ନ ଭାଷାର ଛପା ବହି ପଢନ୍ତି, ବସା ଉଠା ସାହେବମାନଙ୍କ ସାଙ୍ଗେ । ତେଣୁ ତାଙ୍କ ପରି ଦ୍ୱିତୀୟ ପୁରୀ ଧାମ କାହିଁକି ଓଡିଶାରେ ବିରଳ । ସେ ଶିକ୍ଷା ଘେନିଥିଲେ ନବଦ୍ୱୀପ ସଂସ୍କୃତ ମହାବିଦ୍ୟାଳୟରେ । ଦେବ ଭାଷା ତାଙ୍କ ପାଇଁ ମାତୃଭାଷା ପରି । ଇଂରାଜୀ ଓ ଲାଟିନ୍ ଭାଷାରେ ବି ବ୍ୟୁପତ୍ତି ଭଲ । ମାଜିଷ୍ଟ୍ରେଟ୍ ବକ୍ସୱେଲ୍ ତାଙ୍କ ଠାରୁ ସଂସ୍କୃତ ଶିଖନ୍ତି । ପାରମ୍ପରିକ ପାଠ ସହ ସେ ଚାହୁଁଥିଲେ ଆଧୁନିକ ପାଠର ପ୍ରସାର । ନିଜ ଗାଁ ଶ୍ରୀରାମଚନ୍ଦ୍ରପୁରରେ ବସାଇଥିଲେ ବିଦ୍ୟାଳୟ । ତାଳପତ୍ର ଓ ଲେଖନୀ ବଦଳେ ପ୍ରଚଳନ କରାଇଥିଲେ କାଗଜ କଲମ । ପିଲାଙ୍କୁ ଦିଆଇଥିଲେ ଛପା ପାଠ୍ୟ ପୁସ୍ତକ । କାଗଜକୁ ପ୍ରତ୍ୟାଖ୍ୟାନ କରିଥିଲେ ଶାସନି ସାଆନ୍ତେ । ବ୍ରାହ୍ମଣ ପିଲାଏ ବର୍ଜନ କରିଥିଲେ ସେ ବିଦ୍ୟାଳୟ । ଅବ୍ରାହ୍ମଣ ପିଲାଙ୍କୁ ନେଇ ବିଦ୍ୟାଳୟ ଚାଲେ । ହରିହର କିନ୍ତୁ ବେସାଲିସ୍ । ଗାଁକୁ ଗଲେ ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢାନ୍ତି । ବହୁ ଶ୍ରମ କରି କଲିକତାରୁ ଆଣିଥିବା ବହି ପିଲାଙ୍କୁ ବାଣ୍ଟି ଦେଇ ଆସନ୍ତି ।

ବେଳେ ବେଳେ ଗୋପ ଆଗରେ ରାମଚନ୍ଦ୍ର ବୟାନ କରନ୍ତି ହରିହରଙ୍କ ହୃଦୟ ବିଦାରକ ସଂଘର୍ଷର କାହାଣୀ-

ପୁରୀର ସଂସ୍କୃତ ବିଦ୍ୟାଳୟ ହରିହରଙ୍କ ସ୍ୱପ୍ନ ଓ ସଂଘର୍ଷର ଫଳ । ଏ ବିଦ୍ୟାଳୟ ଲାଗି ସେ ପ୍ରାଣାନ୍ତକ ଉଦ୍ୟମ କରିଥିଲେ । ପାଣ୍ଠି ସଂଗ୍ରହ ପାଇଁ ସେ ସାରା ଦେଶ ବୁଲୁଥିଲେ । ଆପଣାର ପାଣ୍ଡିତ୍ୟରେ ରାଜା ମହାରାଜାମାନଙ୍କୁ ପ୍ରଭାବିତ କରି ଅର୍ଥ ଯୋଗାଡ କରୁଥିଲେ । ତାଙ୍କର ବଡ ଇଚ୍ଛା ଥାଏ ସଂସ୍କୃତ ବିଦ୍ୟାଳୟ ପିଲାଏ ସଂସ୍କୃତ ସହ ଇଂରାଜୀ ଓ ଲାଟିନ୍ ମଧ୍ୟ ଶିକ୍ଷା କରନ୍ତୁ । ତାଙ୍କର ବଡ ପୃଷ୍ଟପୋଷକ ଥିଲେ ଅଯୋଧ୍ୟାର ବଳରାମପୁର ମହାରାଜ ଦିଗ୍‌ବିଜୟ ସିଂହ । ମହାରାଜ ସରକାରଙ୍କ ପାଖେ ରଖିଥିବା ୫୫୦୦ଟଙ୍କା ସୁଧରୁ ବିଦ୍ୟାଳୟ ଚଳୁଥିଲା । ବିଦ୍ୟାଳୟ ପାଇଁ ଅର୍ଥ ନିଅଣ୍ଟ ପଡିଲେ ପରମ ନାସ୍ତିକ ହରିହର ନିଜ ରୁଚି ବିରୁଦ୍ଧରେ ଯାଇ ପୁରୋହିତି କରି ଅର୍ଥ ବନ୍ଦୋବସ୍ତ କରୁଥିଲେ । ତାଙ୍କ ବିଦ୍ୟାଳୟ ବ୍ରାହ୍ମଣମାନଙ୍କୁ ଶିକ୍ଷା ଦେବାରେ ପୁରୀର ପ୍ରଥମ ଅନୁଷ୍ଠାନ । ଜିଲ୍ଲା ସ୍କୁଲ୍ ଏହା ପୂର୍ବରୁ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଜାତି ଯିବା ଭୟରେ ବ୍ରାହ୍ମଣମାନେ ସେଠି ପିଲାମାନଙ୍କୁ ପଢାଉ ନଥିଲେ ।

- ବ୍ରାହ୍ମଣଙ୍କ କୁସଂସ୍କାର ତ ତାଙ୍କର ପରମ ଶତ୍ରୁ । ଏତେ କଥା ଶୁଣିବା ପରେ ଏଇଥିଲା ଗୋପର ସଂକ୍ଷିପ୍ତ ତୀବ୍ର ପ୍ରତିକ୍ରିୟା । ଗୋପ ମନରେ ହରିହରଙ୍କ ସମ୍ବନ୍ଧରେ ଆହୁରି ଜାଣିବା ଲାଗି ଆଗ୍ରହ ଥାଏ । ରାମଚନ୍ଦ୍ର ବର୍ଣ୍ଣନା କରନ୍ତି ତାଙ୍କର ମନୋମୁଗ୍ଧକର ଭଙ୍ଗୀରେ ।

- ସଂସ୍କୃତ ବିଦ୍ୟାଳୟ ସରକାରୀ ବିଦ୍ୟାଳୟ ବାରଣ୍ଡାରେ ଚାଲୁଥାଏ । ହେଲେ ଅନେକ ଲୋକ ହରିହରଙ୍କୁ ଇର୍ଷା କରୁଥାନ୍ତି । ଚେଷ୍ଟା କରୁଥାନ୍ତି ସେ ବାରଣ୍ଡାରୁ ମଧ୍ୟ ହରିହର ହଟିଯାନ୍ତୁ ।

- ତା ପରେ ?

- କଲେକ୍ଟର୍ ଆଉ ମାଜିଷ୍ଟ୍ରେଟ୍ ଏମାନେ ସବୁ ହରିହରଙ୍କୁ ବଡ ସୁଖ ପାଉଥାନ୍ତି, ସମ୍ମାନ କରୁଥାନ୍ତି । ତେଣୁ ବାରଣ୍ଡାରେ ବିଦ୍ୟାଳୟ ଚାଲିବାର ଅନୁମତି ବାତିଲ୍ ହୋଇ ପାରେନା । ତା' ପରେ ସଂସ୍କୃତ ବିଦ୍ୟାଳୟର ସ୍ୱତନ୍ତ୍ର ଘର ପାଇଁ ପାଣ୍ଠି ସଂଗ୍ରହ ଆରମ୍ଭ ହୁଏ । ନିଜେ କଲେକ୍ଟର୍ ଏଥକୁ ଚାନ୍ଦା ଦିଅନ୍ତି, ତହୁଁ ଅନ୍ୟ ଅଧିକାରୀ ଓ ମହନ୍ତମାନେ ଆଗେଇ ଆସନ୍ତି ।

- ଗୋଟିଏ ବିଦ୍ୟାଳୟ ଠିଆ କରାଇବା ଲାଗି ଏତେ ପ୍ରତିବନ୍ଧକ ?

- ଶାସ୍ତ୍ର କହନ୍ତି ଶ୍ରେୟାଂସି ବହୁ ବିଘ୍ନାନି ।

ପୂର୍ବରୁ ହରିହରଙ୍କ ଅକାଳ ବିୟୋଗ ସମ୍ବନ୍ଧରେ ଅବଗତ ଥିଲେ ମଧ୍ୟ ଗୋପ ସେଦିନ ରାମଚନ୍ଦ୍ରଙ୍କ ଠାରୁ ଶୁଣିଥିଲା ତା'ର ହୃଦୟ ବିଦାରକ ବୟାନ ।

- ପଣ୍ଡିତ ପ୍ରବର ହରିହର ଅବସୋସ ଭିତରେ ଜିଇଁଥିଲେ ଆଉ ଅବସୋସ ନେଇ ସଂସାର ଛାଡିଲେ । ସେ ଥିଲେ ନାସ୍ତିକ । ବ୍ରାହ୍ମଣ୍ୟର ସବୁ ପ୍ରକାର

କୁସଂସ୍କାର ଓ ରକ୍ଷଣଶୀଳତାର ବିରୋଧୀ । ସେ ଯେଉଁ ସଂସ୍କାର ଚାହୁଁଥିଲେ ତାହା ତାଙ୍କ ସମୟ ଠାରୁ ଢେର୍ ଆଗୁଆ ଥିଲା । ବକ୍ସୱେଲ୍ ବିଲାତ ବାହାରୁଥାନ୍ତି । ସେ ତାଙ୍କ ସହ ଯିବାକୁ ମନସ୍ଥ କଲେ । ସୁଟ୍ ଓ ଅନ୍ୟାନ୍ୟ ଦ୍ରବ୍ୟ ପ୍ରସ୍ତୁତ କରାଗଲା । ରକ୍ଷଣଶୀଳ ସମାଜରେ ସମୁଦ୍ର ଯାତ୍ରାକୁ ନେଇ ବାର କଥା ଉଠିଲା । ବିଲାତ ଯିବା ନୋହିଲା । ୧୮୭୨ରେ ପୁଣି ଗଲେ ରାଜାମାନଙ୍କୁ ଭେଟିବାକୁ ଆଉ ତା'ପରେ ନିଖୋଜ । ଅବଶ୍ୟ ମଝିରେ ସଂଗୃହୀତ ଟଙ୍କା ସେ ବିଦ୍ୟାଳୟକୁ ପଠାଇଥିଲେ । ଏମିତି ବର୍ଷେ ଗଲା । ତାଙ୍କର ଖବର ନଥିଲା ।

'ଅମୃତବଜାର ପତ୍ରିକା'ରୁ କିଛିଟା ସୂଚନା ମିଳିଲା । ଦିନେ ଉନ୍ମାଦ, ରୁଗ୍ଣ ଓ କପର୍ଦ୍ଦକ ଶୂନ୍ୟ ହୋଇ ସେ ପହଞ୍ଚିଲେ କଟକରେ । ଏତେ ବଡ ଜ୍ଞାନୀ, ଶେଷରେ ତାଙ୍କ ପାଇଁ ଚାନ୍ଦା ଉଠିଲା



– ଚାନ୍ଦା ? ନିଜ ଆତ୍ମୀୟ କେହି ହୋଇଥିଲେ ଲୋକେ କଣ ଚାନ୍ଦାଭେଦା କରିଥାନ୍ତେ ?

– ଆହତ ଅଭିମାନ ଓ କ୍ଷୋଭରେ ଫାଟି ପଡୁଥିଲା ଗୋପ ।

– 'ଦୀପିକା'ରେ ଚାନ୍ଦା ଲାଗି ନିବେଦନ କରାଗଲା । ମାଇକେଲ୍ ମଧୁସୂଦନଙ୍କ ବିୟୋଗରେ କଟକବାସୀ ଦୁଇ ଶହ ଟଙ୍କା ପଠାଇଥିଲେ । ହରିହରଙ୍କ ପାଇଁ ମିଳିଲା ଚଉଦ ଟଂକା । ଉନ୍ମାଦ ହରିହର ରହିଲେ ତାଙ୍କ ପୁରୀ କୁଣ୍ଡାଇବେଣ୍ଟ ସାହି ଘରେ । ମୂକ ପାଲଟି ଯାଇଥାନ୍ତି । କିଏ କହିଲା ସେ ନାସ୍ତିକ ଓ ବ୍ରାହ୍ମଣ ବିରୋଧୀ ହୋଇଥିବାରୁ ପୁରୀର ପଣ୍ଡିତେ ତାଙ୍କୁ ମନ୍ତ୍ରକରି ପାଗଳ କରି ଦେଇଛନ୍ତି ତ ଆଉ କିଏ କହିଲା ବଙ୍ଗ ଦେଶର ପଣ୍ଡିତମାନଙ୍କ ସହ ତର୍କ କରି ଉତ୍ତେଜିତ ହୋଇ ପଡିବାରୁ ତାଙ୍କର ଏ ଅବସ୍ଥା । ଦିନେ ସେ ବିଦେଶ ଯାତ୍ରା ପାଇଁ ତିଆରିଥିବା ପୋଷାକ ପିନ୍ଧି ଘର ଭିତରେ ଏପଟ ସେପଟ ହେଉଥାନ୍ତି । ବାହାରୁ ଘର ଲୋକେ କବାଟ ବନ୍ଦ କରିଥାନ୍ତି । ଦୀପରୁ କେମିତି ନିଆଁ ଲାଗିଗଲା ତାଙ୍କ ପୋଷାକରେ । ସେ ପୋଡିଗଲେ । ଅସହ୍ୟ ଯନ୍ତ୍ରଣାରେ ଖୋଲିଗଲା ତାଙ୍କର ବହୁ ଦିନରୁ ବନ୍ଦ ପାଟି । ବଡ କଷ୍ଟରେ କଦଳୀପତ୍ର ଉପରେ ଶୋଇ ସେ ଛଟପଟ ହେଉଥାନ୍ତି । ତାଙ୍କ ଆଗରେ ବହି ଧରି ଦେଖାଇଲେ ମୁହଁ ତାଙ୍କର ଉଜ୍ଜ୍ୱଳ ହୋଇ ଉଠେ । ଶେଷ ବେଳକୁ ଶ୍ଳୋକ ବୋଲିଲେ ନଧ୍ୟାତଂ ପଦମୀଶ୍ୱରସ୍ୟ ଆଉ ହରି ଛାଡିଲେ ।

ସେଦିନ ହରିହରଙ୍କ ଅନ୍ତକାଳର କଥା ଶୁଣି ଗୋପ ଆଖିରୁ ଧାର ଧାର ଲୁହ ନିଗିଡି ପଡିଥିଲା । ତା' ମନର ଅତଳରେ ହରିହରଙ୍କ ବିଚାର, ଦୂରଦୃଷ୍ଟି, ଦୃଢତା ଓ ସାଲିସ୍ ବିହୀନତା ଘର କରିଗଲା କେବଳ ନାସ୍ତିକତାକୁ ଛାଡି । ଗୋପ ଅନ୍ତର ଭିତରେ ଥିଲା ଗଭୀର ଭାବେ ଈଶ୍ୱର ବିଶ୍ୱାସୀ । ତ୍ୟାଗ-ମୂର୍ତ୍ତି ରାମଚନ୍ଦ୍ର ଓ ପ୍ରଜ୍ଞା-ମୂର୍ତ୍ତି ହରିହର ଅଲକ୍ଷ୍ୟରେ ଗଢୁଥିଲେ ତାକୁ । ଛାତ୍ର ହିସାବରେ ଗୋପ ଜିଲ୍ଲାସ୍କୁଲରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସାରିଥାଏ । ଶୀଘ୍ର ଶୀଘ୍ର ଇଂରାଜୀ ଆୟତ୍ତ କରି ଡବଲ୍ ପ୍ରମୋଶନ୍ ପାଇବା ତାକୁ ଶିକ୍ଷକ ମହଲରେ ଆଦରଣୀୟ କରେ । ଜିଭ ଲାଗିବା ସତ୍ତ୍ୱେ କଠିନ ପରିଶ୍ରମ କରି ସେ ସମସ୍ୟା ଏଡାଇ ଜଣେ ଭଲ ବକ୍ତାରେ ପରିଣତ ହୋଇଥିବାରୁ ସେ ସମବୟସ୍କଙ୍କ ମେଳରେ ନେତୃସ୍ଥାନୀୟ ହୋଇଉଠେ । ଗୋଷ୍ଠୀଗତ ଆଲୋଚନାଗୁଡିକୁ ଆବେଗ ଓ ଯୁକ୍ତି ମାଧ୍ୟମରେ ଗୋଟିଏ ଆଡକୁ ମୁହାଁଇବାରେ ସେ ଧୁରନ୍ଧର । ତା ଭିତରର ନୈତିକ ବ୍ୟକ୍ତିତ୍ୱ ଓ ଛଳଛଳ କବିତ୍ୱ ବାରି ହୋଇ ପଡୁଥାଏ ସବୁଠି । ଗୋପ ଭିତରେ ଜଣେ ମୁକ୍ତିକାମୀ କବି ବାଟ ଖୋଜୁଥିଲା । ଜଗନ୍ନାଥ ଦାସଙ୍କ 'ଭାଗବତ', ବଳରାମ ଦାସଙ୍କ 'ଭାବ ସମୁଦ୍ର', ଦୀନକୃଷ୍ଣଙ୍କ 'ରସକଲ୍ଲୋଳ', ପୁଣି ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ'ର ଭାବତରଙ୍ଗ ଖେଳୁଥାଏ ତାର ରକ୍ତରେ । ସହର ଆସିବା ପରେ ୧୮୯୩ ଆଡକୁ ସେ ଜାଣିବାକୁ ପାଏ ଯେ 'ଇନ୍ଦ୍ରଧନୁ' ନାଁରେ ସାହିତ୍ୟ ପତ୍ରିକାଟିଏ ବାହାରୁଛି । ବିଭିନ୍ନ ଉତ୍ସରୁ ଜାଣିବାକୁ ପାଏ ତାର ଅନ୍ତରାଳର ଖବର । କାଳେ ୧୮୯୨ରୁ କବି ସମ୍ରାଟ ଆଉ କବିବରଙ୍କୁ ଆଧାର କରି ଏ ବିବାଦ । ସ୍କୁଲ୍ ଡେପୁଟି ଇନ୍‌ସ୍ପେକ୍ଟର ପ୍ୟାରୀମୋହନ ସେନ୍ ପ୍ରାଥମିକ ବିଦ୍ୟାଳୟ ଛାତ୍ରମାନଙ୍କୁ ବିତରଣ କରିବା ଲାଗି କ୍ରୟ କରନ୍ତି କେତେଗୁଡିଏ ବହି । ତା' ଭିତରେ ଥାଏ କବି ସମ୍ରାଟଙ୍କ କେତୋଟି କାବ୍ୟ । କଟକ ବାଳିକା ବିଦ୍ୟାଳୟର ଶିକ୍ଷକ ଲାଲା ରାମନାରାୟଣ ରାୟ ଏ କଥାକୁ ସମାଲୋଚନା କରନ୍ତି । ଭଞ୍ଜ ଆଦି ରସାତ୍ମକ । ପିଲାଏ ତାଙ୍କୁ ପଢିବା କଥା କି ? ମୟୂରଭଂଜରୁ ପ୍ରକାଶିତ 'ଉତ୍କଳପ୍ରଭା'ରେ ସେ ଏ କଥା ଲେଖନ୍ତି । ତାଙ୍କୁ ବିରୋଧ କରାଯାଏ 'ଉତ୍କଳ ଦୀପିକା'ରେ । ବିବାଦ ବଢି ପ୍ରାଚୀନ ଓ ଆଧୁନିକ ଦୁଇ ପକ୍ଷରେ ପରିଣତ ହୁଏ । ପ୍ରାଚୀନ ଭଞ୍ଜ ଆଉ ଆଧୁନିକ ରାଧାନାଥ । କ୍ରମେ 'ଉତ୍କଳପ୍ରଭା' ଦୂରେଇ ରହେ । ରାଧାନାଥଙ୍କ ପକ୍ଷ ଧରି ଆଶ୍ରୟ ନିଅନ୍ତି 'ସମ୍ବଲପୁର ହିତୈଷିଣୀ'ର । 'ଦୀପିକା'ରେ ନିୟମିତ ସବୁକଥା ଛାପି ନହେବାରୁ ପ୍ରକାଶ କରାଯାଏ 'ଇନ୍ଦ୍ରଧନୁ' । ପଛରେ ରହନ୍ତି ଗୋପାଳବଲ୍ଲଭ, ଗୌରୀଶଂକର, ବନମାଳୀ ସିଂ ଓ ରାମଶଂକର ରାୟ । ଓଡିଆ ସାହିତ୍ୟରେ ବଂଗଳା ଅନୁପ୍ରବେଶର କରାଯାଏ ତୀବ୍ର ବିରୋଧ । ଏହାର ପ୍ରତିଦ୍ୱନ୍ଦ୍ୱୀ ସାହିତ୍ୟ ପତ୍ରଟିଏ ପ୍ରକାଶ ପାଏ ଦେବଗଡରୁ । ନାଁ ତାର 'ବିଜୁଳୀ' । ତା' ନେପଥ୍ୟରେ ରାଧାନାଥଙ୍କ ପରମ ପୃଷ୍ଠପୋଷକ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବ ପୁଣି ରାମନାରାୟଣ ରାୟ, ବିଶ୍ୱନାଥ କର ପ୍ରମୁଖ । ଏ ସ୍ତାବକ ଗୋଷ୍ଠୀ ରାଧାନାଥଙ୍କୁ ଯୁଗପୁରୁଷ ରୂପେ ଆଖ୍ୟାୟିତ କରୁଥାନ୍ତି । ଓଡିଆଙ୍କ ପ୍ରାଚୀନ କାବ୍ୟ ପରମ୍ପରାକୁ ତୁଚ୍ଛ ପ୍ରତିପାଦିତ କରା ଯାଉଥାଏ । 'ଇନ୍ଦ୍ରଧନୁ'ର ମୂଲ୍ୟ ଦୁଇ ପଇସା ଥିବା ବେଳେ 'ବିଜୁଳୀ' ବିତରିତ ହେଉଥାଏ ବିନା ମୂଲ୍ୟରେ । ଗୋପ ମନେ କରେ ଆଧୁନିକତାର ସୌଧ ପରମ୍ପରାର ମୂଳଦୁଆ ଉପରେ ଠିଆ ହେବା ଉଚିତ । ତେଣୁ ସେ ଅନୁକରଣଧର୍ମୀ ଆଧୁନିକଙ୍କୁ ବିଦ୍ରୂପ କରି ପ୍ରକାଶ କଲା ଏକ ଆଲେଖ୍ୟ । ତାହା ପ୍ରକାଶ ପାଏ 'ଇନ୍ଦ୍ରଧନୁ'ରେ । ଜଣେ ସ୍ୱପ୍ନ ଦେଖୁଛି ଆଧୁନିକମାନଙ୍କ ସବୁ ପୁସ୍ତକରେ ଉଇ ଲାଗି ଯାଇଛି ଅଥଚ ପ୍ରାଚୀନ ଗ୍ରନ୍ଥମାନ ସୁରକ୍ଷିତ । କବିବରଙ୍କ ଦୁର୍ବଳ ଚେହେରାକୁ ମଧ୍ୟ ବିଦ୍ରୂପ କରି ଲେଖା ଯାଇଥାଏ:

"ଧଡିଆ କବିରେ ଧନ୍ୟ / ବାଉରୀ ସାହିରେ ଶୃଗାଳ କେଶରୀ / ପରି ହେଉଥାନ୍ତି ଗଣ୍ୟ ।"

ରାଧାନାଥ ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ଖ୍ୟାତିର ଶୀର୍ଷରେ । କେହି ଅର୍ବାଚୀନ ତାଙ୍କୁ ଏପରି ବିରୋଧ କରିପାରେ ? ସେ ଜାଣିବାକୁ ଚେଷ୍ଟା କରନ୍ତି କିଏ ସେ

ଦୁଃସାହସୀ । ସଂଗୃହୀତ ଖବରରୁ ସଂଦେହ ଆସେ ପୁରୀ ଜିଲ୍ଲା ସ୍କୁଲ୍‌ର କେହି ଜଣେ ଛାତ୍ର ଏ ଆଲେଖ୍ୟର ଲେଖକ ।

ସ୍ୱଭାବତଃ ବିନୟୀ, ଶାନ୍ତ, ମାର୍ଜିତ ରାଧାନାଥ ତମତମ ହୋଇ ପହଞ୍ଚନ୍ତି ପୁରୀ ଜିଲ୍ଲା ସ୍କୁଲ୍‌ରେ । ୧୮୯୪ ଜାନୁୟାରୀ ୨୫ ରୁ ଫେବୃୟାରୀ ୨ ତାରିଖ ଯାଏଁ ବିଧିବଦ୍ଧ ଦାପ୍ତରିକ ତଦନ୍ତ । ଦଣ୍ଡ ନ ଦେଲେ ଅପରାଧୀର ସାହସ ବଢ଼ିବ । ପ୍ରଧାନ ଶିକ୍ଷକ ଗୋପାଳ ଦାସ ସରକାରଙ୍କୁ ସାଙ୍ଗରେ ଧରି ତଦନ୍ତ ଆରମ୍ଭ ହୁଏ । ମୁହଁରେ କ୍ରୋଧ, ପିଲାମାନଙ୍କ ମନରେ ଆତଙ୍କର କୋକୁଆ ।

ରାଧାନାଥଙ୍କ ପ୍ରଥମ ପ୍ରଶ୍ନ

– ପିଲାଏ ! ତୁମମାନଙ୍କ ଭିତରୁ କିଏ ସବୁ 'ଇନ୍ଦ୍ରଧନୁ' ପଢାପଢି କର ?

– କେହି ପଢୁନା । ସମବେତ ଉତ୍ତର ।

– କିଏ ସେଥିରେ ଲେଖାଲେଖି କର ?

– କେହି ଲେଖୁ ନା ।

– ଇନ୍ଦ୍ରଧନୁର ଗ୍ରାହକ ହେବାଲାଗି କିଏ ଦେୟ ପୈଠ କରିଛ ?

– କେହି ଦେଇନାହୁଁ । ପଇସା ତ ଜଳଖିଆକୁ ନିଅଣ୍ଟ । ଧୀର ଗଳାରେ କହିଲା ଜଣେ ପିଲା ।

– 'ଇନ୍ଦ୍ରଧନୁ' କଣ, କି ଚିଜ ସେ ବିଷୟରେ ଆମେ କିଛି ଜାଣୁନା । ଉତ୍ତର ଦେଲେ ଆଉ କେହି କେହି । ଶେଷରେ କ୍ଷୁବ୍ଧ ରାଧାନାଥ ସିଧା ପ୍ରଶ୍ନ କଲେ ଗୋପକୁ– ଲେଖାଟି ଇନ୍ଦ୍ରଧନୁରେ ତୁ ଲେଖିଛୁ ତ ?

– ନା ମୁଁ ଲେଖିନାହିଁ । ଏ ଥିଲା ଗୋପର ସଳଖ ସରଳ ଉତ୍ତର । ସନ୍ଦେହମୋଚନ କରି ନପାରି, ଅପରାଧୀକୁ ଦଣ୍ଡିତ କରି ନପାରି ରାଧାନାଥ ପ୍ରଧାନ ଶିକ୍ଷକଙ୍କୁ ଆହୁରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇ ରହିବା ଯାଗାକୁ ଫେରିଲେ ।

ତା' ପରଦିନ ଗୋପାଳ ବାବୁ ନିଜ ଢଙ୍ଗରେ ତଦନ୍ତ କଲେ । ମାଗୁଣି ଦାସ ଏ ପ୍ରକ୍ରିୟାରେ ଗୋପର ନାଁ ପ୍ରଘଟ କଲେ । ଗୋପ ଭଳି ଜଣେ ମେଧାବୀ ଛାତ୍ର ଦଣ୍ଡିତ ହେଉ ପ୍ରଧାନ ଶିକ୍ଷକ ଏ କଥା ଚାହୁଁ ନଥିଲେ । ତେବେ ଅଧିକାରୀ ହିସାବରେ ରାଧାନାଥଙ୍କୁ ସନ୍ତୁଷ୍ଟ କରାଯିବା ଦରକାର । ତାଙ୍କୁ ସୁହାଇବା ଭଳି ବିବରଣୀ ସୁପାରିଶ କଲେ ପ୍ରଧାନ ଶିକ୍ଷକ ।

– ସେ ଲେଖାଟି ଗୋପ ହିଁ 'ଇନ୍ଦ୍ରଧନୁ' ପୃଷ୍ଠାରେ ଲେଖିଥିଲା । ଆପଣଙ୍କ ଉପସ୍ଥିତରେ ତା'ର ସତ ସ୍ୱୀକାର କରିବାର ଥିଲା । ଆପଣଙ୍କୁ ମିଥ୍ୟା କହିଥିବାରୁ ତାକୁ ଦଣ୍ଡିତ କରାଯାଉ । ଗୋପକୁ ବିଦ୍ୟାଳୟରୁ ବହିଷ୍କାର କରାଯାଉ ।

– ଏ ସୁପାରିଶ୍ ଖବର ଚାରିଆଡେ ରାଷ୍ଟ୍ର ହୋଇଗଲା । ଦଣ୍ଡ ଭୟରେ ଗୋପ ପୁରୀ ଛାଡି କଟକ ଆଡେ ଯାଉଥାଏ । ଖବର ପାଇ ବଡ ଭାଇନା ନାରଣ ତାକୁ ବାଟରୁ ଗାଁକୁ ନେଇ ଯାଇଥାନ୍ତି । ଜିଲ୍ଲା ସ୍କୁଲ୍‌ର ଅନ୍ୟତମ ଶିକ୍ଷକ ଗୋପକୁ ବଡ ଆଦର କରନ୍ତି । ସେ ଏ ଦୁଃସମ୍ବାଦରେ ଅଧିର ହୋଇ ରାମଚନ୍ଦ୍ର ଦାସଙ୍କ ସମେତ ଅନେକ ଭଦ୍ର ଲୋକଙ୍କୁ ଧରି ରାଧାନାଥଙ୍କୁ ସାକ୍ଷାତ କଲେ ।

– ଗୋପ ମେଧାବୀ , ବହିଷ୍କାର ଦଣ୍ଡ ତା ପାଇଁ ଅଧିକ ହୋଇଗଲା ପରା ।

ରାଧାନାଥ ଭଦ୍ରଲୋକମାନଙ୍କ ସହ ଆଲୋଚନା କଲେ । ଶିକ୍ଷା ବିଭାଗର ଅଧିନାୟକ ରୂପେ ତାଙ୍କ ମନ୍ତବ୍ୟ ହେଲା ।

– ପିଲାଟିକୁ କୁହା ଯାଇଥିଲା ଲେଖାଟି ପ୍ରତ୍ୟାହାର କରି କ୍ଷମା ପ୍ରାର୍ଥନା କରିବା ପାଇଁ, ମାତ୍ର ସେ କରିନାହିଁ । ଦୋଷ ମଧ୍ୟ ମାନୁ ନାହିଁ । ସେ ମୋ ବିରୁଦ୍ଧରେ ଲେଖିଲା କି ଆଉ କାହା ବିରୁଦ୍ଧରେ ଲେଖଲା ସେ କଥା ପଡି ନାହିଁ । କିନ୍ତୁ ଯେ ଆଜି ଠାରୁ ଏପରି ଲେଖିପାରେ ସେ ଭବିଷ୍ୟତରେ ହେବ କଣ ? ତାକୁ ଆଉ ବେଶୀ ଶିକ୍ଷା ଦେଲେ ସେ ସମାଜର କି ଅନିଷ୍ଟ ନ କରିବ ?


ଭଦ୍ରଲୋକମାନଙ୍କ ତରଫରୁ କୁହାଗଲା– ପିଲାଟା ହୁଏତ ନିଜେ ଲେଖିନାହିଁ । ତା' ପାଇଁ ଆଉ କିଏ ଲେଖିଛି ବା ସେ ଆଉ କାହା ପ୍ରରୋଚନାରେ ଏପରି ଲେଖି ପକାଇଛି ।

ଆଲୋଚନା ପରେ ଦଣ୍ଡ ସ୍ଥିର ହେଲା ।

– ଗୋପ ଦିନେ ବେଞ୍ଚ୍ ଉପରେ ଠିଆ ହେବ । ତାର ବୃତ୍ତି କଟାଯିବ ଓ ସେ ପ୍ରାଇଜ୍ ହରାଇବ ।

ଶେଷରେ ବହୁ କଷ୍ଟରେ ସାତଦିନର ବୃତ୍ତି ହରାଇ, ଦଶ ଟଙ୍କା ଜୋରିମାନା ଦେଇ, ପ୍ରାଇଜ୍ ହରାଇ ଗୋପ ଘାଟି ପାର୍ ହେଲା ।

## ବହି ବଜାର




- ପୁସ୍ତକର ନାମ: **ଏମ୍. ଅଲ୍ଲୀ ଓ ଅନ୍ୟ ଯେତେ ଯିଏ**
- ଲେଖକଙ୍କ ନାମ : **ସଦାନନ୍ଦ ତ୍ରିପାଠୀ**
- ପ୍ରକାଶକଙ୍କ ନାମ : **ପଶ୍ଚିମା ପବ୍ଲିକେସନ୍, ନୟାପଲ୍ଲୀ, ଭୁବନେଶ୍ୱର-୧୨**
- ମୂଲ୍ୟ : **୧୭୦/-,** ପୃଷ୍ଠା : **୨୧୬**



**ଏଠି ଗୋଟାଏ ଏମ୍.ଅଲ୍ଲୀ ଆଉ ଗୋଟାଏ ଏମ୍.ଅଲ୍ଲୀର ଉପସ୍ଥିତିକୁ ସହିପାରୁ ନାହିଁ । ଆମ ଆମ ମଧ୍ୟରେ ଅସହିଷ୍ଣୁତାର ଭାବ ଏତେ ଯେ କେହି କାହାଠୁ କମ୍ ନୁହେଁ ଯେପରି । ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ଏମ୍.ଅଲ୍ଲୀ ଶୀର୍ଷକ ଏକ ଗପ ପଢ଼ିବା ବେଳେ ଆପଣଙ୍କୁ ଆଦୌ ଲାଗିବ ନାହିଁ ଯେ, ଗାଳ୍ପିକ ଆପଣଙ୍କୁ ନେଇ ଯାଉଛନ୍ତି କେଉଁ ଏକ ହିନ୍ଦୁ-ମୁସଲିମ୍‌ର ଦଙ୍ଗା ଦେଖାଇବାକୁ । ଜମ୍ମା ବି ଲାଗିବ ନାହିଁ ସେପରି । ଆପଣ ଗପଟି ପଢ଼ିବା ଆରମ୍ଭ କରିବେ ତ ଏମ୍.ଅଲ୍ଲୀ ଚରିତ୍ରଟି ଆପଣଙ୍କୁ କବଳିତ କରିନେବ । ତା'ପରେ ସେଇ ଏକା ନାମଧାରୀ ଆଉ ଜଣେ ଏମ୍.ଅଲ୍ଲୀ ପ୍ରବେଶ କରିବ ଗଳ୍ପର ପରିଧିକୁ । ବିଚରା ଅଫିସରଙ୍କ ବୋଲହାକ କରୁଥିବା 'ମୁଖୀ' ଚରିତ୍ରଟି ଏପଟ ସେପଟ ହେଉଥିବା ବେଳକୁ ସେ ହିଁ ଗପକୁ ଗଡ଼େଇ ନେବ ଆଗକୁ । ଖୁବ୍ ମଜାଦାର ଗପର ନେରେସନ୍ । ଆପଣଙ୍କୁ ଲାଗିବ ପ୍ରତିଟି ଘଟଣା ଯେପରି ଷ୍ଟ୍ରାପ ପରି ଆଖି ଆଗରେ ଭାସି ଯାଉଛି । ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ଆମ ସମକାଳ କଥାସାହିତ୍ୟର ଜଣେ ସବୁଠୁ ଶୃଙ୍ଖଳିତ ଓ ସଜାଗ କଥାକାର ।ତାଙ୍କର ଗପର ଗଦ୍ୟଗୁଣଟି ଏତେ ପିନ୍-ପଏଣ୍ଟେଡ୍ ଯେ, ଆପଣ ଆଦୌ ବିରକ୍ତ ହେବେ ନାହିଁ । ପ୍ରତିଟି ବାକ୍ୟ, ପରବର୍ତ୍ତୀ ବାକ୍ୟ ସହ ଏତେ ବେଶି ଲିଙ୍କ୍ଡ୍ ଯେ, ପାଠକ ସେଠୁ ନିଜକୁ ଅନ୍ୟମନସ୍କ କରାଇବାର ସୁଯୋଗ ହିଁ ନାହିଁ । ନିଜ ଗଳ୍ପରେ ସଦାନନ୍ଦ ତ୍ରିପାଠୀ ବରାବର ନୂଆକଥା ଆଣନ୍ତି । ତେବେଏ ନୂଆକଥାଟି କିନ୍ତୁ କେବଳ ଏକ୍‌ଜିଷ୍ଟେନ୍‌ସିଆଲିଜିମ୍ ଉପରେ ଆଧାରିତ, କହିବା ଠିକ୍ ହେବ ନାହିଁ । ସେ ତାଙ୍କର ଅନେକ ଗପରେ ଯେତିକି ସ୍ଥିତିବାଦକୁ ନେଇ ମୁଖର ସେତିକି ବି ଭେଟୁଥିବା ସାମାଜିକ ସତ୍ୟାନୁସନ୍ଧାନରେ ସେ ସଫଳ । ଆଲୋଚ୍ୟ ଗଳ୍ପ ସଂକଳନ 'ଏମ୍.ଅଲ୍ଲୀ ଓ ଅନ୍ୟଯେତେ ଯିଏ'ରେ ସମୁଦାୟ ୧୬ଟି ଗଳ୍ପ ସଂକଳିତ ହୋଇଛି । ପ୍ରତ୍ୟେକଟି ଗପରେ ପାଠକଙ୍କ ପାଇଁ ରହିଛି ସଦାନନ୍ଦୀୟ ଶୈଳୀର ଏକ ନିଆରା ଚମକ । ଚରିତ୍ର ବିଶ୍ଳେଷଣ ହେଉ କି ଗପର ଘଟଣାକୁ ନେଇ ବିସ୍ତାର, ସବୁଥିରେ ଗାଳ୍ପିକ ବେଶ୍ ସଜାଗ ଓ ନିପୁଣ । 'ହାସିଆ', 'ଠେଙ୍ଗୁଆ', 'ଲୁହ', 'କ୍ଷତିପୂରଣ' ଗପଗୁଡ଼ିକ ପୁସ୍ତକର ଗୋଟେ ଗୋଟେ ଉଜ୍ଜ୍ୱଳ ନକ୍ଷତ୍ର । ପାଠକଙ୍କୁ ଆନନ୍ଦ ଦେବାକୁ ଏସବୁ ଗପ ବନ୍ଧ ପରିକର । 'ପଶ୍ଚିମା ପବ୍ଲିକେଶନ'ର ସୁନ୍ଦର ପରିପାଟୀରେ ପ୍ରକାଶିତ ଏ ପୁସ୍ତକଟି ପାଠକଙ୍କର ଆଦରଣୀୟ ହୋଇପାରିବ ବୋଲି ଆଶା ।**




# ଫ୍ରେଣ୍ଡ ଆକାଉଣ୍ଟ


## ଆଲୋକ କୁମାର ବାରିକ୍

ଠିକଣା : ସରସତିଆ, ଔପଦା
ବାଲେଶ୍ୱର-୭୫୬୦୪୯
ଫୋନ :୭୭୩୫୪୨୬୬୭୩




ସଂଗ୍ରାମ ସହ ମୋର ପ୍ରଥମ ପରିଚୟ ହୋଇଥିଲା ବାଣୀବିହାର କ୍ୟାମ୍ପସ୍‌ରେ । ପିଜିରେ ଆମ ଡିପାର୍ଟମେଂଟ୍‌ର ସେ ଥିଲା ପ୍ରଥମ ବର୍ଷର ଛାତ୍ର । ଆଉ ମୁଁ ଥିଲି ଶେଷବର୍ଷର ଛାତ୍ରୀ । ଡିପାର୍ଟମେଂଟ୍ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଉତ୍ସବର ଆୟୋଜନ କରାଯାଇଥିଲା । ଅନିଚ୍ଛା ସତ୍ତ୍ୱେ ମୁଁ ସେହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲି । ପିଲା ଥିଲେ ଅନେକ । ହେଲେ ସେ କାହିଁକି ପ୍ରଥମରୁ ହିଁ ନିଜର ଲାଗିଥିଲା ମୁଁ ଜାଣିନି । ପ୍ରଥମ ଦେଖାରେ କେଇମିନିଟ କଥାବାର୍ତ୍ତା । ସେଥିରେ ସେ ଯେଉଁ ଛାପ ଛାଡ଼ି ଦେଇଯାଇଥିଲା, ତାହା ଭୁଲିବା ମୋ ପାଇଁ ଏତେଟା ସହଜ ନ ଥିଲା । ତା'ର ପିଲାଳିଆମୀ, ଦୁଷ୍ଟାମୀ ମତେ ବହୁତ ଭଲ ଲାଗିଥିଲା ।

**କାହାଣୀ ପଛର କାହାଣୀ**

**ମୁଁ ଭାବେ, ଗପ, କବିତା କିମ୍ବା ଉପନ୍ୟାସ ହେଉଛି ମନର ଅକୁହା କଥାକୁ ଅନ୍ୟମାନଙ୍କ ଆଗରେ ବ୍ୟକ୍ତ କରିବାର ଏକ ମାଧ୍ୟମ । ଏମିତି କିଛି କଥା ଥାଏ ଯାହା ସମସ୍ତଙ୍କୁ କହି ହୁଏନା । କବିତା, ଗପ, ଉପନ୍ୟାସ ମାଧ୍ୟମରେ ତାହା ପରିପ୍ରକାଶ କରିହୁଏ । ସବୁବେଳେ ମୁଁ କଳ୍ପନା ଠାରୁ ବାସ୍ତବତାକୁ ଅଧିକ ଗୁରୁତ୍ୱ ଦିଏ । ମୋ ଆଖପାଖରେ ଘୂରି ବୁଲୁଥିବା ଚରିତ୍ରଙ୍କୁ ଗପ, ଉପନ୍ୟାସ କବିତାରେ ସ୍ଥାନ ଦିଏ । ସେମିତି ଜଣେ ଚରିତ୍ର ହେଉଛି ଏ ଗପର ନାୟିକା । ତାଙ୍କର ପରିଚୟ, ସେ ଜଣେ ସରକାରୀ କର୍ମଚାରୀ । ଜଣେ ଭଲ ଅଫିସର୍ ଭାବେ ତାଙ୍କୁ ସମସ୍ତେ ଜାଣନ୍ତି । ବହୁତ କମ୍ ଲୋକଙ୍କ ସଂସ୍ପର୍ଶରେ ସେ ଆସନ୍ତି । ମୁଁ ଭାଗ୍ୟବାନ । କାରଣ ସେହି କମ୍ ଲୋକଙ୍କ ତାଲିକାରେ ମୁଁ ରହିଛି । ଜଣେ ସାମ୍ବାଦିକ ଭାବେ ତାଙ୍କ ସହ ମୋର ପରିଚୟ ହୋଇଥିଲା । ଅଳ୍ପ ଦିନ ଭିତରେ ଆମେ ପରସ୍ପରକୁ ଜାଣିଥିଲୁ । ପରେ ଆମ ସମ୍ପର୍କ ବନ୍ଧୁତ୍ୱର ରୂପ ନେଇଥିଲା । ତାଙ୍କ ଜୀବନର କିଛି ବାସ୍ତବ କଥାକୁ ନେଇ ମୁଁ ଏହି ଗପଟି ଲେଖିବାକୁ ଆରମ୍ଭ କରିଥିଲି ।**

ଆଲୋକ କୁମାର ବାରିକ୍

ସେହି ଦିନ ଠୁ ତା' ସହ ମୋର ଆଉ ଦେଖା ହୋଇନଥିଲା । ଦିନେ ଲାବୋରେଟରିରୁ ବାହାରୁଥିଲି । ହଠାତ୍ ତା ସହ ଦେଖା । କିଛି ଭାବିବା ପୂର୍ବରୁ ମତେ 'ଦିଦି' ବୋଲି ସମ୍ବୋଧନ କଲା । ପରେ କିଛି ସମୟ ମୋ ସହ କଥା ହେବା ପାଇଁ ଅନୁମତି ମାଗିଲା । ସେଦିନ ମୋର ଆଉ କ୍ଲାସ୍ ନ ଥିଲା । ତା' ପ୍ରସ୍ତାବରେ ରାଜି ହୋଇ ଯାଇଥିଲି । ଲାଇବ୍ରେରିର ଗୋଟିଏ କୋଣରେ ଆମେ ବସିଲୁ । ପରସ୍ପର ସହ କଥା ହେଲୁ । ପରେ ସେ ମତେ ଫାଷ୍ଟ ଇୟରର କିଛି ପୁରୁଣା ନୋଟ୍ସ୍ ମାଗିଲା । ମୋ ପାଖରେ ନୋଟ୍ସ୍ ଥିଲା । ମୁଁ ଦେବାକୁ ପ୍ରତିଶ୍ରୁତି ଦେଲି । ପରେ ପ୍ରତିଶ୍ରୁତି ମଧ୍ୟ ରଖିଥିଲି ।

ଏହାରି ଭିତରେ ବିତି ଯାଇଥିଲା ଆଉ କିଛି ଦିନ । ରୁମ୍‌କୁ ଫେରୁଥିଲି । ସେଦିନର ତାରିଖ କିମ୍ବା ସମୟ ମନେ ନାହିଁ । 'ଦିଦି' ବୋଲି ହଠାତ୍ କାହାର ଡାକ ମୋ କାନରେ ପଡ଼ିଲା । ସ୍କୁଟି ଛିଡ଼ା କଲି । ପଛକୁ ଫେରି ଅନେଇଲି । ସେ ହିଁ ଡାକୁଥିଲା । ମତେ ଦେଖି ଗଡ଼ ଜିଣି ଯାଉଥିବା ଭଳି ଲାଗୁଥିଲା । "କେମିତି ଅଛ ?" ବୋଲି ମୁଁ ସୌଜନ୍ୟ ଦୃଷ୍ଟିରୁ ପଚାରିଲି । ଭଲ ଥିବା କହିଲା । ମତେ ଅବଶ୍ୟ ଖୋଜୁଥିବା କଥା କହିଲା । ମୁଁ କାରଣ ପଚାରିଲି । ସେ ଜଣାଇଲା,

"ଫିଜିକ୍ସର କିଛି ବିଷୟର ଡାଉଟ୍ ଅଛି । ବୁଝି ପାରୁନି । ଡାଉଟ୍ କ୍ଲିୟର୍ ପାଇଁ ଘଂଟାଟିଏ ଆପଣଙ୍କ ରୁମ୍‌କୁ ଆସିଥାନ୍ତି ।" ଡରିଡରି ସେ କହିଲା ।

"କ'ଣ ଟିଉସନ୍‌ରେ କିଛି ବୁଝି ପାରୁନ କି ?" ମୁଁ ପ୍ରଶ୍ନ କଲି ।

"ଦିଦି ମୁଁ ଟିଉସନ୍ ହେଉନି । ଘରେ ମାଉସୀ ପଇସା ଦେଇ ପାରୁନି । ଏଠାରେ ଟିଉସନ୍ କରି ପଢୁଛି । ଟିଉସନ୍‌ରେ ଯାହା ମିଳୁଛି କଷ୍ଟେମଷ୍ଟେ ହଷ୍ଟେଲ୍ ଖର୍ଚ୍ଚ, କଲେଜ୍ ଫି, ବହି, ଖାତା କିଣାରେ ସରି ଯାଉଛି । ଟିଉସନ୍ ହେବାକୁ ଆଉ ଟଙ୍କା ରହୁନି ।" ତଳକୁ ମୁହଁକରି ସେ କହିଲା ।

ମୋର ବି ମନେ ପଡ଼ିଲା । ସେଦିନ ଲାଇବ୍ରେରିରେ ସେ ତା' ଦୁଃଖ କାହାଣୀ କହିଥିଲା । ଦଶ ବର୍ଷର ହୋଇଥିବା ବେଳେ ବାପା-ମାଆ ଛେଉଣ୍ଡ ହୋଇଯାଇଥିଲା ସେ । ପାଖ ଗାଁରେ ଥିବା ଜଣେ ସମ୍ପର୍କୀୟ ବିଧବା ମାଉସୀ ତାକୁ ଲାଳନପାଳନ କରିଥିଲେ । ମାଉସୀ ପର ଘରେ ପାଇଟି କରି ପରିବାର ଚଳାଉଥିଲେ । କଷ୍ଟେମଷ୍ଟେ ଦଶମ ପର୍ଯ୍ୟନ୍ତ ପଢ଼ାଇଥିଲେ । ଦଶମରେ ଅଳ୍ପ କିଛି ମାର୍କ ପାଇଁ ସଂଗ୍ରାମ ଫାଷ୍ଟ ଡିଭିଜନ୍‌ରୁ ବଂଚିତ ହୋଇଥିଲା । ଆଉ ପଢ଼ାଇ ପାରିବନି ବୋଲି ମାଉସୀ ହାତ ଟେକି ଦେଇଥିଲେ । ମାତ୍ର ସେ ପାଠ ପଢ଼ିବ ବୋଲି ଜିଦ୍ ହିଁ ଧରିଥିଲା । ତା ଜିଦ୍ ଆଗରେ ବୁଢ଼ୀ ମାଉସୀ ହାର୍ ମାନିଥିଲେ । ଧାର୍‌ଉଧାର୍ କରି ଘର ଠାରୁ ୧୦ କି.ମି ଦୂର କଲେଜ୍‌ରେ ତା'ର ନାମ ଲେଖାଇଥିଲେ । ଆର୍ଥିକ ସମସ୍ୟା ଯୋଗୁଁ ମାସିକ ଖର୍ଚ୍ଚ କିନ୍ତୁ ଦେଇ ପାରୁନଥିଲେ । ସେବେଠାରୁ ସଂଗ୍ରାମ ଟିଉସନ କରିବା ଆରମ୍ଭ କରିଥିଲା । ଟିଉସନ୍ କରି ନିଜ ପଢ଼ା ଖର୍ଚ୍ଚ ତୁଲାଉଥିଲା । ଏଭଳି ଭାବେ ଗ୍ରାଜୁଏସନ୍ ପାସ୍ କରିଥିଲା । ଭୁବନେଶ୍ୱର ଆସିବା ପରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସେଦିନ ସେ କହିଥିଲା ।

ବାଣୀବିହାରରେ ନାମ ଲେଖାଇବା ପରଠୁ ମୁଁ ସ୍ୱତନ୍ତ୍ର ଭଡ଼ା ଘର ନେଇ ରହୁଥିଲି । ପିଲାବେଳୁ ମୁଁ ଗହଳ ଚହଳକୁ ପସନ୍ଦ କରେନି । ଏହି କାରଣରୁ ବାବା ମୋ ପାଇଁ ଏକ ଭଡ଼ା ଘର ଠିକ୍ କରିଥିଲେ । ସେଠାକାର ପରିବେଶ ବି ମୋ ପାଇଁ ଠିକ୍ ଠାକ୍ ଥିଲା ।

"ଦିଦି, ମୋ କଥାରେ କ'ଣ ଆପଣ ରାଜି ନୁହଁନ୍ତି ?" ସେ ପୁନଶ୍ଚ ପ୍ରଶ୍ନ କଲା ।

"କେଉଁ କଥା ?"

"ଆପଣଙ୍କ ପାଖକୁ ଡାଉଟ୍ କ୍ଲିୟର୍ କରିବାକୁ ଆସିବା କଥା ।" ସେ ଆଉ ଥରେ ମନେ ପକାଇ ଦେଲା ।

"ତୁମେ ଅନ୍ୟ କାହା ପାଖକୁ ଯାଉନ । ସେ ଡାଉଟ୍ କ୍ଲିୟର୍ କରିଦେବେ ।" ମୁଁ ତା ପ୍ରସ୍ତାବକୁ ଆଭୋଏଡ୍ କରିବାକୁ ଚାହିଁଲି ।

"ଦିଦି ମୁଁ ଜାଣିବାକୁ ପାଇଲି ଆପଣ ଜଣେ ଭଲ ଷ୍ଟୁଡେଣ୍ଟ । ଆଉ ଆପଣ ବି ମତେ ଭଲ ଲାଗନ୍ତି । ସେଥିପାଇଁ କହିଲି । ଯଦି ଆପଣ ରାଜି ନୁହଁନ୍ତି; ତେବେ ସରି । ମୁଁ ପରେ ଦେଖିବି କ'ଣ ହେଉଛି ।"

ଏତିକି କହିବା ସହ ସେ ନିରବ ରହିଲା । ତା'ର ଶେଷ କେଇପଦ କଥା ମତେ ପ୍ରଭାବିତ କରିଥିଲା । ଅଧିକାଂଶ ସମୟରେ ରୁମ୍‌ରେ ମତେ ବି ବୋର୍ ଲାଗୁଥିଲା । ଏଥିପାଇଁ ମୁଁ ତା ପ୍ରସ୍ତାବରେ ରାଜି ହେବାକଥା ଭାବିଲି । ପ୍ରତି ରବିବାର ସକାଳେ ମାତ୍ର ଘଂଟାଏ ଆସିବାକୁ କହିଲି । ମୋର ଏହି ପ୍ରସ୍ତାବରେ ସେ ରାଜି ହେଲା । ତାକୁ ମୋ ରୁମ୍ ଠିକଣା ଦେଇ ଫେରିଥିଲି । ରବିବାର ନିର୍ଦ୍ଦିଷ୍ଟ ସମୟରେ ସେ ମୋ ରୁମ୍‌ରେ ପହଂଚିଥିଲା । ମୁଁ ଯାହା ଜାଣିଥିଲି ତାକୁ ପଢ଼ାଇବାକୁ ଚେଷ୍ଟା କଲି । ସେ ବି ଜଣେ ମେଧାବୀ ଛାତ୍ର ବୋଲି ପ୍ରଥମ ଦିନରୁ ହିଁ ପ୍ରମାଣ ପାଇଥିଲି ।

ଏହା ଭିତରେ ବିତି ଯାଇଥିଲା କିଛି ମାସ । ମୁଁ ମୋ ପରୀକ୍ଷାକୁ ନେଇ ବ୍ୟସ୍ତ ରହୁଥିଲି । ଏହା ସତ୍ତ୍ୱେ ସଂଗ୍ରାମର ଆସିବାକୁ ବନ୍ଦ କରିନଥିଲି । ମୋ ପରୀକ୍ଷା ପରେ ତା ପରୀକ୍ଷା ହୋଇଥିଲା । ପରୀକ୍ଷା ପରେ ମୁଁ ଗାଁକୁ ପଳାଇ ଆସିଥିଲି । ସଂଗ୍ରାମ ହଷ୍ଟେଲ୍‌ରେ ରହିଥିଲା । ପାଖାପାଖି ସମୟରେ ଆମ ଉଭୟଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ମୁଁ ୮୫ ପ୍ରତିଶତ ନମ୍ବର ସହ ଉତ୍ତୀର୍ଣ୍ଣ ହୋଇଥିଲି । ସଂଗ୍ରାମ ତାଙ୍କ ବ୍ୟାଚ୍‌ରେ ଫାଷ୍ଟ ଇୟର୍‌ରେ ଟପ୍ପର ହୋଇଥିଲା ।

ପରୀକ୍ଷା ସରିବା ପରେ ମମି ମୋ ବିବାହକୁ ନେଇ ବ୍ୟସ୍ତ ଥିଲେ । ବାବା ଆଉ ମୁଁ କିନ୍ତୁ ଏଥିରେ ରାଜି ନ ଥିଲୁ । ମୁଁ ନିଜ ଗୋଡ଼ରେ ନିଜେ ଛିଡ଼ା ହେବା ପାଇଁ ନିଷ୍ପତ୍ତି ନେଇଥିଲି । ବାବା ବି ତାହା ଚାହୁଁଥିଲେ । ପରୀକ୍ଷା ପରେ ମୁଁ ବିଭିନ୍ନ କମ୍ପିଟେଟିଭ୍ ଦେବାକୁ ମନସ୍ଥ କଲି । ଏକ ପ୍ରତିଷ୍ଠିତ ଘରୋଇ ଶିକ୍ଷାନୁଷ୍ଠାନରେ କୋଚିଂ ବି ନେଲି । ଏହା ସତ୍ତ୍ୱେ ମୋ ରୁମ୍‌କୁ ସଂଗ୍ରାମର ଆସିବା ବନ୍ଦ ହୋଇନଥିଲା । ଏହା ଭିତରେ ମୁଁ ତା'ର ଅନେକ କିଛି ପରବର୍ତ୍ତନ ଲକ୍ଷ୍ୟ କରିଥିଲି । ପ୍ରତି ସପ୍ତାହରେ ଆସୁଥିଲେ ହେଁ ପୂର୍ବ ଭଳି ସେ ମୋ ସହିତ ମିଶି ପାରୁନଥିଲା । ଅନେକ ସମୟରେ ଅନ୍ୟମନସ୍କ ରହୁଥିଲା । ଆଗ ଭଳି ପାଠ ପଢୁ ନ ଥିଲା । ଦିନେ ପାଠପଢ଼ା ସରିବା ପରେ ଏ ନେଇ ତାକୁ ପଚାରିଲି । ତା' ପାଖରୁ ଉତ୍ତର ଶୁଣିବା ପରେ ମୋ କାନମୁଣ୍ଡ ଭାଁ ଭାଁ ହୋଇଯାଇଥିଲା । ସେ ମତେ ଭଲ ପାଉଥିଲା । ଆଉ ମୁଁ ତା'ର କାଳେ ପ୍ରଥମ ପ୍ରେମ ବୋଲି କହିଲା । ମୁଁ କି ଉତ୍ତର ଦେବି ଜାଣି ପାରିନଥିଲି । ଇଚ୍ଛା ହେଉଥିଲା ତା' ଗାଲରେ ଢୋ କିନା ଚଟକଣିଟିଏ ଦେବାକୁ । ହେଲେ ନିଜକୁ ଆୟତ୍ତ କରିନେଲି । ସେହିଦିନ ମୁଁ ତାକୁ ଘରୁ ଅପମାନ ଦେଇ ଫେରାଇ ଦେଲି, ଆଉ ମୋ ରୁମ୍‌କୁ ନ ଆସିବା ପାଇଁ ଚରମବାଣୀ ଶୁଣାଇ । ସେ ବି ନିରବରେ ଫେରି ଯାଇଥିଲା । ଫେରିଗଲା ପୂର୍ବରୁ ମୁଁ ତାକୁ ଶେଷଥର ପାଇଁ ଅନାଇଲି । ଲୁହ ଛଳଛଳ ଥିଲା ତା'ର ଦୁଇଟି ଆଖି । ଆଖି ଦୁଇଟି ଅନେକ କିଛି କଥା କହୁଥିଲା । ହେଲେ ସେ ଥିଲା ନିରବ ।

ସେ ଗଲାପର ଠୁ ମୁଁ ଆଉ ଠିକ୍‌ରେ ରହି ପାରିଲିନି । ମୋର ଏହି ଅଭଦ୍ରାମୀ ପାଇଁ ନିଜକୁ ଲଜ୍ଜିତ ମନେ କଲି । କେବଳ ତା'ର ନିରୀହ ମୁହଁଟି ମୋ ଆଖି ଆଗରେ ନାଚି ଉଠିଲା । ତାକୁ ଫୋନ୍ କରି 'କ୍ଷମା' ମାଗିବି କି ନାହିଁ ସେନେଇ ମନ ଆଉ ବିବେକ ମଧ୍ୟରେ ଏକପ୍ରକାର ଯୁଦ୍ଧ ଆରମ୍ଭ ହୋଇଗଲା । ଶେଷରେ ବିବେକର ଜିତାପଟ ହେଲା । ମୋ ଅଭଦ୍ରାମୀ ପାଇଁ ସନ୍ଧ୍ୟାରେ ତାକୁ ଫୋନ୍ କରି କ୍ଷମା ମାଗିଲି । ତା'ପରର ପରିସ୍ଥିତି କିନ୍ତୁ ମୋ ନିୟନ୍ତ୍ରଣର ବାହାରେ ଥିଲା । ଛୋଟପିଲାଟି ଭଳି ସେ କାନ୍ଦିଲା । ତା କାନ୍ଦ ଆଗରେ ମୁଁ ହାରି ଯାଇଥିଲି । ପିଲାବେଳୁ କାହାରି ଆଖିର ଲୁହ ଦେଖିବାକୁ ମୁଁ ଭଲ ପାଏନି । ତାକୁ ତୁନି କରେଇବା ପାଇଁ ଅନିଚ୍ଛା ସତ୍ତ୍ୱେ ମୁଁ ତାକୁ ଆଇ ଲଭ୍ ୟୁ ବୋଲି କହିଥିଲି । ସେହିଦିନ ସେ ଘଟଣାକୁ ମୁଁ ଭୁଲି ଯାଇଥିଲି ।

ଜୀବନରେ ଅନେକ ପୁଅ ମୋ ଜୀବନ ପରିଧିକୁ ଆସିଥିଲେ । ମତେ ପ୍ରପୋଜ୍ ବି କରିଥିଲେ । ମୁଁ ସମସ୍ତଙ୍କୁ ନିରାଶ କରିଥିଲି । ବାବା-ମମିଙ୍କ ଅନିଚ୍ଛାରେ ମୁଁ ଆଉ କାହାକୁ ବିବାହ କରିବାକୁ ଚାହୁଁ ନ ଥିଲି । ସାନ ଉଉଣୀ ରୋଜି ତା' ସହକର୍ମୀଙ୍କୁ ପ୍ରେମ ବିବାହ କରିବା ପରେ ମୁଁ ବାବା-ମମିଙ୍କ ଦୁଃଖକୁ ବେଶ୍ ଅନୁଭବ କରିଥିଲି । ମୁହଁରେ କିଛି କହୁନଥିଲେ ସେମାନେ । କଥାବାର୍ତ୍ତାରେ ଉଭୟଙ୍କ ନିରାଶ ଭାବକୁ ମୁଁ ବେଶ୍ ଅନୁଭବ କରି ପାରୁଥିଲି । ଘରେ ବଡ଼ ଝିଅ ହୋଇଥିବାରୁ ପରିଣତ ବୟସରେ ସେମାନଙ୍କ ମନରେ ଦୁଃଖ ଦେବାକୁ ଚାହୁଁ ନ ଥିଲି ।

ଅନ୍ୟପକ୍ଷରେ ସଂଗ୍ରାମର ନିଚ୍ଛକ ଭଲ ପାଇବା ନିକଟରେ ମୁଁ ବାରମ୍ବାର ହାର୍ ମାନୁଥିଲି । ଜୀବନର ପ୍ରଥମଥର ସୀମିତ ସମୟ ପାଇଁ ମୁଁ କାହାରି ପ୍ରେମରେ ପଡ଼ିଥିବା ଅନୁଭବ କରୁଥିଲି । ଏହା ସତ୍ତ୍ୱେ ମୁଁ ମୋ ଜିଦ୍‌ରେ ଅଚଳ ଅଟଳ ଥିଲି । ସଂଗ୍ରାମର ବାରମ୍ବାର ପ୍ରପୋଜ୍ ସତ୍ତ୍ୱେ ମୁଁ ତାକୁ ରିଜେକ୍ଟ କରି ଦେଉଥିଲି । ବାରମ୍ବାର ବୁଝାଉଥିଲି । ମାତ୍ର ସେ ତା' ଜିଦ୍‌ରେ ଅଟଳ । ଅନେକ ରାତି ଅନିଦ୍ରା ହୋଇ ତାକୁ ବୁଝେଇଛି । ହେଲେ କିଛି ଫଳ ମିଳିନି । ବରଂ ବାରମ୍ବାର ମୁଁ ତା ପାଗଳାମୀ ଆଗରେ ବିଫଳ ହେଉଥିଲି ।

ଏହା ଭିତରେ ତା'ର ପିଜି ଶେଷ ହୋଇଥିଲା । ମୁଁ ଓଡ଼ିଶା ପ୍ରଶାସନିକ ସେବାରେ ଜଏନ୍ କରିଥିଲି । ମତେ ନେଇ ସେ ସ୍ୱପ୍ନ ଦେଖିବା ଆରମ୍ଭ କରି ଦେଇଥିଲା । ମୁଁ ପୂର୍ବଭଳି ମୋ ନିଷ୍ପତ୍ତିରେ ଅଟଳ ଥିଲି । ତା ଭଲ ପାଇବା ସବୁ ସୀମା ସରହଦ ଟପି ଯାଇଥିଲା । ଏଥିରୁ ଦୂରେଇ ରହିବାକୁ ମୁଁ ତାଗିଦ୍ କହିଥିଲି । ମାତ୍ର ସେ ବୁଝି ନଥିଲା । ଏହା ଭିତରେ ଘର ଲୋକେ ଦିପ୍ତେଶଙ୍କ ସହ ମୋ ବିବାହ ବି ଠିକ୍ କରିସାରିଥିଲେ । ଦିପ୍ତେଶ ଜଣେ ଇଞ୍ଜିନିୟର୍ । ମୁଁ ଘର ଲୋକଙ୍କ ପ୍ରସ୍ତାବକୁ ସମ୍ମାନ ଜଣାଇଥିଲି । ତଥାପି ସଂଗ୍ରାମର ଭଲପାଇବା ମୋ ଜୀବନ ଭିତରକୁ ବେଳେବେଳେ ସେମିତି ଧସେଇ ପଶି ଆସୁଥିଲା ।

ବିବାହ ଦିନ ପାଖେଇ ଆସିଲା । ଘରେ ସବୁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଯାଇଥିଲା । ତଥାପି ସଂଗ୍ରାମ ଏହାକୁ ମାନିବାକୁ ପ୍ରସ୍ତୁତ ନ ଥିଲା । ନିମନ୍ତ୍ରଣ କାର୍ଡ ବି ଛପା ସରିଥିଲା । ସତ ଜଣାଇବା ପାଇଁ ତାକୁ ବି ଖଣ୍ଡେ ନିମନ୍ତ୍ରଣ କାର୍ଡ ଦେଇଥିଲି । ଆଉ ମୋ ବିବାହରେ ଆସିବାକୁ ମଧ୍ୟ ନିମନ୍ତ୍ରଣ କରିଥିଲି । ନିମନ୍ତ୍ରଣ କାର୍ଡ ପାଇବା ପରେ ଯାଇ ମୋ କଥାକୁ ବିଶ୍ୱାସ କରିଥିଲା ସେ । ଛୋଟ ପିଲାଟି ଭଳି ବହୁତ କାନ୍ଦିଥିଲା ସେଦିନ । ମୋ ଜୀବନରୁ ସବୁଦିନ ଦୂରେଇ ଯିବାକୁ ଶପଥ କରି ଲୁହ ଛଳଛଳ ଆଖିରେ ବିଦାୟ ନେଇଥିଲା । ବାସ୍ ତାହା ଥିଲା ସଂଗ୍ରାମ ସହ ମୋର ଶେଷ ଦେଖା ।

ନିର୍ଦ୍ଧାରିତ ତାରିଖରେ ଦିପ୍ତେଶଙ୍କ ସହ ମୋ ବିବାହ ହୋଇଥିଲା । ବିବାହରୁ ଦୁଇ ବର୍ଷ ପରେ ପୁଅ ପପୁନ୍‌ର ଜନ୍ମ । ମୁଁ ମୋ ପୁଅ, ସଂସାର ଆଉ ଚାକିରିକୁ ନେଇ ଏତେ ବ୍ୟସ୍ତ ରହିଥିଲି ଯେ ସଂଗ୍ରାମର କଥାକୁ କେବ ଠୁ ଭୁଲି ଯାଇଥିଲି । ପିଲାଳିଆମୀ ଯୋଗୁଁ ସେ ଏଭଳି ଭୁଲ୍ କରିଥିବା ନିଶ୍ଚିତ ଥିଲି ।

ଏହା ଭିତରେ ବିତି ଯାଇଥିଲା ସାତ ବର୍ଷ । ମୁଁ ମୋ ସଂସାର, ଆଉ ଚାକିରି ଜଞ୍ଜାଳ ଭିତରେ ଏକ ପ୍ରକାର ଅଣନିଶ୍ୱାସୀ ହୋଇଯାଉଥିଲି । ଅଧିକାଂଶ ସମୟ ବ୍ୟସ୍ତ ବି ରହୁଥିଲି । ଏହା ଭିତରେ ପପୁନ୍ ମୋର ସବୁଠାରୁ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଥିଲା । ସେ ତା ଡାଡିଙ୍କ ଠାରୁ ଅଧିକ ଦୁଷ୍ଟାମୀ କରୁଥିଲା । ଭଲ ବି ପଢୁଥିଲା । ତା'ର ଦୁଷ୍ଟାମୀରେ ଆମେ ସ୍ୱାମୀ-ସ୍ତ୍ରୀ ଦିନଯାକର ସମସ୍ତ ଦୁଃଖ କଷ୍ଟକୁ ଭୁଲିଯାଉ । ଦିପ୍ତେଶଙ୍କ ସବୁ ଦିନ କାମ । ଅଧିକାଂଶ ଛୁଟି ଦିନରେ ବି ସେ ବାହାରେ ରହନ୍ତି । ପପୁନ୍ ଥିଲେ ତାଙ୍କ ଅନୁପସ୍ଥିତିକୁ ଅନୁଭବ କରି ହୁଏନି । ମାତ୍ର ପପୁନ୍ ଟିଉସନ୍ କିମ୍ବା କୋଚିଂ କ୍ଲାସ୍ ଯାଇଥିଲେ ଏହି ସମୟଗୁଡ଼ାକ ମତେ ସବୁଠୁ ଯନ୍ତ୍ରଣାଦାୟକ ଲାଗେ । ଏହି ସମୟକୁ ବିତାଇବା ପାଇଁ ବେଳେ ବେଳେ ମୁଁ ବି ସୋସିଆଲ୍ ମିଡିଆର ଆଶ୍ରା ନିଏ । ସୋସିଆଲ୍ ମିଡିଆ କହିଲେ ଫେସ୍‌ବୁକ୍ ଆଉ ହ୍ୱାଟ୍‌ସ୍‌ଆପ୍ । ଏହା ବ୍ୟତୀତ ଆଉ କେଉଁ ସାଇଟ୍‌ରେ ମୋର ଆକାଉଣ୍ଟ୍ ନଥିଲା । ଫେସ୍‌ବୁକ୍‌ରେ ମୋ ଅଫିସ୍ ସହକର୍ମୀ, ପରିବାର ସମ୍ପର୍କୀୟ ବ୍ୟତୀତ ସୀମିତ ଲୋକଙ୍କ ସହ ଥିଲି । ଅଜଣା ଲୋକଙ୍କୁ ଫ୍ରେଣ୍ଡ୍ ଲିଷ୍ଟ୍‌ରେ ରଖୁନଥିଲି । ଯଦିଓ ପ୍ରତିମାସ ଶତାଧିକ ଅଜଣା ଲୋକଙ୍କ ଫ୍ରେଣ୍ଡ୍ ରିକ୍ୟୁଏଷ୍ଟ ମୋ ପାଖକୁ ଆସୁଥିଲା ।

ଏହା ଭିତରେ ବି କିଛି ଅଜଣା ଲୋକଙ୍କୁ ମୁଁ ମୋ ଫ୍ରେଣ୍ଡଲିଷ୍ଟ୍‌ରେ ସ୍ଥାନ ଦେଇଥିଲି; ଯେଉଁମାନଙ୍କ ଷ୍ଟାଟସ୍ ମତେ ଭଲ ଲାଗୁଥିଲା । ସେମାନଙ୍କ ମଧ୍ୟରୁ 'ଲଭ ଇଜ୍ ବ୍ଲାଇଣ୍ଡ୍' ଫେକ୍ ଆକାଉଣ୍ଟ୍ ଥିବା ଏକ ଫ୍ରେଣ୍ଡ୍ ରିକ୍ୱେଷ୍ଟ୍‌କୁ ବି ମୁଁ ରିସିଭ୍ କରିଥିଲି । ଜାଣିଥିଲି ସେହି ଆକାଉଣ୍ଟ୍ ଥିଲା ଫେକ୍ । ତଥାପି ତା'ର ଷ୍ଟାଟସ୍ ମତେ ବେଶ୍ ପ୍ରଭାବିତ କରିଥିଲା । ପ୍ରଥମେ ପ୍ରଥମେ ତା ନିକଟରୁ ପ୍ରତିଦିନ ସକାଳୁ ଗୁଡ୍‌ମର୍ଣ୍ଣିଂ ମେସେଜ୍ ଆସୁଥିଲା । ସମୟ ସୁବିଧା ଦେଖି ମୁଁ ତା'ର ଉତ୍ତର ଦିଏ । ପରେ ବିଭିନ୍ନ ବିଷୟରେ ସେ ମୋ ସହ ଆଲୋଚନା କରୁଥିଲା । ସରଳ, ଶାନ୍ତ ବ୍ୟବହାର ମତେ ତା'ଠୁ ଦୂରେଇ ଦେଉନଥିଲା । କିଛି ମାସ ଭିତରେ ଆମେ ଦୁହେଁ ପରସ୍ପରର ଅନେକ କିଛି ଜାଣିଥିଲୁ । ସେ ଜଣେ ଯୁବକ ବୋଲି ମଧ୍ୟ ମୁଁ ଜାଣିଥିଲି । ମୋ ପରିବାର ବିଷୟରେ ସେ ଅନେକ କଥା ଜାଣିଥିଲା । ହେଲେ ମୁଁ ତା ବିଷୟରେ ଅଧିକ କିଛି ଜାଣିବାକୁ ଆଗ୍ରହ ପ୍ରକାଶ କରିନଥିଲି ।

ସମସ୍ତଙ୍କ ସମୟ ଠିକ୍ ଯାଏନି । କିଛି ମାସ ତଳେ ପପୁନ୍‌ର ଦେହ ଖରାପ ହେଲା । ଆମେ ସ୍ୱାମୀ-ସ୍ତ୍ରୀ ରାଜ୍ୟର ସବୁ ପ୍ରତିଷ୍ଠିତ ବଡ଼ବଡ଼ ଡାକ୍ତରଙ୍କୁ ଦେଖାଇଥିଲୁ । କେହି ରୋଗର କାରଣ କହି ପାରିନଥିଲେ । ଶେଷରେ ବିଦେଶ ଫେରନ୍ତା ଡକ୍ଟର ବି.ଏସ୍. ଜଟାଣିଆଙ୍କୁ ଦେଖାଇଲୁ । ବହୁ ପରୀକ୍ଷାନିରୀକ୍ଷା ପରେ ଜଣା ପଡ଼ିଲା ପପୁନ୍‌ର କିଡ୍‌ନୀ ଦୁଇଟି ଖରାପ ହୋଇଛି । ତୁରନ୍ତ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ୍ ଦରକାର । ମାସେ କିମ୍ବା ଦୁଇ ମାସ ବିଳମ୍ବ କଲେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ । ଡାକ୍ତର ନିକଟରୁ ଏହା ଶୁଣି ସାରିବା ପରେ ଆମ ସ୍ୱାମୀ-ସ୍ତ୍ରୀଙ୍କ ମୁଣ୍ଡରେ ଆକାଶ ଛିଡ଼ି ପଡ଼ିଲା ଭଳି ଲାଗିଲା । ପପୁନ୍‌ର ଅସ୍ତ୍ରୋପଚାରକୁ ନେଇ ଆମେ ଚିନ୍ତିତ ନ ଥିଲୁ । ଚିନ୍ତିତ ଥିଲୁ କିଡ୍‌ନୀକୁ ନେଇ । କିଡ୍‌ନୀ କିଣିବା ପାଇଁ ଆମ ନିକଟରେ ପର୍ଯ୍ୟାପ୍ତ ଟଙ୍କା ଥିଲା । ମାତ୍ର ବିକ୍ରି କରିବ କିଏ ? ସେନେଇ ଆମେ ଚିନ୍ତାରେ ଥିଲୁ । ମୋ ଦେହ ଖରାପ ଥିଲା । କିଡ୍‌ନୀ ନ ଦେବାକୁ ଡାକ୍ତର ମନା କଲେ । କିଛି ବ୍ୟକ୍ତିଗତ କାରଣରୁ ଦିପ୍ତେଶକୁ ମଧ୍ୟ ମନା କରାଯାଇଥିଲା ।

ଦୁନିଆକୁ ଭଲ କରି ଜାଣି ନ ଥିବା ପପୁନ୍‌ର ଭବିଷ୍ୟତକୁ ନେଇ ଆମେ ଚିନ୍ତାରେ ଥିଲୁ । ଗୋଟିଏ କିଡ୍‌ନୀ ଯୋଗାଡ଼ କରିବା ପାଇଁ ଆମେ ଦିନରାତି

**"ଦିନ ଥିଲା ମୁଁ ଆପଣଙ୍କୁ ଭଲ ପାଉଥିଲି । ଖୁସିରେ ରଖିବାକୁ ଶପଥ କରିଥିଲି । ଈଶ୍ୱରଙ୍କ ନିଷ୍ପତ୍ତି ଥିଲା କିନ୍ତୁ ଭିନ୍ନ । ଆପଣଙ୍କୁ ବିବାହ କରି ପାରିଲିନି । ହେଲେ ଆପଣଙ୍କ ହସଖୁସିର ସଂସାର ଦେଖି ଖୁସି ହେଉଥିଲି । ପପୁନ୍‌ର ଦେହ ଖରାପ ଆପଣଙ୍କ ପରିବାର ହସଖୁସିକୁ ଧୋଇ ଦେଇଥିଲା । ଆପଣ ସବୁ ବେଳେ ଚିନ୍ତାରେ ରହୁଥିଲେ । ଆପଣଙ୍କୁ ଖୁସିରେ ରଖିବାକୁ ଯାଇ ଏଭଳି ନିଷ୍ପତ୍ତି ନେଲି ।" ବହୁ କଷ୍ଟରେ ସେ ଉତ୍ତର ଦେଲା ।**

ଏକାକାର କରି ଦେଉଥିଲୁ । ଅନେକ ଲୋକଙ୍କୁ ଭେଟିଥିଲୁ । ହେଲେ ଫଳ ଶୂନ୍ । ଏଣେ ହାତରୁ ଗୋଟିଏ ପରେ ଗୋଟିଏ ଦିନ କମି କମି ଯାଉଥିଲା । ସବୁଠୁ ନିରାଶ ହୋଇ ଆମେ ଚିନ୍ତାରେ ଥିବାବେଳେ ସାଙ୍ଗ ଜୟନ୍ତୀ ଏକ ପରାମର୍ଶ ଦେଲା । ସୋସିଆଲ୍ ମିଡିଆରେ ଏନେଇ ଏକ ପୋଷ୍ଟ୍ କରିବାକୁ ସେ କହିଲା । ମୁଁ ତା କଥା ମାନିଲି । ଫେସ୍‌ବୁକ୍‌ରେ ଏ ସମ୍ପର୍କିତ ଏକ ପୋଷ୍ଟ୍ ମଧ କଲି । ହେଲେ କିଛି ଲାଭ ହେଲାନି । ସବୁଥିରେ କେବଳ ସହାନୁଭୂତିର ବାର୍ତ୍ତା ଥିଲା । ହେଲେ କେହି ସହଯୋଗର ହାତ ବଢ଼ାଇ ନ ଥଲେ । ସେଦିନ ସନ୍ଧ୍ୟାରେ ମନ ଦୁଃଖରେ ବସିଥାଏ । ଏହି ସମୟରେ ସେହି ଫେକ୍ ଆକାଉଣ୍ଟ୍‌ରୁ ଏକ ମ୍ୟାସେଜ୍ ଆସିଲା । ମୋ ମ୍ୟାସେଜ୍ ଦେଖି ସେ ଦୁଃଖ ପ୍ରକାଶ କରିଥିଲା । ଏଭଳି ଅବସ୍ଥାରେ ମୋ ସହ ଛିଡ଼ା ହେବ ବୋଲି ପ୍ରତିଶ୍ରୁତି ଦେଲା । ମୁଁ ଟିକେ ଆଶ୍ୱସ୍ତ ହେଲି ।

ଏହା ଭିତରେ ବିତି ଯାଇଥିଲା ଆଉ ପାଞ୍ଚ ଦିନ । ସବୁଦିନ ଭଳି ଏହି ପିଞ୍ଚ ଦିନ ମଧ ଆମ ସ୍ୱାମୀ-ସ୍ତ୍ରୀଙ୍କୁ ନିରାଶ କରିଥିଲା । ଏଭଳି ସମୟରେ ସେହି ଫେକ୍ ଆକାଉଣ୍ଟରୁ ମେସେଜ୍ ଆସିଥିଲା । ବହୁ କଷ୍ଟରେ କିଡ୍‌ନୀଟିଏ ଯୋଗାଡ଼ ହୋଇଥିବା ସେ କହିଲା । ମୁଁ ବିଶ୍ୱାସ କରି ପାରିଲିନି । ସୋସିଆଲ୍ ମିଡିଆର ଜଣେ ଅପରିଚିତ ଲୋକ ଏଭଳି ସାହାଯ୍ୟ କରିପାରେ ! ! ମୁଁ ଚକିତ ହେଲି । ଏ ନେଇ ଦୀପ୍ତେଶ୍ ତାଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ଯାଇ ମୁଁ ନିଶ୍ଚିତ ହୋଇଥିଲି । ବ୍ୟକ୍ତିଜଣକ ଏଥିପାଇଁ ୩ ଲକ୍ଷ ଟଙ୍କା ଦାବି କରିଥିଲା । ଦିପ୍ତେଶ୍ ତାଙ୍କର ସମସ୍ତ ସର୍ତ୍ତରେ ରାଜି ହୋଇଥିଲେ । ତାଙ୍କ ଆକାଉଣ୍ଟରେ ଦୀପ୍ତେଶ ଆଗୁଆ ଟଙ୍କା ମଧ ଜମା କଲେ । ପପୁନ୍‌ର ଅପରେଶନ୍ ପାଇଁ ସବୁ ପ୍ରସ୍ତୁତି ଚାଲିଲା । ଦିଲ୍ଲୀର ଏକ ଘରୋଇ ହସ୍ପିଟାଲ୍‌ରେ ଅସ୍ତ୍ରୋପଚାର ପାଇଁ ତାରିଖ ଘୋଷଣା ହେଲା ।

ସଚିବାଳୟରେ କିଛି ଜରୁରି କାମ ପାଇଁ ମୁଁ ବ୍ୟସ୍ତ ରହିଲି । ଦିପ୍ତେଶ୍ ଅପରେସନ କଥା ସବୁ ବୁଝାବୁଝି କରୁଥିଲେ । ମୁଁ ତାଙ୍କ ପାଖରୁ ସବୁ ବୁଝି ନେଉଥିଲି । ନିର୍ଦ୍ଧାରିତ ସମୟରେ ଅସ୍ତ୍ରୋପଚାର ହେଲା । କିଛି ଜରୁରି କାମ ଯୋଗୁଁ ଅସ୍ତ୍ରୋପଚାର ଦିନ ବିଳମ୍ବରେ ଭୁବନେଶ୍ୱରରୁ ଦିଲ୍ଲୀରେ ପହଞ୍ଚିଲି । ଭୁବନେଶ୍ୱରରୁ ବିମାନ ଆକାଶକୁ ଉଠିବା ପରେ ଅଜାଣତରେ ସେହି ଲୋକଟିର ସାହାଯ୍ୟ ପାଇଁ ମୋ ହାତ ଯୋଡ଼ି ହୋଇଗଲା । ଦିଲ୍ଲୀରେ ପହଂଚିବା ପରେ ଏକ ନିଃଶ୍ୱାସରେ ସେହି ହସ୍ପିଟାଲ୍‌କୁ ଗଲି । ପପୁନ୍‌ର ଅସ୍ତ୍ରୋପଚାର ସଫଳ ହୋଇଥିବା ଦୀପ୍ତେଶ୍ କହିଲେ । ଅକ୍ଳାନ୍ତ ପରିଶ୍ରମ କରିଥିବା ଡାକ୍ତର ଟିମ୍‌କୁ ଧନ୍ୟବାଦ ଦେଲି । ମୁଁ କିନ୍ତୁ ସେହି ଲୋକଙ୍କୁ ଭେଟିବାକୁ ଚାହୁଁଥିଲି; ଯାହା ପାଇଁ ମୋ ପୁଅ ନୂଆ ଜୀବନ ପାଇଥିଲା । ଡାକ୍ତରଙ୍କ ଅନୁମତି ନେଇ ମୁଁ ସେହି ୱାର୍ଡକୁ ଗଲି, ଯେଉଁଠି ସେ କିଛି ଘଂଟା ପୂର୍ବରୁ ବିଶ୍ରାମ ନେଇଥିଲେ । ପାଖରେ ଥିଲା ଜଣେ ଅଙ୍କ ବୟସ୍କା ନର୍ସ । ନର୍ସଙ୍କୁ ଜଣାଇ ଭିତରକୁ ଗଲି । ନିଘୋଡ଼ ନିଦରେ ଶୋଇଥିଲେ ସେ । ଭଲ କରି ଦେଖିଲି । ଆଉ ଯାହା ଦେଖିଲି ନିଜ ଆଖିକୁ ମଧ ବିଶ୍ୱାସ କରି ପାରିଲିନି ।

ଆରେ ଏ ତ ସଂଗ୍ରାମ! ହଁ ସଂଗ୍ରାମ ହିଁ ଶୋଇଥିଲା ବେଡ୍‌ରେ । ଏହି କିଛି ବର୍ଷ ଭିତରେ ଅନେକ ପରିବର୍ତ୍ତନ ହୋଇଛି । ମାତ୍ର ତା'ର କିଛି ବି ପରିବର୍ତ୍ତନ ହୋଇନି । ପୂର୍ବଭଳି ପିଲାଳିଆମୀର ଛାପ ତା' ମୁହଁରୁ ସ୍ପଷ୍ଟ ବାରି ହେଉଥିଲା । ମୁଁ ଥିଲି ନିରବ । କିଛି ସମୟ ପରେ ମୁଁ ତା' ନାମ ଧରି ଡାକିଲି । ଧୀରେ ଧୀରେ ଆଖି ଖୋଲିଲା । ମୁଁ ତା ମୁହଁକୁ ଚାହିଁଲି । ଯନ୍ତ୍ରଣାର ଆଭାସ ସ୍ପଷ୍ଟ ବାରି ହୋଇ ପଡୁଥିଲା । ମାତ୍ର ମତେ ଦେଖିବା ପରେ ସେ ଠିକ୍ ଥିବାର ଅଭିନୟ ଆରମ୍ଭ କଲା ।

"ମ୍ୟାଡାମ୍, ଆପଣ ଆସିଛନ୍ତି ! ମୁଁ ଜାଣିଥିଲି ଆପଣ ନିଶ୍ଚିତ ମତେ ଦେଖା କରିବାକୁ ଆସିବେ । କେମିତି ଅଛନ୍ତି ? ସାର୍ ବହୁତ ଭଲ ଲୋକ ।" ଏକ ନିଃଶ୍ୱାସରେ ଏମିତି ଅନେକ କିଛି ଗପି ଗଲା । ମୁଁ କିନ୍ତୁ ଥିଲି ନିରବ ।

"ତୁମେ ଏସବୁ କାହିଁକି କରୁଥିଲ ?" ମୁଁ ଅଣନିଃଶ୍ୱାସୀ ହୋଇ ପ୍ରଶ୍ନ କଲି ।

"ଆପଣଙ୍କୁ ଦିନେ ଜୀବନ ଠୁ ଅଧିକ ଭଲ ପାଉଥିଲି । ଆଉ ଖୁସିରେ ରଖିବି ବୋଲି ଶପଥ ମଧ କରିଥିଲି । ମୋ ଭାଗ୍ୟରେ ତାହା ଜୁଟିଲାନି । ଆପଣ ଦିପ୍ତେଶ୍ ସାର୍‌ଙ୍କୁ ବିବାହ କଲେ । ଖୁସିରେ ରହିଲେ । ଘରସଂସାର କଲେ । ଆପଣଙ୍କ ଖୁସି ଦେଖି ମୁଁ ବି ବହୁତ ଖୁସି ହେଉଥିଲି । ପରୋକ୍ଷରେ ଆପଣଙ୍କ ସହ ଯୋଗାଯୋଗରେ ରହିବା ପାଇଁ ଫେକ୍ ଆକାଉଣ୍ଟ ଖୋଲି ଆପଣଙ୍କ ସହ ଯୋଡ଼ି ହୋଇ ଯାଇଥିଲି । ପପୁନ୍‌ର ଦେହ ଖରାପକୁ ନେଇ ଆପଣ ଚିନ୍ତାରେ ଥିଲେ । ଏଥିରୁ ଆପଣଙ୍କୁ ମୁକୁଳାଇବା ପାଇଁ ଏଭଳି ନିଷ୍ପତ୍ତି ନେଲି ।

"ହେଲେ କାହିଁକି ? କ'ଣ ପାଇବ ଏଥିରୁ ?"

ମୁଁ କାନ୍ଦକାନ୍ଦ ହୋଇ ପ୍ରଶ୍ନ କଲି । ଯେତେ ଚେଷ୍ଟା କଲେ ବି ଲୁହଗୁଡ଼ାକ ଜମାରୁ ବୋଲ ମାନୁନଥିଲା ।

"ଦିନଥିଲା ମୁଁ ଆପଣଙ୍କୁ ଭଲ ପାଉଥିଲି । ଖୁସିରେ ରଖିବାକୁ ଶପଥ କରିଥିଲି । ଈଶ୍ୱରଙ୍କ ନିଷ୍ପତ୍ତି ଥିଲା କିନ୍ତୁ ଭିନ୍ନ । ଆପଣଙ୍କୁ ବିବାହ କରି ପାରିଲିନି । ହେଲେ ଆପଣଙ୍କ ହସଖୁସିର ସଂସାର ଦେଖି ଖୁସି ହେଉଥିଲି । ପପୁନ୍‌ର ଦେହ ଖରାପ ଆପଣଙ୍କ ପରିବାର ହସଖୁସିକୁ ଧୋଇ ଦେଇଥିଲା । ଆପଣ ସବୁ ବେଳେ ଚିନ୍ତାରେ ରହୁଥିଲେ । ଆପଣଙ୍କୁ ଖୁସିରେ ରଖିବାକୁ ଯାଇ ଏଭଳି ନିଷ୍ପତ୍ତି ନେଲି ।" ବହୁ କଷ୍ଟରେ ସେ ଉତ୍ତର ଦେଲା ।


"ପିଲାପିଲି କେତେ ? ସ୍ତ୍ରୀ କ'ଣ କରୁଛନ୍ତି ?" ପରିସ୍ଥିତିକୁ ହାଲ୍‌କା କରିବାକୁ ମୁଁ ପ୍ରଶ୍ନ କଲି ।

"ସ୍ତ୍ରୀ ଅଛନ୍ତି । ହେଲେ ମୋ ପାଖରେ ନାହାନ୍ତି । କ'ଣ ଛୋଟ ଛୋଟ ଅବୁଝାମଣାରେ ସେ ମୋ ଠୁ ଦୂରେଇ ଗଲେ । ଏବେ ତାଙ୍କ ସ୍ମୃତିକୁ ନେଇ ଅବଶିଷ୍ଟ ଜୀବନ କାଟିବାକୁ ନିଷ୍ପତ୍ତି ନେଇଛି । ସମୟ ବିତାଇବା ପାଇଁ ଗୋଟିଏ ଅନାଥାଶ୍ରମ କରିଛି । ବାପା-ମାଆ ଛେଉଣ୍ଡ ପିଲାଙ୍କ ଭଲମନ୍ଦ ବୁଝିବାରେ ମୋ ଦିନ କଟି ଯାଉଛି । ଖାଲି ହାତରେ ସେମାନଙ୍କୁ ଚଳାଇବା ପାଇଁ ବହୁତ କଷ୍ଟ କରିବାକୁ ପଡ଼ିଛି । ମୁଁ ସମ୍ପୂର୍ଣ୍ଣ ଭଲ ହେବା ପାଇଁ ୩ ରୁ ୪ ମାସ ଲାଗିବ । ସେମାନଙ୍କ ଖର୍ଚ୍ଚ ବାବଦରେ ଦୀପ୍ତେଶ୍ ବାବୁଙ୍କ ନିକଟରେ ୩ ଲକ୍ଷ ଟଙ୍କା ଦାବି କରିଥିଲି । ମୁଁ ଏଇଠି ରହିଲେ ୧୦୦ଟି ପିଲା ଖାଇବାକୁ ପାଇବେନି ।" ସେ ଦମ୍ ନେଇ କହିଲେ ।

"ଆଚ୍ଛା ମୁଁ ତୁମ ସ୍ତ୍ରୀକୁ ଦେଖି ପାରିବି ।" ପ୍ରଶ୍ନ କଲି ।

"କାହିଁକି ନୁହେଁ ।" ବହୁ କଷ୍ଟରେ ତକିଆ ତଳେ ଲୁଚାଇ ରଖିଥିବା ଏକ ଫଟୋ ବାହାର କରି ମୋ ହାତକୁ ବଢାଇ ଦେଲା । ଆଗ୍ରହର ସହ ମୁଁ ଦେଖିଲି । ଆଶ୍ଚର୍ଯ୍ୟ ! ସେହି ଫଟୋ ହିଁ ଥିଲା ମୋର । କଲେଜ୍ ପଢା ଶେଷବର୍ଷର ଫଟୋ । ସେ ଏହାକୁ କେମିତି ସଂଗ୍ରହ କରିଥିଲା ତାହା ମତେ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ସେହି ପୁରୁଣା ଫଟୋକୁ ସେ ସୁନ୍ଦର ଭାବେ ବନ୍ଧେଇ କରି ସାଇତି ରଖିଥିଲା । ମୁଁ ତାକୁ ଅନାଇଲି । ସେ ହସୁଥିଲା । ତା ହସ ମତେ ଦଶ ବର୍ଷ ତଳକୁ ନେଇ ଯାଇଥିଲା । ସେହି ଦିନଗୁଡ଼ିକରେ ସେ ଠିକ୍ ଏମିତି ହିଁ ହସୁଥିଲା । ମୁଁ ଥିଲି ନିରୁତ୍ତର । କିଛି ସମୟ ପାଇଁ ସ୍ଥାଣୁ ପାଲଟି ଯାଇଥିଲି । ତା' ନିଚ୍ଛକ ଭଲ ପାଇବା ନିକଟରେ ମୁଁ ନିଜକୁ ଅପମାନିତ ବୋଧ କରୁଥିଲି । ସେ ଶୋଇବାର ଉପକ୍ରମ କରୁଥିଲା । ମୁଁ ଆଉ କିଛି ଅଧିକ ପଚାରିବାକୁ ଚାହିଁଲିନି ।

ପେସେଣ୍ଟଙ୍କୁ ବିଶ୍ରାମ ଦରକାର କହି ନର୍ସ ମତେ ବାହାରକୁ ଆସିବା ପାଇଁ ଇସାରା କଲା । ସଂଗ୍ରାମର ନିଚ୍ଛକ ଭଲ ପାଇବା ଆଗରେ ମୁଁ ସେଦିନ ବାରମ୍ବାର ହାରି ଯାଉଥିଲି । ତା ଭଲ ପାଇବାକୁ ସମ୍ମାନ ଜଣାଇ ଅଜାଣତରେ କେଇ ଟୋପା ଲୁହ ଝରି ପଡ଼ିଥିଲା ମୋ ଆଖିରୁ । ଫେରିବା ପୂର୍ବରୁ ତାକୁ ଆଉ ଥରେ ଚାହିଁଲି । ସେ ନିଶ୍ଚିନ୍ତରେ ଶୋଇ ଯାଇଥିଲା । ଭଲ ପାଇବାର ପ୍ରତିଦାନ ଭାବେ ତା' କପାଳରେ ଚୁମାଟିଏ ଦେଲି । ଅମାନିଆ ଲୁହକୁ ସବୁଦିନ ପାଇଁ ସେହି ରୁମ୍‌ରେ କବର ଦେଇ ବାହାରକୁ ବାହାରି ଆସିଲି ।



# ଟନେଲ୍

**ମୀନା ସ୍ୱାଇଁ**

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ
ଫୋନ : ୯୪୩୭୭୮୩୫୧୫

"ଆଜ୍ଞା ଟିକେ ଘୁଞ୍ଚିବେ କି ? ମୁଁ ବସନ୍ତି...."

ମୋଟା ଘାଘଡ଼ା ସ୍ୱର, ଅଥଚ ଅନୁନୟ ଭରା ।

ରାଜସ୍ଥାନର ଭ୍ରମଣ କାହାଣୀ 'ଅଭିଯାତ୍ରୀକ- ୨ 'ର ପୃଷ୍ଠାରେ ସଂପୂର୍ଣ୍ଣ ହଜି ଯାଇଥିବା ରୁଦ୍ଧିମନ୍ତ ବହିର ପୃଷ୍ଠା ଉପରୁ ମୁହଁ ନ ଉଠାଇ, ଟିକେ ପାର୍ଶ୍ୱକୁ ଘୁଞ୍ଚିଯାଇ ପୂର୍ବଭଳି ପଢ଼ିବାରେ ମନୋନିବେଶ କଲା । ସମଲେଶ୍ୱରୀ ଟ୍ରେନ୍‌ର ଜେନେରାଲ୍ ବଗି । ବସିବା ପାଇଁ ଆଡ଼ଜଷ୍ଟମେଣ୍ଟ୍ ତ ଚାଲିଥାଏ । ଭ୍ରମଣ କାହାଣୀରେ ପ୍ରତାରଣା ଓ ପ୍ରତିଶୋଧ, ସାହସିକତା ଓ ସୌନ୍ଦର୍ଯ୍ୟ, କାରୁକାର୍ଯ୍ୟ ଓ ବିଶାଳତାର ଭୂରିଭୂରି ବର୍ଣ୍ଣନା ରାଜସ୍ଥାନ ମାଟିର, ବୀର ଓ ବୀରାର ।

ରୁଦ୍ଧିମନ୍ତ ବହି ପଢ଼ିବାକୁ ଭାରି ଭଲପାଏ । କିନ୍ତୁ ଦୈନନ୍ଦିନ ଜୀବନର ବ୍ୟସ୍ତତା, କର୍ମକ୍ଷେତ୍ର ତଥା ଗୃହର ଜଞ୍ଜାଳ, ମାନସିକ ଚାପ ଖାଉଛି ତାକୁ । ଧିରେ ଧିରେ ସେ ହରେଇ ବସୁଛି ତାର ପାଠକ ମନଟିକୁ, ପାଗଳପଣଟିକୁ ।

କିଛିଦିନ ହେଲା ତାର ଫିଲ୍ଡ୍ କାମ ଚାଲିଛି । ରାୟଗଡ଼ା ନିକଟସ୍ଥ ଟିକିରିରେ । ବକ୍‌ସାଇଟ୍ ଖଣିଜ ପଦାର୍ଥର ସର୍ଭେ । ପ୍ରତି ଶନିବାର ଦିନ ସେ ଏହି ଟ୍ରେନ୍‌ରେ କୋରାପୁଟ ଫେରେ । ଚାରିପାଞ୍ଚ



▶ଗାଳ୍ପିକା ମୀନା ସ୍ୱାଇଁ

**କାହାଣୀ ପଛର କାହାଣୀ**

ଟ୍ରେନ ଯାତ୍ରା ସବୁବେଳେ ମୋତେ ଭଲଲାଗେ । ହୀରାଖଣ୍ଡ ଟ୍ରେନ୍‌ରେ କୋରାପୁଟରୁ ଭୁବନେଶ୍ୱର ଯିବା ସମୟରେ ଅନେକ ଟନେଲ ପଡ଼େ ଟନେଲ୍‌କୁ ଗାଡ଼ି ପ୍ରବେଶ କରିବା ସମୟରେ ହଠାତ୍ ବାହାର ପାର୍ଶ୍ୱ ଅନ୍ଧାର ହୋଇଯିବା ସହ ବଗୁଲିଆ ଟୋକାଙ୍କର 'ହୋ....' ଚିତ୍କାର ମୋତେ ଉତ୍ସୁକ କରାଏ, ମୋ ଭିତରେ ଭାବାନ୍ତର ସୃଷ୍ଟିକରେ । ମୋ ମନରେ ଅନ୍ଧାରରୁ ଆଲୋକ, ନିରାଶାରେ ଆଶାର ଛବିଟିଏ ଆଙ୍କେ । ତା ଉପରେ କିଛି ଲେଖିବାକୁ ଅସ୍ତବ୍ୟସ୍ତ କରେ । ମଧ୍ୟବିତ୍ତ ପରିବାରକୁ ଜଞ୍ଜାଳ ଏତେ ମାତ୍ରାରେ ଆବେରି ରଖିଥାଏ ଯେ, ସେଇ ଭିତରେ ଭେଟୁଥିବା ଛୋଟ ଛୋଟ ମୁଖକୁ ମଣିଷ ଆସ୍ୱାଦନ କରିବାକୁ ଅସମର୍ଥ ହୁଏ । ବ୍ୟସ୍ତତା, ଦାୟିତ୍ୱବୋଧ, କଷ୍ଟସବୁ ପାହାଡ଼ ହୋଇ ତା ସମ୍ମୁଖରେ ଠିଆହୁଏ । ପାହାଡ଼ ଆରପଟେ ସୂର୍ଯ୍ୟ ଉଠିବ, ଆଲୋକିତ କରିବ,ଏ ଧାରଣା ଟିକକ ମଣିଷ ପାଶୋରିଯାଏ । ଦିନେ ରାୟଗଡ଼ାର ହୀରାଖଣ୍ଡ ଟ୍ରେନ୍‌ରେ ଫେରୁଥିବା ମୋ ସ୍ୱାମୀଙ୍କ ସହଯାତ୍ରୀ ଥିବା ଡ୍ରାଇଭର୍‌ଟିର କାହାଣୀ ତାଙ୍କ ମୁଖରୁ ଶୁଣିବା ପରେ, ମୋର ଏହି ଗଳ୍ପଟି ଜନ୍ମ ନେଇଥିଲା ଉପରୋକ୍ତ ଅବଧାରଣାକୁ ପର୍ଯ୍ୟବସିତ କରି । 'ଅନ୍ଧାରରୁ ଆଲୋକ' ଦର୍ଶାଇବା ପାଇଁ 'ଟନେଲ୍' ଏକ ସୁନ୍ଦର ପ୍ରତୀକ ଭାବେ ଗଳ୍ପଟିର ଶୀର୍ଷକ ହୋଇଗଲା ।

ମୀନା ସ୍ୱାଇଁ

ଘଣ୍ଟା ଲାଗିଯାଏ । ପୁଣି ସୋମବାର ଦିନ କୋରାପୁଟରୁ ବାହାରି ଟିକିରିରେ ପହଞ୍ଚେ । ଏହି ଆଠ ଦଶ ଘଣ୍ଟା ସମୟ ତା'ର ଏକାନ୍ତ ନିଜସ୍ୱ । ଚାହିଁଲେ, ପାଖରେ କିମ୍ବା ସାମ୍ନାରେ ବସିଥିବା ବ୍ୟକ୍ତିମାନଙ୍କ ସହ ଗପିପାରେ ସାମ୍ପ୍ରତିକ ରାଜନୀତି ବିଷୟରେ, ସାହିତ୍ୟ ଅବା ପରିବର୍ତ୍ତନଶୀଳ ସମାଜ ବିଷୟରେ । ନତୁବା ଝର୍କା ଦେଇ ଦେଖିପାରେ ନୀଳ ପୂର୍ବଘାଟ ପର୍ବତମାଳାର ଗମ୍ଭୀର ସ୍ୱଭାବକୁ, ବ୍ରିଜ୍ ତଳେ ମୁରୁକି ମୁରୁକି ହସୁଥିବା ଧାନମାଣ୍ଡିଆ କ୍ଷେତକୁ । ନଚେତ୍ ବିହ୍ୱଳ ହୋଇପାରେ ଚିତ୍ରପଟ ଭଳି ଦିଶୁଥିବା ମୁଣ୍ଡରେ ବୋଝ ମୁଣ୍ଡେଇ ପାହାଡ଼ ଧାର ପାଦଚଲା ରାସ୍ତାରେ ଗଡ଼ି ଆସୁଥିବା ଆଦିବାସୀ ପୁରୁଷ ଓ ନାରୀଙ୍କୁ ଦେଖି । ଅଥବା ରାସ୍ତାରେ ଟ୍ରେନ୍ ପ୍ରବେଶ କରୁଥିବା ଟନେଲ୍ ଗୁଡ଼ିକର ରୋମାଞ୍ଚ ଉପଭୋଗ କରିପାରେ । କିମ୍ବା ତାର ବନ୍ଧୁଙ୍କ ଲିଖିତ ଓ ପ୍ରଦତ୍ତ ଭ୍ରମଣ କାହାଣୀଗୁଡ଼ିକ ପଢ଼ି ତାର ମଜା ନେଇପାରେ । ଏସବୁ ଲୋଭନୀୟ ସମ୍ଭାବନା ଗୁଡ଼ିକ ମଧ୍ୟରେ ସେ ଅଗ୍ରାଧିକାର ଦେଇଥିଲା ବହି ପଢ଼ିବାର ସୁଯୋଗକୁ । ଅତୀତର ବହି ପଢ଼ିବା ନିଶାଟି ବୋଧେ ଡେଣା ମେଲାଇ ଛନଛନ ହୋଇ ବଢ଼ି ଉଠିଲା ଯେତେବେଳେ ନିଜସ୍ୱ ସମୟ ଟିକକ ପାଇଲା ।

ଭଜା ବାଦାମ୍...ସିଝା ବାଦାମ୍...ଡାକି ଡାକି ଚାଲିଗଲା ପିଲାଟିଏ ବଗି ମଧ୍ୟଦେଇ ଦ୍ରୁତଗତିରେ । ଭିଡ଼କୁ ଆଡ଼େଇ ଆଡ଼େଇ । ଗୋଟେ ଡାଲାରେ ଠୁଙ୍ଗାଗୁଡ଼ିକ ଭିତରେ ଭଜା ଓ ସିଝା ବାଦାମ୍ ଅଲଗା ଅଲଗା ମୋଡ଼ା ହୋଇ ରହିଥିଲା ।ଡାଲାଟି ଫିତା ସାହାଯ୍ୟରେ ବେକରେ ଓହଳା ହୋଇଥାଏ । ଆଗରୁ ଭଜା ବାଦାମ୍ ଗୋଟେ ପୁଡ଼ିଆ କିଣି ରଖିସାରିଛି ରଦ୍ଧିମନ୍ତ । ତେଣୁ ଏଥର ଆଦୌ ମୁଣ୍ଡ ଟେକି ଚାହିଁଲାନି । ଆବଶ୍ୟକ ନଥିଲା ।

"ଏ ବାଦାମ୍.. ଦେଲୁ ଗୋଟେ ପୁଡ଼ିଆ, ଏ ବାଦାମ୍..."

ତା' ପାଖସିଟ୍‌ରୁ ସେଇ ଘାଘଡ଼ା ମୋଟା ସ୍ୱର । କିନ୍ତୁ ବାଦାମ୍‌ବାଲା ବୋଧେ ଯାଇ ସାରିଥିଲା । ତାକୁ ପରବର୍ତ୍ତୀ ଷ୍ଟେପେଜ୍‌ରେ ଓହ୍ଲାଇବାକୁ ଥାଇପାରେ । ହତାଶରେ ବ୍ୟକ୍ତିଟିର ମୁହଁରୁ କିଛି ଶବ୍ଦ ବାହାରି ଆସିଲା । ଏତେବେଳକୁ ରଦ୍ଧିମନ୍ତର ନିଜ ଭଜାବାଦାମ୍ ପୁଡ଼ିଆ କଥା ମନେପଡ଼ିଲା । ଭଜା ବାଦାମ ଖାଉ ଖାଉ ଝର୍କାଦେଇ ଆସୁଥିବା ପବନର ମଜା ନେଇ ଭ୍ରମଣ କାହାଣୀ ପଢ଼ିବାର ଆନନ୍ଦ ନିଆରା । କୋଳ ଉପରେ ଥିବା ପେକେଟ୍‌ରୁ ବାଦାମ୍ ଗୋଟିଏ କାଢ଼ି ଛଡ଼େଇବାକୁ ଉଦ୍ୟମ ହେଉ ହେଉ ବୟସ୍କ ହାତଟିଏ ଲମ୍ୱି ଆସିଲା ତା' ସାମ୍ନାକୁ । ଶ୍ୟାମଳ ରଙ୍ଗର ସରୁସରୁ ଲମ୍ୱା ଆଙ୍ଗୁଠି । ବାଦାମୀ ରଙ୍ଗର ଫୁଲ୍‌ହ୍ୟାଣ୍ଡ୍ ପଞ୍ଜାବୀ । କିଛି ଭଜା ବାଦାମ୍ ନେବାକୁ ହାତ ପତାଇଥିଲା ।

ଏଥର ଦୃଷ୍ଟି ନ ଉଠାଇ ରହି ପାରିଲାନି ରଦ୍ଧିମନ୍ତ । ସରୁ ଟାଆଁସିଆ ମୁହଁ । ଶ୍ୟାମଳ ରଙ୍ଗ । ସିଝିଯାଇଛି ଯେମିତି ଜୀବନର ବୋଝ ବୋହି ବୋହି । ଧଳାକଳା ମିଶ୍ରିତ ଦାଢ଼ି ପୁଳାଏ । ଲମ୍ୱା ଲମ୍ୱା ନିଶ । ଯେମିତି ଅଯତ୍ନ ବର୍ଦ୍ଧିତ । ମୁଣ୍ଡର ସବୁ ଚୁଟି ମିଶେଇ ବାନ୍ଧିଛି ପଛରେ । ବାଦାମୀ ରଙ୍ଗର ପଞ୍ଜାବୀ ସାଙ୍ଗକୁ ଚେକ୍ ଲୁଙ୍ଗି ଖଣ୍ଡେ । କୋଳରେ ଥୁଆ ହୋଇଛି ଝୁଲା ବ୍ୟାଗ୍ ଗୋଟେ । ଦାରିଦ୍ର୍ୟର ଚିହ୍ନ ସୁସ୍ପଷ୍ଟ, କିନ୍ତୁ ବ୍ୟକ୍ତିଟି ମଇଳା କି ଅପରିଚ୍ଛନ୍ନ ନଥିଲା । ମୁଠାଏ ବାଦାମ୍ ବ୍ୟକ୍ତିଟିର ହାତରେ ଦେଲା ରଦ୍ଧିମନ୍ତ । ପୁଣି ବହିପଢ଼ାରେ ମନୋନିବେଶ କଲା ।

ଜଏଣ୍ଟ୍-ଡାଇରେକ୍ଟର୍‌ଙ୍କ ଫୋନ୍ କଲ୍ । ଟିକିରିରେ ତାଙ୍କ ଟିମ୍ ସର୍ଭେ କରୁଥିବା ଗଚ୍ଛିତ ବକ୍‌ସାଇଟ୍ ବିଷୟରେ କିଛି ତଥ୍ୟ ଆବଶ୍ୟକ । ସର୍ଭେ କାମର ପ୍ରୋଗ୍ରେସ୍ ନେଇ ଅସନ୍ତୁଷ୍ଟି । ରଦ୍ଧିମନ୍ତର ବାରମ୍ୱାର ଛୁଟିନେବାକୁ ନେଇ ବିରକ୍ତି । ଓଃ ! ଏକ ବିରକ୍ତିଭରା ଶବ୍ଦ ରଦ୍ଧିମନ୍ତର କଣ୍ଠରେ । ଏଥର ବହିଟିକୁ ବନ୍ଦ୍ କଲା । ପଢ଼ିବାର ମନଟି, ବିରକ୍ତିର ବାଦଲ୍ ପଛପଟେ ଛପିଗଲା । ଗଦାଗଦା ଜଞ୍ଜାଳ ଓ ଦାୟିତ୍ୱର ଚାପ ତଳେ ଅଣନିଃଶ୍ୱାସୀ ହେଉଥିଲା ଭ୍ରମଣ କାହାଣୀର ନିରୀହ ପୃଷ୍ଠାଗୁଡ଼ିକ । ବାସ୍ତବତାର ଟାଣଖରାରେ ସବୁବେଳେ ନିଷ୍ପ୍ରଭ ହୁଏ କଳ୍ପନାର ଦୀପ ।

ରଦ୍ଧିମନ୍ତର ବନ୍ଦ ଚକ୍ଷୁରେ ଭାସି ଉଠିଲା ପ୍ରଗଳ୍‌ଭାର ମୁହଁ । "ବାବା, ଶୀଘ୍ର ଆସିବ ନା ? ଅନେକ ମେଥ୍‌ମେଟିକାଲ୍ ପ୍ରୋବ୍ଲେମ୍ ସଲ୍‌ଭ୍ କରିବାକୁ ଅଛି ବାବା । ବୋର୍ଡ୍ ଏକ୍‌ଜାମ୍ ଆଉ ଅଳ୍ପଦିନ ରହିଲା । ତମେ ତ ବାବା, ଏତେ ଏତେ ଦିନ ଆଉଟ୍ ଅଫ୍ ଷ୍ଟେସନ୍ । ହାଓ କ୍ୟାନ୍ ଆଇ ମ୍ୟାନେଜ୍ ଏଲୋନ୍ । ଦେଖ- ଏକ୍‌ଜାମ୍ ଖରାପ୍ ହେଲେ ମୋତେ ଆଉ ପଛେ ଦୋଷ ଦେବନି, ମୁଁ କହି ଦେଉଛି ।" ନିରୀହ ଅଭିମାନ, ଅଭିଯୋଗ, ପ୍ରଗଳ୍‌ଭାର । ସେ କେମିତି ବୁଝିବ ରଦ୍ଧିମନ୍ତର ଅଫିସିଆଲ୍ ପ୍ରୋବ୍ଲେମ୍ !

ପ୍ରତ୍ୟେକ ବର୍ଷ ଚାରି/ପାଞ୍ଚ ମାସ ଫିଲ୍ଡ କାମ, ସର୍ଭେ । ଆଉଟ୍ ଅଫ୍ ହେଡ୍‌କ୍ୱାର୍ଟର୍ । ଛୁଟି ନେବା ପାଇଁ ପ୍ରାୟ ଅନୁମତି ମିଳେ ନାହିଁ । ସୀମିତ ସମୟ ମଧ୍ୟରେ ନିର୍ଦ୍ଧାରିତ କାମ ସାରିବାକୁ ପଡ଼େ । ସର୍ଭେ ଓ୍ୱାର୍କ ଚାଲିଥିବା ଜାଗାରେ ପୁରା ଟିମ୍‌ର ଶିବିର ପଡ଼େ ସେହି ଚାରି/ପାଞ୍ଚ ମାସ ଲାଗି । ଛୁଟି ନେଲେ ପୁରା ଟିମ୍ ପାଇଁ ଅସୁବିଧା ।

ଦୂର ପାହାଡ଼କୁ ରଦ୍ଧିମନ୍ତ ଚାହିଁଲା । କେମିତି ଏକ ଅସହାୟ ଦୃଷ୍ଟିରେ । ପାହାଡ଼ ଗୁଡ଼ିକ ଦୌଡ଼ୁଛନ୍ତି ପଛକୁ, ତା'ର ସମସ୍ତ ଯୋଜନା ଓ ଦାୟିତ୍ୱ ଭଳି । ହେଲେ ସମୟ ଦୌଡ଼ୁଛି ଆଗକୁ ଟ୍ରେନ୍ ଭଳି; କାହାର ଦାୟିତ୍ୱ, ଜଞ୍ଜାଳ, ସୁଖ, ଦୁଃଖ ଅଥବା ମନସ୍ତାପକୁ ଭ୍ରୁକ୍ଷେପ ନକରି ।

ସିନ୍ଧି ବାରମ୍ୱାର ତାଗିଦ୍ କରି କହିଛି, "ନୂଆ ଘରେ ଇଲେକ୍ଟ୍ରିଫିକେସନ୍ କରି ଦେଇଯିବ । ନଚେତ୍ ମିସ୍ତ୍ରୀଙ୍କୁ ଟାଇଲ୍ କାଟିବାକୁ ଅସୁବିଧା ହେଉଛି । କେତେ ଆଉ ପରଘର ଉପରେ ନିର୍ଭର କରୁଥିବେ, ଏକ୍‌ସ୍‌ଟେନ୍‌ସନ୍ ଯୋଡ଼ୁଥିବେ ।" ଗାଁରୁ ବାପାଙ୍କ ଫୋନ୍, ମେଡ଼ିସିନ୍ ସରିଯିବ ଆଉ ଚାରିଦିନ ପରେ ।

କେମିତି ବାଣ୍ଟି ହୋଇଯିବ ରଦ୍ଧିମନ୍ତ ଏତେ ଜଣଙ୍କ ମଧ୍ୟରେ, ଏତେ ଦାୟିତ୍ୱ ଘେରରେ ? ସରସତା ସରିଯାଉଛି ଜୀବନରୁ । ଟ୍ରେନ୍ ପ୍ରବେଶ କଲା ଟନେଲ୍ ଭିତରକୁ । ଅନ୍ଧାରୁଆ ସରୁ ଟନେଲ୍ । ଟନେଲ୍ ଭିତରେ କିଟ୍ କିଟ୍ ଅନ୍ଧକାର । ବଗି ଭିତରେ ଲାଇଟ୍ ସବୁ ଜଳି ଉଠିଲା । ଟ୍ରେନ୍ ଟନେଲ୍ ଭିତରକୁ ପ୍ରବେଶ କରୁକରୁ ସବୁ ବଗିରୁ ଚଗଲିଆ ଟୋକାମାନେ ପାଟି କରି ଉଠିଲେ 'ହୋ...ହୋ' । ଇଏ ବି ଉପଭୋଗ କରିବାର ଗୋଟିଏ ମାଧ୍ୟମ । ସବୁବେଳେ ସେମିତି ହୁଏ ।

କିଛି ସମୟ ପରେ ଟନେଲ୍‌ରୁ ବାହାରି ଆସିଲା ଟ୍ରେନ୍‌ଟି । ଚତୁର୍ଦ୍ଦିଗରେ ଆଲୋକର ବନ୍ୟା । ଅନ୍ଧାର ପରେ ଆଲୋକର ଆଗମନର ସତ୍ୟକୁ ପ୍ରତିପାଦିତ କରି ।

"ଚାଏ....ଚାଏ....ଚାଏ....ଗରମ୍ ଗରମ୍ ଚାଏ !"

ରଦ୍ଧିମନ୍ତର ଇଚ୍ଛା ହେଲା ଚା' ପିଇବାକୁ । ଯଦିଓ ସେ ଏତେ ଚା' ଅଭ୍ୟସ୍ତ ନୁହେଁ, ଯାତ୍ରା ସମୟରେ କାହିଁକି କେଜାଣି ଚା'ର ଆବଶ୍ୟକତା ଅନାବଶ୍ୟକ ଭାବେ ଅନୁଭୂତ ହୁଏ !

"ଏୟ ଚା'- ଦି'ଟା ଚା' ଦେଲ" ପାର୍ଶ୍ୱ ବ୍ୟକ୍ତିଟି ଚା' ଅର୍ଡ଼ର କରୁଥିଲା ତାର ମୋଟା ଘାଘଡ଼ା ସ୍ୱରରେ ।

"ଦି'ଟା ଚା' ?" ଆଶ୍ଚର୍ଯ୍ୟ କଣ୍ଠସ୍ୱର ରଦ୍ଧିମନ୍ତର ।

"ଆପଣଙ୍କ ପାଇଁ ବି ଗୋଟେ ।" ବେଶ୍ ସ୍ୱାଭାବିକ କଣ୍ଠ ବ୍ୟକ୍ତିଟିର । ବାବାଜୀ ଭଳି ଦେଖା ଯାଉଥିବା ବ୍ୟକ୍ତିଟିର ପକେଟ୍‌ରୁ କୋଡ଼ିଏ ଟଙ୍କା କାଢ଼ି ବଢାଇଦେଲା । ଆଶ୍ଚର୍ଯ୍ୟ ହେଲା । ମୁଠାଏ ବାଦାମ୍‌ର ଋଣ ସୁଝିବାକୁ ଚାହୁଁଥିବା ବ୍ୟକ୍ତିଟିର ମନୋଭାବକୁ ଦେଖି ।

"କେଉଁଠି ଘର ?"

"ରାଜମୁଣ୍ଡ୍ରୀ ।" ଉତ୍ତର ଦେଲା ବାବାଜୀ ।

"ତେଲୁଗୁ ? କାହିଁ ଜଣାପଡୁନ ତ ? ଭାଷା କିମ୍ବା ବେଶପୋଷାକରୁ ?"

ହସିଲା ବାବାଜୀ । କେମିତି ଏକ ଅସ୍ୱାଭାବିକ ହସ ।

"ସ୍ୱାଭାବିକ କଥା, ମୋ ଜୀବନର ଅନେକ ବର୍ଷ କଟିଛି ରାଜସ୍ଥାନ ଓ ଗୁଜରାଟରେ । ସେଇଠି ଜଣେ ମାରଓ୍ୱାଡ଼ି ବ୍ୟବସାୟୀଙ୍କ ଟ୍ରକ୍ ଚଳାଉଥିଲି । ବିଭିନ୍ନ ରାଜ୍ୟକୁ ଯାଏ । ରାଜମୁଣ୍ଡ୍ରୀରୁ ଲଙ୍କା ଟ୍ରକ୍ ନେଇ ରାଜସ୍ଥାନ, ପୁଣି ରାଜସ୍ଥାନର ମାର୍ବଲ ନେଇ

ରାଜମୁଣ୍ଡ୍ରୀ। ଏମିତି ଚାଲିଥିଲା ମୋର ଜୀବନ। ତେଲୁଗୁ, ତାମିଲ୍, ଗୁଜୁରାତି, ରାଜସ୍ଥାନୀ, ହିନ୍ଦୀ, ଓଡ଼ିଆ ସବୁଭାଷା କିଛି କିଛି ଜାଣେ। ଜାଣିବାକୁ ପଡ଼େ। ତେଣୁ ଭାଷା ବଦଳିଗଲା। ଆଉ ବେଶଭୂଷା ବି। ତା' ସହ ରହଣିସହଣି ଓ ଖାଦ୍ୟପେୟ ବି।

ହସିଲା ଋଦ୍ଧିମନ୍ତ ଏକ ନିଃଶବ୍ଦ ହସ। ଆଡ଼ାପ୍ଟେସନ୍! 'ଖାପଖୁଆଇବା' ବଞ୍ଚିବାର ଆଉ ଏକ ନିୟମ। ପ୍ରତ୍ୟେକ ଜାଗାରେ ପରିସ୍ଥିତି ସହ ଖାପଖୁଆଇ ଚଳିବା ମନୁଷ୍ୟ ବ୍ୟତୀତ ଅନ୍ୟ ଜୀବଜନ୍ତୁ ଓ ଉଦ୍ଭିଦମାନଙ୍କର ବି ଏକ ଲକ୍ଷଣ। ବୈଜ୍ଞାନିକ ଡାର୍‌ଉଇନ୍ କହିଥିଲେ, ତାଙ୍କ ପ୍ରାକୃତିକ ଉଦ୍‌ବରଣ ମତବାଦରେ। ଅନ୍ତର୍ଜାତୀୟ, ଆନ୍ତର୍ଜାତୀୟ ଓ ପରିବେଶୀୟ।

ଜୀବନ ସଂଗ୍ରାମରେ ଯିଏ ନିଜକୁ ଖାପଖୁଆଇ ଚଳେଇ ନେଇପାରେ ସେ ହିଁ ସଂଗ୍ରାମରେ ଜୟଯୁକ୍ତ ହୁଏ, ବଞ୍ଚି ରହିବାକୁ ଯୋଗ୍ୟ ବିବେଚିତ ହୁଏ। ଅନ୍ୟମାନେ ଧିରେ ଧିରେ ଲୋପ ପାଇଯାନ୍ତି। ବଞ୍ଚି ରହନ୍ତି କେବଳ ଯୋଗ୍ୟତମ ଜୀବମାନେ। ତେଣୁ ବଞ୍ଚି ରହିବାକୁ ହେଲେ ଆଡ଼ାପ୍ଟିବିଲିଟି ଏକ ଅପରିହାର୍ଯ୍ୟ ସୂତ୍ର! କହି ଚାଲିଥିଲା ବାବାଜୀ, ରାମେୟା ରେଡ୍‌ଡୀ।

**ଜୀବନ ସଂଗ୍ରାମରେ ଯିଏ ନିଜକୁ ଖାପଖୁଆଇ ଚଳେଇ ନେଇପାରେ ସେ ହିଁ ସଂଗ୍ରାମରେ ଜୟଯୁକ୍ତ ହୁଏ, ବଞ୍ଚି ରହିବାକୁ ଯୋଗ୍ୟ ବିବେଚିତ ହୁଏ। ଅନ୍ୟମାନେ ଧିରେ ଧିରେ ଲୋପ ପାଇଯାନ୍ତି। ବଞ୍ଚି ରହନ୍ତି କେବଳ ଯୋଗ୍ୟତମ ଜୀବମାନେ। ତେଣୁ ବଞ୍ଚି ରହିବାକୁ ହେଲେ ଆଡ଼ାପ୍ଟିବିଲିଟି ଏକ ଅପରିହାର୍ଯ୍ୟ ସୂତ୍ର! କହି ଚାଲିଥିଲା ବାବାଜୀ, ରାମେୟା ରେଡ୍‌ଡୀ।**

"ଦକ୍ଷ ଡ୍ରାଇଭର୍ ବୋଲି ମୁଁ ଥିଲି ମାଲିକର ପ୍ରିୟ, ବିଶ୍ୱସନୀୟ। ଅନ୍ୟ ଡ୍ରାଇଭରମାନଙ୍କର ଈର୍ଷାର ପାତ୍ର। ବେଶ୍ ପଇସା ରୋଜଗାର କରୁଥିଲି। ଗାଁରେ ଘର ଖଣ୍ଡେ, ଜମିକିଛି କଲି। ଦୁଇଟା ଝିଅଙ୍କୁ ପାଠ ପଢ଼େଇଲି। ହେଲେ ଭଗବାନଙ୍କୁ ଅନ୍ୟ କିଛି ମଞ୍ଜୁର ଥିଲା।"

ଦୀର୍ଘନିଶ୍ୱାସ ନେଲା ରାମେୟା, ପ୍ରଶ୍ନିଳ ଦୃଷ୍ଟି ଋଦ୍ଧିମନ୍ତର। ଡିସ୍‌ପୋଜେବୁଲ୍ କାଗଜ ଚା' କପ୍‌ଟିକୁ ଝରକା ଦେଇ ବାହାରକୁ ଫିଙ୍ଗିଦେଇ ଟାୱେଲ୍‌ରେ ମୁହଁ ପୋଛିଲା ରାମେୟା। ହାତ ବଢ଼େଇ ଅଙ୍ଗୁଳି ନିର୍ଦ୍ଦେଶ କଲା ପାର୍ଶ୍ୱରେ ରଖା ହୋଇଥିବା ଷ୍ଟିଲ୍ ୱାକିଂ ଷ୍ଟାଣ୍ଡ୍‌କୁ। ଋଦ୍ଧିମନ୍ତ ଚମକି ପଡ଼ିଲା। ରାମେୟା ରେଡ୍‌ଡୀ ଗୋଡ଼ ଦୁଇଟିର କିଛି ଉପରକୁ ଲୁଙ୍ଗି ଟେକିଦେଲା। ଆଖି ବୁଜିଦେଲା ଋଦ୍ଧିମନ୍ତ ଏକ ଅବସୋସରେ। ଷ୍ଟିଲ୍ ରଡ଼୍ ଲାଗିଥିବା ଦୁଇଟି ଅକ୍ଷମ ଗୋଡ଼, ଯିଏ କେବଳ ଷ୍ଟିଲ୍ ୱାକର୍ ସାହାଯ୍ୟରେ ଚାଲିପାରେ!

ଟ୍ରେନ୍ ପ୍ରବେଶ କଲା ଆଉ ଏକ ଟନେଲ୍ ଭିତରକୁ। ବାହାରେ ନିରନ୍ଧ୍ର ଅନ୍ଧକାର। ଋଦ୍ଧିମନ୍ତର ମନରେ ବି। ଏତେବେଳ ଯାକେ ଭ୍ରମଣ କାହାଣୀରେ ମଜ୍ଜି ରହି ଋଦ୍ଧିମନ୍ତ ଆଖି ଉଠେଇ ରାମେୟାକୁ ଦେଖି ନଥିଲା। ମାଲିକର ଅତିପ୍ରିୟ, ଦକ୍ଷ ଡ୍ରାଇଭର୍ ଆଜି ସମ୍ପୂର୍ଣ୍ଣ ଅକ୍ଷମ! ଭାଗ୍ୟର କି ବିଡ଼ମ୍ବନା!

"ଏମିତି କେମିତି ହେଲା?"

"ପନ୍ଦର ଦିନ ଲେଖାଏଁ ପାଳି ପଡ଼େ ଆମର। ସେଦିନ ସକାଳୁ ଟ୍ରକ୍ ଚଢ଼ିଲି। ରାଜମୁଣ୍ଡ୍ରୀ ଆସୁଥିଲି। ପନ୍ଦର ଦିନ ପରେ ଘରକୁ ଫେରୁଥିଲି। ମନରେ ଢେର୍ ଖୁସି। ଆକାଶରେ ମେଘ ଢାଙ୍କିଥିଲା। ମାଲିକ ମେଘକୁ ଦେଖି ଭୟ କଲା। ମୁଁ କହିଲି, ରାମେୟା ରେଡ୍‌ଡୀ ଏମିତି କେତେ ମେଘକୁ ଚିରି ଟ୍ରକ୍ ଚଳେଇଛି। ପର୍‌ବାୟ ନାହିଁ।"

ଖୁବ୍ ଫୁର୍ତ୍ତିରେ ଗାଡ଼ି ଚଳାଉଥିଲି। ମେଘ ବର୍ଷିବା ଆରମ୍ଭ ହୋଇଗଲା। ମୂଷଳ ଧାରାରେ ବର୍ଷା। ପାହାଡ଼ ଉପରୁ ବର୍ଷାର ସୁଅ ରାସ୍ତା ଉପରେ ନଦୀ ଭଳି ଚାଲୁଥିଲା। ମୋର ପୂର୍ବ ଡ୍ରାଇଭର୍ ଗାଡ଼ି ହସ୍ତାନ୍ତର କଲାବେଳେ ମୋତେ କହିନଥିଲା ଗାଡ଼ିର ୱାଇପର୍ କାମ କରୁନି ବୋଲି! ମୁଣ୍ଡ ଖରାପ ହୋଇଗଲା ମୋର। ବେଳକୁ ବେଳ ବର୍ଷାର ବେଗ ବଢ଼ିବାକୁ ଲାଗିଥିଲା। ସନ୍ଧ୍ୟା ସୁଦ୍ଧା ମୋତେ ଜିନିଷ ଡେଲିଭରି କରିବାକୁ ପଡ଼ିବ, ମାଲିକକୁ କଥା ଦେଇଛି। ବ୍ରିଜ୍ ଉପରେ ଟ୍ରକ୍। କାଚ ଉପର ଦେଇ ସାତ ମେଘ ଅଜାଡ଼ି ହେଉଥିଲା। ଯେତେ ଚେଷ୍ଟା କଲି, ୱାଇପର୍ କାମ କଲାନି। ରାସ୍ତା କିଛି ବାରି ହେଉନି! ଚତୁର୍ଦ୍ଦିଗ ଜଳାର୍ଣ୍ଣବ। ଜାଣି ପାରିଲିନି ରାସ୍ତା ଆଉ ନଦୀ ମଧ୍ୟରେ ଥିବା ବିଭାଜିକା ରେଖାଟିକୁ। ଗୋଟିଏ ଟର୍ଣ୍ଣରେ ମୁଁ ଥିଲି ନଦୀ ଭିତରେ ମାଲ୍ ବୋଝେଇ ଟ୍ରକ୍ ସହ! କି ଭୟଙ୍କର ଥିଲା ସେ ମୁହୂର୍ତ୍ତ! ହୋସ୍ ଆସିଲା ବେଳକୁ ମୁଁ ହସ୍‌ପିଟାଲ୍ ବେଡ଼୍‌ରେ। ବର୍ଷାଜଳ ସହ ଧୋଇ ଯାଇଥିଲା ମୋର ସମସ୍ତ ଦକ୍ଷତା, କର୍ମ ପ୍ରବଣତା, କ୍ଷମତା, ଗର୍ବ, ହସ, ଖୁସୀ, ଆତ୍ମବିଶ୍ୱାସ, ଅଭିମାନ, ସ୍ୱାଭିମାନ ସବୁକିଛି। ଆବେଗହୀନ ନିଃସ୍ୱ ଶରୀରଟେ ଯୁଝୁଥିଲା ବଞ୍ଚିବାକୁ, କେବଳ ଅନ୍ୟମାନଙ୍କ ଇଚ୍ଛାରେ, ପ୍ରଚେଷ୍ଟାରେ।"

କିଛି ସମୟ ନିସ୍ତବ୍ଧ ରାମେୟା। ମୁଦ୍ରିତ ଚକ୍ଷୁ। ଯେମିତି ଏବେବି ସେ ଯୁଝୁଛି ହସ୍‌ପିଟଲ୍ ବେଡ଼୍‌ରେ ଜୀବନ ସହ। ଧିରେ ଧିରେ ଚକ୍ଷୁ ମେଲିଲା। ଜୀବନ ପ୍ରତି ଅନେକ ଅଭିଯୋଗ ଓ ଅବସୋସ ଥିଲା ସେ ଦୃଷ୍ଟିରେ। ଋଦ୍ଧିମନ୍ତ ବି ଯେମିତି ଦେଖୁଥିଲା ନିଜ ଆଖିରେ ସେ ଦୃଶ୍ୟକୁ ରାମେୟାର ପ୍ରତ୍ୟେକଟି ଶବ୍ଦ ଭିତରେ!

ଟ୍ରେନ୍ ପ୍ରବେଶ କରୁଥିଲା ପରବର୍ତ୍ତୀ ଟନେଲ୍ ଭିତରକୁ, ଅଦେଖା ଅନ୍ଧକାରର ଗର୍ଭକୁ। କିଛି ସମୟ ପାଇଁ ଉଭୟେ ଥିଲେ ନୀରବ। ଅତୀତର ମର୍ମନ୍ତୁଦ ଦୃଶ୍ୟପଟରୁ ନିଜକୁ ମୁକୁଳାଇ ବାସ୍ତବତାର ଭୂଇଁରେ ପାଦ ରଖି ପ୍ରକୃତିସ୍ଥ ହେବା କ'ଣ ସହଜ କଥା। ଲୋଡ଼ା ଆଡାପ୍ଟିବିଲିଟି! ଦୁଃଖ ସହ! କଷ୍ଟ ସହ! ପ୍ରତିକୂଳ ପରିସ୍ଥିତି ସହ! ରାମେୟାର ହାତ ଉପରେ ନିଜ ହାତର ସ୍ପର୍ଶ ଦେଲା ଋଦ୍ଧିମନ୍ତ। ପ୍ରକୃତିସ୍ଥ ହେଲା ସେ। କହିଲା, "ଛଅମାସ ମେଡ଼ିକାଲ୍ କଲେଜର ବେଡ଼୍‌ରେ। ଗୋଡ଼ ପଚି ଯାଉଥାଏ, କଟା ହେଉଥାଏ, ମୁଁ ଯେମିତି ଖେଳନାଟିଏ, ଡାକ୍ତରଙ୍କ ହାତରେ। ମାଲିକ ଖର୍ଚ୍ଚ କଲେ ଦେଢ଼ ଲକ୍ଷ ଟଙ୍କା। ଅନେକ ଦୁଃଖ ବି କଲେ। ମୋ ବଦଳରେ ଆଉଜଣେ ରାମେୟା ଦାୟିତ୍ୱ ନେଇ ସାରିଥିଲା ଟ୍ରକ୍‌ର, ବିଶ୍ୱାସର! ମୁଁ ହସ୍‌ପିଟାଲ୍‌ରେ ରହିବା ଦିନ ତକ ମୋ ପରିବାର ଭରଣପୋଷଣରେ ମୋର ସଞ୍ଚୟ ପଇସା ତକ ସରିଗଲା। ଗୋଡ଼ରେ ଷ୍ଟିଲ୍‌ରଡ଼୍ ଭିଡ଼ି ହସ୍‌ପିଟାଲ୍‌ରୁ ଡିସ୍‌ଚାର୍ଜ ହେଲି। ଘରେ ଦୁଇଦୁଇଟା ବଢ଼ିଲା ଝିଅ, ଅସୁସ୍ଥ ସ୍ତ୍ରୀ। ଗାଁ ଲୋକଙ୍କ ସହୃଦୟତା, ପ୍ରଚେଷ୍ଟା ଫଳରେ ସରକାରଙ୍କ ଠାରୁ ମିଳିଲା ପ୍ରତିମାସରେ ପାଞ୍ଚ ଶହ ବାର୍ଦ୍ଧକ୍ୟ ଭତ୍ତା, କେତେ କେଜି ଚାଉଳ ଆଉ ପ୍ରତି ମୁହୂର୍ତ୍ତରେ ମୋତେ ଉପହାସ କରୁଥିବା ଏହି ଷ୍ଟିଲ୍‌ର ୱାକିଂଷ୍ଟାଣ୍ଡ୍! ଅନୁକମ୍ପା! ଦୟା! ସହାନୁଭୂତିକୁ ହାତ ପତେଇବା ସେଇଠୁ ଶିଖିବାକୁ ଆରମ୍ଭ କଲି। ସ୍ୱାଭିମାନୀ ଲୋକ ନଇଁବା ଭାରି କଷ୍ଟ ହୁଏ। ବାବୁ! ଲୋକେ ସିନା ଦେଖି ପାରନ୍ତି ନାହିଁ, ମଡ଼୍‌ମାଡ଼୍ ହୋଇ ମେରୁଦଣ୍ଡ ଭାଙ୍ଗୁଥାଏ ଅହରହ। ସେ ଶବ୍ଦ ହୃଦୟ ବିଦାରୁଥାଏ।

କିଛି ଜମି ବିକ୍ରି କରି ଝିଅ ଦୁଇଟାକୁ ବାହା କଲି। କିନ୍ତୁ ଦୁର୍ଭାଗ୍ୟ ସବୁବେଳେ ସାଙ୍ଗସାଥି ସହ ଆସେ। ଜ୍ୱାଇଁ ଗୁଡ଼ାକ ମଦ୍ୟପ। ତେଣୁ ଏବେ ବି ଝିଅମାନେ, ଜ୍ୱାଇଁ ମୋ ଉପରେ ନିର୍ଭରଶୀଳ।"

ଟ୍ରେନ୍ ରହିଲା। କୋରାପୁଟ୍ ଷ୍ଟେସନ୍ ଆସି ଯାଇଥିଲା। ଝର୍କାଦେଇ ଚାହିଁଲା ଋଦ୍ଧିମନ୍ତ। ଷ୍ଟେସନ୍‌ରେ ସିଦ୍ଧି ଅପେକ୍ଷା କରିଛି ତାକୁ ନେବା ପାଇଁ। ଗୋଟେ ହସ ଚହଟିଗଲା ତା' ମୁହଁରେ। ଓହ୍ଲାଇବା ପୂର୍ବରୁ ରାମେୟାକୁ ପଚାରିଲା, "ଏଠି ଓହ୍ଲାଇବ?" ମୁଣ୍ଡ ହଲାଇ ମନାକଲା ରାମେୟା। "ନା- ଆଗକୁ ଯିବି।" ଗୋଟେ ରୁଦ୍ଧ ଆବେଗକୁ ଛାତିରେ ଚାପିଧରି ଓହ୍ଲାଇଲା ଋଦ୍ଧିମନ୍ତ।

କୋରାପୁଟରେ ଦୁଇଦିନ ରହଣି । ଅନେକ ବକେୟା କାମ ସାରିବାକୁ ପଡ଼ିବ । ସିଦ୍ଧି ପ୍ରସ୍ତାବ ଦେଲା, “ଜଗଦଲପୁରରେ ଗୋଟେ ମେଳା ଚାଲିଛି, ଯାଆନ୍ତେ ନି ଦେଖିବାକୁ ?”

“ମେଳା ଦେଖିବାକୁକ ଜଗଦଲ୍‌ପୁର ?” ଆଶ୍ଚର୍ଯ୍ୟ କଣ୍ଠ ଋଦ୍ଧିମନ୍ତର । “ସ୍ୱପ୍ନା ପା ସେଇଠି ଅଛି । ଅନେକ ଥର ଡାକିଲାଣି । ତା’ ଝିଅ ସହ ପ୍ରଗଲ୍‌ଭାର ବନ୍ଧୁତା କେତେ ଗାଢ଼ ତ ଜାଣିଛ । ତା’ ଛଡ଼ା ସ୍ୱପ୍ନାର ଅନେକ ଫର୍ନିଚର ହାଉସ୍ ସହ ଚିହ୍ନା ପରିଚୟ । ବସ୍ତର ଆର୍ଟର ଡିଭାନ୍ ଗୋଟେ ଅର୍ଡ଼ର ଦିଅନ୍ତେ ସେଠି । ମୋର କିଛି ଭଙ୍ଗାରୁଜା ଗହଣା ବଦଳାଇ ‘ମହାବୀର ଜୁଏଲାରୀ’ରୁ ଦି’ପଟ ଚୁଡ଼ି ଆଣନ୍ତି ।”

ସିଦ୍ଧି ଓ ପ୍ରଗଲ୍‌ଭା ଚାହିଁଥିଲେ ତାର ଉତ୍ତରକୁ ଉତ୍ସୁକତାର ସହିତ । “ୟୋର୍ ଏକ୍‌ଜାମ୍ ?”

“ଆଇ ୱିଲ୍ ମ୍ୟାନେଜ୍ ବାବା, ଟିକେ ଡବଲ୍ ଟାଇମ୍ ପଢ଼ିବି ।” ପ୍ରଗଲ୍‌ଭା ବୋଧେ ଚାହୁଁଥିଲା ପଢ଼ା ଷ୍ଟ୍ରେନ୍‌ରୁ କିଛି ସମୟ ଲାଗି ଅବ୍ୟାହତି ।

ମେଳା ଖୁବ୍ ଲୋକାରଣ୍ୟ । ଠାଏଁ ଠାଏଁ ମୀନାବଜାର, ବେଲୁନ୍ ବାଲା, ପେଁକାଳି, ଖେଳନା ଦୋକାନ, ଉଠା ହୋଟେଲ୍‌ରେ ସମୁଦାୟ ଅଞ୍ଚଳ ଉଠୁଛି ପଡୁଛି ।

“ଶୀଘ୍ର ଶୀଘ୍ର ଠାକୁର ଦର୍ଶନ ସାରିଲେ, ତୁମର ସପିଂ କରିବ । ଆଜି ଆମକୁ ଫେରିବାକୁ ହେବ । ସୋ ମଚ୍ ପେଣ୍ଡିଂ ୱାର୍କ । ସୋ ବି କ୍ୱିକ୍ ।”

ଚେତାଇ ଦେଲା ଋଦ୍ଧିମନ୍ତ ସିଦ୍ଧିକୁ । ସେ ଜାଣେ ସିଦ୍ଧିର ସବୁ କାମ ଧିର । ସବୁ ଜିନିଷ ତନ୍ନ ତନ୍ନ କରି ଦେଖିବା ଓ ସେଥିରୁ ଆନନ୍ଦ ନେବାକୁ ସେ ଭଲପାଏ । ସ୍ୱପ୍ନା ସହ ସିଦ୍ଧି ଆଗକୁ ବଢ଼ିଲା । ପ୍ରଗ୍‌ଲଭା ସ୍ୱପ୍ନାର ଝିଅ ସହ ଘରେ ଖେଳୁଛି । ସମଗ୍ର ମେଳା ଅଞ୍ଚଳ ଦେଖି ନେବା ପାଇଁ ଆଖି ବୁଲାଇଲା ଋଦ୍ଧିମନ୍ତ । ମନ୍ଦିର ପାହାଚ ପୂର୍ବରୁ ଲମ୍ବା ଦୁଇଧାଡ଼ି ଭିକାରୀ । ବସିଛନ୍ତି ଗାମୁଛା ପାତି । କର୍ମା, ଅକର୍ମା ସବୁ ! ‘ଧେତ୍’ କହି ଗୋଡ଼ ବଢ଼ାଇଲା ଆଗକୁ । ହଠାତ୍ ତାର ଗୋଡ଼ ରହିଗଲା ଏକ ପରିଚିତ ବସ୍ତୁ ଉପରେ ଆଖି ପଡ଼ିବା ମାତ୍ରେ ! ଆଶ୍ଚର୍ଯ୍ୟର ଏକ ଉଷ୍ମ ଲହର ତାର ସମଗ୍ର ଶରୀରରେ । ମନେମନେ ଭଗବାନଙ୍କୁ ପ୍ରାର୍ଥନା କଲା ସେ ଯାହା ଭାବୁଛି, ସତ୍ୟ ହୋଇନଥାଉ ! କିନ୍ତୁ ତାର ଦୁର୍ଭାଗ୍ୟ, ତାର ଅନୁମାନ, ସନ୍ଦେହ ଅମୂଳକ ଥିଲା ! ସେହି ଷ୍ଟିଲ୍ ୱାକିଂ ଷ୍ଟାଣ୍ଡ୍ ! ଯାହାକୁ ସେ ଭେଟିଥିଲା ଦୁଇଦିନ ତଳେ ଟ୍ରେନ୍‌ରେ । ଗାମୁଛାଟିଏ ପାତି ଭିକାରୀମାନଙ୍କ ଧାଡ଼ିରେ ବସିଥିଲା ରାମେୟା ରେଡ଼୍‌ଡୀ ! ମାର୍‌ୱାଡ଼ି ମାଲିକର ସବୁଠାରୁ ପ୍ରିୟ, ବିଶ୍ୱସ୍ତ, ଦକ୍ଷ ଟ୍ରକ୍ ଡ୍ରାଇଭର୍ ! ମୁଠାଏ ବାଦାମ୍‌ର ଋଣ ସୁଝିବାକୁ ଯିଏ ତା’ ପାଇଁ ଚା’ କପ୍‌ଟିଏ ଅର୍ଡ଼ର କରିଥିଲା ।

ରାମେୟାକୁ ଅପ୍ରସ୍ତୁତ ହେବାକୁ ନ ଦେବାଲାଗି ମୁହଁ ଘୁରାଉ ଘୁରାଉ ଉଭୟଙ୍କର ଚକ୍ଷୁ ମିଶିଗଲା । ଋଦ୍ଧିମନ୍ତ ଅପ୍ରସ୍ତୁତ ଅନୁଭବ କଲା । ରାମେୟା କିନ୍ତୁ ଥିଲା ସ୍ୱାଭାବିକ ଓ ଅବିଚଳିତ ! ସାମାନ୍ୟ ହସିଲା । ଟଙ୍କା ଗଣି ପକେଟ୍‌ରେ ରଖୁଥିଲା ରାମେୟା ।

ଆଗକୁ ଯାଇ ପାରିଲାନି ଋଦ୍ଧିମନ୍ତ । ପାଦ ଯୋଡ଼ିକ ଯେମିତି ନିଷ୍ପ୍ରାଣ, ସ୍ଥାଣୁ । ଟଙ୍କାତକ ରଖିସାରି ରାମେୟା ଉଠି ଆସିଲା ଋଦ୍ଧିମନ୍ତ ପାଖକୁ, ତା’ର ବିଛା ହୋଇଥିବା ଟାୱେଲ୍‌ର ଜିମ୍ମା ପାର୍ଶ୍ୱବର୍ତ୍ତୀ ଭିକାରୀକୁ ଦେଇ ।

“ମୁଁ ଆଶା କରିନଥିଲି, ତମକୁ ଏଠି ଦେଖିବି ବୋଲି !”

“ମୁଁ ବି ତ କେବେ ଆଶା କରିନଥିଲି, ନିଜକୁ ଏଠି ଦେଖିବି ବୋଲି !” ହସି କହିଲା ରାମେୟା । ସେଇ ହସରେ ଯେମିତି ତାର ଜୀବନର ସମସ୍ତ ଅଭିଯୋଗ ଖୁନ୍ଦିଖାନ୍ଦି ହୋଇ ଦିଶିଗଲା ଋଦ୍ଧିମନ୍ତକୁ ।

“ପ୍ରଥମେ ପ୍ରଥମେ ଖରାପ ଲାଗୁଥିଲା । ଏମାନଙ୍କ ସହ ବସିବାକୁ । ଏବେ ଅଭ୍ୟାସ ହୋଇଗଲାଣି । ବେଶ୍ ସ୍ୱାଭାବିକ ଭାବେ ବସି ପାରୁଛି । ଲୋକଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଡାକି ବି ପାରୁଛି ! ତେବେ ଦ୍ୱାରଦ୍ୱାର ବୁଲି ମୁଁ ମାଗେନି । କେବଳ ମେଳା, ମଉଛବମାନଙ୍କରେ ବସେ, ଯେଉଁଠିକି ମନମଉଜ କରିବାକୁ ଲୋକେ ଆସନ୍ତି । ମୋର ଅକର୍ମଣ୍ୟ ଗୋଡ଼କୁ ଦେଖି ଯାହାର ମନ ବିକଳ ହୁଏ, ଦିଅନ୍ତି । ହଜାର ହଜାର ଲୋକଙ୍କର ସମାଗମ । କିଛି ଲୋକଙ୍କର ତ ମନ ତରଳେ ! ଭଲ ରୋଜଗାର ହୁଏ । ଘର ଘର ବୁଲି ଲୋକେ ଯାହା ମାସକରେ ରୋଜଗାର କରନ୍ତି, ସେତିକି ଏଠି ମେଳା ମଉଛବରେ ଦିନକରେ ହୁଏ । ଦୁଇଦିନ ତଳେ ନୃସିଂହନାଥ ମେଳାରୁ ଫେରିଲି, ଯେଉଁଦିନ ଟ୍ରେନ୍‌ରେ ଆପଣଙ୍କ ଦେଖା ହୋଇଥିଲା । ୟା ପରେ କେଉଁ କେଉଁ ଜାଗାରେ ମେଳା ଅଛି, ତାହା ମୁଁ ଜାଣେ । ସେଇଠିକି ଯିବି । ମୋ ରୋଜଗାର ଉପରେ ଏବେ ବି ମୋ ପରିବାର ନିର୍ଭରଶୀଳ । ବେଶ୍ ଚଳି ଯାଉଛୁ ।”

“ଅନ୍ୟ କିଛି ବି ତ କରିପାରିଥାନ୍ତ !” ଆହତ କଣ୍ଠ ଋଦ୍ଧିମନ୍ତର ।

“ହେ ! ହେ ! ହେ ! ବାବୁ ଆପଣ କ’ଣ ଭାବିଛନ୍ତି ମୋ ଭଳି ସ୍ୱାଭିମାନୀ ଲୋକ ସେଥିପାଇଁ ଚେଷ୍ଟା କରି ନଥିବ ବୋଲି ! ବର୍ଷେ କାଳ ଅନେକ ଚେଷ୍ଟା କଲି । ଯାହାର ଗୋଡ଼ ଦି’ଟା ନାହିଁ, କିଏ ତାକୁ ଭରସା କରି କାମ ଦେବ ? ଗାଈ, ଛେଳି ଚାଷ କଲି । ସେମାନଙ୍କର କାମଦାମ ବୁଝିବା ଲାଗି ପିଲାଟିଏ ରଖିଲି । ବିଭିନ୍ନ ଆଳରେ ସିଏ ମୋତେ ଠକିବାକୁ ଚେଷ୍ଟା କଲା । ଭିନ୍ନକ୍ଷମ କ’ଣ ଖାଲି ଶରୀରରେ ହୁଅନ୍ତି, ବାବୁ ? ଶାରିରୀକ ଭିନ୍ନକ୍ଷମ ଠାରୁ ଅଧିକ ଅସହାୟ ସେଇମାନେ, ଯେଉଁମାନେ ମନରେ ଭିନ୍ନକ୍ଷମ । ପରାଙ୍ଗପୁଷ୍ଟ । ଅନ୍ୟ ଠୁ ହାତ ପତାଇ, ଠକି, ଭଣ୍ଡି ଖାଇବାକୁ ନିଜର ଗୌରବ ମଣନ୍ତି ! ଭାବିଲି ଗୋଡ଼ ଦି’ଟା ସିନା ଚାଲିଗଲା, ହାତ ଦୁଇଟା, ଆଖି ତ ନେଇନାହାନ୍ତି । ସପ, ମସିଣା, ଡାଲା ଆଦି ବୁଣାବୁଣି କରିବି ଭାବିଲି । କିନ୍ତୁ କଞ୍ଚାମାଲ୍ ଆଣିବା, ଜିନିଷ ବିକ୍ରିବଟା ପାଇଁ ଏ ଅକର୍ମଣ୍ୟ ଲୋକର ସାଥି ହେବାକୁ କେହି ଚାହିଁଲେନି । ରାସ୍ତା କଡ଼ରେ ପଇଡ଼, ଆମ୍ବ, ସପୁରୀ ବିକ୍ରି କରି ଦିନା କେତେ ରୋଜଗାର କଲି । କିନ୍ତୁ ଏକୁଟିଆ ସମ୍ଭାଳି ପାରିଲାନି । ଯାହା ବି କିଛି ରେଜାଗାର କଲି ମୋର ଜ୍ୱାଇଁମାନେ ମୋ ସହ ମଦ ପିଇବାକୁ ପ୍ରବର୍ତ୍ତାଇଲେ ।

କ’ଣ ଆଉ କରିଥାନ୍ତି ? ଗାଁରେ ଭିକ୍ଷାବୃତ୍ତି କରି ପାରିବିନି । କାହା ଦୟାରେ ବଞ୍ଚି ପାରିବିନି । ନିଜ ଲୋକଙ୍କର ନଜରରେ ତଳକୁ ଖସିଗଲେ ବଞ୍ଚିବା ବହୁତ କଷ୍ଟ ବାବୁ ! ଯେଉଁ ଦିନମାନଙ୍କରେ ମେଳା ମଉଛବ ନଥାଏ, ଗାଁ ଲୋକଙ୍କ ଗହଣରେ ସ୍ୱାଭିମାନରେ କଟାଏ, ସମ୍ମାନରେ ବଞ୍ଚେ । ଯାଉଛି ବାବୁ– ଏବେ ଲୋକ ଗହଳି ସମୟ, ବେପାର ସମୟ ।”

ଚାଲିଗଲା ରାମେୟା । ତାର ପୂର୍ବ ଅଧିକୃତ ସ୍ଥାନକୁ ହାତ ପତାଉଥିବା ତାର ଗାମୁଛା ପାଖକୁ ।

ଋଦ୍ଧିମନ୍ତ ହତବମ୍ଭ ଭାବେ ଠିଆ ହୋଇଥିଲା । ପରଖୁଥିଲା ଦକ୍ଷ, ବିଶ୍ୱାସୀ, କର୍ମପ୍ରବଣ, ସ୍ୱାଭିମାନୀ ଟ୍ରକ୍ ଡ୍ରାଇଭର୍‌ର ଆଡ଼ପ୍‌ଟିବିଲିଟି, ହାତ ପାତୁଥିବା ଭିକାରୀମାନଙ୍କ ଧାଡ଼ିରେ ! ନିଜ ଜଞ୍ଜାଳ, ଦୁଃଖର ବୃତ୍ତ ଧିରେ ଧିରେ ଛୋଟ ହୋଇ ଗୋଟିଏ ବିନ୍ଦୁରେ ପିରଣତ ହେଉଥିଲା ।

ଫୋନ୍ କଲା ଋଦ୍ଧିମନ୍ତ ସୁଜ୍ଞାନ ଚୌଧୁରୀକୁ । ବେତ କାମର ଇଣ୍ଡଷ୍ଟ୍ରିଜ୍ ତାର । ବେଶ୍ ନାମ । ପ୍ରତି ଜିଲ୍ଲା ମହୋତ୍ସବ, ଭୁବନେଶ୍ୱରରେ ଆୟୋଜିତ ପ୍ରଦର୍ଶନୀରେ ତାର ଷ୍ଟଲ୍ ଲାଗେ । ଭଲ ବିକ୍ରି ବି ହୁଏ । ସୁଜ୍ଞାନ ତାର ବାଲ୍ୟ ବନ୍ଧୁ । କୁଶଳୀ କାରିଗରଙ୍କୁ କଞ୍ଚାମାଲ୍ ଦେଇ ଜିନିଷ କିଣିନିଏ । ଚଢ଼ାଦରରେ ବିକ୍ରି କରେ ସହରୀ ବଜାରରେ । ସୁଜ୍ଞାନ ଚୌଧୁରୀ ସବୁବେଳେ ରାମେୟା ଭଳି କର୍ମଠ, ବିଶ୍ୱାସୀ, କୁଶଳୀ ଶ୍ରମିକଙ୍କର ଅନୁସନ୍ଧାନରେ ଥାଏ ।

ରାମେୟା ହାତ ପାତିଲେ, ହାରିଯିବ ଶ୍ରମ, ଡରିଯିବ ବିଶ୍ୱାସ, ବୋଝ ପାଲଟିଯିବ ଦାୟିତ୍ୱ,ଜଞ୍ଜାଳ ।

ଏଥର ଟ୍ରେନ୍ ଟନେଲ୍ ମଧ୍ୟ ଦେଇ ଗଲାବେଳେ ଋଦ୍ଧିମନ୍ତ ବି ଖୁସିରେ ଚିଲ୍ଲେଇଲା “ହୋ....ଓ...ଓ...ଓ...” ହସିହସି ଟନେଲ୍ ପ୍ରତ୍ୟୁତ୍ତର ଦେଲା, “ହୋ...ହୋ...ହୋ...ହୋ...”

ଟ୍ରେନ୍ ଆଗଉଥିଲା ଟନେଲ୍ ଶେଷରେ ବିଛାଡ଼ି ହୋଇଥିବା ଆଲୋକ ଆଡ଼କୁ.... ।



# ରେବତୀ, ସୁମତୀ, ଦେହବତୀ

## ଡକ୍ଟର କବିତା ବାରିକ

ସହଯୋଗୀ ପ୍ରଫେସର୍,
ସ୍ନାତକୋତ୍ତର ଓଡ଼ିଆ ଭାଷାସାହିତ୍ୟ ବିଭାଗ,
ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ,
ବାରିପଦା-୭୫୭୦୦୩

ଫୋନ:୯୪୩୭୧୧୭୬୨୭


**ତିନି ପିଢ଼ି ବା ତିନି ଶତାବ୍ଦୀର 'ରେବତୀ' କଥା କୁହାଯାଇଛି ଏ ଗଳ୍ପରେ। ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଆ ଗଳ୍ପର ମୂଳଦୁଆ ଭିତରେ ଠିଆ ହୋଇଥିବା 'ରେବତୀ'ର ସ୍ଥିତି ଏକବିଂଶ ଶତାବ୍ଦୀରେ କେଉଁଠି ଓ କିପରି ହୋଇଛି ତାହାକୁ ଦର୍ଶାଇବା ଏ ଗଳ୍ପର ଲକ୍ଷ୍ୟ। 'ରେବତୀ'ର ଚିନ୍ତାଚେତନା, ଆଦର୍ଶ ଓ ସଂସ୍କୃତି ସବୁ ବଦଳି ଯାଇଛି। ସମୟ ସହ ପାପପୁଣ୍ୟବୋଧର ଲକ୍ଷ୍ମଣରେଖା ବି ସେମାନେ ପାରି ହୋଇ ଯାଇଛନ୍ତି। ଅନେକ ତ ନିଜକୁ ଦେହବତୀରେ ବଦଳାଇ ଦେବା ଭିତରେ ସାମାନ୍ୟ ଅବସୋସ ବି କରନ୍ତି ନାହିଁ। ଉପଭୋଗ ଓ ଅର୍ଥ ଉପାର୍ଜନ କରି ଦେହକୁ ବଜାର କରିବା ଭିତରେ ଗ୍ଲେମର୍‌ର ଦୁନିଆରେ ହଜି ଯାଆନ୍ତି। ଆଉ କିଛି 'ରେବତୀ' କଳାବତୀ ଭଳି ପରମ୍ପରା, ବୁନିୟାଦୀ ଭିତରେ ବଢ଼ିଚାଲିଲେ ବି ପରିବେଶ, ପରିସ୍ଥିତି ସେମାନଙ୍କୁ ଦେହବତୀରେ ପରିଣତ କରିଦେଇଛି। ପୁଣି ମଝିରେ ଯେଉଁ ବିଂଶ ଶତାବ୍ଦୀ ରହିଲା ସେଠି ସୁମତୀ ଭଳି ନାରୀମାନେ ବିବାହ ଓ ମାତୃତ୍ୱକୁ ନାରୀ ଜୀବନରେ ଅନିବାର୍ଯ୍ୟ ବୋଲି ସ୍ୱୀକାର କରନ୍ତି ନାହିଁ। ସମାଜ ସେବା ଓ କଲମକୁ ଅସ୍ତ୍ର କରି ସେମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତି। ତାଙ୍କ ଲେଖାରେ ଥାଏ ଆଶାବାଦର ସ୍ୱର। ଏ କଥା ସତ ଯେ ସମୟ ନାରୀକୁ ଯେମିତି ବଦଳାଇ ଦେଇଛି ସେମିତି ସମୟ ସହ 'ରେବତୀ'ମାନେ ବି ନିଜର କାୟା ପରିବର୍ତ୍ତନ କରିଛନ୍ତି। ସେମାନେ ମାଟିରୁ ଯାଇ ଆକାଶରେ ଉଡ଼ିବାର କଳା ଶିଖି ପାରିଛନ୍ତି। ତେବେ 'ରେବତୀ'ରୁ ଦେହବତୀ ସାଜିବା ଭିତରେ ଏ ଯେଉଁ ସମୟର ଫାଙ୍କ ତା' ମଝିରେ ଶୋଇ ରହିଛି କଳାବତୀ ଭଳି ବହୁନାରୀଙ୍କ ଜୀବନର ଦୁଃଖଦ କାହାଣୀ। ତାହା ହିଁ ପଢନ୍ତୁ।**

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ପଡ଼ିଥିଲା ଓଡ଼ିଆ ଗଳ୍ପଘରର ମୂଳଦୁଆ। ରାଜମିସ୍ତ୍ରୀ ଥିଲେ ଫକୀରମୋହନ ଆଉ ସେ ଗଳ୍ପଘରର ନାଁ ଥିଲା 'ରେବତୀ'। ଯାହାର ଅପରାଧ ଥିଲା 'ମୁଁ ପାଠ ପଢ଼ିବି'ର ନିଶା। ଝିଅକୁ ପାଠ ପଢ଼ାଇବାକୁ ଆଗଭର ହୋଇ ବାହାରିଥିବା ବାପା ଶ୍ୟାମବନ୍ଧୁ ଏଥିପାଇଁ କଣ ଶାସ୍ତି ଭୋଗନ୍ତେ ନାହିଁ? ତାଙ୍କୁ କ'ଣ ଜଣାନଥିଲା ସମାଜରେ ଯେଉଁ ବିଶ୍ୱାସର ଗଡ଼୍‌ଡାଳିକା ଶହ ଶହ ବର୍ଷ ଧରି ଚାଲି ଆସୁଥିଲା, ଝିଅ ପାଠ ପଢ଼ିଲେ ବଂଶ ଲୋପ୍ ପାଇଯାଏ, ଉତ୍ତର ପୁରୁଷ ନର୍କରେ ପଡ଼ିବେ, ପୂର୍ବପୁରୁଷଙ୍କ ଆତ୍ମା ମୁକ୍ତି ପାଇବ ନାହିଁ? ତଥାପି ସେ ଝିଅ ରେବତୀକୁ ପାଠ ପଢ଼ାଇବାର ଦୁଃସାହସ କେମିତି କଲେ?

ରେବତୀ ବି, ପାଠପଢ଼ିବ ଜାଣି ଏକାଡିଆଁକେ ପହଞ୍ଚି ଯାଇଥିଲା ବୁଢ଼ୀ ଜେଜୀମା ପାଖରେ। ଖୁସିରେ ଫାଟି ପଡ଼ି କହିଥିଲା, ଜେଜୀମା! ମୁଁ ପାଠ ପଢ଼ିବି। ଜେଜୀମା ଆକାଶରୁ ପଡ଼ିଲା ଭଳି କହିଥିଲା, "ପାଠ କଣ ଲୋ, ମାଇକିନିଆ ଝିଅଟା ପାଠ କଣ? ରନ୍ଧାବଢ଼ା ଶିଖ୍, ପିଠାପଣା କରିବାକୁ ଶିଖ୍, ଝୋଟି ଦେବା ଶିଖ୍, ଦହିମୁହାଁ ଶିଖ୍, ପାଠ କଣ?"

ଜେଜୀମା ବୁଝିଥିଲା ବହିର ପାଠ ଅପେକ୍ଷା ଝୋଟିଦିଆ, ପିଠାପଣା ଶାଠ ଅଧିକ ଜରୁରୀ। କାହିଁକି ନା ଝିଅ ଜୀବନ ପରଘରକୁ। ସେଥିପାଇଁ ତ ପୁଅ ଶ୍ୟାମବନ୍ଧୁକୁ ପଚାରିଥିଲା, "ହଁରେ ଶ୍ୟାମ। ରେବତୀ ପାଠ ପଢ଼ିବ? ପାଠ କଣରେ, ତିରିଲା ଝିଅର ପାଠ କଣ? ପରୋକ୍ଷରେ ମାଆକୁ ଶ୍ୟାମବନ୍ଧୁ ବୁଝାଇଥିଲେ, ଝିଅମାନେ ଢେର୍ ପାଠ ପଢ଼ିଲେଣି। ଝଙ୍କଡ଼ ପଟ୍ଟନାୟକଙ୍କ ଝିଅମାନେ ଯେ ଭାଗବତ ବୋଲି ପାରନ୍ତି, ବୈଦେହୀଶ ବିଳାସ ଛାନ୍ଦ ଗାଆନ୍ତି...। ହେଲେ କଣ ହେଲା ପରିଣତି? ଶ୍ୟାମବନ୍ଧୁ ସଂସାରରୁ ବିଦାୟ ନେଲେ। ତା ପରେ ପରେ ସ୍ତ୍ରୀ। 'ରେବତୀ' ଡାକ ଜେଜୀମାର ଓଠରେ ପାଲଟିଗଲା 'ଲୋ ରେବୀ, ଲୋ ନିଆଁ, ଲୋ ଚୂଲୀ'ରେ।

ଏତିକିରେ ଘଟଣା ଦୁର୍ଘଟଣା ଅଟକି ଯାଇନାହିଁ। ମାଇକିନିଆ ଝିଅକୁ ପାଠପଢ଼ାଇବାର ଅପରାଧ ବାସୁ କରିଥିଲା। ସେଥିପାଇଁ ତାକୁ ଦଣ୍ଡ ମିଳିବ ନା ନାହିଁ? ଚାରିପାଞ୍ଚଟା ପୋଖରୀ ପାଣିରେ ବାସୁ ଆଖି ବୁଜିଦେଲା। ଶେଷରେ ପାଠ ପଢ଼ିବାର ଦଣ୍ଡ ଯାଇ ପହଞ୍ଚିଲା ରେବତୀ ପାଖରେ। ସନ୍ନିପାତ ତା'ର ଜୀବନ ନେଇଗଲା। ପୁଅବୋହୂ, ନାତୁଣୀ, ଭାବି ନାତୁଣୀ ଜୋଇଁକୁ ହରାଇ ଆଉ କାହିଁକି ଜେଜୀମା ବଞ୍ଚିଥାନ୍ତା? ଅଧରାତିରେ କେବଳ ପଡ଼ୋଶୀମାନେ ଶୁଣିଥିଲେ ଏକ ଦୁଲ୍‌ଦାଲ୍ ଶବ୍ଦ ଆଉ 'ଲୋ ରେବୀ, ଲୋ ନିଆଁ, ଲୋ ଚୂଲୀ'ର ଡାକ।

ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଜେଜୀମାର



▲ଗାଳ୍ପିକା କବିତା ବାରିକ

**କାହାଣୀ ପଛର କାହାଣୀ**

**ଏ ଭିତରେ ଫକୀରମୋହନଙ୍କ 'ରେବତୀ' ଶହେ ବାଇଶ ବର୍ଷରେ ପାଦ ଥାପିଛି। ମୁଁ ଏହି ଗଳ୍ପଟି ଲେଖିଲା ବେଳେ ଚିନ୍ତା କଲି ମୂଳ 'ରେବତୀ' ଓ ମୋର ଗପଟି ଭିତରେ ଯେଉଁ ଲମ୍ବା ସମୟ ଶୋଇଛି, ସେ 'ରେବତୀ'ର କାୟା, ମନ, ସମାଜ କ'ଣ କେମିତି ପରିବର୍ତ୍ତନ ଘଟାଇଛି। ସେ କେତେ ନାମରେ, ଚେହେରାରେ ପରିବର୍ତ୍ତିତ ହୋଇଛି। ତା'ର ଏ ପରିବର୍ତ୍ତନ ଇଚ୍ଛାଧୀନ ନା ବାଧ୍ୟବାଧକତା? ସମୟ ସହ ସେ ନିଜକୁ ବଦଳାଇଛି ନା ପରିସ୍ଥିତି ତାକୁ ବାଧ୍ୟ କରିଛି। ତାହା ହିଁ ଏ ଗପର ଉତ୍ସ।**

କବିତା ବାରିକ

ଏ ଡାକ କଣ ଥିଲା ପରମ୍ପରା ଭାଙ୍ଗିଯିବା ଦେଖି ବିରୋଧର ସ୍ୱର ?

ଝିଅମାନେ ପାଠ ପଢ଼ିଲେ ବଂଶ ଲୋପ୍ ପାଇଯାଏ, ଏ ସତ୍ୟ କଣ 'ରେବତୀ' ଗଳ୍ପରେ ସାବ୍ୟସ୍ତ କରିଗଲେ ତା'ର ସ୍ରଷ୍ଟା ଫକୀରମୋହନ ? ନା ବାର୍ତ୍ତା ଦେଇଗଲେ ଏହା ସତ୍ତ୍ୱେ ବି ଆଗାମୀ ଦିନରେ ରେବତୀମାନେ ପାଠ ପଢ଼ିବେ ? ସେମାନେ ହାରିଯିବେ ନାହିଁ, ଡରିଯିବେ ନାହିଁ, ଭାଙ୍ଗିଯିବେ ନାହିଁ । ମରଣକୁ ଡରିବେନି ବରଂ ସମାଜର ଆକଟ ଆଉ ନାଲି ଆଖିକୁ ସାମ୍ନା କରିବେ । ଜେଜୀମା ଭଳି ଚରିତ୍ରମାନେ ବାଟ ଓଗାଳି ଠିଆ ହୋଇ ଥିଲେ ମଧ୍ୟ ସେମାନେ ନିଜ ବାଟ ନିଜେ ଖୋଜି ନେବେ ।

ଏ ଭିତରେ ଚାଲି ଗଲାଣି ଶହେ ବାଇଶ୍ ବର୍ଷ । ସ୍ରଷ୍ଟା ଫକୀରମୋହନଙ୍କ ଶରୀର କେବେ ଠୁ ମାଟିରେ ମିଶି ସାରିଛି । ହେଲେ ଶହେ ବାଇଶ୍ ବର୍ଷ ପରେ ବି 'ରେବତୀ' ଠିଆ ହୋଇଛି ଦର୍ପର ସହିତ ଓଡ଼ିଆ କ୍ଷୁଦ୍ରଗଳ୍ପର ମାଇଲ୍‌ଖୁଣ୍ଟ ସାଜି । ସେ ମରି ବି ମରି ନାହିଁ ।

ସ୍କୁଲ୍‌ରେ ପଢ଼ିଲା ବେଳେ ସୁମତୀର ପାଠ୍ୟ କ୍ରମରେ ଥିଲା 'ରେବତୀ' ଗଳ୍ପ । ସେତେବେଳେ ସେ ଏତେଟା ବୁଝି ପାରିନଥିଲା । କଲେଜ୍‌ରେ ପଢ଼ିଲା ବେଳେ ବି ପାଠ୍ୟ ବିଷୟରେ 'ରେବତୀ' ଥିବାରୁ ଆଉଥରେ ପଢ଼ିଲା । ଏ ଭିତରେ ସ୍କୁଲ୍‌ରେ କୈଶୋରରେ ପଢ଼ିଥିବା 'ରେବତୀ'କୁ ତାର ଯୁବତୀ ଅବସ୍ଥାରେ ପଢ଼ିଲା ବେଳେ ଦୃଷ୍ଟିକୋଣ, ଅନୁଭବ ବଦଳି ଯାଇଥିଲା । କିଛିଟା ପାକଳ ବି ସେ ହୋଇ ଯାଇଥିଲା । ଏ 'ରେବତୀ' ଭିତରୁ ସେ ଖୋଜି ପାଇଥିଲା ନିରବ ପ୍ରେମର କୋମଳ ଗାନ୍ଧାର । ହରିପୁର ଥାନାରେ ଥିବା ପାଠଶାଳାକୁ ପିଲାମାନଙ୍କୁ ଧରି କାଲି ସକାଳେ ଯିବା ଆଗରୁ ବାସୁ ଆସିଥିଲା ଆବଶ୍ୟକ ସଉଦାପତ୍ର ଧରି । ଫେରିବାକୁ ପାଞ୍ଚଦିନ ଲାଗିବ ।

ବାପାମାଆ ଗଲାଦିନୁ କୋତରା ଧରିଥିଲା ରେବତୀ । ବାସୁ ଆସିଲେ ଯାହା ସେ ଉଠି ବସେ । ବଡ଼ ବଡ଼ ଆଖି ଦୁଇଟାରେ ବାସୁକୁ ଜଳଜଳ କରି ଚାହିଁ ରହିଥାଏ । ତେତେବେଳେ ଆଉ କିଛି ଜ୍ଞାନ ନଥାଏ । ଆଖିରେ ବାସୁଦେବ, ଶାନ୍ତ ବାସୁଦେବ, ସମସ୍ତ ହୃଦୟଟା ବାସୁଦେବମୟ । ଗାଳ୍ପିକ ଫକୀରମୋହନ ଏଇଠି ଯେମିତି ପ୍ରେମର କବି ପାଲଟି ଯାଇଛନ୍ତି । ବିଦାୟ ବେଳାର ଦୃଶ୍ୟ ଆହୁରି ଅପୂର୍ବ । 'ରେବତୀ' ବାସୁକୁ ଏକ ଧ୍ୟାନରେ ଚାହିଁଥାଏ । ଆଜିକା ଚାହାଣି ଅନ୍ୟ ରକମ । ଆଗେ ବାସୁ ଚାହିଁଲେ ମୁଣ୍ଡତଳକୁ ପୋତି ଦେଉଥିଲା, ଆଜି ସେ ଭାବ ନାହିଁ । ଏକା ଧ୍ୟାନରେ ବାସୁକୁ ଚାହିଁ ରହିଛି । ବାସୁର ମଧ୍ୟ ଆଜି ଆଗକା ଚାହାଣି ନୁହେଁ । ଆଗେ ବାସୁର ଯେମନ୍ତ ଖୁବ୍ ଇଚ୍ଛା ରେବତୀକୁ ଭଲ କରି ଦେଖିବ, କିନ୍ତୁ ଅନାଇ ପାରେ ନାହିଁ । ଆଜି ଚାରିଚକ୍ଷୁର ମିଳନ, ଆଖି ଫେରାଇବାକୁ କାହାରି ଆୟତ୍ତ ନାହିଁ ।

ପ୍ରେମର କି ଅପୂର୍ବ ରାଗ !

ନାରୀଶିକ୍ଷା ଆଉ କାରୁଣ୍ୟର ଏକ ଲଳିତ ମୂର୍ଚ୍ଛନାର ଛକରେ ଠିଆ ହୋଇଥିବା 'ରେବତୀ'କୁ ସୁମତୀ ଯେତେବେଳେ ଦ୍ୱିତୀୟବାର ଛୁଇଁଲା ସେତେବେଳେ ଶହେ ବର୍ଷ ଅତିକ୍ରାନ୍ତ । ସୁମତୀ ଭାବିଲା, ଏହି ଶହେ ବର୍ଷ ଭିତରେ କେତେ ବଦଳିଛି 'ରେବତୀ'ର ଚିତ୍ରପଟ ? ଅନ୍ଧବିଶ୍ୱାସ, କୁସଂସ୍କାର, ଦାରିଦ୍ର୍ୟ ଭିତରୁ ରେବତୀମାନେ କ'ଣ ସଂପୂର୍ଣ୍ଣ ମୁକୁଳି ପାରିଛନ୍ତି ? ଆଜି ବି କଣ ପାଠପଢ଼ା ସେମାନଙ୍କ ପାଇଁ ଅପହଞ୍ଚ ? 'ରେବତୀ' ଯେଉଁ ଛକରେ ଶହେ ବର୍ଷ ପରେ ଠିଆ ହୋଇଛି, ସେ ଛକର ନାଁ କଣ ? ହେଲେ ରେବତୀ ସ୍ଥାନରେ ସୁମତୀ ନିଜକୁ ଠିଆ କରାଇ ଅଜସ୍ର ଭାବନା ଭିତରେ ନିଜର ଅସ୍ତିତ୍ୱ ଖୋଜି ହେଉଥିଲା । ପୃଷ୍ଠପଟରେ ଥିଲା 'ରେବତୀ'ର ଛାୟା ଆଉ ଅଠର ଶହ ଅଠାନବେରୁ ଆସି ଉଣେଇଶ ଅଠାନବରେ ଯିଏ ଠିଆ ହୋଇଥିଲା ସେ ସୁମତୀ, ଛାୟା ଭିତରେ କାୟା । ସମୟ ଶହେ ବର୍ଷର ବ୍ୟବଧାନ । ଶହେ ବର୍ଷର ବ୍ୟବଧାନ କଣ କମ୍ ହୋଇଛି ? ପାଣି ସୁଅ ଭଳି ବର୍ଷ ମାସ ଦିନ ଏମିତି ଗୋଟାଏ ଶତାବ୍ଦୀ, ଗୋଟାଏ ଯୁଗର ଆକଳନ ! ଏ ଭିତରେ କେତେଥର ଭାଙ୍ଗିଛି ସୁମତୀ, କେତେଥର ବି ଗଢ଼ା ହୋଇଛି, ଯୋଡ଼ା ହୋଇଛି !

> **ନାରୀଶିକ୍ଷା ଆଉ କାରୁଣ୍ୟର ଏକ ଲଳିତ ମୂର୍ଚ୍ଛନାର ଛକରେ ଠିଆ ହୋଇଥିବା ରେବତୀକୁ ସୁମତୀ ଯେତେବେଳେ ଦ୍ୱିତୀବାର ଛୁଇଁଲା ସେତେବେଳେ ଶହେବର୍ଷ ଅତିକ୍ରାନ୍ତ ସୁମତୀ ଭାବିଲା, ଏହି ଶହେବର୍ଷ ଭିତରେ କେତେ ବଦଳିଛି ରେବତୀର ଚିତ୍ରପଟ ?**

ତା'ପରେ ଆସିଛନ୍ତି ଆଉ ଜଣେ ସ୍ରଷ୍ଟା । ଫକୀରମୋହନଙ୍କ ଜାଗାରେ ଗୋଦାବରୀଶ ଆଉ 'ରେବତୀ' ସ୍ଥାନରେ 'ନୀଳ ମାଷ୍ଟରାଣୀ' । ଫକୀରମୋହନ ଯେଉଁଠି ଅଟକି ଗଲେ, ମହାପାତ୍ରେ ସେଇଠୁ ସତେକି ଆରମ୍ଭ କଲେ । ନୀଳ-ରେବତୀର ଏକ ଭିନ୍ନ ସତ୍ତା । କିନ୍ତୁ ଅବିଚ୍ଛିନ୍ନ ଧାରା । ହେଲେ ଗୋଦାବରୀଶ ପରୋକ୍ଷରେ ନୀଳର କାୟା ଭିତରେ ରେବତୀକୁ ଆଉ କିଛି ପାଦ ଆଗେଇ ନେଲେ । ତାକୁ ଖାଲି ପ୍ରେମ କରିବା ଶିଖାଇଲେ ନାହିଁ, ପରମ୍ପରାର ଲକ୍ଷ୍ମଣ ରେଖା ଡିଆଁଇ ଦେଲେ । ନୀଳ ବ୍ରାହ୍ମଣ ଘରର ବାଲ୍ୟ ବିଧବା ଝିଅ । ତାକୁ ତତ୍କାଳୀନ ସାମାଜିକ ବିଧିବିଧାନ, ପରମ୍ପରାକୁ ନେଇ ଚଳିବା ଦରକାର । ସେଥିପାଇଁ ସ୍କୁଲ୍ ଯାଇ ପଢ଼ିବା ମନା, ଦାଣ୍ଡକୁ ବାହାରିବା ମନା, ପ୍ରେମ କରିବା ମନା, ପୁନର୍ବିବାହ ମନା । ହେଲେ ସବୁ ମନାକୁ 'ହଁ'ରେ ବଦଳାଇ ଦେଇଛି ନୀଳ । ସେ ଖାଲି ପାଠ ପଢ଼ିନି, ଅଧିକନ୍ତୁ ଗାଁ ସ୍କୁଲ୍‌ରେ ମାଷ୍ଟରାଣୀ ହୋଇଛି । ଦାଣ୍ଡକୁ ବାହାରି ଅନ୍ୟ ପାଇଁ ଉଦାହରଣ ସାଜିଛି । ହେଲେ ସବୁକିଛି ଓଲଟପାଲଟ ହୋଇ ଯାଇଛି, ଗାଁ ମେଳଣ ପଡ଼ିଆରେ ପଡ଼ିଥିବା ଯାତ୍ରାପାର୍ଟିରେ ମଦନା ସେଠୀର ଅର୍ଜ୍ଜୁନ ଭୂମିକା ଦେଖି । ଚକ୍ରାକାରରେ ଘୂରୁଥିବା ମାଛ ଆଖିରେ ଅର୍ଜ୍ଜୁନ ଶର ବିନ୍ଧିଲା ବେଳେ ଅତି ଗୋପନରେ ସେ ଶର ବିଦ୍ଧ ହୋଇଛି ନୀଳ ମାଷ୍ଟରାଣୀର ହୃଦୟ କନ୍ଦରରେ । ସେ ଜାତି ମାନି ନାହିଁ, କୁଳ ଦେଖି ନାହିଁ, ସମାଜ ମାନି ନାହିଁ । ବାପା, ଭାଇର ସମ୍ମାନ ରଖି ନାହିଁ । ମଦନା ସେଠୀର ପ୍ରେମରେ ପଡ଼ି କୁଳଶୀଳ ସବୁକିଛି ତ୍ୟାଗ କରି ପଳାଇ ଯାଇଛି । ତାପରେ ନୀଳମାଷ୍ଟରାଣୀର ପରିଚୟ ବଦଳି ହୋଇଛି ନୀଳଧୋବଣୀ । ଯାତ୍ରାପାର୍ଟି ଭାଙ୍ଗିଛି, ମଦନା ସେଠୀ ମଦ ଖାଇଛି, ନୀଳକୁ ପିଟାମରା କରିଛି । ବାଧ୍ୟ ହୋଇ ନୀଳ ଘାଟକୁ ଯାଇ ମଇଳା ଲୁଗା ସଫା କରିଛି । ଲଜ୍ଜା, ଅପମାନ ତାକୁ ଏତେ ଭାରାକ୍ରାନ୍ତ କରି ଦେଇଛି ଯେ ମଇଳା ଲୁଗା ଗଣ୍ଠିଲି ଉପରେ ମୁହଁ ମାଡ଼ି ଅତୀତର ପୃଷ୍ଠା ଓଲଟାଇଛି । ବାପା ଚାଲିଯିବାର ଶୁଣିଛି, ଯାଇ ପାରିନି । ଭାଇ ବାହାଘରେ ବଉଳପାଟ ପଡ଼ୋଶୀ ଘରୁ ମାଗିଆଣି ସଫା କରି ଆଉ ଫେରାଇନି । ସେ ଗାଁରୁ ତାଗିଦ୍ ଆସିଛି ବଉଳ ପାଟ ଗଲେ ଶୁଭ କାର୍ଯ୍ୟ ବଢ଼ିବ । ଭାଇ ନଆସିଲେ ବଉଳପାଟ ଦେବନି ବୋଲି ଜିଦ୍‌ରେ ଅଟଳ ରହିଛି ନୀଳ । ଶେଷରେ ରାତିର ତୃତୀୟ ପ୍ରହରରେ ଭାଇ ଆସି ନାନୀ ଦ୍ୱାରରେ ଡାକିଛି । ଆଲୁଳାୟିତା ନୀଳ କହିଛି, "ମୁଁ ଚାଲି ଆସିଲି ବୋଲି ତୁ ଚାଲି ଆସିଲୁ ? ଲୋକେ ବୋଲିବେ କଣ ?"

ସୁମତୀ ଦେଖିଛି 'ରେବତୀ'ର ରୂପାନ୍ତର 'ନୀଳମାଷ୍ଟରାଣୀ'ରେ । ପୁଣି ନୀଳ ଧୋବଣୀରେ । ଅନୁତାପ ହିଁ ତ ଅପରାଧର ସବୁଠାରୁ ବଡ଼ ଦଣ୍ଡ । ବଡ଼ ପ୍ରାୟଶ୍ଚିତ । ତେବେ 'ରେବତୀ'ରୁ 'ନୀଳ ମାଷ୍ଟରାଣୀ' ପାଲଟିବାରେ କେତେ ବର୍ଷ, ସମୟ

ଲାଗିଛି ?

ଏହା ମଝିରେ ଯେଉଁ ସମୟ ଫାଙ୍କ, ଚେତନା, ଚିନ୍ତନ, ଆଭିମୁଖ୍ୟର ପଟ୍ଟ ପରିବର୍ତ୍ତନ ତାରି ଦାୟାଦ ତ ସେ ନିଜେ ସୁମତୀ । ତା'ପାଖରେ କୁମତୀ ଗୁଣ ନାହିଁ । କାହିଁକି ନା ସେ କାହାରି ଘର ଭାଙ୍ଗି ନାହିଁ, ମନ ଭାଙ୍ଗି ନାହିଁ କି କାହାରିକି ନର୍କକୁ ଠେଲି ଦେଇ ନାହିଁ । ବରଂ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କରିଛି । ସେ ପରିଚୟ ତାକୁ ଦୁଇଟି ରୂପ ଦେଇଛି । ଗୋଟିଏ ଲେଖିକା ଆଉ ଗୋଟିଏ ସମାଜସେବିକା ।

'ରେବତୀ' ଦିନେ ପାଠ ପଢ଼ିବା ପାଇଁ ବିରୋଧର ସାମ୍ନା କରିଥିଲା, ନୀଳମାଷ୍ଟରାଣୀ ପାଠ ପଢ଼ି, ପ୍ରେମରେ ପଡ଼ି ଅବାଟରେ ପାଦ ଦେଇ ଅନୁତାପ କରିଥିଲା । କିନ୍ତୁ ବିଂଶ ଶତାବ୍ଦୀର ସୁମତୀ ଚଟୁ ବଦଳରେ କଲମ ଉଠାଇ ନେଇଛି । ସେ ବୁଝିଛି, ନାରୀଟିଏ ଚଟୁ ବଦଳରେ ଯେବେ କଲମ ଧରେ, ସେତେବେଳେ ତା'ର ସତ୍ତା, ପରିଚୟ ବଦଳି ଯାଏ । ସାଧାରଣରୁ ସେ ହୁଏ ଅସାଧାରଣ । ପରିଚିତା ହୁଏ ଲେଖିକା ନାଁରେ । ପୁଣି ସେ କଲମ ବି ସାଧାରଣ କଲମ ନୁହେଁ । ଅସ୍ତ୍ର ଠାରୁ ଆହୁରି ତୀକ୍ଷଣ । ତା'ର ଶବ୍ଦର ଗୁଳି ହଜାରେ ଏକେ ଫର୍ଟିସେଭେନ୍ ଠାରୁ ଆହୁରି ଶକ୍ତିଶାଳୀ । ପୁଣି ସୁମତୀ ଖାଲି ସମାଜରେ ବିପ୍ଳବ ଆଣିବା ପାଇଁ କଲମ ଧରିନି । ସମାଜର ଦୁଃସ୍ଥ ମଣିଷର ସେବା, ଅଜ୍ଞାନ, ଅନ୍ଧାର, ନିର୍ଯ୍ୟାତନାରେ ସଢୁଥିବା ନାରୀମାନଙ୍କୁ ମୁକ୍ତ କରିବାର ସଂକଳ୍ପ ନେଇଛି । ସେଥିପାଇଁ ବି ସେ ତା'ର ପ୍ରୟାସ ଜାରି ରଖିଛି । ସେଥିଲାଗି ଅବିବାହିତା ରହିବାର ମଧ୍ୟ ନିଷ୍ପତ୍ତି ନେଇଛି । ଏହି ନିଷ୍ପତ୍ତି ତା'ମାଆଙ୍କ ଆଖିର ଲୁହ, ବାପାଙ୍କର ବିନୟ ଅନୁରୋଧ କି ତାଗିଦ୍ ବଦଳାଇ ପାରିନି । ଜଣେ ଲେଖିକା ଆଉ ସମାଜ ସେବିକା ଭାବରେ ଆଜି ସେ ତା'ର ନିଜସ୍ୱ ବ୍ୟକ୍ତିତ୍ୱରେ ଜଣାଶୁଣା ।

ଦିନେ 'ରେବତୀ'ର ଜେଜୀମା ପ୍ରଶ୍ନ ଉଠାଇଥିଲା, ପାଠ କ'ଣ ଲୋ ? ମାଇକିନିଆ ଝିଅର ପାଠ କଣ ? ଏ ସ୍ୱର ଥିଲା ଊନବିଂଶ ଶତାବ୍ଦୀର । ଧାରଣା ଥିଲା, ଝିଅ ଜୀବନ କେବଳ ପରଘରକୁ । କେବଳ ସ୍ୱାମୀ, ପିଲାଛୁଆ, ଶାଶୁଶ୍ୱଶୁର ବା ଶାଶୁ ଘର ନିମନ୍ତେ ଉତ୍ସର୍ଗ । ସ୍ୱାମୀ ତା'ର ଗତି, ମୁକ୍ତି, ସାତଜନ୍ମର ବନ୍ଧନ । ବିଂଶ ଶତାବ୍ଦୀର ସୁମତୀ ଏ ସବୁର ଉତ୍ତରଟିଏ ମାତ୍ର । ମାଇକିନିଆ ଝିଅ ପାଇଁ ପାଠର ଆବଶ୍ୟକ କ'ଣ, ସେ ନିଜେ ତା'ର ଉଦାହରଣ । ଝିଅ ଜୀବନ ପରଘରକୁ କେବଳ ନୁହେଁ, ଶହେ ବର୍ଷ ପରେ ସୁମତୀ ତାହା ହିଁ ସାବ୍ୟସ୍ତ କରିଛି ନିର୍ମଳ ମନରେ । ସେ ଲତା, ବନିତା, ଅବଳା ଦୁର୍ବଳା ନୁହେଁ । ବିନା ପୁରୁଷର ସାହାଯ୍ୟରେ ନାରୀଟିଏ ବି ବରଗଛ ପାଳଟି ପାରେ । ତା' ଡାଳରେ କେତେକେତେ ରଙ୍ଗ ବେରଙ୍ଗ ଚଢ଼େଇକୁ ଆଶ୍ରୟ ଦେଇପାରେ । ଲତା ହୋଇ ଠିଆ ହେବା ପାଇଁ ସେ ଆଉ କାହା ଦେହରେ ଲଟେଇବ କିଆଁ ? ବିବାହ ବିନା ଖୁବ୍ ଭଲରେ ଜୀବନ କଟାଇପାରେ । ବରଗଛର ସତ୍ତା ଥିବା ନାରୀକୁ କାଟିକୁଟି ଯେତେ ଆକଟର କୁଣ୍ଡରେ ବନ୍‌ସାଇ କରାଯାଉନା କାହିଁକି ସେ ମରିବ ନାହିଁ, ବଞ୍ଚିବ । ଭ୍ରୂଣରୁ ହତ୍ୟା ହେଉ କି କଢ଼ିରୁ ଫୁଲ ହେବା ଆଗରୁ ଛିଣ୍ଡାଇ ଫିଙ୍ଗାଯାଉ, ତଥାପି ମାଟି ଭିତରେ କେଉଁଠି ନା କେଉଁଠି ବୀଜଟିଏ ଥିବ, ଯାହା ଦିନେନା ଦିନେ ଗଜା ହୋଇ, ପତ୍ର ମେଲାଇ ଆକାଶକୁ ଚାହିଁ ଛିଡ଼ା ହେବ । ସୁଖର ମାପକାଠି ଜଣେ ନାରୀ ପାଇଁ କେବଳ ବିବାହ କି ମାତୃତ୍ୱ ନୁହେଁ । ବେଳେବେଳେ ବିବାହ ଓ ମାତୃତ୍ୱ ଦୁଇଟି ସାରା ବିଡ଼ମ୍ବିତ ହୋଇଯାଏ, ଏହାର ଦୃଷ୍ଟାନ୍ତ କିଛି କମ୍ ନୁହେଁ । ତେବେ ବିବାହ କରିବା ନ କରିବା ଜଣେ ଝିଅର ବ୍ୟକ୍ତିଗତ ନିଷ୍ପତ୍ତି । ତାକୁ ସେ ତା' ଜୀବନରେ କେଉଁଭଳି ଗ୍ରହଣ କରିବ ଏହା ବି ତା'ର ବ୍ୟକ୍ତିଗତ ନିଷ୍ପତ୍ତି ।

ସୁମତୀ ଏବେ ବୟସ୍କା ଆଉ ସମାଜର ପ୍ରତିଷ୍ଠିତା ନାରୀଟିଏ । ତା' ନାଁ ସହ କେବେ କିଏ ଯେ ଦେବୀ ଯୋଡ଼ି ଦେଲା ସେ ନିଜେ ବି ଜାଣେନା । ଆଜିର ଲେଖିକା ସୁମତୀ ଦେବୀ, ସମାଜସେବୀ ସୁମତୀ ଦେବୀ- ଏହି ଦୁଇଟି ବିଶେଷଣ ତା'ର ବ୍ୟକ୍ତିତ୍ୱକୁ ଗମ୍ଭୀର, ଓଜନିଆ କରି ଦେଇଛି । ସୁମତୀ ଦେବୀ ବୁଝିଛନ୍ତି, ଜୀବନ ବେଶ୍ ମୂଲ୍ୟବାନ । ସମୟର ସଦୁପଯୋଗ କରିବା ଦରକାର । ତା'ଭଳି ନାରୀମାନେ ଯଦି ଇଚ୍ଛା କରିବେ ସମାଜର ବହୁ ପରିବର୍ତ୍ତନ ଆଣି ପାରିବେ । ତେଣୁ ତ ସଭାସମିତି, ବିବାହବ୍ରତରେ ସେ ଯାଡୁସ୍ୟାଡୁ ଉପହାର କିମ୍ବା ଟଙ୍କାର ଖାମ୍‌ଟିଏ ଦେବା ବଦଳରେ ଉପହାର ଦିଏ ଭଲ ବହିଟିଏ । ଜନ୍ମଦିନ ଥିଲେ ଧରାଇ ଦିଏ ଚାରା ଗଛଟିଏ । ବହି ହିଁ ମଣିଷର ସବୁଠାରୁ ବଡ଼, ବିଶ୍ୱସ୍ତ ବନ୍ଧୁ । ଟଙ୍କା ଖର୍ଚ୍ଚ ହୋଇଯିବ କିନ୍ତୁ ଭଲ ବହିଟିଏ ଥିଲେ କେବେ ନା କେବେ ତମେ ପୃଷ୍ଠା ଓଲଟାଇବ ଆଉ ନିଜ ଜୀବନର ଆଦର୍ଶ ଖୋଜି ପାଇବ । ବାଟ ହଜାଇଥିଲେ ବହି ବାଟ ଦେଖାଇବ । ସଡ଼କ ନିର୍ମାଣ ପାଇଁ ହଜାର ହଜାର ଗଛ କଟା ହୋଇଛି । ଆଜି ଛାଇଟିଏ ମିଳେନା ବାଟୋଇ ପାଇଁ । ଖରା, ବର୍ଷାରୁ ରକ୍ଷା କରିବା ଲାଗି । ସବୁଜ ବଳୟ ସୃଷ୍ଟି ଲାଗି ବୃକ୍ଷରୋପଣ ନିହାତି ଦରକାର ।



କେବଳ ଏତିକିରେ ଅଟକି ଯାଇନି ସୁମତୀ । ସେ ନିଜ ଉଦ୍ୟମରେ ତାରି ଭଳି କିଛି ମହିଳାଙ୍କୁ ନେଇ ଏକ ସ୍କୁଲ ଚଳାଏ । କିଛି ସ୍ୱେଚ୍ଛାସେବୀ ମଧ୍ୟ ସହଯୋଗର ହାତ ବଢ଼ାଇ ଦେଇଛନ୍ତି । ସେ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ହେଲେ ବସ୍ତି, ରେଳଷ୍ଟେସନରେ ଝୁମ୍ପୁଡ଼ିରେ ରହୁଥିବା ପୁଅଝିଅମାନେ । କାହା ବାପା ଦିନ ମଜୁରିଆ ତ, କାହା ବାପା ରିକ୍ସାବାଲା କି କୁଲି, ମୋଚି, ବୁଲା ବିକାଳି ଇତ୍ୟାଦି । ପୁଣି ସେ ଲକ୍ଷ୍ୟ ରଖିଛି ଏକ 'ଜରାନିବାସ' ଖୋଲିବାକୁ । ଜୀବନର ସାୟଂକାଳରେ ସକ୍ଷମ ପୁଅଝିଅ ଦ୍ୱାରା ଅଲୋଡ଼ା, ପ୍ରତ୍ୟାଖ୍ୟାତ ହେଉଥିବା ବୁଢ଼ା ବାପାମାଆ ପାଇଁ ଜରାନିବାସ ଭଳି ଏକ ଆଶ୍ରୟ ଯେ ନିହାତି ଆବଶ୍ୟକ ! ସେଥିପାଇଁ ସେ ତା' ଚାକିରିରୁ ସଞ୍ଚୟ କରୁଛି ଓ କିଛି ସମାଜସେବୀଙ୍କ ସହ ଯୋଗାଯୋଗର ଉଦ୍ୟମ ଜାରି ରଖିଛି । ଦେଖାଯାଉ, ତାର ସ୍ୱପ୍ନ ସାକାର ହେଉଛି କି ନା ।

ଏ ଭିତରେ ସମୟ କଡ଼ ଲେଉଟାଇଛି । ବିଂଶ ଶତାବ୍ଦୀ ଶେଷ ହୋଇ ମଣିଷ ଏକବିଂଶ ଶତାବ୍ଦୀରେ ପାଦ ଦେଇଛି । ପାଖାପାଖି କୋଡ଼ିଏ ବର୍ଷ ଆଗେଇ ଯାଇଛି । ରେବତୀର ବୟସ ଏବେ ଶହେ କୋଡ଼ିଏ ବର୍ଷ । ବିଗତ ଶହେବର୍ଷ ପରେ ଏହି କୋଡ଼ିଏ ବର୍ଷ ରେବତୀର କାୟା, ଚେତନାରେ ନାହିଁ ନଥିବା ପରିବର୍ତ୍ତନ ଆଣି ଦେଇଛି । ଏକବିଂଶ ଶତାବ୍ଦୀର ଏଇ କୋଡ଼ିଏ ବର୍ଷ ତାକୁ ସତେ କି ମାଟିରୁ ଟେକି ନେଇ ଆକାଶରେ ଖୁଲମ୍‌ଖୋଲା ଉଡ଼ିବା ଶିଖାଇ ଦେଇଛି ।

ଏଥର ଭେଟିବା ଗାଁ ଝିଅ କଳାବତୀକୁ ଯିଏ ଦେହବତୀ ବୋଲି ଜନତା ଦ୍ୱାରା ସମ୍ବୋଧିତା । କଳାବତୀରୁ ଦେହବତୀର ଦଉଡ଼ କିଛି କମ୍ ସଂଘର୍ଷର କଥା ନଥିଲା । ଜୀବନର ବିଡ଼ମ୍ବିତ ମୋଡ଼ ତାକୁ ଅଦ୍ଭୁତ ଛକରେ ଠିଆ କରାଇ ଦେଲା । ଦିନ ଥିଲା ଗାଁ କନିଆ କଳାବତୀ ଲାଜକୁଳି ଲତା ଭଳି ଛୁଇଁ ଦେଲେ ଝାଉଁଳି ଯାଉଥିଲା । ଏକ ପରମ୍ପରା ଧର୍ମୀ, ସଂସ୍କାର ଓ ସମ୍ଭ୍ରାନ୍ତ ପରିବାରର ଝିଅ ଥିଲା କଳାବତୀ । ଘରେ ଭାଗବତ ଟୁଙ୍ଗୀ । ଜେଜେଙ୍କର ସକାଳୁ ଉଠି ଶୁଦ୍ଧ ସ୍ନାନ ଆଉ ଓଁକାର ଧ୍ୱନି, ଧୂପ, ଘଣ୍ଟି ଭିତରେ ତା'ର ସକାଳ ପାହୁଥିଲା । ସେହି

ଢାଞ୍ଚାରେ ସେ ବି ବଡ଼ି ଭୋର୍‌ରୁ ଉଠି ନିଜକୁ ମିଶାଇ ଦେଇଥିଲା । ସ୍କୁଲ୍ ପଢ଼ା ଶେଷଯାଏଁ ସବୁ ଠିକ୍ ଚାଲିଥିଲା । ହେଲେ ସହର ଆସି କଲେଜ୍‌ରେ ନାଁ ଲେଖାଇ ମେସ୍‌ରେ ରହିଲା ପରେ ସେ, ସହରୀ ଢାଞ୍ଚାରେ କ୍ରମଶଃ ବଦଳିଗଲା । ଭରା ଯୌବନର କଳସ ଚହଲିଗଲା । ପ୍ରେମରେ ପଡ଼ିଲା କଳାବତୀ । ଭଲପାଇ ବସିଲା ସହରୀ ପୁଅ ମାନସକୁ । ଅଧାପଢ଼ାରୁ ଦିନେ ସେ ପଳାଇଗଲା ମାନସ ସହ, ଯେମିତି 'ନୀଳ ମାଷ୍ଟରାଣୀ' ଯାଇଥିଲା ମଦନା ସେଠୀ ସହ । ହେଲେ ମାନସର ଭଲପାଇବା ଯେ ଥିଲା ଛଳନା, ପ୍ରତାରଣା, ଲାଳସାପୂର୍ଣ୍ଣ ଏ କଥା ଜାଣିଲା ବେଳକୁ ସମୟର ସୁଅ ଆୟତ୍ତର ବାହାରକୁ ଚାଲି ଯାଇଥିଲା ।

ମାନସ ଓ ତା'ର କେତେଜଣ ବନ୍ଧୁ ବିବାହ ମନ୍ଦିରରେ କରାଇବା ବାହାନାରେ ନେଇ ତାକୁ ଉପଭୋଗ କରି ରାସ୍ତାକଡ଼ରେ ପଚା ଆଳୁବସ୍ତା ଭଳି ଫୋପାଡ଼ି ଦେଇଥିଲେ । ଏମିତି ତ ଘରର ଦର୍ଜା ତା' ପାଇଁ ବନ୍ଦ ହୋଇ ଯାଇଥିଲା ଓ ଝିଅ ମରିଗଲା ବୋଲି କହି ବାପା ତାର ଶୁଦ୍ଧି ହୋଇ ପଡ଼ିଥିଲେ । ଧର୍ଷିତା ଝିଅଟିଏ ଥାନାରେ ଯାଇ ପହଞ୍ଚିଲା । ସେଠି ମଧ୍ୟ ପ୍ରତାରଣାର ଶିକାର ହେଲା । ଥାନା ବାବୁ ତାକୁ ଅଟକାଇ ଅଭିଯୋଗ ରଖିବା ବାହାନାରେ ତାଙ୍କ କାମ ସାରିଦେଲେ । ବାଡ଼ ଯଦି ଫସଲ ଖାଇବ କାହାକୁ କହିବ କଳାବତୀ ଜାଣି ପାରିଲା ନାହିଁ । ଏହାପରେ କଣ କରିବ ସେ ? ତ୍ରିଶଙ୍କୁ ଅବସ୍ଥାରେ ଫୁଟ୍‌ପାଥ୍‌ରେ ଠିଆ ହୋଇଥିଲା କଳାବତୀ ।

ତାପରେ କଳାବତୀ ଭିତରୁ ଲଜ୍ଜା, ତ୍ୟାଗ, ସଂକୋଚ କଟିଗଲା । ନାରୀ ଜୀବନର ଅମୂଲ୍ୟ ସମ୍ପଦ ହରାଇଲା ପରେ ସେ ଆଖିରୁ ଲୁହ ପୋଛି ନେଲା । ଶପଥ ନେଲା ଆଉ ସେ କାନ୍ଦିବ ନାହିଁ କି ଆତ୍ମହତ୍ୟା ଭଳି ପଦକ୍ଷେପଟିଏ ନେଇ ନିଜ ଜୀବନ ଶେଷ କରି ଦେବ ନାହିଁ । ସେ ନିଜକୁ ଦୃଢ଼ କଲା, ବଦଳାଇ ଦେଲା । ଏବେ ଦରକାର ଉପଭୋଗ ଆଉ ପ୍ରତିଶୋଧ । କଳାବତୀ ତା' ଘରର ବୁନିୟାଦୀ ଭୁଲିଲା । ଭୁଲିଲା ପିଲାଦିନରୁ ପାଇଥିବା ସଂସ୍କାର । ଶୁଦ୍ଧସ୍ନାନ ଭିତରେ ଜେଜେଙ୍କର ମନ୍ତ୍ରପାଠ ଓ ମାଙ୍ଗଳିକ ଓଁଙ୍କାର ଧ୍ୱନି, ସବୁ ଫିକା ପଡ଼ିଗଲା । ସେ ଦେହ ବିକିଲା । ଏ ହୋଟେଲ୍‌ରୁ ସେ ହୋଟେଲ୍, ଏ ଗଳିରୁ ସେ ଗଳି ତାର ନୂଆ ଯାତ୍ରା ଆରମ୍ଭ କଲା । ବିଭିନ୍ନ ନାରୀନେତ୍ରୀ, ସଂସ୍ଥା ସହ ମଧ୍ୟ ପରିଚିତା ହେଲା । ମାନସ ଓ ବନ୍ଧୁମାନେ ଧରା ପଡ଼ିଲେ । ଥାନା ଅଧିକାରୀ ସସ୍‌ପେଣ୍ଡ୍ ହୋଇ ତାଙ୍କ କୃତକର୍ମର ଉଚିତ୍ ଦଣ୍ଡ ବି ପାଇଲେ । ହେଲେ କଳାବତୀ ଆଉ ତାର ଅତୀତ ଜୀବନକୁ ଫେରିବାର ବାଟ ହଜାଇ ସାରିଥିଲା । ଦେହଟା ଛଡ଼ା ତା'ର ଆଉ କିଛି ପୁଞ୍ଜି ନଥିଲା ।

ଅଙ୍ଗସୌଷ୍ଠବ ବଢ଼ାଇବା ପାଇଁ କଳାବତୀ ପାର୍ଲର୍ ଗଲା । ଫେସିଆଲ୍ କଲା । ବାଳ କଟାଇଲା । ଜିମ୍ ଗଲା । ଜୁଡ଼ୋ ଶିଖିଲା । ଡାଏଟିଂ କଲା । ପୋଷାକପତ୍ର ବି ବଦଳାଇ ଦେଲା । ଡ୍ରାଇଭିଂ ଶିଖିଲା । ନାଚ ଶିଖିଲା । ଗର୍ଭ ନିରୋଧର ଟାବ୍‌ଲେଟ୍ ବ୍ୟବହାର କଲା । କେବେ ପଞ୍ଚତାରକା ହୋଟେଲ୍‌ର ବାର୍‌ରେ ଆଇଟମ୍ ଗାର୍ଲ ଭାବରେ ନାଚିଲା ତ କେବେ କେଉଁ ଯାତ୍ରା ପାର୍ଟିରେ ଅନୁବନ୍ଧିତ ହୋଇ ଖୁବ୍ କମାଇଲା । ତା ନାଚ ପାଇଁ, ଝଲକ ଟିକେ ଦେଖିବା ପାଇଁ ଗ୍ରାହକ ପାଗଳ ହେଲେ । ନିଜର ଦାମ୍ ବି ସେ ବଢ଼ାଇ ଦେଲା । ତା'ର ଗାଉଁଲି ଗାଁ ନାଁ କଳାବତୀ ବଦଳରେ ସେ କୋଲାବ୍ ନାଁ ରଖିଲା । କୋଲାବ୍ ଏକ ନଈର ନାଁ । ଯାହାର ଧର୍ମ ବନ୍ଧୁର, ସମତଳ ସବୁକିଛି ପାରି ହୋଇ କେବଳ ଆଗକୁ ଧାଇଁବା । ଜନତା କିନ୍ତୁ ତାକୁ ଆଉ ଏକ ନାଁରେ ସମ୍ବୋଧନ କଲେ । କଳାବତୀରୁ କୋଲାବ୍ ସାଜିଥିବା ସେ ସାଧାରଣରେ 'ଦେହବତୀ' ନାଁରେ କ୍ରମଶଃ ଚିହ୍ନିତ ହେଲା ।

'ଦେହବତୀ' ସମ୍ବୋଧନରେ କଳାବତୀ କ୍ରୋଧ କଲା ନାହିଁ । ଫକୀରମୋହନଙ୍କ ଚମ୍ପାକୁ ବି ତ ଲୋକେ ହରକଳା ବୋଲି ଡାକୁଥିଲେ । ସେ ସତରେ ଦେହବତୀ । ବତୀ ତ ଉଜ୍ଜ୍ୱଳ ଆଲୋକ ଦିଏ । ତା'ଦେହର ଆଲୁଅରେ ନିଜ କଳା ମୁହଁକୁ ଉଜ୍ଜ୍ୱଳ କରିବା ପାଇଁ ପତଙ୍ଗ ସାଜି ଯେଉଁମାନେ ଝାସ ଦେବାକୁ ଆସିଲେ, ସେମାନଙ୍କୁ ସେ ଦୟା ଚକ୍ଷୁରେ ଦେଖିଲା । ଆଇଟମ୍ ଗାର୍ଲ ସାଜି ନାଚିଲା ବେଳେ ଯେତେବେଳେ ସେ ନିଜ ଅଙ୍ଗରୁ ଗୋଟିଏ ପରେ ଗୋଟିଏ ପୋଷାକ ଖୋଲୁଥିଲା ପାଗଳ, ଉନ୍ମାଦ ଦର୍ଶକ ଟଙ୍କାର ବର୍ଷା କରୁଥିଲେ । ପ୍ରଶଂସା, ନିନ୍ଦା, ପତିତା, କଳଙ୍କିନୀ,ଏମିତି ପ୍ରଚାର, ଅପପ୍ରଚାର ଭିତରେ ଦେହବତୀ କିନ୍ତୁ ପ୍ରଭାବିତ ହେଉନଥିଲା । ସେ ତ କେବେ ଠୁ ପଥର ହୋଇ ସାରିଛି ।

ଶହେ କୋଡ଼ିଏ ବର୍ଷ ତଳର 'ରେବତୀ', ଶହେ କୋଡ଼ିଏ ବର୍ଷ ପରର 'ରେବତୀ' ଭିତରେ ଏତେ ଦୂରତ୍ୱ ବଢ଼ି ଯାଇଥିଲା ଯେ କେହି କାହାକୁ ଚିହ୍ନିବା ଆଉ ସମ୍ଭବପର ନଥିଲା । ଊନବିଂଶ ଶତାବ୍ଦୀର ନାରୀ ଆଉ ଏକବିଂଶ ଶତାବ୍ଦୀର ନାରୀ ତା'ର ପଟ୍ଟ ପରିବର୍ତ୍ତନ କରି ସାରିଥିଲା । 'ରେବତୀ'କୁ ଦେହବତୀ ସଜାଇବାରେ ଏ ସମାଜର ବି କିଛି କମ୍ ଭୂମିକା ନଥିଲା । ପ୍ରତାରଣା, ବିଶ୍ୱାସଘାତ, ଲାଞ୍ଛନା, ପୀଡ଼ା ସମସ୍ତେ ମିଶି ଅନେକ କଳାବତୀକୁ ଦେହବତୀରେ ବଦଳାଇ ଦେଇଥିଲେ । ଦେହର ପୂଜାରି କାମୁକ ପୁରୁଷମାନେ ତ ଆମ୍ରପାଳୀ, ଚିତ୍ରଲେଖା, ମଧୁମତ୍ତା, ପିଙ୍ଗଳା ଭଳି ଚରିତ୍ର ସୃଷ୍ଟି କରିଛନ୍ତି । କେତେ ଛବିରାଣୀ, ଅଞ୍ଜନା, ବେବୀନା, ଅରୁଣା, ନିର୍ଭୟା, ଇତିଶ୍ରୀ ବଳି ପଡ଼ିଛନ୍ତି ।

ଆଜିର ଦେହବତୀ ଆଉ କଳାବତୀକୁ ଚିହ୍ନେନା । କଳାବତୀର ସଂସ୍କାର, ଲଜ୍ଜା, ସଙ୍କୋଚ ଏ ସମାଜ ତ ତା'ଠୁ ଜବରଦସ୍ତ କାଢ଼ି ନେଇଛି । ଜଣେ ଜଣେ କଳାବତୀ ଦେହବତୀ ସାଜିବା ଭିତରେ ଶୋଇ ରହିଛି ଏକ ଲମ୍ବା ଆଉ ଦୁଃଖଦ କାହାଣୀ । ସେ କାହାଣୀ ଭିତରେ ସରଳା ଗାଉଁଲି ଝିଅଟିର ବଳି ଚଢ଼ିଯାଏ । କେବେ ତାକୁ ମାରି ନାଳନର୍ଦ୍ଦମାରେ ଫିଙ୍ଗି ଦିଆଯାଏ ତ କେବେ ସେ ବାରମ୍ବାର ପୀଡ଼ିତା ହୋଇ ନ୍ୟାୟ ପାଇବା ଆଶାରେ ଲଢ଼ି ଲଢ଼ି ଶେଷରେ ନିରାଶ ହୋଇ ନିଜକୁ ଶେଷ କରିବାକୁ ବାଧ୍ୟ ହୋଇଥାଏ । ସବୁ ଦେହବତୀଙ୍କ ଭିତରେ ଏମିତି କିଛି କିଛି କଥା ରହିଛି । କଳାବତୀ ବୁଝିଛି, ପରିସ୍ଥିତି ତାକୁ ଦେହବତୀ ସଜାଇଲା ବେଳେ ଆଉ କିଛି ସମ୍ଭ୍ରାନ୍ତ ଘରର ଝିଅବୋହୂ ନିଜର ସଉକ ପାଇଁ ପ୍ରଚୁର କମାଇବା ଲାଗି ଏଭଳି ଏକ ରଙ୍ଗୀନ ଜୀବନକୁ ନିଜର କରି ନେଉଛନ୍ତି । ଏକବିଂଶ ଶତାବ୍ଦୀର ଏଭଳି ନାରୀମାନେ ପାପପୁଣ୍ୟର ତଉଲକୁ ପ୍ରତ୍ୟାଖ୍ୟାନ କରନ୍ତି । ଜୀବନ ଉପଭୋଗର । ତାକୁ ଯେତେ ପାର ମଉଜ ମସ୍ତିରେ କଟାଅ । ଦରକାର ହେଲେ ବିଛଣା ବଦଳାଇ ଚାଲ । ପ୍ରଚୁର ଟଙ୍କା କମାଅ । ଅର୍ଥପ୍ରାପ୍ତି, ଉପଭୋଗ ଆଉ ପୁରୁଷ ବଦଳ, ବିବାହ ନକରି ଲିଭିଂ ଟୁଗେଦର୍, ପ୍ରେମକୁ ନେଇ ପ୍ରତାରଣାର ଖେଳ ହୋଇଛି ଆଜିର ଅଧିକାଂଶ ଦେହବତୀଙ୍କର ସଉକ ।

ହେଲେ କଳାବତୀରୁ ଦେହବତୀକୁ ବଦଳିଥିବା ନାରୀମାନଙ୍କର କଥା ଅଲଗା । ତଥାକଥିତ ପୁରୁଷମାନେ କେତେ ପଢ଼ିଛନ୍ତି ତା'ର ଅନ୍ତରାତ୍ମାକୁ ? ଦେହ ଦେହଳୀକୁ ଭେଦ କରି କେତେ ପହଞ୍ଚିଛନ୍ତି ତାର ଅନ୍ତର୍ଦାହ ପାଖରେ ? କିଏ ହାତ ବଢ଼ାଇଛି ସେମାନଙ୍କୁ ଏହି ନର୍କରୁ ମୁକ୍ତ କରି ସାରାଜୀବନ ବାଟ ଚାଲିବା ପାଇଁ ? ସମୟ, ପରିସ୍ଥିତିର ପ୍ରତିକୂଳରେ ଲଢ଼ି କିପରି ନାରୀଟିଏ ନିଜ ଗୋଡ଼ରେ ଠିଆ ହୁଏ ଅଥବା ସରଳା ଗାଁ କନିଆଟିଏ ପରିସ୍ଥିତି, ପରିବେଶାନୁସାରେ ଏକ ବହ୍ନିମାନ ଶିଖାରେ ରୂପାନ୍ତରିତ ହୋଇଯାଏ, ତା'ର ଉଦାହରଣ ତ ରେବତୀ, ସୁମତୀ, ଦେହବତୀମାନେ ! 'ରେବତୀ'ର ଏହି ଶହେ କୋଡ଼ିଏ ବର୍ଷର ଇତିହାସ ଭିତରେ ନାରୀର କେଉଁ ରୂପଟି ସତ୍ୟ ? ନା ସମୟକ୍ରମେ ତିନୋଟି ରୂପରେ ନାରୀ ନିଜକୁ ବଦଳାଇବା ଅନିବାର୍ଯ୍ୟ ଥିଲା ?

ଏ କଥା କିଏ କହି ପାରିବ ? ରେବତୀ, ସୁମତୀ, ଦେହବତୀ ନା ଊନବିଂଶ, ବିଂଶ, ଏକବିଂଶର ସମାଜ ? ପିଢ଼ି ପରେ ପିଢ଼ି ନାରୀର ଏହି ରୂପାନ୍ତର ସମାଜର ରାଜରାସ୍ତାରେ ମୁଠାଏ କଅଁଳ ସମ୍ଭାବନାର ସବୁଜ ଭୂଇଁ ନା ମେଞ୍ଚାଏ ଆବର୍ଜନା ?

## ଇଏ ବି ଜଣେ ରେବତୀ





# ମହିଳା ସଂଗଠିକା : ରୋଜାଲିନ୍

**ଶ୍ରୀଗୋବିନ୍ଦ**
ସାନମଛୁଆଘାଇ, ଭଦ୍ରକ
ଫୋନ : ୭୦୦୮୯୧୩୫୮୯
ଫଟୋ ସୌଜନ୍ୟ : ଲେଖକ

**ରୋଜାଲିନ୍ ପ୍ରଧାନ । କମ୍ୟୁନିଟି ରେଡ଼ିଓ ସେଣ୍ଟର୍‌ରେ କାମ କରୁଥିବା ଜଣେ କର୍ତ୍ତବ୍ୟନିଷ୍ଠ ମହିଳା, ଯିଏ ନିଜ ବାପାଙ୍କ ସହ ହାତ ମିଳାଇ ପରିବାରର ସାହାରା ହେବା ସହ ସମାଜସେବାର ମନ୍ତ୍ରରେ ଦୀକ୍ଷିତ ହୋଇ ଲୋକଙ୍କ ପାଇଁ ସାଜିଛନ୍ତି ମହାମାନବୀ ।**

ଅନ୍ୟ ମହିଳାମାନଙ୍କ ପାଇଁ ଉଦାହରଣ ସାଜିଥିବା ନିଆରା ନାଁ ରୋଜାଲିନ୍ । ସେ ଦେଖିଛନ୍ତି ଅସୁମାରୀ ସ୍ୱପ୍ନ । ହେଲେ ନିଜ ପାଇଁ ନୁହେଁ ବରଂ ନିଜ ଗାଁ ଲୋକଙ୍କ ପାଇଁ, ନିଜ ପଞ୍ଚାୟତର ଜନସାଧାରଣଙ୍କ ପାଇଁ, ମହିଳା ଓ ଶିଶୁ ମାନଙ୍କ ଅଧିକାର ପାଇଁ । ଯେଉଁଠି ଲୋକମାନଙ୍କର ଅଧିକାର କଥା ପଡିଥାଏ ଏବଂ ଯେଉଁ ଲୋକଙ୍କର ସମସ୍ୟା ଥାଏ ସେଠାରେ ପହଞ୍ଚିଯାନ୍ତି **ରୋଜାଲିନ୍ ପ୍ରଧାନ** । ତାଙ୍କର ଭଲଗୁଣ ପାଇଁ ଆଜି ସେ ଅନେକ ଲୋକଙ୍କର ପ୍ରିୟପାତ୍ରୀ । ଦୀର୍ଘ ୨୦ବର୍ଷ ସଂଘର୍ଷ କରି ସେ ଆଜି ତାଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଚେଷ୍ଟା କରିଛନ୍ତି । ଏବେ ବି କିଛି ସ୍ୱପ୍ନ ଅଧୁରା ରହିଯାଇଛି ବୋଲି ସେ କୁହନ୍ତି ।

ପୁରୀ ଜିଲ୍ଲାର ଗୋପ୍ ବ୍ଲକ୍ ଅନ୍ତର୍ଗତ ଅଣ୍ଡରାଇ ପଞ୍ଚାୟତରେ ଇଚ୍ଛାପୁର ଗ୍ରାମ । ଲକ୍ଷ୍ମୀଧର ପ୍ରଧାନ ଓ ହେମଲତା ପ୍ରଧାନ ସେଇ ଗାଁର । ସେମାନଙ୍କର ବଡଝିଅ ହେଉଛନ୍ତି ରୋଜାଲିନ୍ । ରୋଜାଲିନ୍‌ଙ୍କ ବାପା ଜଣେ ସାଧାରଣ କୃଷକ । ସାତ ଭାଇଭଉଣୀଙ୍କୁ ନେଇ ବଡ଼ ପରିବାର । ଆଗମୁହଁରେ ଝିଅମାନେ ଜନ୍ମ ହେଲେ ବୋଲି ସାଇପଡିଶା, ଗାଁଗହଳି ଲୋକମାନେ ଅନେକ କଥା ଦେଖାଇ ଶିଖାଇ କହୁଥିଲେ ତାଙ୍କ ମା'ଙ୍କୁ । ରୋଜାଲିନ୍ ବଡ ହୋଇ ଯେତେବେଳେ ମା'ଙ୍କ ଠାରୁ ଏହିସବୁ କଥା ଶୁଣିଲେ ସେବେ ଠାରୁ କିଛି କରି ଦେଖାଇବାର ଇଚ୍ଛା ତାଙ୍କ ମନରେ ବଳବତ୍ତର ହୋଇଥିଲା । କାରଣ ତାଙ୍କ ବାପା ଝିଅ ଜନ୍ମ କରି ମନସ୍ତାପ ଯେପରି କରିବେନି, ସେହିଭଳି କାର୍ଯ୍ୟ କରି କରି ଦେଖାଇବାର ଇଚ୍ଛା ରୋଜାଲିନ୍ ମନରେ ସଦାବେଳେ ବସା ବାନ୍ଧିଥିଲା । ତାଙ୍କ ମନରେ ସମାଜସେବା କରିବାର ଇଚ୍ଛା ପିଲାବେଳୁ ଥିଲା । ସେ ପାଠପଢିବା ବେଳେ ତାଙ୍କ ପ୍ରଧାନଶିକ୍ଷକ ଏକଥା ଜାଣିପାରି 'ବଡ ହେଲେ ସେ ଭଲ ସମାଜସେବୀ ହେବ' ବୋଲି କହିଥିଲେ । ଅଷ୍ଟମରେ ପଢୁଥିବା ସମୟରେ



ଜଣେ ବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିନଥିବା ଭଳି ଏକ ଘଟଣା ଦେଖି ତାଙ୍କ ମନ ବ୍ୟାକୁଳ ହୋଇଥିଲା । ସେ ସେହିଠାରୁ ଯାଇ ବୃଦ୍ଧା ଜଣକ କିପରି ଭତ୍ତା ପାଇବେ ସେ ସଂପର୍କରେ ସରପଞ୍ଚଙ୍କୁ ଦେଖାକରି ସମସ୍ତ ବିଷୟରେ ଆଲୋଚନା କରିଥିଲେ । ପରେ ସେ ବୃଦ୍ଧା ଜଣଙ୍କ ତାଙ୍କ ପ୍ରାପ୍ୟ ଅବଶ୍ୟ ପାଇଥିଲେ ।

ସେହିଦିନ ଠୁ ବିଭିନ୍ନ କାର୍ଯ୍ୟରେ ରୋଜାଲିନ୍ ଲୋକଙ୍କୁ ସାହାଯ୍ୟ ସହଯୋଗ କରିବାକୁ ଲାଗି ପଡ଼ିଲେ । ଜଣେ ଝିଅ ହିସାବରେ ଏଭଳି କାର୍ଯ୍ୟ କରୁଥିବା ଦେଖି ଅନେକେ ତାଙ୍କୁ ବାରଣ କରିବା ସହ ନାନା ସମାଲୋଚନା କରିଥିଲେ । କିନ୍ତୁ ରୋଜାଲିନ୍ ସେସବୁକୁ ଖାତିର୍ ନକରି ଆଗକୁ ମାଡି ଚାଲିଲେ । ଅନେକ ଭଲ କାମ କରି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କଲେ । ଏସବୁ କାର୍ଯ୍ୟ କରିବାରେ ତାଙ୍କୁ ତାଙ୍କ ପରିବାରର ବାପା, ମାଆ ଏବଂ ଦାଦାଙ୍କ ସହ ଭାଇଭଉଣୀମାନେ ମଧ୍ୟ ସହଯୋଗ କଲେ । ସମାଜସେବା କରିବାର ପ୍ରେରଣା ତାଙ୍କ ପରିବାରରୁ ହିଁ ସେ ପ୍ରଥମେ ପାଇଥିଲେ ବୋଲି ରୋଜାଲିନ୍ କହନ୍ତି ।

ମାଟ୍ରିକ୍ ପରୀକ୍ଷା ଦେଉଥିବା ସମୟରେ ଦାଦାଙ୍କ ଦେହାନ୍ତ ହେଲା । ଏହି ଘଟଣା ଖାଲି ରୋଜାଲିନ୍‌ଙ୍କୁ ଦୁଃଖ ଦେଲା ନାହିଁ, ପୁରା ପରିବାରର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । କାରଣ ରୋଜାଲିନ୍‌ଙ୍କୁ ତାଙ୍କ ଦାଦା ହିଁ ଅଧିକ ସହଯୋଗ କରୁଥିଲେ । ଆଗକୁ ବଢିବାର ପ୍ରେରଣା ସେ ତାଙ୍କ ଦାଦାଙ୍କ ଠାରୁ ପାଉଥିଲେ । ଦାଦାଙ୍କ ଦେହାନ୍ତ ପରେ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ମଧ୍ୟ ବଦଳିଗଲା । ଅଭାବ ଅନାଟନ ଦେଖା ଦେଲା । ତାଙ୍କ ଦାଦାଙ୍କ ମୃତ୍ୟୁରେ ତାଙ୍କ ବାପା ଓ ମା'ବହୁତ ମାତ୍ରାରେ ଚିନ୍ତାଗ୍ରସ୍ତ ହୋଇ ପଡିଥିଲେ ।



ଏସବୁ ଦେଖି ରୋଜାଲିନ୍ କିନ୍ତୁ ଭାଙ୍ଗି ପଡ଼ିଲେ ନାହିଁ । ବରଂ ନିଜକୁ ସମ୍ଭାଳି, ନିଜ ବାପା ମାଆଙ୍କୁ ଦମ୍ଭ ଦେଇ ପରିବାର ବୋଝକୁ ନିଜ ଉପରକୁ ନେଇଥିଲେ । ୭ ଭାଇଭଉଣୀଙ୍କ ଭିତରେ ରୋଜାଲିନ୍ ଆଉ ନିଜେ ପାଠ ପଢିବାକୁ ମନ ନବଳାଇ ଅନ୍ୟ ଭାଇ ଭଉଣୀଙ୍କ କଥା ଚିନ୍ତା କରିଥିଲେ । ସେହିଦିନ ଠାରୁ ଆରମ୍ଭ ହେଲା ତାଙ୍କ ଜୀବନର ଅସଲ ସଂଘର୍ଷ ।

ବାପାଙ୍କ ସହ ପୁଅଟିଏ ପରି କାନ୍ଧକୁ କାନ୍ଧ ମିଳାଇ ବିଲବାଡି ବୁଝିବା ସହ ମା'ଙ୍କୁ ମଧ୍ୟ ଘର କାମରେ ସହଯୋଗ କରିବାକୁ ଲାଗିପଡ଼ିଲେ । ସଂଧ୍ୟା ସମୟରେ ଭାଇଭଉଣୀଙ୍କୁ ପାଠ ପଢାଇଲେ । ଆଉ ଆଜି ସେ ନିଜ ଭାଇ ଭଉଣୀଙ୍କୁ ପାଠ ପଢାଇ ଆତ୍ମନିର୍ଭରଶୀଳ କରାଇ ପାରିଛନ୍ତି । ଏ କିଛି ଛୋଟ କଥା ନୁହେଁ । ରୋଜାଲିନ୍ ସବୁବେଳେ ଚେଷ୍ଟା କରୁଥିଲେ ପିଲାବେଳେ ପାଠ ପଢିବା ସମୟରେ ସେ ନିଜେ ଯେଉଁସବୁ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ, ତାଙ୍କ ଭାଇ ଭଉଣୀଙ୍କ ଜୀବନରେ ସେଭଳି ସମସ୍ୟା ବା ଅଭାବ ଅସୁବିଧା ନଆସୁ । ଏଥିପ୍ରତି ସେ ବିଶେଷ ଧ୍ୟାନ ଦେଉଥିଲେ । ଏସବୁ ଭିତରେ ସେ ଏତେ ହଜି ଯାଇଥିଲେ ଯେ କେବେ ନିଜ ପାଇଁ ଭାବିବାକୁ ସୁଦ୍ଧା ସମୟ ବାହାର କରି ପାରିନଥିଲେ । ସେଦିନ ମାଟ୍ରିକ୍ ପରେ ପାଠପଢାରେ ବନ୍ଧା ହୋଇଥିବା ଡୋରି ଯେ ଦିନେ ଖୋଲିବ ଆଉ ସେ ଏତେ ବାଟରେ ପହଞ୍ଚିବେ, ଏହା ଥିଲା ଅକଳ୍ପନୀୟ । ବୃତ୍ତିଗତ ଜୀବନ ପ୍ରତି ତାଙ୍କର କର୍ମନିଷ୍ଠତା ଓ ସମର୍ପଣ ଭାବ ତାଙ୍କୁ ତାଙ୍କ ଅଞ୍ଚଳରେ ଦେଇଛି ଏକ ସ୍ୱତନ୍ତ୍ର ପ୍ରସିଦ୍ଧି । ସକାଳ ହେଉ କି ରାତିଅଧ, ଯେଉଁଠି ଲୋକମାନଙ୍କର ଅଧିକାର କଥା ଉଠେ ସେଠି ଲୋକମାନେ ମନେପକାନ୍ତି ରୋଜାଲିନ୍‌ଙ୍କୁ । ସତେ ଯେମିତି ରୋଜାଲିନ୍ ଚାହିଁଲେ ତାଙ୍କ ସମସ୍ୟା ସମାଧାନ ହୋଇଯିବ । ଜଣେ ସାମ୍ବାଦିକ ଜୀବନରେ ଏହାଠାରୁ ବଡ ପୁରସ୍କାର ଓ ସମ୍ମାନ ଆଉ କ'ଣ ହୋଇପାରେ ? କିନ୍ତୁ ରୋଜାଲିନ୍ କୁହନ୍ତି ଏସବୁ ସମ୍ଭବ ହୋଇପାରିଛି ଗୋଷ୍ଠୀ ବେତାର କେନ୍ଦ୍ର **'ରେଡିଓ ନମସ୍କାର'** ଓ ଗୋଷ୍ଠୀ ଖବର କାଗଜ **'ନମସ୍କାର'** ଯୋଗୁଁ । ତତ୍‌ସହ ଏସବୁର ମୁଖ୍ୟ ଏନ୍.ଏ. ଶାହଃ ଅନ୍‌ସାରୀ, ଯିଏ ଏବେ ଜାତୀୟ ଗୋଷ୍ଠୀ ବେତାର କେନ୍ଦ୍ର ମହାସଂଘର ସଭାପତି ଅଛନ୍ତି, ତାଙ୍କରି ସହଯୋଗରେ । ଏତେ ବାଟ ଆଗେଇବାର ରାସ୍ତା ସେ ପାଇ ପାରିଛନ୍ତି କେବଳ ଏନ୍. ଏ. ଶାହଃ ଅନ୍‌ସାରୀଙ୍କ ଯୋଗୁଁ ।




ରାଜାଲିନ୍ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ କାମ କରିବା ପରେ ୨୦୦୮ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ୟଙ୍ଗ୍ ଇଣ୍ଡିଆ'ରେ କାର୍ଯ୍ୟ ଆରମ୍ଭ କଲେ । ପରେ ୨୦୧୦, ଫେବୃୟାରୀ ୧୨ରେ ଗୋଷ୍ଠୀ ବେତାର କେନ୍ଦ୍ର 'ରେଡିଓ ନମସ୍କାର' ଆରମ୍ଭ ହେବା ପରେ ସେଥିରେ କାମ କଲେ । ଆଜକୁ ୧୦ ବର୍ଷ ହେଲା ସେଇ ବେତାର କେନ୍ଦ୍ରରେ ସେ କାର୍ଯ୍ୟରତ । ଆଜି ପର୍ଯ୍ୟନ୍ତ ସେ ୨୦୦୦ ରୁ ୩୦୦୦ ଦିବ୍ୟାଙ୍ଗ ବ୍ୟକ୍ତି, ଅସହାୟ ବୃଦ୍ଧବୃଦ୍ଧା, ମହିଳା ଓ ଶିଶୁ ଏବଂ ଅନ୍ୟ ସାଧାରଣ ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏକାକୀ ମହିଳା ହୋଇ ନିଜ ଜୀବନକୁ ଖାତିର୍ ନକରି ରେଡିଓ ମାଧ୍ୟମରେ ଲୋକମାନଙ୍କ ପାଖରେ ସୂଚନା ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ରେଡିଓରେ କାମ କରି ସେ ଲୋକପ୍ରିୟତା ହାସଲ କରିବା ସହ ବିଭିନ୍ନ ଅନୁଷ୍ଠାନ ତାଙ୍କୁ ତାଙ୍କର ଏହି ଲୋକ ହିତକର କାର୍ଯ୍ୟ ପାଇଁ ୨୦୧୫ ମସିହାରେ ଓଡିଶା ମିଡିଆ ଆୱାର୍ଡ ତରଫରୁ ବେଷ୍ଟ କମ୍ୟୁନିଟି ରିପୋର୍ଟର୍ ଭାବେ ସମ୍ମାନିତ କରାଯାଇଥିବା ବେଳେ ୨୦୧୬ ମସିହାରେ ଆକ୍ସନ୍‌ଏଡ୍, ଭୁବନେଶ୍ୱର ତରଫରୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଆୱାର୍ଡ, ୨୦୧୯ ମସିହାରେ ୟୁନିସେଫ୍ ଓଡିଶା ତରଫରୁ ବେଷ୍ଟ୍ ୟୁଥ୍ ରିପୋର୍ଟର୍ ଆୱାର୍ଡରେ ସମ୍ମାନିତ କରାଯାଇଥିଲା । ଏହିଭଳି ବିଭିନ୍ନ ସାମାଜିକ ଅନୁଷ୍ଠାନ ବିଭିନ୍ନ ସମୟରେ ତାଙ୍କୁ ଭିନ୍ନ ଭିନ୍ନ ସମ୍ମାନରେ ସମ୍ମାନିତ କରିଛନ୍ତି ।



# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# ଲାପାରୋସ୍କୋପି ଓ ହିଷ୍ଟେରୋସ୍କୋପି ରୋଗ ନିଦାନର ନୂତନ ପଦ୍ଧତି



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା

ଲିଙ୍କ୍ ରୋଡ୍, କଟକ - ୧୨

ଫୋନ : ୯୪୩୭୦୫୫୦୦୭

ଫଟୋ ସୌଜନ୍ୟ : ଗୁଗୁଲ୍

ବନ୍ଧ୍ୟାଦୋଷ ଭୋଗୁଛନ୍ତି କି ? ବାହାଘରର ବହୁବର୍ଷ ଯାଏଁ ଗର୍ଭଧାରଣ ସମ୍ଭବ ହୋଇପାରୁ ନାହିଁ କି ? ତେବେ ଚିନ୍ତା କରିବା କମାଇ ଦିଅନ୍ତୁ ଏବଂ ଆଶ୍ୱସ୍ତ ହୁଅନ୍ତୁ ! ଏବେ ଏହି ରୋଗ ନିଦାନ ଓ ଚିକିତ୍ସାର ନୂତନ ମାଇଲଖୁଣ୍ଟ ଭାବରେ ଉପଲବ୍ଧ ହୋଇଛି ଲାପାରୋସ୍କୋପି ଓ ହିଷ୍ଟେରୋସ୍କୋପି । ଏକବିଂଶ ଶତାବ୍ଦୀର ପ୍ରଥମ ସୋପାନରେ ଚିକିତ୍ସା ବିଜ୍ଞାନର ଦ୍ରୁତ ଉନ୍ନତି ଫଳରେ ବହୁରୋଗୀଙ୍କର ଅମୂଲ୍ୟଜୀବନ ରକ୍ଷା ହୋଇ ପାରୁଛି । ଏହାଛଡା ରୋଗ ନିର୍ଣ୍ଣୟ ପ୍ରଣାଳୀରେ ମଧ୍ୟ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଘଟିଛି । ନୂତନ ଯନ୍ତ୍ରପାତିର ଆବିର୍ଭାବ ଫଳରେ ବିନା ଅସ୍ତ୍ରୋପଚାରରେ ବା' ସ୍ଥଳ ବିଶେଷରେ ଅତି ଅଳ୍ପ ଅସ୍ତ୍ରୋପଚାରରେ ରୋଗ ନିର୍ଣ୍ଣୟ ଓ ଚିକିତ୍ସା ସମ୍ଭବ ହୋଇପାରୁଛି । ଲାପାରୋସ୍କୋପି ଓ ହିଷ୍ଟେରୋସ୍କୋପି ହେଉଛି ଚିକିତ୍ସା ବିଜ୍ଞାନର ମନୁଷ୍ୟ ସମାଜକୁ ଏକ ଅନବଦ୍ୟ ଦାନ ।

ଲାପାରୋସ୍କୋପି ବା ହିଷ୍ଟେରୋସ୍କୋପି ଦ୍ୱାରା କରା ଯାଉଥିବା ଅସ୍ତ୍ରୋପଚାରକୁ 'ଏଣ୍ଡୋସ୍କୋପିକ୍ ସର୍ଜରୀ' କୁହାଯାଏ । ବର୍ତ୍ତମାନ ଶତକଡା ୮୦ଭାଗ ଅସ୍ତ୍ରୋପଚାର 'ଏଣ୍ଡୋସ୍କୋପି' ଦ୍ୱାରା କରାଯାଇ ପାରିବ । ଏଥିରେ ଗୋଟିଏ କ୍ଷୁଦ୍ର କଣା (ହୋଲ୍ ) କରି ଏକ ହାଇପାୱାର୍ କ୍ୟାମେରା ଦ୍ୱାରା ପେଟ ଭିତରେ ଅଂଗ, ବିଶେଷକରି ଜରାୟୁ, ଡିମ୍ବବାହୀ ନଳୀ, ଡିମ୍ବକୋଷ ଇତ୍ୟାଦି ଦେଖି ରୋଗ ନିର୍ଣ୍ଣୟ ଓ ଚିକିତ୍ସା କରାଯାଏ । ସେହିଭଳି ହିଷ୍ଟେରୋସ୍କୋପି ଦ୍ୱାରା କ୍ୟାମେରା ସାହାଯ୍ୟରେ ଜରାୟୁର ଅଭ୍ୟନ୍ତର ନିରୀକ୍ଷଣ କରିହୁଏ । ଏହାଦ୍ୱାରା ଜରାୟୁ ଭିତରେ ଥିବା ଶୈଷ୍ମିକ ଝିଲ୍ଲୀକୁ ଏକ ଫାଇବର୍ ଅପ୍‌ଟିକ୍ ଟେଲିସ୍କୋପ୍ ଦ୍ୱାରା ଦେଖିହୁଏ । ପେଟ ଭିତରେ ଅଙ୍ଗାରକାମ୍ଳ ବାଷ୍ପ ଦେଇ ଲାପାରୋସ୍କୋପି ମେଥଡ୍‌ରେ ପେଟ ଭିତରକୁ ଟେଲିସ୍କୋପ୍ ଦ୍ୱାରା ଦେଖି ହେଉଥିବା ବେଳେ, ହିଷ୍ଟେରୋସ୍କୋପି ମେଥଡ୍‌ରେ ଅଙ୍ଗାରକାମ୍ଳ ବାଷ୍ପ, ଡେକ୍‌ଷ୍ଟ୍ରୋଜ୍, ଡେକ୍‌ଷ୍ଟ୍ରାନ୍ ଏବଂ ଗ୍ଲିସେରିନ୍ ଦ୍ୱାରା ଜରାୟୁ ଗ୍ରୀବା ଦେଇ ଏହି ଯନ୍ତ୍ର ସାହାଯ୍ୟରେ ଜରାୟୁ ନିରୀକ୍ଷଣ କରିହୁଏ ।

## 'ଏଣ୍ଡୋସ୍କୋପି'ର ସୁବିଧା

୧. ଅସ୍ତ୍ରୋପଚାର ପରେ ରୋଗୀ ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରେ ।

୨. ଅସ୍ତ୍ରୋପଚାର ପରେ ପରେ କମ୍ କଷ୍ଟ ହୁଏ ।

୩. ହସ୍‌ପିଟାଲ୍‌ରେ କମ୍ ଦିନ ରହିବାକୁ ପଡିଥାଏ ।

୪. ରୋଗିଣୀ ଖୁବ୍ ଶୀଘ୍ର ନିଜ କାର୍ଯ୍ୟରେ ଯୋଗ ଦେଇ ଦୈନନ୍ଦିନ କାର୍ଯ୍ୟ ତୁଲାଇପାରେ ।

୫. ଏଥିରେ ପେଟରେ ଅସ୍ତ୍ରୋପଚାରର ଦାଗ ରହେ ନାହିଁ । ଲାପାରୋସ୍କୋପି ଦ୍ୱାରା ହେଉଥିବା ଅସ୍ତ୍ରୋପଚାର ରୋଗ ନିଦାନ ପାଇଁ ( ଡାଏଗ୍ନୋଷ୍ଟିକ୍ ଲାପାରୋସ୍କୋପି) ଓ ରୋଗ ଚିକିତ୍ସା ପାଇଁ (ଥେରାପ୍ୟୁଟିକ୍ ଲାପାରୋସ୍କୋପି ) ପାଇଁ ବ୍ୟବହୃତ ହୋଇଥାଏ, ଯଥା :

- ବନ୍ଧ୍ୟାତ୍ୱର ନିଦାନ ଓ ଚିକିତ୍ସା
- ବସ୍ତିଦେଶ ଓ ତଳିପେଟରେ ବ୍ୟଥା
- ଜରାୟୁର ଟ୍ୟୁମର୍ ଓ ଡିମ୍ବକୋଷର ଅର୍ବୁଦ
- ଅସ୍ଥାନିକ ବା ଡିମ୍ବବାହୀ ନଳୀରେ ଗର୍ଭ (ଟ୍ୟୁବାଲ୍ ପ୍ରେଗନାନ୍ସି )
- ଡିମ୍ବବାହୀ ନଳୀ ଖୋଲା ଅଛି କି ନାହିଁ (କ୍ରୋମୋ ପର୍ଟୁବେସନ୍ ବା ଟ୍ୟୁବାଲ୍ ପେଟେନ୍ସି)
- ଏଣ୍ଡୋମେଟ୍ରିଓସିସ୍ ଓ ଚକୋଲେଟ୍ ସିଷ୍ଟ୍

ଏହାଛଡା ବନ୍ଧ୍ୟାକରଣ ଅସ୍ତ୍ରୋପଚାର, ଡିମ୍ବକୋଷ ଡ୍ରିଲିଂ, ଜରାୟୁ ଟ୍ୟୁମର୍ ଅପସାରଣ ଓ ଜରାୟୁ ଅପସାରଣ (ଲାପାରୋସ୍କୋପି ଆସିଷ୍ଟେଡ୍ ଭାଜାଇନାଲ୍ ହିଷ୍ଟେରୋକ୍ଟୋମି ) ଆଦି ହୋଇଥାଏ ।

## ହିଷ୍ଟେରୋସ୍କୋପି ଦ୍ୱାରା ରୋଗର ନିଦାନ

୧. ବହୁଦିନ ଧରି ମାସିକ ରକ୍ତସ୍ରାବ ଲାଗି ରହିଲେ, ଜରାୟୁ ଭିତରେ ସାନ ଅର୍ବୁଦ (ପଲିପ୍) ନିରୀହ ଅର୍ବୁଦ (ସବ୍ ମ୍ୟୁକଜ୍ ଫାଇବ୍ରଏଡ୍) ଏବଂ ଗର୍ଭାଂଶ ଥିବାର ଆଶଂକା ଥିଲେ ।

୨. ଜନ୍ମରୁ ଜରାୟୁ ଭିତରେ ପରଦା ଥିଲେ (ସେପ୍ଟମ୍ )





୩. କପର୍ ଟି ଜରାୟୁ ଭିତରେ ଥାଇ ସୂତା ଛିଡିଗଲେ

୪. ଜରାୟୁ ଭିତର ଦୁଇପଟ କାନ୍ଥ ପରସ୍ପର ଲାଗିଗଲେ (ଆସର୍ମେନସ୍ ସିଣ୍ଡ୍ରୋମ୍ )

୫. ବୟସ୍କା ମହିଳାମାନଙ୍କର କର୍କଟରୋଗର ଆଶଂକା ଥିଲେ ଜରାୟୁ ଅଭ୍ୟନ୍ତର (ଟ୍ରାନ୍ସଫର୍ ମେସନ୍ ଜୋନ୍ ) ନିରୀକ୍ଷଣ

ଏହାଦ୍ୱାରା ଜରାୟୁ ଭିତର ମାଂସ ପରୀକ୍ଷା, ପଲିପ୍ ଓ ଅର୍ବୁଦ ଅପସାରଣ ଆଦି କରାଯାଇପାରେ । ଏହାଛଡା ଗର୍ଭାବସ୍ଥାରେ ବଂଶଗତ ବିକଳାଙ୍ଗତାର ଚିହ୍ନଟ ପାଇଁ ଗର୍ଭଫୁଲ ପରୀକ୍ଷା ବା କୋରିଓନିକ୍ ବାଇଓପ୍ସି ମଧ୍ୟ କରାଯାଏ ।

## ବନ୍ଧ୍ୟାତ୍ୱ କାରଣ, ନିରାକରଣ ଓ ଚିକିତ୍ସା

ଯଦି ବାହାଘରର ଏକ ବର୍ଷ ମଧ୍ୟରେ ସ୍ୱାମୀ, ସ୍ତ୍ରୀ ଏକତ୍ର ରହିଲେ ମଧ୍ୟ ଆଦୌ ଗର୍ଭସଂଚାର ହୁଏ ନାହିଁ ତାହାକୁ ପ୍ରାଥମିକ ବନ୍ଧ୍ୟାତ୍ୱ (ପ୍ରାଇମେରୀ ଇନ୍‌ଫର୍ଟିଲିଟି ) ବା' ପ୍ରାଥମିକ ବନ୍ଧ୍ୟାତ୍ୱ କୁହାଯାଏ । ଏବଂ ଥରେ ଗର୍ଭସଂଚାର ହୋଇ ଆଉ ଗର୍ଭ ନରହିଲେ ତାହାକୁ ଗୌଣବନ୍ଧ୍ୟାତ୍ୱ ବା 'ସେକେଣ୍ଡାରୀ ଇନ୍‌ଫର୍ଟିଲିଟି' କୁହାଯାଏ । ସାଧାରଣତଃ ସ୍ୱାମୀ ସ୍ତ୍ରୀ ଏକାଠି ରହୁଥିଲେ ବାହାଘରର ଏକ ବର୍ଷ ମଧ୍ୟରେ ଶତକଡା ୮୦ଭାଗ ଦମ୍ପତ୍ତିଙ୍କର ଗର୍ଭସଂଚାର ହୋଇଥାଏ । ଆଉ ଶତକଡା ୧୦ଭାଗ ଦମ୍ପତ୍ତି ଦ୍ୱିତୀୟ ବର୍ଷ ଶେଷସୁଦ୍ଧା ଗର୍ଭଧାରଣ କରିଥାନ୍ତି । କିନ୍ତୁ ଅବଶିଷ୍ଟ ଦଶଭାଗ ଦମ୍ପତ୍ତିଙ୍କ ପାଇଁ ବିଶେଷ ଭାବରେ ସ୍ୱତନ୍ତ୍ର ପରୀକ୍ଷାନିରୀକ୍ଷା ଓ ଚିକିତ୍ସା ଦରକାର ହୋଇଥାଏ । ଅଧିକାଂଶ ଦମ୍ପତ୍ତି ସନ୍ତାନହୀନ ହୋଇଥିଲେ ପ୍ରାୟ ଝିଅଟିକୁ ହିଁ ସବୁ ନିନ୍ଦା ଓ ଅପବାଦ ମୁଣ୍ଡାଇବାକୁ ପଡିଥାଏ । କିନ୍ତୁ ସମସ୍ତେ ଜାଣିରଖିବା ଉଚିତ୍ ଏଥିରେ ନାରୀ ଓ ପୁରୁଷ ଉଭୟୀ ଦାୟୀ । ତେଣୁ ବନ୍ଧ୍ୟାତ୍ୱର ପରୀକ୍ଷାନିରୀକ୍ଷା ମହିଳା ଓ ପୁରୁଷ ଉଭୟଙ୍କର ହେବା ଜରୁରୀ । ପୁରୁଷଙ୍କର ଶୁକ୍ରର ସଂପୂର୍ଣ୍ଣ ପରୀକ୍ଷାନିରୀକ୍ଷା ହେବା ଉଚିତ୍ । ଏହାଛଡା ମହିଳାଙ୍କର ବନ୍ଧ୍ୟାତ୍ୱର କାରଣ ଜାଣିବା ଉଚିତ୍ । ଏହା ଜରାୟୁ ଗ୍ରୀବା, ଜରାୟୁ, ଡିମ୍ବବାହୀ ନଳୀ ବା ଡିମ୍ବକୋଷ ( ଓଭାରି ) ପାଇଁ ହେଉଛି କି ନା ତାହା ଜାଣିବା ଉଚିତ୍ । ଏହାଛଡା ମହିଳା ସଂପୂର୍ଣ୍ଣ ପରୀକ୍ଷା, ରକ୍ତପରୀକ୍ଷା, ଅଲଟ୍ରାସୋନୋଗ୍ରାଫି ଆଦି ମଧ୍ୟ କରିବା ଉଚିତ୍ । ତେବେ ବନ୍ଧ୍ୟାତ୍ୱର ରୋଗ ନିଦାନ ଓ ଚିକିତ୍ସା ପାଇଁ ଏବେ 'ଡାଏଗ୍ନୋଷ୍ଟିକ୍ ହିଷ୍ଟେରୋ ଲାପାରୋସ୍କୋପି'ର ପ୍ରମୁଖ ଭୂମିକା ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାଦ୍ୱାରା ପ୍ରାଞ୍ଜଳ ଭାବରେ ବନ୍ଧ୍ୟାତ୍ୱର କାରଣ ଜଣା ପଡିଯାଉଛି ଓ ସଫଳ ଚିକିତ୍ସା ମଧ୍ୟ କରାଯାଇ ପାରୁଛି । ଅଳ୍ପ ସମୟରେ, ଅଳ୍ପ ପରିଶ୍ରମରେ, ଅଳ୍ପ କଷ୍ଟରେ ଏବଂ ଏକ ବହିଃର୍ବିଭାଗ ପ୍ରଣାଳୀରେ ଏହି ପଦ୍ଧତିରେ ରୋଗ ଚିହ୍ନଟ ଓ ଅସ୍ତ୍ରୋପଚାର, ଚିକିତ୍ସା ବିଜ୍ଞାନର ସ୍ତ୍ରୀରୋଗ ବିଶେଷଜ୍ଞ ତଥା ରୋଗୀମାନଙ୍କ ପାଇଁ ଏକ ଅଭିନବ ଦାନ ।



# ହସଖୁସିର ପରିବାର - ୧୪

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୋତେ ୭୦ ବର୍ଷ ବୟସ । ଘରେ ମୁଁ ଓ ମୋ ସ୍ତ୍ରୀ ରହୁଛୁ । ମୋର ଗୋଟିଏ ଝିଅ ଓ ଦୁଇଟି ପୁଅ । ଝିଅ ପାଠ ପଢି ଚାକିରି ପାଇବା ପରେ ତାର ବିବାହ କରିଦେଲି । ସେ ତାର ପରିବାର ସହିତ ଦିଲ୍ଲୀରେ ରହୁଛି । ମୋର ଦୁଇ ପୁଅ ବି ବିବାହ କରି ସାରିଛନ୍ତି । ବଡ ପୁଅ ଆମେରିକାରେ ତାର ପରିବାର ସହିତ ଓ ସାନ ପୁଅ କାନାଡାରେ ତାର ପରିବାର ସହିତ ରହୁଛନ୍ତି । ସେମାନେ ବର୍ଷେ କିମ୍ବା ଦୁଇ ବର୍ଷରେ ଥରେ ଆସନ୍ତି । ଆଗରୁ ମୋତେ ବହୁତ ଖୁସି ଲାଗୁଥିଲା ଯେ ମୋ ପିଲାମାନେ ଉଚ୍ଚ ଶିକ୍ଷା ପାଇ ବାହାରେ ରହିଛନ୍ତି । କିନ୍ତୁ ବୟସ ବଢିବା ସହିତ ମନ ଭିତରେ ଅନେକ ଭୟ ଆସୁଛି । ବେଳେବେଳେ ରାତିରେ ଅନେକ ଦୁଃସ୍ୱପ୍ନ ଆସି ନିଦ ହେଉନି । ଏଠାରେ ମୋର ଅନେକ ସଂପତି, କୋଠାଘର ସବୁ ଅଛି । ଏହି ବୟସରେ ଆମେ ଦୁଇ ଜଣ ଆଉ କୁଆଡେ ଯାଇ ପାରିବୁନି । ତେଣୁ ଏଠାରେ ରହିବାକୁ ବାଧ ହେଉଛୁ । ଆମ ସ୍ୱାମୀସ୍ତ୍ରୀଙ୍କ ଦାୟିତ୍ୱ ନେବାକୁ ଘରେ ଜଣେ ସହାୟିକା ରହିଛି । ହେଲେ ଏବେକାର ସମାଜରେ ଘଟୁଥିବା ବିଭିନ୍ନ ଅଘଟଣ ବିଷୟରେ ଭାବିଲା ବେଳକୁ ମୋ ମନରେ ବହୁତ ଭୟ ଆସୁଛି । ଅନେକ ସମୟରେ ମୋ ଘରେ ଥିବା ସହାୟିକାର ହାବଭାବ ଉପରେ ବି ମୋର ସନ୍ଦେହ ଆସୁଛି । ଏ ସବୁ ମୋ ମନର ଭ୍ରମ ଅଥବା ସତରେ ସେ ସେହିପରି ମୁଁ ନିଜେ ମଧ୍ୟ ଜାଣି ପାରୁନି । କାହାରି ଉପରେ ବିଶ୍ୱାସ ରହୁନି । ଅନେକ ଦୁଃଶ୍ଚିନ୍ତାରେ ଦିନ କାଟୁଛି । କିପରି ନିଜକୁ ସମ୍ଭାଳିବି ମୋତେ ରାସ୍ତା ବତାନ୍ତୁ ।

**◣ଦିଲ୍ଲୀପ ଘଡେଇ,** ଭୁବନେଶ୍ୱର

▼ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କ ହସଖୁସିର ପରିବାର





**ଡକ୍ଟର ହରପ୍ରସନ୍ନ ଦାସ**

ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

### ସମାଧାନର ସୂତ୍ର

ଆପଣଙ୍କ ପରିବାରରେ ଯେଉଁ ପରିସ୍ଥିତି ତାହା ଆହୁରି ଅନେକ ପରିବାରରେ ବି ଦେଖା ଯାଉଛି । ଏଥିପାଇଁ ଆଦୌ ବିଚଳିତ ହୁଅନ୍ତୁ ନାହିଁ। ପ୍ରତ୍ୟେକ ଶିକ୍ଷିତ ପରିବାରରେ ବାପାମାଆମାନେ ପୁଅଝିଅଙ୍କର ଉଚ୍ଚଶିକ୍ଷା ସହିତ ସେମାନଙ୍କ ଭଲ ଚାକିରିର ସ୍ୱପ୍ନ ବି ଦେଖିଥାନ୍ତି । ଆପଣଙ୍କ ପିଲାମାନେ ପାଠ ପଢ଼ିଲେ ଏବଂ ବିଦେଶରେ ଭଲ ଚାକିରି କରି ରହିଲେ । ଏହା ସେମାନଙ୍କ ପାଇଁ ଏକ ସାଧାରଣ ଘଟଣା । ଆପଣ ଠିକ୍ ଲେଖିଛନ୍ତି ଯେ ଆରମ୍ଭରେ ଏସବୁ ବହୁତ ଖୁସି ଲାଗେ ଏବଂ ଆମେ ଅନ୍ୟମାନଙ୍କ ଆଗରେ ଅତି ଗର୍ବରେ ଏହା କହିବୁଲୁ । କିନ୍ତୁ ବୟସ ବଢ଼ିବା ସହିତ ମନରେ ଭୟ ଆସେ ତଥା ନିଜକୁ ଅସହାୟ ମନେ ହୁଏ । ଘରେ କାମରେ ସାହାଯ୍ୟ କରିବା ପାଇଁ ଯେତେ ଟଙ୍କା ଦେଇ ପୁରୁଷ ଅବା ମହିଳା ରଖିଲେ ବି ସେମାନଙ୍କ ଉପରେ ସେତେ ଭରସା ରହିବ ନାହିଁ । ସେମାନଙ୍କ ଦ୍ୱାରା ବହୁତ ଅଘଟଣ ଘଟୁଥିବାର ସମ୍ବାଦପତ୍ରମାନଙ୍କରୁ ଆମେ ପ୍ରତିଦିନ ଖବର ପାଉଛୁ । ଆପଣଙ୍କ ସହରରେ ଅବା ନିକଟବର୍ତ୍ତୀ ସ୍ଥାନରେ ଯଦି କେହି ବନ୍ଧୁବାନ୍ଧବ ଥାଆନ୍ତି ଆପଣ ସେମାନଙ୍କ ସହିତ ଭଲ ସଂପର୍କ ରଖନ୍ତୁ ଏବଂ ତାଙ୍କୁ ଏପରି ସାହାଯ୍ୟ କରନ୍ତୁ ଯେ ସେମାନେ ଆପଣଙ୍କର ଯତ୍ନ ନେବେ । ପାଖ ପଡୋଶୀଙ୍କ ସହିତ ଆନ୍ତରିକ ସଂପର୍କ ଗଢ଼ି ତୋଳନ୍ତୁ ଯେପରି ସେମାନେ ଆପଣଙ୍କୁ ତାଙ୍କ ପରିବାରର ଲୋକ ବୋଲି ଭାବିବେ । ଧନସଂପତ୍ତିର ଲୋଭ ଛାଡି ଯେତିକି ଆବଶ୍ୟକ ସେତିକି ରଖନ୍ତୁ । ବୃଦ୍ଧାଶ୍ରମ ଅଥବା ଅନାଥାଶ୍ରମକୁ କିଛି ଦାନ କରି ଦିଅନ୍ତୁ ଯେପରିକି ସେମାନେ ମଧ୍ୟ ଆପଣଙ୍କର ସୁରକ୍ଷା ପ୍ରତି ଦୃଷ୍ଟି ଦେବେ । ନିକଟରେ ଥିବା ବରିଷ୍ଠ ନାଗରିକ ସଂଘରେ ଯୋଗ ଦିଅନ୍ତୁ । ଏହାଦ୍ୱାରା ଆପଣଙ୍କୁ କେବେ ବି ଏକୁଟିଆ ଲାଗିବ ନାହିଁ । ମନେ ରଖନ୍ତୁ ଧନସଂପତ୍ତି ହିଁ ସବୁ ଅଘଟଣର ମୂଳ କାରଣ ହୋଇଥାଏ । ରକ୍ତର ସଂପର୍କ ଅପେକ୍ଷା ଭାବର ସଂପର୍କ ଅତି ଜରୁରୀ । ଆଶା କରୁଛି ଆପଣ ଏ ଦିଗରେ ଭାବିବେ ଓ କାର୍ଯ୍ୟ କରିବେ ।

### ସମସ୍ୟା : ୨

ମୁଁ ଏକ ବେସରକାରୀ ସଂସ୍ଥାରେ ଚାକିରି କରୁଛି । ମୋର ବୟସ ୪୨ ବର୍ଷ । ଘରେ ମୋର ସ୍ତ୍ରୀ ଓ ପୁଅ ଝିଅ ଅଛନ୍ତି । ମୋ ପିଲାମାନେ ସ୍କୁଲ୍‌ରେ ପଢୁଛନ୍ତି । ମୁଁ ମୋର ପରିବାରକୁ ବହୁତ ଭଲ ପାଏ। ମୋର କାମରେ ମୋତେ ସାଧାରଣତଃ ସହରଠାରୁ ଦୂର ବିଭିନ୍ନ ଗାଆଁମାନଙ୍କୁ ଯିବାକୁ ପଡେ । ଯୁଆଡେ ବି ଯିବାକୁ ହୁଏ ମୁଁ ଓ ମୋର ଜଣେ ମହିଳା ସହକର୍ମୀ ସାଙ୍ଗ ହୋଇ ଯାଉ । ତାଙ୍କୁ ପ୍ରାୟତଃ ୩୦ବର୍ଷ ହେବ । ସେ ଏବେ ଯାଏଁ ବିବାହ କରି ନାହାନ୍ତି । ଏମିତି ସାଙ୍ଗ ହୋଇ ସବୁବେଳେ କାମ କରିବା ଭିତରେ କେତେବେଳେ ମୋ ମନରେ ତାଙ୍କ ପ୍ରତି ଦୁର୍ବଳତା ଆସିଗଲା ମୁଁ ଜାଣି ପାରିଲି ନାହିଁ । ପ୍ରଥମେ ମୋତେ ଏ କଥା ତାଙ୍କୁ କହିବାକୁ ଡର ଲାଗୁଥିଲା । କିନ୍ତୁ ଯେଉଁଦିନ ସେ ମୁହଁ ଖୋଲି ମୋ ପ୍ରତି ତାଙ୍କ ମନରେ ରହିଥିବା ଦୁର୍ବଳତା ବିଷୟରେ କହିଲେ ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ମୁଁ ମଧ୍ୟ ତାଙ୍କୁ ମୋ ମନର କଥା କହିଦେଲି । ମୋ ବିଷୟରେ ସବୁ କିଛି ଜାଣିବା ସତ୍ତ୍ୱେ ତାଙ୍କ ମନରେ ମୋ ପ୍ରତି ଥିବା ଭଲପାଇବା ମୋତେ ତାଙ୍କ ଆଡକୁ ଅଧିକରୁ ଅଧିକ ଆକୃଷ୍ଟ କଲା । ଫଳରେ ଆମର ପରସ୍ପର ପ୍ରତି ଆନ୍ତରିକତାର ଭାବ ବଢ଼ି ଚାଲିଲା। କିନ୍ତୁ ଏବେ ତାହା ଏକ ସମସ୍ୟା ହୋଇ ଦେଖା ଦେଲାଣି । କାରଣ ତାଙ୍କ ଘରେ ତାର ବିବାହ ପାଇଁ କହୁଛନ୍ତି । କିନ୍ତୁ ତାଙ୍କର ଏକା ଜିଦ୍ ସେ ବିବାହ କରିବେ ନାହିଁ । ମୁଁ ତାଙ୍କୁ ଯେତେ ବୁଝାଇବାକୁ ଚେଷ୍ଟା କଲେ ମଧ୍ୟ ଫଳ କିଛି ହେଉନି । ତେଣୁ ମୋର ବି ମାନସିକ ଅଶାନ୍ତି ବଢ଼ି ଚାଲିଛି । ଦୟାକରି ଉଚିତ ମାର୍ଗ ଦର୍ଶାନ୍ତୁ ।

**ସଂଗ୍ରାମ ପୃଷ୍ଟି,** ଢେଙ୍କାନାଳ

### ସମାଧାନର ସୂତ୍ର

ଏହିପରି ଘଟଣା ଯୋଗୁଁ ଅନେକ ପରିବାର ଭାଙ୍ଗି ଯାଇଛି । ସ୍ୱାମୀ ସ୍ତ୍ରୀ ଅଲଗା ହୋଇ ରହୁଛନ୍ତି ଅବା ପରସ୍ପରକୁ ଛାଡପତ୍ର ଦେଉଛନ୍ତି । ଆପଣ ବିବାହିତ ଏବଂ ଦୁଇଟି ପିଲାର ବାପା । ଏଣୁ ଆପଣ ସେ ଦିଗରେ ଆଗେଇବା ପୂର୍ବରୁ ଗଭୀର ଭାବରେ ଭାବିବାର ଥିଲା । ସହକର୍ମୀଙ୍କ ସହିତ ସ୍ନେହ ଶ୍ରଦ୍ଧା ଓ କେତେକ କ୍ଷେତ୍ରରେ ଭଲ ପାଇବା ରହିପାରେ । କିନ୍ତୁ ତାହାର ରୂପରେଖ ସକାରାତ୍ମକ ହେବା କଥା । ଆପଣ ତାଙ୍କ ସହିତ ଏଭଳି ଘନିଷ୍ଠ ହେଲେ ଯେ ସେ ଏବେ ଆପଣଙ୍କ ଉପରେ ବୋଝ ହିଁ ହେବେ । ଦୁଇ ପରିବାରରେ ସମସ୍ତେ ଧୀରେ ଧୀରେ ସବୁ କଥା ଜାଣିବେ । ଏପରି ବି ହୋଇପାରେ ସେ ଆପଣଙ୍କୁ ବିବାହ କରିବା ପାଇଁ ଜିଦ୍ କରି ପାରନ୍ତି । ତାହାପରେ ଆପଣଙ୍କ ପରିବାରର ଅବସ୍ଥା

ମନସ୍ମିତା ଦାଶ ମିଶ୍ରଙ୍କ ହସଖୁସିର ପରିବାର





▼ଶ୍ରୀକାନ୍ତ ରାଉତଙ୍କ ହସଖୁସିର ପରିବାର

କଣ ହେବ ଭାବି ଦେଖନ୍ତୁ । ଆପଣଙ୍କର ସୁଖଶାନ୍ତିର ପରିବାରଟି ସବୁ ପ୍ରକାର ଅଶାନ୍ତି ଭିତରକୁ ଟାଣି ହୋଇଯିବ । ଆପଣଙ୍କ ବ୍ୟକ୍ତିଗତ ତଥା ପେସାଗତ ଜୀବନରେ ଅଶାନ୍ତି ସୃଷ୍ଟି ହେବ । ଏହାର କୁପ୍ରଭାବ ଆପଣଙ୍କ ପିଲାମାନଙ୍କ ଉପରେ ହିଁ ପଡିବ । ସବୁଠାରୁ ଭଲ ହେବ ଆପଣ ତାଙ୍କୁ ବିନମ୍ର ଅନୁରୋଧ କରନ୍ତୁ ଯେପରିକି ସେ ତାଙ୍କର ମତ ବଦଳାଇବେ । ଫଳରେ ତାଙ୍କ ପରିବାରରେ ବି କିଛି ଅଶାନ୍ତି ସୃଷ୍ଟି ହେବ ନାହିଁ । ଏହାଦ୍ୱାରା ଦୁଇଟି ପରିବାର ଶାନ୍ତିରେ ଜୀବନ କଟାଇ ପାରିବେ । ସମାଜରେ ଘଟୁଥିବା ଏହିପରି କିଛି ଘଟଣାରୁ ଆମେ ବେଶ୍ କିଛି ଶିଖିବା ଉଚିତ । ଆଶା କରୁଛି ଆପଣ ଏ ବିଷୟରେ ଗଭୀର ଭାବରେ ଚିନ୍ତନ କରି ଏପରି ବୁଦ୍ଧିମାନର କାମ କରିବେ ଯେପରିକି କାହାର କିଛି କ୍ଷତି ହେବ ନାହିଁ ।

### ସମସ୍ୟା : ୩

ମୁଁ ଦଶମ ଶ୍ରେଣୀରେ ପାଠ ପଢୁଛି । ମୋତେ ମାଗାଜିନ୍ ପଢିବାକୁ ବହୁତ ଭଲ ଲାଗେ । ସେଥିରୁ ଆପଣଙ୍କ ବିଷୟରେ ଜାଣି ଆପଣଙ୍କୁ ମୋ ମନର କିଛି କଥା ଲେଖୁଛି । ମୋର ବାପା ଇଂଜିନିୟର୍ ଓ ମାଆ ଜଣେ ଗୃହିଣୀ । ସେ ବି ଅନେକ ସମୟରେ ଲେଖାଲେଖି କରନ୍ତି । ଉଭୟ ବାପା ଓ ମାଆ ବହୁତ ଭଲ ପାଠ ପଢୁଥିଲେ । ମୁଁ ତାଙ୍କର ବଡ ପୁଅ । ମୋର ଆଉ ଗୋଟିଏ ସାନ ଭାଇ ବି ଅଛି । ସେ ସପ୍ତମ ଶ୍ରେଣୀରେ ପଢୁଛି । ସେ ବି ଭଲ ପଢେ । ମୁଁ ଷଷ୍ଠ ଶ୍ରେଣୀ ଯାଏ ବହୁତ ଭଲ ପଢୁଥିଲି । ମୋ ବାପାମାଆଙ୍କର ଆଶା ଯେ ମୁଁ ସବୁବେଳେ କ୍ଲାସ୍‌ରେ ପ୍ରଥମ ହୁଏ । ମୋର ସବୁଥିରେ ଭଲ ମାର୍କ ରହୁ । ମୁଁ ଦିନକୁ ବାରରୁ ଚଉଦ ଘଂଟା କେବଳ ବସି ପାଠ ପଢେ । ତେବେ ଯାଇ ମୋ ଭବିଷ୍ୟତ ସୁରକ୍ଷିତ ହେବ ବୋଲି ସେମାନେ ଭାବନ୍ତି । ଏପରିକି ସେମାନେ ମୋତେ ଖେଳିବାକୁ ବା କାହା ସହିତ ମିଶିବାକୁ ମଧ୍ୟ ଛାଡ଼ନ୍ତିନି । କେବଳ ପାଠକୁ ଛାଡିଦେଲେ ଅନ୍ୟ କୌଣସି ବିଷୟରେ ମୋ ବାପା ମୋ ସହିତ କଥା ହୁଅନ୍ତି ନାହିଁ । ସବୁବେଳେ ଗୋଟିଏ କଥା ଯେ ତୁ ଯେପରି ମାଟ୍ରିକ୍ ପରୀକ୍ଷାରେ ବେଷ୍ଟ୍ ଟେନ୍‌ଥ୍ ଭିତରେ ଆସିବୁ । ମୁଁ ବି ଏଥିପାଇଁ ବହୁତ ଚେଷ୍ଟା କରୁଛି । ହେଲେ ଧୀରେ ଧୀରେ ମୋର ପାଠ ଉପରୁ ଆଗ୍ରହ କମି ଯାଉଛି । ମୁଁ ଯାହା ପଢୁଛି ସବୁ ଭୁଲି ଯାଉଛି । ମୋର ପରୀକ୍ଷାରେ କଣ ହେବ ଭାବିଲା ବେଳକୁ ମୋତେ ଡର ଲାଗୁଛି । ମୁଁ ଜାଣି ପାରୁନି କଣ କରିବି । ମୋତେ ଟିକେ ରାସ୍ତା ଦେଖାନ୍ତୁ ।

◣**ଜଗଦୀଶ ମହାନ୍ତି,** ଜଗତସଂହପୁର

### ସମାଧାନର ସୂତ୍ର

ବହୁତ ଖୁସି ଲାଗୁଛି ଯେ ଦଶମ ଶ୍ରେଣୀର ଛାତ୍ର ହୋଇ ବି ତୁମେ ତୁମର ସମସ୍ୟା ବିଷୟରେ ଆମକୁ ଲେଖି ଜଣାଇଛ । ଏହା ଅତି ପ୍ରଶଂସନୀୟ । କାରଣ ଅନେକ ଲୋକଙ୍କର ମନ ଭିତରେ ବିଭିନ୍ନ ପ୍ରକାର ଅଶାନ୍ତି ଓ ସମସ୍ୟା ଥିଲେ ବି ସେମାନେ ନିଜ ମନର କଥାକୁ ଆଉ କାହାରିକୁ କହିବାକୁ ପସନ୍ଦ କରନ୍ତି ନାହିଁ । ତୁମ ମନ ଭିତରେ ଚାଲିଥିବା ଅଶାନ୍ତିର ସମାଧାନ ପାଇଁ ଆମକୁ ଜଣାଇବା ହିଁ ତୁମର ଦୃଢ ମନୋବଳର ପରିଚୟ ଦିଏ । ନିଜ ଉପରେ ଭରସା ନ ଥିଲେ ଅବା ସ୍ଥିତପ୍ରଜ୍ଞ ନ ହେଲେ ଜଣେ ଏପରି ସିଦ୍ଧାନ୍ତ ନେଇ ପାରିବ ନାହିଁ । ଏଣୁ ପାଠପଢା ବିଷୟରେ ତୁମର ଆଦୌ ବିବ୍ରତ ହେବା ଉଚିତ ନୁହେଁ । ସବୁ ବାପାମାଆଙ୍କର ଯେପରି ନିଜ ପିଲାମାନଙ୍କର ପାଠପଢାରେ ସଫଳତା ଦେଖିବାକୁ ଆଗ୍ରହ ଥାଏ, ଠିକ୍ ସେହିପରି ତୁମ ବାପାମାଆଙ୍କର ବି ତୁମ ପାଇଁ ବହୁତ କିଛି ସ୍ୱପ୍ନ ରହିଛି । ତୁମେ ଭଲ ପଢୁଥିବାରୁ ସେମାନେ ତୁମର ଅଧିକରୁ ଅଧିକ ସଫଳତା ଦେଖିବାକୁ ଚାହୁଁଛନ୍ତି । ତୁମେ ସେଥିରେ ବିବ୍ରତ ନ ହୋଇ ନିଜର ପାଠପଢାରେ ଧ୍ୟାନ ଦିଅ । ଅତୀତରେ ଦିନକୁ ବାରରୁ ଚଉଦ ଘଂଟା ପଢୁଥିବାର ତୁମେ ନିଜେ ଲେଖିଛ । କିନ୍ତୁ ଏବେ କେଉଁ କାରଣରୁ ତୁମର ପାଠପଢାରେ ଆଗ୍ରହ କମି ଯାଉଛି ଅବା ତୁମର କିଛି ମନେ ରହୁନାହିଁ ତାହା ତୁମେ ନିଜେ

ଜାଣିବାକୁ ଚେଷ୍ଟା କର । କାରଣ ଏହା ତୁମେ ନିଜେ ହିଁ ଖୋଜି ପାରିବ । ଏହି କାରଣଟି ଜାଣି ପାରିଲେ ତୁମେ ତାହାର ପ୍ରତିକାର ନିଶ୍ଚିତ ଭାବରେ କରି ପାରିବ । ମନ ଭିତରେ ଏଣୁ ତେଣୁ ଭାବନା ରଖିଲେ ସ୍ମରଣ ଶକ୍ତି କମିଯିବ । ତୁମର ଭବିଷ୍ୟତ ତୁମ ଉପରେ ହିଁ ନିର୍ଭର କରେ । ଏଣୁ ଅନ୍ୟ କିଛି କଥା ନ ଭାବି ଏକାଗ୍ର ଚିତରେ ପାଠ ପଢାରେ ଧ୍ୟାନ ଦିଅ । ତାହା ହିଁ ତୁମ ପାଇଁ ସବୁଠାରୁ ଉତ୍ତମ କାମ ହେବ । ଯଦି ତୁମ ବାପା ତୁମ ସହିତ କଥା ହେଉ ନାହାନ୍ତି ବୋଲି ଭାବୁଛ ତେବେ ତୁମେ ନିଜେ ଯାଇ ତାଙ୍କ ସହିତ କଥା ହୋଇ ନିଜର ମନର ଭାବକୁ ପ୍ରକାଶ କର ।

**ସମସ୍ୟା: ୪**

ମୁଁ ଜଣେ ବିବାହିତା ମହିଳା । ମୋର ବିବାହକୁ ତିନି ବର୍ଷ ହୋଇଗଲାଣି । ଘରେ ମୋର ସ୍ୱାମୀ, ଶାଶୁ, ଶ୍ୱଶୁର, ଯାଆ, ଦେଢଶୁର ଓ ଦିଅର ରୁହନ୍ତି । ମୋର ଏହି ବର୍ଷେ ହେବ ଝିଅଟିଏ ହୋଇଛି । ବିବାହ ପରେ ମୋ ଶାଶୁ ଘରେ ସବୁ କିଛି ଠିକ୍ ଚାଲିଥିଲା । ପରିବାରର ସମସ୍ତେ ମୋତେ ବହୁତ ଆଦର କରୁଥିଲେ । ମୋତେ ସମସ୍ତେ ବହୁତ ଭଲ ପାଉଥିଲେ । ସବୁବେଳେ ମୋର ମନ ରଖି ସବୁ କାମ କରୁଥିଲେ । କିନ୍ତୁ ଏବେ ମୁଁ ଅନୁଭବ କରୁଛି ଯେ ମୋ ଝିଅ ହେବା ପରେ ଯେପରି ସବୁ କିଛି ଓଲଟପାଲଟ ହୋଇ ଯାଇଛି । ମୋତେ ଆଉ ଘରେ ସେପରି ସ୍ନେହଶ୍ରଦ୍ଧା ମିଳୁନି । ଏପରିକି ମୋ ସହିତ ଅନେକ ସମୟରେ କେହି କଥା ହେଉ ନାହାନ୍ତି । ମୋ ପିଲାକୁ କେହି ସ୍ନେହ ଆଦର କରୁ ନାହାନ୍ତି । ସମସ୍ତଙ୍କର ଗୋଟିଏ କଥା । ଝିଅ ବଦଳରେ ପୁଅଟିଏ ହୋଇଥିଲେ ଭଲ ହୋଇଥାନ୍ତା । ଏପରିକି ଖାଇବା, ପିନ୍ଧିବା ଇତ୍ୟାଦି ସବୁଥିରେ କଟକଣା କରୁଛନ୍ତି । ମୋ ସ୍ୱାମୀ ଏଥିରେ ନିରବଦ୍ରଷ୍ଟା । ସେ ଯଦିବା କେବେ କେବେ ଝିଅକୁ ଗେହ୍ଲା କରୁଛନ୍ତି କିନ୍ତୁ ତାଙ୍କ ପରିବାର ଲୋକ ଆସିଲେ ବିଭିନ୍ନ ଆଳ କରି ଛୁଆକୁ ନିଜ ଠାରୁ ଦୂରେଇ ରଖୁଛନ୍ତି । ଯାହାକି ମୋତେ ଆଦୌ ଭଲ ଲାଗୁନି । କିନ୍ତୁ ମୁଁ କାହାକୁ କିଛି କହି ପାରୁନି କି ନିଜେ ଏସବୁ ସହି ପାରୁନି । ଏପରିକି ମୁଁ ମୋ ଝିଅକୁ ନେଇ ବାପା ଘରକୁ ଚାଲି ଯିବାକୁ ବି ପରୋକ୍ଷରେ ଶାଶୁଘର ଲୋକମାନେ କହୁଛନ୍ତି । ମୋ ବାପାଘରୁ କିଏ ଆସିଲେ ତାଙ୍କୁ ମଧ୍ୟ ବିଭିନ୍ନ କଥା ଛଳରେ ଓ ଥଟ୍ଟାମଜାରେ ମୋ ଝିଅର ଭରଣପୋଷଣ କରିବାକୁ ବି କହୁଛନ୍ତି । ବେଳେବେଳେ ମୋତେ ଡର ଲାଗୁଛି ଯେ ସେମାନେ ଏପରି କାହିଁକି କରୁଛନ୍ତି । ମୁଁ ଏ କଥା ମୋ ବାପାଙ୍କୁ ବି କହିବାକୁ ମୋତେ ଡର ଲାଗୁଛି କାରଣ ତାଙ୍କର ହୃଦ୍‌ରୋଗ ଅଛି । ତେଣୁ ମୁଁ ଏ ପରିସ୍ଥିତିକୁ ନିଜେ ଏକୁଟିଆ ମୁକାବିଲା କରିବାକୁ ଚାହୁଁଛି । ଏଥିପାଇଁ ମୋତେ ସଠିକ୍ ବାଟ ବତାନ୍ତୁ ।

**◣ରୋଜାଲିନ, କଟକ**

**ସମାଧାନର ସୂତ୍ର**

ଆପଣ ଯାହା ଲେଖିଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ କଥା । କାରଣ ଆମ ଦେଶରେ କନ୍ୟାସନ୍ତାନକୁ ଯଥେଷ୍ଟ ସମ୍ମାନ ଦିଆ ଯାଉଛି ଏବଂ କନ୍ୟାସନ୍ତାନ ପ୍ରତି କୌଣସି ପ୍ରକାରର ଘୃଣା ବା ହିଂସାତ୍ମକ ମନୋଭାବ ରଖିବାକୁ ବାରଣ କରା ଯାଇଛି । ଅତୀତରେ ଗର୍ଭବତୀ ନାରୀର ଗର୍ଭରେ ଥିବା ସନ୍ତାନର ଲିଙ୍ଗ ନିରୂପଣ କରି କନ୍ୟାସନ୍ତାନ ଜନ୍ମ ହେବା ପୂର୍ବରୁ ଭ୍ରୂଣହତ୍ୟା କରା ଯାଉଥିଲା । ଏବେ କିନ୍ତୁ ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣକୁ ଆଇନ ଅନୁସାରେ ଅପରାଧ ବୋଲି ଧରା ଯାଇଛି । କୌଣସି ପରିସ୍ଥିତିରେ ଶିଶୁକନ୍ୟାକୁ ଅନାଦର କରିବା ଏକ ଅକ୍ଷମଣୀୟ କାର୍ଯ୍ୟ । ଏହା ନିହାତି ଅମାନୁଷିକ ଆଚରଣ । ଆପଣଙ୍କ ଶିଶୁକନ୍ୟା ପ୍ରତି ପରିବାରରେ ଅନ୍ୟମାନେ ଯେପରି ବ୍ୟବହାର ଦେଖାଉଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ । କିନ୍ତୁ ଆପଣ ଏଥିପାଇଁ ଆଇନ୍ ଅଦାଲତର ଆଶ୍ରୟ ନେବା ଆଦୌ ଉଚିତ ହେବନାହିଁ । କାରଣ ଏହାଦ୍ୱାରା ପରିବାରରେ ଆହୁରି ଅଶାନ୍ତି ଓ ସମସ୍ୟା ସୃଷ୍ଟି ହେବ । ଏଣୁ ଆପଣ ଏବେ ଅନ୍ୟମାନଙ୍କର ଆଚରଣ ପ୍ରତି ଧ୍ୟାନ ନ ଦେଇ ନିଜ ଶିଶୁକନ୍ୟାର ଯତ୍ନ ନେବାରେ ମନ ଦିଅନ୍ତୁ ଯେପରିକି ତାର କିଛି ଅସୁବିଧା ନ ହୁଏ । ଆପଣ ହିଁ ଏକମାତ୍ର ବ୍ୟକ୍ତି ଯିଏ ଶିଶୁକନ୍ୟାର ଜୀବନକୁ ସୁରକ୍ଷା ଯୋଗାଇ ଦେବ । ମନ ଭିତରେ ଅଶାନ୍ତି ରହିଲେ ଆପଣ ନିଜ ଝିଅର ଠିକ୍ ଯତ୍ନ ନେଇ ପାରିବେ ନାହିଁ । ଏଥିପାଇଁ ଆପଣ ଅନ୍ୟମାନଙ୍କର ଦୋଷ କାଢିବା ଅବା ସେମାନଙ୍କ ସହିତ ଯୁକ୍ତିତର୍କ କରିବା ଆଦୌ ଉଚିତ କାମ ହେବ ନାହିଁ । ମନ ଭିତରେ ସବୁ ଦୁଃଖକୁ ଚାପି ରଖି ଆନନ୍ଦ ମନରେ ନିଜ ଝିଅର ଲାଳନପାଳନରେ ଧ୍ୟାନ ଦିଅନ୍ତୁ । ସବୁ ପରିସ୍ଥିତିରେ ନିଜ ମନ ଭିତରେ ସକାରାତ୍ମକ ଭାବନା ରଖନ୍ତୁ । ତେବେ ଆପଣଙ୍କର ମନୋବଳ ଓ ଆତ୍ମବିଶ୍ୱାସ ଦୃଢ ରହି ପାରିବ । ଧୈର୍ଯ୍ୟ ରଖିଲେ ଆପଣଙ୍କର ଏହି ସମସ୍ୟାର ସମାଧାନ ପାଇଁ ଅନେକ ବାଟ ମିଳି ପାରିବ । ଯଦି ଭବିଷ୍ୟତରେ ସେମାନେ ଆପଣଙ୍କୁ ବାପ ଘରକୁ ଫେରି ଯିବାକୁ ବାଧ୍ୟ କରନ୍ତି ତେବେ ଆପଣ ଆଇନ ଅଦାଲତର ଆଶ୍ରୟ ନେବେ । ଅନ୍ୟାୟ ବିରୁଦ୍ଧରେ ଲଢେଇ କରିବାର ମନୋବଳ ରଖନ୍ତୁ । ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ରୁହନ୍ତୁ । କିନ୍ତୁ କେବେହେଲେ ବିଚଳିତ ଅବା ବିବ୍ରତ ହୁଅନ୍ତୁ ନାହିଁ ।



▼ପ୍ରାଚୀତାରାଙ୍କ ହସଖୁସିର ପରିବାର

# ଗ୍ରୀଷ୍ମର ମେକ୍‌ଅପ୍



# ଗ୍ରୀଷ୍ମ ଋତୁରେ ମହିଳାଙ୍କ ପାଇଁ କେତୋଟି ଉପାଦେୟ କଥା





**ସସ୍ମିତା ମେହେର**

ବିୟୁଟିସିଆନ୍, ବିବେକାନନ୍ଦ ନଗର, ସୋନ୍‌ପୁର

ଫୋନ : ୯୪୩୭୯୭୭୩୮୭


ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

ଆସିଗଲା ଗ୍ରୀଷ୍ମ ଋତୁ । ନାରୀ ପ୍ରସାଧନରେ ବ୍ୟାଘାତ ସୃଷ୍ଟି କରିବାର ଋତୁଟିଏ ଇଏ । ଯାହା ପିନ୍ଧିବାକୁ ଇଚ୍ଛା ହେଲେ ସେଇଟା ପିନ୍ଧି ହୁଏନି, ମେକ୍‌ଅପ୍ ବି ଠିକ୍‌ଠାକ୍ କରିହୁଏନି କି ଲମ୍ବା ସମୟ ପାଇଁ ରହେନା । କେଶ ମଧ୍ୟ ଖୋଲା ରଖି କିଛି ହେଆର୍ ଷ୍ଟାଇଲ୍ କରି ହୁଏନି । ତଥାପି କିଛିଟା ଉପାୟ ଅବଲମ୍ବନ କଲେ ଆମେ ଏହାର ପ୍ରକୋପରୁ ବର୍ଞ୍ଚି ନିଜକୁ କିଛି ମାତ୍ରାରେ ସଜାଇ ପାରିବା ।





ଗ୍ରୀଷ୍ମ ଋତୁରେ ଶରୀରରୁ ଅତ୍ୟଧିକ ଝାଳ ବାହାରିବା, ଖରା ପାଇଁ ତ୍ୱଚାରେ ସନ୍ ବର୍ଣ୍ଣ ହେବା, ଆଉ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯିବା ସ୍ୱାଭାବିକ କଥା । ସ୍ୱେଦଗ୍ରନ୍ଥି ଗ୍ରୀଷ୍ମ ସମୟରେ ଅତ୍ୟଧିକ କ୍ରିୟାଶୀଳ ହେବା ଫଳରେ ଝାଳ ବାହାରି ପ୍ରାୟତଃ ମେକ୍‌ଅପ୍‌କୁ ଖରାପ କରିଦିଏ । ଏସବୁ ସତ୍ତ୍ୱେ ଆମେ କିପରି ଏହି ସମସ୍ୟାରୁ ବର୍ଞ୍ଚି ସଠିକ୍ ମେକ୍‌ଅପ୍ ନେଇପାରିବା ତାହା ଏବେ ଆଲୋଚନାର ବିଷୟ ।

ପ୍ରଥମତଃ ଆମେ ଏଇ ଋତୁରେ ଦିନରେ ଦୁଇଥର ଥଣ୍ଡା ପାଣିରେ ଗାଧୋଇବା ଉଚିତ । ଗାଧୋଇବା ସମୟରେ ସାବୁନ୍ ଲଗେଇବା । ତା'ପରେ ଦହି, ହଳଦୀ ଆଉ ବେସନ୍‌ର ପ୍ରଲେପ ଲଗେଇ ଦଶ ମିନିଟ୍ ପରେ ଭଲ କରି ଧୋଇ ଦେଇ ଗାଧୋଇବା । ଏମିତି କଲେ ସାରାଦିନ ଫ୍ରେସ୍ ଅନୁଭବ କରିବେ । ଅନ୍ୟଥା ଆପଣ ଚାହିଁଲେ ପାଣିରେ ଆଗରୁ କମଳା ଚୋପା ପକେଇ ରଖି ସେଇ ପାଣିରେ ଗାଧୋଇ ପାରିବେ । ଏହାଛଡ଼ା ପାଣିରେ ଗୋଲାପ ଜଳ, ଗୋଲାପ ପାଖୁଡ଼ା କିମ୍ବା ଚନ୍ଦନ ଏସେନ୍‌ସିଏଲ୍ ଓଏଲ୍ ପକେଇ ଗାଧୋଇଲେ ସାରା ଦିନ ତାଜା ରହିବେ ।

ଏବେ ଆମେ ଯିବା ମେକ୍‌ଅପ୍ ଆଡ଼କୁ । କହିବାକୁ ଗଲେ ଗ୍ରୀଷ୍ମ ଋତୁ ହେଉଛି ବିବାହର ଋତୁ । ଏମିତି କାର୍ଯ୍ୟକ୍ରମରେ ବଧୂ ସହିତ ବିବାହରେ ଯୋଗ ଦେଉଥିବା ପ୍ରତ୍ୟେକ ନାରୀ ସଚେତନ ହୋଇ ଉଠିଥାନ୍ତି ନିଜ ବେଶଭୂଷାକୁ ନେଇ । ସଠିକ୍ ମେକ୍‌ଅପ୍ ନେଇ ଗ୍ରୀଷ୍ମରେ ବି କେମିତି ସୁନ୍ଦର ଦେଖା ଯାଇପାରିବା ତାର କେତୋଟି ଟିପ୍‌ସ୍ ।

- ମୁହଁରେ ମେକ୍‌ଅପ୍ ନେବା ପୂର୍ବରୁ ମୁହଁ ଆଉ ବେକରେ ୧୦ରୁ ୧୫ମିନିଟ୍ ପର୍ଯ୍ୟନ୍ତ ବରଫ ଘଷିବା ଦରକାର । ତାକୁ ନ ପୋଛି ଆପେ ଆପେ ଶୁଖିବାକୁ ଦେବାକୁ ହେବ । ଏହା ଦ୍ୱାରା ଚର୍ମର ଟିସୁ କିଛି ସମୟ ପାଇଁ ଜାକିଜୁକି ହୋଇଯାଏ, ଯାହା ଦ୍ୱାରା ଝାଳ କମ୍ ବାହାରେ ।
- ପାଣି ଶୁଖିବା ପରେ ତୁଳାରେ ଏଷ୍ଟ୍ରିଜେଣ୍ଟ୍ ଲୋସନ୍ ନେଇ ମୁହଁ ଏବଂ ବେକରେ ଲଗେଇବା ଦ୍ୱାରା ଲୋମ ଛିଦ୍ର ବନ୍ଦ ହୋଇ ଝାଳ ବାହାରେନି ।
- ପ୍ରଥମେ ପ୍ରାଇମର୍ ଲଗେଇ ତା'ପରେ ଫାଉଣ୍ଡେସନ ଆଉ ମେକଅପ ଫିକ୍ସଡ଼ କରିବା ପାଇଁ ଫେସ ପାଉଡ଼ର କିମ୍ବା ଲୁଜ ପାଉଡ଼ର ତାପରେ କନ୍ସିଲର ଆଉ ପୁଣି ଥରେ ଫେସ ପାଉଡ଼ର ଲଗେଇବା । ପାଉଡ଼ର ମଧ୍ୟ ଲୋମ ଛିଦ୍ର ବନ୍ଦ କରିଦେଇ ଝାଳ ବାହାରିବା କମ କରିଦିଏ ।
- ତ୍ୱଚାର ରଙ୍ଗକୁ ଦୃଷ୍ଟିରେ ରଖି ଏକ ନମ୍ବର ସେଡ୍ ହାଲ୍‌କା ରଙ୍ଗର କିଣିବା ଉଚିତ । ପ୍ରାଇମର୍ ଲଗେଇବା ପୂର୍ବରୁ ତ୍ୱଚାରେ ମଇଶ୍ଚରାଇଜର୍ ଲଗେଇବା ନିହାତି ଜରୁରୀ । ମଇଶ୍ଚରାଇଜର୍‌ର ଆର୍ଦ୍ରତା କାରଣରୁ ଫାଉଣ୍ଡେସନ୍ ଠିକ୍ ଭାବେ ଲାଖି ରହେ ଓ ଫିକା ପଡ଼େନାହିଁ ।
- ଏଇ ସମରେ ସବୁବେଳେ ଆମେ ଖାଲି ଆଇ ଲାଇନର୍ ଆଉ ମସ୍କରା ୱାଟର୍‌ପ୍ରୁଫ୍ ହିଁ ବ୍ୟବହାର କରିବା ଉଚିତ । କାଜଲ ଜମାରୁ ଲଗେଇବା ନାହିଁ । ଓଠରେ ଲିକ୍ୱିଡ୍ ଲିପ୍‌ଷ୍ଟିକ୍ ଲଗେଇବା ଠିକ୍ ରହିବ ।
- ହେୟାର୍ ଷ୍ଟାଇଲ୍‌ରେ ଆମେ ଚୁଟିକୁ ସବୁ ବେଳେ ଉପରକୁ ନେଇ ହିଁ କରିବା । ବେକରେ ଚୁଟି ଲାଗିଲେ ଅଧିକ ଝାଳ ବାହାରି ଅସୁବିଧା ଲାଗିବ ଆଉ ଚୁଟି ଖୋଲା ରଖିଲେ ବି ଅଧିକ ଗରମ ଅନୁଭୂତ ହେବ । ଚୁଟିକୁ ସପ୍ତାହରେ ଦୁଇଥର ଭଲ କରି ଶାମ୍ପୁ କରେଇ ନେବା ଠିକ୍ ରହିବ । ଅଧିକ ସୁସ୍ଥ ଚୁଟି ପାଇଁ ସପ୍ତାହରେ ଥରେ ଏଲୋଭରା ଜେଲ୍‌ରେ ଲେମ୍ବୁରସ ପକେଇ ହାଲ୍‌କା ମସାଜ୍ କରିବା ପରେ ଦଶ, ପନ୍ଦର ମିନଟ୍ ରଖି ଶାମ୍ପୁ କଲେ ଚୁଟି ଝଡ଼ିବା ବନ୍ଦ ହେବା ସଙ୍ଗେ ମୁଣ୍ଡ ଥଣ୍ଡା ରହିବ ଆଉ କେଶ ମସୃଣ ହେବ ।
- ଝାଳକୁ ନିୟନ୍ତ୍ରଣ କରିବା ପାଇଁ ଯଥା ସମ୍ଭବ ଥଣ୍ଡା ପାନୀୟ ଓ ଖାଦ୍ୟ ପଦାର୍ଥ ସେବନ କରିବା । ସବୁ ବେଳେ ପାଖରେ ସୂତା ରୁମାଲ୍ କିମ୍ବା ଟିସୁ ପେପର୍ ରଖିବା ।

ଯେତେ ସମ୍ଭବ ବ୍ରାଇଡାଲ୍ କିମ୍ବା ପାର୍ଟି ମେକ୍‌ଅପ୍ ଦକ୍ଷ ବ୍ୟୁଟିସିଏନ୍‌ଙ୍କ ଠୁ କରେଇ ନେବା ଭଲ । ସେ ଚେହେରା ଆଉ ତ୍ୱଚାକୁ ଅଧ୍ୟୟନ କରି ସଠିକ୍ ମେକ୍‌ଅପ୍ ଆଉ ହେଆର୍ ଷ୍ଟାଇଲ୍ ଦେଇ ପାରିବେ ।

# ଲକ୍‌ଡାଉନ ଫେଶନ୍ ଟ୍ରେଣ୍ଡ



# ଲକ୍‌ଡାଉନ୍ ଫ୍ୟାଶନ୍



ବର୍ତ୍ତମାନ ସାରା ବିଶ୍ୱରେ ବିଷମ ପରିସ୍ଥିତି । କରୋନା ଲାଗି ସବୁକିଛି ଠପ୍ । ଅତି ଆବଶ୍ୟକ ଥିଲେ ବାହାରକୁ ଯିବା କଥା, ନହେଲେ ୨୪ ଘଣ୍ଟା ଘରେ ରୁହ । କାହାର ଘରେ ରହି ଅଫିସ୍ କାମ କରିବାକୁ ପଡୁଛି ତ ଅନ୍ୟ କେଉଁଠି ଗୋଟେ ଦିନ ଛାଡ଼ି ଗୋଟେ ଦିନ କାମ । ଏହାରି ମଧ୍ୟରେ ଘରେ ରହି ଭିନ୍ନ ଭିନ୍ନ ଏକ୍ସପେରିମେଣ୍ଟରେ ମାତିଛନ୍ତି ଆମ ଯୁବପିଢ଼ି । ଯାହା ବର୍ତ୍ତମାନର ଲକ୍‌ଡାଉନ୍ ଫ୍ୟାଶନ୍ ଭାବେ ବେଶ୍ ପରିଚିତ । ତେବେ ଆସନ୍ତୁ ଜାଣିବା ଏହି 'ଲକ୍‌ଡାଉନ୍ ଫ୍ୟାଶନ୍' କ'ଣ ?



ଲକ୍‌ଡାଉନ୍ ଫ୍ୟାଶନ୍ ଟ୍ରେଣ୍ଡ ନାମ ଶୁଣିଲା ବେଳୁ ମନ ମଧ୍ୟରେ ଏକ ପ୍ରକାର କୌତୂହଳ ଜାତ ହେଉଛି । ହଁ, ଏବେ ସମସ୍ତ ଯୁବପିଢ଼ି ଘରେ ମାତିଛନ୍ତି ଲକ୍‌ଡାଉନ୍ ଫ୍ୟାଶନ୍ ଟ୍ରେଣ୍ଡରେ । ଏହି ଲକ୍‌ଡାଉନ୍ ଫ୍ୟାଶନ୍ ହେଉଛି ଶାଢ଼ି ଚ୍ୟାଲେଞ୍ଜ୍ । ବ୍ଲାକ୍‌ଡ୍ରେସ୍ ହେଉ କି ରେଡ୍‌ଡ୍ରେସ୍‌ରେ ଚ୍ୟାଲେଞ୍ଜ୍, ପାରମ୍ପରିକ କପଡ଼ାରେ ଚ୍ୟାଲେଞ୍ଜ୍ । ଏବଂ ପରିଶେଷରେ ମାସ୍କ କମ୍ପିଟିସନ୍ ।

**ଶାଢ଼ି ଚ୍ୟାଲେଞ୍ଜ୍:** ଜଣେ ଅନ୍ୟ ଜଣଙ୍କୁ ଶାଢ଼ି ଚ୍ୟାଲେଞ୍ଜ୍ ଦେଇ ଫେସ୍‌ବୁକ୍ କିମ୍ବା ହ୍ୱାଟ୍ସଆପ୍‌ରେ ସୁନ୍ଦର ଶାଢ଼ିର ଫଟୋଟି ଅପ୍‌ଲୋଡ୍ କରୁଛି । ଶାଢ଼ି ପିନ୍ଧି ଭିନ୍ନ ଭିନ୍ନ ପୋଜ୍ ଦେଇ ଯେଉଁସବୁ ଫଟୋ ଅପ୍‌ଲୋଡ୍ ହେଉଛି ତାହା କୌଣସି ଫ୍ୟାସନ୍ ଶୋ'ଠୁ କମ୍ ନୁହେଁ । ଏହି ଟ୍ରେଣ୍ଡ ବର୍ତ୍ତମାନ କିମିଆଁ କରୁଛି ଯୁବପିଢ଼ିଙ୍କୁ । ଶାଢ଼ି ନ ପିନ୍ଧୁଥିବା ଝିଅ ବି ବର୍ତ୍ତମାନ ଶାଢ଼ି ପିନ୍ଧି ଫଟୋ ଉଠାଇବାରେ ବ୍ୟସ୍ତ ।



**ଭିନ୍ନ ଭିନ୍ନ ରଙ୍ଗ ଡ୍ରେସ୍‌ର ଚ୍ୟାଲେଞ୍ଜ୍:** କଳା ହେଉ କି ଲାଲ୍ କି ହଳଦିଆ ହେଉ କିମ୍ବା ନୀଳରଙ୍ଗର, ଯେକୌଣସି ଡ୍ରେସ୍ ପିନ୍ଧି ଫଟୋ ସୋସିଆଲ୍‌ନେଟ୍‌ୱର୍କିଂ ସାଇଟ୍‌ରେ ଅପ୍‌ଲୋଡ୍ ପାଇଁ ହେଉଛି ଚ୍ୟାଲେଞ୍ଜ୍ । ଅର୍ଥାତ୍ ଜଣେ ଜଣଙ୍କୁ ଯେକୌଣସି ରଙ୍ଗର ଡ୍ରେସ୍ ପିନ୍ଧି ଷ୍ଟାଇଲ୍‌ରେ ଫଟୋ ଉଠାଇ ଷ୍ଟାଟସ୍‌ରେ ଅପ୍‌ଲୋଡ୍ ପାଇଁ ମେସେଜ୍ କରୁଛି ତା'ପରେ ତ ଆରମ୍ଭ ହୋଇଯାଉଛି ଫଟୋ ସଂକ୍ରମଣ । ଫ୍ୟାଶନ୍ ଶୋ ।

**ପାରମ୍ପରିକ କପଡ଼ାର ଚ୍ୟାଲେଞ୍ଜ୍:** ଏହି ଫ୍ୟାଶନ୍ ଯେ କେବଳ ଝିଅମାନଙ୍କ ମଧ୍ୟରେ ସୀମିତ ତାହା ନୁହେଁ ପୁଅମାନେ ମଧ୍ୟ ଫ୍ୟାଶନ୍ ଟ୍ରେଣ୍ଡରେ ପଛରେ ନାହାଁନ୍ତି । ପାରମ୍ପରିକ କପଡ଼ାର ଚ୍ୟାଲେଞ୍ଜ୍‌ରେ ସେମାନେ କୁର୍ତ୍ତା ଏବଂ ଟ୍ରାଉଜର୍ ପିନ୍ଧି ଅଣ୍ଟା ଭିଡ଼ି ଫଟୋ ଅପ୍‌ଲୋଡ୍‌ର ଚ୍ୟାଲେଞ୍ଜ୍‌କୁ ଗ୍ରହଣ କରୁଛନ୍ତି ।

**ବିବାହ ପୋଷାକର ଚ୍ୟାଲେଞ୍ଜ୍:** ଆଉ କେତେଜଣ ବିବାହ ପୋଷାକରେ ଚ୍ୟାଲେଞ୍ଜ୍ ଦେଇ ବିବାହ ସମୟରେ ସୁନ୍ଦର ଫଟୋ ଅପ୍‌ଲୋଡ୍ କରୁଛନ୍ତି ଯାହା ଦେଖଣାହାରୀଙ୍କ ମନ ମୋହୁଛି । କେଉଁ ଫଟୋରେ କିଏ ଅଧିକ ସୁନ୍ଦର ଲାଗୁଛି ଏବେ ତା'ର ଏକ ପ୍ରତିଯୋଗିତା ଚାଲିଛି ।



**ମ୍ୟାଚିଙ୍ଗ୍ ମାସ୍କ:** ଏହି ଲକ୍ ଡାଉନ୍ ସମୟରେ ମାସ୍କର ଅଧିକ ଗୁରୁତ୍ୱ ରହିଛି । କେଉଁଠି ବି ବାହାରକୁ ଗଲେ ମାସ୍କ୍ ପିନ୍ଧିବା ବାଧ୍ୟତାମୂଳକ ହୋଇଛି । କିନ୍ତୁ ଏହି ମାସ୍କ୍ ବି ଯେ ଫ୍ୟାଶନ୍ ଟ୍ରେଣ୍ଡ୍ ମଧ୍ୟକୁ ଆସିବ, ତାହା ଥିଲା କଳ୍ପନାର ବାହାରେ । ଡ୍ରେସ୍ ସହ ମ୍ୟାଚିଙ୍ଗ୍ ରଙ୍ଗର ମାସ୍କ ଏବେ ଅଧିକ ପିନ୍ଧୁଛନ୍ତି । ଆମ ଓଡ଼ିଶାର ପାରମ୍ପରିକ କପଡ଼ା ସମ୍ବଲପୁରୀ, ପଶାପାଲି ଏବଂ କଟନ୍‌ର ସ୍ୱାସ୍ଥ୍ୟ ହିତକର ପାଇଁ ବିଭିନ୍ନ ରଙ୍ଗରେ ମଧ୍ୟ ମାସ୍କ ତିଆରି କରାଯାଇ ପିନ୍ଧୁଛନ୍ତି ଫ୍ୟାଶନପ୍ରିୟ ଯୁବପିଢ଼ି ।


**ସ୍ନିଗ୍ଧା ତ୍ରିପାଠୀ**

ବିଶ୍ରାନ୍ତୱାଡ଼ି, ପୁନେ, ମହାରାଷ୍ଟ୍ର

ଫୋନ : ୯୩୦୯୧୧୯୬୨୫


ଫଟୋ ସୌଜନ୍ୟ : ଲେଖିକା

## ଯାହା କୁହନ୍ତି ଆମ ଡିଜାଇନର୍



ଏବେ ଲକ୍ ଡାଉନ୍ ସମୟରେ ନିଜକୁ ଆରାମଦାୟକ ଲାଗିବା ଭଳି ମାସ୍କ୍ ପାଇଁ ଏକପ୍ରକାର କମ୍ପିଟିସନ୍ ଚାଲିଛି । ଲୋକେ ଏମିତି ମାସ୍କ୍ ଖୋଜୁଛନ୍ତି, ଯାହାକୁ ଘରେ ଓ ବାହାରକୁ ଗଲେ ମଧ୍ୟ ପିନ୍ଧାଯାଇ ପାରିବ । ଏତଦ୍ ବ୍ୟତୀତ ଆଜିର ପରିସ୍ଥିତିରେ ମ୍ୟାଚିଙ୍ଗ୍ ମାସ୍କ ପ୍ରତି ବେଶି ଆକର୍ଷଣ ବଢ଼ୁଛି । ଭଲ କଥା ।

କିନ୍ତୁ ଏହି ମାସ୍କ୍ ସାଧାରଣତଃ ହ୍ୟାଣ୍ଡଲୁମ୍ କପଡ଼ାରେ ହେଲେ ତ୍ୱଚା ପାଇଁ ସର୍ବୋତ୍ତମ । ମୁଁ ଏବେ ଆର୍ୟୁବେଦିକ୍ ସ୍ତରର ମାସ୍କ୍ ପ୍ରସ୍ତୁତ କରୁଛି । ଯାହାର ଭିତର ପଟର ଗୋଟିଏ ସ୍ତର ନିମ, ହଳଦୀ, ତୁଳସୀ ଏବଂ ରସୁଣଯୁକ୍ତ ରହୁଛି । ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସର୍ବୋତ୍ତମ । ଅଧିକାଂଶ ଯୁବପିଢ଼ି ଏହାକୁ ବେଶି ଭାଗ ପସନ୍ଦ କରୁଛନ୍ତି । ଏହି ଆୟୁର୍ବେଦିକ ମାସ୍କ୍ ମଧ୍ୟ ଆମାଜନ୍‌ରେ ମିଳୁଛି । ହ୍ୟାଣ୍ଡ ପ୍ରିଣ୍ଟେଡ୍ ମାସ୍କ ବି ବହୁତ ଚାଲିଛି । ଏହି ହ୍ୟାଣ୍ଡ ପ୍ରିଣ୍ଟେଡ୍ ମାସ୍କରେ ଆମେ ମାସ୍କ ଉପରେ କିଛି ସ୍ଲୋଗାନ୍ ଦେଇ ଅନ୍ୟକୁ ସଚେତନ ମଧ୍ୟ କରାଇପାରିବା ।



**ଗୁଡ଼୍‌ଲି,** ଡିଜାଇନର, ସଂସ୍ଥାପିକା: 'ମୃଗିକା', ଭୁବନେଶ୍ୱର

# ପୁରୁଷଙ୍କ ପାକଶାଳା

କରୋନା ପାଇଁ ଲକ୍‌ଡାଉନ୍ ଓ ଗୃହବନ୍ଦୀ ଥିବାବେଳେ ଆମ ନଜରକୁ ଆସିଥିବା କିଛି ପୁରୁଷଙ୍କ ରନ୍ଧନ କ୍ରିୟାକୁ ଆମେ ଏଥର 'ରେବତୀ'ର ରୋଷେଇଶାଳକ ନେଇ ଆସିଛୁ । ପରଖି ନିଅନ୍ତୁ ପୁରୁଷଙ୍କ ପାକ-ପ୍ରସ୍ତୁତିର ସୁଆଦ କେତେ ଅଭୁଲା

ଅବିନାଶ



ସ୍ୱୀକୃତ



ଦେବଦତ୍ତ



# ଦୁଇଟି ବ୍ୟଞ୍ଜନ

**ଅବିନାଶ ସାହୁ**
ନିର୍ଦ୍ଦେଶକ: ଓଡ଼ିଆ ହସ୍ତତନ୍ତ କାର୍ନିଭାଲ୍
ସମ୍ପାଦକ: 'ଅୟମାରମ୍ଭ'
ଡେରଙ୍ଗ, କଣିହାଁ, ତାଳଚେର,
ଅନୁଗୁଳ-୭୫୯୧୧୭
ଫୋନ : ୭୦୦୮୪୫୧୮୮୭/
୭୮୭୩୦୭୪୧୪୨

ଫଟୋ ସୌଜନ୍ୟ : ଲେଖକ



▶ଅଭିନାଶ ସାହୁ

## ବରଡ଼ା ଶାଗ ବେସର



**ଆବଶ୍ୟକ ସାମଗ୍ରୀ:** କଅଁଳିଆ ବରଡ଼ା ଶାଗ, ବଟା ବେସର, ବଟା ରସୁଣ ଅଳ୍ପ, ବଟା କଞ୍ଚାଲଙ୍କା, ଗୋଟା ରସୁଣ ଅଳ୍ପ, ଗୋଟା କଞ୍ଚାଲଙ୍କା ଅଳ୍ପ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଲୁଣ, ସୋରିଷ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** କଅଁଳିଆ ବରଡ଼ା ଶାଗ ଭଲ ଭାବରେ ଧୋଇ ଦିଅନ୍ତୁ । ବରଡ଼ା ଶାଗରୁ ଭଲ ଭାବରେ ପାଣି ଛଡ଼େଇ ରୋଷେଇ ପାତ୍ରରେ ରଖନ୍ତୁ ।

ଏବେ ବଟା ବେସର ବଟା ରସୁଣ ଅଳ୍ପ, ବଟା କଞ୍ଚାଲଙ୍କା ଟିକେ, ଗୋଟା ରସୁଣ ଅଳ୍ପ, ଗୋଟା କଞ୍ଚାଲଙ୍କା ଅଳ୍ପ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ ଟିକେ, ଲୁଣ, ସୋରିଷ ତେଲ ବରଡ଼ା ଶାଗ ଥିବା ପାତ୍ରରେ ପକାଇ ଅଳ୍ପ ପାଣି ମିଶାଇ ଗୋଳାନ୍ତୁ । ଏବେ ପାତ୍ର ନିଆଁରେ ବସାଇ ଢାଙ୍କି ଦିଅନ୍ତୁ । ତା'ପରେ ପ୍ରସ୍ତୁତ ହେଇଯିବ ଆପଣଙ୍କ ସ୍ୱାଦିଷ୍ଟ ବରଡ଼ା ଶାଗ ବେସର ।

ବି.ଦ୍ର: ଜାଣି ଖୁସିହେବେ ଯେ ଏଇ ସମାନ୍ ପ୍ରଣାଳୀ ଏବଂ ସାମଗ୍ରୀ ବ୍ୟବହାର କରି ଆପଣ 'ସାରୁ ପିଙ୍କ୍ ବେସର' ଏବଂ 'କଖାରୁ ଡଙ୍କ ବେସର' ମଧ୍ୟ ପ୍ରସ୍ତୁତ କରିପାରିବେ । ପ୍ରସ୍ତୁତ କରି ସମସ୍ତେ ଘରେ ଖାଇବେ । ଆଉ କେମିତି ଲାଗିଲା କହିବେ ।

## ନିମ୍ବପତ୍ର ପିଠା

**ଆବଶ୍ୟକ ସାମଗ୍ରୀ :** କଅଁଳିଆ ନିମ୍ବପତ୍ର, ଘର ତିଆରି ଚାଉଳ ଗୁଣ୍ଡ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ବଟା ରସୁଣ ଅଳ୍ପ, ବଟା କଞ୍ଚାଲଙ୍କା, ଲୁଣ, ସୋରିଷ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ନିମ୍ବ ପତ୍ରକୁ ଭଲ ଭାବରେ ଧୋଇ ଦିଅନ୍ତୁ । ଚାଉଳ ଗୁଣ୍ଡ, ହଳଦୀ ଗୁଣ୍ଡ, ଅଳ୍ପ ଜିରା ଗୁଣ୍ଡ, କଟା ରସୁଣ, ବଟା କଞ୍ଚାଲଙ୍କା ଏବଂ ଲୁଣ ଗୋଟିଏ ପାତ୍ରରେ ରଖନ୍ତୁ । ଏବେ ଅଳ୍ପ ପାଣି ମିଶାଇ ଗୋଳାନ୍ତୁ । ଧ୍ୟାନ ରଖିବେ ପିଠଉ ଯେମିତି ଅଧିକ ବହଳିଆ ନହୁଏ । ତା'ପରେ ନିମ୍ବ ପତ୍ରକୁ ପିଠଉରେ ଗୋଳେଇ ଦିଅନ୍ତୁ । ଏବେ ତାଉଆରେ ସୋରିଷ ତେଲ ପକାନ୍ତୁ । ପିଠଉ ଗୋଳା ନିମ୍ବପତ୍ର ତାଉଆରେ ପିଠା ଭଳି ପକାନ୍ତୁ ପତଳା ପତଳା କରି । ଟିକେ ପରେ ପିଠାକୁ ଓଲଟାଇ ଦିଅନ୍ତୁ । ତା'ପରେ ପ୍ରସ୍ତୁତ ହେଇଯିବ ଆପଣଙ୍କ ସ୍ୱାଦିଷ୍ଟ ନିମ୍ବପତ୍ର ପିଠା । ପିଠାଗୁଡ଼ିକୁ ଛୋଟ ଛୋଟ ଅବା ବଡ଼ବଡ଼ ଆପଣଙ୍କ ପସନ୍ଦ ଅନୁସାରେ କରି ପାରିବେ । କିନ୍ତୁ ପତଳା ପତଳା କରିବେ, ଅଧିକ ସୁଆଦିଆ ଲାଗିବ ।

ବି.ଦ୍ର: ଜାଣି ଖୁସି ହେବେ ଯେ ଏଇ ସମାନ୍ ପ୍ରଣାଳୀ ଏବଂ ସାମଗ୍ରୀ ବ୍ୟବହାର କରି ଆପଣ ୧- ନିମ୍ବପତ୍ର ପିଠା, ୨- ନିମ୍ବ କଢ଼ ପିଠା, ୩- କଳରା ପତ୍ର ପିଠା, ୪- ପୋଇ ପତ୍ର ପିଠା, ୫- ଖମ୍ବଆଳୁ ପତ୍ର ପିଠା, ୬- ବରଡ଼ା ଶାଗ ପିଠା ମଧ୍ୟ ପ୍ରସ୍ତୁତ କରିପାରିବେ । ପ୍ରସ୍ତୁତ କରି ସମସ୍ତେ ଘରେ ଖାଇବେ । ଆଉ କେମିତି ଲାଗିଲା କହିବେ ।



# ଦୁଇଟି ବ୍ୟଞ୍ଜନ

**ଦେବଦତ୍ତ ଜେନା**
ବାଙ୍କି, କଟକ
ଫୋନ : ୭୦୦୮୦୩୫୦୫୦

ଫଟୋ ସୌଜନ୍ୟ : ଲେଖକ



▶ଦେବଦତ୍ତ ଜେନା

## ଟେଷ୍ଟି କ୍ରିସ୍‌ପି ସ୍ୟାଣ୍ଡ୍‌ଉଇଚ୍



**ଆବଶ୍ୟକ ସାମଗ୍ରୀ :** ପାଉଁରୁଟି ୬ ଖଣ୍ଡ, ମଧ୍ୟମ ଆକାରର ଆଳୁ ୩ଟା, ଧନିଆ ଓ ପୋଦିନା ପତ୍ର ଚଟଣି, ଟମାଟୋ, ପିଆଜ, କାକୁଡ଼ି ଓ କ୍ୟାପ୍‌ସିକମ୍ ଗୋଟେ ଲେଖାଏଁ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ୟାନ୍‌ରେ ଅଳ୍ପ ତେଲ ଦେଇ ଜୀରା ଓ ହଳଦୀ ପକାନ୍ତୁ, ହେଇ ଆସିଲେ ସେଥିରେ ସିଝା ଆଳୁକୁ ପକେଇ କଷନ୍ତୁ । ତା'ପରେ ସେଥିରେ ଧନିଆ ପୋଦିନା ଚଟଣି ଦେଇ ଆଉ ଟିକେ କଷି ଦେଇ ସାରିଲା ପରେ ଅଲଗା ରଖି ଦିଅନ୍ତୁ । କଷିଲା ସମୟରେ ଆଉ ଲୁଣ ଦେବାର ଆବଶ୍ୟକତା ନାହିଁ ଯେହେତୁ ଚଟଣିରେ ଆଗରୁ ଲୁଣ ଦିଆ ହେଇଛି । ଗୋଟେ ଖଣ୍ଡ ପାଉଁରୁଟିରେ ଅଳ୍ପ ବଟର୍ ଦେଇ ତା ଉପରେ ଗୋଲ୍ ଗୋଲ୍ ସରୁ ସରୁ (ଲମ୍ବା ଲମ୍ବା ବି କାଟି ପାରନ୍ତି) କଟା ହେଇଥିବା ପିଆଜ, କ୍ୟାପ୍‌ସିକମ୍ ଓ ଟମାଟୋକୁ ସଜେଇ ରଖନ୍ତୁ (ପରିବା ନିଜ ପସନ୍ଦ ମୁତାବକ ଦେଇ ପାରିବେ) ଓ ସେଥିରେ ଅଳ୍ପ ଲୁଣ ଛିଞ୍ଚି ଦିଅନ୍ତୁ । ଆଉ ଗୋଟେ ଖଣ୍ଡ ପାଉଁରୁଟିରେ ମଧ୍ୟ ସେମିତି ଅଳ୍ପ ବଟର୍ ଦେଇ କଟା ହେଇଥିବା କାକୁଡ଼ିକୁ ରଖି ତା ଉପରେ କଷା ହେଇଥିବା ଆଳୁକୁ ସମାନ ଭାବରେ ଦେଇ ଚାପି ଚାପି ଦିଅନ୍ତୁ ଏବଂ ଦୁଇପଟ ଯାକ ପାଉଁରୁଟିକୁ ମୁହାଁମୁହିଁ (ପୁରଦିଆ ହେଇଥିବା ପଟକୁ ଏକାଠି) କରି ଅଳ୍ପ ଟିକେ ଚାପି ଦିଅନ୍ତୁ ଯେମିତି ଦୁଇଟି ଯାକ ପାଉଁରୁଟି ଲାଖିଯିବ । ଏବେ ପ୍ୟାନ୍‌ରେ ଅଳ୍ପ ବଟର୍ ଦେଇ ଗରମ କରନ୍ତୁ, ଗରମ ହେଇ ଆସିଲେ ସେଥିରେ ଅଳ୍ପ ଧଳା ରାଶି ଦେଇ ତା ଉପରେ ପାଉଁରୁଟିକୁ ରଖି ଗୋଟେ ଥାଳିଆ ଘୋଡ଼େଇ ଦିଅନ୍ତୁ ଏବଂ ଥାଳିଆ ଉପରେ ଅଳ୍ପ ଭାରି ଜିନିଷ କିଛି ରଖି ଦିଅନ୍ତୁ ଯେମିତି ପାଉଁରୁଟି ପୁରା ଚାପି ହେଇଯିବ । କିଛି ସମୟ ପରେ ଉପରପଟ ପାଉଁରୁଟିରେ ବଟର ଲଗେଇ ଓଲଟେଇ ଦିଅନ୍ତୁ ଏବେମ ସେମିତି ଥାଳିଆ ଥୋଇ ଚାପି ଦିଅନ୍ତୁ । ଏ ସବୁ ସମୟରେ ଆଞ୍ଚକୁ ଧୀମା ରଖିବେ । କିଛି ସମୟ ପରେ ଚୁଲିରୁ ଓହ୍ଲେଇ ସସ୍ ସହ ଖାଇବାକୁ ଦିଅନ୍ତୁ ଓ ନିଜେ ଖାଆନ୍ତୁ ।

## ରୁଟି କଟଲେଟ୍

**ଆବଶ୍ୟକ ସାମଗ୍ରୀ :** ରୁଟି ୩ ପଟ, ବଡ଼ ପିଆଜ ଗୋଟେ, ମିଡ଼ିଅମ୍ ସାଇଜ୍ ଆଳୁ ୨ଟା, ଗାଜର ୧ଟା, ଅଦା ଛୋଟ ଖଣ୍ଡେ, କଞ୍ଚାଲଙ୍କା ୨ଟା, କର୍ନଫ୍ଲୋର୍ ୨ବଡ଼ ଚାମଚ, ଧନିଆପତ୍ର ଅଳ୍ପ, ଲୁଣ, ହଳଦୀ, ଧଣିଆ ଗୁଣ୍ଡ, ଜୀରା ଗୁଣ୍ଡ ସ୍ୱାଦ ଅନିସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆଳୁକୁ ଦରସିଝା କରି ଦିଅନ୍ତୁ । ତାପରେ ଆଳୁ ଓ ଗାଜର୍‌କୁ ଗ୍ରେଟର୍‌ରେ ଚପ୍ କରି ଅଲଗା ଅଲଗା ରଖନ୍ତୁ । ପିଆଜ, ଅଦା, ଧନିଆପତ୍ର ଓ ଲଙ୍କାକୁ ପୁରା ଛୋଟ ଛୋଟ କରି କାଟନ୍ତୁ । ରୁଟିକୁ ଗ୍ରାଇଣ୍ଡର୍‌ରେ ପୁରା ଗୁଣ୍ଡ ନକରି ଖଦଡ଼ ଖଦଡ଼ କରି ଗ୍ରାଇଣ୍ଡ୍ କରନ୍ତୁ । ଗୋଟେ ପାତ୍ରରେ ସବୁକୁ ମିଶାଇ କର୍ନଫ୍ଲୋର୍ ପକାଇ ଅଟା ଚକଟିଲା ପରି ଧୀରେ ଧୀରେ ଚକଟି ଗୁଳା କରି ରଖନ୍ତୁ । ତାୱାରେ ଅଳ୍ପ ତେଲ ଦେଇ ଗରମ ହେଲା ପରେ, ସେ ଚୁଲାରୁ ଅଳ୍ପ ଅଳ୍ପ ଆଣି ହାତରେ ଟିକେ ତେଲ ଦେଇ ଛୋଟ ଛୋଟ ଗୋଲ୍ ଗୋଲ୍ କରି ତାୱାରେ ସେକନ୍ତୁ ଏବଂ ହେଇଗଲା ପରେ ଟମାଟୋ ସସ୍ ଦେଇ ଗରମ ଗରମ ପରଷି ଦିଅନ୍ତୁ ।



# ସ୍ୱତନ୍ତ୍ର ବ୍ୟଞ୍ଜନ


**ସ୍ୱୀକୃତ ସାହୁ**

ରସୁଲଗଡ଼, ଭୁବନେଶ୍ୱର-୧୦

ଫୋନ : ୭୮୯୪୧୦୪୪୯୪


ଫଟୋ ସୌଜନ୍ୟ : ଲେଖକ



## ପଞ୍ଜାବୀ ତରିଓ୍ୱାଲା ଚିକେନ୍

**ଆବଶ୍ୟକ ସାମଗ୍ରୀ :** ଚିକେନ୍ ୫୦୦ଗ୍ରାମ, ଲୁଣ ସ୍ୱାଦ ଅନୁସାରେ, ଅଦା ରସୁଣ ବଟା, ଭିନେଗାର, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, କାଶ୍ମିରୀ ଲଙ୍କାଗୁଣ୍ଡ. ରିଫାଇନ୍ ତେଲ, ସୋରିଷ ତେଲ, ପିଆଜ ୩ଟା, ଟମାଟୋ ୨ଟା, ଧଣିଆ ପତ୍ର, କଞ୍ଚାଲଙ୍କା ୩ଟା, ରସୁଣ ୬/୭ କୋଲା, ଅଦା ଗୋଟିଏ ପିସ୍, ତେଜପତ୍ର ୨ଟା, ଗୁଜୁରାତି ୪ଟା, ବଡ଼ ଅଳେଇଚ ୨ଟା, ଲବଙ୍ଗ ୪/୫ଟା, ଗୋଲମରିଚ ୮/୯ଟା, ଅଳ୍ପ ଗୋଟା ଜିରା, ଧନିଆ ପାଉଡ଼ର, ଜିରା ପାଉଡ଼ର, ଗରମ ମସଲା, କସ୍ତୁରୀ ମେଥିପତ୍ର, ଚିକେନ୍ ମସଲା ।




**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନ୍‌କୁ ଭଲ ଭାବରେ ଧୋଇଦିଅନ୍ତୁ । ଧୁଆ ହୋଇଥିବା ଚିକେନ୍‌କୁ ମେରିନେଟ୍ କରନ୍ତୁ । ମେରିନେଟ୍ କରିବା ପାଇଁ ଚିକେନ୍‌ରେ ସ୍ୱାଦ ଅନୁସାରେ ଲୁଣ, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଅଦା ରସୁଣ ପେଷ୍ଟ, ସୋରିଷ ତେଲ ଓ ଭିନେଗାର ଦେଇ ଭଲ ଭାବେ ଗୋଳାନ୍ତୁ । ମେରିନେଟେଡ୍ ଚିକେନ୍‌କୁ ରେଫ୍ରିଜେରେଟର୍‌ରେ ଘଣ୍ଟେ ରଖି ଦିଅନ୍ତୁ । ସେଇ ସମୟ ଭିତରେ ପିଆଜ, ଟମାଟୋ, ଧଣିଆ ପତ୍ର, ଶୁଖିଲା ଲଙ୍କା, ଅଦା ଓ ରସୁଣକୁ ଭଲ ଭାବରେ ଧୋଇ ଖଣ୍ଡ ଖଣ୍ଡ କରି କାଟି ରଖନ୍ତୁ ।

ଘଣ୍ଟେ ପରେ ମେରିନେଟେଡ୍ ଚିକେନ୍‌କୁ ରେଫ୍ରିଜେରେଟର୍‌ରୁ ବାହାର କରନ୍ତୁ ଓ ରିଫାଇନ୍ ତେଲକୁ କଡ଼େଇରେ ଅଳ୍ପ ଢାଳି ହାଇ ଫ୍ଲେମ୍ ଦେଇ ଚିକେନ୍‌କୁ ଦୁଇ ମିନିଟ୍ ପାଇଁ ଫ୍ରାଏ କରନ୍ତୁ । ଚିକେନ୍ ଫ୍ରାଏ କଲେ ତା ଉପରେ କରା ଯାଇଥିବା ମେରିନେସନ୍ ଭଲଭାବେ ବସିଯିବ । କଡ଼େଇରେ ଥିବା ବଳକା ତେଲରେ ତେଜପତ୍ର, ଗୁଜୁରାତି, ବଡ଼ ଅଳେଇଚ, ଲବଙ୍ଗ, ଗୋଲମରିଚ ଓ ଜୀରା ଦେଇ ଭାଜନ୍ତୁ । ଗୋଟା ମସଲା ଟିକେ ଭାଜି ହୋଇଗଲା ପରେ ସେଥିରେ ଲଙ୍କା, ଅଦା ଓ ରସୁଣ ଦେଇ ଟିକେ ସମୟ ପାଇଁ ପୁଣି ଭାଜନ୍ତୁ । ଏହାପରେ କଟା ପିଆଜ ଦେଇ ଆଉଥରେ ଭଲ ଭାବେ ଭାଜନ୍ତୁ । ପିଆଜ ଭଜା ହୋଇଗଲା ପରେ ସେଥିରେ କଟା ଟମାଟୋ ଓ ଲୁଣ ଦେଇ ଭଲ ଭାବେ ଗୋଳାନ୍ତୁ । ଗୋଳେଇ ସାରି ତାକୁ ୫ ମିନିଟ୍ ପାଇଁ ଢାଙ୍କି ସିଝିବାକୁ ଛାଡ଼ି ଦିଅନ୍ତୁ । ୫ ମିନିଟ୍ ପରେ ଘୋଡ଼ଣି ଉଠାଇ ସେଥିରେ କଟା ଧଣିଆ ପତ୍ର ପକାନ୍ତୁ ଓ ତାକୁ ମଧ୍ୟ ମିଶାନ୍ତୁ । ଆଉ ୫ ମିନିଟ୍ ଢାଙ୍କୁଣୀ ଦେଇ ଘୋଡ଼େଇକି ସିଝାନ୍ତୁ । ଯେତେବେଳେ ସେହି ମିଶ୍ରଣରୁ ତେଲ ଅଲଗା ହୋଇଯିବ ଓ ଭଲଭାବେ ସିଝିଯିବ ତାପରେ ତାକୁ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ । ସେ ମିଶ୍ରଣ ଥଣ୍ଡା ହେଲା ପରେ ସେଥିରେ ଟିକେ ପାଣି ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରନ୍ତୁ ।

ଏବେ କଡ଼େଇରେ ସୋରିଷ ତେଲ ଢାଳନ୍ତୁ । ତେଲ ଗରମ ହୋଇଗଲା ପରେ ସେଥିରେ କାଶ୍ମିରୀ ଲଙ୍କା ଗୁଣ୍ଡ ଦେଇ ଭାଜନ୍ତୁ । ତାପରେ ଆଗରୁ ପ୍ରସ୍ତୁତ ହୋଇଥିବା ମସଲାକୁ ସେଥିରେ ପକାନ୍ତୁ । ସେହି ମସଲାରେ ଧଣିଆ ଗୁଣ୍ଡ ୨ ଛୋଟ ଚାମୁଚ, ହଳଦୀ ଗୁଣ୍ଡ ଅଧ ଚାମୁଚ ଓ ଜୀରା ଗୁଣ୍ଡ ୧ ଚାମୁଚ ଦେଇ ଗୋଳାନ୍ତୁ । ମସଲା ଫୁଟିବା ଆରମ୍ଭ କଲେ ସେଥିରେ ଚିକେନ୍ ପକାନ୍ତୁ । ଚିକେନ୍ ସହିତ ଟିକେ ପାଣି ମଧ୍ୟ ଦିଅନ୍ତୁ ଓ ସବୁ ଜିନିଷକୁ ଭଲ ଭାବରେ ଗୋଳାନ୍ତୁ । ଗୋଳେଇ ସାରିଲା ପରେ ସେଥିରେ ଗରମ ମସଲା ଗୁଣ୍ଡ, କସ୍ତୁରୀ ମେଥିପତ୍ର ଓ ଚିକେନ୍ ପାଉଡ଼ର ମିଶାନ୍ତୁ ଓ ଘୋଡ଼ାଇ ୧୫ ମିନିଟ୍ ପାଇଁ ତାକୁ ମିଡ଼ିଅମ୍ ଫ୍ଲେମ୍‌ରେ ଛାଡ଼ି ଦିଅନ୍ତୁ । ପନ୍ଦର ମିନିଟ୍ କୁକ୍ ହେଲା ପରେ ଟିକିଏ ଓଲଟପାଲଟ କରି ଆଉ ପାଞ୍ଚ ଛଅ ମିନିଟ ଚୁଲିରେ ବସିବାକୁ ଛାଡ଼ି ଦିଅନ୍ତୁ । ଏବେ ପଞ୍ଜାବୀ ତରିଓ୍ୱାଲା ଚିକେନ୍ ପ୍ରସ୍ତୁତ ହୋଇଗଲା । ଏହାକୁ ଗରମ ଗରମ ଭାତ ବା ତାଓ୍ୱା ରୁଟି ସହ ଖାଆନ୍ତୁ ଓ ଖୁଆନ୍ତୁ ।

# ସୁକୁମାରୀ ସନ୍ମୀରା



# ଅଭିନୟକୁ ନିଷ୍ଠାର ସହ କଲେ କ୍ୟାରିୟର୍ କରିହେବ : ସନ୍ମୀରା





ସାକ୍ଷାତ୍ : ଶ୍ରୀଗୋବିନ୍ଦ ଓ କୃଷ୍ଣ କୁମାର ମହାନ୍ତି
ଫଟୋ ସୌଜନ୍ୟ : ଗୁଗୁଲ୍



ଓଡ଼ିଆ ସିନେମାର ସେ ସୁନା ଚଢ଼େଇ । ଅଗଣିତ ଦର୍ଶକଙ୍କ ପାଇଁ ଏକ କଥାକୁହା କଣ୍ଢେଇ । ଆଖି ବି ତାଙ୍କର କଥା କହେ । ହସରେ ଥାଏ ହଜେଇ ଦେବାର ଚାବିକାଠି । ମନ ଭିତରେ ଅନେକ କଦମ୍ବର କଢ଼ି । କେବେ ନିଷ୍ପାପ ଶିଶୁଟିଏ ପରି ତ କେବେ ପୁଣି ପୁଖତ ପରୀଟିଏ ହୋଇ ସେ ଭୁଲେଇ ଦିଅନ୍ତି ଦୁଃଖ ଓ ଅବଶୋଷ । ସେ ହେଲେ ଆମ ସିନେମାର ସୁକୁମାରୀ ସନ୍ମୀରା । ସନ୍ମୀରା ନାଗେଶ୍ । ବୟସ ମାତ୍ର ଅଠର । କିନ୍ତୁ ନାୟିକା ଭାବରେ ବେଶ୍ ସୁନାମ ରହିଛି ତାଙ୍କର । ଏକଥା ବୋଧେ ଖୁବ୍ କମ୍ ଲୋକ ଜାଣିଥିବେ ଯେ, ସନ୍ମୀରା ଜଣେ ଶିଶୁ କଳାକାର ଭାବରେ ହିଁ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପ୍ରବେଶ କରିଥିଲେ । ସେ ଚଳଚ୍ଚିତ୍ରଟି ଥିଲା 'ସୁନା ଚଢ଼େଇ ମୋ ରୂପା ଚଢ଼େଇ' । ଅବଶ୍ୟ ଦ୍ୱିତୀୟ ଚଳଚ୍ଚିତ୍ର 'ଆଲୋ ମୋର କଣ୍ଢେଇ' ରେ ମଧ୍ୟ ସେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ । ସେତେବେଳେ ସେ ନବମ ଶ୍ରେଣୀର ଛାତ୍ରୀ । କିଛି କାଳର ନୀରବତା ପରେ ସନ୍ମୀରା ଚାଲିବା ଆରମ୍ଭ କଲେ ସପନର ପଥେ ପଥେ । ହଁ ଏହି 'ସପନର ପଥେ ପଥେ' ହିଁ ତାଙ୍କୁ ଅମ୍ଲାନଙ୍କ ବିପକ୍ଷରେ ନାୟିକା ହେବାର ସୁଯୋଗ ଆଣି ଦେଇଥିଲା । ତାପରଠୁ ସନ୍ମୀରା ଆଉ ଅଟକି ଯାଇନାହାଁନ୍ତି । ଆଜି ସେ ବେଶ୍ ସୁଖ୍ୟାତ ଓ ନିଜ ଅଭିନୟ ପ୍ରତିଭାରେ ସଫଳତମା । 'ଲୈଲା ଓ ଲୈଲା' ଚଳଚ୍ଚିତ୍ରରେ ସ୍ୱରାଜଙ୍କ ସହିତ ନାୟିକା ଭାବରେ ଅଭିନୟ କରି ସନ୍ମୀରା ତାଙ୍କ ପ୍ରତିଭାର ପ୍ରମାଣ ଦେଇସାରିଛନ୍ତି । ଏହା ପରେପରେ ବାବୁସାନ୍ଙ୍କ ବିପକ୍ଷରେ ମଧ୍ୟ 'ଲୋକାଲ୍ ଟୋକା ଲଭ୍ ଚୋଖା'ରେ ସନ୍ମୀରା ଅଭିନୟ କରିଛନ୍ତି । ବେଶ୍ ଷ୍ଟାଇଲିଶ୍ ଓ ଫ୍ୟାସନ୍ ପ୍ରିୟ ସନ୍ମୀରା ଏକ ସୁନ୍ଦର ପରିବାରରୁ ଆସିଛନ୍ତି । ତେଣୁ ତାଙ୍କର ଜୀବନଚର୍ଯ୍ୟା ଶୃଙ୍ଖଳା ଓ ଆଦର୍ଶରେ ତିଆରି । ଜଣେ ଭଲ ଅଭିନେତ୍ରୀ ହେବା ସହ ଜଣେ ଆଇପିଏସ୍ ଅଫିସର୍ ହେବାର ଇଚ୍ଛା ରଖିଥିବା ସନ୍ମୀରା ବେଶ୍ ଖାଦ୍ୟପ୍ରିୟ ମଧ୍ୟ । ତାଙ୍କର ଡାକ ନାଁ ହେଉଛି ସିଆ । ବାରିପଦାରେ ଜନ୍ମ ଗ୍ରହଣ କରିଥିବା ସନ୍ମୀରା ବାରିପଦାର ବିଦ୍ୟାମନ୍ଦିରରୁ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ପାଠ ପଢୁଛନ୍ତି । ତାଙ୍କ ସହିତ 'ରେବତୀ'ର ଏକ ସ୍ୱତନ୍ତ୍ର ଆଳାପ... ।





**▼ଆକ୍ଟିଂ କରିବାକୁ ନିଜର ଇଚ୍ଛା ଥିଲା ନା କାହାର ପ୍ରେରଣାରେ ଆସିଲେ ?**

▶ଛୋଟବେଳୁ ମୋର ବାବା ଓ ମାମାଙ୍କର ଇଚ୍ଛା ଥିଲା ଯେ ମୁଁ ଅଭିନୟ କରେ । ସେଇ ହେତୁ ମୋତେ ଚାଇଲ୍ଡ ଆର୍ଟିଷ୍ଟ୍ ଭାବରେ ଅଭିନୟ କରିବାର ସୁଯୋଗ ମିଳିଥିଲା । ମୁଁ ଅଭିନୟ ସେହି ସମୟରୁ ଆରମ୍ଭ କରିଥିଲେ ବି ପଢ଼ାପଢ଼ି କାରଣରୁ ମଝିରେ ଅଭିନୟ ଠାରୁ ଦୂରେଇ ରହିଥିଲି । ତା'ପରେ ହଠାତ୍ ମୋତେ ମେଜର୍ ରୋଲ୍‌ରେ ସିନେମାରେ ବ୍ରେକ୍ ମିଳିବାରୁ ମୁଁ କମ୍‌ବ୍ୟାକ୍ କରିଥିଲି ।

**▼ପାଠପଢ଼ାକୁ ଓ ଅଭିନୟକୁ ନେଇ କେମିତି ସିରିୟସ୍ ରହିବାକୁ ପଡ଼େ ? ସମୟର ଅଭାବ ଦେଖାଯାଏ କି ?**

▶ଉଭୟକୁ ନେଇ ମୋତେ ସିରିୟସ୍ ରହିବାକୁ ପଡ଼େ । ଯେତେବେଳେ ପାଠପଢ଼ା ଥାଏ, ତାକୁ ଠିକ୍ ଭାବରେ ତୁଲାଇ ଥାଏ । ଯେତେବେଳେ ଆକ୍ଟିଂ କରିବାକୁ ଥାଏ, ତାହାକୁ ବି ସମୟ ଅନୁସାରେ ମ୍ୟାନେଜ୍ କରେ । ତେଣୁ ମୋତେ ଉଭୟକୁ ନେଇ ଚାଲିବାରେ ସେମିତି ବିଶେଷ କିଛି ଅସୁବିଧା ନଥାଏ ।

**▼ଜଣେ ଅଭିନେତ୍ରୀ ହିସାବରେ ପ୍ରତିଷ୍ଠିତ ହେବା ପାଇଁ ଘରେ କାହାକୁ ଓ ଇଣ୍ଡଷ୍ଟ୍ରୀରେ କାହାକୁ ବେଶି ଶ୍ରେୟ ଦେବେ ?**

▶ଅଭିନେତ୍ରୀ ହିସାବରେ ପ୍ରତିଷ୍ଠିତ ହେବାର ଶ୍ରେୟ ଘରେ ମୋର ମାଆବାପା ତଥା ପରିବାରର ସମସ୍ତ ସଦସ୍ୟଙ୍କୁ ଦେବି, କାରଣ ସେମାନେ ମୋ ପାଇଁ ସବୁପ୍ରକାର ସ୍କୋପ୍ ତିଆରି କରିଛନ୍ତି । ପ୍ରଥମେ ସିନେମା ଲାଇନ୍‌କୁ ଆଣିଥିବା ଚଣ୍ଡି ପରିଜା ସାର୍ ଓ ତା'ପରେ ମୋତେ ବ୍ରେକ୍ ଦେଇଥିବା ସୁଶାନ୍ତ ମଣି ସାର୍‌ଙ୍କୁ ମୁଁ ଅଧିକ ଶ୍ରେୟ ଦେବି । ସବୁଠୁ ବେଶି ଶ୍ରେୟ ଦେବି ଦର୍ଶକଙ୍କୁ, ଯେଉଁମାନେ ମୋତେ ଭଲ ପାଇବା ଦେଇଛନ୍ତି ଓ ଅଭିନେତ୍ରୀ ହିସାବରେ ଗ୍ରହଣ କରିଛନ୍ତି ।

**▼ଓଡ଼ିଆ ସିନେମା ଅପେକ୍ଷା ଦୂରଦର୍ଶନ ଧାରାବାହିକରେ ଦର୍ଶକ ଅଧିକ ବୋଲି ଭାବୁଛନ୍ତି କି ? ଯଦି ଧାରାବାହିକରେ ସୁଯୋଗ ମିଳେ କରିବେ କି ?**

▶ସେମିତି କିଛି କାରଣ ନାହିଁ । ସିନେମା ହେଉ କି ସିରିଏଲ୍, ଯେଉଁଠି କାହାଣୀ ଭଲ ଥିବ, ଦର୍ଶକମାନେ ହିଁ ସେଇଆକୁ ବେଶି ପସନ୍ଦ କରିଥାନ୍ତି । ଯଦି ଭଲ ସ୍କ୍ରିପ୍ଟ ଥିବା ସିରିଏଲ୍ ଅଫର୍ ମିଳିଲା, ଅଭିନୟ କରିବି ।

**▼ପ୍ରଥମେ କେଉଁ ସିନେମା ଓ କିଏ ଏଣ୍ଟ୍ରି କରିବାକୁ ସାହାଯ୍ୟ କରିଥିଲେ ?**

▶ମୋତେ ଶିଶୁ କଳାକାର ହିସାବରେ 'ସୁନା ଚଢ଼େଇ ମୋ ରୂପା ଚଢ଼େଇ'ରେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା । ଚଣ୍ଡି ପରିଜା ସାର୍ 'ଟୁଆଁଟୁଇଁ' ନାମରେ ଏକ ସୋ କରି ଥିଲେ । ଯେଉଁଥିରେ ଅନେକଗୁଡ଼ିକ ପିଲା ଭାଗ ନେବାକୁ ଆସିଥିଲେ । କିନ୍ତୁ ମୋ ଉପରେ ତାଙ୍କର ନଜର ପଡ଼ିଥିଲା । ମୋତେ ଶିଶୁ କଳାକାର ଭାବରେ ଅଭିନୟର ସୁଯୋଗ ଦେଇଥିଲେ ।

**▼ସିନେମାରେ ପ୍ରଥମ ଏଣ୍ଟ୍ରି ବେଳେ ସେମିତି ବିଶେଷ କିଛି ନର୍ଭସ୍ ହୋଇଯାଇଥିଲେ କି ? ନିଜକୁ ସିନେମା ସହିତ କେମିତି ଆଡ୍‌ଜଷ୍ଟ୍ କରି କ୍ୟାରେକ୍ଟରକୁ ଜଷ୍ଟିସ୍ ଦେବାକୁ ଚାହିଁଲେ ?**

▶ବାସ୍ତବରେ ଛୋଟ ଥିଲାବେଳେ ସେମିତି କିଛି ନର୍ଭସ୍‌ନେସ୍ ଅନୁଭବ କରିପାରୁ ନଥିଲି । କିନ୍ତୁ ବଡ଼ ହେଲା ପରେ ମୋତେ ବେଳେବେଳେ ନର୍ଭସ ଲାଗୁଥିଲା, ଏଇଥିପାଇଁ ଯେ ମୋତେ ଯେଉଁ ଭୂମିକାରେ ଅଭିନୟ କରିବାକୁ ଦିଆ ଯାଉଥିଲା, ସେଥିରେ ମୋର ଆକ୍ଟିଂକୁ ଠିକ୍ ଭାବରେ ନିଭାଇ ପାରୁଛି କି ନାହିଁ, ତାହା ସିନେମାର ମୋସନ୍ ଅନୁସାରେ କ୍ୟାରେକ୍ଟର ଜଷ୍ଟିସ୍ ପାଇପାରୁଛି କି ନାହିଁ ଧ୍ୟାନ ଦେବାକୁ ପଡୁଥିଲା ।



ଅବଶ୍ୟ ଧିରେ ଧିରେ ବିଭିନ୍ନ କଥା ବୁଝିଲା ପରେ ଏବେ ସହଜ ହୋଇ ଯାଇଛି । ନିର୍ଦ୍ଦେଶକ କ୍ୟାରେକ୍ଟର, କାହାଣୀ, ସ୍କ୍ରିପ୍ଟକୁ ବୁଝାଇ ଦେବା ପରେ ମୁଁ ଅଭିନୟରେ ଜଷ୍ଟିସ୍ ଦେବାକୁ ସବୁବେଳେ ଚେଷ୍ଟା କରେ ।

**▼ଦର୍ଶକ ଯେତେବେଳେ ଅତି ପାଖରୁ ଦେଖି ଅଟୋଗ୍ରାଫ୍ କି ସେଲ୍‌ଫି ନେବାକୁ ଚାହାଁନ୍ତି, କେମିତି ଲାଗେ ସେତେବେଳେ ?**

▶ଜଣେ କଳାକାରର ସବୁଠୁ ବଡ଼ ପୁରସ୍କାର ହେଉଛି ଲୋକମାନଙ୍କର ଭଲପାଇବା । ଯଦି ଲୋକମାନେ ଅଟୋଗ୍ରାଫ୍ କି ସେଲ୍‌ଫି ନେବାକୁ ଚାହୁଁଛନ୍ତି, ତା'ହେଲେ ଜଣେ କଳାକାରକୁ ନିଶ୍ଚିତ ଭାବରେ ଖୁସି ଦେଇଥାଏ । ମୋତେ ବି ସେମିତି ଦର୍ଶକଙ୍କୁ ପାଖରୁ ପାଇଲେ, ଖୁସି ଲାଗେ ।

**▼ସିନେମାରୁ ପାଉଥିବା ପାରିଶ୍ରମିକକୁ ନେଇ ଜଣେ କ୍ୟାରିୟର୍ କରିପାରିବ ବୋଲି ଭାବୁଛନ୍ତି କି ?**

▶କ୍ୟାରିୟର୍ କରିହେବ ନାହିଁ କାହିଁକି ! ଯେକୌଣସି କାମ ନିଷ୍ଠାର ସହକାରେ କଲେ କ୍ୟାରିୟର୍ କରିବା କିଛି କଷ୍ଟକର ନୁହେଁ ।

**▼ଓଡ଼ିଆ ସିନେମାର କଣ ଏମିତି ଅଭାବ ରହିଛି, ଯାହାଫଳରେ ଦର୍ଶକ କମିଯାଉଛନ୍ତି ବୋଲି କଥା ଉଠିଛି- ଆପଣଙ୍କ ନିଜସ୍ୱ ମତ କଣ ?**

▶ଓଡ଼ିଆ ସିନେମାରେ ଦର୍ଶକ କମିବାର ମୂଳ କାରଣ କାହାଣୀର ଅଭାବ ବୋଲି ସମସ୍ତେ ଜାଣନ୍ତି । ଭଲ କାହାଣୀ ହୋଇପାରିଲେ, ଦର୍ଶକ ପୁଣି ସିନେମାକୁ ମୁହଁ ଫେରାଇବାରେ କିଛି ଅସୁବିଧା ନାହିଁ ।

**▼ଓଡ଼ିଆରେ କେଉଁ କଳାକାରଙ୍କୁ ଆଦର୍ଶ ବୋଲି ଭାବିବେ ?**

▶ସମସ୍ତଙ୍କ ଠାରୁ କିଛି କିଛି ଜିନିଷ ଶିଖିବାକୁ ମିଳିଥାଏ । ତେଣୁ ଜଣେ କଳାକାରଟିଏ ହେବା ପଛରେ ଅନେକ ଲୋକଙ୍କ ହାତ ରହିଥାଏ । ସେଇମାନେ ହିଁ ମୋର ଆଦର୍ଶ ।

**▼ଅଭିନୟରେ ରହିବେ ନା କୌଣସି ଜବ୍ ଅଫର ମିଳିଲେ କରିବେ ?**

▶ଯେମିତି ପାଠପଢ଼ା ଓ ଅଭିନୟକୁ ନେଇ ବର୍ତ୍ତମାନ ସମୟ ଚାଲିଛି, ସେମିତି ଜବ୍ ଓ ଅଭିନୟକୁ ନେଇ ଆଗକୁ ଯାଇ ପାରିବି ବୋଲି ଭାବୁଛି ।

**▼ସିନେମା ପ୍ରମୋଶନ୍‌ରେ କଳାକାରଙ୍କ ଭୂମିକା ରହିଛି ବୋଲି ଭାବୁଛନ୍ତି କି ?**

▶ସିନେମାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ ପ୍ରମୋଶନ୍ ହିଁ ମୁଖ୍ୟ ବିଷୟ । ଯଦି ସିନେମାର ପ୍ରମୋଶନ୍ ନହୁଏ, ଲୋକମାନେ କେମିତି ଜାଣିବେ ଯେ ଭଲ ସିନେମାଟିଏ ବଜାରକୁ ଆସୁଛି ବୋଲି ! ତେଣୁ ସିନେମା ଭଲ ଚାଲିବାରେ ପ୍ରମୋଶନ୍ ଏକ ବିଗ୍ ପାର୍ଟ ।

**▼ଅଭିନୟ କାହା ଠାରୁ ଶିଖିଛନ୍ତି ନା ଅଭିନୟ କରୁ କରୁ ଏମିତି ମନକୁ ହୋଇ ଯାଇଛି ?**

▶ମୁଁ କହିବି ଯେ ଏହା ମୋ ପାଇଁ ଭଗବାନଙ୍କ ଦାନ । ମୁଁ ଅଭିନୟ କରିବା ଭିତରେ ନିଜକୁ ପଲିସ୍ଡ୍ କରିବା ଓ ଡିରେକ୍ଟରଙ୍କ ଗାଇଡାନ୍ସ ମାନି ଅଭିନୟକୁ ଧିରେ ଧିରେ ଭଲ କରିବାକୁ ଚେଷ୍ଟା କରୁଛି ।

**▼ଆଗାମୀ ଦିନରେ ସିନେମାକୁ ନେଇ କଣ ପ୍ଲାନିଂ ରହିଛି ?**

▶ମୋ ପାଇଁ ଭିନ୍ନ କ୍ୟାରେକ୍ଟର୍ ଓ କାହାଣୀକୁ ନେଇ ଭଲ ସିନେମା ଆସୁ, ମୁଁ ଆଗକୁ ଯିବାକୁ ଚେଷ୍ଟା କରେ, ଏହା ହିଁ ମୋର ପ୍ଲାନିଂ ।

**▼କେଉଁ କଳାକାରଙ୍କ ସହ ଅଭିନୟ କରିପାରି ନାହାନ୍ତି ବୋଲି ସେମିତି ଅବସୋସ ରହିଛି କି ?**

▶ନା, ସେମିତି କିଛି ଭାବି ନାହିଁ ।

**▼ସବୁଠୁ ବଡ଼ ସପୋର୍ଟ କିଏ ଦିଅନ୍ତି, କାହାକୁ ସଫଳତାର ଶ୍ରେୟ ଦେବେ ?**

▶ମୋ ସଫଳତା ପଛରେ ମୋ ବାବା ଓ ମାଆଙ୍କୁ ଯେତିକି ଶ୍ରେୟ ଦେବି, ଦର୍ଶକଙ୍କୁ ବି ସେତିକି ଦେବି ।

## ସ୍ୱଳ୍ପରେ ସନ୍‌ମୀରା



ନାମ : **ସନ୍‌ମୀରା ନାଗେଶ(ଶିୟା)**
ଜନ୍ମ : **ଜାନୁଆରୀ ୨୦୦୨**
ଜନ୍ମସ୍ଥାନ : **ବାରିପଦା**
ପିତା : **ପ୍ରକାଶ ଚନ୍ଦ୍ର ସାହୁ**
ମାତା : **ବୈଜୟନ୍ତୀ ଦାଶ**
ପ୍ରିୟ ମଣିଷ : **ବାପାମାଆ**
ପ୍ରିୟ ଦିବସ : **ସବୁଦିନ**
ପ୍ରିୟ ସ୍ଥାନ : **ବାରିପଦା**
ପ୍ରିୟ ରଙ୍ଗ : **କଳା, ନାଲି, ଧଳା**
ପ୍ରିୟ ଖାଦ୍ୟ : **ଖିଚୁଡ଼ି**
ପ୍ରିୟ ଗୀତ : **ସବୁଗୀତ**
ପ୍ରିୟ ସିନେମା : **ବ୍ଲାକ୍**
ପ୍ରିୟ କଳାକାର : **ଅନେକ ଅଛନ୍ତି**
**ଅଭିନୀତ ସିନେମା : ଶିଶୁ କଳାକାର ଭାବେ**
ସୁନା ଚଢ଼େଇ ମୋ ରୂପା ଚଢ଼େଇ, ଆଲୋ ମୋର କଣ୍ଢେଇ, ଶପଥ
**ନାୟିକା ଭାବେ**
ସପନର ପଥେ ପଥେ, ଲୈଲା ଓ ଲୈଲା, ଲଭ୍ ଏକ୍ସପ୍ରେସ୍, ଲୋକାଲ୍ ଟୋକା ଲଭ୍ ଚୋଖା



# ଲେଖକର ଲକ୍ଷ୍ମଣରେଖା

ଆଜିର 'ଫ୍ରିଡମ୍ ଅଫ୍ ଏକ୍ସପ୍ରେସନ୍' ସମୟରେ 'ଲକ୍ଷ୍ମଣରେଖା' ପରି ଏକ ମାନସିକତା ଅନେକଙ୍କ ପାଇଁ ଭ୍ରୂକୁଂଚନର ହେତୁ ହୋଇପାରେ । କିନ୍ତୁ ଲେଖକମାନଙ୍କ ପାଇଁ ଲକ୍ଷ୍ମଣରେଖା ରହିବାର ଆବଶ୍ୟକତା ଅଛି କି ନାହିଁ, ତାହା ଏକ ଅବଶ୍ୟମ୍ଭାବୀ ପ୍ରଶ୍ନବାଚୀ ହୋଇ ଠିଆ ହୋଇଛି ଆଜିର ସମୟରେ । ଆମେ ଯେଉଁମାନେ ଗଳ୍ପ କି କବିତା ଲେଖୁଛୁ, ଅବା ଯେକୌଣସି ସର୍ଜନାତ୍ମକ ସୃଷ୍ଟିସମ୍ଭାରରେ ମନୋନିବେଶ କରିଛୁ, ଆମ ପାଇଁ କୌଣସି ସୀମାବଦ୍ଧତା ନାହିଁ ବା ଆମେ କୌଣସି ଲକ୍ଷ୍ମଣରେଖା ଭିତରେ ଆବଦ୍ଧ ନୋହୁଁ- ଏପରି ଏକ ଧାରଣା ହୁଏତ ଆମମାନଙ୍କ ଭିତରେ ରହି ଥାଇପାରେ । ରହିବା ସ୍ୱାଭାବିକ ମଧ୍ୟ । କିନ୍ତୁ ଥରେ ଭାବି ଦେଖନ୍ତୁ ତ, ପ୍ରତ୍ୟେକଟି ବେଲଗାମ୍ କାର୍ଯ୍ୟର ପରିଣତି କେବେ କ'ଣ ମଙ୍ଗଳକାରୀ ହୋଇଛି ନା ତାହା କେଉଁ ଭଲ ଦିଗ ଆଡ଼କୁ ଘେନିଯାଇଛି । ପ୍ରତ୍ୟେକଟି କ୍ଷେତ୍ରରେ ଥାଏ ଏକ ସୀମାବଦ୍ଧତା ବା 'ଲିମିଟେସନ୍' । ସାହିତ୍ୟରେ ଲେଖାଲେଖି କରୁଥିବା ଆମେମାନେ ଯେହେତୁ ପ୍ରଥମେ ଜଣେ ଜଣେ ମଣିଷ, ଏବଂ ତତ୍‌ସହ ଏକ ବୃହତ୍ତର ସମାଜ ସହିତ ସଂଯୁକ୍ତ, ସୁତରାଂ ଆମକୁ ସେ ଦିଗରେ ସତର୍କ ରହିବାକୁ ପଡ଼ିବ, ଯାହାଦ୍ୱାରା ଆମେ ରହୁଥିବା ପରିବେଶ ବା ସମାଜ ନକାରାତ୍ମକ ଭାବେ ପ୍ରଭାବିତ ନହେବ । ଆମେ ସତର୍କ କି ? ଆମେ ସଚେତନ କି ? ଆମେ ଶୃଙ୍ଖଳାବଦ୍ଧ କି ? ନିଜକୁ ଏ ପ୍ରଶ୍ନ ପଚାରିବାର ସମୟ ଆସିଛି ।


ବହୁ ସମୟରେ ଶୁଣାଯାଏ, ଲେଖକ ଯେହେତୁ ଏକ ସୃଜନଶୀଳ ବ୍ୟକ୍ତି, ତେଣୁ ସେ ଏସବୁ ଦିଗରୁ ମୁକ୍ତ । ମୁକ୍ତ ଚିନ୍ତାଧାରାରେ ଲେଖିବାରୁ ତାକୁ କେହି ବିରତ କରିପାରିବ ନାହିଁ ବା କରାଯିବା ଅନୁଚିତ ମଧ୍ୟ । କିନ୍ତୁ ପ୍ରଶ୍ନ ହେଉଛି ଯେ, ଏଇ 'ମୁକ୍ତ ଚିନ୍ତନ' ବା ଯାହାକୁ ଆମେ 'ଫିଡ୍‌ମ୍' ବୋଲି ନାମିତ କରି, ତା'ରି ମୁଣ୍ଡରେ ଅଠା ବୋଳି ସର୍ଜନାର ସାଗର ପାରି ହେଇଯାଉ, ତାହା ପ୍ରକୃତରେ କ'ଣ ? ତାହା କ'ଣ ଯଥେଚ୍ଛାଚାରର ଚାବିକାଠି ? ତାହା କଣ ଅବାଧ ଲେଖକୀୟ ଅଧିକାର ? ନା ତାହା କ'ଣ ଏକ ଅହଂ ? କ'ଣ ପ୍ରକୃତରେ ଏହା ?


ଅଭିବ୍ୟକ୍ତି ବା କହିବାର ଅଧିକାର ସମସ୍ତଙ୍କର ଅଛି । ଲେଖକଟି ମଧ୍ୟ ଏଇ ସମସ୍ତଙ୍କ ଭିତରେ ଗଣା । ତେଣୁ  ଲେଖକଟି ଯାହା କହିବାକୁ ଚାହୁଁଛି, ତାହା ଲେଖିପାରିବ ନାହିଁ କାହିଁକି ବୋଲି ଆମ ଭିତରେ ସଂଶୟ ରହିପାରେ । ଟିକିଏ ପ୍ରାଞ୍ଜଳ କରି କହିଲେ ଏମିତି ହେବ ଯେ, ଲେଖକ କ'ଣ ଲେଖିବ, କାହିଁକି ଲେଖିବ, କାହାପାଇଁ ଲେଖିବ- ଏହାର କୌଣସି ଡାଞ୍ଚା ନାହିଁ । ତା'ଛଡ଼ା ସେ କାହା ପାଇଁ ଲେଖିବ ସେ କଥା ମଧ୍ୟ ଲେଖିବା ବେଳେ ତା' ମସ୍ତିଷ୍କରେ ନଥାଏ । ବାସ୍, ଲେଖିବାର ଏକ ପ୍ରବଣତାରୁ ସେ ଲେଖି ବସେ । ଏତିକି ଯାଏଁ ତ ଠିକ୍ ଅଛି । ଏହାର ପରବର୍ତ୍ତୀ ପର୍ଯ୍ୟାୟରେ, ସେ ଲେଖିଥିବା ଲେଖାଟିକୁ ହୁଏତ 'ସର୍ବସାଧାରଣ' କରିବ ନତୁବା ବ୍ୟକ୍ତିଗତ କରି ରଖିବ । କିନ୍ତୁ ସଚରାଚର ଦେଖାଯାଏ ଏ ଦୁଇଟି ଭିତରୁ ଅନ୍ୟୂନ ଶତକଡ଼ା ଲେଖକ ଲେଖାଟିକୁ ସର୍ବସାଧାରଣ କରିବାକୁ ସ୍ୱତଃ ଚାହିଁଥାନ୍ତି ଓ 'ପ୍ରକାଶନ'ର ମାଧ୍ୟମ ଖୋଜନ୍ତି । ପ୍ରକାଶନର ଅବ୍ୟବହିତ ପୂର୍ବରୁ ଲେଖିଥିବା ଲେଖାଟିକୁ ନିଜେ ପଢ଼ି ସଜାଡ଼ିବା ବା ଆଉ କାହାକୁ ପଢ଼ି ଶୁଣାଇ ସଂଶୋଧନ କରିବା ଭଳି ଏକ ପର୍ଯ୍ୟାୟ  ଆସିଥାଏ ଲେଖକଙ୍କ ପାଇଁ । ଏତିକି ବେଳେ ଲେଖକୀୟ ସଂବେଦନଶୀଳତା ବା ସଚେତନତା ବଳରେ ଲେଖା ଭିତରେ ଥିବା ଉଚିତ ଅନୁଚିତ କଥାଗୁଡ଼ିକର ମାଜଣା ବା ପୋଲିସିଂ ହାଇ ଯାଇଥାଏ । ଲେଖକ ଏସବୁ ଦିଗ ପ୍ରତି ଭ୍ରୂକ୍ଷେପ କରିବ ନାହିଁ, ଏପରି ଭାବିବା ଭୁଲ୍ । ତା'ର ଲେଖାଟିର ଗୋଟିଏ ଶବ୍ଦ କି ଗୋଟିଏ ପରିଚ୍ଛେଦ କିମ୍ବା ସମୁଦାୟ ଲେଖାଟି ହୁଏତ କୌଣସି ଏକ ବୃହତ୍ ପାଠକସମାଜର ଭାବାବେଗକୁ, କୌଣସି ଏକ ସଂପ୍ରଦାୟର ଆସ୍ଥା ଓ ବିଶ୍ୱାସକୁ ଅଥବା କୌଣସି ଏକ ବ୍ୟକ୍ତିର ଆତ୍ମସମ୍ମାନକୁ ଆଘାତ ପହଞ୍ଚାଇ ପାରେ । କାହାର ମର୍ଯ୍ୟାଦାହାନି ମଧ୍ୟ ଘଟିପାରେ । ଏସବୁ ଦିଗ ପ୍ରତି ଲେଖକଟି ପ୍ରକାଶନର ପୂର୍ବ ପର୍ଯ୍ୟାୟରେ ସଜାଗ ରହିବା ପରିବର୍ତ୍ତେ ଯଦି ବେଲଗାମ୍ ହୁଏ, ତା'ହେଲେ ହିଁ ଆରମ୍ଭ ହୁଏ ଏଇ 'ଅଧିକାର'ର ଅପବ୍ୟବହାର । ଆରମ୍ଭ ହୁଏ ବିବାଦ । ଆରମ୍ଭ ହୁଏ ବାକ୍‌ବିତଣ୍ଡା ।

'ଲକ୍ଷ୍ମଣରେଖା' ଲେଖକଙ୍କ ପାଇଁ କେବଳ ନୁହେଁ, ପ୍ରତ୍ୟେକଟି ସାମାଜିକ ପ୍ରାଣୀ ପାଇଁ ଦରକାର । ଏହା ହିଁ ସବୁବେଳେ ସଚେତନ କରାଇବ ଯେ, ଏହାକୁ ଅତିକ୍ରମ କଲେ ଆସିବ ବିପଦ । ଏହାର ଦୃଷ୍ଟାନ୍ତ ତ ଆମ ପୁରାଣରେ ରହିଛି । ତେବେ ଲେଖକର ଲକ୍ଷ୍ମଣରେଖା କିଏ ଟାଣିବ ? ନା, କେହି ଟାଣିବ ନାହିଁ । ଆମେ ନିଜେ ହିଁ ନିଜର ଏକ ଲକ୍ଷ୍ମଣରେଖା ଟାଣି ପାରିବା । ଏ ଲକ୍ଷ୍ମଣରେଖା ହେବ ଆମ ଭିତରର 'ଶୃଙ୍ଖଳା' ଓ 'ସଚେତନତା' । ଲେଖକୀୟ ସଂବେଦନା ନରହିଲେ ଜଣେ ଲେଖକ ସଭ୍ୟସମାଜର ଅଂଶ ବୋଲାଇବ କିପରି ?

ଆମେ ସମସ୍ତେ ଲେଖାଲେଖି କରୁଥିବା ବ୍ୟକ୍ତିବିଶେଷ ଭଲଭାବରେ ଜାଣୁ ଯେ, କେଉଁ ଯାଏଁ ଆମର 'ଲିମିଟେସନ୍' । ଲେଖକୀୟ 'ଇଗୋ' ବା 'ଅହମିକା'କୁ ବାନ୍ଧି ରଖି କେହି ଜଣେ ବଡ଼ ଲେଖକ ହୁଏତ ହେଇପାରେ, କିନ୍ତୁ କଦାଚିତ୍ ସେ ଜଣେ ବହୁପଠିତ କାଳଜୟୀ ଲେଖକ ହୋଇପାରେନା । ଏଥିପାଇଁ ଅହଂରୁ ଓହ୍ଲେଇ ଆସିବା ନିର୍ଧାର୍ଯ୍ୟ ।

ସାହିତ୍ୟରେ ଶୃଙ୍ଖଳା ରହିବ ନାହିଁ – ଏପରି ନିୟମ କିଏ କରିଛି କି କୋଉଠି ? ଆମେ ନିଜ ପରିବାର ଭିତରେ ସଦସ୍ୟଙ୍କୁ ନୀତିଶୃଙ୍ଖଳାର ପାଠ ପଢ଼ାଉ, ସଂସ୍କାରର ମାର୍ଗ ଦେଖାଉ, ପ୍ରକାରାନ୍ତରରେ ଆମେ ଚାହୁଁ ଆମ ପରିବାରଟି ଶୃଙ୍ଖଳିତ ଓ ସଂସ୍କାରିତ ପରିବାର ହେଉ । ଏପରି ଏକ ଇଚ୍ଛା କାହାର ନଥାଏ ଯେ ! ଏ ଇଚ୍ଛାରୁ କ'ଣ ବାହାରେ ଥାଆନ୍ତି ଲେଖକମାନେ ? ତେବେ କାହିଁକି ସାହିତ୍ୟ ଆମର ହେବ ନାହିଁ ଶୃଙ୍ଖଳିତ ? କାହିଁକି ସାହିତ୍ୟରେ ରହିବ ନାହିଁ ନିୟାମକ । ଅସଲରେ ଆମେ ଯଦି ଭାବିଦେବା ଯେ ସାହିତ୍ୟର ପୃଥିବୀଟି ତ ଆମ ପାଇଁ ସାହିତ୍ୟର ଏକ ବଡ଼ ପରିବାର, ତେବେ ଆମେ ହିଁ ଆମକୁ 'ଲକ୍ଷ୍ମଣରେଖା' ଭିତରେ ରଖି ଆକଟି ପାରିବା । ଏକ ପରିଷ୍କୃତ ସାହିତ୍ୟ ପରିବାର, ଏକ ଶୃଙ୍ଖଳିତ ସାହିତ୍ୟ ପରିବାର, ଏକ ସୁସଂହତ ସାହିତ୍ୟ ପରିବାର କଣ ତିଆରି କରିପାରିବା ନାହିଁ ଆମେ – ଏ ବିଚାର ଆପଣମାନଙ୍କ ହାତରେ ଛାଡୁଛି ।





# ମୁଁ ରେବତୀ

## ପରିବାରର ଭବିଷ୍ୟତ ହେଉ କି ଓଡ଼ିଶାର

## ମୁଁ ଭାବେ, ଭାବିବାକୁ କୁହେ !





**ବାର୍ଷିକ ଗ୍ରାହକ ହୁଅନ୍ତୁ ଘରେ ବସି ରେବତୀ ପାଆନ୍ତୁ**

- ଏକ ବର୍ଷ ପାଇଁ ଟ.୬୦୦.୦୦ (ଛଅଶହ ଟଙ୍କା), ଡାକଖର୍ଚ୍ଚ ମାଗଣା ।
- ଏହି ବ୍ୟବସ୍ଥାରେ ପତ୍ରିକା ସାଧାରଣ ଡାକ (ବୁକ୍‌ପୋଷ୍ଟ)ରେ ଯିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ନେବାକୁ ଚାହୁଁଥିଲେ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ଦେବାକୁ ପଡ଼ିବ ।
- ବାର୍ଷିକ ଦେୟ ରେବତୀ ମିଡିଆ ହାଉସ ପ୍ରା. ଲିଃ. ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଠିକଣା ପିନ୍‌କୋଡ୍ ନମ୍ବର ସହ ପଠାଇବେ । ବ୍ୟାଙ୍କ ଖାତା ନମ୍ବର ଫୋନ୍ କଲେ ଜଣାଇ ଦିଆଯିବ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

ରେବତୀ ୫୦/-
ଆମ ମାଟିର ସର

**Bank Details**
Benificiary Name : Rebati Media House Pvt Ltd.
Bank Name : HDFC BANK (India), Balasore
Account No : 50200033907121
IFSC Code : HDFC0000366




Associate editor : **Krushna Kumar Mohanty**
Editor : **Subasini Jena**